॥ ଦ୍ୱିତୀୟ ଖଣ୍ଡ ॥

ଶ୍ରୀ ଶରତ ଚନ୍ଦ୍ର ମୁଖର୍ଜୀ

ସବୁଜ ସାହିତ୍ୟ ପରିକ୍ରମା

॥ ଦ୍ୱିତୀୟ ଭାଗ ॥

ଶ୍ରୀ ଶରତଚନ୍ଦ୍ର ମୁଖାର୍ଜି

Digitized by srujanika@gmail.com

ସବୁଜ ସାହିତ୍ୟ ପରିକ୍ରମା

॥ ଦ୍ୱିତୀୟଭାଗ ॥

ଲେଖକ
ଶ୍ରୀ ଶରତ ଚନ୍ଦ୍ର ମୁଖାର୍ଜି

ମୁଦ୍ରଣ
ବିକାଶ ପ୍ରିଣ୍ଟର୍ସ
ବାଲକୃଷ୍ଣମାର୍ଗ, କଟକ-୧

ପ୍ରକାଶକ
ଶ୍ରୀମତୀ ଗାୟତ୍ରୀ ମୁଖାର୍ଜି ଏମ୍. ଏ.
କାଠଗଡ଼ାସାହି, କଟକ— ୧

ପ୍ରଥମ ସଂସ୍କରଣ :
ନଭେମ୍ବର—୧୯୮୫

ମୂଲ୍ୟ—ଟ ୧୫ ଙ୍କା ମାତ୍ର

SABUJA SAHITYA PARIKRAMA

Author
Sri Saratchandra Mukherjee
Kathagara Sahi, Cuttack-1

Printed at :
Bikash Printers
Balakrushna Road, Cuttack-1.

Published by
Smt. Gayatri Mukherjee M. A.
Kathagara Sahi, Cuttack-1

First Edition :
November—1985

Price— Rs. 15. 00

Digitized by srujanika@gmail.com

ଉତ୍ସର୍ଗ ପତ୍ର

ମୋର ପରମାରାଧ୍ୟା ସ୍ୱର୍ଗୀୟା ଜନନୀ
ଶ୍ରୀମତୀ ରାଧାଦେବୀ ଶ୍ରୀ ଚରଣ କମଳେଷୁ !
ମୋତେ ଯୌବନର ଆରମ୍ଭରେ ଛାଡ଼ି
ସ୍ୱର୍ଗକୁ ଚାଲିଗଲୁ, ମୁଁ ସେତେବେଳେ
ସୁଦୂର ପାଟନା ସହରରେ ଛାତ୍ର ଓ
ତୁ ଓଡ଼ିଶାର ଏକ ଦୂରପଲ୍ଲୀରେ
ମୃତ୍ୟୁ ଶଯ୍ୟାରେ । ଏ ହତଭାଗ୍ୟ
ତୋତେ ବି ଶେଷଦର୍ଶନ
କରି ପାରିନାହିଁ ।

କ୍ଷମାପ୍ରାର୍ଥୀ

ତୋର ଅତି ଆଦରର ବଡ଼ପୁଅ

ଶରତ୍

Digitized by srujanika@gmail.com

ସବୁଜ ସାହିତ୍ୟ ପରିକ୍ରମା—(ଦ୍ୱିତୀୟ ଭାଗ)

॥ ସୂଚୀପତ୍ର ॥

ପ୍ରଥମ ପରିଚ୍ଛେଦ :	ସବୁଜ ସାହିତ୍ୟ ସମିତି ପ୍ରତିଷ୍ଠା ପୂର୍ବରୁ ସବୁଜଗୋଷ୍ଠୀର ସାହିତ୍ୟ ରଚନା	୧
ଦ୍ୱିତୀୟ ପରିଚ୍ଛେଦ :	ପ୍ରାଚୀ ସମିତି ଓ ସବୁଜସାହିତ୍ୟ ସମିତି ସବୁଜ ଗୋଷ୍ଠୀର ପକ୍ଷ	୨୯
ତୃତୀୟ ପରିଚ୍ଛେଦ :	ସବୁଜ ଗୋଷ୍ଠୀର ପଲ୍ଲୀ ସାହିତ୍ୟ ସୃଷ୍ଟିର ଚେଷ୍ଟା—ପଲ୍ଲୀମଙ୍ଗଳ	୪୮
ଚତୁର୍ଥ ପରିଚ୍ଛେଦ :	ସବୁଜ ସାହିତ୍ୟ ସମ୍ବନ୍ଧରେ ଆଲୋଚନା	୧୦୫
ପଞ୍ଚମ ପରିଚ୍ଛେଦ :	ସବୁଜ ସାହିତ୍ୟ ସମ୍ବନ୍ଧରେ ଆଲୋଚନା	୧୨୨
ଷଷ୍ଠ ପରିଚ୍ଛେଦ :	ସବୁଜ ସାହିତ୍ୟ ସମ୍ବନ୍ଧରେ ଆଲୋଚନା	୧୪୯
ସପ୍ତମ ପରିଚ୍ଛେଦ :	ସବୁଜ ସାହିତ୍ୟ ସମ୍ବନ୍ଧରେ ଆଲୋଚନା	୧୬୧
ଅଷ୍ଟମ ପରିଚ୍ଛେଦ :	ସବୁଜ ସାହିତ୍ୟ ସମିତିର ସଭ୍ୟମାନଙ୍କ ସମ୍ବର୍ଦ୍ଧନା	୧୬୯

●

Digitized by srujanika@gmail.com

ସବୁଜ ସାହିତ୍ୟ ପରିକ୍ରମା

(ଦ୍ୱିତୀୟ ଭାଗ)

॥ ପ୍ରଥମ ପରିଚ୍ଛେଦ ॥

ସବୁଜ ସାହିତ୍ୟ ସମିତି ପ୍ରତିଷ୍ଠା ପୂର୍ବରୁ ସବୁଜ ସାହିତ୍ୟ ଗୋଷ୍ଠିର ସାହିତ୍ୟ ରଚନା

ପୂର୍ବ ପରିଚ୍ଛେଦ ମାନଙ୍କରେ ସୂଚିତ ହୋଇଅଛି ଯେ, ସମିତି ଆନୁଷ୍ଠାନିକ ଭାବରେ ୧୯୩୧ ସାଲରେ ପ୍ରତିଷ୍ଠିତ ହୋଇଥିଲା—ଯଦିଓ ସବୁଜ ଗୋଷ୍ଠୀ ୧୯୨୧ ସାଲରୁ ସାହିତ୍ୟ ସୃଷ୍ଟି କରିବାର ନାନା ଭାବରେ ଚେଷ୍ଟା କରୁଥିଲେ। ଏହି ସମୟର ପ୍ରଥମାର୍ଦ୍ଧର କେତେକ ବର୍ଷରେ ସେମାନଙ୍କ ଲେଖାମାନ 'ଉତ୍କଳ ସାହିତ୍ୟ' 'ମୁକୁର' ଓ 'ସହକାର', ରେଭେନ୍ସା କଲେଜ ମାଗାଜିନ୍, ପାଟନା କଲେଜ ମାଗାଜିନ୍ ପତ୍ରିକାରେ ପ୍ରକାଶିତ ହୋଇଥିଲା। ତତ୍ପରେ ଶୃଙ୍ଖଳିବଦ୍ଧ ସମିତି ପ୍ରତିଷ୍ଠା ପୂର୍ବରୁ ପୁସ୍ତକାକାରରେ ମଧ୍ୟ ପ୍ରକାଶିତ ହୋଇଥିଲା। ଯେଉଁଗୁଡ଼ିକ ହେଉଛି ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହିଙ୍କ ପ୍ରଣୀତ 'ମାଟିର ମଣିଷ' ଓ 'ଭକ୍ତକବି ମଧୁସୂଦନଙ୍କ ଜୀବନୀ' ଏବଂ ଶ୍ରୀ ଶରତ ଚନ୍ଦ୍ର ମୁଖାର୍ଜିଙ୍କ ପ୍ରଣୀତ 'ରାମାନୁଜ' ଓ ଇଂରାଜୀ ଭାଷାରେ 'କୋଣାର୍କ—ଓଡ଼ିଶାର ସବୁଠାରୁ ସୁନ୍ଦର ମନ୍ଦିର'। ସେ ପୁସ୍ତକ ଚାରିଟିର ପରିଚୟ ନିମ୍ନରେ ଦିଆଗଲା:—

ମାଟିର ମଣିଷ

'ପଲ୍ଲୀମଙ୍ଗଳ'ର ଜାନୁୟାରୀ ୧୯୩୧ ମସିହା ସଂଖ୍ୟାରେ ପ୍ରଥମେ 'ମାଟିର ମଣିଷ' ସମ୍ବନ୍ଧରେ ନିମ୍ନଲିଖିତ ଟିପ୍ପଣୀ ପ୍ରକାଶ ପାଇଥିଲା:—

'ମାଟିର ମଣିଷ' (ଉପନ୍ୟାସ) : ଲେଖକ ଶ୍ରୀଯୁକ୍ତ କାଳିନ୍ଦୀଚରଣ ପାଣିଗ୍ରାହୀ ବି. ଏ। କଟକ ସାରସ୍ୱତ ପ୍ରେସ୍ ପ୍ରକାଶିତ ଆନନ୍ଦ ଲହରୀ ଉପନ୍ୟାସ ମାଳାର ତୃତୀୟ ଖଣ୍ଡ, ୧୪୬ ପୃଷ୍ଠା, ଦାମ ମାତ୍ର ଦଶଅଣା। ଆମ୍ଭେମାନେ ଏହି ଚରି-

Digitized by srujanika@gmail.com

,

କର୍ତ୍ତୃକ ଉପନ୍ୟାସ ଖଣ୍ଡି ପଢ଼ି ଅତ୍ୟନ୍ତ ଆନନ୍ଦିତ ହୋଇଅଛୁ । ଉତ୍କଳର ପଲ୍ଲୀ ଜୀବନର ଏଭଳି ନିଖୁଣ ଛବି ଓଡ଼ିଆ ଭାଷାରେ ନାହିଁ । ଦୂର ଗାଁରେ ଯେଉଁ ମାଟିର ମଣିଷ ଜନ୍ମାବଧି ମାଟି କାଟେ, ଯାହାର ଝାଳବୁହା ପରିଶ୍ରମରେ ଅନ୍ୟ ସମସ୍ତଙ୍କର ପେଟ ପୂରେ, ତାହାର ଅତିଦୀନ ଜୀବନରେ ପୁଣ୍ୟର ଲୀଳା ଦେଖି ଶିକ୍ଷିତ ସହରିଆ ଲୋକେ ଚମତ୍କୃତ ହେବେ, ପଲ୍ଲୀବାସୀ ହେଳାରେ ହରେଇ ଥିବା ଅନ୍ତରର ସତ୍ୟ ସଭ୍ୟତାକୁ ଫେରି ପାଇବେ । ଓଡ଼ିଶାର ପଲ୍ଲୀପଲ୍ଲୀରେ ଘରେ ଘରେ ବହିଖଣ୍ଡିକ ପଢ଼ା ହେଉ । କାଳିନ୍ଦୀ ଚରଣ କବି ଓ କ୍ଷୁଦ୍ର ଗଳ୍ପର ଲେଖକ ରୂପେ ଓଡ଼ିଶାରେ ସୁପରିଚିତ । ତାଙ୍କର ଏହି ପ୍ରଥମ ଉପନ୍ୟାସ ତାଙ୍କ ଆସନକୁ ସାହିତ୍ୟ ସମାଜରେ ନିଶ୍ଚୟ ଆହୁରି ବଡ଼ କରିଦେବ । ବହିଟିର ଭୂମିକାରେ ଲେଖକ ଲେଖିଅଛନ୍ତି:—

"ଧୂଳିଆର ହାଟେ କୋଟି ହୀରାମାଳା
ମଣିମାଣିକର ତୁଲ,
ମାଟିର ପିତୁଳା ଚଢ଼ି ରଖିଦେଲ
କଏ ପରଖିବ ମୂଲ ?

ଯେ ଆଗନ୍ତୁ ହୁଅନ୍ତୁ, ତାଙ୍କ ମାଟି ପିତୁଳା ନିକଟରେ ଅନେକ ହୀରା ମାଳା ମଳିନ ହୋଇଯିବ । ସୁକବି ଶ୍ରୀଯୁକ୍ତ ବୈକୁଣ୍ଠ ନାଥ ପଟ୍ଟନାୟକ 'ମୂକ ଭଗବାନ' ନାମକ ଗୋଟିଏ ସୁନ୍ଦର କବିତାରେ ବହିଟିର ଭୂମିକା ଲେଖିଅଛନ୍ତି । ଉପଯୁକ୍ତ ମନ୍ଦିରର ଉପଯୁକ୍ତ ମୁଖଶ୍ରୀଆଳି" ।

ଅଭ୍ୟୁଦୟ ସାହିତ୍ୟ ସମାଜ, କଟକ ଦ୍ୱାରା ପ୍ରକାଶିତ ଓ ଅଧ୍ୟାପକ ଶ୍ରୀ ପଠାଣି ପଟ୍ଟନାୟକ ଓ ଅଧ୍ୟାପକ ଶ୍ରୀ ଭୋଳାନାଥ ରାଉତଙ୍କ ଦ୍ୱାରା ସଂପାଦିତ (୧୯୬୯) 'ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ' ନାମକ ଗ୍ରନ୍ଥରେ 'ଔପନ୍ୟାସିକ କାଳିନ୍ଦୀ ଚରଣ' ପରିଚ୍ଛେଦରେ ଅଧ୍ୟାପକ ଶ୍ରୀ କୃଷ୍ଣମଣି ମହାପାତ୍ର 'ମାଟିର ମଣିଷ' ସମ୍ବନ୍ଧରେ ନିମ୍ନଲିଖିତ ଭାବରେ ଲେଖିଅଛନ୍ତି:—

'ବାସ୍ତବ ଜୀବନକୁ ଭଲରୂପେ ଦେଖି ପରଖି ଦେବାକୁ ସମସ୍ତଙ୍କର ବ୍ୟାକୁଳତା ରହିଛି । କେବଳ ଚଳନ୍ତି ଜୀବନକୁ ଉପଭୋଗ କରି ଆମେ ସର୍ବଦା ସନ୍ତୁଷ୍ଟ ହୋଇନପାରୁ, ଜୀବନର ଖଣ୍ଡିତ ଶୋଭା ଆମେ କ୍ଷୁଦ୍ର ଗଳ୍ପ ଜରିଆରେ ଉପଭୋଗ

Digitized by srujanika@gmail.com

କଲେ ହେଁ ଅନେ ସମୟରେ ଜୀବନର ପୂର୍ଣ୍ଣ ତଥ୍ୟଟି ପାଇଁ ଆମେ ବ୍ୟାକୁଳତା ପ୍ରକାଶ କରୁ । ସେଥିଲାଗି ଆଜି ଉପନ୍ୟାସର ଏତେ ଆଦର ।

ପାଶ୍ଚାତ୍ୟ ଜଗତ ଉପନ୍ୟାସ ସାହିତ୍ୟ ପ୍ରସାରରେ ଆମର ଦୀକ୍ଷା ଗୁରୁ । ଆମର ବହୁ ପୂର୍ବରୁ ସେମାନଙ୍କ ଦେଶରେ ଜୀବନ ସଂଗ୍ରାମ ଅତିତୀବ୍ର ହୋଇଉଠିଛି । ସ୍ୱପ୍ନବିଳାସ କଟି ଯାଇଛି । ଦୈନନ୍ଦିନ ଜୀବନର ଘାତପ୍ରତିଘାତ ମଧ୍ୟରେ ସେମାନେ ଚଳିଛନ୍ତି । ପ୍ରେମ, ଅଶ୍ରୁ, ବ୍ୟଥା, ସମ୍ପଦ ପ୍ରଭୃତି ସମସ୍ୟାର ଘନଘଟା ଲେଖକଙ୍କର ଜୀବନକୁ ବିଶେଷ ଭାବରେ ସଂକମିତ କରିଛି । ତେଣୁ ଉପନ୍ୟାସର ଉନ୍ନୟନ ପ୍ରଥମେ ସେହିଦେଶ ଗୁଡ଼ିକରେ । ଅତି ଶ୍ରେଷ୍ଠ ଦୁନିଆରେ କାଳ ସ୍ଥାନ କ୍ରମେ କ୍ଷୁଦ୍ରରୁ କ୍ଷୁଦ୍ରତର ହେଉଥିଲା ବେଳେ ଆମେ ଯେ ସେମାନଙ୍କ ବ୍ୟଥା, ସେମାନଙ୍କ ଅନୁଭୂତି ଗୁଡ଼ିକୁ ଅତି ଆବେଗ ସହିତ ପାଠ କରିବୁ, ଏଥିରେ ସନ୍ଦେହ କଣ ଅଛି ?

ଆଜି ସବୁଠାରେ ଏହି ଚିତ୍କାର ଶୁଣା ଯାଏ, ଓଡ଼ିଆ ସାହିତ୍ୟ ପଛରେ ପଡ଼ିଯାଉଛି । ବଙ୍ଗଳାର ଶରତ ଚନ୍ଦ୍ର, ବଙ୍କିମ ଚନ୍ଦ୍ର, ରବି ଠାକୁର ଓ ହିନ୍ଦୀର ପ୍ରେମଚନ୍ଦ୍ରଙ୍କ କୃତି ପରି ଆମର କୃତି ନାହିଁ । ଅବଶ୍ୟ ଏପରି ଚିତ୍କାରରେ କୌଣସି ମୂଲ୍ୟନାହିଁ । କାରଣ କେବଳ ବିବାଦ ଓ ପ୍ରତିଯୋଗିତା ଦୃଷ୍ଟିରୁ ସାହିତ୍ୟର ମାନ ବୃଦ୍ଧି ପାଏ ନାହିଁ ବା ତାହାର ଅଙ୍ଗ ପୁଷ୍ଟ ହୁଏ ନାହିଁ । ସେଥିଲାଗି ଉପଯୁକ୍ତ ପରିସ୍ଥିତି ଆବଶ୍ୟକ । ସହରୀ ଜୀବନ ଆମ ପ୍ରଦେଶରେ ଆରମ୍ଭ ହୋଇନାହିଁ କହିଲେ ଚଳେ । ଯାହା କିଛି ଆମର ଅଛି ସେ ସବୁ ପଲ୍ଲୀର ଦାନ । ପଲ୍ଲୀର ସମସ୍ୟା ଗୁଡ଼ିକୁ ଆମେ ଯେପରି ବୁଝୁ, ସହରର ସମସ୍ୟାକୁ ସେପରି ବୁଝୁନାହୁଁ । ଏଣୁ ଦେଖିବାର କଥା ପଲ୍ଲୀର କାହାଣୀ କହିବାରେ ଆମର ଔପନ୍ୟାସିକ ଗଣ ଆଗେଇଛନ୍ତି କି ନାହିଁ । ଆନ୍ତର୍ଜାତିକ କ୍ଷେତ୍ରରେ ଦେଖାଯାଏ ଚଳଚ୍ଚିତ୍ର ହେଉ ବା ଉପନ୍ୟାସ ହେଉ, ଅଧିକାଂଶ ବିଦେଶୀ ରାଷ୍ଟ୍ରରେ ଯୁଦ୍ଧ ଓ ରକ୍ତପାତକୁ ନେଇ କଳାର ମୂର୍ତ୍ତିଗଠନ କରାଯାଇଛି । ପଲ୍ଲୀ ଅନେକ ଦେଶରୁ ଅନ୍ତର୍ହିତ ହୋଇ ଗଲାଣି କହିଲେ ଚଳେ । ଅତଏବ ସେ ସବୁ ଦେଶରେ ପଲ୍ଲୀର ଚିତ୍ର ମିଳିବା ଅସମ୍ଭବ । ମାତ୍ର ଆମ ଦେଶର କଥା ସ୍ୱତନ୍ତ୍ର । ଆମେ ଆମର ପଲ୍ଲୀ ସଂପଦକୁ ନେଇ ଗର୍ବ କରିବୁ । ପଲ୍ଲୀର ସମସ୍ୟାକୁ ନେଇ ବ୍ୟସ୍ତ ରହିବୁ ।

Digitized by srujanika@gmail.com

ବାସ୍ତବିକ୍ ଦେଖିବାକୁ ଗଲେ 'ମାଟିର ମଣିଷ' ଏ ଦୃଷ୍ଟିରୁ ଏକ ବଳିଷ୍ଠ ପଦକ୍ଷେପ । ଏ ଉପନ୍ୟାସଟି ପଢିଲେ ଆମେ ଗ୍ରାଏଁ ଗ୍ରାଏଁ ସ୍ୱପ୍ନର ଭାବ ବିଳାଶରେ ପଲ୍ଲୀର କେଉଁ ଏକ ନିଭୃତ ଅଙ୍ଗନକୁ ବୁନ୍ଧା ହୋଇ ଚାଲିଯାଉ । ନେତ୍ରମଣି, ହାଗୁ ବୋଉର ଅଭିମାନ, କଳିକଳିଆ, ମୁହଁଫୁଲା, ଛକଡ଼ିର ଫୁଲ ଫାଙ୍କିଆ ପ୍ରକୃତି ଝରଣା ବୋହୂର ଘରଭଙ୍ଗା ନୀତି ଆଖି ଆଗରେ ଜଳଜଳ ହୋଇ ଦେଖାଯାଏ । ତାଙ୍କୁ ବାନ୍ଧିବାକୁ ଦେଇଦେଇ ଅନ୍ୟକୁ ସମାଲୋଚନା କରିବାର ପଦ୍ଧତି, ତୁଚ୍ଛା କଥାଟିକୁ ନେଇ ଫେଣେଇ ଫେଣି ବଡ଼ କରିବା ପ୍ରକୃତ ଗାଁ ଗହଳରେ ବହୁ ପରିମାଣରେ ଦେଖାଯାଏ । ହରିମିଶ୍ର ଭଳିଆ କୁରୁପିଆ ଲୋକ, ଘରଭଙ୍ଗା ଲୋକର ପଲ୍ଲୀରେ ଅଭାବ ନାହାନ୍ତି । ସେମାନେ ଲୋକଙ୍କ ସୁଯୋଗ ନେଇ ରକ୍ତ ଶୋଷଣ କରନ୍ତି । ଖାଇ ଖାଇରେ ମୁହଁ ଫଟା ଫଟି କରି ହୁଅନ୍ତି । ତେବେ ସୁବିଧା ମାରି ନିଅନ୍ତି । ଟାଉଟରମାନଙ୍କର ଆଡ଼ାଖିଲି ରୂପେ ଓଡ଼ିଶାର ପଲ୍ଲୀ ଅନେକ ଦିନରୁ ଜଣାଶୁଣା । ପଲ୍ଲୀର ଶୋଷିତ ସମାଜକୁ ସେଥିପାଇଁ ସମସ୍ତେ ତଥା ଜନସାଧାରଣ ଉପଭୋଗ କରି ପାରନ୍ତି ନାହିଁ । ସେମାନେ କଳ୍ପବଟ ବୃକ୍ଷ ମୂଳରେ ବସି ଚିର ଉପବାସୀ । ସେମାନେ ତୃଷାରେ ମରନ୍ତି, ଅଥଚ ସେମାନଙ୍କ ବାସ ସୁରଧୁନୀ ତୀର ଦେଶରେ । ଭାବୁକ, କବି ସେଥି-ଲାଗି ସହାନୁଭୂତିରେ ସେମାନଙ୍କ ପାଇଁ ଲୁହ ବୁହାଏ । କରୁଣ ଗୀତର ତାନେ ତାନେ ପଲ୍ଲୀର ଉତ୍କଟ ସମସ୍ୟାକୁ ବ୍ୟକ୍ତ କରେ । ଏହି ହେଉଛି ଆମର ଶସ୍ୟ ଶ୍ୟାମଳା ପଲ୍ଲୀ । ପ୍ରଧାନ ପରିବାର ଏକ କୃଷକ ପରିବାର । ଯେଉଁ ପରିବାରକୁ ଦେଖି ପଦ୍ମଚରଣ ଗାଇ ଉଠିଥିଲେ—

"ହେ ପଲ୍ଲୀ କୃଷକ ଏ ଅଞ୍ଚଳ ସୁନ୍ଦର
ତୋତେ ଦେଖି ପୂରି ଉଠେ ମୋ ଅନ୍ତର ।"

ମାତ୍ର ପଲ୍ଲୀ କଣ ଏହିପରି ବିଭୀଷିକାମୟ ? ସେଠି କଣ କେବଳ ସମସ୍ତେ କୁତ୍ସିତ ଟାଉଟରମାନଙ୍କର ହାତ କଣ୍ଢେଇ ରୂପରେ ପରିଚାଳିତ ହୁଅନ୍ତି ?

କାଳିନ୍ଦୀଚରଣ ବଜ୍ରନିର୍ଘୋଷ କଣ୍ଠରେ ଘୋଷଣା କରିଛନ୍ତି— ନା, ସେଠି ପ୍ରାଣ ପ୍ରାଚୁର୍ଯ୍ୟ ରହିଛି । ଆଦର୍ଶର ଫୁଲ ରହିଛି, ଯାହାକି ସହରୀବାବୁ-ମାନଙ୍କର ପକ୍ଷରେ ଏକ ଈପ୍ସିତ ବସ୍ତୁ ହୋଇପାରେ । ସେଠି ବି ମଣିଷ ଅଛି, ଶାନ୍ତିର ଦୂତରୂପେ ଶାନ୍ତ କପୋତ ଉଡ଼ାଇପାରେ । ଯାହାର ବ୍ୟକ୍ତିତ୍ୱ ଆଗରେ

Digitized by srujanika@gmail.com

ଆମର ମୁଣ୍ଡ ସ୍ୱତଃ ନଇଁ ପଡ଼ିବ । ଯେଉଁ ବ୍ୟକ୍ତି ହେଉଛନ୍ତି ବରଜୁ । ସେ ହେଉଛନ୍ତି ମାଟିର ମଣିଷ । ଏ ମାଟିରେ ତାର ଜନ୍ମ । ମାଟିଲାଗି ସେ ଭାତ ଖାଏ । ଶେଷରେ ସେ ସେଇ ମାଟିରେ ମିଶି ଯିବ । ବରଜୁର ବାପା ଶାମ ପଧାନଙ୍କ ଦୃଷ୍ଟିରେ ମାଟି ହେଉଛି 'ମା' । Pearl Buck ଙ୍କ Good Earthରେ ଯେପରି Wang ଯେପରି ମାଟିକୁ ଧରିଛି, ମାଟିକୁ ଛାଡ଼ିବାକୁ ତାର ଇଚ୍ଛାନାହିଁ, ଶାମ ପଧାନ ସେହିପରି ମାଟିକୁ ବିଭାଗ କରିବାକୁ ମନା କରୁଛି । ଏ ଘର ଏ ବାଡ଼ି ଏକାଠି ରହିବ । ତୁମେ ସବୁ ରଙ୍ଗମଞ୍ଚ ଅଭିନେତା ଧରି ଚର୍ଚ୍ଚିବ, ଖାଇବ, ତା'ପରେ ତୁମର କାଳ ପୂରିଗଲେ ଚାଲିଯିବ । ତା ପରେ ଆଉ କିଏ ଆସିବ ନୂତନ ଅତିଥି । ସେ ପୁଣି ମାଟିର ନିମନ୍ତ୍ରଣ ରକ୍ଷା କରିବ । ଏହି ପରମ୍ପରା ଓ ଧାରାରେ ଦୁନିଆ ଚାଲିଥିବ ।

ବଡ଼ପୁଅ ବରଜୁ ପିତୃଆଜ୍ଞା ପାଳନ କରିବାକୁ ପ୍ରତିଜ୍ଞା କଲେ ହେଁ ମାଙ୍ଗିପି ବୋଲି ମାଇପିଟା ଛକଡ଼ି ତା ସହିତ ସହଯୋଗ କରି ପାରିଲା ନାହିଁ । ନେତମଣିର ଭ୍ରୂଭଙ୍ଗୀରେ ସେ ଉଠିଲା ବସିଲା । ପଲ୍ଲୀରେ ଘର କୋଣରେ ରୋଷେଇ ଶାଳରୁ ପ୍ରକୃତରେ ବିପ୍ଳବ ସୃଷ୍ଟି ହୁଏ । ସେଠି ପାର୍କ ବା ପଡ଼ିଆରେ ରାଜନୈତିକ ବିପ୍ଳବ ସମ୍ଭବ ନୁହେଁ । ସେଠି ସାମାଜିକ ବିପ୍ଳବ ହୁଏ ଅଶିକ୍ଷିତ ଅବମୃଶ୍ୟକାରିଣୀ ନାରୀମାନଙ୍କ ଦ୍ୱାରା । ଏଥିରେ ପଲ୍ଲୀର ଛୋଟ ଛୋଟ ଘଟଣା ଚରିତ୍ର ମାନଙ୍କ ମୁଖରେ ଅତି ସ୍ୱାଭାବିକ ଭାବରେ ଫୁଟିଉଠିଛି । ଭାଷାର ଲାଳିତ୍ୟ ଓ ସ୍ୱାଭାବିକତା, ଘଟଣାର ଜୀବନଗତ ଉପନ୍ୟାସଟିକୁ ଅତ୍ୟନ୍ତ ସରସ ସୁନ୍ଦର ଓ ଜୀବନ୍ତ କରିଛି । ମନେହୁଏ 'ମାଟିର ମଣିଷ' ସତେ ଯେପରି ଏକ ପୁସ୍ତକ ନୁହେଁ, ସତେ ଯେପରି ଏହା ପଲ୍ଲୀରୁ ଆଗତ କୌଣସି ଅତିଥି ଅଯାଚିତ ଭାବରେ ପଲ୍ଲୀର ଘଟଣାଗୁଡ଼ିକୁ ଜୀବନ୍ତ ଭାବରେ ବର୍ଣ୍ଣନା କରି କରି ଚାଲିଛି ।

'ମାଟିର ମଣିଷ' ଗଦ୍ୟ ସତ୍ୟ, ମାତ୍ର ପାଠକ ଭାବେ ଏହା ବାସ୍ତବିକ ଗଦ୍ୟ ନୁହେଁ । ଏକ ଅଖଣ୍ଡ କବିତାର ପ୍ରବାହ ଅବାରିତ ଗତିରେ ଛୁଟି ଚାଲିଛି । ଗିରି ତଟିନୀ, ଅନେକ ପରିସ୍ଥିତି ଓ ଲୋକ ବିଶେଷଙ୍କୁ ଦେଖି ଦେଖି ଚାଲିଛି । ଏକା ନିଶ୍ୱାସରେ ବହିଟିକୁ ପଢ଼ି ଶେଷ କରି ହେବ । ତେବେ ଏ କଥା ଏକ କ୍ଷୁଦ୍ର ଗଳ୍ପ । ଯଦି କ୍ଷୁଦ୍ର ଗଳ୍ପର ଏଇ ସଂଜ୍ଞାଟି ନିଆଯାଏ, ତେବେ ଯଥାର୍ଥରେ 'ମାଟିର ମଣିଷ' ଏକ କ୍ଷୁଦ୍ର ଗଳ୍ପ । ଅବଶ୍ୟ ଆକାର ଦୃଷ୍ଟିରୁ ଏହାକୁ ଏକ ବଡ଼ ଗଳ୍ପ ବୋଲି କୁହାଯାଇ ପାରେ । ଗଳ୍ପର ଅଖଣ୍ଡତା ଏଥିରେ ପୂର୍ଣ୍ଣଭାବେ ବିଦ୍ୟ-

Digitized by srujanika@gmail.com

ମାନ ଥିବାରୁ ଏହାକୁ ଏକ ବଡଗଳ୍ପ ବୋଲି କୁହାଯାଇପାରେ । ଅତଏବ 'ମାଟିର ମଣିଷ' ଏକାଧାରରେ ଗଳ୍ପ, ଉପନ୍ୟାସ ଓ କବିତା । ପୁଣି ତା ସହିତ ପଲ୍ଲୀ ଜୀବନ ସମସ୍ୟାର ସମ୍ୟକ୍ ବର୍ଣ୍ଣନା ଥିବାରୁ ଓ ଅନେକ ଦୃଷ୍ଟି ଅଗୋଚରରେ ଥିବା ଘଟଣା ଗୁଡ଼ିକୁ ଆଲୋକ ପଥକୁ ଆଣି ଦେଇଥିବା ଦୃଷ୍ଟିରୁ 'ମାଟିର ମଣିଷ'କୁ ଏକ ସମାଲୋଚନା ପୁସ୍ତକ ମଧ୍ୟ କୁହାଯାଇପାରେ । ଏଥିରେ ହରି ମିଶ୍ରଙ୍କୁ ଅନୁମାନ କରାଯାଇଛି ଓ ଦୃଢ କଣ୍ଠରେ ଦାବୀ କରାଯାଇଛି, ଯେତେଦିନ ପର୍ଯ୍ୟନ୍ତ ଏପରି ଅବାଞ୍ଛିତ ବ୍ୟକ୍ତିଗଣଙ୍କର ମୂଳୋତ୍ପାଟନ କିମ୍ବା ସମ୍ଭବ ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ ପଲ୍ଲୀରେ ଶାନ୍ତି ସ୍ଥାପନ ହେବା ଅସମ୍ଭବ । କାଳିନ୍ଦୀଚରଣ ବଡ଼ ଦୃଢ଼ତାର ସହିତ ଏହା ପ୍ରକାଶ କରିଛନ୍ତି ।

'ମାଟିର ମଣିଷ' ଉପନ୍ୟାସର ବିଗ୍ଭରରେ ଏହା ହେଲା ଏକ ଦୃଷ୍ଟିକୋଣ । ଆପାତତଃ ଯେଉଁ ଗୁଣ ଗୁଡ଼ିକ ପାଠକର ନେତ୍ର ମନ ହରଣ କରେ, ତାହାର ଆଲୋଚନା କରାଗଲା । ଯେଉଁଥିପାଇଁ ପାଠକ ପ୍ରାଣରେ 'ମାଟିର ମଣିଷ' ଇନ୍ଦ୍ରଜାଲ ସୃଷ୍ଟି କରେ, ତାହାର ପରିଚୟ ଅନେକ ପାଇଛୁ । ମାତ୍ର ଅନ୍ୟ ଏକ ବିଶେଷ ଘଟଣା ପ୍ରତି ମଧ୍ୟ ଆମର ଦୃଷ୍ଟି ସଜାଗ ରହିବା ଉଚିତ । ତାହା ହେଉଛି ଚରିତ୍ର ଚିତ୍ରଣ ଦୀ ଯାହାକି ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତି ଓ ଶିକ୍ଷିତ ପାଠକ ଆବଶ୍ୟକ କରେ । ସେ ଖୋଜେ ଏହି ଜିନିଷଟିକୁ, କାରଣ ଏହା ହେଉଛି ଉପନ୍ୟାସର ଆତ୍ମା । ବର୍ତ୍ତମାନ ସେହି ଆମ୍ଭର ଅନୁଶୀଳନ କିପରି ହୋଇଛି ଦେଖିବାର କଥା ।

ପ୍ରଥମେ ଆମେ ଦେଖିବା ବରଜୁର ଚରିତ୍ର ଚିତ୍ରଣ । ବରଜୁ ଏକ ଆଦର୍ଶ ପୁତ୍ର, ସ୍ନେହୀ ଭ୍ରାତା ଆଦର୍ଶ ସ୍ୱାମୀ । ସେ ପରୋପକାରୀ, ସତ୍ୟ ଛଡା ମିଥ୍ୟାର ବାଟରେ କେବେ ହେଲେ ଯାଏନା । ରାମଚନ୍ଦ୍ରଙ୍କ ପରି ସେ ପିତୃଭକ୍ତ । ପିତୃସତ୍ୟ ପାଳନ ପାଇଁ ନିଜର ଦାବୀ ଓ ସ୍ୱତ୍ୱକୁ ସେ ଛାଡ଼ି ଗ୍ଭଲି ଯାଇଛି । ତେଣୁ ଏହାକୁ କମ୍ ତ୍ୟାଗ ବୋଲି କୁହାଯାଇ ପାରିବନାହିଁ । ସେ ଅହିଂସାର ବାର୍ତ୍ତା ପ୍ରଚ୍ଭର କରିବା ପାଇଁ ସର୍ବଦା ତତ୍ପର । ଚନ୍ଦରା ଶିଅଳକୁ ନରହତ୍ୟା ରୂପକ ଘୋର ପାପ କାର୍ଯ୍ୟରୁ ସେ ନିବୃତ୍ତ କରିଛି । ତ୍ୟାଗର ଜ୍ୱଳନ୍ତ ଆଦର୍ଶ ଦେଖାଇ ସମସ୍ତଙ୍କର ଶ୍ରଦ୍ଧା ଭାଜନ ହୋଇ ପାରିଛି । ମାତ୍ର ଯେତେ ଆଦର୍ଶରେ ଚଳିଲେ ସୁଦ୍ଧା ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ସଂଘର୍ଷ ଆସେ । ବରଜୁ ଜୀବନରେ ସଂଘର୍ଷ ଆସିଛି । ତାର

Digitized by srujanika@gmail.com

ସ୍ତ୍ରୀ ତାଂର କଥା ପ୍ରତି ପଦରେ ପାଳନ କରିବାକୁ ଅକ୍ଷମ ହୋଇଛୁ । ଏପରି ସ୍ଥଳେ ବରଜୁ ମହାତ୍ମା ଗାନ୍ଧୀଙ୍କର ପନ୍ଥା ଅନୁସରଣ କରିଛୁ, ସେ ଉପବାସ କରିଛୁ, ସ୍ତ୍ରୀ ସହିତ କଥାବାର୍ତ୍ତା ବନ୍ଦ କରି ଦେଇଛୁ । ଓଡ଼ିଆ ସ୍ତ୍ରୀ ଯେତେ କଳହପ୍ରିୟ ହେଲେ ସ୍ତ୍ରୀ ସ୍ୱାମୀଦ୍ୱାରା ଏପରି ବଞ୍ଚିତା ହେଲେ ତା ପକ୍ଷରେ ଅସହ୍ୟ ହୋଇ ପଡ଼େ । ଫଳରେ ହାରିବୋଉ ନିଜକୁ ବରଜୁର ଆଦର୍ଶରେ ଢାଳି ନେବାକୁ ଚେଷ୍ଟା କରିଛୁ ।

ମାତ୍ର ଏଇଠି ସନ୍ଦେହ ସ୍ୱରୂପ ଉଠୁଏ । ବରଜୁ ଯଦିଓ ମହା ଆଦର୍ଶର ପୃଷ୍ଠପୋଷକ, ତଥାପି ସେ ତାର ଆଦର୍ଶ ଦ୍ୱାରା କାହାକୁ କିପରି ପ୍ରଭାବିତ କରି ନ ପାରନ୍ତି ? ବରଜୁ ଚନ୍ଦରୀ ଶିଆଳକୁ ପାପକାର୍ଯ୍ୟରୁ ନିବୃତ୍ତ କଲା । ଅନ୍ୟମାନଙ୍କ ଆଗରେ ନିଜର ନିର୍ଭୀକତା ଓ ଆଦର୍ଶ ଭାବର ଅନୁଶୀଳନ କଲା । ଅଥଚ ଦୀପ ତଳ ଅନ୍ଧାର ନ୍ୟାୟରେ ନିଜ ଭାଇ, ଭାଇବୋହୂ ଓ ସ୍ତ୍ରୀକୁ ପ୍ରଭାବିତ କରି ପାରିଲା ନାହିଁ । ହାରି ବୋଉର ଗତ୍ୟନ୍ତର ନଥିଲା, ତେଣୁ ସେ ବରଜୁ କଥାକୁ ଜୋର ଜବରଦସ୍ତି ମାନିନେଇଛୁ, ମାତ୍ର ସେ ତାର ଭୁଲଟି କଦାପି ବୁଝି ପାରିନାହିଁ । ଛକଡ଼ି ଏକ ଦାୟିତ୍ୱଶୂନ୍ୟ ଫୁଲ ଫାଙ୍କିଆ ଲୋକ । ସେ ନିଜ ଉପରେ କୌଣସି ଦାୟିତ୍ୱ ଆସିଲେ ଡରେ । ଛକଡ଼ି ଭାଇର ଗୁରୁ ଗମ୍ଭୀର ବାଣୀ ଓ ଆଦର୍ଶ ଆଗରେ ଯୁକ୍ତି କରି ପାରେ ନାହିଁ ସତ, ମାତ୍ର ହରିମିଶ୍ରଙ୍କ ସହିତ ସଙ୍ଗ କରେ । ନିଜ ସ୍ତ୍ରୀ ଠାରୁ ଏହିପରି କଥା ଶୁଣିବାକୁ ପସନ୍ଦ କରେ । ଯେତେବେଳେ ବରଜୁ ଘର ଛାଡ଼ି ଚାଲିଗଲା, ଛକଡ଼ିର ମୁଣ୍ଡରେ ଆକାଶ ଭାଙ୍ଗି ପଡ଼ିଲା । କାରଣ ସମସ୍ତ ଘରର ଦାୟିତ୍ୱ ତାକୁ ହିଁ ବୁଝିବାକୁ ପଡ଼ିବ । ତା ଛଡ଼ା ପୁତୁରା ଝିଆମାନଙ୍କ ସ୍ନେହ ତାର ସ୍ନେହୀ ଅନ୍ତରକୁ ଆକୁଳ କଲା । ଗାଁ ଗଣ୍ଡାରେ ତାର ନିନ୍ଦା ରହିଲା । ତେଣୁ ଏକ ପ୍ରକାର ବାଧ୍ୟହୋଇ ବରଜୁକୁ ଫେରାଇ ଆଣିବାକୁ ଦୌଡ଼ିଲା । ବରଜୁର ଆଦର୍ଶ ଦ୍ୱାରା ନିଶ୍ଚୟ ସେ ବଶୀଭୂତ ହୋଇ ଦୌଡ଼ିଯାଇ ନାହିଁ—ତା ହେଲେ ସେ ମୂଳରୁ ଯାଇଥାନ୍ତା । ତାପରେ ନେତ୍ରମଣି ସ୍ୱାଭାବିକ ଭାବରେ ଏକ ସ୍ୱାର୍ଥପର, କଳହ ପରାୟଣା, ଈର୍ଷାପରାୟଣା ନାରୀ, ବରଜୁର ଆଦର୍ଶ ତା ମନରେ ଟିକିଏ ହେଲେ ପ୍ରଭାବ ପକାଇ ପାରିନାହିଁ । ଏପରିକି ବରଜୁ ଘର ଛାଡ଼ି ଚାଲିଗଲା ପରେ ମଧ୍ୟ ତା ମନରେ ଲେଶ ମାତ୍ର ଅନୁଶୋଚନା ଆସିନାହିଁ । ଶେଷକୁ ଯେତେବେଳେ ଛକଡ଼ି ଯାଇଛୁ, ସେତେବେଳେ ବି ସେମାନଙ୍କ ପାଇଁ ଟିକିଏ ସହାନୁଭୂତି ସୂଚକ କଥା ପଦେ କହିନାହିଁ । ଏଇଠି ପଲ୍ଲୀର ସମସ୍ତ ନୀତି

Digitized by srujanika@gmail.com

ଗ୍ଲାନି ଓ ସ୍ୱାର୍ଥପରତା ଆଗରେ ବିରାଟ ଆଦର୍ଶବାଦର ଶୋଚନୀୟ ପରାଜୟ ସଂଘଟିତ ହୋଇଛି ।

ଯେଉଁ ଆଦର୍ଶ ଅନ୍ୟକୁ ଅନୁପ୍ରାଣିତ କରି ପାରିଲି ନାହିଁ, ସେ କି ଆଦର୍ଶ ? ଯେଉଁ ମାନଙ୍କର ଆଦର୍ଶ ବୋଲି କିଛି ନାହିଁ, ସେମାନେ ସ୍ତ୍ରୀକୁ ବାଡେଇ ପିଟି ଶାସନ କରୁଛନ୍ତି । ବିରଜ ଉପବାସ ରହି, କଥା ନ କହି ହାସ୍ୟବୋଉକୁ ଶାସନ କଲା । ମାତ୍ର ଆଦର୍ଶର ବିଜୟ ହୃଦୟର ବିଜୟ ଉପରେ ପ୍ରତିଷ୍ଠିତ ହେବା ଆବଶ୍ୟକ । ଅନ୍ୟାୟ, ଅବିଚାର, ସ୍ୱାର୍ଥପରତା ଆଗରେ ବିରଜୁର ଆଦର୍ଶ ତା'ର ସର୍ବଗ୍ରାସୀ ଶକ୍ତି ମୋଟେ ପ୍ରଦର୍ଶନ କରିପାରି ନାହିଁ । ଯେଉଁ ଆଦର୍ଶ ଖାଲି ପଳାୟନପନ୍ଥା ଦ୍ୱାରା ନିଜର ବିଜୟ ହାସଲ କରେ, ସେ ଆଦର୍ଶର କିଛି ମୂଲ୍ୟ ନାହିଁ । ବିରଜୁର ବ୍ୟକ୍ତିତ୍ୱ ପ୍ରତିକୂଳ ପରିସ୍ଥିତି ଆଗରେ କିପରି କ୍ଷତ ବିକ୍ଷତ, ପରାସ୍ତ ଓ ମଳିନ ହୋଇ ପଡ଼ିଛି, ଚିନ୍ତାଶୀଳ ବ୍ୟକ୍ତି ମାନେ ବେଶ୍ ହୃଦୟଙ୍ଗମ କରି ପାରିବେ ।

କାଳିନ୍ଦୀଚରଣ 'ମାଟିର ମଣିଷ'ର ଉପସଂହାରକୁ ଅପୂର୍ଣ୍ଣ ରଖି ସୂଚନା ମାତ୍ର କରିଦେଲେ ବୋଲି ଲାଗୁଥିବ । ମାତ୍ର ଏପରି ପରିଣତିକୁ କଦାପି ସୂଚନାତ୍ମକ କୁହାଯିବ ନାହିଁ । ଯେଉଁଠି ପରିଣତି ଅପୂର୍ଣ୍ଣ ଅଥଚ ସୂଚନାତ୍ମକ, ସେଠି ପାଠକ ଅନତିଦୂରରେ ଗୋଧୂଳିର ଏକ ଅସ୍ପଷ୍ଟ ମୂର୍ତ୍ତି ଦେଖିଲା ପରି ସମଗ୍ର କଥାଟିକୁ ଶିଖି ପାରୁଥିବେ । ସୂଚନା ତ ଅନ୍ଧାର ନୁହେଁ ? ତାହା ଗୋଧୂଳି କି ଉଷାପରି ଅସ୍ପଷ୍ଟ ।

ଉଦାହରଣ ସ୍ୱରୂପ, ଛକଡ଼ି ବିରଜୁ ପାଖକୁ ଯାଇ ଫେରିବାକୁ ଅନୁରୋଧ କଲାବେଳେ ପାଠକ ତା ମନରେ କି ଧାରଣା ପୋଷଣ କରେ ? ସତେକି ବିରଜୁ ଫେରିବ ? ହୁଏତ ବିରଜୁ ଫେରିବ ନାହିଁ । ଯଦି ନଫେରେ, ତେବେ ସେ କଣ ତା'ର ଏହି ତଥାକଥିତ ଆଦର୍ଶ ନେଇ ଦେଶେ ଦେଶେ ବୁଲୁଥିବ ? ନିଜ ଘରକୁ ସଜାଡ଼ି ନ ପାରି ଆଦର୍ଶ ଯେଉଁଠି ପଳାୟନ କରେ, ତାକୁ ଆଦର୍ଶ ବୋଲି କିପରି କୁହାଯାଇ ପାରେ ? ଯଦି ଫେରିବ ବୋଲି କୁହାଯାଏ, ତେବେ ପ୍ରଶ୍ନ ଉଠେ, ବିରଜୁ ଫେରିଲେ ନେତ୍ରମଣି ତାକୁ ସ୍ୱାଗତ ଜଣାଇବା ପାଇଁ ପ୍ରସ୍ତୁତ କି ? ଯଦି ବିରଜୁର ପଳାୟନ ପରେ ନେତ୍ରମଣିର ମନରେ କିଛି ପରିବର୍ତ୍ତନ ଆସିଥାନ୍ତା । ତେବେ ଛକଡ଼ିର ଭାଇକୁ ଫେରାଇବା ଚେଷ୍ଟାରେ କିଛି ମୂଲ୍ୟ ରହିଥାନ୍ତା ।

Digitized by srujanika@gmail.com

ମାତ୍ର ବରଜୁ ଫେରିଲେ ନେତ୍ରମଣି ପୁଣି ତାର ରଣଚଣ୍ଡୀ ମୂର୍ତ୍ତି ଦେଖାଇବ । ଏଥରକ ତାର ସାହସ ବହୁ ଗୁଣିତ ହୋଇଯିବାର କଥା । ପୁଣି ଏଥର ଥରେ ହାଡ଼ିବୋଉର ମନରେ କୌଣସି ପରିବର୍ତ୍ତନର ସୂଚନା ମଧ୍ୟ ଦିଆଯାଇନାହିଁ । ଅତଏବ ବରଜୁର ଫେରିବାର ପ୍ରଶ୍ନ ଉଠୁନାହିଁ । ତେବେ ଛକଡ଼ିକୁ ଚରକୁ ପାଟକୁ ଫଟାଇବାର ଉଦ୍ଦେଶ୍ୟ କଣ ? 'ମାଟିର ମଣିଷ' ଉପନ୍ୟାସରେ ଲେଖକ ଏହାର ଯଥୋଚିତ ଉତ୍ତର ଦେଇ ନାହାନ୍ତି । ଅତଏବ ଉପନ୍ୟାସଟି ପୂର୍ଣ୍ଣ ନୁହେଁ, ଅପୂର୍ଣ୍ଣ ।

ମାତ୍ର ଉପନ୍ୟାସଟି ଅପୂର୍ଣ୍ଣ କହିଲେ ଉପନ୍ୟାସ ଲେଖିବାର ମୌଳିକ ଲକ୍ଷ୍ୟ ଉପରେ ଆଞ୍ଚ ଆସୁଛି । ଆଚାର୍ଯ୍ୟ ମାନେ କହିଯାଇଛନ୍ତି—ଉପନ୍ୟାସ ସର୍ବଦା ଏକ ପୂର୍ଣ୍ଣ ଚିତ୍ର ଦେବା ଆବଶ୍ୟକ; ଅପୂର୍ଣ୍ଣ ଉପନ୍ୟାସ, ଉପନ୍ୟାସ ନୁହେଁ । ବୋଧହୁଏ ଲେଖକ ନିଜର ଏହି ତ୍ରୁଟିକୁ ପରେ ହୃଦୟଙ୍ଗମ କଲେ । ତେଣୁ ଥିଲେ ସେ ଲେଖିଲେ 'ଲୁହାରମଣିଷ' । ବରଜୁ ଚରିତ୍ରକୁ ପୂର୍ଣ୍ଣ ରୂପ ଦେଇ ପାଠକ ସମ୍ମୁଖରେ ଉପସ୍ଥାପିତ କରିବା ଥିଲା ତାଙ୍କର ଲକ୍ଷ୍ୟ । ଅବଶ୍ୟ ଲେଖକଙ୍କ ଦୃଷ୍ଟିରୁ 'ଲୁହାର ମଣିଷ' ପରେ ବରଜୁ ଏକ ପୂର୍ଣ୍ଣ ବ୍ୟକ୍ତି ରୂପେ ଆମ ଆଗରେ ଦେଖାଦେଲା । ବରଜୁ ତାର ସାମାଜିକ ସେବା କାର୍ଯ୍ୟରେ ଆଗେଇ ଚାଲି । ଶେଷକୁ ନିଜର କର୍ତ୍ତବ୍ୟ ନିଷ୍ଠା ପ୍ରଦର୍ଶନ କରି ଜେଲ୍ ବରଣ କଲା । ତାହାର ହାତ ଗୋଡ଼ରେ ଲୁହାର କଡ଼ି ଲାଗିଲା । ଶେଷକୁ ସେ ହେଲା ଲୁହାର ମଣିଷ । ମାଟିର ମଣିଷ, ଲୁହାର ମଣିଷରେ ପରିଣତ ହେବାରେ କିଛି ଆପତ୍ତି ନାହିଁ । ଆମ ସମାଜରେ ଯେଉଁ ଦ୍ରୁତ ପରିବର୍ତ୍ତନର ସୂତ୍ରପାତ ହୋଇଛି, ଜଣାଯାଏ ରାଜନୀତି ଯେପରି ଆମର ରକ୍ତଗତ ହେବାକୁ ଯାଉଛି ।

କିନ୍ତୁ ପ୍ରଶ୍ନ ଉଠେ, ପ୍ରତ୍ୟେକ ଆଦର୍ଶ ମୂଳରେ କଣ ରହିଛି ରାଜନୀତିରେ ମିଶି ଜେଲ ବରଣ କରିବା ? ସୂତା କାଟିବା, ଅସହଯୋଗ ଆନ୍ଦୋଳନ କରିବା ଆଇନ ଅମାନ୍ୟ କରିବା, ସବୁତ ଯେଏଣ ଆମର ପ୍ରତ୍ୟେକଙ୍କର ଆଦର୍ଶ ହେବା ଉଚିତ । ବରଜୁକୁ ଏକ ସାମାଜିକ ସେବକ କରି ସମାଜସେବାରେ ପ୍ରାଣ ଦେବାର ପନ୍ଥା ନିର୍ଦ୍ଦେଶ କରିଥିଲେ ତାର ଜୀବନର ମୂଲ୍ୟବୋଧ ଅଧିକ ଘଟିଥାନ୍ତା । ମାତ୍ର ଶେଷକୁ ଏକ ରାଜନୀତିକ ଦଳରେ ଯୋଗ ଦେଇ ବରଜୁ ତାର ସମସ୍ତ ମହତ୍ତ୍ୱ ହରାଇଲା । ପଲ୍ଲୀର ଆଦର୍ଶ ପଲ୍ଲୀର ଉନ୍ନୟନରେ । ପଲ୍ଲୀରେ ଲକ୍ଷ ଲକ୍ଷ ଲୋକ ଅବହେଳିତ, ଅନ୍ଧ ବିଶ୍ୱାସ ଓ ଦୈନ୍ୟର କବଳରେ ପଡ଼ି କନ୍ଦନ

Digitized by srujanika@gmail.com

କରୁଛନ୍ତି । ସେମାନଙ୍କ ବେଦନାକୁ ଉପଲବ୍ଧି କରି ସେମାନଙ୍କ ପାଇଁ ପ୍ରାଣ ଦେବାର ମହତ୍ତ୍ୱ ରହିଛି । ମାଟି ପଣ୍ଟାର ଆଦର୍ଶ ଯେ କାହିଁକି ସହରର ରାଜନୈତିକ ବାତାବରଣକୁ ଆସି ପୂର୍ଣ୍ଣତା ଲାଭ କରିବା ପାଇଁ ଚେଷ୍ଟା କରିବ, ବୁଝିହୁଏନା ।

ବରଂ 'ମାଟିର ମଣିଷ' ର ବରଜୁ ସେବ୍ୟ । ସେ ବଡ଼ାଭାଇ ହେଲେବି ଜୀବନରେ କେତେଟିଏ ଆଦର୍ଶ ରଖି ଆଗେଇ ଚାଲିଛି । ତାର ଆଦର୍ଶ କାହାର ଦ୍ୱାରା ଗୃହୀତ ହେଉ ନ ହେଉ, ସେ ଯାହାକୁ ସତ୍ୟ ବୋଲି ଧରି ନେଇଛି, ସେଇଥିରେ ପ୍ରତ୍ୟୋଗ କରିଥିଲେ, ତାର ଆଦର୍ଶମୟ ଜୀବନରେ ଚରମ ସିଦ୍ଧି ସଂଘଟିତ ହୋଇଥାନ୍ତା । ମାତ୍ର ଚରିତ୍ରକୁ ପୂର୍ଣ୍ଣ କରିବାକୁ ଯାଇ ଲେଖକ ତହିଁ ଗଢ଼ା ଗଢ଼ା ମାଟିଡ଼ଟିଏ ଗଢ଼ି ଥୋଇ ଦେଲେ । ଏହାଦ୍ୱାରା ବରଜୁର ଚରିତ୍ର ନିତାନ୍ତ ହାଲୁକା ହୋଇଗଲା । ତା ଆଦର୍ଶର ତୀବ୍ରତା କମିଗଲା । ସେ ଶେଷକୁ ଏକ ପ୍ରଚାରକ ସାଜିଲା ।"

'ମାଟିର ମଣିଷ' ର ଇଂରାଜୀ ଅନୁବାଦ ୧୯୭୩ ମସିହାରେ ହିନ୍ଦ ପକେଟ ବୁକ୍ସ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଅଛି । ଏହାର ଇଂରାଜୀ ଅନୁବାଦ କରିଛନ୍ତି ଶ୍ରୀମତୀ ଲୀଳା ରାୟ, ସବୁଜ ସାହିତ୍ୟ ସମିତିର ଶ୍ରୀଯୁକ୍ତ ଅନ୍ନଦାଶଙ୍କର ରାୟଙ୍କର ଅମେରିକାନ୍ ପତ୍ନୀ । 'ଟାଇମସ୍ ଅଫ ଇଣ୍ଡିଆ' ଦୈନିକ ପତ୍ରିକାରେ ୭ ତାରିଖ ଜୁଲାଇ ୧୯୭୩ ମସିହାରେ ତାହାର ନିମ୍ନଲିଖିତ ସମାଲୋଚନା ପ୍ରକାଶିତ ହୋଇଥିଲା । 'ମାଟିର ମଣିଷ' ନାଁ ଟାକୁ ବଦଳାଇ ଅନୁବାଦିକା ଅନୁବାଦର ନାମକରଣ କରିଅଛନ୍ତି A house undivided .

A HOUSE UNDIVIDED

by K. C. Panigrahi from the Oriya by Lila Ray, (Hind pocket Books, 1973 Rs. 350)

PERHAPS the most remarkable thing about this book is that its worth has managed to come through inspite of a very indifferent translation,

Digitized by srujanika@gmail.com

It is the simple story of two brothers and of attempts made by their wives aided by Hari Misra, the village villain, to estrange them. It alcso narrates the efforts made by the elder brother to keep the house and the property undivided.

It is a delightful story, simple without being rustic, idealistic without being maudlin. Characters are necessarily rather black and white, but human nevertheless. It is possible to discern the author's efforts at narration in the form of a parable, though the translator has tried her best to infuse into the narration a style of writing down as though the author were a long way above these characters, telling the reader, who is equally above the whole thing, about the virtue and idealism of small children.

Staccato writing and exaggerated simplicity of the following order seems dificult to visualise in the original writing: 'Misra could not endure Barju Pradhan. Barju put obstacles in his way. He had incurred considerable loss because of him The people knew what he was up to and Barju Pradhan was the one who had opened their eyes.

It must be Panigrahi's sheer narrative power that manages to sus tain our interest in the story inspite on such lapses in the translation. Barju who almost promises to be well on his way towards becoming a saintly bore, happily rises above

Digitized by srujanika@gmail.com

such turgid cogitations as cited above and becomes a nice lovable brother, who by giving away the whole of the house and property to the younger brother, foxes him utterly. And all this he does in a most straightforward manner, there is not even a hint of its being strategy and cunning. There is the total and unhesitating act of a man who is convinced that he has found the only right and true way.

In a passage like the following, the simple and short sentences that the translator has used are very effective. Let's go Barju said, tucking the bundle of clothes under his arm. He wrapped a turban around his head and took up his bamboo staff. Then he turned and walked out of the door. His wife followed carrying the youngest child in her arms. Moti walked beside her, holding her hand She moved forward without a glance behind her, without a thought for the trunks, the the jars, the pots. the copperware, the kitchen garden, the chillies and spices. It would have been a much fuller and more satisfyng novel if a different kind of writing had been used to show the com, plexity of Barju's inner life. As it is there is a curiously dated flavour to the whole work, revolving around the idea that the peasant is a simple, honest, straight, etc. person, and the corrupting forces come from the outside or 'civilised' world

It is an attractivily produced book and it does not require too much will power to get through it if you are willing to set aside the faults that are obviously the translator's idiosyncracies, such as her insistence on making dialogue sound very stilted, just to give it a regional flavour. Even a reader not obliged to review it can read this novel quite happily.

G. D.

ଇଂରାଜୀ ଅନୁବାଦ ପୂର୍ବରୁ ଭାରତୀୟ ସାହିତ୍ୟ ଏକାଡ଼େମୀର ଆନୁକୂଲ୍ୟରେ ପ୍ରଧାନ ପ୍ରଧାନ ଭାରତୀୟ ଭାଷାରେ 'ମାଟିର ମଣିଷ' ଅନୁବାଦିତ ହୋଇ ପ୍ରକାଶିତ ହୋଇଅଛି ଏବଂ ଏହାକୁ ଭିତ୍ତିକରି ଗୋଟିଏ ଓଡ଼ିଆ ଚଳଚ୍ଚିତ୍ର ମଧ୍ୟ ନିର୍ମିତ ହୋଇଅଛି । ମାତ୍ର ସେ ଚଳଚ୍ଚିତ୍ର ଶ୍ରୀଯୁକ୍ତ ମୃଣାଳ ସେନଙ୍କ ଭଳି ପ୍ରତିଷ୍ଠିତ ପ୍ରଯୋଜକଙ୍କ ଦ୍ୱାରା ନିର୍ମିତ ହୋଇଥିଲେ ମଧ୍ୟ ମୋଟେ ଜନପ୍ରିୟତା ଅର୍ଥକାରୀ ହୋଇ ପାରିନାହିଁ ।

ରାମାନୁଜ— **ଲେଖକ**: ଶ୍ରୀ ଶରତ ଚନ୍ଦ୍ର ମୁଖାର୍ଜି । ୧୯୬୮ ସାଲରେ 'ରାମାନୁଜ' ଏମାର ମଠରଟେଲା ଶ୍ରୀ ରାମକୃଷ୍ଣ ରାମାନୁଜ ଦାଶଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା । ଏହି ପୁସ୍ତକର ଲେଖକ ଶ୍ରୀ ଶରତ ଚନ୍ଦ୍ର ମୁଖାର୍ଜି 'ରାମାନୁଜ' ପୁସ୍ତକର ପୃଷ୍ଠଭୂମି ସମ୍ବନ୍ଧରେ ନିମ୍ନ ପ୍ରକାରରେ ସୂଚନା ଦେଇଥିଲେ—

"ଯେତେବେଳେ ଭାରତର ଦୁର୍ଦ୍ଦିନ । ଭାରତ ଗଗନର ଏକ ଦିଗ ଅନ୍ଧକାର କରି ଶଙ୍କରାଚାର୍ଯ୍ୟ ରୂପ ମହାଜ୍ୟୋତିଷ୍କ ଡୁବିଗଲେ—ଅନ୍ୟ ଦିଗ କଥିତ ପରିମାଣରେ ଉଦ୍ଭାସିତ କରି ଗୋଟିଏ କ୍ଷୁଦ୍ର ତାରକା ସୁଦ୍ଧା ଅନେକ ଦିନଯାଏ ଉଇଁଲା ନାହିଁ । ଏପରି କ୍ଷେତ୍ରରେ ଯାହା ସଚରାଚର ହୁଏ, ତାହାହିଁ ହେଲା-ଇତିବୃତ୍ତର ପୁନରାବୃତ୍ତି ହେଲା । ଲୋକେ, ବିଶେଷ ଭାବରେ ଧର୍ମାନ୍ୱେଷୀ ବ୍ରାହ୍ମଣଗଣ ମହାପୁରୁଷଙ୍କ ଜୀବନ୍ତ ବାଣୀ ହରାଇ ଅଦ୍ୱୈତବାଦର କଙ୍କାଳ ଘେନି ଧର୍ମର ନାମରେ ତାଣ୍ଡବ-ନୃତ୍ୟ ଆରମ୍ଭ କଲେ । ଶଙ୍କରାଚାର୍ଯ୍ୟ ପ୍ରଚାର କରିଥିଲେ, 'ସୋଽହମ୍-ଅହଂ ବ୍ରହ୍ମାସ୍ମି ।' ଭାରତର ବ୍ରାହ୍ମଣ ପରମେଶ୍ୱରଙ୍କଠାରେ ତାଙ୍କର

Digitized by srujanika@gmail.com

ଏକାନ୍ତ ଓ କାତର ଆତ୍ମନିବେଦନ ଭୁଲିଗଲା, ଐହିକ ସୁଖର ଅସାରତା ସମ୍ବନ୍ଧରେ ତାଙ୍କର ବଜ୍ର କଠୋର ବାଣୀ ସ୍ମରଣ କଲନାହିଁ, 'ଅହଂ ବ୍ରହ୍ମୋସ୍ମି' ମୁଁ ନିଜେ ବ୍ରହ୍ମ । ଅତଏବ ମୁଁ ଯେତେ ପାପ କଲେ ପଛକେ ମୋତେ ପାପ ସ୍ପର୍ଶ କରିବନାହିଁ । ମୁଁ ମିଥ୍ୟା କହେ, ଚରିତ୍ରହୀନ ହୁଏ, ଭଣ୍ଡହୁଏ, ପରସ୍ୱ ହରଣ କରେ-ତଥାପି ମୋତେ ପାପ ସ୍ପର୍ଶ କରିବ ନାହିଁ ।"

"ଏ ଭଳି ଶିକ୍ଷା ଓ ମନୋବୃତ୍ତିର ଫଳ ଯାହା ହେବାର ତାହାହିଁ ହେଲା— 'ଯଦ୍ ଯଦାଚରତି ଶ୍ରେଷ୍ଠସ୍ତତ୍ତ୍ୱ ଦେବେତରୋ ଜନଃ'—ଲୋକେ ବ୍ରାହ୍ମଣର ବାକ୍ୟ ଶୁଣିଲେ, ପ୍ରତ୍ୟେକ ନିଜକୁ ବ୍ରହ୍ମ ବୋଲି ମନେ କଲେ । ସଂଯମର ବନ୍ଧ ଭାଙ୍ଗିଗଲା । ଦେଶଟା ଯାକ ପାପ ଓ ଯଥେଚ୍ଛାଚାରର ବନ୍ୟା ବହିଲା । ନିଜକୁ ପରମେଶ୍ୱରଙ୍କ ଦାସାନୁଦାସ ଭାବି ସ୍ୱରୂପ ତାଙ୍କ ନିକଟରେ ମୁଣ୍ଡ ନୁଆଁଇଲା ନାହିଁ । ପତି ପୁତ୍ରଙ୍କ କଲ୍ୟାଣ କାମନାରେ ନାରୀ ଅଞ୍ଚଳ ପ୍ରାନ୍ତରେ ସନ୍ଧ୍ୟା ପ୍ରଦୀପ ଘୋଡ଼ାଇ ମନ୍ଦିର-ପଥରେ ପାଦ ପକାଇଲା ନାହିଁ । ହିନ୍ଦୁର ଦେବ ମନ୍ଦିର ହେଲା ଦେବ-ଦାସୀ ପରିବୃତ୍ତ ବିଳାସୀ ପୁରୋହିତର ବିଳାସ-ବାଟିକା, ଗୁହ୍ୟହେଲା ଅହଙ୍କାର ଓ ଧର୍ମାନ୍ଧତାର ଲୀଳାସ୍ଥଳ । ଅନ୍ୟ ଆଡ଼େ ବୌଦ୍ଧଗଣ ମଧ୍ୟ ବୌଦ୍ଧ ଧର୍ମର ଉଚ୍ଚଆଦର୍ଶରୁ ଚ୍ୟୁତ ହେଲେ । 'ମହାଯାନ' ଓ 'ହୀନଯାନ' ର ଆବିର୍ଭାବ ସଙ୍ଗେ ସଙ୍ଗେ ତାନ୍ତ୍ରିକତାର ସୃଷ୍ଟି ହେଲା । ଅନ୍ତରର ଭକ୍ତି ଓ ବିଶୁଦ୍ଧ ଜୀବନ ପରି-ବର୍ତ୍ତିରେ ତାନ୍ତ୍ରିକ ବୌଦ୍ଧ ଶ୍ରମଣର ପୂଜା ସାମଗ୍ରୀ ହେଲା ଷୋଡ଼ଶୀ ଚଣ୍ଡାଳ କନ୍ୟା ଓ ମଦ୍ୟଭାଣ୍ଡ, ବୁଦ୍ଧଙ୍କ ପ୍ରଗ୍ରହିତ କାମନା-ବିନାଶର ସ୍ଥାନ ଅଧିକାର କଲା ଧର୍ମର ନାମରେ କାମୋପଭୋଗ । ଚାରିଆଡ଼େ କେବଳ ପିଶାଚର ଅଟ୍ଟହାସ ଧର୍ମ ଭୀରୁର କର୍ଣ୍ଣପଟହ ବିଦାରଣ କରିବାକୁ ଲାଗିଲା ।

ଏ ଭଳି ଅମାନିଶାର ଅନ୍ଧତାମସ ଦୂର କରି ଭାରତ ଗଗନରେ ଶୁକ୍ରତାରା ରୂପେ ଉଇଁଲେ ବିଶିଷ୍ଟାଦ୍ୱୈତବାଦୀ ରାମାନୁଜ ।"

ଶରତ ବାବୁଙ୍କ ଲିଖିତ 'ରାମାନୁଜ' ଗଳ୍ପ ଭାବରେ ତାଙ୍କର ଜୀବନ କଥା ।

୧୯୨୮ ଖ୍ରୀଷ୍ଟାବ୍ଦ, ସେତେବେଳକୁ ସବୁଜ ସାହିତ୍ୟ ସଂଗଠନ କଳ୍ପନାରେ ରୂପ ନେଇଥିଲେ ମଧ୍ୟ ଆନୁଷ୍ଠାନିକ ଭାବରେ ପ୍ରତିଷ୍ଠିତ ହୋଇ ନଥାଏ । ଶ୍ରୀ ଶରତ ଚନ୍ଦ୍ର ମୁଖାର୍ଜୀ ସେତେବେଳେ ହଜାରିବାଗରେ ଡେପୁଟି-ମାଜିଷ୍ଟ୍ରେଟ୍ ଥାନ୍ତି ।

Digitized by srujanika@gmail.com

୧୯୨୯ ରେ ସେ ବଦଳି ହୋଇ କଟକ ଫେରି ଆସିଲେ ଏବଂ ସବୁଜ ସାହିତ୍ୟ ସମିତିର ସଂଗଠନ କାର୍ଯ୍ୟ ଆରମ୍ଭ ହେଲା । ଅବଶ୍ୟ ସବୁଜ ସାହିତ୍ୟ ରଚନା ୧୯୨୮ ସାଲର ୮ ବର୍ଷ ପୂର୍ବରୁ ଆରମ୍ଭ ହୋଇ ଯାଇଥାଏ । ସବୁଜ ସମିତିର କୌଣସି କୌଣସି ସଭ୍ୟ ଚାକିରିରେ ବା ବ୍ୟବସାୟରେ ଯୋଗଦେଇ ଥିଲେ ମଧ୍ୟ ପ୍ରଥମାବସ୍ଥାରେ ସମିତିର କାର୍ଯ୍ୟପାଇଁ ଟଙ୍କା ପଇସା ଯୋଗାଡ଼ କରିବା କଷ୍ଟକର ଥିଲା । ୧୯୨୮ ସାଲରେ ଶରତ୍ ବାବୁ ସବୁଜ ସାହିତ୍ୟ ସମିତି ପାଇଁ ତାଙ୍କର ପ୍ରଥମ ଦେୟ ମୂଳଧନ ୩୦୦ ଟଙ୍କା ଯୋଗାଡ଼ କରିଥିଲେ 'ରାମାନୁଜ' ପୁସ୍ତକ ପ୍ରଣୟନ କରି । ୧୯୨୮ ସାଲରେ ପ୍ରକାଶିତ ଏହି ପୁସ୍ତକର ପ୍ରକାଶକ ଥିଲେ ପୁରୀ ଏମାର ମଠର ଚେଲା ସ୍ୱର୍ଗୀୟ ରାମକୃଷ୍ଣ ରାମାନୁଜ ଦାସ ଏବଂ ସେ ପୁସ୍ତକଟିର ସମସ୍ତ ସ୍ୱତ୍ୱ କିଣି ନେଇ ଶରତବାବୁଙ୍କୁ ୩୦୦ ଟଙ୍କା ପାରିଶ୍ରମିକ ଭାବେ ଦେଇଥିଲେ ଏବଂ ମୁଦ୍ରଣ ବ୍ୟୟ ୨୮୦ ଟଙ୍କା ମଧ୍ୟ ନିଜେ ବହନ କରିଥିଲେ । ସମାଜ ସଂସ୍କାର ଓ ଧର୍ମ ସଂସ୍କାର ନିମନ୍ତେ ପ୍ରେରଣା ଦେବାପାଇଁ ଉଦ୍ଦିଷ୍ଟ ଏହି 'ରାମାନୁଜ' ପୁସ୍ତକ ଖଣ୍ଡିକ ସବୁଜ ସାହିତ୍ୟ ସମିତି ସେତେବେଳକୁ ଆନୁଷ୍ଠାନିକ ଭାବରେ ପ୍ରତିଷ୍ଠିତ ହୋଇଥିଲେ ସମିତି ଦ୍ୱାରା ପ୍ରକାଶିତ ହୋଇଥାନ୍ତା, ମାତ୍ର ସବୁଜ ଗୋଷ୍ଠୀର ଏହା ପ୍ରଥମ ପ୍ରକାଶିତ ପୁସ୍ତକ ହୋଇଥିବାରୁ ସମିତିଦ୍ୱାରା ପରେ ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ ଭଳି ଏହା ମଧ୍ୟ ପାଠକ ସମାଜରେ ଉଭୟ ପ୍ରଶଂସା ଓ ନିନ୍ଦା ଅର୍ଜନ ହୋଇଥିଲା । ଆଜି କୃତଜ୍ଞତାର ସହିତ ଆମ୍ଭେମାନେ ସ୍ମରଣ କରୁ ଯେ ସମିତିର ଅନ୍ୟାନ୍ୟ ପୁସ୍ତକଭଳି 'ଉତ୍କଳ ସାହିତ୍ୟ'ର ପ୍ରବୀଣ ସମ୍ପାଦକ ସ୍ୱର୍ଗୀୟ ବିଶ୍ୱନାଥ କରଙ୍କର ଯେଉଁ ଶୁଭଦୃଷ୍ଟି ଆମ୍ଭେମାନେ ପାଇଥିଲୁ, ସେହି ଶୁଭଦୃଷ୍ଟି 'ରାମାନୁଜ'କୁ ମଧ୍ୟ କୃତାର୍ଥ କରିଥିଲା ।

ବୈଶାଖ ୧୯୨୮ ସାଲରେ ଶରତ ବାବୁ ଏହି ପୁସ୍ତକର ଭୂମିକାରେ ଲେଖିଥିଲେ. —

''ଧର୍ମ ସଂସ୍ଥାପନ ଓ ଧର୍ମ ସଂସ୍କାର ପାଇଁ ଯୁଗେ ଯୁଗେ ଭାରତରେ ଯେଉଁସବୁ ମହାତ୍ମା ଅବତୀର୍ଣ୍ଣ ହୋଇଥିଲେ, ରାମାନୁଜ ସେମାନଙ୍କ ମଧ୍ୟରେ ଅନ୍ୟତମ । ତାଙ୍କର ଅମର ଚରିତ୍ର ଦେଶ ବିଦେଶରେ ନାନା ଭାଷାରେ ନାନା ପ୍ରକାରରେ ବର୍ଣ୍ଣିତ ହୋଇଥିଲେ ହେଁ ଓଡ଼ିଆରେ ତାଙ୍କ ବିଷୟରେ କୌଣସି ଗ୍ରନ୍ଥ ଅଦ୍ୟାପି ପ୍ରକାଶିତ ହୋଇନାହିଁ, ସେହି ଅଭାବ କିଞ୍ଚିତ ପରିମାଣରେ ଦୂର କରିବା ପାଇଁ ମୁଁ ତାଙ୍କର ଜୀବନୀ ଗଳ୍ପାକାରରେ ବର୍ଣ୍ଣନା କରି ଏହି କ୍ଷୁଦ୍ର ପୁସ୍ତକ ଲେଖିଅଛି ମାତ୍ର । ଯଦି ଜଣେମାତ୍ର ଓଡ଼ିଆ ଯୁବକ ଏହା ପାଠ କରି ହୃଦୟରେ ସମାଜ

Digitized by srujanika@gmail.com

ସଂସ୍କାର ବା ଧର୍ମ ସଂସ୍କାର ନିମନ୍ତେ ପ୍ରେରଣା ଲାଭ କରନ୍ତି, ତାହାହେଲେ ମୁଁ ମୋର ଶ୍ରମ ସାର୍ଥକ ମଣିବି । ପୁରୀ ଏମାର ମଠର ଚେଲା ରାମାନୁଜ ପନ୍ଥୀ ବନ୍ଧୁବର ଶ୍ରୀଯୁକ୍ତ ରାମକୃଷ୍ଣ ରାମାନୁଜ ଦାସଙ୍କ ଆନୁକୂଲ୍ୟରେ ଏହି କ୍ଷୁଦ୍ର ପୁସ୍ତକ ପ୍ରକାଶିତ ହୋଇଥିବାରୁ ମୁଁ ତାଙ୍କ ପ୍ରତି ନିଜର ଗଭୀର କୃତଜ୍ଞତା ଜଣାଉଅଛି । ସେ ଓ ସହପାଠୀ ବନ୍ଧୁ ଶ୍ରୀମାନ୍ ନାରାୟଣ ଚନ୍ଦ୍ର ସେନ୍ ଏହି ପୁସ୍ତକ ଖଣ୍ଡି-ଲେଖିବାରେ ମୋତେ ବାରମ୍ବାର ଉତ୍ସାହିତ କରି କୃତଜ୍ଞତା ପାଶରେ ଆବଦ୍ଧ କରିଅଛନ୍ତି । 'ଉତ୍କଳ ସାହିତ୍ୟ'ର ପ୍ରବୀଣ ସଂପାଦକ ଶ୍ରଦ୍ଧାସ୍ପଦ ଶ୍ରୀଯୁକ୍ତ ବିଶ୍ୱନାଥ-କର ମହାଶୟ ପାଣ୍ଡୁଲିପି ପଢ଼ି ସ୍ଥାନେ ସ୍ଥାନେ ସଂଶୋଧନ କରି ଦେଇ ଅଛନ୍ତି, ସେଥିପାଇଁ ମୁଁ ତାଙ୍କ ନିକଟରେ କୃତଜ୍ଞ ।''

ପୁସ୍ତକ ଖଣ୍ଡିକରେ ଗଳ୍ପାକାରରେ ଶ୍ରୀ ରାମାନୁଜଙ୍କ ଜୀବନ ବର୍ଣ୍ଣନା କରି ଯାଇଥିଲା । ଓ ତାହା କଟକ 'ଉତ୍କଳ ସାହିତ୍ୟ' ପ୍ରେସରେ ମୁଦ୍ରିତ ହୋଇଥିଲା । ଏହି ପୁସ୍ତକର ମୂଲ୍ୟ ଏକ ଟଙ୍କା ରଖାଯାଇଥିଲେ ମଧ୍ୟ ଏକ ହଜାର କପିଯାକ ପ୍ରକାଶକ ବିନା ମୂଲ୍ୟରେ ସ୍କୁଲ, କଲେଜ, ଲାଇବ୍ରେରୀ ଓ ସୁଧୀ ପାଠକ ମାନଙ୍କ ମଧ୍ୟରେ ବିତରଣ କରିଥିଲେ । ଯେହେତୁ ଏମାର ମଠ ମହନ୍ତଙ୍କ ଦାନଶୀଳତା ଦ୍ୱାରା ଏହା ସମ୍ଭବ ହୋଇଥିଲା, ଲେଖକ ନିମ୍ନଲିଖିତ ଭାବେ ପୁସ୍ତକ ତାଙ୍କୁ ଉତ୍ସର୍ଗ କରିଥିଲେ —'ଶ୍ରୀ ରାମାନୁଜଙ୍କ ପ୍ରତିଷ୍ଠିତ ପୁରୀ ଏମାର ମଠର ରାମାନୁଜ ପନ୍ଥୀ ଦାନଶୀଳ ମହନ୍ତ ମହାରାଜ ଶ୍ରୀଯୁକ୍ତ ଗଦାଧର ରାମାନୁଜ ଦାସ ମହାଶୟଙ୍କ କର କମଳରେ ଏହି କ୍ଷୁଦ୍ର ପୁସ୍ତକ ଲେଖକର ଶ୍ରଦ୍ଧାର ଚିହ୍ନ ସ୍ୱରୂପ ଅର୍ପିତ ହେଲା । ଦୁଃଖର କଥା ଉଭୟ ମହନ୍ତ ମହାରାଜ ଓ ଚେଲା ବନ୍ଧୁ ଆଉ ଇହଧାମରେ ନାହାନ୍ତି । ସେତେବେଳେ, ପତିତପାବନ ମିଶନ'ର ପ୍ରତିଷ୍ଠାତା ସଂପାଦକ ସ୍ୱର୍ଗୀୟ ଜୟମଙ୍ଗଳ ରଥଙ୍କ ସଂପାଦନାରେ 'ସଂସ୍କାର' ନାମକ ମାସିକ ପତ୍ରିକା ଗଞ୍ଜାମ ବ୍ରହ୍ମପୁରରୁ ପ୍ରକାଶିତ ହେଉଥାଏ । ସେହି ପତ୍ରିକାରେ ପ୍ରଥମେ 'ରାମାନୁଜ'ର ସମାଲୋଚନା ନିମ୍ନଲିଖିତ ଭାବେ ପ୍ରକାଶିତ ହେଲା—

'ପତିତପାବନ ମିଶନ'ର ଜନୈକ ସଭ୍ୟ ହଜାରିବାଗର ଡେପୁଟି ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଶରତଚନ୍ଦ୍ର ମୁଖର୍ଜୀ ବି. ଏ. ଙ୍କ ଠାରୁ ତାଙ୍କର 'ରାମାନୁଜ' ନାମକ ଖଣ୍ଡିଏ ପୁସ୍ତକ ଉପହାର ପାଇ କୃତଜ୍ଞତା ଜଣାଉଅଛୁ । ଏ ଧରଣର ପୁସ୍ତକ ଆଜିକାଲି ଓଡ଼ିଆ ଭାଷାରେ ବଡ଼ ବିରଳ ଦେଖାଯାଏ । 'ରାମାନୁଜ' ଉତ୍କଳ ଯୁବକର ପ୍ରାଣରେ ନବଚେତନା ଆଣିଦେବ । ରାମାନୁଜ—ଧ୍ୱଜାଧାରୀ ବହୁ ସଂଖ୍ୟକ ଲୋକ ଆଜି ଯେପରି କୁସଂସ୍କାରମୟ ଜୀବନ ଯାପନ କରୁଅଛନ୍ତି,

Digitized by srujanika@gmail.com

ସେମାନେ 'ରାମାନୁଜ' ପାଠ କରିବାଦ୍ୱାରା ଲଜ୍ଜିତ ଓ ଅନୁତପ୍ତ ହୋଇ ପୁଣି ଉଠିବେ । ଶରତ ଚନ୍ଦ୍ର ବାବୁଙ୍କୁ ଧନ୍ୟବାଦ ଅର୍ପଣ କରୁଅଛୁ ।"

ତତ୍ପରେ ୧୬ ତାରିଖ ନଭେମ୍ବର ୧୯୨୮ ତାରିଖ ଦିନ ସ୍ୱର୍ଗୀୟ ଭୁବନାନନ୍ଦ ଦାସଙ୍କ ସଂପାଦିତ 'ୟଙ୍ଗ ଉତ୍କଳ' କାଗଜରେ ଉକ୍ତ ପୁସ୍ତକର ନିମ୍ନଲିଖିତ ସମାଲୋଚନା ଇଂରାଜୀରେ ପ୍ରକାଶିତ ହେଲା.--

YOUNG UTKAL

The 16th November 1928

Reviews

" Ramanuja "-ରାମାନୁଜ – life of Sri Ramanuja , founder of the great Ramanuja cult of Vaishnava in simple Oriya by Mr. Sarat Chandra Mukherjee B.A. and published by Sena Maharaj Sri Rama Krishna Ramanuja Das, Emarmath, Puri—Price Re 1/- .

Lives of great men are always interesting and instructive, but life of Ramanuja written in such admirable and colloqial Oriya prose so that every literate Oriya can read, appreciate and profit in reading the life of this great teacher of the 11th century, who was instrumental to popularise religion through Vaishnavism in the whole of the eastern half of the southern India from the Ganges & Kavery is so full of incidents based on love and abiding faith-in good that we would recommend it to one and all irrespective of creed or faith so that they will be in touch with the life of a very great person. The proud Brahmins of southern India of the time

Digitized by srujanika@gmail.com

were practising 'Adwaitavada' relgion of philosophy which being too abstruse was bound to be swept away by the deep faith and sincere love in God as was preached by Ramanuja and his cult.

What interests as much is the interesting information that the Emar Math which was founded by Ramanuja at Puri derived its name from the Tamil name of his chief disciple Govind,-ଏମ୍-ପେରୁ ନାମାର or in short 'ଏମାର'

The book is full of thrilling stories of trials and ordeals of the great soul & every where Ramanuja was victorious. Ramanuja like Budha and other reformers had to leave his wife The book is well printed with three halftone blocks, one of Ramanuja one of Shrirangan temple & the other of **Mahanta** of **Emar Mata** Sri **Gadadhar Ramanuja** Das.

ସେତେବେଳେ 'ପୁରୀବାସୀ' ନାମରେ ଏକ ସାପ୍ତାହିକ ପତ୍ରିକା ପୁରୀରୁ ବାହାରୁଥାଏ । ଏକ ସୁଧୀ ପାଠକ ରୂପେ ଶ୍ରୀଯୁକ୍ତ ଲୋକନାଥ ମିଶ୍ର (ପଙ୍କବାବୁ) ପରେ ନିର୍ବାଚିତ ଏମ୍. ପି. 'ପୁରୀବାସୀ'ରେ 'ରାମାନୁଜ'ର ସମାଲୋଚନା ନିମ୍ନଲିଖିତ ଭାବେ ପ୍ରକାଶ କଲେ

"ପୁରୀବାସୀ"

ପୃଷ୍ଠ- ମଙ୍ଗଳବାର, ନଭେମ୍ବର ୧୩ ତାରିଖ ସନ ୧୯୬୮ ମସିହା

ରାମାନୁଜ — (ସମାଲୋଚନା ଓ ସଂସ୍କାର)

ମୁଁ **ଜଣେ** ଓଡ଼ିଆ ଯୁବକ । 'ରାମାନୁଜ' ପ୍ରଣେତା ଶରତବାବୁ ମୋର ପୂର୍ବରୁ ପରିଚିତ ନ ହେଲେ ମଧ୍ୟ ପରିଚିତ । ତେଣୁ ସମାଜ ସଂସ୍କାର ଓ ଧର୍ମ

Digitized by srujanika@gmail.com

ସଂସ୍କାର ନିମନ୍ତେ ପ୍ରେରଣା ଲଭିବା ଲାଗି ତାଙ୍କର ଆହ୍ୱାନ ଶୁଣିବାକୁ ମୋ ମନ ସ୍ୱତଃ ବଳିଲା । ବହିଖଣ୍ଡି ଆମୂଳ ଚୂଳ ପାଠ କଲି । ଭାଷା ସୌଷ୍ଠବରେ ପରମ ଆହ୍ଲାଦ ଲଭିକଲି । କିନ୍ତୁ ବହି ଖଣ୍ଡି ପଢ଼ି ସାରିବା ପରେ ମନରେ ଗୋଟିଏ 'କିନ୍ତୁ' ଜାତ ହେଲା । ନିମ୍ନରେ ଯାହା ଲେଖୁଛି, ତାହା ସେହି କିନ୍ତୁ ପ୍ରସୂତ । ପ୍ରଥମତଃ ଶରତ ବାବୁଙ୍କର ବ୍ରାହ୍ମଣ ଜାତି ପ୍ରତି ମର୍ମନ୍ତୁଦ ଆକ୍ରୋଶ ପରିସ୍ଫୁଟ ହୋଇଅଛି । ବ୍ରାହ୍ମଣ ଜାତି କାଳକ୍ରମରେ ଧର୍ମଚ୍ୟୁତ ହୋଇଅଛି, ସ୍ୱୀୟ ମହନୀୟ ଆଦର୍ଶକୁ ଭୁଲିଯାଇ ଶୁଦ୍ରଙ୍କ ଅନୁଧାବନ କରିଅଛି । ସେଥିଲାଗି ବ୍ରାହ୍ମଣ ଯେ କେବଳ ଦାୟୀ ତାହା ନୁହେଁ, କାଳକବଳିତ ସମଗ୍ର ଭାରତୀୟ ମାନବଜାତି ଦାୟୀ, ମନୁଷ୍ୟର ଦୁର୍ବଳତା ଓ ସସୀମ ମନଃଶକ୍ତି ଦାୟୀ । କାଳକ୍ରମେ ସମାଜର ଶୃଙ୍ଖଳ ଭାଙ୍ଗି ଯାଇଅଛି । ବ୍ରାହ୍ମଣ ଆଜି ଦୀନ, ହୀନ, ହୃତସର୍ବସ୍ୱ, ଅନ୍ନଚିନ୍ତା ଗରିଷ୍ଠସୀ ହୋଇଅଛି ।

ଭୌତିକ ଜୀବନର ଅଭାବ ଅସୁବିଧା ମଧ୍ୟରେ ସେ ଆଧ୍ୟାତ୍ମିକ ଚିନ୍ତା କରିବାକୁ ସମୟ ଓ ସୁଯୋଗ ପାଇନାହିଁ । ଆଜିକାଲି ଅର୍ଥ ଓ ଭୋଗ ବିଳାସର ରାଜତ୍ୱ । ବ୍ରାହ୍ମଣ ସେସବୁ କେବେ ଅଭିଳାଷ କରି ନଥିଲା । ସେ ଦିଗରେ ତେଣୁ ତାହାର ଦୃଷ୍ଟି ଯାଇନାହିଁ । ତାହା ହୋଇଥିଲେ ଯେଉଁ ବ୍ରାହ୍ମଣ ଦିନେ ସମଗ୍ର ଭାରତ ଖଣ୍ଡରେ ପ୍ରାଧାନ୍ୟ ବିସ୍ତାର କରି ସଂସାରରୁ ଦୂରରେ ରହି ନିର୍ଜନରେ ତପସ୍ୟା କରିବାକୁ ଜୀବନର ଏକମାତ୍ର ଅବଲମ୍ବନ ମନେ କରିଥିଲା, ସେ ଆଜି ଦୀନହୀନ ବେଶରେ 'ଦେହି ଦେହି' ବୋଲି ବୁଲିବା ଦ୍ୱାରି ଦ୍ୱାରେ ଦ୍ୱାରେ ଲାଞ୍ଛିତ ହେଉ ନଥାନ୍ତେ । ଯେଉଁ ଦିନ ଭ୍ରାତୃ ବିବାଦ ଜନିତ ଅପରାଧରେ କଳୁଷିତ ହୋଇ ପବିତ୍ର ଆର୍ଯ୍ୟଭୂମି ଯବନର ଆଶ୍ରିତ ହୋଇଅଛି, ଯେଉଁ ଦିନ ଜୟଚନ୍ଦ୍ର ଦୁର୍ବଳତା ପ୍ରସୂତ ଈର୍ଷା ଜର୍ଜରିତ ହୋଇ ଭାରତକୁ ଇତସ୍ତତଃ ନିକ୍ଷେପ କରିଛି, ସେହିଦିନ ହୋଇଛି ଭାରତରେ ବିଶ୍ୱପଞ୍ଜର ଶେଷ ପୂର୍ଣ୍ଣାହୁତି । ପ୍ରଣବର ଝଙ୍କାର ଅଉନାହିଁ । ସେ ଆଦର୍ଶ ଅତୀତ ଗର୍ଭରେ ଲୀନ ହୋଇଛି । ରହିଅଛି କେବଳ ଧ୍ୱଂସାବଶେଷ ।

ଭାରତୀୟ ଧର୍ମଜୀବନ ମୋଟା ମୋଟି ଚାରିଭାଗରେ ବିଭକ୍ତ । ୧- ବୈଦିକଯୁଗ ୨- ବ୍ରାହ୍ମଣ୍ୟଯୁଗ ୩- ବୌଦ୍ଧଯୁଗ ୪- ଧର୍ମରେ ପରିବର୍ତ୍ତନ ଓ ବ୍ରାହ୍ମଣ୍ୟ ଯୁଗର ପୁନର୍ବୃତ୍ତି । ପ୍ରଥମତଃ, ବୈଦିକ ଯୁଗର ଏକାଧିକ ଦେବ-ଦେବୀର ଉପାସନା ପ୍ରଚଳିତ ଥିଲା । ଏତେବେଳକୁ ଭାରତରେ ଏକେଶ୍ୱର-ବାଦର ସତ୍ତା ମଧ୍ୟ ନାହିଁ । ତା ପରେ ବ୍ରାହ୍ମଣ ଜାତିର ଆଧିପତ୍ୟ ସଙ୍ଗେ ସଙ୍ଗେ

Digitized by srujanika@gmail.com

ଉପନିଷଦର ଉତ୍ପତ୍ତି । ଖ୍ରୀଷ୍ଟାବ୍ଦ ୬ଷ୍ଠ ଶତାବ୍ଦୀରେ ବୌଦ୍ଧଧର୍ମର ଆବିର୍ଭାବ ସଙ୍ଗେ ସଙ୍ଗେ ବ୍ରାହ୍ମଣର ଆଧିପତ୍ୟ ହ୍ରାସ ହେବାକୁ ଲାଗିଲା । କ୍ରମଶଃ ବୌଦ୍ଧ ଧର୍ମର ଅବସାନ ହୁଅନ୍ତେ ବହୁ ବାଧାବିଘ୍ନ ପରୀକ୍ଷିତ ସନାତନ ହିନ୍ଦୁଧର୍ମ ଉପନିଷଦ ଓ ବୌଦ୍ଧଧର୍ମର ସାରକଥା ଉପରେ ପ୍ରତିଷ୍ଠିତ ହୋଇ ଭାରତରେ ସାମାଜିକ, ରାଜନୈତିକ ଓ ଦୈନନ୍ଦିନ କାର୍ଯ୍ୟ ପ୍ରଣାଳୀ ଉପରେ ଶାଖା ପ୍ରଶାଖା ବିସ୍ତାର କରି ପଲ୍ଲବିତ ଉଠିଲା । ସେହିଦିନଠାରୁ ଧର୍ମକୁ ସୁବୋଧ ଓ ମନୋରମ କରିବା ଲାଗି ଅନେକ ଉତ୍ସବଭରା ପୂଜ୍ୟ ପର୍ବର ସୃଷ୍ଟି । ସେହିଦିନଠାରୁ ବାହ୍ୟିକ ଆଡ଼ମ୍ବରରେ ମନୁଷ୍ୟର ସାଧାରଣ ସୌନ୍ଦର୍ଯ୍ୟବୋଧ ଓ ଧୀଶକ୍ତିର ମୁହୂର୍ତ୍ତିକ ପାଇଁ ହେଲେହେଁ ତୃପ୍ତି ସାଧନ ଲାଗି ବିଭିନ୍ନ ଶକ୍ତି ଓ ଗୁଣ ସମ୍ଭୂତ ବୋଲି ବହୁବିଧ ଦେବଦେବୀ ଓ ଉପାସନା ବିଧି ଓ ପୂଜା ପଦ୍ଧତିର ଉତ୍ପତ୍ତି—ସେଥିଲାଗି ଅଦ୍ୟାବଧି ଆମ୍ଭେମାନେ ଦେଖିପାରୁ, ଭାରତର ଧର୍ମ ଜୀବନ ସଙ୍ଗେ ତାହାର ସାମାଜିକ, ରାଜନୈତିକ ଓ ଦୈନନ୍ଦିନ ଜୀବନର କାର୍ଯ୍ୟ ପ୍ରଣାଳୀ କେତେଦୂର ଘନିଷ୍ଠ ଭାବେ ସଂଶ୍ଳିଷ୍ଟ —ଏହାହିଁ ପ୍ରାଚ୍ୟର ପାଶ୍ଚାତ୍ୟ ସଭ୍ୟତା ଉପରେ ବୈଶିଷ୍ଟ୍ୟ । କିନ୍ତୁ ହାୟ ! ଅତୀତର ଆଶା ଭବିଷ୍ୟତରେ କୁଟିଳତା ଓ ତଥାକଥିତ ସାମ୍ୟବାଦ ମଧ୍ୟରେ ନିରାଶାରେ ପରିଣତ ହୋଇଛି । ତେଣୁ ବ୍ରାହ୍ମଣ ଜାତିର ଉଚ୍ଛେଦ ସାଧନ ବିନା ଭାରତର ଗତ୍ୟନ୍ତର ନାହିଁ ବୋଲି କେହି କେହି ପ୍ରକାଶ କରିବାକୁ ସୁବିଧା ପାଉଛନ୍ତି । ସେହି କାଳ ଏକା ଜଣେ ଜୀବନର ପରିଣତି କେଉଁଠାରେ ।

‘ରାମାନୁଜ’ ପ୍ରଣେତାଙ୍କ ଲେଖାରୁ ଜଣାପଡ଼େ ଯେପରି ଶଙ୍କରାଚାର୍ଯ୍ୟଙ୍କ ‘ସୋଽହଂ’ ପରବର୍ତ୍ତୀ ଭଣ୍ଡାମିର ପ୍ରଧାନ କାରଣ ଓ ରାମାନୁଜ ନିଜକୁ ଭଗବାନଙ୍କର ଦାସ ବୋଲି ପ୍ରଚାର କରି ସେ ଭଣ୍ଡାମିର ପ୍ରତିକାର କରିବା ସଙ୍ଗେ ସଙ୍ଗେ ସତ୍ୟର ଅତୁଳ ନିକଟବର୍ତ୍ତୀ ହୋଇଛନ୍ତି । ତେବେ କଣ ପ୍ରଣେତାଙ୍କର ପୂର୍ଣ୍ଣ ବିଶ୍ୱାସ ରାମାନୁଜଙ୍କର ବିଶିଷ୍ଟାଦ୍ୱୈତ ଭାରତରୁ କଳୁଷତା କାଢି ନେଇଛି ? ରାମାନୁଜ ମାନେ ଶୁଦ୍ଧ ପୂତ ଗଙ୍ଗାଜଳ ? ବାସ୍ତବିକ ସତ୍ୟ ନିର୍ଣ୍ଣାୟକ ହିସାବରେ ରାମାନୁଜ ମୋଟେ ତରିଲାଇ ପାରି ନାହାନ୍ତି । ସତ୍ୟ ଏକା ରାମାନୁଜ ନିଜକୁ ଭଗବାନଙ୍କର ଦାସ ବୋଲି ସ୍ୱୀକାର କରି ଭଗବାନଙ୍କ ସାନ୍ନିଧ୍ୟ ଲାଭ କରିଛନ୍ତି ମାତ୍ର । ସତ୍ୟ ଯଦି ଏକ, ଭଗବାନ ଯଦି ସତ୍ୟ, ତେବେ ସେ କଣ ? ଯେଉଁ ଧର୍ମ ବିଭିନ୍ନତାକୁ ଅଭିନ୍ନ କରିପାରିନାହିଁ, ଯେ ସତ୍ୟ ବାସ୍ତବତାକୁ ବିଶ୍ୱମୟ କରିପାରିନାହିଁ, ସେ କି ଧର୍ମ, ସେ କି ସତ୍ୟ ? କାଳକ୍ରମେ ସତ୍ୟର ଅପଳାପ ହୋଇପାରେ—ସେଥିଲାଗି ଅସତ୍ୟକୁ ସତ୍ୟକହି କି ଲାଭ ? ସେଥିରେ ମଧ୍ୟ କଣ ବିକୃତିର ଭୟନାହିଁ ? ‘ସୋଽହଂ’

Digitized by srujanika@gmail.com

ଅନନ୍ତବିଶ୍ୱର ପ୍ରତିବିମ୍ବ ମାତ୍ର । ଶ୍ରୀରାମକୃଷ୍ଣ ତାହା ପ୍ରାଣେ ପ୍ରାଣେ ଅନୁଭବ କରି ପାରିଥିଲେ ।

ତାହାହିଁ ସେ ଜଗତ ସମକ୍ଷରେ ପ୍ରଚାର କରିଥିଲେ । ସେତିକ ହେଲା ତାଙ୍କର ଧର୍ମ । ସତ୍ୟ ଅନୁଭବର ବସ୍ତୁ । ସଂପୂର୍ଣ୍ଣତଃ ତାହା ପ୍ରକାଶ କରିବାର କ୍ଷମତା ଭାଷାର ନାହିଁ । ଶ୍ରୀରାମକୃଷ୍ଣଙ୍କର ପ୍ରତିଭା ଯାହା ଜୀବନବ୍ୟାପି ସାଧନାର ଫଳରେ ଅନୁଭବ କରିପାରିଥିଲା, ତାହା କିପରି ସାଧାରଣ ମାନବ ଶ୍ରବଣ ମାତ୍ରେ ହୃଦୟଙ୍ଗମ କରି ନିଜସ୍ୱ କରିପାରେ ? ସେ ଯେ ପ୍ରାଣତନ୍ତ୍ରୀର ସ୍ପନ୍ଦନ—ସେ ଅମୃତ ଝଙ୍କାର ଅଣି ପାରିଥିଲା, ସେ ପ୍ରାଣ ନାହିଁ, କି ସେ ସ୍ପନ୍ଦନ ନାହିଁ । ବିଶ୍ୱ ସଙ୍ଗୀତର, ବିଶ୍ୱମୟୀ ତାନ କାହାକୁ କି ପ୍ରକାରେ ସ୍ପର୍ଶ କରେ, ତାହାର କଳନା ନାହିଁ । ପ୍ରାଣ ତାହାର ସାକ୍ଷୀ, ପ୍ରାଣ ତାହାର ବକ୍ତା, ପ୍ରାଣ ତାହାର ଶ୍ରୋତା, ପ୍ରାଣହୀନତା ଧ୍ୱଂସ । ତାହାହିଁ ଭାରତର ବର୍ତ୍ତମାନ ଅବସ୍ଥା ।

ପ୍ରତ୍ୟେକ ଯୁଗାବତାର ପ୍ରତ୍ୟେକ ସାମ୍ପ୍ରଦାୟିକ ଧର୍ମର କିଛି ନା କିଛି ସତ୍ୟ ନିହିତ ଅଛି । ଶୈବମାନଙ୍କର ଉଚ୍ଛେଦ ସାଧନକରି ବ୍ରାହ୍ମଣ ଜାତିକୁ ବିଲୋପ କରି ବୌଦ୍ଧଧର୍ମକୁ ଧ୍ୱଂସ କରି ମଧ୍ୟ ରାମାନୁଜ ଏକୁଟିଆ ତିଷ୍ଠିବେ କି ନାହିଁ ସନ୍ଦେହ । ସତ୍ୟର ଉଚ୍ଛେଦ ସାଧନ ଅସମ୍ଭବ । ଶୈବର ମଧ୍ୟ ମୁକ୍ତି ଅଛି । ଶକ୍ତି ବିଶ୍ୱବ୍ୟାପୀ ନୁହେଁ, ବିଶ୍ୱ-ସ୍ୱୟଂ ଶିବ । ମୋଟ ଉପରେ ଏ ଯୁଗାବତାର ଓ ମତାନ୍ତର ମୋଟେ ସ୍ପର୍ଶ କରିପାରିନାହିଁ--ଯେଉଁ ସତ୍ୟ ସେ ଅନୁଭବ କରୁ । ହୃଦୟରେ ବିଶ୍ୱକୁ ଅନୁଧ୍ୟାନ କରି ଆପେ ଆପେ ମନୁଷ୍ୟ ଅନୁଭବ କରୁ ସତ୍ୟ କଣ ? ମୁକ୍ତି କାହିଁ ? ଅନ୍ଧପରି ଅନ୍ୟର ମତ ଅବଲମ୍ବନ କରି ଯଦି ଶାନ୍ତି ମୁକ୍ତି ସମ୍ଭବପର ହୋଇ ଥାଆନ୍ତା, ତାହା ହେଲେ ମନୁଷ୍ୟର ଦୁଃଖ ଦୈନ୍ୟ ଅନେକ ଦିନୁ ଉଭେଇ ଯାଆନ୍ତାଣି । ଧର୍ମ ସ୍ୱୟଂ ସତ୍ୟନୁହେଁ । ସତ୍ୟ କାହାର କାହାପ୍ରତି ଦାନନୁହେଁ, ସତ୍ୟ ଅନ୍ତରର ଜ୍ୟୋତି; ବ୍ୟକ୍ତିଗତ ଜୀବନର ସାଧନା ଓ ତପସ୍ୟା-ଜନିତ ଅନନ୍ତ ବିଶ୍ୱର ପ୍ରତିବିମ୍ବ ମାତ୍ର ।

ଅନାୟାସ ଲବ୍ଧ ସତ୍ୟର ବିଡ଼ମ୍ବା ହିନ୍ଦୁ ଧର୍ମର ଗୋଟିଏ ଭୀଷଣ ଦୁର୍ବଳତା, ଏଥିପାଇଁ ହିନ୍ଦୁର ଅନୁକରଣ ପଟୁତା ହିଁ ଦାୟୀ । ଅନୁକରଣ ଠାରୁ ବଳି ମନୁଷ୍ୟର ଆଉ ଗୁରୁତର ବ୍ୟାଧି ଅଛି କି ନା ସନ୍ଦେହ । ଅନୁକରଣ କରିବା ଅର୍ଥ ନିଜତ୍ୱ ହରାଇ ପରର ଅନୁସରଣ କରିବା । ସମସ୍ତ ମନୁଷ୍ୟର ଶକ୍ତି, ପ୍ରକୃତି ଓ ଗତି ସମାନ ନୁହେଁ, ହେବା ଅସମ୍ଭବ । ଏପରି ସ୍ଥଳେ ପ୍ରତ୍ୟେକ ମନୁଷ୍ୟ

Digitized by srujanika@gmail.com

ନିଜର ଶକ୍ତି ଓ ସାମର୍ଥ୍ୟ ଅନୁଯାୟୀ ଜୀବନକୁ ନିୟନ୍ତ୍ରିତ କରୁ । ଯଥାଶକ୍ତି ଦାନ ହିଁ ମନୁଷ୍ୟର ଶ୍ରେଷ୍ଠତମ ଦାନ । ସମସ୍ତେ ଯେ ଶଙ୍କର କି ରାମାନୁଜ ହେବେ, ତାହା ନୁହେଁ । ସମସ୍ତେ ଯଦି ଶଙ୍କର କି ରାମାନୁଜ ହୁଅନ୍ତି, ତାହାହେଲେ ଶଙ୍କର ବା ରାମାନୁଜଙ୍କର ଆବିର୍ଭାବ ହେବାର ଆବଶ୍ୟକତା ନ ଥିଲା । ସମସ୍ତେ ଯଦି ବୁଦ୍ଧଙ୍କ ପରି ପ୍ରାଣପ୍ରତିମ ପତ୍ନୀକୁ ସଂସାରର ଦୁଃଖ ଦୈନ୍ୟ ମଧ୍ୟରେ ଛାଡ଼ିଦେଇ ସନ୍ନ୍ୟାସୀ ହୁଅନ୍ତି, ତାହାହେଲେ ଦିନେ ପୁଣି ସେହି ବୁଦ୍ଧଙ୍କୁ ସଂସାରକୁ ଫେରି ଆସିବାକୁ ପଡ଼ିବ । ତେଣୁ ବ୍ରାହ୍ମଣ ସାଧାରଣ ଜୀବନକୁ ନିୟନ୍ତ୍ରିତ କରିବା ଲାଗି ଆଶ୍ରମର ବ୍ୟବସ୍ଥା କରିଥିଲା । ହିନ୍ଦୁ, ବିଶେଷତ ବ୍ରାହ୍ମଣ, ସସୀମ ଜୀବନ କଳ୍ପନା କରିପାରି ନାହିଁ, ହିନ୍ଦୁର ଜୀବନ ପ୍ରଣାଳୀ ଏ ସସୀମ ଜୀବନର ମଙ୍ଗଳାମଙ୍ଗଳ ପ୍ରତି ବିଶେଷ ମମତା ନରଖି ଅସୀମ ଜୀବନର ଶାନ୍ତି ବିଧାନ କରିବାକୁ ପ୍ରୟାସ କରିଥିଲା । କାଳକ୍ରମେ ସେସବୁ ଲୋପ ହୋଇଛି ସତ୍ୟ । ଏଥିଲାଗି ବ୍ରାହ୍ମଣର କି ଅପରାଧ ବ୍ୟାକୁଳ ଧର୍ମ ଓ ସମାଜ-ସଂସ୍କାରକ ଅତୀତର ଇତିବୃତ୍ତିକୁ ଗବେଷଣା କରୁ । ବର୍ତ୍ତମାନର କଳୁଷତା ଦୂରକରୁ । ଏକାବେଳେ ଅତୀତର ଉଚ୍ଛେଦ ସାଧନ କରି କିଛି ଲାଭନାହିଁ । ଏସବୁ ଅନୁଧ୍ୟାନ କରିବା ପୂର୍ବରୁ ଆମ୍ଭେମାନେ ନିଜକୁ ଗୋଟିଏ ଐତିହାସିକ ଶିଳ୍ପପରି ଯୁଗ ଯୁଗାନ୍ତର କ୍ରମବିକାଶ ସଙ୍ଗେ ମିଶାଇ ଦେବା ଉଚିତ । କାଳ ଯେ ବର୍ଦ୍ଧିଷ୍ଣୁ । କାଳ ଯେ କ୍ରମ ବିକାଶମୟ ବିଶ୍ୱର ନିଦର୍ଶନ ମାତ୍ର ।

ପ୍ରତିଭା, ସମାଜ, ଧର୍ମ, ରାଜନୀତି ଏ ସମସ୍ତର ବହିର୍ଦେଶରେ,—ପ୍ରତିଭା ସମାଜଚ୍ୟୁତ, ଧର୍ମଚ୍ୟୁତ । ତାହା ପ୍ରତି ରାଜା ନାହିଁ, ତାର ଶାସନ ନାହିଁ, ସେ ସ୍ୱୟଂ ତାହାର ନିୟନ୍ତା, ସ୍ୱୟଂ ସେ ତାହାର ଶାସକ, ସାମୟିକ ଛନ୍ଦ ବନ୍ଧନ ତାହାକୁ ସ୍ପର୍ଶକରି ପାରେ ନାହିଁ ।

ତେଣୁ ଦୁଃଖର ଆଦର୍ଶ ଆଦର୍ଶ ନୁହେଁ । ଆଦର୍ଶ ଜଗତରେ ନାହିଁ, ଯାହା ଅଛି ସବୁ ଆଦର୍ଶର ଛାୟା--ଧର୍ମର ବିଶେଷ ଗୋଟିଏ ମୂଲ୍ୟ ଥିଲା ପରି ମୋର ମନେହୁଏ ନାହିଁ । ପାରମ୍ପରିକ ଧର୍ମ କାଳକ୍ରମରେ ମୂଢ଼ତାରେ ପରିଣତ ହେବା ସ୍ୱାଭାବିକ, କାରଣ ତାହା ପ୍ରାଣକୁ ସ୍ପର୍ଶ କରିପାରେନାହିଁ । ବାସ୍ତବିକ ଭଗବାନ ଯଦି କେହି ଥାଆନ୍ତି ଓ ତାଙ୍କୁ ଜାଣିବା ମନୁଷ୍ୟର ଯଦି ବାଞ୍ଛନୀୟ, ତାହାହେଲେ ସେ ଦିନେ ନିଶ୍ଚୟ ତାହା ଜାଣିପାରିବ । ଆବଶ୍ୟକ ହେଲେ, ସେ ନିଜେ ସାରା ବିଶ୍ୱକୁ ଆନ୍ଦୋଳିତ କରି ପକାଇବ । ସେ ଦୁର୍ଗତକର୍ମରୁ ବାହାରିବ ତାହାର ଶକ୍ତି-- ସେହି ହେବ ତାହାର ଦେବୀ, ଆଶା ଓ ଆଶ୍ୱାସନା । ମନୁଷ୍ୟ ଠିକ ଶିଖୁ—ଭଗବାନ

Digitized by srujanika@gmail.com

ଅଛନ୍ତି କି ନାହିଁ, ମନୁଷ୍ୟର ତାଙ୍କ ସହିତ କି ସମ୍ପର୍କ ? ଏ ପ୍ରଶ୍ନର ଉତ୍ତର ଅଯାଚିତ ଭାବରେ ମନୁଷ୍ୟର ଜୀବନରେ ସ୍ୱତଃ ଯଦି ମିଳେ ନାହିଁ, ତାହାହେଲେ ଏ ଦାନର ମୂଲ୍ୟ କଣ ? ଅନାବଶ୍ୟକ ଏ ଚିଜର ସ୍ଥାନ ବା କାହିଁ ?

ଆଧୁନିକ ଉଚ୍ଛୃଙ୍ଖଳତା ଓ ବିଶୃଙ୍ଖଳା ମଧ୍ୟରେ ଭାରତ ଯଦି ପୁଣି ଥରେ ପଛକୁ ଫେରି ଯାଇ ନପାରେ, ଯିବା ମଧ୍ୟ ଅସମ୍ଭବ, ତାହାହେଲେ ପ୍ରତ୍ୟେକ ଚିନ୍ତାଶୀଳ ଭାରତୀୟ ନେତାର କର୍ତ୍ତବ୍ୟ ଧର୍ମକୁ ସମାଜନୀତି ଓ ରାଜନୀତିଠାରୁ ସମ୍ପୂର୍ଣ୍ଣ ପୃଥକ କରି ରଖିବା । ଧର୍ମ ଏବେ ଚୁଲିକୁ ଯାଉ । ଆମ୍ଭେମାନେ ଚାହୁଁ ଭୌତିକ ଜୀବନର ଆତ୍ମ ପ୍ରସାଦ, ସେଥିଲାଗି ଲୋଡ଼ା ଅର୍ଥ--ଯାହାକଲେ ମିଳିବ ଅର୍ଥ, ତାହାହିଁ ଆମର ଧର୍ମ, ତାହାହିଁ ଏ ଯୁଗର ମୁକ୍ତି । ଭଗବାନ ତାଙ୍କ କଥା ସେ ବୁଝନ୍ତୁ । ମଲାପରେ ସବୁ ଯେ ସମାନ । ସାମ୍ୟ ସଂସ୍ଥାପକ ଶ୍ମଶାନ ଭୂମି ଉପରେ ମନୁଷ୍ୟ ତାହା ଜୀବନର ପୂର୍ଣ୍ଣାହୁତି ଦେଉ । ସେ ବି ଏକ ଧର୍ମ । ତେବେ ରାମାନୁଜ କଣ କରିବେ ? କିଏ ବା କଣ କରିବ ? ଭାଇ ! ହୃଦୟର ପ୍ରସାର ଲାଗି ଅବ୍ରାହ୍ମଣ—ଚଣ୍ଡାଳ ଦିନେ ଏକାଠି ହୋଇ ପରସ୍ପରକୁ ଯଦି ଆଲିଙ୍ଗନ କରନ୍ତି, ତାହା ହେଲେ ବି କଣ ଭାରତର ଦୁର୍ଦ୍ଦିନ ଘୁଞ୍ଚିଯିବ ? ଶଙ୍କରାଚାର୍ଯ୍ୟ ଧୋବଘରୁ ମଣ୍ଡା ଖାଇ ପାରି କରି ପାରନ୍ତି, ଆମେମାନେ ମଧ୍ୟ ପାରିବା । କିନ୍ତୁ ଆମେମାନେ ତାଙ୍କ ପରି କଂସାରି ଘରୁ ରଙ୍ଗ ମଧ୍ୟ ପିଇ ପାରିବା ତ ? ରାମାନୁଜ ଅବା ନିଜକୁ ଭଗବାନଙ୍କର ଦାସ ବୋଲି ଭାବି ଅବ୍ରାହ୍ମଣ – ଚଣ୍ଡାଳ ଆଲିଙ୍ଗନ କରି ପାରନ୍ତି । ତୁମେ ଆମେ କରି ପାରିବା କି ? ରାମାନୁଜଙ୍କ ପରି 'ନମୋ ନାରାୟଣ' କହି ତିଳକ କାଟିବା ପୂର୍ବରୁ ନିଜେ ରାମାନୁଜ ହେବା ଉଚିତ । ହେଇଟା ପୁଣି ଅସମ୍ଭବ । ଏକଥା କଣ ସମସ୍ତେ ଭୁଲିଗଲେ ?

ଏପରି ଅବସ୍ଥାରେ କର୍ମ ମାର୍ଗ ହିଁ ପ୍ରଶସ୍ତ । ସାଧାରଣ ମନୁଷ୍ୟ କାଳକୁ ଅତିକ୍ରମ କରି ଯାଇପାରେ ନାହିଁ । ସେ ସ୍ୱୀୟ ଜୀବନର ଲକ୍ଷ୍ୟ ସ୍ଥିର କରୁ । ସମାଜର ସେଥିରେ କିଛି କହିବାର ନାହିଁ କି କରିବାର ନାହିଁ । ସମାଜର ଆତ୍ମପ୍ରସାଦ ସହିତ ବ୍ୟକ୍ତିଗତ ଜୀବନର ଯଦି କୌଣସି ସଂଘର୍ଷଣ ହୁଏ, ତାହାହେଲେ ବଳୀୟାନ ଜୟଶୀଳ ହେବ । ସେହି ହେବ ଉପଯୁକ୍ତ ସଂସ୍କାର ।

ପ୍ରାଚୀନ ଭାରତର ଆଦର୍ଶ ଠାରୁ ଆଧୁନିକ ଜଗତର ଆଦର୍ଶ ଓ ଗତି ସମ୍ପୂର୍ଣ୍ଣ ପୃଥକ୍ । ତେଣୁ ହୁଏତ ଆଧୁନିକ ଆଦର୍ଶ ଏକାବେଳକେ ବିତାଡ଼ିତ

Digitized by srujanika@gmail.com

କରିବାକୁ ହେବ—ନଚେତ୍ ଆଧୁନିକ ଯୁଗର ପ୍ରବାହରେ ଜୀବନକୁ ଭସାଇ ଦେବାକୁ ହେବ । ଆଦର୍ଶ ଅନୁଯାୟୀ ଗଢ଼ ନିର୍ଣ୍ଣୟ କରିବା ଆତ୍ମ-ପ୍ରତାରଣା ନୁହେଁ ।

ଜୀବନର ଚରନ୍ତନ ପ୍ରଶ୍ନ ଏକ, ତାହାର ଉତ୍ତର ମଧ୍ୟ ଏକ । କିନ୍ତୁ ସେହି ଗୋଟିଏ ପ୍ରଶ୍ନର ବହୁବିଧ ଉତ୍ତର ଦିଆଯାଇଅଛି । ତନ୍ମଧ୍ୟରୁ କେଉଁଟି ଠିକ୍, ସେ ବିଷୟରେ ତର୍କ କରିବାର ସ୍ଥାନ ଏ ନୁହେଁ ! ରାମାନୁଜଙ୍କର ମନ ଭୁଲ୍ ହେଉ କି ଠିକ୍ ହେଉ, ସେଥି ମଧ୍ୟରୁ ଗୋଟିଏ ଓ ତାହା ତାଙ୍କର ଉତ୍ତର, ତାଙ୍କର ପ୍ରାଣର ଉତ୍ତର ତାଙ୍କ ପ୍ରାଣର ପ୍ରଶ୍ନ ସଙ୍ଗେ ଜଡ଼େଇ ଯାଇଛି ।"

ତତ୍ପରେ 'ପୁରୀ ବାଂଶୀରେ'ରେ ନିମ୍ନଲିଖିତ ସମ୍ପାଦକୀୟ ସମାଲୋଚନା ପ୍ରକାଶିତ ହେଲା:—ପୁରୀ—ମଙ୍ଗଳବାର, ନଭେମ୍ବର, ୨୦ ତାରିଖସନ ୧୯୨୮ ମସିହା—

'ରାମାନୁଜ' ସମାଲୋଚନା—

ଏମାର ମଠ ଚେଲା ଶ୍ରୀଯୁକ୍ତ ରାମକୃଷ୍ଣ ରାମାନୁଜ ଦାସ 'ରାମାନୁଜ' ପୁସ୍ତକ ଖଣ୍ଡି ସମାଲୋଚନା ସକାଶେ ଉପହାର ଦେଇ ଅଛନ୍ତି । ଏଥିଲାଗି ସେ ଧନ୍ୟବାଦର ପାତ୍ର । 'ରାମାନୁଜ' ପ୍ରଣେତା ଶ୍ରୀଯୁକ୍ତ ଶରତଚନ୍ଦ୍ର ଜଣେ ଉଚ୍ଚ ଶିକ୍ଷିତ ଲୋକ । ରାମାନୁଜ ପୁସ୍ତକର ଭାଷା ବିନ୍ୟାସ ଉତ୍ତମ ଓ ତହିଁରୁ ତାଙ୍କର ଯଥେଷ୍ଟ ଅଧ୍ୟବସାୟର ପରିଚୟ ମିଳେ । ଅମ୍ଭେମାନେ ପୁସ୍ତକ ଖଣ୍ଡିକୁ କୌଣସି ସାମ୍ପ୍ରଦାୟିକ ଦୃଷ୍ଟିରୁ ନଦେଖି ପ୍ରଣେତା ଯେ ଭାବରେ ଏ ପୁସ୍ତକ ଖଣ୍ଡି ଲେଖି ଅଛନ୍ତି, ତାହାର ପୂର୍ଣ୍ଣତା ଲାଗି ସେ କେତେଦୂର କୃତକାର୍ଯ୍ୟ ହୋଇ ଅଛନ୍ତି, କେବଳ ଏହାହିଁ ଦେଖିବାକୁ ଯାଇଅଛୁ । ପୁସ୍ତକର ଭୂମିକାରେ ପ୍ରଣେତା ରାମାନୁଜଙ୍କୁ ଏକ ମହାପୁରୁଷ ବୋଲି ବର୍ଣ୍ଣନା କରିଅଛନ୍ତି ଓ ଏହି ଭାବରେ ଉତ୍କର୍ଷତା ଦେଖାଇବାକୁ ସେ ପୁସ୍ତକରେ ସର୍ବଦା ଚେଷ୍ଟା କରିଅଛନ୍ତି, କିନ୍ତୁ ଉକ୍ତ ପୁସ୍ତକର ଚତୁର୍ଦ୍ଦଶ ପରିଚ୍ଛେଦ ଶେଷରେ ସେ ଲେଖି ଅଛନ୍ତି ଯେ "କଥିତ ଅଛି ଜଗନ୍ନାଥ ଦେବ ଅର୍ଚ୍ଚକ ମାନଙ୍କର ପ୍ରାର୍ଥନା ଫଳରେ ରାମାନୁଜଙ୍କୁ ନିଦ୍ରିତ ଅବସ୍ଥାରେ ପୁରୀ କ୍ଷେତ୍ରରୁ ଶତ ଯୋଜନ ଦୂରରେ କୂର୍ମ କ୍ଷେତ୍ରରେ ନିକ୍ଷେପ କରିଥିଲେ ।" ପ୍ରଣେତା ଉକ୍ତ ଉକ୍ତିର ସତ୍ୟତା ବା ଅସାରତା ପ୍ରମାଣ କରିବାକୁ ଯାଇ ନାହାନ୍ତି । କିମ୍ବଦନ୍ତୀ ଯଦି ସତ୍ୟହୁଏ, ତେବେ ରାମାନୁଜଙ୍କୁ ମହାତ୍ମା ବୋଲି ବିଶ୍ୱାସ କରିବା କଷ୍ଟକର । କାରଣ ଧର୍ମଗତ ଭେଦ ସତ୍ତ୍ୱେ ପ୍ରାୟ ସମସ୍ତ ହିନ୍ଦୁ

Digitized by srujanika@gmail.com

ସମ୍ପ୍ରଦାୟ ଜଗନ୍ନାଥଙ୍କୁ ପରମେଶ୍ୱର ବୋଲି ବିଶ୍ୱାସ କରନ୍ତି ଓ ପ୍ରତ୍ୟେକ ଅଂଶାବତାର ବା ଅବତାରକୁ ସେହି ଜଗନ୍ନାଥଙ୍କର ରୂପାନ୍ତର ବୋଲି ଭାବନ୍ତି । ମହାତ୍ମାମାନଙ୍କ ମଧ୍ୟରେ ସେହି ଐଶୀ ଶକ୍ତିର ବିଶେଷ ବିକାଶ ହେତୁ ସେମାନଙ୍କୁ ଅଂଶାବତାର ମଧ୍ୟରେ ନିଆଯାଏ ଓ ସେମାନଙ୍କ କାର୍ଯ୍ୟ ଭଗବାନଙ୍କ ଅଭିପ୍ରେତ ବୋଲି ଲୋକେ ବୁଝନ୍ତି । ମାତ୍ର ଉକ୍ତ କିମ୍ବଦନ୍ତୀରୁ ବୁଝାଯାଏ, ଯେପରିକି ରାମାନୁଜଙ୍କର ସେତେବେଳର ସଂସ୍କାରର ଭଗବାନ ଜଗନ୍ନାଥ ବିରୋଧୀ ଥିଲେ । ତା ନହୋଇଥିଲେ ସେ ରାମାନୁଜଙ୍କୁ ଫିଙ୍ଗି ନଦେଇ ବରଂ ତାଙ୍କ କାର୍ଯ୍ୟରେ ସହାୟତା କରିଥାନ୍ତେ । ତେଣୁ ପ୍ରଣେତା ଏ ପ୍ରବାଦର ସାରବତ୍ତା କେତେଦୂର, ତାହା ପ୍ରମାଣ କରିଥିଲେ ଭଲ ହୋଇଥାନ୍ତା । ଦ୍ୱିତୀୟତଃ ଉକ୍ତ ୧୪ଶ ପରିଚ୍ଛେଦରେ ଏମାର ମଠର ଜନ୍ମ ତତ୍ତ୍ୱ ପ୍ରକାଶିତ ହୋଇଅଛି । ତେଣୁ ଏ ପୁସ୍ତକରେ ଧର୍ମ ତତ୍ତ୍ୱ, ସାହିତ୍ୟ ଓ ଇତିହାସ ତିନିକଥା ଏକାଧାରରେ ସନ୍ନିବିଷ୍ଟ ହୋଇ ପୁସ୍ତକର ମର୍ଯ୍ୟାଦା ବୃଦ୍ଧି କରୁଅଛି । ମାତ୍ର ଏମାର ମଠ ବିଷୟକ ଲେଖାଟିଏ ଅପୂର୍ଣ୍ଣ ହେଲପରି ବୋଧ ହେଲା । ଏହା ଏକ ଐତିହାସିକ ବିଷୟ । ପ୍ରଣେତା ଯେ ସବୁ ପୁସ୍ତକ ବା ପ୍ରକୃତତତ୍ତ୍ୱର ବଳରେ ଏ କଥାକୁ ସତ୍ୟ ବୋଲି ଏ ପୁସ୍ତକରେ ପ୍ରତିଷ୍ଠିତ କରିଅଛନ୍ତି, ତାହା ଉକ୍ତ ପୁସ୍ତକରେ ପ୍ରମାଣ ସ୍ୱରୂପ ଦେଇଥିଲେ ମନ୍ଦ ହୋଇ ନଥାନ୍ତା । ଏହାଛଡ଼ା ପୁସ୍ତକ ଖଣ୍ଡି ଯେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଆଦରଣୀୟ ଓ ରାମାନୁଜୀମାନଙ୍କର ଏକ ଆଦରର ଧନ, ଏହା ବୋଲିବା ବାହୁଲ୍ୟ ମାତ୍ର । ପୁଣି ଏମାର ଚେଲା ଶ୍ରୀଯୁକ୍ତ ରାମକୃଷ୍ଣ ରାମାନୁଜ ଦାସ ଏ ପୁସ୍ତକର ପ୍ରକାଶକ । ତାଙ୍କର ସାଧାରଣ କାର୍ଯ୍ୟରେ ଏ ଅନୁରାଗ ଉତ୍ତରୋତ୍ତର ବୃଦ୍ଧି ହେଲେ ଆମ୍ଭେମାନେ ସୁଖୀହେବୁ ।''

ପୁଣିଥରେ 'ଶ୍ରୀ'—ଛଦ୍ମବେଶୀ ନାମଧାରୀ ଜଣେ ପାଠକ 'ରାମାନୁଜ' ପୁସ୍ତକ ଖଣ୍ଡିକୁ ନିମ୍ନଲିଖିତ ଭାବରେ ସେହି 'ପୁରୀବାସୀ'ରେ ସମାଲୋଚନା କରିଥିଲେ —

ପୁରୀ—୧୮ ତାରିଖ, ଡ଼ିସେମ୍ବର ୧୯୨୧ ମସିହା

—ପୁଣିଥରେ 'ରାମାନୁଜ'

ଶ୍ରୀଯୁକ୍ତ ରାମକୃଷ୍ଣ ରାମାନୁଜ ଦାସଙ୍କ ସାହାଯ୍ୟରେ ପ୍ରକାଶିତ, ବାବୁ ଶରତ ଚନ୍ଦ୍ରଙ୍କ ପ୍ରଣୀତ 'ରାମାନୁଜ' ଗୋଟିଏ ଅସାଧାରଣ ଓ ନୂତନ ପ୍ରଣୟନ । ରାମାନୁଜଙ୍କର ଚରିତ୍ର ଚିତ୍ରଣ ପ୍ରଣେତାଙ୍କର ଉଦ୍ଦେଶ୍ୟ ହେଲେ ମଧ୍ୟ ସେ ମହତ୍ତ୍ୱକୁ

Digitized by srujanika@gmail.com

ମହାସ୍ନାନ କରିବାକୁ ଯାଇ ତାଙ୍କ ଅନ୍ତରରେ ନୀଚତା ଆରୋପଣ କରିଛନ୍ତି । ଇତିହାସର ମଧ୍ୟ ଅନ୍ୟଥା ହୋଇଛି । କ୍ରମରେ ଭ୍ରମର ସଂଶୋଧନ ହୋଇଛି ମାତ୍ର । ଦ୍ରାବିଡ ଭାଷାରେ ଗୋବିନ୍ଦର ଅର୍ଥ ଏମାର ହେଲେ ମଧ୍ୟ ଗୋବିନ୍ଦ ରାମାନୁଜଙ୍କର ପ୍ରିୟଶିଷ୍ୟ ହେଲେ ମଧ୍ୟ ଏମାର ମଠ ରାମାନୁଜଙ୍କ ସମସାମୟିକ ନୁହେଁ—ବରଂ ମରହଟ୍ଟା ରାଜତ୍ୱ କାଳର—କାହିଁ ରାମାନୁଜଙ୍କର ଜନ୍ମ, କାହିଁ ଅବା ଏମାର ମଠର ଉଦ୍‌ବର୍ତ୍ତନ । ଅର୍ଦ୍ଧ ସହସ୍ର ବର୍ଷର ବ୍ୟବଧାନ ଏତେଶୀଘ୍ର ଓ ସହଜରେ ସଂଶୋଧିଦେବା ହୁଏତ ଧୃଷ୍ଟତା ନଚେତ୍ ସ୍ୱାର୍ଥପରତା । ବାସ୍ତବିକ ଏମାର ମଠର ଜନ୍ମ ପ୍ରାୟ ୨୦୦ ବର୍ଷ ହେଲା । ରାମାନୁଜ ଦ୍ୱାଦଶ ଶତାବ୍ଦୀର ଯୋଗ ଜନ୍ମା । ମାଦଳା ପାଞ୍ଜି ଓଡ଼ିଶାର ଇତିବୃତ୍ତି । ତହିଁରୁ ସ୍ପଷ୍ଟ ଜଣାଯାଏ ଯେ ପ୍ରାୟ ୨୦୦ ବର୍ଷ ପୂର୍ବେ ଏମାର ନାମଧେୟ ଜଣେକ ବାବାଜୀ ମନ୍ଦିରର ପେଜନଳା ନିକଟରେ ଗୋଟିଏ ଛତା ପକାଇ ଭିକ୍ଷା କରୁଥିଲେ । ଏହି ଭିକ୍ଷାର ପରିପୂର୍ତ୍ତି ତାଙ୍କର ନାମଧାରୀ ଦେଦୀପ୍ୟମାନ ଏହି ଏମାର ମଠ ।

ଶଙ୍କରାଚାର୍ଯ୍ୟ ଅଦ୍ୱୈତବାଦୀ । ରାମାନୁଜ ମଧ୍ୟ ପ୍ରଥମରେ ଅଦ୍ୱୈତବାଦୀ ଥିଲେ । କିନ୍ତୁ ମୁସଲମାନ ରାଜତ୍ୱରେ ଯେତେବେଳେ ବୈଦିକ ସନାତନ ହିନ୍ଦୁ ଧର୍ମର ପ୍ରାଧାନ୍ୟ କ୍ରମଶଃ ହ୍ରାସ ହେବା ସଙ୍ଗେ ସଙ୍ଗେ ଧର୍ମରକ୍ଷା ଲାଗି ତାନ୍ତ୍ରିକତାର ଆଦର ପ୍ରସର ଉଠିଲା, ସେତେବେଳେ ଜନ୍ମ ରାମାନୁଜଙ୍କର । ମୁସଲମାନ ରାଜତ୍ୱର ଯେତେବେଳେ ହିନ୍ଦୁଧର୍ମ ଉପରେ ଦାରୁଣ ଅତ୍ୟାଚାର ଆରମ୍ଭହୁଏ, ହିନ୍ଦୁ ସମାଜର ନିମ୍ନ ଦେଶରୁ ଯେତେବେଳେ ମୁସଲମାନ କବଳରେ ପ୍ରବେଶ କରି ହିନ୍ଦୁ ଧର୍ମକୁ କ୍ଷୀଣ ଓ ଦୁର୍ବଳ କରିବାର ପ୍ରୟାସ କରେ, ସେତେବେଳେ ରାମାନୁଜ ସ୍ୱୟଂ ଅଦ୍ୱୈତବାଦୀ ହେଲେ ମଧ୍ୟ ତାନ୍ତ୍ରିକତାର ଆଶ୍ରୟ ନେଇଥିଲେ, କେବଳ ଜନମନ ରଞ୍ଜନ ଲାଗି । ଶଙ୍କରାଚାର୍ଯ୍ୟଙ୍କ ପରେ ରାମାନୁଜଙ୍କର ଜନ୍ମ । ଶଙ୍କରାଚାର୍ଯ୍ୟ ଆଦୌ ତାନ୍ତ୍ରିକ ନୁହନ୍ତି, ରାମାନୁଜ ପରମ ତାନ୍ତ୍ରିକ । କେବଳ ରାମାନୁଜ କାହିଁକି, ତାଙ୍କ ପରବର୍ତ୍ତୀ ସମସ୍ତ ଧର୍ମ ତନ୍ତ୍ର ଉପରେ ପ୍ରତିଷ୍ଠିତ । ଏମାରଙ୍କର ଭିତ୍ତି 'ନାରଦୀୟ ପଞ୍ଚରାତ୍ର'—ବେଦ ବା ଶ୍ରୁତି ନୁହେଁ । ରାମାନୁଜ ବୈଷ୍ଣବ, ମୂଳତଃ ବ୍ରାହ୍ମଣମାନେ ମଧ୍ୟ ପଞ୍ଚଦେବୋପାସକ ବୈଦିକ ଧର୍ମାବଲମ୍ବୀ ବୈଷ୍ଣବ । ରାମାନୁଜ ମାଧ୍ୱ ପ୍ରଭୃତି ଭିନ୍ନ ଭିନ୍ନ ସାମ୍ପ୍ରଦାୟିକ ଧର୍ମର ସୃଷ୍ଟି କେବଳ ମୁସଲମାନ କବଳରୁ ହିନ୍ଦୁ ଧର୍ମକୁ ରକ୍ଷା କରିବାଲାଗି । ସେମାନଙ୍କର ଉଦ୍ଦେଶ୍ୟ ଆଧୁନିକ ସାମ୍ପ୍ରଦାୟିକ ପଣ୍ଡିତମାନଙ୍କ ପରି କଳୁଷିତ ନଥିଲା । ପରେ ଏକା ଏ ଭେଦାଭେଦର ସୃଷ୍ଟି, ପରେ ଏକା ଏ ଆତ୍ମଜିଗୀଷାର ଆବିର୍ଭାବ । 'ଦୁର୍ବଳ

Digitized by srujanika@gmail.com

ଚଟପଟିକା' ଗ୍ରନ୍ଥରୁ ଜଣାଯାଏ ଯେ ପରବର୍ତ୍ତୀ ସାମ୍ପ୍ରଦାୟିକ ପଣ୍ଡିତମାନେ ସ୍ୱୀୟ ଆତ୍ମାଭିମାନବଶତଃ ଏପରି ସାମ୍ପ୍ରଦାୟିକ କଦର୍ଯ୍ୟତାର ପ୍ରତିବାଦ କରିଥିବା ଉଲ୍ଲେଖ ଅଛି । ଏହାଙ୍କର ମତ ଖଣ୍ଡନ ଲାଗି ବେଦାନ୍ତସୂତ୍ର ବଳିପଣିକର । ଏଠାରେ ଅବଶ୍ୟ ମୁଁ ଏମାନଙ୍କ ମତ ଖଣ୍ଡନ କରିବାକୁ ଇଚ୍ଛା କରିନାହିଁ । କେବଳ ଏମାନଙ୍କର ପତିତ ପରମ୍ପରା ନିରୂପଣ କରିବା କହିଁକି କର୍ତ୍ତବ୍ୟ ବୋଲି ବିଶ୍ୱାସ କରିଅଛି । ରାମାନୁଜଙ୍କ ଠାରୁ ଆରମ୍ଭ କରି ଏମାନେ ସମସ୍ତେ ଶୁଦ୍ର । "ବନ୍ଦି ସ୍ୱ ସୂର୍ପମ ବିଚରିର ଯୋଗୀ । '(ଶ୍ରୀନିବାସ ଦୀପିକା)"—ଏ ବାକ୍ୟରୁ ଜଣାଯାଏ ଯେ ଏମାନଙ୍କ ମଧ୍ୟରେ ନୀଚ ଜାତିର ଲୋକମାନେ ମଧ୍ୟ ଆଶ୍ରୟ ନେଇଥିଲେ । ଆହୁରି ଆଶ୍ଚର୍ଯ୍ୟର ବିଷୟ ଏମାନଙ୍କ ମଧ୍ୟରୁ କେତେକ ବ୍ରାହ୍ମଣ କୁଳରୁ ଉତ୍ପନ୍ନ ହୋଇ ବ୍ରାହ୍ମଣକୁ ସ୍ପର୍ଶ କରିବାକୁ ମଧ୍ୟ ନାରାଜ, କେବଳ ନାରାଜ ନୁହଁନ୍ତି, ସେମାନଙ୍କ ମତରେ ବ୍ରାହ୍ମଣକୁ ସ୍ପର୍ଶ କରିବା ଯେପରି କି ଗୋଟିଏ ମହାପାପ । 'ବ୍ୟାଘ୍ର କବଳରେ ପତିତ ହେଲେ ମଧ୍ୟ ଶିବାଳୟର ଆଶ୍ରୟ ନେବ ନାହିଁ' । ଏ କି କମ୍ ଜଘନ୍ୟତା । ଏହାହିଁ କି ସନାତନ ଧର୍ମର ପରିପୋଷକତା । ଘୃଣା, ଅହଙ୍କାର, ଭେଦାଭେଦ ଜନିତ କଦର୍ଯ୍ୟତା କି 'ନମୋ ନାରାୟଣ'ର ଅନ୍ତର୍ନିହିତ ତତ୍ତ୍ୱ । ଛି, ଛି, କାଳର ଗତି ମହାପ୍ରାଣ ହେଲେ ମଧ୍ୟ ଏପରି ଭୀଷଣ ହେବା ବାଞ୍ଛନୀୟ ନୁହେଁ । ସତ୍ୟର ଏତାଦୃଶ ଅପଳାପ କେବଳ ଯେ ମୂଢତା ତାହା ନୁହେଁ, ତାହା ଅତ୍ୟନ୍ତ ଅସହ୍ୟ । ତ୍ରିଶୂଳାକାର.. "କିଂ ପ୍ରମାଣ ।" ତ୍ରିଶୂଳ ପରି ଚିତା କାଟିବା କାହିଁ ବେଦରେ ତ ନାହିଁ । ତେବେ କାହୁଁ ଆଇଲା ? ସତେକି ଏ ସବୁ ତେବେ ରାମାନୁଜଙ୍କର କୀର୍ତ୍ତି ? ରାମାନୁଜ ମହାପୁରୁଷ, ତାଙ୍କର ବିଶାଳ ହୃଦୟରେ ଏ ମୂଢତାର ସ୍ଥାନ ଆଦୌ ଅସମ୍ଭବ । 'ନମୋ ବ୍ରାହ୍ମଣେ ନାରାୟଣାୟ' ଅନୁଭବ କରି ସେ ଶୂଦ୍ରର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ବ୍ରାହ୍ମଣଙ୍କର ତ ନୁହେଁ । କାଳ ଏକା ତାହାର ପ୍ରମାଣ, କାଳହିଁ ତାହାର ଯଥାର୍ଥତା । ଶଙ୍କରାଚାର୍ଯ୍ୟଙ୍କ ପରେ ବିଶୃଙ୍ଖଳା ଅନୁଭବ କରି ଯଦି ଶରତବାବୁ ଏତେ ବ୍ୟାକୁଳ, ବ୍ରାହ୍ମଣର ଭଣ୍ଡାମିକୁ ସେ ଯଦି ଏପରି ଭୀଷଣ ଭାବରେ ଘୃଣା କରିପାରନ୍ତି, ରାମାନୁଜଙ୍କର ଧର୍ମାବଲମ୍ବୀ ପରବର୍ତ୍ତୀ ସୁଧୀବର୍ଗଙ୍କର ଦୁରାଗ୍ରହ-ଜନିତ କଦର୍ଯ୍ୟକୁ କଦର୍ଯ୍ୟତାର ଭାବ ଓ ଭାବନାରେ ସେ ଯେ ମ୍ରିୟମାଣ ହେବେ, ଏଥିରେ ସନ୍ଦେହ ନାହିଁ । ଯାଦବ ପ୍ରକାଶଙ୍କର ତଥାକଥିତ ନୃଶଂସତା କପୋଳ-କଳ୍ପିତ, କଳ୍ପିତ ସେହି ପରବର୍ତ୍ତୀ ସାମ୍ପ୍ରଦାୟିକ କଥାଭିମାନୀ ସୁଧୀବର୍ଗଙ୍କ ଦ୍ୱାରା । 'ରାମାନୁଜ' ବସ୍ତୁତଃ ଅଦ୍ୱୈତବାଦର ବିଲୟ ବାଞ୍ଛା କରି ନ ଥାନ୍ତି । ତାଙ୍କର ଉଦ୍ଦେଶ୍ୟ ମହତ୍ — 'ସେ ସ୍ୱୟଂ ମହତ୍' ।

Digitized by srujanika@gmail.com

ଦୈନିକ 'ଆଶା' ନଭେମ୍ବର ୧୭ । ୧୧ । ୧୯୨୮ ଦିନ 'ରାମାନୁଜ' ସମ୍ବନ୍ଧରେ ନିମ୍ନପ୍ରକାର ସମାଲୋଚନା କରିଥିଲେ—

" 'ରାମାନୁଜ'—ଶ୍ରୀ ଶରତ୍ ଚନ୍ଦ୍ର ମୁଖର୍ଜୀ ବି. ଏ. ଙ୍କ ଦ୍ୱାରା ପ୍ରଣୀତ ଓ ଏମାର ମଠର ଚେଲା ଶ୍ରୀ ରାମକୃଷ୍ଣ 'ରାମାନୁଜ' ଦାସଙ୍କ ଦ୍ୱାରା ପ୍ରକାଶିତ । ଲେଖକ ଗଳ୍ପ ଆକାରରେ 'ରାମାନୁଜ'ଙ୍କ ଜୀବନୀ ଲେଖିଛନ୍ତି । ଗଳ୍ପ ଭାବରେ ଲେଖିବା ପାଇଁ ପୁସ୍ତକଟି ସୁଖବୋଧ ହେଉଅଛି । କିନ୍ତୁ ଜୀବନୀ ଲେଖିବା ବେଳେ ଇତିହାସକୁ ଛାଡ଼ିଦେବା ଆଦୌ ଉଚିତ ନୁହେଁ, ଏ ଲେଖକ ବୋଧହୁଏ ବୁଝି ପାରିନାହାନ୍ତି । ଏମାର ମଠର ପ୍ରତିଷ୍ଠା ସମ୍ବନ୍ଧେ ଲେଖକଙ୍କର ଗଳ୍ପକୁ ଠିକ୍ ବୋଲି ଭାବି ନେବାକୁ ହେବ କି ? ରାମାନୁଜ କେଉଁ ମୁସଲମାନ ସମ୍ରାଟଙ୍କ ଠାରୁ ସତ୍କାର ପାଇଲେ ଓ କେଉଁ ବଂଶର ଶାସନକାଳ ଶ୍ରୀରଙ୍ଗମରେ ଶେଷ ଜୀବନ ଯାପନ କରିଥିଲେ, ତାହାକୁ ଐତିହାସିକ ପ୍ରମାଣ ଦିଆ ହୋଇନାହିଁ । ୧୧୩୭ରେ 'ରାମାନୁଜ'ଙ୍କ ମୃତ୍ୟୁ ଘଟିଅଛି ବୋଲି ଲେଖକଙ୍କର ମତ । ତେବେ ସେହି ସମୟରେ କେଉଁ ପଠାଣ ସମ୍ରାଟ ଭାରତରେ ଆଧିପତ୍ୟ ବିସ୍ତାର କରୁଥିଲେ ? ଲେଖକଙ୍କର ଗଳ୍ପାଂଶର ଚିତ୍ରଣ ଭଲ ହୋଇଅଛି । ରାମାନୁଜଙ୍କ ଲିଖିତ 'ଶ୍ରୀଭାଷ୍ୟରୁ' କିଛି ଶ୍ଲୋକ ଉଦ୍ଧାରକରି ରାମାନୁଜଙ୍କ 'ଦାସୋହଂ' ମତ ସମ୍ବନ୍ଧେ ଲେଖକ ଭଲଭାବରେ ଲେଖିବା ଉଚିତ ଥିଲା । ଏ ପୁସ୍ତକ ପଢ଼ିଲେ ସମାଜ-ସଂସ୍କାର କିମ୍ବା ଧର୍ମ-ସଂସ୍କାର ନିମନ୍ତେ ପ୍ରେରଣା ଆସିବ ବୋଲି ଲେଖକ ଯେଉଁ ଆଶା କରିଛନ୍ତି, ତାହା ପୂର୍ଣ୍ଣ ହେଉ, ଏହି ଆମର କାମନା" ।

+ + +

ଶ୍ରୀଯୁକ୍ତ କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ଲିଖିତ 'ଭକ୍ତକବି ମଧୁସୂଦନଙ୍କ ଜୀବନୀ' ଓ ଶ୍ରୀଯୁକ୍ତ ଶରତଚନ୍ଦ୍ର ମୁଖର୍ଜୀଙ୍କ ଲିଖିତ ଇଂରାଜୀରେ 'କୋଣାର୍କ' ଉଭୟ ପାଠ୍ୟପୁସ୍ତକ ଜାତୀୟ ଲେଖା ଓ ସଂକ୍ଷିପ୍ତ ବହି ।

Digitized by srujanika@gmail.com

॥ ଦ୍ୱିତୀୟ ପରିଚ୍ଛେଦ ॥

ପ୍ରାଚୀ ସମିତି ଓ ସବୁଜ ସାହିତ୍ୟ ସମିତି

ବଛନ୍ଦ ସ୍ମରଣିକା—୧୯୭୨ରେ ସଂପାଦକ ଶ୍ରୀ ମୁରଲି ମୋହନ ଜେନା ଶ୍ରୀ ଶରତଚନ୍ଦ୍ର ମୁଖର୍ଜୀଙ୍କର ନିମ୍ନଲିଖିତ ଲେଖାଟି ପ୍ରକାଶ କରିଥିଲେ—

ଓଡ଼ିଆ ଜାତିର ବହୁ ଦୋଷ ତ୍ରୁଟି ଭିତରେ ପୂଜ୍ୟ-ପୂଜା ବ୍ୟତିକ୍ରମ ଗୋଟିଏ ବଡ଼ ତ୍ରୁଟି । ମୁଁ ଯେତେବେଳେ ଆମ ଜାତୀୟ ଜୀବନର ନାନା ଦୁର୍ଗତିର କଥା ଭାବେ, ମୋର ବାରମ୍ବାର ମନେ ପଡ଼ିଯାଏ କବି ଗଙ୍ଗାଧର ମେହେରଙ୍କ 'ପ୍ରଣୟବଲ୍ଲରୀ' କାବ୍ୟର ସେହି ଅମର ପଂକ୍ତିଯୋଡ଼ିକ, ଯହିଁରେ ଦୁଷ୍ମନ୍ତ-ଧ୍ୟାନରତା ଶକୁନ୍ତଳାଙ୍କ ପ୍ରତି ମୁନି ଦୁର୍ବାସାଙ୍କର ଅଭିଶାପ ନିହିତ—

"ଯେଣୁ ପୂଜ୍ୟ-ପୂଜା— ବ୍ୟତିକ୍ରମ ଫଳ
ଯା ଠାରେ ରଖିଛୁ ଲକ୍ଷ୍ୟ
ସେ ତୋତେ ଚିହ୍ନିବ ନାହିଁ ତୁ ଦେଲେ ହେଁ
ଆପଣାର ପରିଚୟ ।"

ତେଣୁ ଶ୍ରୀମାନ୍ ମୁରଲି ମୋହନ ଜେନା ଯେତେବେଳେ 'ବଛନ୍ଦସ୍ମରଣିକା' ପାଇଁ ମତେ କିଛି ଲେଖିବାକୁ କହିଲେ, ସେତେବେଳେ ମୁଁ ସାଗ୍ରହରେ ସମ୍ମତି ଦେଲି ପୂଜ୍ୟ-ପୂଜାର ପୁଣ୍ୟରେ ଭାଗୀ ହେବି ଏବଂ ପ୍ରାଚୀ ସମିତି ସହିତ ଆମ ସମ୍ପର୍କ କଥା କହିବି ଏଇ ଆଶାରେ । ଉତ୍କଳର ମୁଷ୍ଟିମେୟ ନିଷ୍ଠାପର ସାହିତ୍ୟ-ସେବୀଙ୍କ ମଧ୍ୟରେ ବଛନ୍ଦ ଚରଣ ଅନ୍ୟତମ ଥିଲେ । ବଛନ୍ଦଚରଣ ପଟ୍ଟନାୟକ ଓ ମୁଁ ସାହିତ୍ୟ କ୍ଷେତ୍ରରେ ସମଧର୍ମୀ ହେଲେ ଜଣ ହେବ ଆମେ ଦୁହେଁ ଥିଲୁ ବିପରୀତପନ୍ଥୀ । ସେ ପ୍ରାଚୀନ ସାହିତ୍ୟର ପୂଜାରୀ ଥିଲେ, ମୁଁ ଥିଲି ନବ୍ୟ ସାହିତ୍ୟର ଆବାହକମାନଙ୍କ ମଧ୍ୟରୁ ଜଣେ । ତଥାପି ଆମ ଦୁହିଁଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟର

Digitized by srujanika@gmail.com

ଅଭାବ କଦାପି ହୋଇନାହିଁ । ପ୍ରାଚୀନ ସାହିତ୍ୟର ପ୍ରଚାର ଓ ମୂଲ୍ୟାଙ୍କନ ପାଇଁ ସେ ପ୍ରଗାଢ ନିଷ୍ଠା ଓ ପରିଶ୍ରମ ଦ୍ୱାରା ନିଜ ଜୀବନକୁ ସାର୍ଥକ କରିଯାଇଅଛନ୍ତି । ମାତ୍ର ନବ୍ୟ ସାହିତ୍ୟ ସମ୍ବନ୍ଧରେ ମୁଁ ସେପରି କିଛି କରି ପାରିନାହିଁ; ଯାହାକୁ ତାଙ୍କର କୀର୍ତ୍ତିସ୍ତମ୍ଭ ସହିତ ତୁଳନା କରିହୋଇପାରେ । ତାଛଡ଼ା ସାହିତ୍ୟିକ ଜୀବନର ଆରମ୍ଭରେ ମୁଁ ସ୍ଥିର କରିଥିଲି ଯେ ନିଜେ କେବଳ ଲେଖାଲେଖି କରିବା ଅପେକ୍ଷା ନବ୍ୟ ସାହିତ୍ୟର ଉପାସକମାନଙ୍କୁ ସଂଘବଦ୍ଧ କରିବି ଓ ସେମାନଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ସର୍ବତୋଭାବେ ଚେଷ୍ଟା କରିବାରେ ନିଜର ସମୟ ଦାନ କରିବି । ତାହା ସଫଳ ହୋଇନାହିଁ । ବିଚ୍ଛନ୍ଦଚରଣଙ୍କର ମଧ୍ୟ ସେମିତି ପଣ ଥିଲା ଯେ ନିଜେ ମୌଳିକ ସାହିତ୍ୟ ସୃଷ୍ଟି କରିବା ଅପେକ୍ଷା ତାଙ୍କର ଅତି ପ୍ରିୟ ପ୍ରାଚୀନ ସାହିତ୍ୟକୁ ଲୋକ ଚକ୍ଷୁରେ ପ୍ରିୟତର କରିବେ—ତାଙ୍କର ସେ ସାଧନା ସଫଳ ହୋଇଅଛି । ମୁଁ ଥିଲି ସବୁଜ ସାହିତ୍ୟ ସମିତିର ପରିଚାଳକ । ସବୁଜ-ସାହିତ୍ୟର ଯୌବନ ଜଳତରଙ୍ଗକୁ ରୋଧିବା ପାଇଁ ସେ ଯେଉଁ ପ୍ରାଚୀ ସମିତି ଗଢିଲେ, ସେଥିରେ ସେ ମଧ୍ୟ ଥିଲେ ମୋଭଳି ପରିଚାଳକ । ଯୌବନ ଯେମିତି ସରିଯାଏ, ସେମିତି ମଧ୍ୟ ସରିଯାଏ ଯୌବନରେ ଅନୁସୃତ କାର୍ଯ୍ୟ ପ୍ରଣାଳୀ । ଏ ଅଭାଗା ଦେଶରେ ବଂଶଧରମାନେ, ଦାୟାଦମାନେ କାହାର ଅନୁସୃତ କାର୍ଯ୍ୟକୁ ବଞ୍ଚାଇ ରଖିବାକୁ ତତ୍ପର ନୁହଁନ୍ତି । ମୋର ଅତି ପ୍ରିୟ ସବୁଜ ସାହିତ୍ୟ ସମିତି କାଳ-ଗର୍ଭରେ—ବିଚ୍ଛନ୍ଦଙ୍କର ଅତି ପ୍ରିୟ ପ୍ରାଚୀ ସମିତି ମଧ୍ୟ କାଳଗର୍ଭରେ ବିଲୀନ । ପରେ ସେ ଯେଉଁ କଳିଙ୍ଗ ଭାରତୀ ପ୍ରତିଷ୍ଠା କରିଥିଲେ, ତାହା ମଧ୍ୟ ଏକଦା ମୁମୂର୍ଷୁ ବୋଲି ମନେ ହେଉଥିଲା । ତେଣୁ ଆଜି ଆମ ଦୁହିଁଙ୍କର ସମ୍ପର୍କ ସ୍ମରଣିକାର ବିଷୟ-ବସ୍ତୁ । ସେହି ସମ୍ପର୍କ କଥା ଲିପିବଦ୍ଧ କରି ମୁଁ ବିଚ୍ଛନ୍ଦଚରଣଙ୍କ ପ୍ରତି ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରେ । ବନ୍ଧୁ ଅନ୍ନଦାଶଙ୍କରଙ୍କ କବିଭାଷାରେ ସ୍ୱର୍ଗୀୟ ଆତ୍ମାକୁ କହେ—

'ଆମରା ଦୁଜନେ ଭିନ୍ନ ବନେର ପାଖୀ
ତୋମାତେ ଆମାତେ ମିଲ୍ ନାଇ ମିଲ୍ ନାଇ—
ତାଇ ବାନ୍ଧିଲାମ୍ ରାଖୀ ।'

(୨)

ପ୍ରାୟ ଷାଠିଏ ବର୍ଷ ଆଗର କଥା—କଟକର ରେଭେନ୍‌ସା କଲେଜ ଯେଉଁ ୧୯୨୧ ସାଲରେ କଲେଜ ଲେନ୍‌ରୁ ଚାନ୍ଦିନୀପଡ଼ିଆରେ ନିଜର ନବନିର୍ମିତ

Digitized by srujanika@gmail.com

ଚ୍ଚିହୁକୁ ସ୍ଥାନାନ୍ତରିତ ହେଲା—ସେହି ସମୟର କଥା । ମେଟ୍ରିକ୍ୟୁଲେଶନ ପାଶ୍ କରି ଆଇ. ଏ, ଆଇ. ଏସସି. ପଢ଼ିବାପାଇଁ ସେଠାରେ ଯୁଟିଲୁ ଆମେ ନବୀନ ସାହିତ୍ୟର ପୂଜାରୀ ସମଧର୍ମୀ ବନ୍ଧୁ କେତେ ଟି । ଶ୍ରୀମାନ୍ ଅନ୍ନଦା ଶଙ୍କର ରାୟ, କାଳନ୍ଦୀ ଚରଣ ପାଣିଗ୍ରାହୀ, ବୈକୁଣ୍ଠ ନାଥ ପଟ୍ଟନାୟକ, ହରିଶ୍ଚନ୍ଦ୍ର ବଡ଼ାଳ, ହରିହର ମହାପାତ୍ର, ହରିହର ମିଶ୍ର ଓ ମୁଁ । ସବୁଜ-ସ୍ୱପ୍ନ ସେତେବେଳକୁ ମନରେ ଝାଲ ବସା ବାନ୍ଧୁଥାଏ, ସବୁଜ-ସାହିତ୍ୟମୂର୍ତ୍ତି ପରିଗ୍ରହ କରିନଥାଏ । ଏମାନଙ୍କ ମଧ୍ୟରୁ କେତେଜଣ ମିଶି ଆମେ ଗଢ଼ିଲୁ 'ନନ୍‌ସେନସ୍ କ୍ଲବ' । ମନ ଦେଇ ପାଠ ପଢ଼ିବା ମଧ୍ୟରେ ଅବସର ସମୟରେ ସାହିତ୍ୟ ଚର୍ଚ୍ଚା କରୁ—ଫଳରେ ଗୋଟାଏ ହାତଲେଖା ସାମୟିକ ପତ୍ର 'ଶକ୍ତି ସାଧନ'ର ଆବିର୍ଭାବ ହେଲା ଏବଂ ଅନ୍ୟାନ୍ୟ ସାମୟିକ ପତ୍ରମାନଙ୍କରେ ଲେଖା ପ୍ରକାଶ ପାଇଲା । କିଛିଦିନ ପରେ ଆମ୍ଭେ ସାଗ୍ରହରେ ଲକ୍ଷ୍ୟକଲୁ ଯେ ଆମ କଲେଜର ସହାଧ୍ୟାୟୀ ଓ ହଷ୍ଟେଲର ଅନ୍ତେବାସୀ ଗୋଟିଏ ଖର୍ବକାୟ କିଶୋର ଘନ ଘନ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଅଧ୍ୟାପକ ଆର୍ତ୍ତିବଲ୍ଲଭ ମହାନ୍ତିଙ୍କ ଘରକୁ ଯାତାୟାତ ଆରମ୍ଭ କଲେ । ଓଡ଼ିଆ କିଶୋରଙ୍କ ମଧ୍ୟରେ ନବୀନ ସାହିତ୍ୟ ପ୍ରତି ସମାଦର ବୃଦ୍ଧି ଏହାର କାରଣ ଥିଲା କି ନା, କହି ପାରିବ ନାହିଁ, ମାତ୍ର ପ୍ରାଚୀନ ସାହିତ୍ୟର ତତ୍‌କାଳୀନ ମହାରଥୀ ଆର୍ତ୍ତିବଲ୍ଲଭଙ୍କର ଏହି ଖର୍ବକାୟ କିଶୋର ସହିତ ଗଣ୍ଠିବନ୍ଧନ ଆମ୍ଭମାନଙ୍କ କୌତୂହଳ ଉଦ୍ରେକ କଲାରୁ, ଆମ୍ଭେମାନେ ଖବର ନେଇ ଜାଣିଲୁ ଯେ ଏହି ଖର୍ବକାୟ କିଶୋର ବଞ୍ଛାନିଧିଚରଣ ପଟ୍ଟନାୟକ, ଯେ କି ନବୀନ ସାହିତ୍ୟର ପିଚ୍ଛିଳ ପଥରେ ଆମ୍ଭ-ମାନଙ୍କର ଅଭ୍ୟୁଦୟ ଦେଖି ଆତଙ୍କିତ ହୋଇଅଛନ୍ତି । ଆହୁରି ମଧ୍ୟ ଆମ୍ଭେମାନେ ଖବର ପାଇଲୁ ଯେ ଗୁରୁ-ଶିଷ୍ୟ ଦୁହିଁଙ୍କ ଦୁହେଁ ପ୍ରାଚୀନ ସାହିତ୍ୟର ଜୟଯାତ୍ରା ପାଇଁ ପ୍ରାଚୀନ ପୋଥି, ପୁରାଣ, ଚଉତିଶା ଇତ୍ୟାଦି ଯାଣ୍ଠି ଅସ୍ତ୍ର-ଶସ୍ତ୍ର ସଂଗ୍ରହ କରୁ ଅଛନ୍ତି । ସତକୁସତ ଆମ୍ଭେମାନେ ସବୁଜପନ୍ଥୀ ସାନ ଦଳଟି କଦାପି ପ୍ରାଚୀନ ଓଡ଼ିଆ ସାହିତ୍ୟର ବିରୋଧୀ ନ ଥିଲୁ କିମ୍ବା ଅତୀତର 'ବଜୁଳି', 'ଇନ୍ଦ୍ରଧନୁ' ଭଳି ପ୍ରାଚୀନ ସାହିତ୍ୟ ବଡ଼ କି ନବୀନ ସାହିତ୍ୟ ବଡ଼ କିମ୍ବା ଉପେନ୍ଦ୍ର ଭଞ୍ଜ ବଡ଼ କବି କିମ୍ବା ରାଧାନାଥ ବଡ଼ କବି--ଏଭଳି ଆଲୋଚନାରେ ଆମ୍ଭମାନଙ୍କ ମଧ୍ୟରୁ କେହି କଦାପି ଯୋଗ ଦେଇନଥିଲେ ।

ଓଡ଼ିଆ ପ୍ରାଚୀନ ସାହିତ୍ୟ ପ୍ରତି ଆମ୍ଭମାନଙ୍କର ଗଭୀର ଶ୍ରଦ୍ଧା ଥିଲା । ମାତ୍ର ଆମ୍ଭେମାନେ ମନେ କରୁଥିଲୁ ଯେ କୌଣସି ମଧ୍ୟଯୁଗୀୟ କବିଙ୍କୁ—ସେ ଯେତେ ବଡ଼ ହୁଅନ୍ତୁ ନା କାହିଁକି ଏବଂ ତାଙ୍କର କାବ୍ୟ ଯେତେ ମଧୁର ହୋଇନା

Digitized by srujanika@gmail.com

କାହିଁକି—ଓଡ଼ିଶାର ଶେଷ କବି ବୋଲି ଧରିନେଇ ବସିଲେ ଏବଂ ନବ୍ୟରୀତିରେ ସାହିତ୍ୟ ସୃଷ୍ଟି ନକଲେ ଏ ଜାତିର ଉନ୍ନତିରେ ବାଧା ଉପୁଜିବ । ତେଣୁ ନବ୍ୟ ସାହିତ୍ୟର ସୃଷ୍ଟି ଆମ୍ଭମାନଙ୍କର ଲକ୍ଷ୍ୟ ଥିଲା । ଏ ବାଟ ଗୁଡ଼ା ପୁଣି ଥରେ ହୁଏତ ତ ପ୍ରଶଂସାମୂଳକ ଛାନ୍ଦ ବା ଚଉପଦୀ ଲେଖିଥିଲେ ସ୍ୱୟଂ ବିଚ୍ଛନ୍ଦ ଚରଣ ଆମ୍ଭମାନଙ୍କ ଦଳଭୁକ୍ତ ହୋଇଥାନ୍ତେ, ମାତ୍ର ଆମ୍ଭେମାନେ ତାହା କରିନଥିଲୁ । ତେଣୁ ବିଚ୍ଛନ୍ଦ ଚରଣ ଅମ୍ଭମାନଙ୍କୁ ପ୍ରାଚୀନ-ସାହିତ୍ୟ ବିରୋଧୀ ବୋଲି ଧରି ନେଲେ ଏବଂ ପ୍ରଥମ ଶର ନିକ୍ଷେପକଲେ ତାଙ୍କର ବ୍ୟଙ୍ଗ କବିତା 'ସବୁଜ-ପତ୍ର' ଦ୍ୱାରା । ସତ କହିବାକୁ ଗଲେ, ସେତେବେଳଯାଏ 'ସବୁଜ' ଶବ୍ଦ ଆମ୍ଭମାନଙ୍କ ମୁଣ୍ଡରେ ମଧ୍ୟ ବସା ବାନ୍ଧି ନ ଥାଏ । ଶାଗୁଆ, ସବୁଜା ସାବୁଜା — ସବୁଜ ଗୁଡ଼ା 'ସବୁଜ' ଶବ୍ଦ ଯେ ଆମ୍ଭେମାନେ ପରେ ଗ୍ରହଣ କଲୁ, ହୁଏତ ତାହାର ମୂଳରେ ଥିଲା ବିଚ୍ଛନ୍ଦଚରଣଙ୍କର ଏହି 'ସବୁଜପତ୍ର' ବ୍ୟଙ୍ଗ କବିତା ଓ ତାଙ୍କର ଦ୍ୱାରା ଆମ୍ଭମାନଙ୍କର ନାମକରଣ 'ସବୁଜ ଦଳ' । ସବୁଜ-ସାହିତ୍ୟ ସମିତି ବିଷୟକ ଆଲୋଚନାରେ କେହି କେହି ଲେଖି ଥିବାର ଦେଖିଛୁ ଯେ, ଆମ୍ଭେମାନେ ବଙ୍ଗ ଦେଶରେ ପ୍ରମଥ ଚୌଧୁରୀଙ୍କ ପ୍ରତିଷ୍ଠିତ 'ସବୁଜ ପତ୍ର'ରୁ ଅଥବା ରବୀନ୍ଦ୍ରନାଥଙ୍କ ବିଖ୍ୟାତ କବିତା—

"ଓରେ ନବୀନ, ଓରେ ଆମାର କାଞ୍ଚା,
ଓରେ ସବୁଜ, ଓରେ ଅବୁଝ
ଆଧମରା ଦେର ଘାମେରେ ତୁଇ ବାଞ୍ଚା"

ପଢ଼ି 'ସବୁଜ' ନାମ ଗ୍ରହଣ କରିଥିଲୁ, ଏହା ସତ୍ୟ ନୁହେଁ । ଅବଶ୍ୟ କବି ରବୀନ୍ଦ୍ରନାଥଙ୍କ ରବିରଶ୍ମି ସେତେବେଳେ ମଧ୍ୟ-ଗଗନରେ ଥାଇ ସମଗ୍ର ଭାରତର ରସଗ୍ରାହୀ ଜ୍ଞାନପିପାସୁ ସମାଜକୁ ନିଜ ଆଡ଼କୁ ଆକର୍ଷଣ କରୁଥାଏ । ସେ ଆକର୍ଷଣରୁ ଗାନ୍ଧୀ ଓ ଜବାହରଲାଲ ମଧ୍ୟ ଦୂରରେ ରହି ପାରିନଥିଲେ । ଆମେ ମୁଷ୍ଟିମେୟ ତରୁଣ ସେମାନଙ୍କ ତୁଳନାରେ କିବା ଛାର ! ମାତ୍ର ସତ କହିବାକୁ ଗଲେ, ପ୍ରେରଣା ଯେଉଁଆଡ଼ୁ ଆସି ଥାଉନା କାହିଁକି ଧ୍ୟେୟ, ଥିଲା ଉତ୍କଳ ଭାରତୀର ସେବାପୂଜା କରିବା ନୂଆ ନୂଆ ଫୁଲ ନେଇ । ଆମ୍ଭମାନଙ୍କ ଦୃଷ୍ଟିରେ ରାଧାନାଥ, ମଧୁସୂଦନ ମଧ୍ୟ ସେତେବେଳକୁ ପୁରାତନ ହୋଇ ଯାଇଥିଲେ — ପରେ ଅନ୍ନଦାଶଙ୍କରଙ୍କ 'ବସନ୍ତଗାଥା'ର ସମାଲୋଚନାରେ କହିଥିଲୁ ପତ୍ରିକାରେ ପ୍ରକାଶିତ ହୋଇଥିଲା ଆମ ଦଳଟିର ଏହି ଦୃଷ୍ଟିଭଙ୍ଗୀ । ମୁଁ ମନେ କରେ, ବିଚ୍ଛନ୍ଦଚରଣ ତାଙ୍କର ବ୍ୟଙ୍ଗ-କବିତା 'ସବୁଜପତ୍ର' ରେ ପ୍ରଥମଥର ପାଠି

Digitized by srujanika@gmail.com

ଆମ୍ଭମାନଙ୍କୁ ଯେଉଁ 'ସବୁଜ' ଆଖ୍ୟା ଦେଇଥିଲେ, ଆମ୍ଭେମାନେ ଅଜ୍ଞାତସାରରେ ସେହି ନାମଟିକୁ ବରଣ କରି ନେଇଥିଲୁ ପରେ । କାରଣ ସେ ଘଟଣା ଆଗରୁ ଆମ୍ଭେମାନେ ନିଜ ଦ୍ଵିତୀୟ ନବ୍ୟ ସାହିତ୍ୟ ପ୍ରବନ୍ଧ— ଏପରି ନିଜର ଲେଖାରେ 'ସବୁଜ' ନାମ ବ୍ୟବହାର କରିଥିଲୁ ବୋଲି ମୋର ସ୍ମରଣ ହେଉନାହିଁ । ଗୋପପୁର ଲୋକେ ରାଧାଙ୍କୁ 'କଳଙ୍କିନୀ' ପଦ୍ମିଲେ କହିଲେ—ପରେ ରାଧା ସେ ନାମରେ ନାମିତା ହୋଇ ଜୀବନର ସାର୍ଥକତା ଲାଭ କରିଥିଲେ । ତେଣୁ ଆମ ଦଳଟିର 'ସବୁଜ' ନାମରେ ନାମକରଣ ବିଚ୍ଛନ୍ଦଚରଣ ଯେଉଁ ଉଦ୍ଦେଶ୍ୟରେ କରିଥାନ୍ତୁ ନା କାହିଁକି, ସେହି ନାମ ଧାରଣ କରି ଆମ୍ଭେମାନେ ସାର୍ଥକ ହୋଇଅଛୁ ।

(୩)

ଦୁଃଖର କଥା, ବିଚ୍ଛନ୍ଦଚରଣଙ୍କର ଏହି ବ୍ୟଙ୍ଗ କବିତା 'ସବୁଜପତ୍ର' ପତ୍ର ପତ୍ରିକାରେ ପ୍ରକାଶିତ ହୋଇନାହିଁ, ଏହା ହାତଲେଖା କେତୋଟି କପି ସେ ସାହିତ୍ୟ ରସ--ପିପସୁ ବନ୍ଧୁମାନଙ୍କ ମଧ୍ୟରେ ବିତରଣ କରିଥିଲେ ମାତ୍ର । ଯେଉଁ କପିଟି ବିପକ୍ଷଦଳର ଶିବିର ଭିତରକୁ ଶର ନିକ୍ଷେପ ରୂପେ ଆସିଥିଲା, ତାହା ମଧ୍ୟ ଆମ୍ଭେମାନେ ହରାଇ ବସିଛୁ । ଗାଳି ଯେଉଁମାନଙ୍କୁ ଦିଆଯାଏ, ସେମାନେ ନିଜେ ଯଦି ସେ ଗାଳି ନ ଶୁଣିଲେ, ତେବେ ଗାଳି ଦେଇବାଲା ଲୋକର ଆନନ୍ଦ ହୁଏ-ନାହିଁ । ସେହି ଦୃଷ୍ଟିରୁ 'ସବୁଜପତ୍ର'ରେ ପ୍ରଥମେ କୁହାଯାଇଥିଲା ଯେ ଜନୈକା ଶ୍ରୀମତୀ ସବୁଜଦଳର ଦ୍ରୌପଦୀ ଓ ଆମ୍ଭେ ସବୁ ତାର ପଞ୍ଚପାଣ୍ଡବ । ବ୍ୟଙ୍ଗ-କବିତା 'ସବୁଜପତ୍ର'ର ପ୍ରଥମ ଲାଇନ୍ ଥିଲା—

"ସବୁଜପତ୍ର, ସବୁଜପତ୍ର, ଗୁବୁକ ସଜାଡ଼ି ଧର,
ରଙ୍ଗ୍ ମିଷ୍ଟ୍ରେସ୍ ହୋ—ଗୁବୁକ ସଜାଡ଼ି ଧର ।"

କବିତାଟିରେ ସବୁଜଦଳଟିକୁ ସର୍କସର ଏକ ଜନ୍ତୁଦଳ ସହିତ ତୁଳନା କରି ବିଚ୍ଛନ୍ଦଚରଣ ତାହାର ତଥାକଥିତ ନାୟିକାଙ୍କୁ ସମ୍ବୋଧନ କରି କହିଥିଲେ— ଏହି ଭିନ୍ନ ଭିନ୍ନ ପ୍ରକୃତିର ପୁରୁଷମାନଙ୍କୁ ତୁମେ କିପରି ସମ୍ଭାଳିବ ? ହେ ରଙ୍ଗ୍ ମିଷ୍ଟ୍ରେସ୍, ତୁମେ ସେଥିପାଇଁ ଗୁବୁକର ପ୍ରୟୋଗ କରିବାକୁ ପ୍ରସ୍ତୁତ ହୁଅ ଓ ଏଇଠୁ ଗୁବୁକ ସଜାଡ଼ି ଧର । ପ୍ରଥମ କବିତାଟିରେ ସେହି ଶ୍ରୀମତୀଙ୍କର ଛନ୍ଦୋଚ୍ଛ୍ବାସ ଉଗ୍ରପଣିଆ, ବାଗ୍ମିତା ପ୍ରଭୃତିକୁ ଲକ୍ଷ୍ୟ କରି ଅନେକ ବ୍ୟଙ୍ଗୋକ୍ତି କରାଯାଇଥିଲା

Digitized by srujanika@gmail.com

ସ୍ବରୂପ ସଜାଡ଼ି ଧଣ୍ଡବାର ପରାମର୍ଶର ଠିକ୍ ପରେ ପରେ । ତାପରେ ଶରବିଦ୍ଧ କରାଯାଇଥିଲା କାଳନ୍ଦୀ ଚରଣଙ୍କୁ । ତାଙ୍କୁ କବି କହିଥିଲେ—'ତୁମେ ଗୋଟିଏ ଗମ୍ଭୀର ପ୍ରକୃତିର ଲୋକ । ତୁମ ମଧ୍ୟରେ ଯେଉଁ ପ୍ରତିଭା ଅଛି, ତାହା ଏ ବଣୁଆଙ୍କ ଭିତରେ ପଶିଲେ ନଷ୍ଟ ହୋଇଯିବ । ତୁମେ ଏ ଦଳରୁ ବାହାରି ଆସ ।' ତାପରେ ଶରବିଦ୍ଧ ହୋଇଥିଲେ ଅନ୍ନଦାଶଙ୍କର । ତାଙ୍କର ରବୀନ୍ଦ୍ର ପ୍ରୀତିକୁ ଲକ୍ଷ୍ୟ କରି କବି କହିଥିଲେ—'ତୁମକୁ ତ ଆଜି ଘର ପାଖରେ କବି ମିଳିଲେ ନାହିଁ, ତୁମେ କବି ଖୋଜିବାକୁ ବଙ୍ଗଦେଶକୁ ଗଲ ? ଘରର ଉହୁଙ୍କୁ ନ ଚିହ୍ନି ଯେ ଲୋକ ପର ଦୁଆରକୁ ଯାଏ, ସେ ଉକାଣ୍ଡି ଭିକ ନ ପାଇ ଅପମାନ ପାଏ, ଏକଥା ଜାଣ କି ? ତୁମେ ସେମିତି ଅପମାନ ଡାକି ଆଣୁଛ ।' ବ୍ୟଙ୍ଗୋକ୍ତି ଟାଣୁଆ ଥିଲା ବୈକୁଣ୍ଠନାଥଙ୍କ ପାଇଁ । ସେତେବେଳକୁ ବୈକୁଣ୍ଠନାଥଙ୍କର 'ଦେଖିଲେ ଗୋଲାପି ଅଞ୍ଚଳ, ମୁଁ ଗୋଷ୍ପିଶୁପରି ହୁଏ ଚଞ୍ଚଳ' ଭଳିଆ ପ୍ରଶସ୍ତିମୂଳକ କବିତା ପ୍ରକାଶିତ ହେଲାଣି ଓ ଇଂରାଜୀ ଷ୍ଟୋରିକ ଭଙ୍ଗୀରେ ଆଦି ରସରେ ମଜ୍ଜମାନ ବଚ୍ଛନ୍ଦଚରଣଙ୍କୁ ଏଭଳି ରୋମାଣ୍ଟିକ୍ ଭାବ ବଡ଼ ଲୁଣିଆ ଲାଗିଲାଣି । ତେଣୁ ଉକ୍ତ ବ୍ୟଙ୍ଗ-କବିତାରେ ବଚ୍ଛନ୍ଦଚରଣ ବୈକୁଣ୍ଠନାଥଙ୍କୁ କପି କରି ପାଦ୍ୟାରିଟିଏ ମାରିଥିଲେ । ଅତ୍ୟନ୍ତ ଦୁଃଖର କଥା, ସେ ପଦଗୁଡ଼ିକ କିମ୍ବା ତାହାର ହାରାଂଶ ମଧ୍ୟ ଆଜି ଅଢ଼ି ମୋର ମନେ ନାହିଁ । ଶେଷରେ ଥିଲି ମୁଁ, ତାହା ଆମ ହାତକୁ ଆସିଥିଲା । ତାହାର ଆଗମନଭଙ୍ଗୀ ମଧ୍ୟ ଥିଲା ଠିକ୍ ଶରନିକ୍ଷେପ ପରି । କାଗଜଖଣ୍ଡିକ ଗୁଡାଅ ହୋଇ ଖଣ୍ଡେ କାଠିରେ ବନ୍ଧା ହୋଇଥିଲା ଓ ସେ କାଠି ଆଗରେ ବନ୍ଧା ଥିଲା କୌଣସି ଚଢ଼େଇର ଦୁଇଟି ପର ଓ ତାହା ପ୍ରଥମେ ହସ୍ତଗତ ହେଲା ବୈକୁଣ୍ଠନାଥଙ୍କର । କବି ବୈକୁଣ୍ଠନାଥ ପିଲାଦିନୁ ଅତି ଗମ୍ଭୀର ପ୍ରକୃତିର ଲୋକ । ସେ ତାହା ପଢ଼ି ଅଗ୍ନିଶର୍ମା ହୋଇଗଲେ ଓ ଆମ୍ଭମାନଙ୍କୁ ଦେଖାଇଲେ । ସତ କହିବାକୁ ଗଲେ, ମୁଁ କିନ୍ତୁ ତାହା ପଢ଼ି ଅଗ୍ନିଶର୍ମା ହୋଇନାହିଁ । ମୋର ଦୃଷ୍ଟି ସେତେବେଳେ ଯୁବସମାଜରେ ବଳିଷ୍ଠ ଲେଖନୀ ଖୋଜି ବୁଲୁଛି—ମୋର ବନ୍ଧୁମାନେ କଳିଙ୍ଗଲୋକରୁ ସୁଧାବିନ୍ଦୁ ଆହରଣ କରିବାରେ ବ୍ୟସ୍ତ ଥିଲେ ସିନା, ମନ ମୁଁ ଭାବୁଛି କିପରି ଗୋଟିଏ ବଳିଷ୍ଠ ସଂଗଠନ ଗଢି ସାହିତ୍ୟିକମାନଙ୍କୁ ସାହିତ୍ୟ-ବ୍ୟବସାୟୀମାନଙ୍କ ହାତରୁ ରକ୍ଷା କରିବି । ତେଣୁ ବ୍ୟଙ୍ଗ—କବିତାଟି ଭିତରେ ଲେଖକର ବଳିଷ୍ଠ ଲେଖନୀର ପରିଚୟ ପାଇ ମୋତେ ବେଶ୍ ଭଲ ଲାଗିଲା ଓ ଆମ୍ଭମାନଙ୍କ ସମ୍ବନ୍ଧରେ ସେ ଯାହା ସବୁ ଲେଖିଥିଲେ, ମୁଁ ତାହା ବେଶ୍ ଭଲ ଭାବରେ ପଢି ଉପଭୋଗ କରିଥିଲି । ଲେଖକ କିଏ, ପ୍ରଥମେ ତାହା ଜଣା ନଥିଲା । ପରେ ଆମ୍ଭେମାନେ ଯେତେବେଳେ ଜାଣିଲୁ ଯେ ଲେଖକ ସ୍ୱୟଂ ପ୍ରାଚୀନ ସାହିତ୍ୟର ଭବିଷ୍ୟତ ସେନାନୀ ବଚ୍ଛନ୍ଦଚରଣ,

Digitized by srujanika@gmail.com

ଲକ୍ଷ୍ମୀକାନ୍ତଙ୍କ ଭାଷାରେ 'ମେଘରେ ଉଡ଼ାଲେ ଥାଇ ଅଳମ୍ବୁ ପ୍ରସନ ଏକା ଦୁଲ୍ ଦୁଲ କରାଇ ସମର', ସେତେବେଳେ ମୁଁ ଘରରେ ହସି ହସି ଗଡ଼ିଗଲି, ପରେ ବିଚ୍ଛନ୍ଦଙ୍କୁ କହିଥିଲି, 'ସାବାସ ଭାଇ, କଲେଖାଟି ଖୁବ୍ ଭଲ ହୋଇଛି ।' ବିଚ୍ଛନ୍ଦ କେବଳ ମୁରୁକି ହସ ହସି କହିଥିଲେ, 'ଆପଣ ତାହାହେଲେ ପଢ଼ିଛନ୍ତି ।' ମୁଁ କହିଲି 'ଅରେ ନୁହେଁ, ଦୁଇ ତିନିଥର ।' ଆମ୍ଭମାନଙ୍କୁ ପ୍ରାଚୀନ ସାହିତ୍ୟର ବିରୋଧୀ ବୋଲି ଧରିନେଇ ବିଚ୍ଛନ୍ଦଚରଣ ଯେଉଁ ଭୁଲ୍ କରିଥିଲେ, ବ୍ୟଙ୍ଗ କବିତାଟିରେ ମଧ୍ୟ ସେହିଭଳି ଭୁଲ୍ ଆହୁରି ଦୁଇ ତିନୋଟି ଥିଲା । ତାଙ୍କର ଗୋଟାଏ ବଡ଼ ଭୁଲ ଧାରଣା (କିପରି ହୋଇଥିଲା କେଜାଣି) ଥିଲା ଯେ ସବୁଜପତ୍ରୀ ରୂପେ ଜନୈକା ଶ୍ରୀମତୀ ଆମ୍ଭମାନଙ୍କ ଦଳର ପ୍ରେରଣାଦାୟିନୀ ଓ ତାଙ୍କୁ କେନ୍ଦ୍ର କରି ଆମ ଦଳଟା ନାଚୁଛି ।

(୪)

ପ୍ରାଚୀନ ସାହିତ୍ୟର ଭକ୍ତ ବିଚ୍ଛନ୍ଦଚରଣଙ୍କ ହଷ୍ଟେଲ ପ୍ରକୋଷ୍ଠରୁ ମଝିରେ ମଝିରେ ଯେଉଁ ବିଦ୍ରୂପ ଆମ୍ଭମାନଙ୍କ କାନ ଭିତରକୁ ଜବରଦସ୍ତି ପଶି ଆସୁଥିଲା, ସେଥିରୁ ଗୋଟାଏ ମୋର ଅଦ୍ୟାପି ମନେଅଛି ।

ସେତେବେଳେ ମୁଁ ଭଲ ବକ୍ତୃତା ଦେଇପାରେ ବୋଲି ନାଁ କିଣିଥିଲି । ମୋତେ ଲକ୍ଷ୍ୟ କରି ବିଚ୍ଛନ୍ଦଚରଣ ଲେଖିଥିଲେ--'ତୁମେ ଗୋଟାଏ ଟାଣୁଆ କଲି-ବାଲା ଲୋକ, ବକ୍ତୃତା ଦେଇ ମଧ୍ୟ ମଣିଷକୁ ମତେଇ ପାର । ଦୁନିଆରେ ଏତେ ଅନ୍ୟାୟ ଏତେ ଅତ୍ୟାଚାର ଥାଉଁ ଥାଉଁ ସେସବୁ କିଛି ଦୂର କରିବାର ପ୍ରୟାସ ନକରି ତୁମେ କିଆଁ ଏହି କଳ୍ପନାବିଳାସୀ ଚନ୍ଦ୍ରମାଗ୍ରସ୍ତଙ୍କ ଦଳରେ ପଶିଛ ? ଏ ତୁମର ସ୍ଥାନ ନୁହେଁ—ପଳାଅ, ପଳାଅ ।' କହିବା ବାହୁଲ୍ୟ, କବି ବିଚ୍ଛନ୍ଦ-ଚରଣଙ୍କର ଏଭଳି ପରାମର୍ଶ ଆମ୍ଭେମାନେ କେହି ଗ୍ରହଣ କରିନାହୁଁ । ସାନ ସବୁଜ ଦଳଟି ଦିନୁଦିନ ବଢ଼ିଛି—ସଭ୍ୟ ରୂପେ, ସହଚର ରୂପେ, ଲେଖକ ରୂପେ ସେଥିରେ ଯୋଗ ଦେଇଛନ୍ତି ବହୁ ଲୋକ ଉଭୟ ନର ଓ ନାରୀ । ସୁପ୍ରଭା କର, ପ୍ରଭାତୀ କର, ସରଳା ଦେବୀ, ବୈଷ୍ଣବଚରଣ ଦାସ, ମାୟାଧର ମାନସିଂହ, ସଚ୍ଚିଦାନନ୍ଦ ରାଉତରାୟ, ହରିଶ୍ଚନ୍ଦ୍ର ବଡ଼ାଲ, ନଗେନ୍ଦ୍ରନାଥ ଦତ୍ତ, ରାଧାଚରଣ ପଣ୍ଡା ବିନୋଦିନୀ ଷଡ଼ଙ୍ଗୀ, ଶାନ୍ତି ମୁଖର୍ଜୀ, କମଳାକାନ୍ତ ଦାସ, ଏପରିକି କବିବର ଚିନ୍ତାମଣି ମହାନ୍ତି, ଦିବ୍ୟସିଂହ ପାଣିଗ୍ରାହୀ ଓ ଅଧ୍ୟାପକ ଚିନ୍ତାମଣି ଦାଶ ।

Digitized by srujanika@gmail.com

(୫)

ସବୁଜ-ସାହିତ୍ୟ ସମିତିର ପ୍ରକାଶିତ ପ୍ରାୟ ୩୦ଖଣ୍ଡ ବହି ଓ ମାସିକପତ୍ର 'ଯୁଗବାଣୀ' ମୁଷ୍ଟିମେୟ କର୍ମୀ ଉତ୍କଳ-କମଳାର ପାଦପଦ୍ମରେ କ୍ରମଶଃ ଭେଟି ଦେଲେ । ସମିତିର ଉଦ୍ଦେଶ୍ୟ ଯେ ଖାଲି ଭାବାତ୍ମକ କବିତା ବା ଗଳ୍ପ, ଉପନ୍ୟାସ ସୃଷ୍ଟି କରିବା ନଥିଲା, ତାହା କ୍ରମଶଃ ପ୍ରକଟିତ ହେଲା । ତଥାପି ଆମ୍ଭେମାନେ ସେଇ ଯେ 'ସବୁଜ-କବିତା' ଓ 'ବାସନ୍ତୀ' ଦେଇ ଅସ୍ତ୍ରମାରମ୍ଭ କରିଥିଲୁ, ସେଥିପାଇଁ ବିଚ୍ଛନ୍ଦଚରଣ ଆମ୍ଭମାନଙ୍କୁ କଦାପି କ୍ଷମା କରିନାହାନ୍ତି । ପ୍ରଥମେ 'ସବୁଜ-କବିତା' ରେ ପ୍ରକାଶିତ ହେଲା ଅନ୍ନଦାଶଙ୍କର, କାଳିନ୍ଦୀଚରଣ, ବୈକୁଣ୍ଠନାଥ, ହରିହର ମହାପାତ୍ର ଓ ମୋର ପୂର୍ବରୁ ପ୍ରକାଶିତ କବିତା ସମଷ୍ଟି । ତା ପରେ ପ୍ରକାଶିତ ହେଲା, 'ବାସନ୍ତୀ' । ଲେଖକ ଓ ଲେଖିକାଙ୍କ ଦ୍ୱାରା କ୍ରମଶଃ ଭାବରେ ଲିଖିତ ଓ 'ଉତ୍କଳ-ସାହିତ୍ୟ'ରେ ଧାରାବାହିକ ଭାବରେ ପ୍ରକାଶିତ ବିରାଟ ଉପନ୍ୟାସ 'ବାସନ୍ତୀ' ବହିଟିର ସମ୍ପାଦକ ରୂପେ ମୁଁ ଉତ୍କଳ ସାହିତ୍ୟରେ ପ୍ରକାଶିତ ବହୁଅଂଶକୁ ପୁସ୍ତକରୁ ବାଦ ଦେଇଥିଲି । ତାହାର ପରେ ପରେ ହରିଶ୍ଚନ୍ଦ୍ର ବଡ଼ାଲଙ୍କର ଦେଶାତ୍ମବୋଧମୂଳକ ନାଟକ 'ଦେଶର ଡାକ', ମାୟାଧର ମାନସିଂହଙ୍କର ନୃତ୍ୟ-ନାଟିକା 'ପୂଜାରିଣୀ' ହରିହର ମିଶ୍ରଙ୍କ ନାଟକ 'ଅର୍ଚ୍ଚନା' ସଚ୍ଚିଦାନନ୍ଦ ରାଉତରାୟଙ୍କ କବିତା 'ପାଥେୟ', ବୈକୁଣ୍ଠନାଥ ପଟ୍ଟନାୟକଙ୍କ ନାଟକ 'ମୁକ୍ତିପଥେ', କାଳିନ୍ଦୀଚରଣଙ୍କ ବିରାଟ ଉପନ୍ୟାସ 'ଅମର ଚିତା' ଓ 'ମୁକ୍ତାଗଡ଼ର କ୍ଷୁଧା', ଚିନ୍ତାମଣି ମହାନ୍ତିଙ୍କ ବଡ ଉପନ୍ୟାସ 'ଶନିସପ୍ତା', ଦିବ୍ୟସିଂହ ପାଣିଗ୍ରାହୀଙ୍କ ଉପନ୍ୟାସ 'ତୁ ମୋ ମା', ଚନ୍ଦ୍ରମଣି ଦାଶଙ୍କ 'ଧାମରା' କାବ୍ୟ, କମଳାକାନ୍ତ ଦାଶଙ୍କ ଉପନ୍ୟାସ 'ବୋଉ', ଶାନ୍ତି ମୁଖର୍ଜିଙ୍କ ଗଳ୍ପ ସମଷ୍ଟି 'ଚିରନ୍ତନୀ' ଓ ମୋର ଗଳ୍ପ ସଙ୍କଳନ 'ପଞ୍ଚପୁଷ୍ପ' ପ୍ରକାଶିତ ହେଲା । କେବଳ ଏତିକ କରି ସବୁଜ-ସାହିତ୍ୟ ସମିତି ଯଦି କ୍ଷାନ୍ତ ହୋଇଥାନ୍ତା, ତେବେ ହୁଏତ ବିଚ୍ଛନ୍ଦଚରଣଙ୍କ ଅଭିଯୋଗ ଯେ ଆମ୍ଭେମାନେ ଖାଲି କବିତା-ଉପନ୍ୟାସପ୍ରିୟ, ଅନ୍ତତଃ ଆଂଶିକଭାବରେ ସତ୍ୟ ବୋଲି ଆମ୍ଭେମାନେ ମାନି ନେଇ ପାରିଥାଆନ୍ତୁ । ମାତ୍ର ଓଡ଼ିଆଭାଷାରେ ବଳିଷ୍ଠ ସାହିତ୍ୟ ଓ ଗଣ ସାହିତ୍ୟ ସୃଷ୍ଟିକୁ ନଜର ଧ୍ୟେୟ ରଖି ସମିତି ରାଧାଚରଣ ପଣ୍ଡାଙ୍କ ତିନୋଟି ବହି 'ପାନ', 'ଧୂଆଁପତ୍ର' ଓ 'ଅଫିମ', ବିନୋଦିନୀ ଷଡ଼ଙ୍ଗୀଙ୍କର 'ସ୍ୱାସ୍ଥ୍ୟରକ୍ଷା' ଓ 'ନାନା ଦେଶର ପିଲାଙ୍କ ଖେଳ' ଓ ରାଧାଗୋବିନ୍ଦ ଦାସଙ୍କ 'ଗୋପାଳନ' ମଧ୍ୟ ପ୍ରକାଶ ପାଇଥିଲା ଏବଂ ମାସିକପତ୍ର 'ଯୁଗବାଣୀ' ରେ ଦେଶବିଦେଶର ନାନାବିଧ ସାହିତ୍ୟର ଜ୍ଞାନ-

Digitized by srujanika@gmail.com

ବଙ୍କାନର ପରିଚୟ ଦେଇ ସାହିତ୍ୟ କ୍ଷେତ୍ରରେ ଉଦାରଭାବାପନ୍ନ, ବଳିଷ୍ଠ ଓ ସର୍ବାଙ୍ଗୀନ ସାହିତ୍ୟ ସୃଷ୍ଟି ଯେ ସମିତିର ଏକମାତ୍ର କାମ୍ୟ, ତାହା ପ୍ରକାଶ କରି ପାରିଥିଲି । ମୁଁ ଏହା ବିଶେଷ ଭାବରେ ଉଲ୍ଲେଖ କରିବାକୁ ଚାହେଁ ଯେ, କି 'ଯୁଗବାଣୀ'ରେ କି ତାର ପ୍ରକାଶିତ ଓଂଖଣ୍ଡ ବନ୍ଧରେ ସବୁଜ-ସାହିତ୍ୟ ସମିତି କେଉଁଠି ହେଲେ ପ୍ରାଚୀନ ସାହିତ୍ୟର ବିରୋଧ କରିନାହିଁ ଅଥବା ପ୍ରାଚୀନ ସାହିତ୍ୟିକମାନଙ୍କୁ ବା ସେମାନଙ୍କର ସାହିତ୍ୟ ସୃଷ୍ଟିକୁ ସାନ କରି ଦେଖାଇ ନାହିଁ । ତଥାପି ବିଚ୍ଛନ୍ଦଚରଣ କଦାପି ଆମ୍ଭମାନଙ୍କ ପ୍ରତି ସଦୟ ହୋଇନାହାନ୍ତି । ଏ ବିଷୟରେ ସେ ବଡ ଅନୁଦାର ଓ ଏକଦେଶଦର୍ଶୀ ଥିଲେ । ସେ ମନେ କରୁଥିଲେ ଯେ ଗଳ୍ପ, ଉପନ୍ୟାସ, ନାଟକ, ଛନ୍ଦଲୟହୀନ କବିତା ପ୍ରଭୃତି ସୃଷ୍ଟି କରି ସବୁଜ-ସାହିତ୍ୟ ସମିତି ପ୍ରାଚୀନ ସାହିତ୍ୟର ପ୍ରସାରରେ ବାଧା ସୃଷ୍ଟି କରି ଅଛନ୍ତି ଏବଂ ଦେଶ ବିଦେଶରୁ ଶୈଳୀ, ଶବ୍ଦାବଳୀ ଓ ଜ୍ଞାନ ଆହରଣ କରିବା ଦ୍ୱାରା ପ୍ରାଚୀନ-ଓଡ଼ିଆ ସାହିତ୍ୟ-ଭଣ୍ଡାରର ଅଶେଷ ସମ୍ପଦକୁ ଲୋକଚକ୍ଷୁରେ କ୍ଷୁଦ୍ର ପ୍ରତିପନ୍ନ କରୁଅଛନ୍ତି । ଏ ଦେଶର ଦୁର୍ଭାଗ୍ୟ-'ସବୁଜ-ସାହିତ୍ୟ ସମିତି' ବହୁବର୍ଷ ଧରି କର୍ମଠ ରହି ପାରିଲାନାହିଁ । ଏହି ସମିତିର ଅକାଳ-ମୃତ୍ୟୁ ନ ହୋଇଥିଲେ ଖାଲି କାବ୍ୟ, କବିତା, ନାଟକ, ଉପନ୍ୟାସ ନୁହେଁ, ଅର୍ଥନୀତି ବିଜ୍ଞାନ ପ୍ରଭୃତି ବିଷୟରେ ମଧ୍ୟ ଆଧୁନିକ କାଳୋପଯୋଗୀ ଗ୍ରନ୍ଥମାନ ସମିତି ପ୍ରକାଶ କରି ପାରିଥାନ୍ତା ଏବଂ ସମିତି ଯେ ମକରନ୍ଦପାୟୀ କେତୋଟି ସ୍ୱପ୍ନ-ବିହ୍ୱଳ ଭ୍ରମରର କର୍ମସ୍ଥଳୀ ନଥିଲା, ତାହା ପ୍ରମାଣ କରି ପାରିଥାନ୍ତା । ଆମ୍ଭମାନଙ୍କର ଦୁର୍ଭାଗ୍ୟ ଯେ ସମାଲୋଚକ ବନ୍ଧୁମାନଙ୍କୁ ନିଜର ସଂପୂର୍ଣ୍ଣ ପରିଚୟ ଦେବା ପୂର୍ବରୁ ଆମ୍ଭେମାନେ ବିଳୟ ଭଜିଲୁ । ତଥାପି ଯେଉଁ ଓଂଖଣ୍ଡ ବନ୍ଧ ଓ ମାସିକ-ପତ୍ର 'ଯୁଗବାଣୀ' ସମିତି ପ୍ରକାଶ କରି ପାରିଥିଲା, ସମିତିର ଆଦର୍ଶକୁ ଓ କାର୍ଯ୍ୟ-କଳାପକୁ ସେମାନଙ୍କ ଦ୍ୱାରା ବିଚାର କରିବା ଉଚିତ୍ । କେବଳ ବିଚ୍ଛନ୍ଦଚରଣ ଯେ ତାହା କରିନାହାନ୍ତି ତାହା ନୁହେଁ—ଅନ୍ୟମାନେ ମଧ୍ୟ ଖାଲି 'ସବୁଜ-କବିତା' ଓ 'ବାସନ୍ତୀ' ପଢ଼ି ଆମ୍ଭମାନଙ୍କୁ ଭୁଲ୍ ବୁଝିଥିଲେ । ସ୍ୱର୍ଗସ୍ଥ ମୁରାରି-ମୋହନ ଜେନା ତାଙ୍କର 'ସବୁଜ-ସାହିତ୍ୟ ଓ ବୈକୁଣ୍ଠନାଥ' ନାମକ ଆଲୋ-ଚନାମୂଳକ ଗ୍ରନ୍ଥରେ କେବଳ ପ୍ରଥମ ଗ୍ରନ୍ଥ 'ସବୁଜ' କବିତା ଉପରେ ନିର୍ଭର କରି ସମିତିର ଉଦ୍ୟୋକ୍ତାମାନଙ୍କ ପ୍ରତି ନାନା କଟୂକ୍ତି କରିଅଛନ୍ତି, ଯାହାକି ଓଂଖଣ୍ଡ ଯାକ ବନ୍ଧ ପଢ଼ିଥିଲେ ସେ କଦାପି କରି ନ ଥାନ୍ତେ । 'ବାସନ୍ତୀ' ଉପନ୍ୟାସରେ ଯେଉଁ ଧରଣର ସମାଜ-ସଂସ୍କାରର ଇଙ୍ଗିତ ଥିଲା, ବର୍ତ୍ତମାନ ସମାଜ ତାହାଠାରୁ ଅନେକ ଦୂରକୁ ଆଗେଇଗଲାଣି—ତଥାପି ପ୍ରାୟ ୬୦ ବର୍ଷ

Digitized by srujanika@gmail.com

ପୂର୍ବେ ତାହାର ପ୍ରଥମ ପ୍ରକାଶନ ସମୟରେ ରକ୍ଷଣଶୀଳ ଲୋକେ ତା ପ୍ରତି ନାକ ଟେକିଥିଲେ ଏବଂ ସେଇ ନାକଟେକାଟା ବିଶେଷ ଭାବରେ ପଡ଼ିଥିଲା ସବୁଜ-ସମିତି ଉପରେ । ବିଚ୍ଛନ୍ଦଚରଣ ପୁରାପୂରି ରକ୍ଷଣଶୀଳ ଥିଲେ ବୋଲି ଆମ୍ଭେ-ମାନେ ତାଙ୍କର ଶୁଭଦୃଷ୍ଟି ପାଇନାହୁଁ ।

(୧)

ଅଧ୍ୟାପକ ଆର୍ତ୍ତବଲ୍ଲଭଙ୍କ ନେତୃତ୍ୱ ଓ ଯୋଗ୍ୟ ସଂସ୍ଥାପକ ଓ ପରିଚାଳକ ବିଚ୍ଛନ୍ଦଚରଣଙ୍କ ହାତରେ ପ୍ରାଚୀ ସମିତି, ଦିନକୁ ଦିନ ଶୁକ୍ଳପକ୍ଷର ଚନ୍ଦ୍ରମା ପରି ବଢିଚାଲିଲା । ଛାନ୍ଦ, ଚଉତିଶା, ପ୍ରାଚୀନ କାବ୍ୟ, ମଧ୍ୟଯୁଗୀୟ ପୁରାଣ ପ୍ରଭୃତି ନବକଳେବର ଧାରଣ କଲା ଓ ଅଧୁନା ଗ୍ରାହ୍ୟ ଟୀକାସମ୍ବଳିତ ହୋଇ ଉତ୍କଳ — ଭାରତୀର ବେଦୀମୂଳ ଆଲୋକିତ କରିବାକୁ ଲାଗିଲା । ବିଚ୍ଛନ୍ଦଚରଣ ଏଥିପାଇଁ ଯେଉଁ ପରିଶ୍ରମ କରୁଥିଲେ, ସାହିତ୍ୟ ସାଧନାର କ୍ଷେତ୍ରରେ ଉତ୍କଳରେ ବହୁତ କମ୍ ଲୋକ ଏପରି ପରିଶ୍ରମ କରିଅଛନ୍ତି । କେବଳ ସେତିକି ନୁହେଁ, ବାଛି ବାଛି ଉକ୍ତ ସାହିତ୍ୟର ରତ୍ନରାଜିକୁ ସେ ଇଂରାଜୀରେ ଅନୁବାଦ କରି ପ୍ରକାଶ କରିଥିଲେ ଓ ଏସବୁ ଅମୂଲ୍ୟ ରତ୍ନ ଓଡ଼ିଶା ବାହାରେ ରସିକମାନଙ୍କ ଦୃଷ୍ଟିକୁ ଆସି ଓଡିଶାର ଟେକ ବଢ଼ାଇଲା । ସବୁଜଦଳ ଏହା ଶ୍ରଦ୍ଧାର ସହିତ ଲକ୍ଷ୍ୟ କରି ଆସିଅଛନ୍ତି ଓ ଦୂରରୁ ବିଚ୍ଛନ୍ଦ-ଚରଣଙ୍କୁ ଅଭିନନ୍ଦନ କରି ଆସିଅଛନ୍ତି । 'ଦୂରରୁ' ଜାଣିଶୁଣି କହିଲି, କାରଣ ବିଚ୍ଛନ୍ଦଙ୍କ ଦୃଷ୍ଟିରେ ଆମ୍ଭେମାନେ ଥିଲୁ ଅପାଂକ୍ତେୟ । ଶାରଳା ମହାଭାରତରେ ଲିଖିତ ଅସଂଖ୍ୟ କାଳ୍ପନିକ କାହାଣୀ, ଯାହାକି ମହର୍ଷି ବେଦବ୍ୟାସଙ୍କର ମୂଳ ସଂସ୍କୃତ ମହାଭାରତରେ ନାହିଁ; ବିପ୍ର ନୀଳାମ୍ବରଙ୍କର 'ଦେଉଳତୋଳା' ପୁଆଣ, ପଣ୍ଡିତ ଶ୍ରୀ ଚନ୍ଦନଙ୍କର ବଙ୍ଗଳା ମିଶ୍ରିତ ଭାଷାରେ ଲିଖିତ 'ବସନ୍ତ-ରାସ' ଓ 'ଶରତ୍-ରାସ', ଅଚ୍ୟୁତାନନ୍ଦଙ୍କର 'ମାଳିକା' ଯାହାର ଅଧିକାଂଶ ଇତିହାସ ଅଳୀକ ବୋଲି ପ୍ରମାଣ କରିଅଛୁ, ଯଶୋବନ୍ତ ଦାସଙ୍କର ବଙ୍ଗଦେଶରେ ପ୍ରଚଳିତ 'ଗୋବିନ୍ଦଚନ୍ଦ୍ର କାହାଣୀ', ପିତାମ୍ବର ଦାସଙ୍କର 'ନୃସିଂହ ପୁରାଣ'ରେ ଲିଖିତ ଶୁକ-ମେନକା ସଂବାଦ ଯାହାକି ମୋପାସାଁ । ବ୍ୟାଲଜାକଙ୍କ ପ୍ରଣୟମୂଳକ କ୍ଷୁଦ୍ର ଗଳ୍ପ ପରି, ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ'ର ପ୍ରେମକାହାଣୀ ବା 'ରସପଞ୍ଚକ' ବା 'ରସିକହାରାବଳୀ', ଅଭିମନ୍ୟୁ ସାମନ୍ତ ସିଂହାରଙ୍କର 'ବାଘଗୀତ' ଯହିଁରେ ବାଘ ଶିକାର ବର୍ଣ୍ଣିତ ହୋଇଅଛି ଅଥବା 'ଚଢ଼େଇଗୀତ' ଯହିଁରେ ବୁଲ୍‌ବୁଲ୍ ଚଢେଇମାନଙ୍କର ଲଢ଼େଇ ବର୍ଣ୍ଣିତ, ଯଦୁମଣି ମହାପାତ୍ରଙ୍କର 'ଯଦୁମଣି ରହସ୍ୟ', ଦେବଦୁର୍ଲ୍ଲଭ ଦାସଙ୍କର 'ରହସ୍ୟମଞ୍ଜରୀ' ଅଥବା ଭୂପତି ପଣ୍ଡିତଙ୍କର

Digitized by srujanika@gmail.com

'ପ୍ରେମପଞ୍ଚାମୃତ', ଅରକ୍ଷିତ ଦାସଙ୍କର ବାସ୍ତବରେ 'ଆତ୍ମଜୀବନୀ' ଯାହାର ଅନ୍ୟ ନାମ ସେ 'ମହିମମଣ୍ଡଳଗୀତା' ରଖିଅଛନ୍ତି, ଗ୍ରାମବୋଇଙ୍କ 'ସ୍ଫୁଟଚନ୍ଦ୍ରାମଣି'ରେ ହିନ୍ଦୁର ଯାଗଯଜ୍ଞ ପୂଜାଅର୍ଚ୍ଚନା ତ୍ୟାଗ, ଆରବ୍ୟ ଉପନ୍ୟାସ ଭଳି ବ୍ରଜନାଥ ବଡ଼ଜେନାଙ୍କ ଗଦ୍ୟକାବ୍ୟ 'ଚତୁର-ବିନୋଦ' ଯାହାର ଶୃଙ୍ଗାରଖଣ୍ଡ ହାସ ବିନୋଦ, ରସବିନୋଦ, ନୀତି-ବିନୋଦ ଓ ପ୍ରୀତିବିନୋଦରେ ଅତି ମନୋଜ୍ଞ ରସାଳଳେଖା ଭରି ରହିଛି ଏବଂ ସେହି ବଡ଼ଜେନାଙ୍କର 'ସମରତରଙ୍ଗ' ଯାହା କି ଟଲଷ୍ଟୟଙ୍କ 'War and Peace' ର ଅଂଶବିଶେଷକୁ ମନେ· ପକାଇଦିଏ, ସବୁ କେବଳ ପ୍ରାଚୀନ ବୋଲି ପ୍ରିୟ ଥିଲି ବିଚ୍ଛନ୍ଦଚରଣଙ୍କ ପାଖରେ, ଯଦିଓ ଏମାନଙ୍କ ଭିତରେ କମ ଉପନ୍ୟାସ, ଗଳ୍ପ ବା ନାଟକର ବସ୍ତୁ ଭରି ରହିନାହିଁ ଏବଂ ଯଦିଓ ଏମାନଙ୍କ ଭିତରେ କମ୍ ସଂସ୍କାର ମୂଳକ ମନୋବୃତ୍ତି ଦେଖାଯାଏ ନାହିଁ । ଅଥଚ ଖାଲି ଆଧୁନିକ ବୋଲି ସବୁଜ-ସମିତିର 'ମୁକ୍ତା-ଗଡ଼ର କ୍ଷୁଧା', 'ମୁକ୍ତିପଥେ', 'ଦେଶର ଡାକ', 'ପୂଜାରଣୀ', 'ବାସନ୍ତୀ', 'ଶକ୍ତିସପ୍ତା' କେହି ତାଙ୍କର ସୁଦୃଷ୍ଟି ପାଇଲେ ନାହିଁ । ବିଚ୍ଛନ୍ଦଚରଣ ନିଜ ଦୃଷ୍ଟିଭଙ୍ଗୀକୁ କେବଳ ଯେ ଠିକ୍ ମନେ କରୁଥିଲେ, ତାହାନୁହେଁ, ଅନ୍ୟ ଦୃଷ୍ଟିଭଙ୍ଗୀପ୍ରତି ସେ ବଡ଼ ଅସହିଷ୍ଣୁ ମଧ୍ୟ ଥିଲେ ଏବଂ ଭଞ୍ଜଜୟନ୍ତୀର ଅବସରରେ ଓ ଅନ୍ୟାନ୍ୟ ସଭା ସମିତିରେ ଆଧୁନିକ ସାହିତ୍ୟର ପୂଜାରୀମାନଙ୍କୁ ଅତ୍ୟନ୍ତ କଟୁ ଭାଷାରେ ସମାଲୋଚନା କରୁଥିଲେ । ଏଥିପାଇଁ ସେ ଆଧୁନିକମାନଙ୍କ ମଧ୍ୟରେ ଅପ୍ରିୟ ହୋଇଥିଲେ ମଧ୍ୟ ତାଙ୍କପ୍ରତି ଆଧୁନିକମାନଙ୍କର ଶ୍ରଦ୍ଧା ତିଳେହେଲେ କେବେ କମିନାହିଁ । ୧୯୨୯ ବେଳକୁ ଏହି ଭିନ୍ନ ଦୃଷ୍ଟିଭଙ୍ଗୀ କଣ୍ଟିଭ୍ର-ପରିମାଣରେ ପ୍ରକାଶିତ ହୋଇଥିଲା ମୋର ଓ ତାଙ୍କର ମସୀଯୁଦ୍ଧରେ ଓ ଇଂରାଜୀଭାଷାରେ । ସେ ନାମ ଗୋପନ କରି କଟକର 'The Oriya' ସମ୍ବାଦରେ ଲେଖୁଥାନ୍ତି ଓ ମୁଁ ନାମ ଗୋପନକରି କଟକର The Star of Utkal'ରେ ଲେଖୁଥାଏ । ସେ ଜାଣିଥାନ୍ତି ଯେ ମୁଁ ତାଙ୍କ ବିରୁଦ୍ଧରେ ଲେଖେ ଏବଂ ମୁଁ ଜାଣିଥାଏ ଯେ ସେ ମୋ ବିରୁଦ୍ଧରେ ଲେଖନ୍ତି, ମାତ୍ର ଏହି ମସୀଯୁଦ୍ଧ କଦାପି ବ୍ୟକ୍ତିଗତ ସ୍ତରକୁ ଆସିନାହିଁ । ଦେଖା ହେଲେ ମାତ୍ରକେ ସେଇ ସ୍ମିତ ହାସ୍ୟ ଓ ଅନର୍ଗଳ ତାଙ୍କର ପ୍ରାଚୀନ ସାହିତ୍ୟର ଗୁଣ-କୀର୍ତ୍ତନ । ମୁଁ ଶ୍ରୋତା ମାତ୍ରେ ମୁଗ୍ଧ ହୋଇ ତାଙ୍କ କଥା ଶୁଣେ—ଦୂରରୁ ଆଜି ବଙ୍ଗ କବି ନଗେନ୍ଦ୍ରବାଳା ସରସ୍ୱତୀଙ୍କ ଭାଷାରେ ତାଙ୍କୁ କହେ ବିଚ୍ଛନ୍ଦ କେତେ ଥର-'ଉପେନ୍ଦ୍ର ଭଞ୍ଜରେ ସେଇ କବିତା ସୁନ୍ଦର, ଗାଇଆ ମୋହିଆ ଛିଲେ ଆମାର ଅନ୍ତର ।'

Digitized by srujanika@gmail.com

(୭)

ବଚ୍ଛନ୍ଦଚରଣଙ୍କ ସହିତ ଶେଷ ଦେଖା ଭୁବନେଶ୍ୱରରେ ୧୯୬୯ ପୂଜାଛୁଟିରେ, ସାହିତ୍ୟ ସଂପୃକ୍ତ ନିଖିଳ ଭାରତୀୟ 'P. E. N.' ଲେଖକ ସମ୍ମିଳନୀ ବେଳେ । ଭାରତର ବହୁ ପ୍ରତିଷ୍ଠିତ ଲେଖକ-ଲେଖିକା ସେ ସମ୍ମିଳନୀରେ ଯୋଗ ଦେଇଥିଲେ । ସେମାନଙ୍କୁ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ରାଜୋଚିତ ଆତିଥ୍ୟ ଦେବାର ଆୟୋଜନ ଏବଂ ସଙ୍ଗେ ସଙ୍ଗେ ଓଡ଼ିଆ ଲେଖକ ସମ୍ମିଳନୀଟିଏ ଆହ୍ୱାନ କରିବା ପ୍ରତି ଉଦାସୀନତା ଏବଂ ଉକ୍ତ ସମ୍ମିଳନୀକୁ ଆସୁଥିବା ଓଡ଼ିଆ ଲେଖକଙ୍କ ପାଇଁ କୌଣସି ବ୍ୟବସ୍ଥା ନଥିବା ଦେଖି ମୁଁ ମର୍ମାହତ ହୋଇଥିଲି ଏବଂ ସେ ବିଷୟରେ 'ଲେଖକ-ସମ୍ମିଳନୀର ସାର୍ଥକତା' ନାମକ ମୋର ଏକ ଲେଖା 'ସମାଜ'ର ପି. ଇ. ଏନ. ବିଶେଷାଙ୍କ ପ୍ରକାଶ କରିଥିଲେ । ବଚ୍ଛନ୍ଦଚରଣ ଠିକ୍ ମୋ ଭଳି ଓ ଅନ୍ୟ ଓଡ଼ିଆ ଲେଖକଙ୍କଭଳି ମର୍ମାହତ ହୋଇଥିଲେ ମଧ୍ୟ କିଛି କହି ପାରୁ ନ ଥିଲେ । କାରଣ ସେତେବେଳେ ତାଙ୍କର ସରକାରୀ ଚାକିରି ଶେଷ ହେଉଥାଏ ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀରେ ଚାକିରିଟିଏ ମିଳିବାର ଆଶା ଥାଏ । ତଥାପି ଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଗୃହୀତ ଏକ କ୍ଷୁଦ୍ର ପ୍ରତିବାଦ ସଭାରେ ସେ ଯୋଗ ଦେଇଥିଲେ ଏବଂ ସର୍ବାନ୍ତଃକରଣରେ ଆମ୍ଭମାନଙ୍କୁ ସମର୍ଥନ କରିଥିଲେ । ସେ ସଭାପରେ ମତେ କହିଲେ, 'ଆପଣଙ୍କ ଗାଡ଼ିରେ ନେଇ ମତେ ଘରେ ପହଞ୍ଚାଇ ଦିଅନ୍ତୁ ।' ମୁଁ ତାଙ୍କୁ ଘରକୁ ନେଇଗଲି, ଶିଶୁପରି ମୋ ପିଠିରେ ହାତରଖି ଗାଡ଼ିରୁ ଓହ୍ଲାଇଲେ ଓ ଘର ଭିତରକୁ ଗଲେ । ତା ପରେ ମୋର ଲେଖାଟିର ପ୍ରଶଂସା କରି ଗୋଟି ଗୋଟି କରି ନିଜର ସାହିତ୍ୟିକ ଜୀବନର ବ୍ୟର୍ଥତା କଥା ଓ ଜୀବନରେ ପାଇଥିବା ଅବହେଳା କଥା କହିଲେ । ମୁଁ ଶୁଣି କହିଲି, "ବଚ୍ଛନ୍ଦ ! ତଥାପି ହାରିବା ନାହିଁ । ଓଡ଼ିଶାର ବହୁ ସାହିତ୍ୟିକ ଅନାଦରରେ ଜୀବନ କଟାଇଅଛନ୍ତି । ଏଭଳି ଅନାଦର ସତ୍ତ୍ୱେ ଆମେ ସାହିତ୍ୟ-ସେବା କରିଯିବା" । ଏକଥା ମୁହଁରେ କହିଲି ସିନା, ମାତ୍ର ଏକରକମ ପଙ୍ଗୁ ହୋଇ ସୁଦ୍ଧା ବଚ୍ଛନ୍ଦଚରଣ ଆଜୀବନ ସାହିତ୍ୟ-ସେବା ବିଷୟରେ ଯେଉଁ ନିଷ୍ଠାର ସହିତ ପ୍ରଗାଢ଼ ପରିଶ୍ରମ କରିଥିଲେ, ଦେଶପାଖରୁ ତାହାର ପ୍ରତିଦାନ ନ ପାଇ ତାଙ୍କ ଅନ୍ତର ଯେ କେତେ କାନ୍ଦିଥିବ, ତାହା ଭଲଭାବରେ ବୁଝିପାରିଲି । ପୁଣି ମନେ ପଡ଼ିଥିଲା—

"ଯେନ ପୂଜ୍ୟପୂଜା ବ୍ୟତିକ୍ରମ ଫଳ ।" ଇତ୍ୟାଦି ।

●

Digitized by srujanika@gmail.com

ସବୁଜ ପର ଆସ

ବର୍ତ୍ତମାନ ୧୯୮୫ ମସିହାର ଅର୍ଦ୍ଧଭାଗ ଏବଂ ସବୁଜ ସାହିତ୍ୟ ସମିତି ବୟସର ଠିକ୍ ଷାଠିଏ ବର୍ଷ ପୂର୍ଣ୍ଣ ହେଲାଣି । ତଥାପି ସବୁଜ ସାହିତ୍ୟ ସମିତି କଥା ଓ ସବୁଜପନ୍ଥୀମାନଙ୍କ କଥା ଅଦ୍ୟାପି ଆଲୋଚିତ ହେବା ଏକ ବିସ୍ମୟର ବ୍ୟାପାର । 'ଆଷାଢସ୍ୟ ପ୍ରଥମ ଦିବସେ ମେଘମାଶ୍ଲିଷ୍ଟ ସାନୁଂ, ବପ୍ର କ୍ରୀଡ଼ା ପରିଣତ ଗଜ ପ୍ରେକ୍ଷଣୀୟଂ ଦଦର୍ଶ'—ଏଭଳି ଦୃଶ୍ୟ ମଧ୍ୟରେ ରଜ ପର୍ବ ପାଇଁ ଯେଉଁ ବିଶେଷ ସଂଖ୍ୟା କଟକର 'ମାତୃଭୂମି' ପ୍ରକାଶ କଲେ, ସେଥିରେ ସବୁଜ ସାହିତ୍ୟ ପରିକ୍ରମା କରିବାକୁ ଯାଇ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏମ୍.ଫିଲ୍ ଛାତ୍ର ଶ୍ରୀମାନ ପ୍ରଶାନ୍ତ କୁମାର ପ୍ରହରାଜ, ଯେଉଁ 'ସବୁଜ ପର ଆସ' ଲେଖିଲେ, ତାହା ନିମ୍ନରେ ଦେଲି :—

"ମାର୍କିନ ବିପ୍ଳବର ଅନାକାଙ୍କ୍ଷିତ ପୃଷ୍ଠପିଠିକା ବିଶ୍ୱଯୁଦ୍ଧର ପ୍ରଭା ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ପରିବର୍ତ୍ତନର ସୂତ୍ରପାତ କରିଛି । ସାହିତ୍ୟ ଏହି ସମୟରେ ଏକ ନୂତନ ମୋଡ଼ ନେଇ ଆତ୍ମ ପ୍ରକାଶ କରିଛି । ସାହିତ୍ୟ କ୍ଷେତ୍ରରେ ନୂତନ ଚିନ୍ତାଧାରା, ନୂତନ ଜୀବନ ବୋଧ-ସ୍ୱାଗତ କରାଯାଇଛି । ଏହି ପ୍ରଭାବ ଊଣାଅଧିକେ ଭାରତୀୟ ସାହିତ୍ୟରେ ମଧ୍ୟ ପରିଲକ୍ଷିତ ।

ଭାରତୀୟ ସାହିତ୍ୟରେ ସବୁଜ ଯୁଗର ସମସାମୟିକ ଯୁଗ ଭାବରେ ବଙ୍ଗଳାର କଲ୍ଲୋଳ ଯୁଗ, ହିନ୍ଦୀର ଛାୟାବାଦୀ ଯୁଗ ପ୍ରଭୃତି ଉଲ୍ଲେଖ ଯୋଗ୍ୟ ଓଡ଼ିଆ ସାହିତ୍ୟରେ ସବୁଜ ଯୁଗକୁ ୧୯୨୧ ମସିହାରୁ ୧୯୩୫ ମସିହା ମଧ୍ୟରେ ସୀମାବଦ୍ଧ କରାଯାଇପାରେ । ସବୁଜ ଯୁଗ ସମ୍ପର୍କରେ ଅଭିମତ ଦେଇ 'ଶଙ୍ଖ' (ପ୍ରଥମ ବର୍ଷ ପଞ୍ଚମ ସଂଖ୍ୟା)ରେ କୁହାଯାଇଛି ଯେ, ପାଶ୍ଚାତ୍ୟର-'ବବ୍‌ସନ୍' ଶ' ରଲ୍' ଓ ଆମ ଭାରତୀୟ ସାହିତ୍ୟର ପ୍ରସିଦ୍ଧ କବି ରବୀନ୍ଦ୍ରନାଥଙ୍କ ରଚନା ଦ୍ୱାରା ଅନୁପ୍ରାଣିତ ହୋଇ ଏମାନେ ସାହିତ୍ୟ ରଚନାରେ ବ୍ରତୀ ହୋଇଥିଲେ । ଧର୍ମ ଓ ସମାଜରେ ସଂସ୍କାର ଆଣିବା, ସମାଜ ଗଠନରେ ନାରୀ ଓ ପୁରୁଷ ଉଭୟଙ୍କୁ

Digitized by srujanika@gmail.com

ସମାନ ଆସନ ଦେବା ଓ ସବୁପ୍ରକାର କୁସଂସ୍କାର ଏଡାଇ ଜାତିକୁ ଏକ ନୂତନ ଗଢିଦେବା ସେମାନଙ୍କର ଲକ୍ଷ୍ୟ ଥିଲା ।

୧୯୨୮ ମସିହା ବେଳକୁ କବିରବୀନ୍ଦ୍ରଙ୍କ ପ୍ରଚଣ୍ଡ ସୂର୍ଯ୍ୟ ତେଜରେ ସେତେବେଳକୁ ସମସ୍ତ ଭାରତ ଆଲୋକିତ । ଓଡ଼ିଶାର ତରୁଣ କବିଦଳ ଅନ୍ନଦା, କାଳନ୍ଦୀ, ବୈକୁଣ୍ଠ ଧରିଲେ ରବୀନ୍ଦ୍ରଙ୍କୁ ତାଙ୍କ ଆଦର୍ଶତାରେ । ତାରୁଣ୍ୟର ତରୁଣ ଆଦର୍ଶ ଦରକାର । ସେ କାହାକୁ ନା କାହାକୁ ପୂଜା କରିବାକୁ ଚାହେଁ । ଏହି ସବୁଜପନ୍ଥୀମାନେ ରବୀନ୍ଦ୍ର ନାଥଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କବିତା ଲେଖିଛନ୍ତି । ଜାତିର ସ୍ୱପ୍ନ ସନ୍ଦେଶ, ସଂସ୍କାର ପ୍ରୟାସ ମନୋବୃତ୍ତି ତାଙ୍କର ସୃଷ୍ଟିରେ ନୂଆ ମୋଡ଼ ନେଇଛି ।

ସବୁଜ ନାମକରଣ ସଂପର୍କରେ ଅନେକ ସମୟରେ ମନରେ ନାନା ପ୍ରଶ୍ନ ଉଠେ । ସବୁଜ ହେଉଛି ନବୀନ ଯନ୍ତ୍ରରଙ୍ଗ । ଏହା ହେଉଛି ରସ ଓ ପ୍ରାଣର ଯୁଗପତ୍ ଲକ୍ଷଣ । ବ୍ୟକ୍ତ ତାର ଦକ୍ଷିଣରେ ନୀଳ ଆଉ ବାମରେ ପୀତ, ତାର ପୂର୍ବ ସୀମାରେ ବାଇଗଣି ଓ ପଶ୍ଚିମରେ ଲାଲ, ଅନ୍ତଃ ଓ ଅନନ୍ତ ମଧ୍ୟରେ, ପୂର୍ବ ଓ ପଶ୍ଚିମ ମଧ୍ୟରେ, ସ୍ମୃତି ଓ ଆଶା ମଧ୍ୟରେ ମଧ୍ୟସ୍ଥ କରିବା ହେଉଛି ସବୁଜର ଅର୍ଥାତ୍ ସରସପ୍ରାଣର ସ୍ୱଧର୍ମ । ଏ ହେଉଛି ସବୁଜ ନାମ ସମ୍ପର୍କରେ ବଙ୍ଗଳାର ପ୍ରସିଦ୍ଧ ସାହିତ୍ୟିକ ପ୍ରମଥନାଥ ଚୌଧୁରୀଙ୍କ ମତ ।

ଯୀଶୁଜନ୍ମ ଯେଉଁଭଳି ଘୋଡ଼ାଶାଳରେ ହୋଇଥିଲା, ସବୁଜ ସାହିତ୍ୟର ଜନ୍ମ ସେହିପରି ହୋଇଥିଲା ଏକ ପଶୁ ଡାକ୍ତରଖାନାରେ । ଅନ୍ନଦାଶଙ୍କର, ବୈକୁଣ୍ଠନାଥ, ଶରତଚନ୍ଦ୍ର, କାଳନ୍ଦୀଚରଣ, ହରିହର—ଏହି ପାଞ୍ଚଜଣ ସତୀର୍ଥ ସଙ୍ଗଠନ ଗଢି ଏପରି ଏକ ଯୁଗକୁ ଜନ୍ମ ଦେଇଥିଲେ । ଏମାନେ ପ୍ରଥମେ 'ନନ୍‌ସେନସ କ୍ଲବ' ନାମରେ ଏକ କ୍ଲବ ଗଠନକରିଥିଲେ । ଏହି ନାମଟି ସେମାନେ ଇଂରେଜ କବି କାଓପରଙ୍କ ପଦାବଳୀରୁ ପାଇଥିଲେ । ଏହା ତରଫରୁ ମଧ୍ୟ ଏକ ପତ୍ରିକା ବାହାରିଥିଲା । ରେଭେନ୍‌ସା କଲେଜ ତରୁଣମାନଙ୍କ ଦ୍ୱାରା ଗଠିତ ଏହି କ୍ଷୁଦ୍ର ଅନୁଷ୍ଠାନର ପତ୍ରିକାର ନାମ ଥିଲା 'ନନ୍‌ସେନସ କ୍ଲବ ମାଗାଜିନ, ପରେ ଏହି ନାମକରଣ ପରିବର୍ତ୍ତନ କରାଯାଇ ଏହାକୁ ଓଡ଼ିଆ ନାମ 'ଅବକାଶ' ଦିଆଗଲା । ଏହି 'ଅବକାଶ' ନାମ କରଣ ମୂଳରେ ଅନ୍ନଦା ଶଙ୍କର ଗୋଟିଏ ଦୃଷ୍ଟି-ଭଙ୍ଗୀ ରଖିଥିଲେ । ଅର୍ଥାତ୍ ସମସ୍ତଙ୍କ ନାମର ପ୍ରଥମ ଅକ୍ଷର ପତ୍ରିକା ସହିତ ଜଡ଼ିତ ଥିଲା । ମାତ୍ର ହରିହରଙ୍କ ନାମ ନ ରହିବାରୁ ସେ ନାମଟି ପରିବର୍ତ୍ତନ କରାଗଲା ।

Digitized by srujanika@gmail.com

ପରେ କ୍ଲବ୍ ପତ୍ରିକାର ନାମ 'ଶକ୍ତିସାଧନା' ହୋଇଗଲା । ଏହି 'ଶକ୍ତି ସାଧନା' ନାମ ପଛରେ ବିଶ୍ୱକବି ରବୀନ୍ଦ୍ର ନାଥଙ୍କ ପ୍ରେରଣା ଭୁଲିବାର ନୁହେଁ । କାରଣ 'ସାଧନା' ନାମରେ ଏକ ପତ୍ରିକା ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା ।

ଏଠାରେ ପ୍ରଶ୍ନ ଉଠେ, ତାହାହେଲେ ସବୁଜ ନାମ ଏମାନେ କେବେ ଓ କିପରି କବିତାରେ ବ୍ୟବହାର କଲେ ? ବୋଧହୁଏ ସବୁଜ ନାମଟି ପ୍ରଥମେ କବିତାରେ ଅନ୍ନଦାଶଙ୍କର ବ୍ୟବହାର କରିଛନ୍ତି । ସେହି କବିତାଟି ହେଉଛି 'ପତ୍ର-ମହଲ' । 'ପତ୍ରମହଲ' କବିତାଟି 'ଉତ୍କଳ ସାହିତ୍ୟ' ପତ୍ରିକା ବୈଶାଖ ମାସ ୧୯୩୨ ସାଲରେ ଆତ୍ମପ୍ରକାଶ କରିଥିଲା । ସେଥିରେ ଉଲ୍ଲେଖ ଥିଲା—

ସବୁଜ ପତ୍ର ଆସ !
ପତ୍ର ରନ୍ଧ୍ରେ କାନନ୍ଦେର ଉର୍ଦ୍ଧ୍ୱେ ଗୃହେଁ ବାସ
ନଗ୍ନଧରି ଅଙ୍ଗେ ଦିଅ ଦୀପ୍ତଶ୍ୟାମବାସ
ସବୁଜ ପତ୍ର ଆସ !
ମଉନ ଭରି ମୁଖେ ଦିଅ ଯୌବନର ହାସ
ସବୁଜ ପତ୍ର ଆସ !

ବୈକୁଣ୍ଠନାଥ ମଧ୍ୟ 'ସବୁଜ ବନ୍ଧୁ ପ୍ରତି' ନାମରେ ଅନ୍ୟ ଏକ କବିତା 'ଉତ୍କଳ ସାହିତ୍ୟ' ପତ୍ରିକାରେ ସେହି ବର୍ଷ ଅଷାଢ ମାସରେ ଲେଖିଥିଲେ । ସେ କବିତାରେ ଉଲ୍ଲେଖ ଅଛି—

"ଜୀବନଟା ତ ସଂଗ୍ରାମରେ ଯାଇ
କାହିଁକି ଦୁଃଖେ ହତାଶ ହେଉ ଗୁହିଁ
ନବୀନ ତୁହି ତରୁଣ ତୁହି
ଆଲୋକ ତୋର ସାଥୀ
ଦୁର୍ଦ୍ଦିନେ ଥରେ ବଜ୍ରଘୋଷାପେ
ହଠିବୁ କରେ ମାତ ?
ସକଳ ଶାନ୍ତି ସକଳ ଜୟ
କାହିଁକି ଗୃହୁଁ ପଛେ
ଅର୍ଦ୍ଧମୃତ କେବେକ କାହିଁ
ସବୁଜ ସୃଷ୍ଟି ରଚେ !"

Digitized by srujanika@gmail.com

'ସବୁଜ' ଶବ୍ଦଟି ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଦେଖିବାକୁ ମିଳେ ନାହିଁ । ମୁଖ୍ୟତଃ ଏମାନେ ଏ ଶବ୍ଦଟିକୁ ଇଂରାଜୀ Green ଶବ୍ଦରୁ ପାଇଥିଲେ, ଯାହାର ଅର୍ଥ ହେଉଛୁ 'Emblem of Life. ଏହି ସମୟରେ 'ଯୁଗବାଣୀ' ନାମରେ ଏକ ପତ୍ରିକା ହରିହର ମହାପାତ୍ରଙ୍କ ସମ୍ପାଦନାରେ ଆତ୍ମପ୍ରକାଶ କରିଥିଲା । ଏହି ପତ୍ରିକାରେ ସବୁଜ ପନ୍ଥୀମାନଙ୍କର ଚିନ୍ତା ଚେତନା ପ୍ରକଟିତ ହୋଇଅଛୁ । ସବୁଜ-ପନ୍ଥୀମାନଙ୍କ ସ୍ୱପ୍ନରେ ପ୍ରାଚୀନ ପ୍ରତି ଯଥେଷ୍ଟ ଶ୍ରଦ୍ଧା ଥିଲା । ଏହି ସମୟରେ 'ପ୍ରାଚୀ ସମିତି' ନାମକ ଯେଉଁ ଅନୁଷ୍ଠାନ ଗଠନ କରାଯାଇଥିଲା, ତା ସହ ଏମାନଙ୍କ ମଧ୍ୟରୁ କେତେକ ସଂପୃକ୍ତ ଥିଲେ ।

ସବୁଜ ଯୁଗର ସାହିତ୍ୟିକମାନେ ସେମାନଙ୍କର ସୃଷ୍ଟିରେ ସଂସ୍କାରକର ଚେତନା ନେଇ ପରିଚୟ ଦେଇଛନ୍ତି । ନୂତନ ଆଲୋକର ସନ୍ଧାନ ପାଇଁ ପାରମ୍ପରିକ ସମାଜ, ଲୋକମତକୁ ପରିତ୍ୟାଗ କରିବାରେ ଏମାନଙ୍କର କୁଣ୍ଠା ନ ଥିଲା । ଧର୍ମ ନ ମରେ ଚାଲୁଥିବା ଭ୍ରଷ୍ଟାଚାର, ମଠ ନାମରେ ଚାଲୁଥିବା ଯାବତୀୟ କୁତ୍ସିତ ଅପକର୍ମକୁ ନିର୍ବିକାର ଚିତ୍ତରେ ନଷ୍ଟ କରିବାକୁ ସବୁଜପନ୍ଥୀମାନେ ସତତ ସଚେତନ ଥିଲେ । ଏ ସବୁ ବିଷୟ ପ୍ରକାଶ କରିବାରେ ଅନ୍ନଦାଶଙ୍କର ଓ କାଳିନ୍ଦୀଚରଣ ଥିଲେ ଧୂରୀଣ । ଅନ୍ନଦାଶଙ୍କର 'ଦୁରନ୍ତ ପ୍ରେରଣା' ନାମକ ଏକ କବିତାରେ ଲେଖିଛନ୍ତି—

"ସମାଜ ମାନିବି ନାହିଁ
ଲୋକମତ ଦଳିବି ଚରଣେ
\+ \+ \+
ଯେତେ ପାପ ଯେତେ ମିଥ୍ୟା
ଯେତେ ମୋହ ପ୍ରବଞ୍ଚନା
ଧର୍ମ ନାମେ ମଠ ନାମେ
ଜାତିନାମେ ଯେତେ ଆବର୍ଜନା ।
\+ \+ \+
ନିଷ୍ଠୁର ନିର୍ମମ ମୁହିଁ
ନିର୍ବିକାରେ ସବୁ ଦେବି ଜାଳି ।"

ସବୁଜ ପନ୍ଥୀଙ୍କ ଲେଖାରେ ମୁକ୍ତକାମୀ ମାନବର ସ୍ୱର ସର୍ବତ୍ର ଅନୁରଣିତ । ଏମାନେ ବଳିଷ୍ଠ ଆଶାବାଦୀ ଦୃଷ୍ଟିଭଙ୍ଗୀ ନେଇ ଏକ ନୂତନ ସମାଜ ଗଠନର ସ୍ୱପ୍ନ ଦେଖିଥିଲେ, ଭବିଷ୍ୟତ ପାଇଁ ଏମାନଙ୍କର ଏ ପ୍ରେରଣା କିଛି କମ୍ ନାହିଁ ।

Digitized by srujanika@gmail.com

ସେମାନଙ୍କର ଭବିଷ୍ୟତ ପ୍ରେରଣା ଓ ଆଶାବାଦୀ ଦୃଷ୍ଟିଭଙ୍ଗୀ ବାସ୍ତବିକ ପ୍ରଶଂସନୀୟ । ସେ ସବୁର ସ୍ୱର ଏହିପରି —

"ମୁକ୍ତହୁଅ ମୁକ୍ତହୁଅ
ଜଗତର ଯେତେ ନରନାରୀ
ମୃତ ସମାଜର ଶିରେ
ସିଞ୍ଚିଦିଅ ସଞ୍ଜିବନୀ ବାରି,
ନର ତୁମେ ଭୁଲିଯାଅ
ଅତୀତର ଦୁଃସ୍ୱପ୍ନ ଯେତେକ
ଭାବୀକାଳ ଅଭିମୁଖେ
ନବପଥେ ହୁଅ ହେ ପଥିକ ।

ମାନବବାଦୀ ଦୃଷ୍ଟିଭଙ୍ଗୀ ସବୁଜ ଯୁଗର କବିମାନଙ୍କ କବିତାକୁ କବଳିତ କରିଥିଲା । ମାନବର ଚିନ୍ତା ଚେତନାକୁ ଓ ମର୍ଣିଷର ମଣିଷ ପ୍ରତି ଦରଦକୁ ଅନ୍ନଦାଶଙ୍କର, କାଳିନ୍ଦୀଚରଣ ପ୍ରଭୃତି ଉଚ୍ଚସ୍ଥାନ ଦେଇଥିଲେ । ଏ ପ୍ରସଙ୍ଗରେ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ପୁରୀ ମନ୍ଦିର' କବିତାଟି ଗ୍ରହଣୀୟ । କାଳିନ୍ଦୀ ଚରଣଙ୍କ 'ପୁରୀ ମନ୍ଦିର' କବିତା ସହିତ ରବୀନ୍ଦ୍ରନାଥଙ୍କ 'ତାଜ ମହଲ' କବିତାର କେତେକାଂଶରେ ମେଳ ରହିଛି । ଏକଦା ବିଶ୍ୱକବି ରବୀନ୍ଦ୍ରନାଥ ଯେପରି 'ତାଜ-ମହଲ'ର ଦୃଷ୍ଟିରେ ସେହି ଶିଳ୍ପୀମାନଙ୍କର ପ୍ରାଣପୁଳକ ଦେଖି ପାରିଥିଲେ, ଠିକ୍ ସେହିଭଳି କାଳିନ୍ଦୀ ଚରଣ ପୁରୀମନ୍ଦିର ଅନ୍ତରାଳରେ ଶିଳ୍ପୀ କୁଳର ଲୁହଲହୁ ଅନୁଭବ କରିଥିଲେ । 'ପୁରୀ ମନ୍ଦିର' କବିତାରୁ ଏହି କେତୋଟି ଧାଡ଼ି ଅବଶ୍ୟ ସ୍ମରଣୀୟ—

"ନ ଲଭି ସାନ୍ତ୍ୱନା କାହିଁ
ଭଗ୍ନପ୍ରାଣ ମାନବ ସନ୍ତାନ,
କାଷ୍ଠ ପାଷାଣର ଦେହେ
କରଇ ସେ ଦେବତା ନିର୍ମାଣ" ।

ପୁଣି କାଳିନ୍ଦୀଚରଣ ଧର୍ମକୁ ମାନବବାଦୀ ଆଦର୍ଶ ଓ ମାନବୀୟ ଚେତନାର ଏକ ଅବସ୍ଥା ରୂପେ ଗ୍ରହଣ କରିଛନ୍ତି । ଧର୍ମନାମରେ ଚାଲୁଥିବା ଯୌନ ସାଧନା ଓ ଧର୍ମର ମନ୍ତ୍ର ଦେଖାଇ ସମାଜକୁ ପ୍ରତାରିତ କରୁଥିବା ସଂପ୍ରଦାୟକୁ ସେ ବନ୍ଧୁ

Digitized by srujanika@gmail.com

ମାନଙ୍କରେ ସମାଲୋଚନା କରିଛନ୍ତି । 'ଘ ଦୁଘରି' କବିତାରେ କାଳନ୍ଦୀ ଚରଣଙ୍କର ଏ ପ୍ରକାର ଚିନ୍ତାଧାରା ବ୍ୟାପକ ରୂପ ନେଇଛି । ତାର ସ୍ୱରୂପ ଏଭଳି :—

'ଧର୍ମ ଘୋଡ଼ଣି ଭିତରେ
ପଶିଲେ ସାତଖୁଣି ହେବା ମାଫ୍
ଦରକାର ଯେଣୁ କରିବା
ଆମେ ସବ୍ୟ ଶହେଟା ପାପ ।
ଦରକାର ଯେଣୁ ଶହେ
ଚୋଟିଚପି ବୋଲାଇବା ଆମେ ଧନୀ
ଶହେଟା ନାରୀର ଦେହ
ଭୋଗକରି ନୈଷ୍ଠିକ ସନାତନୀ' ।

କାଳନ୍ଦୀ ଚରଣ ଧର୍ମ ନାମରେ ପ୍ରଚଳିତ ଅନ୍ଧବିଶ୍ୱାସ ଓ ମତାନ୍ଧତାକୁ ଏକାନ୍ତ ଭାବରେ ଗ୍ରହଣ କରିନାହାନ୍ତି । ସେ ସବୁବେଳେ ଜଣେ ସତ୍ୟଦ୍ରଷ୍ଟା ଭାବରେ ସତ୍ୟକୁ ଖୋଜିବାରେ ପ୍ରୟାସ କରିଛନ୍ତି । ତାଙ୍କ ପରିକଳ୍ପନାର ସ୍ୱର ଏହିପରି:—

'ମୁଁ ସେହି ସମାଜର
କବିତା ରଚେ ବସି
ସବୁରି ପାଇଁ ଯେଉଁଠି ଥିବ
ବଖୁରେ ହେଲେ ଘର' ।

କାଳନ୍ଦୀ ଚରଣ ମଣିଷ ଜାତିର ଆତ୍ମସମ୍ମାନ, ଆତ୍ମମର୍ଯ୍ୟାଦା ପ୍ରତି ଜାଗ୍ରତ ଥିଲେ । ସେ ଧନୀକର ଶୋଷଣ, ଦୁର୍ବଳ ପ୍ରତି ସବଳର ବାଭିଚାରକୁ ସହ୍ୟ କରି ପାରିନାହାନ୍ତି । ତାଙ୍କ ଅନ୍ତରର ବିଦ୍ରୋହ ପ୍ରକାଶ କରି ସେ ଲେଖିଛନ୍ତି.—

'ଜନମ ଆମରି ମଣିଷ କୁଳରେ
ନାହିଁ ଇଜ୍ଜତ ମାନ,
ଆମ ନିଁଅ ବୋହୁ ସବୁରି ଶାଳୀରେ
କଏ ଶଳା ସଇତାନ ।'

Digitized by srujanika@gmail.com

ସବୁଜପନ୍ଥୀମାନେ କେତେକାଂଶରେ ଏକ ରହସ୍ୟବାଦୀ ରାଜ୍ୟରେ ବିଚରଣ କରୁଥିଲେ । ବୈକୁଣ୍ଠନାଥ ଥିଲେ ରହସ୍ୟବାଦୀ କବି । ଜୀବନର ଦୁଃଖ ଦୁର୍ବିପାକକୁ ବିଭୁ ପାଦରେ ଅର୍ପଣକରି ସେ ପାଇଥିଲେ ସ୍ୱର୍ଗୀୟ ସୁଖ । ତାଙ୍କର 'ଯାତ୍ରା ସଙ୍ଗୀତ' କବିତାରେ ଏହି ବିଭୁପ୍ରୀତିର ଚୂଡ଼ାନ୍ତ ସ୍ୱର ପ୍ରକାଶ ପାଇଛି ।

ସବୁଜ ଯୁଗର ସାଧକଗଣ ଆଧୁନିକ ଓଡ଼ିଆ ସାହିତ୍ୟରେ ସେମାନଙ୍କର ନୂତନ ଆଦର୍ଶ, ନୂତନ ଚିନ୍ତାର ପରିଚୟ ଦେଇଥିଲେ । ନିରାନନ୍ଦ ମଧ୍ୟରେ ଆନନ୍ଦର ସନ୍ଧାନ, ନିରାଶା ମଧ୍ୟରେ ଆଶାର ଅନ୍ୱେଷା ଯଦି ସାହିତ୍ୟର ଧର୍ମହୁଏ, ଏ ଦୃଷ୍ଟିରୁ ସବୁଜପନ୍ଥୀମାନଙ୍କର ସାହିତ୍ୟସାଧନା ସ୍ୱାଗତଯୋଗ୍ୟ । ପରିଶେଷରେ ରବୀନ୍ଦ୍ରନାଥଙ୍କ ଭାଷାରେ କହିଲେ—

'ଓରେ ନବୀନ୍ ଓରେ ଆମାର କାଞ୍ଚା
ଓରେ ସବୁଜ, ଓରେ ଅବୁଝ,
ଆଦ୍‌ମରା ଦେରେ ଘାମେରି
ତୁଇ ବଞ୍ଚ ।''

॥ ତୃତୀୟ ପରିଚ୍ଛେଦ ॥

ସବୁଜ ଗୋଷ୍ଠୀର ପଲ୍ଲୀ ସାହିତ୍ୟ ସୃଷ୍ଟିର ଚେଷ୍ଟା ପଲ୍ଲୀ ମଙ୍ଗଳ

ସବୁଜ ଗୋଷ୍ଠୀର ସମସ୍ତେ ପଲ୍ଲୀରୁ ଆଗନ୍ତୁକ । ସେମାନେ ମୂଳରୁ ବୁଝିଥିଲେ ଯେ ପଲ୍ଲୀ ସଂଗଠନ ବିନା ଦେଶର ମଙ୍ଗଳ ଅସମ୍ଭବ । ତେଣୁ ସାହିତ୍ୟ ମାଧ୍ୟମରେ ପଲ୍ଲୀର ସେବା କରିବାର ସୁଯୋଗ ସେମାନେ ଖୋଜୁଥିଲେ । ସବୁଜ ସାହିତ୍ୟ ପରିକ୍ରମାରେ ୧୯୩୦ ସାଲ ଜୁନ ମାସରେ 'ପଲ୍ଲୀମଙ୍ଗଳ' ମାସିକ ପତ୍ର ଶ୍ରୀ ଶରତ ଚନ୍ଦ୍ର ମୁଖର୍ଜିଙ୍କଦ୍ୱାରା ସମ୍ପାଦନାର ଆରମ୍ଭ, ଏ ବିଷୟରେ ଗୋଟିଏ ବଡ଼ ମାଇଲ ଖୁଣ୍ଟ । ସେତେବେଳକୁ ସବୁଜ ସାହିତ୍ୟ ସମିତି ଆନୁଷ୍ଠାନିକ ଭାବରେ ଗଠିତ ହୋଇନଥାଏ ଏବଂ ତାହାର ମୁଖପତ୍ର ରୂପେ 'ଯୁଗବାଣୀ' ପ୍ରକାଶିତ ହୋଇ ନଥାଏ । ଏହି କାର୍ଯ୍ୟରେ ଶ୍ରୀଯୁକ୍ତ କାଳନ୍ଦୀଚରଣ ପାଣିଗ୍ରାହୀ ମଧ୍ୟ ଶରତ ବାବୁଙ୍କ ସକ୍ରିୟ ସହଯୋଗୀ ଓ ଅନ୍ୟମାନେ ଉତ୍ସାହଦାତା ଓ ଲେଖକ ଥିଲେ । ସେତେବେଳେ ଶରତ ବାବୁ ସହଯୋଗ ସମିତି ବିଭାଗର କଟକରେ ଅବସ୍ଥାପିତ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଓ ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଦ୍ୱିତୀୟ ମ୍ୟାନେଜର ଥିଲେ । ତତ୍ପୂର୍ବରୁ ଓଡ଼ିଶା ଡ଼ିଭିଜନାଲ କୋ ଅପରେଟିଭ୍ ଫେଡରେସନ୍ ଦ୍ୱାରା ସହଯୋଗ ସମିତିମାନଙ୍କ ନିମନ୍ତେ 'ସହଯୋଗ ସମାଚାର' ନାମକ ଖଣ୍ଡିଏ ସାମୟିକ ପତ୍ର ୩ ମାସରେ ଥରେ ବାହାରୁଥିଲା । ତତ୍ ପରିବର୍ତ୍ତେ 'ପଲ୍ଲୀ ମଙ୍ଗଳ' ନାମକ ମାସିକ ପତ୍ର ପ୍ରକାଶ କରି ସେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଶରତ ବାବୁ ଗୋଟିଏ କ୍ଷୁଦ୍ର ଯୋଜନା ପ୍ରସ୍ତୁତ କରିଥିଲେ । ତାଙ୍କ ସହଯୋଗୀ ବନ୍ଧୁମାନଙ୍କ ଦ୍ୱାରା ଅନୁମୋଦିତ ହେବାପରେ 'ସହଯୋଗ ସମାଚାର' ନାମକ ସାମୟିକ ପତ୍ରକୁ ମାସିକ 'ପଲ୍ଲୀ ମଙ୍ଗଳ' ପତ୍ରିକାରେ ପରିଣତ କରାଗଲା ଓ ଶରତ ବାବୁ, କାଳନ୍ଦୀ ବାବୁ, କୈଳାସ ଚନ୍ଦ୍ର ମହାପାତ୍ର, ସୁଧୀନ୍ଦ୍ର କୁମାର ରାୟଙ୍କୁ ପ୍ରଥମାବସ୍ଥାରେ ତାହାର ସମ୍ପାଦକ ମଣ୍ଡଳୀ ନିଯୁକ୍ତ କରାଗଲା । ଛଅମାସ ପରେ ଶ୍ରୀ ଶରତ ଚନ୍ଦ୍ର ମୁଖର୍ଜୀ

Digitized by srujanika@gmail.com

ଏକାଙ୍କା ଏହାର ସମ୍ପାଦନା ଭାର ନେଲେ ଏବଂ ଏଥି ନିମିତ୍ତ ଗୋଟିଏ ନିମ୍ନ-ମତେ ବିଜ୍ଞାପନ ପ୍ରକାଶିତ ହୋଇ 'ପଲ୍ଲୀ ମଙ୍ଗଳ'କୁ ପରିଚିତ କରାଯାଇଥିଲା :—

"ଶ୍ରୀ ଶରତ ଚନ୍ଦ୍ର ମୁଖର୍ଜିଙ୍କ ସମ୍ପାଦିତ ସର୍ବ ଜନପ୍ରିୟ ମାସିକ ପତ୍ର 'ପଲ୍ଲୀ ମଙ୍ଗଳ' ମାତ୍ର ଗୋଟିଏ ଟଙ୍କା ଦେଇ ବାରମାସ ଯାକ ପଢନ୍ତୁ'। ଉତ୍କଳର ଭୂମି କପରି ଶସ୍ୟଶ୍ୟାମଳା ହେବ, ଓଡ଼ିଶା କୃଷକର ଘରେ ଘରେ କପରି ଗୋ-ଧନ ବଢ଼ିବ, କପରି ଦେଶ ସମୃଦ୍ଧ ଓ ନୀରୋଗ ହେବ, ଲୋକେ କପରି ଶିକ୍ଷିତ ହେବେ ଓ ସ୍ୱାସ୍ଥ୍ୟବାନ ହେବେ କେବଳ ଅକ୍ଷର ଚିହ୍ନି ପାରିବା ଲୋକେ କପରି ସନ୍ତ ସାହିତ୍ୟର ଆସ୍ୱାଦନ ପାଇବେ, ଗୃହଲକ୍ଷ୍ମୀମାନେ କପରି ଘରେ ଘରେ ଆମର ନଷ୍ଟ ଗୃହଶ୍ରୀ ଫେରାଇ ଆଣିବେ 'ପଲ୍ଲୀମଙ୍ଗଳ' ସବୁଦିନେ ତାହାର ପଥଦେଖାଏ । ପଢେହେଲେ ବାଜେକଥା ନାହିଁ ।"

'ପଲ୍ଲୀ ମଙ୍ଗଳ'ର ପ୍ରଥମ ସଂଖ୍ୟା ୧୯୩୦ ମସିହା ଜୁନ୍ ମାସରେ ପ୍ରକାଶିତ ହେଲା ଏବଂ ପ୍ରଥମ ସଂଖ୍ୟାର ମଲାଟ ଉପରେ ସମ୍ପାଦକ ମଣ୍ଡଳୀ ନିମ୍ନଲିଖିତ ଭାବେ ଏହାର ନୀତି ବିସ୍ତାର କରିଥିଲେ.—

"ଆସ ଆସ ଭାଇ ସବେ ଏକ ହୋଇ
ମାତିଯିବା ପଲ୍ଲୀ ହିତେ
ପଲ୍ଲୀର ମଙ୍ଗଳେ ଦେଶର ମଙ୍ଗଳ
ରଖ ସଦା ଏହା ଚିତ୍ତେ"

ଉକ୍ତ ପ୍ରଥମ ସଂଖ୍ୟାରେ 'ପଲ୍ଲୀ ମଙ୍ଗଳର' ନିମ୍ନଲିଖିତ ପରିଚୟ ଦିଆ-ଯାଇଥିଲା :—

"ଓଡ଼ିଶାରେ ପଲ୍ଲୀ ସଂଗଠନ ସମ୍ବନ୍ଧରେ ପ୍ରକାଶିତ ଏକମାତ୍ର ମାସିକ ପତ୍ରିକା । ଏଥିରେ ପାଠାଗାର, କୃଷିବାସ, ଦେହପା, ସହଯୋଗ, ଗୋରୁଗାଈ, ବେପାର—ବଣିଜ ପ୍ରଭୃତି ନାନା ବିଷୟରେ ଗ୍ରାମ ଲୋକଙ୍କ ଉପକାର ହେଲା-ଭଳି ଲେଖା ବାହାରେ । ଲେଖକମାନେ ଅତି ସରଳ ଭାଷାରେ କାଗଜର ଏକ ପୃଷ୍ଠାରେ ଲେଖି ସାନ ସାନ ଲେଖା ପଠାଇଲେ ସେସବୁ ପ୍ରକାଶିତ ହେବ । ବାର୍ଷିକ ମୂଲ୍ୟ ବାରଅଣା—ପ୍ରତି ସଂଖ୍ୟାର ମୂଲ୍ୟ ଏକଅଣା ମାତ୍ର । କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ, ଅନୁଗୁଳ ଓ ସିଂହଭୂମି ଜିଲ୍ଲାର ଅଢ଼େଇ ହଜାର ସହଯୋଗ ସମିତି ଏହାର ଗ୍ରାହକ । ଏଣୁ ବିଜ୍ଞାପନ ଦେବା ପାଇଁ ଏଭଳି କାଗଜ

Digitized by srujanika@gmail.com

ଓଡ଼ିଶାରେ ନାହିଁ ।" ଡବଲ କ୍ରାଉନ ସାଇଜ ୧୬ ପୃଷ୍ଠାର ଖଣ୍ଡିଏ ମାସିକ ପତ୍ରିକାର ବାର୍ଷିକ ମୂଲ୍ୟ ମାତ୍ର ବାରଅଣା ରଖି ତାହା ପ୍ରକାଶ କରିବା ସେ ସମୟରେ ମଧ୍ୟ ଥିଲା ଗୋଟିଏ ଅଭିନବ ପ୍ରଚେଷ୍ଟା ।

କାରଣ ଏଥିପାଇଁ ଏହାର ପ୍ରକାଶକ ଓଡ଼ିଶା ଡିଭିଜନାଲ କୋ-ଅପରେଟିଭ୍ ଫେଡେରେଶନ ବୋର୍ଡ ମଧ୍ୟ କୌଣସି ରକମର ଆର୍ଥିକ ସାହାଯ୍ୟ ଦେଇ ପାରୁ ନଥିଲେ । ପୂର୍ବେ 'ସହଯୋଗ ସମାଚାର' ଦୁଇହଜାର କପି ଛପା ହେଉଥିଲେ ମଧ୍ୟ ବିନା ମୂଲ୍ୟରେ, ସହଯୋଗ ସମିତିମାନଙ୍କୁ ତାହା ଦିଆଯାଉଥିଲା । ମାତ୍ର 'ପଲ୍ଲୀ ମଙ୍ଗଳ'କୁ ବିନା ମୂଲ୍ୟରେ ବିତରଣ ନ କରି ସେଥିପାଇଁ ବାହାର ଗ୍ରାହକ ଓ ସହଯୋଗ ସମିତିମାନଙ୍କ ନିକଟରୁ ମୂଲ୍ୟ ନିଆଗଲା ଓ ଏହି ପ୍ରକାଶନଟିକୁ ବ୍ୟବସାୟ ଭିତ୍ତିକ କରାଗଲା ।

ଜୁନ୍ ୧୯୩୦ ମସିହାରେ ପ୍ରକାଶିତ 'ପଲ୍ଲୀ ମଙ୍ଗଳ'ର ପ୍ରଥମ ସଂଖ୍ୟାରେ ପ୍ରକାଶନର ଉଦ୍ଦେଶ୍ୟ ବୁଝାଇବାକୁ ଯାଇ ଶ୍ରୀ ଶରତଚନ୍ଦ୍ର ମୁଖାର୍ଜୀ 'ଆପଣା କଥା ପଦେ ଅଧେ' ନିମ୍ନ ଲିଖିତ ଭାବରେ ଲେଖିଥିଲେ:—

ପଲ୍ଲୀ ମଙ୍ଗଳ ଜୁନ ୧୯୩୦

ଆପଣା କଥା ପଦେ ଅଧେ

"ଛଅ ବର୍ଷ ହେଲା 'ସହଯୋଗ ସମାଚାର' କାଗଜ ବାହାରୁଛି । ଆମ ଦେଶରେ କାଗଜ ଖଣ୍ଡିଏ ଚଳେଇବାକୁ ହେଲେ ହଜାର ବାଧା—ସେସବୁ ବାଧା ଟପି ଯେ କାଗଜ ଖଣ୍ଡି ବଞ୍ଚି ରହିଥିଲା, ଏଇଟା ବଡ଼କଥା । କାଗଜ ଖଣ୍ଡିକ ତିନି ମାସରେ ଥରେ ବାହାରିବାର କଥା, କିନ୍ତୁ ମଝିରେ ବର୍ଷକେ ଥରେ ଦେଖା ଦେଇଛି । କାଗଜଟିକୁ ଏମିତି ଅଧମରା କରି ରଖିବାଟା ଆଉ ସୁନ୍ଦର ଦିଶିଲା ନାହିଁ । ଓଡ଼ିଶାର ସହଯୋଗୀମାନେ ଗତ ମଇ ମାସରେ ଠିକ୍ କଲେ ଦରମରା ହୋଇ ବଞ୍ଚିବା ଅପେକ୍ଷା ଭଲ କରି ବଞ୍ଚିବା ଦରକାର । ଫଳରେ ଏ କାଗଜ ଖଣ୍ଡିକ ନୂଆ କଲେବର ଧରିଲା ଓ ମାସିକ ପତ୍ରରେ ପରିଣତ ହେଲା । ଆମ ଦେଶରେ ସହଯୋଗ ମାନେ ଲୋକେ ଗୋଟାଏ ଅଧା ସରକାରୀ ଋଣଦିଆ କାରବାର ବୁଝୁଥିଲେ—ଏବେ ସେ ଧାରଣା ବଦଳି ଗଲାଣି । ସହଯୋଗ ଯେ ଗାଁମାନଙ୍କରେ ସବୁ ରକମର ଅଭାବ ଦୂର କରିବା ପାଇଁ ଗୋଟାଏ ବଡ଼ ଆନ୍ଦୋଳନ, ଏକଥା ଅଳ୍ପବହୁତ ଲୋକେ ବୁଝୁଛନ୍ତି । ସହଯୋଗର ଏହି ନୂଆରୂପ ସହିତ ଠିକ୍ ଖାପଖାଇଲା ଭଳି ଏ କାଗଜଟିର

Digitized by srujanika@gmail.com

ନାଁ । ଏଥିପାଇଁ 'ପଲ୍ଲୀ ମଙ୍ଗଳ' । ପିଲାଟିଏ ଜନ୍ମ ହେଲେ ଏକୋଇଶା ବା ପଞ୍ଚୁଆଠ ଦିନ ତାର ନାମ କରଣ ହୁଏ—ଏ ଗୁଣ ବିଶେଷ ବାଦ୍ ନାହିଁ । ଅପପଦ ହେଲେ ପୁଣି ବାପ, ମା ସେଇଟା ବଦଳେଇ ଦିଅନ୍ତି । ଆମ କାଗଜ ଅନୁଷ୍ଠାନରେ ଯେଉଁ ନାଁ ପାଇଥିଲା, ସେ ନାଁ ତାର ବଦଳିଲା—କାରଣ ସେ ଲୋକଙ୍କ ଅଖିରେ ବଡ଼ ହୋଇଛି । ଅନେକ ଡାଆଣୀଙ୍କ ହାତରୁ ରକ୍ଷା ପାଇଛି । ସେ ଏବେବି ଡାଆଣିଙ୍କୁ ବୁଢ଼ାଆଙ୍ଗୁଳି ଦେଖାଇ ଗାଁର ମଙ୍ଗଳ କରିବ ବୋଲି ଗାଁ ବାଟରେ ଠିଆ ହେଲାଣି, ତାର ଆଉ ଡେଉଁରିଆଟାଏ କଣ ହେବ ? ସେ ବା ଅଉ ଖାଲି ସହଯୋଗର ସମ୍ବାଦ ହୋଇ ରହିବ କାହିଁକି ? ସହଯୋଗ ସମିତିର ବାହାରେ ଲକ୍ଷ ଲକ୍ଷ ଗାଁ ଲୋକେ ଅଛନ୍ତି । 'ପଲ୍ଲୀ ମଙ୍ଗଳ' ସେମାନଙ୍କ କଥା ମଧ୍ୟ କହିବ—ସେମାନଙ୍କ ସେବା କରିବ । ସେ ହେବ ସବୁ ଗାଁ ଲୋକଙ୍କ କାଗଜ, ପଲ୍ଲୀ ମଙ୍ଗଳ କରିବାରେ ନିଯୁକ୍ତ ସମସ୍ତଙ୍କ ସାଥୀ ।

ଏ ଭଳି କାଗଜକୁ ଚଳେଇବାର ଭାର ଯେଉଁ ଗୁଣିଜଣଙ୍କ ଉପରେ ପଡ଼ିଛି, ସେମାନେ ତାଙ୍କ ଅକ୍ଷମତା ଜାଣନ୍ତି । ଭରସା ଅଛି, ସେମାନଙ୍କ ଦୋଷ ତ୍ରୁଟି ସତ୍ତ୍ୱେ ସେମାନେ ସମସ୍ତଙ୍କ ସାହାଯ୍ୟ ପାଇବେ । ଗାଁ ବାଟରେ ଶଗଡ଼ ଖଣ୍ଡେ କାଦୁଅରେ ଅଟକି ଗଲେ ଯେମିତି ଗାଁବାଲା ସମସ୍ତେ ଲଗ ଠେଲି ଦିଅନ୍ତି, ପାଠୁଆ ଲୋକେ ସେମିତି 'ପଲ୍ଲୀ ମଙ୍ଗଳ' ଚଳେଇବାରେ ତାଙ୍କ କାନ୍ଧକୁ କାନ୍ଧ ଲଗେଇ ଦେବେ, ଏତିକି ଆଶା ।''

'ପଲ୍ଲୀ ମଙ୍ଗଳ' ଅତି ସହଜଭାଷାରେ ଲେଖା ହେବ, ଯେପରିକି ସାଧାରଣ ଗାଉଁଲି ଲୋକେ ତାହା ସହଜରେ ବୁଝି ପାରିବେ ।

ଏହି ଆଦର୍ଶକୁ ସମ୍ମୁଖରେ ରଖି ୧୯୩୦ ମସିହା ଜୁନ୍, ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବର, ଡିସେମ୍ବର ମାସ 'ପଲ୍ଲୀ ମଙ୍ଗଳ'ରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲା :—

ଜୁନ୍ ୧୯୩୦ ଦ୍ୱିତୀୟ ସଂଖ୍ୟା

୧ । ଆପଣାକଥା ପଦେ ଅଧେ—ଶ୍ରୀ ଶରତଚନ୍ଦ୍ର ମୁଖର୍ଜୀ

୨ । ଖରଚ କମାଇ ଦିଅ—ଶ୍ରୀ ଶରତ ଚନ୍ଦ୍ର ମୁଖର୍ଜୀ

୩ । ଆଖୁ ବୃକ୍ଷ-କୃଷି ବିଭାଗ—ଶ୍ରୀ ଶରତ ଚନ୍ଦ୍ର ମୁଖର୍ଜୀ

୪ । କ୍ଷେତରେ ପାଣିପିଇବା—ଶ୍ରୀ ଶରତ ଚନ୍ଦ୍ର ମୁଖର୍ଜୀ

Digitized by srujanika@gmail.com

୫ । ସହଯୋଗ ସମିତିରେ ପଞ୍ଚମାନଙ୍କର କାମ—
ଶ୍ରୀ କାଳନ୍ଦୀଚରଣପାଣିଗ୍ରାହୀ

୬ । ଗୋରୁଗାଈଙ୍କ ଝିଆପିଆ—ଶ୍ରୀଦୌଲତ୍ର ରାମସେଠି ଓ
ଶ୍ରୀ ଶଶାଙ୍କଲ୍ପଷଣ ରାୟ

୭ । ବେପାର ବଣିଜ—ଶ୍ରୀ କୈଳାସ ଚନ୍ଦ୍ର ମହାପାତ୍ର

୮ । ଗପସପ—ଶ୍ରୀ ରାଜେନ୍ଦ୍ରମୋହନ ଚଟ୍ଟୋପାଧ୍ୟାୟ

ଜୁଲାଇ ୧୯୩୦ର ତୃତୀୟ ସଂଖ୍ୟା 'ପଲ୍ଲୀ ମଙ୍ଗଳ'ରେ ବାହାରିଥିଲା :—

୧ । ଅସଲ ଅଭାବ—ଶ୍ରୀ ଶରତ ଚନ୍ଦ୍ର ମୁଖର୍ଜୀ

୨ । ସତ୍ୟସଙ୍ଗୀତ କବିତା—ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

୩ । ଚନାବାଦାମ ଚାଷ-କୃଷି ବିଭାଗ – ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

୪ । ହଉଜା—ଶ୍ରୀ ସୁଧୀନ୍ଦ୍ର କୁମାର ରାୟ

୫ । ସହଯୋଗ ଅନୁସନ୍ଧାନ—ଶ୍ରୀ ଶରତ ଚନ୍ଦ୍ର ମୁଖର୍ଜୀ

୬ । ଗୋରୁ ପାଳିବା—ଶ୍ରୀ ରାଜେନ୍ଦ୍ର ମୋହନ ଚଟ୍ଟୋପାଧ୍ୟାୟ

୭ । ଗରିବ ନହେବା କିପରି—ଶ୍ରୀ କୈଳାସ ଚନ୍ଦ୍ର ମହାପାତ୍ର

୮ । କଳାମୁଣ୍ଡି ଆଉ ବିଷ୍ଣୁ ଆସନାହିଁ—ଶ୍ରୀ ରାଜେନ୍ଦ୍ରମୋହନ ଚଟ୍ଟୋପାଧ୍ୟାୟ

ଅଗଷ୍ଟ ୧୯୩୦ ମସିହାର ଚତୁର୍ଥ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲା—

୧ । କବିର ଆଶୀର୍ବାଦ—ଶ୍ରୀ ଶରତଚନ୍ଦ୍ର ମୁଖର୍ଜୀ

୨ । ନାଗ୍ରା ସଙ୍ଗୀତ (ପଦ୍ୟ)—ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ

୩ । ଲାଭଜନକ ଆଳୁଚାଷ—ଶ୍ରୀ ଜୟକୃଷ୍ଣ ପଟ୍ଟନାୟକ

୩ । ଗୋରୁ ଗାଈଙ୍କର ଚର୍ମକଣ୍ଟାରୋଗ—ଶ୍ରୀ ସୁଧୀନ୍ଦ୍ରକୁମାର ରାୟ ବି.ଏ.

୫ । ଜାପାନର ଗୋଟିଏ ଆଦର୍ଶ ପଲ୍ଲୀ
—ଶ୍ରୀମତୀ ଶାନ୍ତା ମୁଖର୍ଜି ବି. ଏ

୬ । ଗୋରୁମାନଙ୍କ ପାଇଁ ଖଣି ପଡ଼ିଥିବା ଚର—କୃଷି ବିଭାଗ

୭ । ଗୁଡ ବ୍ୟବସାୟ—ଶ୍ରୀ କୈଳାସ ଚନ୍ଦ୍ର ମହାପାତ୍ର, ବି. ଏ.

୮ । ଗେହ୍ଲ ବୋହୂ ମୋର ଲକ୍ଷ୍ମୀ—ଶ୍ରୀ କମଳା କାନ୍ତ ଦାସ

Digitized by srujanika@gmail.com

ସେପେଟମ୍ବର ୧୯୩୦ ମସିହାର ପଞ୍ଚମ ସଂଖ୍ୟାରେ ନିମ୍ନଲିଖିତ ଲେଖା-ଗୁଡ଼ିକ ବାହାରିଥିଲା—

୧। ସୁଧ ଆଦ୍ଦ୍ର କମାଅ—ଶ୍ରୀ ଶରତଚନ୍ଦ୍ର ମୁଖର୍ଜି ବି. ଏ

୨। ଗ୍ରାମ ନଙ୍କରେ ପାଠ-ପାଠଶାଳା—ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା ବି. ଏ

୩। ଧନ—ଶ୍ରୀ ଜୟକୃଷ୍ଣ ପଟ୍ଟନାୟକ

୪। ମିଳମିଳା—ଶ୍ରୀ ଜଗତ୍ ବଲ୍ଲଭ ଘୋଷ

୫। ସହଯୋଗ ସମିତିର ହିସାବ କିତାବ—

ଶ୍ରୀ ରାଜେନ୍ଦ୍ର ମୋହନ ଚଟ୍ଟୋପାଧ୍ୟାୟ, ବି. ଏ,

୬। ଶ୍ରୀନିକେତନ ପଲ୍ଲୀ ସଙ୍ଗଠନ କେନ୍ଦ୍ର—ଶ୍ରୀ ନରେନ୍ଦ୍ର ନାଥ ଦତ୍ତ

୭। ଗୋଧନ—ଶ୍ରୀ ସୁଧୀନ୍ଦ୍ର କୁମାର ରାୟ

୮। ପ୍ରକୃତ (ଗଳ୍ପ)—ଶ୍ରୀ ସୁଧୀନ୍ଦ୍ର କୁମାର ରାୟ

୯। ଭୁଲଯାଅ—ଶ୍ରୀ କପିଳେଶ୍ୱର ଶ୍ରେଷ୍ଠରାୟ ଏମ୍. ଏ,

ଅକ୍ଟୋବର ୧୯୩୦ ମସିହାର ଷଷ୍ଠ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲା—

୧। ସାର୍ବଜନୀନ ସହଯୋଗଦିନ—ଶ୍ରୀ ଶରତଚନ୍ଦ୍ର ମୁଖର୍ଜି, ବି. ଏ.

୨। ଗାଁର ସ୍ୱାସ୍ଥ୍ୟ—ଶ୍ରୀ ପଦ୍ମ ଚରଣ ପଟ୍ଟନାୟକ, ବି. ଏ

୩। କୃଷିବିଭାଗର ସହଜ ଯନ୍ତ୍ର ମାନ—କୃଷିବିଭାଗ

୪। ମେଲେରିଆ ବା ପାଳିଜ୍ୱର—ଶ୍ରୀ କୃଷ୍ଣ ମୋହନ ପଟ୍ଟନାୟକ

୫। କମଳାରବୃଦ୍ଧି—ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା

୬। ଗୋରୁ—ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା

୭। ଅପବ୍ୟୟ କରନାହିଁ—ଶ୍ରୀ କୈଳାସ ଚନ୍ଦ୍ର ମହାପାତ୍ର, ବି. ଏ.

୮। ଦେନେଇ ଦେବୁ — ଶ୍ରୀ କମଳାକାନ୍ତ ଦାସ

ନଭେମ୍ବର ୧୯୩୦ ମସିହାର ସପ୍ତମ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲା—

୧। ଆନ୍ତର୍ଜାତିକ ସହଯୋଗୀ ସଂଘର ବାଣୀ—ସଂଘ

୨। ତରୁଣ ସହଯୋଗୀର ଚିଠି—ତରୁଣ ସହଯୋଗୀ

Digitized by srujanika@gmail.com

୩ । କଟକରେ ଆନ୍ତର୍ଜାତିକ ସହଯୋଗ ଦିବସ ପାଳନ—ସଂପାଦକ

୪ । ରାଞ୍ଚିରେ ଆନ୍ତର୍ଜାତିକ ସହଯୋଗ ଦିବସ ପାଳନ—ସଂପାଦକ

୫ । ଓଡ଼ିଶାରେ ଆଦର୍ଶ ପଲ୍ଲୀଗଠନ—ଶ୍ରୀ ପ୍ରହ୍ଲାଦଚନ୍ଦ୍ର ପଟ୍ଟନାୟକ

୬ । ତନ୍ତ୍ର ଓ ତନ୍ତ୍ରୀ—ଶ୍ରୀ ରଙ୍ଗାଧର ଦାସ

୭ । ମେଲେରିଆଜ୍ୱର—ଶ୍ରୀ କୃଷ୍ଣମୋହନ ପଟ୍ଟନାୟକ

୮ । ଗୋରୁର ଦୁଧ ବେଶୀ ହେବ କିପରି ? —ଶ୍ରୀ ଚକ୍ରଧର ମହାନ୍ତି

ଡିସେମ୍ବର ୧୯୩୦ ପତ୍ରିକାର ଅଷ୍ଟମ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲା—

୧ । ଓଡ଼ିଶାରେ ଆଖୁ ଚାଷୀଙ୍କର ସମସ୍ୟା—ଶ୍ରୀ ସାରଙ୍ଗଧର ଦାସ

୩ । ନଳିତା ବା ପୋଟଚାଷ—ଶ୍ରୀ କୃଷ୍ଣମୋହନ ପଟ୍ଟନାୟକ

୨ । କୃଷି କରିବାର ସହଜ ଯନ୍ତ୍ରମାନ—କୃଷି ବିଭାଗ

୪ । ଆନ୍ତର୍ଜାତିକ ସମବାୟ ସଂଘର ସାରକଥା-ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ

୫ । ଗୋରୁଗାଈଙ୍କର ଗଳଗଣ୍ଡ ରୋଗ—ଡ଼. କ୍ୟାଇନ୍ ଲେନ୍

୬ । କାଗଜ କାରଖାନା—ଶ୍ରୀ ଭଗବତୀ ଚରଣ ପାଣିଗ୍ରାହୀ

୭ । ବହିକଥା—ଶ୍ରୀ ଶରତ ଚନ୍ଦ୍ର ମୁଖର୍ଜୀ

୮ । କାର୍ଯ୍ୟମୂଳକ ପ୍ରାଥମିକ ଶିକ୍ଷା—ଶ୍ରୀ ଭବନାଥ ମୁଖର୍ଜୀ

ସେହି ବର୍ଷର ଦ୍ୱିତୀୟ ସଂଖ୍ୟାରେ ଗ୍ରାମ୍ୟ ଜୀବନର ଅସଲ ଅଭାବ' ସମ୍ବନ୍ଧରେ ଶରତବାବୁ ଲେଖିଥିଲେ—

"ବଙ୍ଗଳା ଭାଷାରେ ଗୋଟାଏ କଥା ଅଛି, ଶିରେ କୈଲ ସର୍ପାଘାତ କୋଥାଏ ବାନ୍ଧିବି ତାଗା" ? ଯାହା ମୁଣ୍ଡରେ ସାପ କାମୁଡ଼ିଛି, ସେ କେଉଁଠି ଦଉଡ଼ି ବାନ୍ଧି ବିଷର ସଞ୍ଚାର ବନ୍ଦ କରିବ ? ଗ୍ରାମବାସୀମାନଙ୍କ ଅବସ୍ଥା ଭଲ କରିବା ପାଇଁ ଯେଉଁ କର୍ମୀମାନେ ଲାଗି ପଡ଼ିଛନ୍ତି, ଏଇ କଥାଟା ସେମାନଙ୍କ ମନରେ ଉଦୟ ହେବା ସ୍ୱାଭାବିକ। ଗ୍ରାମର ଲୋକେ ତ ନିଜର ଅବସ୍ଥା ନିଜେ ଭଲ କରିବାକୁ ଚାହାନ୍ତି ନାହିଁ। ବାହାର ଲୋକେ ତାଙ୍କୁ ପ୍ରବର୍ତ୍ତାଇଲେ କଣ ହେବ ? ବାସ୍ତବିକ୍ ଗ୍ରାମର ଲୋକେ ଅତି ଶୋଚନୀୟ ଦୁର୍ଗତି ସମୁଦ୍ରରେ ବୁଡ଼ି ରହିଅଛନ୍ତି। ବାପ, ଅଜା, ଯେପରି ଭାବରେ ଜମିବାଡ଼ି ଚଷୁଥିଲେ, ସେମାନେ ଠିକ୍ ସେହିପରି ଭାବରେ

Digitized by srujanika@gmail.com

ଅଦ୍ୟାପି ଚିନ୍ତ୍ୟ ଅଛନ୍ତି । କି ଉପାୟ କଲେ ସେରକ ଜାଗାରେ ବିଲରେ ଦେଢ଼-ସେର ଫଳିବ, ଗାଈ ପାଏ କ ଗାରେ ଦେଢ଼ଗା ଦୁଧ ଦେବ, ଏସବୁ ସେମାନେ ଚିନ୍ତା କରୁନାହାନ୍ତି । ଗ୍ରାମର ବାଟ ଅପରିଷ୍କାର, ଅଳିଆଭର୍ତ୍ତି । ସେଇଟାକୁ ପରିଷ୍କାର ରଖିବାକୁ କାହାରି ଇଚ୍ଛା ନାହିଁ । ଘଂର ଯେ ପାରେ ସେ ରାସ୍ତା ଉପରେ ଅଳିଆ ଗଦା କରିଦିଏ । ଗାଁର ପୋଖରୀ ପୋତିପଡ଼ିଛି—ଗ୍ରାମର ଭାଗବତ ଟୁଙ୍ଗିରେ ଦୀପଜଳେ ନାହିଁ । ଏ ଗୁଡ଼ାକ ଗ୍ରାମବାସୀମାନଙ୍କ ଶୋଚନୀୟ ସନ୍ତୋଷର ପରିଚୟ । ଗଣ୍ଡିଏ ପଖାଳ, ଶାଗଟିକିଏ ଖାଇ, ଗୃହହାଡ଼ିଆ ଖଦି ଖଣ୍ଡେ ପିନ୍ଧି ସେମାନେ ଜୀବନ କଟାନ୍ତି—ଅନ୍ୟ ଲୋକେ ଯେ ମାଛଭାତ ଖାଇ ସୁଖରେ କାଳ କାଟନ୍ତି, ଋଣ କରି ଜାଣନ୍ତି ନାହିଁ, ଧୋଇ ମରୁଡ଼ିରେ ମରନ୍ତିନାହିଁ, ଏସବୁ ସେମାନଙ୍କୁ ଅଜଣା । ନିଜର ବୈଷୟିକ ଉନ୍ନତି କରିବାର ଦୃଢ଼ ଇଚ୍ଛାର ଅଭାବ ଟା ମାନଙ୍କର ଅସଲ ଅଭାବ ବୋଲି ମୋର ମନେହୁଏ । ଏହି ଇଚ୍ଛାଶକ୍ତିର ଅଭାବରୁ ଗ୍ରାମ୍ୟ ଜୀବନର ସବୁ ଅଙ୍ଗ ପଙ୍ଗୁ ହୋଇଯାଇଛି—ନିଶ୍ଚେଷ୍ଟତାର ବିଷରେ ଘାରିହୋଇ ପଡ଼ିଛି । ତେଣୁ ପଲ୍ଲୀ ସଙ୍ଗଠନର ଚେଷ୍ଟାଦ୍ୱାରା ସେପରି ଭଲ ଫଳ ହେଉନାହିଁ । ସମସ୍ତଙ୍କର ପ୍ରଥମ କର୍ତ୍ତବ୍ୟ—ଶିକ୍ଷାର ପ୍ରସାର ଦ୍ୱାରା, ପ୍ରଚାର ଦ୍ୱାରା ଗ୍ରାମବାସୀମାନଙ୍କ ମନରେ ଏହି ଇଚ୍ଛାର ସୃଷ୍ଟି କରିବା । ସେମାନେ ଯେତେବେଳେ ବୁଝିବେ ଯେ, ସେମାନଙ୍କ ଭଳି ଅସହାୟ କୃଷୀମାନେ ମଧ୍ୟ କେବଳ ଏହି ଇଚ୍ଛାଥିବା ଫଳରେ ସହଯୋଗ ଦ୍ୱାରା ସଂଘବଦ୍ଧ ହୋଇ ଅନ୍ୟାନ୍ୟ ଦେଶର ଲୋକେ ନିଜର ପ୍ରଭୂତ ବୈଷୟିକ ଉନ୍ନତି କରି ପାରିଅଛନ୍ତି, ସେତେ-ବେଳେ ସେମାନଙ୍କର ମଧ୍ୟ ଆଖି ଖୋଲିଯିବ--ସେମାନେ ମଧ୍ୟ କହିବେ--'ନାଲ୍ପେସୁଖମ'--ଅଳ୍ପରେ ସୁଖନାହିଁ ।''

କବି ରବୀନ୍ଦ୍ରନାଥଙ୍କୁ ଖାଲି କବି ବୋଲି ଯେଉଁମାନେ ଜାଣିଥିଲେ, ସେମାନେ ତାଙ୍କର ଅର୍ଦ୍ଧାଂଶକୁ ଜାଣିଥିଲେ, ବୋଲି କହିବାକୁ ହେବ । କାରଣ ରବୀନ୍ଦ୍ରନାଥ ଜଣେ ବଡ଼ କୁଶଳୀ କର୍ମବୀର ମଧ୍ୟ ଥିଲେ । 'ଶାନ୍ତି ନିକେତନ'ର ପ୍ରତିଷ୍ଠାର ଅବ୍ୟବହିତ ପରେ ସେ ପଲ୍ଲୀ ଗୁଡ଼ିକର ଦୁର୍ଦ୍ଦଶା ଦେଖି ଅତ୍ୟନ୍ତ ବ୍ୟଥିତ ହୋଇଥିଲେ ଓ ନିକଟବର୍ତ୍ତୀ ସୁରୁଲ ଗ୍ରାମଟିକୁ କେନ୍ଦ୍ର କରି କେତେ ଗୁଡ଼ିଏ ଗ୍ରାମରେ ସହଯୋଗ ସମିତି ସ୍ଥାପନ କରିଥିଲେ ଏବଂ ସେମାନଙ୍କ ଜରିଆରେ ପଲ୍ଲୀ ମଙ୍ଗଳ କାର୍ଯ୍ୟ ସଙ୍ଗଠନ କରୁଥିଲେ । ପରବର୍ତ୍ତୀ କାଳରେ ଦାନବୀର ଏଲ୍‌ମହାର୍ଷ୍ଟ ସାହେବଙ୍କ ଦାନଫଳରେ ସେହି ସଂଗଠନ ବର୍ତ୍ତମାନର 'ଶ୍ରୀ ନିକେତନ'ର ରୂପ ଧାରଣ କରିଥିଲା । ଏହି 'ଶ୍ରୀ ନିକେତନ' ଅଦ୍ୟାପି ବିଭିନ୍ନ ରାଜ୍ୟରୁ ଆଗତ ପଲ୍ଲୀ ମଙ୍ଗଳରେ ନିଯୁକ୍ତ କର୍ମୀମାନଙ୍କର ଶିକ୍ଷାକେନ୍ଦ୍ର । କର୍ମବୀର ରବୀନ୍ଦ୍ରନାଥ 'ବିଶ୍ୱଭାରତୀ' ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରି ଦେଶ

Digitized by srujanika@gmail.com

ବିଦେଶର ବହୁ ପଣ୍ଡିତଙ୍କୁ ସେଠାକୁ ଆଣିଥିଲେ ଓ ସେମାନଙ୍କ ସଂସ୍ପର୍ଶରେ ଆସି ଭାରତୀୟ ବହୁ ବିଦ୍ୱାନ ସେମାନଙ୍କର ବିଦ୍ୟାଧନକୁ ବଢାଇ ପାରିଥିଲେ । ରବୀନ୍ଦ୍ରନାଥ 'ବିଶ୍ୱଭାରତୀ'ର ମୂଳମନ୍ତ୍ର ରଖିଥିଲେ---'ଯତ୍ର ବିଶ୍ୱଂ ଭବତ୍ୟେକ ନୀଡ଼ମ୍' । ଅନେକ ବୋଧହୁଏ ଜାଣନ୍ତି ନାହିଁ ଯେ, ସେ ନୋବେଲ୍ ପ୍ରାଇଜ୍ ରୂପେ ସେ କାଳରେ ଯେଉଁ ଦେଢଲକ୍ଷ ଟଙ୍କା ପାଇଥିଲେ, ତାହା ସେ ଗ୍ରାମ୍ୟ ସହଯୋଗ ସମିତିମାନଙ୍କରେ--ବିଶେଷତଃ ତାଙ୍କ ପରିବାରର ପୂର୍ବ ବଙ୍ଗରେ ଥିବା ଜମିଦାରୀରେ ଗଚ୍ଛିତ ରଖିଥିଲେ ଏବଂ ଏହି ଗଚ୍ଛିତ ଅର୍ଥ ବହୁ ପଲ୍ଲୀ-ବାସୀଙ୍କର ଉନ୍ନତି କଳ୍ପେ ଋଣ ଦାନଦ୍ୱାରା ବ୍ୟବହୃତ ହେଉଥିଲା । ପରେ ପୂର୍ବବଙ୍ଗ ପୂର୍ବ ପାକିସ୍ଥାନ ହେବାରୁ ଏହି ଗଚ୍ଛିତ ଅର୍ଥର ଗୋଟିଏ ବଡଅଂଶ 'ବିଶ୍ୱଭାରତୀ' ହରାଇଥିଲେ ମଧ୍ୟ ଶାନ୍ତିନିକେତନ ଶ୍ରୀନିକେତନ ଓ ବିଶ୍ୱଭାରତୀ ଏହି ଗଚ୍ଛିତ ଅର୍ଥ ଆୟରୁ ସାହାଯ୍ୟ ପ୍ରାପ୍ତ ହୋଇଥିଲା, କାରଣ ଏହାର ଆୟ ସବୁଯାକ କବୀନ୍ଦ୍ର ପ୍ରଥମେ ଏହି ତିନୋଟି ଅନୁଷ୍ଠାନକୁ ଓ ପରେ ବିଶ୍ୱଭାରତୀକୁ ଦାନ କରିଥିଲେ । କେତେକ ବର୍ଷ ପରେ ପାକିସ୍ଥାନରେ ପ୍ରତିଷ୍ଠିତ ସାମରିକ ଶାସନ କବିଙ୍କର ଶେଷଜୀବନରେ ଏହି ସମସ୍ତ ଟଙ୍କା ବିଶ୍ୱଭାରତୀକୁ ଫେରାଇ ଦେଇଥିଲେ ।

'ସବୁଜ ଗୋଷ୍ଠୀ ରବୀନ୍ଦ୍ରନାଥଙ୍କଠାରୁ ସାହିତ୍ୟ କ୍ଷେତ୍ରରେ ଯେଉଁ ପ୍ରେରଣା ଲାଭ କରିଥିଲେ, ପଲ୍ଲୀମଙ୍ଗଳ କ୍ଷେତ୍ରରେ ମଧ୍ୟ ତାଙ୍କର ସେହି ପ୍ରେରଣା ସବୁଜ ଗୋଷ୍ଠୀକୁ ଉଦ୍‌ବୁଦ୍ଧ କରିଥିଲା । ଏ ସମ୍ପର୍କରେ ପଲ୍ଲୀ ମଙ୍ଗଳର ୧୯୩୦ ମସିହା ଅଗଷ୍ଟ ସଂଖ୍ୟାରେ ଶରତ୍‌ବାବୁ ନିମ୍ନଲିଖିତ ପ୍ରବନ୍ଧଟି ଲେଖିଥିଲେ :—

କବିର ଆଶୀର୍ବାଦ

ସମବାୟ ଆନ୍ଦୋଳନର ସାହାଯ୍ୟରେ ଯେଉଁମାନେ ପଲ୍ଲୀ ସେବାରେ ବ୍ରତୀ, କବୀନ୍ଦ୍ର ରବୀନ୍ଦ୍ରନାଥ ସେମାନଙ୍କୁ ଆଶୀର୍ବାଦ କରି କହିଅଛନ୍ତି, "ଯେଉଁ-ମାନେ ଜୀବଧାତ୍ରୀ ପଲ୍ଲୀଭୂମିର ଶକ୍ତି ସ୍ତନରେ ସ୍ତନ୍ୟ ସଞ୍ଚୟ କରିବାର ବ୍ରତ ଗ୍ରହଣ କରିଅଛନ୍ତି, ଯେଉଁମାନେ ଜଗଜ୍ଜନ ଅନ୍ଧକାର ଗୃହରେ ଆଲୋକ ଆଣିବା ପାଇଁ ପ୍ରଦୀପ ଜାଳୁ ଅଛନ୍ତି, ମଙ୍ଗଳଦାତା ବିଧାତା ସେମାନଙ୍କ ପ୍ରତି ପ୍ରସନ୍ନ ହୁଅନ୍ତୁ । ତ୍ୟାଗଦ୍ୱାରା, ତପସ୍ୟାଦ୍ୱାରା, ସେବାଦ୍ୱାରା, ପରସ୍ପର ମୈତ୍ରୀବନ୍ଧନ ଦ୍ୱାରା, ବିକ୍ଷିପ୍ତ ଶକ୍ତିର ଏକତ୍ର ସମବାୟ ଦ୍ୱାରା ଭାରତବାସୀର ବହୁଦିନ-ସଞ୍ଚିତ ମୂଢ଼ତା ଓ ଔଦାସୀନ୍ୟଜନିତ ଅପରାଧ ରାଶିର ଚାପ ସଙ୍ଗେ ସଙ୍ଗେ ରୁଷ୍ଟ ଦେବତାର ଅଭିଶାପକୁ ସେହି ସାଧକମାନେ ଦେଶରୁ ବହିଷ୍କାର କରନ୍ତୁ, ଏହା ମୁଁ ଏକାନ୍ତ ମନରେ କାମନା କରେ ।" ରବୀନ୍ଦ୍ରନାଥ ଭଜନ-ବିଳାସୀ କବି ନୁହନ୍ତି । 'ବିଶ୍ୱଭାରତୀ'ର

Digitized by srujanika@gmail.com

ଅଦୂରବର୍ତ୍ତୀ ପଲ୍ଲୀସଂଗଠନ କେନ୍ଦ୍ର ଶ୍ରୀ-ନିକେତନରେ ସେ ନିଜେ ଜୀବଧାତ୍ରୀ ପଲ୍ଲୀଭୂମିର କ୍ରୋଡ଼ ସ୍ତନରେ ସ୍ତନ୍ୟ ସଞ୍ଚାର କରିବାର ବ୍ରତ ଗ୍ରହଣ କରିଥିଲେ । ତେଣୁ ତାଙ୍କର ଆଶୀର୍ବାଦର ମୂଲ୍ୟ ଅଛି, ତାଙ୍କ ସଦିଚ୍ଛାର ସାର୍ଥକତା ଅଛି । ପଲ୍ଲୀର ବ୍ୟଥା ବୁଝନ୍ତି ସେ—ସେ ବ୍ୟଥା ତାଙ୍କ ହୃଦୟ ସ୍ପର୍ଶ କରି ଶତ ସଙ୍ଗୀତ ରୂପରେ ଉଚ୍ଛ୍ୱସିତ ହୋଇ ଉଠେ । ଏଭଳି କବିଙ୍କ କାମନା କେବେ ପୂର୍ଣ୍ଣ ହେବ ?

ପଲ୍ଲୀଭୂମି କେବଳ ଜୀବଧାତ୍ରୀ ନୁହେଁ—ଜୀବର ସମସ୍ତ ସମୃଦ୍ଧିର ହେତୁ ମଧ୍ୟ । ପଲ୍ଲୀର ସବୁଜ ବକ୍ଷରେ ଉତ୍ପନ୍ନ ନାନା ଶସ୍ୟସାମଗ୍ରୀ ଭକ୍ଷଣ କରି ଜୀବ ପ୍ରାଣ ଧାରଣ କରେ । ପଲ୍ଲୀର ଗାଭୀ ସ୍ତନ୍ୟ ଦେଇ ମାନବ ଶିଶୁକୁ ପାଳନ କରେ, ପଲ୍ଲୀର ସ୍ରୋତସ୍ୱତୀ ମାନବର କର୍ଷିତ ଭୂମିକୁ ଶସ୍ୟ ଶ୍ୟାମଳ କରେ । ତାହାର ସର୍ବାଙ୍ଗରେ ଶାନ୍ତି-ବାରି ଢାଳିଦିଏ, ତାହାର ପଣ୍ୟଦ୍ରବ୍ୟ ଦୂର-ଦୂରାନ୍ତରକୁ ନେଇଯାଏ । ଭାରତ ପଲ୍ଲୀମୟ । ମାନବ ଶରୀରରେ ବିସ୍ଫୋଟକ ପରି ଭାରତର ବକ୍ଷରେ ଯେ କେତୋଟି ନଗର ମୁଣ୍ଡ ଟେକିଛି, ସେମାନଙ୍କ ଶିଳ୍ପ, ବାଣିଜ୍ୟ ପଲ୍ଲୀର ସମ୍ପଦରେ ପୁଷ୍ଟ । ପଲ୍ଲୀରୁ କଞ୍ଚାମାଲ ନ ଗଲେ ପଲ୍ଲୀର ବକ୍ଷ ବିଦାରଣ କରି ଖଣିଜଦ୍ରବ୍ୟ ଆହରଣ ନ କଲେ, ପଲ୍ଲୀଭୂମିରୁ ପଳାତକ ଅସଂଖ୍ୟ ଶ୍ରମିକ କାରଖାନା-ଦେବୀର ଚରଣ ତଳେ ନିଜର ଶ୍ରମ ଅକାତରେ ଢାଳି ନ ଦେଲେ, ପୁନଶ୍ଚ ସେହି ଦେବୀର ହିରଣ୍ୟ ଗର୍ଭରୁ ବହିର୍ଗତ ବିବିଧ ପଣ୍ୟରାଜି ପଲ୍ଲୀବାସୀ କେତେ କୋଟି ଲୋକ ନିଜର ଝାଳବୁହା ଧନ ଦେଇ ନ କିଣିଲେ, ନଗର-ନଗରୀ କେତେ ଦିନ ତିଷ୍ଠି ପାରିବ ? ନଗର-ପ୍ରବାସୀ ଶିକ୍ଷିତ ଲୋକେ ଜୀବଧାତ୍ରୀ, ଜୀବର ଅଶେଷ ସମୃଦ୍ଧିର ହେତୁ ପଲ୍ଲୀକୁ ଅବହେଳା କରିଅଛନ୍ତି—ତେଣୁ ପଲ୍ଲୀର ବର୍ତ୍ତମାନ ଦୁର୍ଦ୍ଦଶା । ଦୁର୍ଦ୍ଦଶାଗ୍ରସ୍ତ ମାତାର ସନ୍ତାନ ସୁଦଶା ଲଭିବ କିପରି ?"

୧୯୩୦ ମସିହାର ମାତ୍ର ସାତୋଟି ମାସ 'ପଲ୍ଲୀମଙ୍ଗଳ' ପରିଚାଳନା କରି ଆମ୍ଭେମାନେ ଆଶାତୀତ ଉତ୍ସାହ ଓ ସହଯୋଗ ପାଇଥିଲୁ ।

ତା ୧୫ । ୭ । ୧୯୩୦ରିଖ 'ପଲ୍ଲୀମଙ୍ଗଳ'ର ଜୁଲାଇ ୧୯୩୦ ସଂଖ୍ୟାଟି ଓଡ଼ିଶାର ବହୁ ଲେଖକ, ସମାଜସେବୀ ଓ କର୍ମୀମାନଙ୍କ ନିକଟକୁ ଶରତବାବୁ ସହିତ ପଠାଇଥିଲେ :—

'ପଲ୍ଲୀ ମଙ୍ଗଳ' ଅଫିସ
ପୋ. ଅ. ଚୁଡ଼ାମଙ୍ଗ୍ରେକ
କଟକ
ତା ୧୫ । ୭ । ୧୯୩୦

ମହାଶୟ,

ଆପଣ ପଲ୍ଲୀ ମଙ୍ଗଳାକାଂକ୍ଷୀ ବନ୍ଧୁ ଓ ପଲ୍ଲୀ ମଙ୍ଗଳ କାର୍ଯ୍ୟର ଉତ୍ସାହ-ଦାତା । ତେଣୁ ଆପଣଙ୍କ ନିକଟକୁ ପଲ୍ଲୀ ମଙ୍ଗଳ'ର ଜୁଲାଇ ସଂଖ୍ୟା ପଠାଇଲୁ । 'ପଲ୍ଲୀ ମଙ୍ଗଳ' ପଲ୍ଲୀବାସୀଙ୍କ ସେବାରେ ନିଯୁକ୍ତ ଉତ୍କଳର ଏକମାତ୍ର ମାସିକପତ୍ର । ଏହାର ବାର୍ଷିକ ମୂଲ୍ୟ ବାରଅଣା ଓ ପ୍ରତି ସଂଖ୍ୟାର ମୂଲ୍ୟ ଏକଅଣା ମାତ୍ର । ଆପଣଙ୍କ ସହଯୋଗ ଓ ସାହାଯ୍ୟ ବିନା ଏପରି ଗୋଟିଏ କାଗଜକୁ ବଞ୍ଚାଇ ରଖିବା କଷ୍ଟକର ହେବ । ତେଣୁ ଆପଣଙ୍କର ସହଯୋଗ ଓ ସାହାଯ୍ୟ ଭିକ୍ଷା କରେ । ଚଳିତ ୧୯୩୦ ସାଲର ଜୁଲାଇଠାରୁ ଡିସେମ୍ବର ଶେଷ ଯାଏ 'ପଲ୍ଲୀମଙ୍ଗଳ'ର ଛଅଟି ସଂଖ୍ୟାର ମୂଲ୍ୟ ମାତ୍ର ଛଅଅଣା ପଇସା ମେନେଜରଙ୍କ ପାଖକୁ ପଠାଇ ବାଧିତ କରିବା ହେବେ । ୧୯୩୧ ସାଲ ପାଇଁ ଆଗତୁରା ମୂଲ୍ୟ ପାଇଲେ ଆମ୍ଭେ-ମାନେ ଆହୁରି ଅନୁଗୃହୀତ ହେବୁ । କାଗଜଟି ପ୍ରତି ଇଂରାଜୀ ମାସର ୧୫ ତାରିଖରେ ପ୍ରକାଶିତ ହେବ । ନତୁବା ଗ୍ରାହକମାନଙ୍କ ମୂଲ୍ୟଫେରସ୍ତ ଦିଆଯିବ ।

ଆପଣଙ୍କୁ ଅନ୍ୟ ଅନୁରୋଧ—ଆପଣ ପଲ୍ଲୀବାସୀଙ୍କ ଉପକାର ହେଲାଭଳି ଲେଖା ପଠାଇ ଆମ୍ଭମାନଙ୍କୁ ସାହାଯ୍ୟ କରନ୍ତୁ । ଉତ୍କଳର ଯେ ଯେ ସ୍ଥାନରେ ପଲ୍ଲୀ ମଙ୍ଗଳ ବା ସହଯୋଗ କାର୍ଯ୍ୟ ହେଉଛି, ତାହାର ସଂକ୍ଷିପ୍ତ ବିବରଣ ପଠାଇଲେ ମଧ୍ୟ ଆମ୍ଭେମାନେ ଛାପିବୁ । ଲେଖା ଅତି ସରଳ ଭାଷାରେ ଓ ସଂକ୍ଷେପରେ ହେବା ଦରକାର ।

'ପଲ୍ଲୀ ମଙ୍ଗଳ'ର ଗ୍ରାହକ ହେବାକୁ ଆପଣଙ୍କର ଇଚ୍ଛା ନ ଥିଲେ ଦୟାକରି ସେକଥା ଜଣାଇବେ ।

ବଶମ୍ବଦ
ଶରତ୍ ଚନ୍ଦ୍ର ମୁଖର୍ଜୀ

ଉପରୋକ୍ତ ଚିଠିର ଫଳ ମଧ୍ୟ ଆଶାତୀତ ହୋଇଥିଲା । ଗ୍ରାହକ ସଂଖ୍ୟା ବଢ଼ିବା ସଙ୍ଗେ ସଙ୍ଗେ ଲବ୍ଧ ପ୍ରତିଷ୍ଠ ଲେଖକ ମାନଙ୍କ ନିକଟରୁ ବହୁ ଲେଖା-ମିଳିଥିଲା । ତେଣୁ 'ପଲ୍ଲୀ ମଙ୍ଗଳ' ୧୯୩୧ ମସିହା ଜାନୁୟାରୀ ମାସ ଅର୍ଥାତ ପରବର୍ତ୍ତୀ ବର୍ଷର ପ୍ରଥମ ସଂଖ୍ୟାରେ ଲେଖାଗଲା—

ନୂଆବର୍ଷରେ ନିଜ କଥା

ଲେଖକ—ଶ୍ରୀ ଶରତ୍ ଚନ୍ଦ୍ର ମୁଖର୍ଜୀ ବି. ଏ.

ନୂଆବର୍ଷର ଆରମ୍ଭରେ ଆମ୍ଭେମାନେ 'ପଲ୍ଲୀ ମଙ୍ଗଳ'ର ଗ୍ରାହକ, ପାଠକ, ଲେଖକ, ଓ ପୃଷ୍ଠପୋଷକମାନଙ୍କୁ ସାଦର ସମ୍ଭାଷଣ ଜଣାଉଅଛୁ ।

Digitized by srujanika@gmail.com

ପରମେଶ୍ୱରଙ୍କ କୃପାରୁ ଏ ବର୍ଷଟି ପ୍ରେମୀମାନଙ୍କ ପକ୍ଷରେ ସୁଖ ଶାନ୍ତିମୟ ହେଉ, ଏହାହିଁ ଆମ୍ଭମାନଙ୍କର ପ୍ରାର୍ଥନା ।

ପ୍ରଥମେ 'ସହଯୋଗ ସମାଚାର' ରୂପେ ଓ ପରେ 'ପଲ୍ଲୀ ମଙ୍ଗଳ' ରୂପେ ନିଜ ଜୀବନର ସାତୋଟି ବର୍ଷ କଟେଇ ଦେଇ ଆମର ଏହି ସାନ କାଗଜ ଖଣ୍ଡି ଆଠବର୍ଷରେ ଗୋଡ଼ ଦେଲା । 'ପଲ୍ଲୀମଙ୍ଗଳ' ସାଧ ଅନୁସାରେ ପଲ୍ଲୀର ମଙ୍ଗଳ ପାଇଁ ଗତ ସାତମାସରେ ଯେଉଁ ସାମାନ୍ୟ ଚେଷ୍ଟା କରିଛି, ସେ ଚେଷ୍ଟାରେ ଅସଂଖ୍ୟ ତ୍ରୁଟି । ଏ କଥା ଆମ୍ଭେମାନେ ଭଲକରି ଜାଣୁ, ମାତ୍ର ଏସବୁ ସତ୍ତ୍ୱେ ସେ ଯେ ଆଦର ଲଭିଛି, ତାହା ଆମେ ଯା' ଆଶା କରିଥିଲେ, ତାହାଠୁଁ ଢେର ବେଶୀ । ଓଡ଼ିଶାର କେତେ ନେତୃସ୍ଥାନୀୟ ଲୋକ ଆମ୍ଭମାନଙ୍କୁ ଆଶୀର୍ବାଦ କରି ଓ ଉତ୍ସାହ ଦେଇ ଚିଠି ଲେଖି ଅଛନ୍ତି—ଗ୍ରାହକ ସଂଖ୍ୟା ଆଶାତୀତ ରୂପେ ବଢ଼ିଛି । ଉତ୍କଳର କୃଷିସୁହୃଦ ଶ୍ରୀ ସାରଙ୍ଗଧର ଦାସ ଲେଖିଅଛନ୍ତି – 'ଆପଣଙ୍କ କାଗଜ ପଢି ଉପକାର ପାଇଅଛୁ ।' ପତିତପାବନ ମିଶନର ଅଧ୍ୟକ୍ଷ ଓ 'ସଂସ୍କାର'ର ସମ୍ପାଦକ ଶ୍ରୀଯୁକ୍ତ ଜଗ୍ମଙ୍ଗଳ ରଥ ଏମ୍. ଏ. ଲେଖି ଅଛନ୍ତି, "'ପଲ୍ଲୀ ମଙ୍ଗଳ' ପଢି ମୁଁ ବଡ଼ ଆନନ୍ଦିତ ହୋଇଅଛି । ଏଭଳି ପତ୍ରିକା ଉତ୍କଳରେ ଲୋଡ଼ା ଥିଲା । ଆପଣ ସେ ଅଭାବ ଦୂର କରିଦେଇ ଧନ୍ୟବାଦାର୍ହ ହୋଇଅଛନ୍ତି ।"

ଓଡ଼ିଶା ଡିଭିଜନର ସ୍କୁଲ ସମୂହର ଇନ୍ସପେକ୍ଟର ଶ୍ରୀଯୁକ୍ତ ଭବନାଥ ମୁଖର୍ଜୀ, ଏମ୍. ବି. ଏ. ବି. ଏଲ୍. ଲେଖିଅଛନ୍ତି— 'ପଲ୍ଲୀ ମଙ୍ଗଳ' ଦ୍ୱାରା ପଲ୍ଲୀର ବହୁତ ମଙ୍ଗଳ ହେବ । ଆପଣ ମୋର ପୂର୍ଣ୍ଣ ସହଯୋଗ ପାଇବେ ।' ଓଡ଼ିଶାର କୃଷି ବିଭାଗୀୟ ଡେପୁଟି ଡାଇରେକ୍ଟର ଶ୍ରୀଯୁକ୍ତ ହେରମ୍ବଲାଲ ଦତ୍ତ ଏମ.ଏସ.ସି. ମହାଶୟ ଲେଖିଅଛନ୍ତି—'ପଲ୍ଲୀ ମଙ୍ଗଳ' ସୁନ୍ଦର ହେଉଛି । ଏହା ଗାଁ ଲୋକମାନଙ୍କର ବଡ଼ ଉପକାର କରିବ । ଆପଣଙ୍କ ଉତ୍ସାହର ପ୍ରଶଂସା କରେ । ଆପଣ ମୋଠାରୁ ସବୁ ରକମର ସାହାଯ୍ୟ ଦାବୀକରି ପାରନ୍ତି । ମୁଁ ଆପଣଙ୍କ କାଗଜର ସାଫଲ୍ୟ କାମନା କରେ ।' ନିମାପଡ଼ା ହାଇସ୍କୁଲର ହେଡ୍ମାଷ୍ଟର ଶ୍ରୀଯୁକ୍ତ ଜଗନ୍ନାଥ ରଥ ଲେଖିଅଛନ୍ତି—'ପଲ୍ଲୀ ମଙ୍ଗଳ' ପଢି ମୁଁ ଅତ୍ୟନ୍ତ ଆନନ୍ଦିତ ହେଉଛି । ଗାଁର ଉନ୍ନତି ପାଇଁ ଏଭଳି ଖଣ୍ଡିଏ କାଗଜ ବଡ଼ ଦରକାର ଥିଲା ।" ଡେପୁଟି ମାଜିଷ୍ଟ୍ରେଟ ଓ ଅନୁଗୁଳ କେନ୍ଦ୍ର ବ୍ୟାଙ୍କର ସେକ୍ରେଟେରି ଶ୍ରୀଯୁକ୍ତ ଦୁର୍ଗାଚରଣ ଦାସ ଲେଖିଅଛନ୍ତି—"'ପଲ୍ଲୀ ମଙ୍ଗଳର' ଉନ୍ନତି ଦେଖି ଆନନ୍ଦିତ ହେଲି । ଏହାଦ୍ୱାରା ନିଶ୍ଚୟ ସହଯୋଗର ଆନ୍ଦୋଳନର ପ୍ରସାର ହେବ ।" ରେଲ ବିଭାଗର ଆସିଷ୍ଟାଣ୍ଟ ଟ୍ରାଫିକ ସୁପରିଣ୍ଟେଣ୍ଡେଣ୍ଟ ଓ ସୁଲେଖକ ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବଡ଼ାଳ,

Digitized by srujanika@gmail.com

ବ. ଏସ୍ ସି. ଲେଖିଅଛନ୍ତି—"ଆପଣଙ୍କ 'ପଲ୍ଲୀ ମଙ୍ଗଳ' ପଢ଼ି ଅତ୍ୟନ୍ତ ଆନନ୍ଦିତ ହେଲି । ଏହି ଗଠନମୂଳକ ଚେଷ୍ଟା ପ୍ରଶଂସନୀୟ ।" କୁଜଙ୍ଗ କେନ୍ଦ୍ର ବ୍ୟାଙ୍କର ଡେପୁଟି ଚେୟାରମ୍ୟାନ ଓ କୁଜଙ୍ଗ ହାଇସ୍କୁଲର ହେଡ୍‌ମାଷ୍ଟର ଶ୍ରୀଯୁକ୍ତ କେଶବେଶ୍ୱର ଘୋଷ, ଏମ୍. ଏ. ଲେଖିଅଛନ୍ତି—'ପଲ୍ଲୀ ମଙ୍ଗଳ' ପାଇଁ ଆପଣଙ୍କର ଏହି ଅଦମ୍ୟ ଚେଷ୍ଟାର ଖୁବ୍ ପ୍ରଶଂସା କରୁଛି । ଉତ୍କଳର ସହଯୋଗୀମାନେ ଏଥିପାଇଁ ଆପଣଙ୍କ ନିକଟରେ ଋଣୀ ।' ସୁଲେଖକ ଶ୍ରୀଯୁକ୍ତ ଅନ୍ନଦା ଶଙ୍କର ରାୟ ଆଇ. ସି. ଏସ୍. ଲେଖିଅଛନ୍ତି- "'ପଲ୍ଲୀ ମଙ୍ଗଳ' ପଢ଼ି ଖୁସିହୋଇଛି । ଏଥିରେ ତୁମ୍ଭମାନଙ୍କର ନିଷ୍ଠା ଅଛି ।" ଏହିସବୁ ଉତ୍ସାହ ବାଣୀ ଆମ୍ଭମାନଙ୍କୁ ଖୁବ୍ ବଳ ଦେଇଛି ।

କାହାର କାହାର ଧାରଣା, 'ପଲ୍ଲୀ ମଙ୍ଗଳ' ସରକାରଙ୍କ ଠାରୁ ବା ସହ-ଯୋଗୀ କେନ୍ଦ୍ର ବ୍ୟାଙ୍କମାନଙ୍କ ଠାରୁ ମଧ୍ୟ ସାହାଯ୍ୟ ପାଏ । ଏକଥା ଆଦୌ ସତ୍ୟ ନୁହେଁ । ନିଜର ଗ୍ରାହକମାନଙ୍କ ପ୍ରଦତ୍ତ ମୂଲ୍ୟ ଛଡ଼ା ଅନ୍ୟ କୌଣସି ଠାରୁ ଗୋଟିଏ ପଇସା 'ପଲ୍ଲୀ ମଙ୍ଗଳ' ପାଏନାହିଁ । ଏପରି ଅବସ୍ଥାରେ 'ପଲ୍ଲୀ ମଙ୍ଗଳ' ଯେ ଏତେ ଶସ୍ତାରେ ବିକ୍ରି ହୁଏ, ଏହାର ପ୍ରଧାନ କାରଣ ଏହି ଯେ ଯେଉଁମାନେ ଏହାର ସେବା କରନ୍ତି, ସେମାନଙ୍କ ମଧ୍ୟରୁ କେହି ଗୋଟିଏ ପଇସା ପାରିଶ୍ରମିକ ପାଆନ୍ତି ନାହିଁ । ଏଥିରୁ ଗ୍ରାହକମାନେ ସ୍ପଷ୍ଟବୁଝି ପାରିବେ ଯେ ଆମ୍ଭେମାନେ ସଂପୂର୍ଣ୍ଣ ଭାବେ ସେମାନଙ୍କ ଉପରେ ନିର୍ଭର କରୁଁ ।

ଆମ୍ଭମାନଙ୍କର ବିଶ୍ୱାସ ପଲ୍ଲୀର ଉନ୍ନତି ଦେଶର ଭବିଷ୍ୟତର ପ୍ରଧାନ ମୂଳଦୁଆ । ଏ ମୂଳଦୁଆ ଟାଣ ନ ହେଲେ ଏହା ଉପରେ ଯେଉଁ ରାଜନୈତିକ କୋଠାଘର ଗଢ଼ାହେବ, ତାହା ଦିନ ଦିନ ଛୁଡ଼ା ହୋଇ ପଡ଼ିବ ନାହିଁ । ସେଥିପାଇଁ ପଲ୍ଲୀର ମଙ୍ଗଳ କରିବା ଆମ୍ଭମାନଙ୍କର ଏକମାତ୍ର ଉଦ୍ଦେଶ୍ୟ ଓ ସହଯୋଗ ଏକମାତ୍ର ପଥ । ଏହି ଉଦ୍ଦେଶ୍ୟ ସାଧନରେ ଆମ୍ଭେମାନେ ଶିକ୍ଷିତ ସମାଜର ସହଯୋଗ ବିଶେଷ ଭିକ୍ଷା କରୁ ।"

'ପଲ୍ଲୀ ମଙ୍ଗଳ' ମାର୍ଚ୍ଚ ୧୯୩୧ ସଂଖ୍ୟାରେ ବାହାରିଲା—

ହାଲ୍ ଚାଲ

'ପଲ୍ଲୀ ମଙ୍ଗଳ'ର ସମ୍ପାଦକଙ୍କ ଅନୁରୋଧରେ ବିହାର—ଓଡ଼ିଶା ଶିକ୍ଷା ବିଭାଗର ଡାଇରେକ୍ଟର ମହୋଦୟ 'ପଲ୍ଲୀ ମଙ୍ଗଳ'କୁ ସ୍କୁଲ, କଲେଜ, ହଷ୍ଟେଲ, ବୋର୍ଡ଼ ଓ ପାଠଶାଳାମାନଙ୍କରେ ବ୍ୟବହାର ହୋଇ ପାରିବ ବୋଲି ଆଦେଶ ଦେଇଅଛନ୍ତି । (ଡ଼ାଇରେକ୍ଟରଙ୍କ ୧୯୩୧ ସାଲ ଫେବ୍ରୁଆରି ୧୯ ତାରିଖରେ

Digitized by srujanika@gmail.com

ନ°୬୨ମ୍ବର ଚଠି) 'ପଲ୍ଲୀ ମଙ୍ଗଳ' ଏହି ବିଷୟକ ବିଶ୍ୱଗ୍ରୀସ୍ଥ ତାଲିକାରେ ଅନ୍ତର୍ଭୁକ୍ତ ହୋଇଅଛି ।

କୃଜଙ୍ଗ ଇଲାକାର ବେଲର ନୂଆଗାଁ 'ପଲ୍ଲୀ ମଙ୍ଗଳ' କାମର ପିତୃତୁଲ୍ୟ ଶ୍ରୀଯୁକ୍ତ ନାରାୟଣ ରାଉତରାୟ ଲେଖିଅଛନ୍ତି, "ଆଖୁମଳା କାମ ବିଶେଷ ଭାବେ ଚାଲିଛି, ଗୁଡ଼ ଫସଲ ଯାହା ଅମଳ ହେଉଅଛି, ଗୁଡ଼ର ଦର ଯଦି କମ ନ ହୋଇଥାନ୍ତା ଆମ ଗାଁର ଲୋକେ ଖଜଣା ଦେଇ ଓ ସମିତି ଦେଣା ପରିଶୋଧ କରି ନିଜ ନିଜର ଆର୍ଥିକ ଅବସ୍ଥାର ଉନ୍ନତି କରି ପାରିଥାଆନ୍ତେ । ଗୁଡ଼ ଦର କମ ହେଲେ ସୁଦ୍ଧା ସୁବିଧାରେ ବିକ୍ରୟ ହେଲେ ଖଜଣା ଓ ସୋସାଇଟିର କିସ୍ତି ସୁଦ୍ଧା ଦେଇ ହେବ । ଗୁଡ଼ ଫସଲ ନ ହୋଇଥିଲେ, ଧାନ ଫସଲ ଏ ବର୍ଷ ଯେପରି ନଷ୍ଟ ହୋଇଛି, ସେଥିରେ ଆମ ଗାଁ ଗ୍ରାରଖାର ହୋଇଯାଆନ୍ତା ।" ରାଉତରାୟ ମହାଶୟ ସମିତିରୁ ଋଣ ନ ନେଇ କେବଳ ଗ୍ରାମର ମଙ୍ଗଳ ସକାଶେ ସମିତିରେ ଯୋଗ ଦେଇ ଅଛନ୍ତି ଓ ଯଥେଷ୍ଟ ପରିଶ୍ରମ କରି 'ପଲ୍ଲୀ ମଙ୍ଗଳ' କାର୍ଯ୍ୟ ସଫଳ କରୁଛନ୍ତି । ଚିରଂ ଜୀବତୁ ।"

ଯେଉଁ ସବୁ ଲବ୍ଧପ୍ରତିଷ୍ଠ ବ୍ୟକ୍ତି ଲେଖାମାନ ଦେଇଥିଲେ, ଆଜି ବହୁବର୍ଷ ପରେ ସେଥିରୁ ତିନି ଚାରୋଟି ଲେଖା ଆମ୍ଭେମାନେ ଉଦ୍ଧାର ନ କରି ରହି ପାରୁନାହୁଁ । ମାତ୍ର ସେତିକି କଲା ପୂର୍ବରୁ ଯେଉଁ ବିଦଗ୍ଧ ଓ ସ୍ୱ ସ୍ୱ କ୍ଷେତ୍ରରେ ସୁପ୍ରତିଷ୍ଠିତ ଭଦ୍ରବ୍ୟକ୍ତି ଆମ୍ଭମାନଙ୍କୁ 'ଆଶିଷ ବାଣୀ' ଶୁଣାଇଥିଲେ, ପ୍ରଥମେ ସେମାନଙ୍କର ଯେଉଁ ବାଣୀକୁ ଉଦ୍ଧାର କରି ଦେଉଅଛୁ :—

'ପଲ୍ଲୀ ମଙ୍ଗଳ' ଡିସେମ୍ବର ୧୯୩୧ ସଂଖ୍ୟାରେ ପ୍ରକାଶିତ ଆଶୀଷବାଣୀ

'ପଲ୍ଲୀ ମଙ୍ଗଳ'ର ବର୍ଷ ଶେଷରେ ଯେଉଁମାନେ ପରାମର୍ଶ ଦେଇ ଓ ଆଶୀର୍ବାଦ କରି ପତ୍ର ଲେଖିଅଛନ୍ତି, ସେମାନଙ୍କୁ ଅନ୍ତରର କୃତଜ୍ଞତା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କ ଲେଖାର କେତେକ ଅଂଶ ନିମ୍ନରେ ଉଦ୍ଧାର କରି ଦିଆଗଲା ।

"ତୁମର କାଗଜ ଗାଁ ଲୋକ ମାନଙ୍କ ଆଖି ଖୋଲି ଦେଇଛି । ମୋର ଅନୁରୋଧ, ଯେଉଁ ପ୍ରବୀଣ ଲୋକମାନେ ଗ୍ରାମବାସୀଙ୍କ ସହିତ ଅନେକ ଦିନ କଟାଇ ଅଛନ୍ତି । ସେମାନଙ୍କ ଅବସ୍ଥା ବୁଝି ଅଛନ୍ତି, ତୁମ୍ଭେମାନେ ସେମାନଙ୍କ ମତାମତ ଗ୍ରହଣ ଓ ଆଲୋଚନା କରି ପଲ୍ଲୀର ମଙ୍ଗଳ ବିଧାନର ସୁବ୍ୟବସ୍ଥା କର ।

Digitized by srujanika@gmail.com

ଈଶ୍ୱର ତୁମ୍ଭଙ୍କୁ ଆଶୀର୍ବାଦ କରନ୍ତୁ 'ପଲ୍ଲୀ ମଙ୍ଗଳ'ର ଅଧିକ ଉନ୍ନତ ହେଉ।
ଅଜୟ ଚନ୍ଦ୍ର ଦାସ, ରାୟ ବାହାଦୁର 'ଷ୍ଟାଫ୍ଡ଼' ଡ଼ିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍, ଶ୍ୱେତଦ୍ୱୀପ ଥାଣା ଓ ଁଓମରଷ୍ଟ୍ୟାମର କବି ।

ଇ. ସି. ଏନ୍ ସର୍କ (ଆଇ. ସି. ଏସ୍. ଓ ବିହାର-ଓଡ଼ିଶାର ସହଯୋଗ ସମିତିର ରେଜିଷ୍ଟ୍ରାର) ଆଜି ଲେଖିଅଛନ୍ତି—"ଆପଣଙ୍କର ଶାରଦୀୟ ସଂଖ୍ୟା 'ପଲ୍ଲୀ ମଙ୍ଗଳ' ପାଇ ଆନନ୍ଦିତ ହେଲି। ବାରଅଣା ଦାମର ମାସିକ ପତ୍ର ଏଡ଼େ ସୁନ୍ଦର ରୂପେ ଓଡ଼ିଶାରେ ବାହାରିପାରେ, ଏହା ଗୋଟିଏ ଆଶ୍ଚର୍ଯ୍ୟ କଥା। ଏ ଦିଗରେ ଆପଣଙ୍କର ଯତ୍ନ ଓ ଅଧ୍ୟବସାୟକୁ ଶତଶତ ଧନ୍ୟବାଦ।"

କବି ପଦ୍ମ ଚରଣ ପଟ୍ଟନାୟକ ଲେଖିଥିଲେ, "କପିଳେଶ୍ୱର ବାବୁଙ୍କ ଲେଖା ଅତି ସୁନ୍ଦର, ଏହି ପରି ପଦ୍ୟଏକା 'ପଲ୍ଲୀ ମଙ୍ଗଳ' କାଗଜ ପାଇଁ ଲୋଡ଼ା। ଏ ଏ ଦିଗରେ ଏଡ଼େ ସୁନ୍ଦର ସରଳ କବିତା ମୁଁ ଆଉ କାହାର ଦେଖିଅଛି ବୋଲି ମୋର ମନେହେଉନାହିଁ । ଭାଷା ଯେପରି ଦୋଷଶୂନ୍ୟ ଓ ପ୍ରାଞ୍ଜଳ, ଭାବ ସେହିପରି ମନୋମୁଗ୍ଧକର। ବରାବର ଦେଖି ଆସୁଅଛି, କାଗଜଟି ଆପଣ ବେଶ୍ ଦକ୍ଷତାର ସହିତ ସଂପାଦନା କରି ଆସୁଅଛନ୍ତି। ଭଗବାନ ଆପଣଙ୍କର ଏ ଶକ୍ତିକୁ ଏ ଦେଶର ଜଳବାୟୁ ଗୁଣରେ ଖର୍ବ ନ କରନ୍ତୁ, ଏତିକି ପ୍ରାର୍ଥନା।"

ପ୍ରାଚୀ ସମିତିର ସୁପଣ୍ଡିତ ବିଚ୍ଛନ୍ଦଚରଣ ପଟ୍ଟନାୟକ ଲେଖିଅଛନ୍ତି, "ଆପଣଙ୍କର ସୁନ୍ଦର କାଗଜ ଖଣ୍ଡିର ଚମତ୍କାର ଶାରଦୀୟ ସଂଖ୍ୟା ପାଇଁ ଆପଣଙ୍କୁ ଅଭିନନ୍ଦନ ଜଣାଉଅଛି। ଏ ଉନ୍ନତିକୁ ଚିରସ୍ଥାୟୀ କରନ୍ତୁ, ଏତିକି ମୋର ଅନୁରୋଧ।"

ଅଧ୍ୟାପକ ଭୂପତି ମୁଖର୍ଜୀ ଲେଖିଥିଲେ, "ପଲ୍ଲୀ ମଙ୍ଗଳ'ର ଶାରଦୀୟ ସଂଖ୍ୟା ଚମତ୍କାର ହୋଇଅଛି। ସହଯୋଗ କ୍ଷେତ୍ରର ଅନ୍ୟାନ୍ୟ ସାମୟିକ ପତ୍ରମାନ ଏଭଳି ସାଫଲ୍ୟ ଦେଖାଇ ପାରିନାହାନ୍ତି। ସମ୍ପାଦକ ଶରତ ଚନ୍ଦ୍ର ମୁଖର୍ଜୀ ଯେଉଁ ଭାବରେ 'ପଲ୍ଲୀ ମଙ୍ଗଳ'ର ଉନ୍ନତି କରୁଅଛନ୍ତି, ତଦ୍ୱାରା ସାମୟିକ ପତ୍ର ପରିଚାଳନାରେ ତାଙ୍କର ଦକ୍ଷତା ଉତ୍ତମ ରୂପେ ଜଣାପଡ଼ୁଛି। ଏହା ମଧ୍ୟ ପ୍ରମାଣିତ ହେଉଛି ଯେ, ଭାରତୀୟ ଯେକୌଣସି ଭାଷାରେ ଅତି ଶସ୍ତାରେ ଏଭଳି ଖଣ୍ଡିଏ କାଗଜ ବାହାର କରାଯାଇ ପାରେ, ଯହିଁରେ ସାହିତ୍ୟିକ ସୌନ୍ଦର୍ଯ୍ୟ ସହିତ ପ୍ରଚାରର ସାଫଲ୍ୟ ଏକାଧାରେ ବିଦ୍ୟମାନ ଥିବ। 'ପଲ୍ଲୀ ମଙ୍ଗଳ' ଲୋକଙ୍କ କାଗଜ (People's Paper) ଦେଶବାସୀଙ୍କ ନିକଟରେ ମୋର ଅନୁରୋଧ, ସେମାନେ ଏ କାଗଜକୁ ସବୁ ରକମରେ ସାହାଯ୍ୟ କରନ୍ତୁ।"

Digitized by srujanika@gmail.com

ପ୍ରବୀଣ ଲେଖକ ବାମଣ୍ଡାର ରାଜା ଜଳନ୍ଧର ଦେବ ଲେଖିଛନ୍ତି' 'ପଲ୍ଲୀ-ମଙ୍ଗଳ' ଭଳିଆ ଖଣ୍ଡେ ପତ୍ରିକା ପ୍ରସ୍ତୁତ ହେଉ ବୋଲି, ମୋର ବହୁ ଦିନରୁ ଇଚ୍ଛା ଥିଲା । 'ପଲ୍ଲୀ ମଙ୍ଗଳ' ବାହାରିବା ଦେଖି ମୁଁ ବାସ୍ତବିକ୍ ସୁଖାନୁଭବ କରିଅଛି । ଏହାର ଉତ୍ତରୋତ୍ତର ଉନ୍ନତି ହେଉ । 'ପଲ୍ଲୀ ମଙ୍ଗଳ' ସୁସ୍ତ୍ରିଳିତ ବୋଲି ମୋର ବିଶ୍ୱାସ । ଉତ୍ତରୋତ୍ତର ଏହାର ଅବୟବ ବୃଦ୍ଧି ସଙ୍ଗେ ସଙ୍ଗେ ସୁଚିନ୍ତିତ ଓ ସୁଲିଖିତ ପ୍ରବନ୍ଧ ଦ୍ୱାରା ଅଲଂକୃତ ହୋଇ ଦେଶବାସୀଙ୍କର ମନ ଆକର୍ଷଣ କରିବ ଓ ଦେଶର ଉପକାର କରିବ ବୋଲି ମୋର ଆଶା'' ।

କବି ସଚ୍ଚିଦାନନ୍ଦ ରାଉତରାୟ ଲେଖିଅଛନ୍ତି ''ପଲ୍ଲୀମଙ୍ଗଳ'ର ଶାରଦୀୟ ସାଜସଜ୍ଜା ଖୁବ୍ ପରିପାଟୀ ପୂର୍ଣ୍ଣ ଏବଂ ସୁନ୍ଦର ହୋଇଛି । ଦେଖିଲେ ମନରେ ସ୍ୱତଃ ଆନନ୍ଦ ଆସେ । ଆପଣଙ୍କ ପରି ସୁଯୋଗ୍ୟ ସମ୍ପାଦକଙ୍କ ହାତରେ ତାର ଯେ କ୍ରମଶଃ ଶ୍ରୀବୃଦ୍ଧି ହେବ, ଏହା ସମସ୍ତେ ଆଶା କରନ୍ତି ।''

ସବୁଜ ସାହିତ୍ୟ ସମିତିର ସଭାପତି ଶ୍ରୀଯୁକ୍ତ ହରିହର ମହାପାତ୍ର ଏମ୍, ଏ, ବି. ଏଲ୍ 'ପଲ୍ଲୀ ମଙ୍ଗଳ' ଅଗଷ୍ଟ ୧୯୩୧ ସଂଖ୍ୟାରେ ଲେଖିଥିଲେ 'ଗାଉଁଲିର-ଚିଠି ।' 'ପଲ୍ଲୀ ମଙ୍ଗଳ'ର ସମ୍ପାଦକ ପ୍ରବରେଷୁ—ଆପଣଙ୍କ 'ପଲ୍ଲୀ ମଙ୍ଗଳ' ସହିତ ପ୍ରତ୍ୟକ୍ଷ ସାହଚର୍ଯ୍ୟ ନ କଲେ ଆପଣ ହୁଏତ ଭାବୁଅଛନ୍ତି ଯେ ମୁଁ ପଲ୍ଲୀର ମଙ୍ଗଳ ଇଚ୍ଛା କରୁନାହିଁ । ବରଷକୁ ବାରଅଣା ପଇସା ଦେଇ ବା ଦେବା ତାଲି-କାରେ ନାମ ଲେଖାଇ ଦେଲେ ଯଦି ଅପକୀର୍ତ୍ତିରୁ ତ୍ରାହି ମିଳନ୍ତା, ତେବେ ସେଥିପାଇଁ ମୁଁ କାହିଁକି, ମୋ ଜଣାଶୁଣା ସମସ୍ତେ ସେ କଳଙ୍କ ଭଞ୍ଜନର ସୁବିଧା କରନ୍ତୁ । ବର୍ଷକରୁ ପ୍ରାୟ ବାରମାସ ମୋର ସହରରେ କଟିଲେ କଣ ହେଲା, ମୁଁ ଖାଣ୍ଟି ମଫସଲିଆ—ମଫସଲ ଗାଁରେ ମୋର ଘର ଦ୍ୱାର ଜମି ଜମା । ଧୋବ ଲୁଗାପେଣ୍ଡ଼, କାଗଜ ବାକ୍ସ, ପେଣ୍ଡ଼ ପେଟରା ଦିଖଣ୍ଡ ଧରିସିନା ମୁଁ ବାବୁ ଭଦ୍ରଙ୍କ ସଙ୍ଗେ ଆସନ ପାଇବାକୁ ବଳେ ପଶି ଆଗଭର ହେଉଛି, କିନ୍ତୁ ଘରକୋଣ ବାଉଁଶ ବଣ ମନରୁ ଭୁଲିବି କେତେବେଳେ ? ଆପଣ ଯେ ଘରକୁଣ ବାଉଁଶବଣ ସଙ୍ଗା-ସୁଡଙ୍ଗ କରି ଆଲୁଅ ଲଗାଇ ବାଟ ଦେଖାଇବାକୁ 'ପଲ୍ଲୀ ମଙ୍ଗଳ' ଗ୍ରୁପୁଛନ୍ତି, ସେଥିପାଇଁ ସାବାସ୍ ନ କହି ରହି ପାରୁନାହିଁ ।

ଆମ ଦେଶଟା ଯାକତ ଗାଁରେ ପୂର୍ଣ୍ଣ । ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର, ଏହି ପରି ବଡ ସାନ କେଉଁଟା ସହର ଛାଡ଼ି ଦେଲେ ତ ବାକୀ ସବୁ ଗାଁ । ଶୁଣୁଛି କଟକ ସହରରେ ବିଜୁଳି ବତୀ ଲାଗିଛି, ପୁରୀ ଦେଉଳରେ ବିଜୁଳି ଆଲୁଅ ଝଟକୁଛି, ବରହମପୁର ସହରରେ ପାଣିକଳ ବସିଛି, ଏପରି କେତେ କଣ

Digitized by srujanika@gmail.com

ବଡ଼ ବଡ଼ କଥା ସବୁ ଆପଣମାନଙ୍କ ସହର ଜାଗାରେ ହୋଇଛି । ଆମପରି ମଲ ମୁଣ୍ଡିଆ ଗାଁ ବାଲାଙ୍କର ସେଥିରେ ଲାଭ ଲୋକସାନ ବିଶେଷ କିଛି ନାହିଁ । ଅପ୍ରିଲ ମାସରେ ମୋକଦ୍ଦମା କରିବାକୁ ଗଲେ କିମ୍ବା ଆପଣଙ୍କ ମହକୁମା କଚେରୀରୁ ରିଣ ଟଙ୍କା ଆଣିବାକୁ ଗଲେ, ଦିନେ ଅଧେ ଖରାଦିନ ଭଲ ବିଜୁଳି ଆଲୁଅ ହେଉଛି କା ଦେଖିବାକଥା । ନଇଲେ ସେଇ ପଚପଚିଆ ଘଡ଼ାପଡ଼ର ଅରକ୍ଷିବାଣ୍ଡ ଖଡଗଡ଼ା ଭିତରେ ଭଙ୍ଗଖାଇ ଚଢ଼ାଘସି, 'କଚେରୀଅବାର' ଡାକି ପଣ କାଠ ଗଡ଼ାଇ ଦିନଟା କାବାର କଲେ ଆମର ସବୁ । ଏଇଥିରୁ ବୁଝୁଥିବେ ସହରିଆ ମଫସଲିଆଙ୍କ ଭିତରେ କେତେ ତଫାତ । ଆମେ କରିବୁ ଚାଷ, ଆପଣ ବସାଇବେ ଫାଶ । ଆମେ ବୋହିବୁ ବୋଝ, ଅପଣ ବୋହିବେ ସାଜ । ଆମ ପିଲା କବିଲ ମୁଡ଼ି ହୁଡ଼ୁମୁମ୍ବ ଗ୍ରେବେଇଲା ବେଳକୁ ଆପଣଙ୍କ ମିସିବାବା ମାନେ ଖାଇବେ ଟୋଷ୍ଟ, ସାଣ୍ଡଉଇଚ୍, ପୋଚ୍ । ଆମ ମାଇପେ ପିନ୍ଧିବେ କଲଗଣ୍ଡି, ଆପଣଙ୍କ ମିସେସ୍ ମାନେ ପିନ୍ଧିବେ ଭଏଲଶାଢ଼ୀ । ଏହିପରି ମୂଳରୁ ଶେଷଯାଏ ଆପଣଙ୍କର ଆମର ଭିନ୍ନ ମତି ଭିନ୍ନ ଗତି । ଏଥିରେ ଆମ ପଲ୍ଲୀର ଓ ଆପଣଙ୍କ ସହରର ମଙ୍ଗଳ ଏକାପରି ଏକା ବେଳେକେ ହେବା କପରି ଅସମ୍ଭବ ବୁଝି ପାରୁଥିବେ । ଆମର ମଙ୍ଗଳ କରିବାକୁ ହେଲେ ଆମ ଭିତରେ ରହି ଆମ କଥା ବୁଝି ଆଦେଶ, ଉପଦେଶ, ଭର୍ତ୍ସନା ମାର୍ଜନା କଲେ ଅବା କଣ ହୁଅନ୍ତା । ନଇଲେ ଦି ଚାରି ମାସରେ ଥରେ ଅଧେ ମଟର ଗାଡ଼ି ଶୂନ୍ୟଚକରେ ଆସି ଦେଖାଚୁହାଁ କରିଗଲେ ଆମ ଅବସ୍ଥା କାହିଁ ବୁଝିବେ । ଆପଣ ଆସିବେ ବୋଲି କେତେଦିନ ଆଗରୁ ବାବୁ ସାହାବ, ହାକିମ ଆସିବେ ବୋଲି ଆମେ ପେଡ଼ି ଲୁଗା ବାହି ପକାଇ ରଖିଥାଉ । ସ୍କୁଲଘର ଭାଗବତ ଟୁଙ୍ଗି, ଓଳିଆ ପାଳିଆ କରି ସଫା ସୁତୁରା କରିଥାଉ । ଗାଁ ମହାଜନଙ୍କ ଘରୁ ସତରଞ୍ଜି, ଗାଲିଚା, କାଚଗିଲାସ, ପାନଥାଳିଆ ଆଣି ରଖିଥାଉ । ଆପଣଙ୍କୁ ଆମ ବାଡ଼ିଆଡ଼ ଖଡଗଡ଼ା, ବଣବୁଦା, ହାଣ୍ଡିଶାଳ, କଡରା, ମଶିଣା, ବଇଠକ ଜାଗା କିଛି ଦେଖାଉନାହିଁ । ଆପଣ ଆଉ ବୁଝିବେ କଣ ? ଆପଣ ଭାବିବେ ହିଁ ଏମାନଙ୍କର ସବୁ ପ୍ରସ୍ତୁତ ଆମରପଣ, ଖାଲି ପାଠଶାଠ ଟିକିଏ ଭଲପଢ଼ି ନାହାନ୍ତି । ବୋଲି, ଅଦବ କାଇଦା, ଦେଶ ବିଦେଶର ହାଲଚାଲ, ସାହିତ୍ୟ ବିଜ୍ଞାନ ଖବର ଅନ୍ତର ଯାହା ଜଣାନାହିଁ । ଆଚ୍ଛା, ଗୋଟେ ଅଧେ ନୈଶବିଦ୍ୟାଳୟ, ଗାଁ ଲାଇବ୍ରେରୀ, ମାଇନର ସ୍କୁଲ, ବଡ଼ ସ୍କୁଲରେ ପଢ଼ିବା ପାଇଁ ଗୋଟେ ଦିଟା ବୃତ୍ତି ଖଞ୍ଜିଦେଲେ ଖୁବ୍ ହୋଇଯିବ, ଏମାନଙ୍କ ଅବସ୍ଥା ବଦଳିଯିବ ।

ଶହେବର୍ଷ ହେଲା ଏହି ଗାଡ଼ରେ କାମ ଚାଲିଛି ପଲ୍ଲୀ ମଙ୍ଗଳ, ଦେଶସେବା ଚାଲି ଆସୁଛି । ଏଥିରେ ଅବସ୍ଥା ଯାହାଥିଲା ସେଇଆ । ଲାଭ ଭିତରେ କୋଠାଟଙ୍କା କାଉଡ଼ି କିଛି ଲୋକସାନ ଯାହା ହୋଇଛି । ଆପଣଙ୍କୁ ମୋର ମିନତି, ସେହି ଆଗ-

Digitized by srujanika@gmail.com

ପଶ 'ପଲ୍ଲୀ ସଂସ୍କାର' 'ସଙ୍ଗଠନ କାର୍ଯ୍ୟ' ସୁଆଙ୍ଗ ଯେପରି ଆପଣଙ୍କ ଉଦ୍ୟମର ଗ୍ରାସ ନହୁଏ । ବସ୍ତୁସରେ ପୂରୁଣା ନହେଲେ ମଧ୍ୟ, ନାମ ଦାମ ତ ଅଳ୍ପ ବହୁତ ଅଙ୍ଗେ ଲଭେଇ ନିଜକୁ ତାଲିମ କରିଛନ୍ତି—ଆଚ୍ଛା କହନ୍ତୁ ଭଲା—ଆମ ପଲ୍ଲୀ ବାସୀଙ୍କର ସଂସ୍କାରଲିପ୍ସୁ ହିତାକାଙ୍କ୍ଷୀ କେତେଜଣ ସହରିଆ ବାବୁ ଭଲ ଆମର ଅସଲ ଖବର ଜାଣନ୍ତି ବା ଜାଣିବା ପାଇଁ ଶ୍ରୀଅଙ୍ଗରେ ଘାହଡ଼ ଲଗାନ୍ତି ?

ଗାଁ ଲୋକେ ଋଣରେ ବୁଡ଼ିଗଲେଣି, ଋଣ ଚକ୍ରାରେ ଅଛି କିଛି ଫିକର କରି ଦି ପଇସା ଭେଇବାକୁ ବଳ ଅଣ୍ଟୁନାହିଁ କି ବଳ ଖାଟୁନାହିଁ । ଏ ପର୍ଯ୍ୟନ୍ତ ମେଳା ମଉଛ, ପୂଜାପର୍ବ, ବାହା ପୁଆଣିରୁ ଟଙ୍କାଏ ମସାଏ କାଟି ନିଜ ଘରେ ନିଜ ପିଲାପିଲିଙ୍କ ପାଇଁ ମଶାଖ ଖଣ୍ଡେ କରିବାର ସୁବୁଦ୍ଧି ଲୋକଙ୍କର ନହେଲା, ଅଥଚ ଜରରେ ଘାଣ୍ଟି ହେବାରେ ଅନ୍ତନାହିଁ, ନା କୁଇନାଇନ୍ ସିନ୍‌କୋନା ବଡ଼ କଲ୍ଲାବେର୍ଡ଼ କମ୍ପାଉଣ୍ଡରର ବେଳକାଳ ହଣ୍ଡି ଗାଁକୁ ଗଡ଼ିଲେ ତାଙ୍କଠାରୁ ନେଇ ପୋଥି ପେଡ଼ି ଭିତରେ ପକାଇବ ରେ ହେଲାନାହିଁ ! ଗାଁ ପୋଖରୀରେ ଦାନ୍ତଘଷା, ଲୁଗ କଚା, ବାସନମଜା, ପାଣିପେନା ତଥା ମହାଦେବଙ୍କ ମୁଣ୍ଡରେ ଅଭିଷେକ ଲାଗି, ରନ୍ଧାବଢ଼ା ପିଆପେଇ ନିମନ୍ତେ କିଛି ବାଛ ବିଚାର କି କଟକଣା ଏ ପର୍ଯ୍ୟନ୍ତ ନୋହିଲା । ବହୁନ ଗଣ୍ଡିକ ବୁଣି, କଲେଇ କେରାକ ମକଚ ଧାନତକ ମାପି ଯାହା ଲଭ ସେତକ, ତା ସାଙ୍ଗକୁ ନଡ଼ିଆ ଗଛରେ ଦି କଡ଼ା ଫଳ ହେଲେ ଦି ପଇସା ହବା କଥା । ଏହାବାଦ୍ ଆମର ଆଉ କିଛି ଆୟର ଫିକର ବାହାରିନାହିଁ । ଅଛି କେବଳ ଯାହାର ପୁଅ ନାତି ଗୃକରୀ କରୁଛନ୍ତି କିମ୍ବା ଯାତ୍ରୀ ବେଉପା ଧରିଛନ୍ତି କିମ୍ବା କଲିକତା ରେଙ୍ଗୁନ ଯାଇଛନ୍ତି ଟଙ୍କା ଓ ରୋଗ ଅର୍ଜିବାକୁ । ହଇଜା ବସନ୍ତ ହେଲେ ମା ଠାକୁରାଣୀଙ୍କଠାରେ ମୁଣ୍ଡିଆ ମାରିବା ଓ ସଞ୍ଜ ପୂର୍ବରୁ ଦୁଆରଘର କିଳି ଘରେ ରହିବା ଛଡ଼ା ଆଉ କଣ ଉପାୟ ଅଛି ବା ଥାଇପାରେ ତା ଆଜଯାଏ ଗାଁରେ ଜଣାଗଲା ନାହିଁ । ଏହିପରି କେତେ କଣ ଦୁର୍ଦ୍ଦଶାରେ ଆମେ ପଡ଼ିଛୁ । ଅରକ୍ଷିତଙ୍କୁ ଦୈବସାହା ନଇଲେ ଆପଣଙ୍କ ପରି ଯେଉଁମାନେ ସବୁ ଜାଣିଛନ୍ତି ଓ ଗାଁବାଲଙ୍କୁ ଜଣାଇବା ପାଇଁ ସତକୁ ସତ ଇଚ୍ଛା କରୁଛନ୍ତି, ସେମାନେ ଯାହା ଗାଁ ମାନଙ୍କର କ୍ଷତ ଦେଖି ଉପାୟ ବତାଇଲେ ନିଶ୍ଚୟ 'ପଲ୍ଲୀ ମଙ୍ଗଳ' କୃତକାର୍ଯ୍ୟ ହେବ । ମୋର ବିଶେଷ ଅନୁରୋଧ ଓ ପରମ ଭରସା ଯେ ଆପଣଙ୍କର 'ପଲ୍ଲୀ ମଙ୍ଗଳ' ଗାଁମାନଙ୍କରେ ଆଲୁଅ ଜାଳିଦେଇ ଗାଁ ଲୋକଙ୍କୁ ଅନ୍ଧାରରୁ କାଢ଼ିଆଣି, ଗାଁରେ ସ୍ୱାସ୍ଥ୍ୟ ବଳ ଆଉ ଧନ ବଢ଼ିଦେଉ ।

Digitized by srujanika@gmail.com

ପୂର୍ବର ଗୋଟିଏ ଗ୍ରାମରୁ ଆସିଥିବା ପତ୍ରଟି ପ୍ରକାଶ କରି ସମ୍ପାଦକ ଲେଖିଥିଲେ:—'ଏ ପତ୍ରର ଲେଖକ ଶ୍ରୀଯୁକ୍ତ ହରିହର ମହାପାତ୍ର ଏମ୍. ଏ. ଙ୍କ ଭଳି ମୁଁ ମଧ୍ୟ ଏକାବେଳକେ ଗାଉଁଲି। ପାଠପଢ଼ି ପେଟ ପୋଷିବା ପାଇଁ ତାଙ୍କ ଭଳି ସହରକୁ ନିର୍ବାସିତ ହୋଇଛୁ ମାତ୍ର। କେବଳ ସହଯୋଗ ବିଷୟରେ ନୁହେଁ, ଅନ୍ୟ ସବୁ ବିଷୟର ହ୍ୱ.କମମାନଙ୍କ ମଧ୍ୟରୁ ଅଧିକାଂଶ ମଧ୍ୟ ତାଙ୍କ ଭଳି ଓ ମୋ ଭଳି। ତେଣୁ ଆମ୍ଭମାନଙ୍କୁ ଗାଁ ଲୋକଙ୍କ ଅବସ୍ଥା ଖୁବ୍ ଭଲ ଭାବରେ ଜଣାଅଛି। ପାଉ ରୋଗଜଣା, ତାର ଚିକିତ୍ସା ଓ ଔଷଧ ଅଳ୍ପ ବହୁତ ପତ୍ର-ମାନେ ଜଣା, କିନ୍ତୁ ରୋଗୀ ଯଦି ଚିକିତ୍ସିତ ହେବାକୁ ମନ କରେ ବା ସେ ଯେପରି ଲେଖିଛନ୍ତି କୁଇନାଇନ ବଟିକା ଡାକ୍ତରଙ୍କଠୁ ନେଇ ପେଡିରେ ଲୁଚାଇ ରଖେ, ତେବେ ଉପାୟ କଣ ? 'ପଲ୍ଲୀ ମଙ୍ଗଳ'ର ପ୍ରାଣର ଆଶା, ଗ୍ରାମେ ଗ୍ରାମେ ସ୍ୱାସ୍ଥ୍ୟ, ବଳ, ଧନ ଓ ସ୍ୱାଚ୍ଛନ୍ଦ୍ୟ ବୃଦ୍ଧି ହୋଇଯାଉ। ସେଥିପାଇଁ ନିଜର କ୍ଷୁଦ୍ର ପରିସରରେ ସେ କାର୍ଯ୍ୟ କରୁଛି। ମହାପାତ୍ର ମହାଶୟ ଓ ତାଙ୍କ ଭଳି ଅନ୍ୟ ଶିକ୍ଷିତ ଲୋକଙ୍କୁ ଅନୁରୋଧ ସେମାନେ ଲେଖକ ରୂପେ 'ପଲ୍ଲୀ ମଙ୍ଗଳ'କୁ ଗାଁର ସେବ ରେ ଲଗାନ୍ତୁ। ଦୂରରେ ଠିଆ ହୋଇ ଦେଶୋଦ୍ଧାରଙ୍କ ଭଳି ବ୍ୟବହାର କରନ୍ତୁ ନାହିଁ।"

ନିଜର ଆଦର୍ଶକୁ ପରବର୍ତ୍ତୀ ସାଲ ୧୯୩୧ ପତ୍ରିକାରେ 'ପଲ୍ଲୀ ମଙ୍ଗଳ' କିପରି ଭାବରେ ବଜାୟ ରଖିଥିଲି, ତା ସେହି ବର୍ଷରେ ପ୍ରକାଶିତ ଲେଖା-ଗୁଡ଼ିକରୁ ଜଣାଯିବ:—

ଜାନୁଆରୀ ୧୯୩୧ ପତ୍ରିକାର ପ୍ରଥମ ସଂଖ୍ୟାରେ ନିମ୍ନଲିଖିତ ଲେଖା-ଗୁଡ଼ିକ ବାହାରିଥିଲା—

୧ । ନୂଆ ବର୍ଷରେ ନିଜକଥା—ଶ୍ରୀ ଶରତଚନ୍ଦ୍ର ମୁଖର୍ଜୀ
୨ । ଗାଁ ଲୋକେ କେବେ ଯତ୍ନ କରିବେ ?—ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ
୩ । ବିହନକଥା—ସଂପାଦକ
୪ । ନଳକୂଅ—ଶ୍ରୀ ରାଧାଗୋବିନ୍ଦ ଦାସ ବି. ଏ ଏଲ୍. ଟି.
୫ । ଗାଁ ନିରମଳ ମିଠା—ଶ୍ରୀ ରାଧାଚରଣ ପଣ୍ଡା ଏଲ୍. ଏମ୍. ପି.
୬ । ପଲ୍ଲୀ ସଙ୍ଗଠନରେ ନାରୀ—ଶ୍ରୀମତୀ ଜି. ଭଗୀରଥୀ
୭ । ବିହାର ଓଡ଼ିଶା ପ୍ରାଦେଶିକ ସହଯୋଗୀ—ମହା ସଭାର ତ୍ରୟୋଦଶ

Digitized by srujanika@gmail.com

ଅଧିବେଶନ -ସମ୍ପାଦକ

୮ । ସହଯୋଗ କାନୁନ୍—ସମ୍ପାଦକ

୯ । ଆବାହନ ସଙ୍ଗୀତ—(ପଦ୍ୟ)-ଶ୍ରୀ ଗଙ୍ଗାଧର ମହାନ୍ତି

୧୦ । ଭାରତ ବର୍ଷର ଗୋରୁଗାଈ—ରାଜକୀୟ କୃଷି କମିଶନ

୧୧ । ଲକ୍ଷ୍ମୀ ନିବାରଣ କିଏ କରେ ?—ଶ୍ରୀ ଜୟକୃଷ୍ଣ ମହାପାତ୍ର

୧୨ । ବର୍ଷି ଖାଇଲେ ନଇବାଳି ଘରେ—ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା ବି. ଏ

୧୩ । ହାଲଚାଲ--ଡାକପିଅନ

ଫେବୃୟାରୀ ୧୯୩୧ ମସିହା ଦ୍ୱିତୀୟ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲା—

୧ । ଉର୍ଣ୍ଣିକଟା ଋଣ କମାଣ—ଶ୍ରୀ ଶରତଚନ୍ଦ୍ର ମୁଖର୍ଜୀ ବି. ଏ

୨ । ପଲ୍ଲୀଦର୍ଶନ—ଶ୍ରୀ ସୁଧିନ୍ଦ୍ର କୁମାର ରାୟ ବି. ଏ

୩ । ଆଖୁଖାରର ବ୍ୟବହାର—କୃଷି ବିଭାଗ

୪ । ଓଡ଼ିଶାରେ ସହଯୋଗ ବ୍ୟବହାର—ରାୟ ବାହାଦୁର ଡ଼ାକ୍ତର ଗୋପାଳ ଚନ୍ଦ୍ର ଚାଟାର୍ଜୀ

୫ । ସହଯୋଗୀ କାନୁନ—ସମ୍ପାଦକ

୬ । ଜୀବନ ବୀମା ସମ୍ବନ୍ଧରେ କୁସଂସ୍କାର—ଶ୍ରୀ ଭୂପତି ମୋହନ ସେନ୍

୭ । ହାଲଚାଲ—ଡାକପିଅନ

୮ । ବନ୍ଧୁକଥା—ସମ୍ପାଦକ

ମାର୍ଚ୍ଚ ୧୯୩୧ ମସିହାର ତୃତୀୟ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲା—

୧ । ଭାରତବର୍ଷରେ ସମବାୟ—ଶ୍ରୀ ରବୀନ୍ଦ୍ର ନାଥ ଠାକୁର

୨ । ଗାଁ କଥା—ଶ୍ରୀ କୃଷ୍ଣ ମୋହନ ପଟ୍ଟନାୟକ

୩ । ଉତ୍କଳ ପଲ୍ଲୀର ଦାରୁଣ ଦୁର୍ଦ୍ଦଶା—(ପଦ୍ୟ)- ଶ୍ରୀ କପିଳେଶ୍ୱର ଭ୍ରମରବର ରାୟ ଏମ୍. ଏ.

୪ । ଆଖୁଚାଷ—ଶ୍ରୀ ଜୟକୃଷ୍ଣ ପଟ୍ଟନାୟକ

୫ । ସ୍ୱାସ୍ଥ୍ୟ—ଶ୍ରୀ ଗିରୀଶ ବଲ୍ଲଭ ରାୟ

୬ । କୃଷି ସମବାୟ ପ୍ରଣାଳୀ—ଶ୍ରୀ ରାଜକିଶୋର ରାୟ

Digitized by srujanika@gmail.com

୭ । ଗଈର ଗର୍ଭକଥା—ଶ୍ରୀ ଚକ୍ରଧର ମହାନ୍ତି
୮ । ସହରେ ଆଇନ୍ କାନୁନ୍—ସମ୍ପାଦକ
୯ । ହାଲଚାଲ—ଡ଼ାକପିଅନ
୧୦ । ବହିକଥା—ସମ୍ପାଦକ

ଏପ୍ରିଲ୍ ୧୯୩୧ ମସିହାର ଚତୁର୍ଥ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲା—

ପ୍ରଚ୍ଛଦପଟଚିତ୍ର ସ୍ୱର୍ଗୀୟ କବିବର ରାଧାନାଥ ରାୟ
୧ । ସହଯୋଗ ପ୍ରସାରରେ ସାହାଯ୍ୟ-ରେ. ଜେ. ଜେଡହେଜ୍
୨ । ଆମର ଆଜିକାର ଆଦର୍ଶ ପଲ୍ଲୀ—ଡାକ୍ତର ରାଧାଚରଣ ପଣ୍ଡା
୩ । ଓଡ଼ିଶାରେ ପାଠପଢ଼ା—ଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁ ଏମ୍. ଏ.
୪ । ଟିଁଅ ଦେଲା ବେସରବାଟି—ଶ୍ରୀମତୀ ଶାନ୍ତି ମୁଖର୍ଜୀ ବି. ଏ.
୫ । କଟକ ହିନ୍ଦୁ ମହିଳାଟ୍ରେନିଂ ସ୍କୁଲ—କୁମାରୀ ବଇଟି ମହାନ୍ତି ବି.ଏ.ବି.ଟି
୬ । ଓଡ଼ିଶାରେ ସ୍ୱାସ୍ଥ୍ୟନିବାସ—ଶ୍ରୀ କାମାକ୍ଷୀ ପ୍ରସାଦ ଶର୍ମା
୭ । ହାଲଚାଲ-ଡ଼ାକ ପିଅନ

ମଇ ୧୯୩୧ ମସିହାର ପଞ୍ଚମ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲା—

୧ । ଶ୍ରୀ ମହାଜନଙ୍କ ଚିଠି—ଶ୍ରୀ ଶ୍ୟାମସୁନ୍ଦର ଚୌଧୁରୀ
୨ । ଗୃହିଣୀର କର୍ତ୍ତବ୍ୟ—ଶ୍ରୀମତୀ ଶାନ୍ତି ମୁଖର୍ଜୀ ବି. ଏ.
୩ । ନଳକୂଅ—ଶ୍ରୀ ସୁଧୀନ୍ଦ୍ର କୁମାର ରାୟ ବି. ଏ.
୪ । ପୁତୁଳଖେଳ—ଶ୍ରୀ ରାଧାଶ୍ୟାମ ଦାସ
୫ । ରାୟବାହାଦୁର ବିଦ୍ୟାଧର ପଣ୍ଡା—ଶ୍ରୀ ଖଗେନ୍ଦ୍ର ଚନ୍ଦ୍ର ମହାପାତ୍ର ବି.ଏ.
୬ । ହାଲଚାଲ—ଡ଼ାକ ପିଅନ
୭ । ବହିକଥା—ସମ୍ପାଦକ

ଜୁନ୍ ୧୯୩୧ ମସିହାର ଷଷ୍ଠ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲା—

Digitized by srujanika@gmail.com

୧ । ଲୁଣମର କଥା—ସମ୍ପାଦକ
୨ । ଗାଁ ମହାଜନର ଚଠିର ଜବାବ—ଶ୍ରୀ ଅପ୍ରକାଶ ଗୁପ୍ତ
୩ । ଗୁଡ଼ରୁ କନ୍ଦ ତିଆର – କୃଷି ବିଭାଗ
୪ । ମନ୍ତ୍ର—ଶ୍ରୀ ଏଡ଼୍‌ଉନ ରାଉତ
୫ । ଗୋରୁର ଖାଦ୍ୟ—"ପଲ୍ଲୀବାସୀ"
୬ । ସ୍ୱାସ୍ଥ୍ୟର କୋଡ଼ିଏଟି ଶତ୍ରୁ—ଶ୍ରୀ ରାଧାଚରଣ ପଣ୍ଡା ଏଲ. ଏମ୍. ପି.
୭ । ସହଯୋଗ ସମିତିର ହିସାବ କିତାବ—
ଶ୍ରୀ ରାଜେନ୍ଦ୍ର ମୋହନ ଚାଟାର୍ଜୀ ବି. ଏ.

ଜୁଲାଇ ୧୯୩୧ ପତ୍ରିକାର ସପ୍ତମ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରଥିଲା—

୧ । ଶିବେଇ ଯାତ୍ରା—ଶ୍ରୀ ଶରତ ଚନ୍ଦ୍ର ମୁଖାର୍ଜୀ
୨ । ଆମେ ଡ଼ର କେବେ ଛାଡ଼ିବା—ଶ୍ରୀ ଗଙ୍ଗାଧର ମହାପାତ୍ର
୩ । ଗୋରୁଗାଈଙ୍କ ରୋଗ—ଶ୍ରୀ କୃପାସିନ୍ଧୁ ମିଶ୍ର
। ସହଯୋଗର ଉନ୍ନତି—ଶ୍ରୀ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଏମ. ଏ.
୫ । ବିବାହ—ଶ୍ରୀ ବାମଦେବ ମିଶ୍ର
୬ । ଗାଁ ମହାଜନ ଚଠିର ଦୋସର ଜବାବ—ଶ୍ରୀ ବନମାଳୀ ଦାସ
୭ । ସ୍ୱାସ୍ଥ୍ୟର କୋଡ଼ିଏଟି ଶତ୍ରୁ—ରାଧାଚରଣ ପଣ୍ଡା ଏଲ. ଏମ୍. ପି.
୮ । ଗୃହବାସ କଥା—କୃଷି ବିଭାଗ

ଅଗଷ୍ଟ ୧୯୩୧ ପତ୍ରିକାର ଅଷ୍ଟମ ସଂଖ୍ୟାରେ ନିମ୍ନ ଲିଖିତ ଲେଖାଗୁଡ଼ିକ ବାହାରିଥିଲା—

ପ୍ରଚ୍ଛଦପଟ ଛବି—ପଲ୍ଲୀର ରାଣୀ
୧ । ସଙ୍ଗୀତ—ଶ୍ରୀ କପିଳେଶ୍ୱର ଶ୍ରେଷ୍ଟରାୟ ଏମ୍.ଏ
୨ । ଠକି ନ ଶିଖିଲେ ଠକିଶିଖ—ଶ୍ରୀ ଶରତଚନ୍ଦ୍ର ମୁଖର୍ଜୀ
୩ । ସହଯୋଗର ଅଯଥା ନିନ୍ଦାରଟନା—ଶ୍ରୀ ଗୋପେନ୍ଦ୍ର ମିଶ୍ର ବି. ଏ
୪ । ଗ୍ରାମ ଦର୍ଶନ—ଶ୍ରୀମତୀ ଶାନ୍ତି ମୁଖର୍ଜୀ ବି. ଏ.
୫ । ଗାଉଁଲିର ଚଠି—ଶ୍ରୀ ହରିହର ମହାପାତ୍ର ଏମ. ଏ.

Digitized by srujanika@gmail.com

୬ । ସହଯୋଗ ସମିତି ପରିଦର୍ଶନ ବ୍ୟବସ୍ଥା—
ମି. ଇ: ସି ଏନସର୍ଜ. ଆଇ. ସି. ଏସ୍.

ସେପେଟମ୍ବର ୧୯୩୧ ମସିହାର ନବମ ସଂଖ୍ୟାରେ ନିମ୍ନଲିଖିତ ଲେଖା-ଗୁଡ଼ିକ ବାହାରିଥିଲା—

୧ । ପିଲାଦିନକଥା—ଶ୍ରୀ କପିଳେଶ୍ୱର ଶ୍ରେଷ୍ଠରାୟ ଏମ୍, ଏ
୨ । ବସନ୍ତ ରୋଗ ବିଷୟରେ ଦୁଇକଥା— ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଏମ.ଏ
୩ । ବନ୍ଧନ--ଶ୍ରୀ ଜୟକୃଷ୍ଣ ପଟ୍ଟନାୟକ, କୃଷି ଇନ୍‌ସପେକ୍ଟର
୪ । ୧୯୩୦ ମସିହାର ଆଖୁ ଗ୍ରୁପ—କୃଷି ବିଭାଗ
୫ । ଅମୃତଭଣ୍ଡା—କୃଷି ବିଭାଗ
୬ । ବନ୍ଧୁକଥା—ସମ୍ପାଦକ

ଅକ୍ଟୋବର, ନଭେମ୍ବର-୧୯୩୧ ଦଶମ ଏକାଦଶ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲା—

ପ୍ରଚ୍ଛଦପଟ୍ଟ ଛବି—ନୀଳାଚଳ

୧ । ସ୍ୱର୍ଗୀୟ ରାମଶଙ୍କର ରାୟ—ସମ୍ପାଦକ
୨ । ସହଯୋଗ ସମିତି ପରିଦର୍ଶନ--ମି, ଇ. ସି, ଏନସର୍ଜ
୩ । ଏକାଳ କଥା (ପଦ୍ୟ)-ଶ୍ରୀ କପିଳେଶ୍ୱର ଶ୍ରେଷ୍ଠରାୟ ଏମ. ଏ.
୪ । ଗାଁର ଏକମେଳ--ଶ୍ରୀ ପଦ୍ମଚରଣ ପଟ୍ଟନାୟକ ବି, ଏ:
୫ । କେଉଁଠାକେ ଘରଦୁଆର କରିବ--ଶ୍ରୀ କମଳାକାନ୍ତ ଦାଶ
୬ । ପଲ୍ଲୀର ଶିକ୍ଷିତ ଧନୀ ଯୁବକର କାର୍ଯ୍ୟ--
ଡାକ୍ତର ରାଧାଚରଣ ପଣ୍ଡା ଏଲ୍. ଏମ୍.ପି,
୭ । ଏକା ସଙ୍ଗେ ଆଳୁଗଛ ଓ କଲେ ଖୁବ୍ ଭଲ ହୁଏ--
ଶ୍ରୀ ଜୟକୃଷ୍ଣ ପଟ୍ଟନାୟକ କୃଷି ଇନ୍‌ସିପେକ୍ଟର
୮ । ହିଡ଼ ଉପରେ ମାଟି ଦେଇଥିଲେ ବର୍ଷ ଖାଉଥିବ ବରଷେ--
ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା ବି, ଏ
୯ । ରାଣୀ--ଶ୍ରୀ ଦୟାନିଧି ଦାସ
୧୦ । ଭୂତପୂର୍ବ ରେଜିଷ୍ଟ୍ରାର ମି. କଲିନ୍‌ସି--ମି. ଏନ୍. କେ ରାୟ, ବି,ଏ
୧୧ । ବନ୍ଧୁକଥା--ସମ୍ପାଦକ

Digitized by srujanika@gmail.com

୧୨ । ହଲଚାଲ—ଡ଼ିସେମ୍ବର

ଡ଼ିସେମ୍ବର ୧୯୩୯ ମସିହାର ଦ୍ୱାଦଶସଂଖ୍ୟାରେ ନିମ୍ନଲିଖିତ ଲେଖା-ବାହାରିଥିଲା :—

୧ । ପାଠକ ମହାଶୟ, ଅବଧାନ—ଶ୍ରୀ ଶରତ ଚନ୍ଦ୍ର ମୁଖର୍ଜି

୨ । ଆଶିଷ ବାଣୀ—ଅକ୍ଷୟ ଚନ୍ଦ୍ର ଦାସ, ଇ. ସି. ଏନହର୍ଜ, ପଦ୍ମଚରଣ ପଟ୍ଟନାୟକ, ବଚ୍ଛନ୍ଦଚରଣ ପଟ୍ଟନାୟକ, ଭୂପତିଭୂଷଣ ମୁଖର୍ଜି ଜଲନ୍ଧର ଦେବ, ସଚ୍ଚିଦାନନ୍ଦ ରାଉତରାୟ,

୩ । ଧାନ୍ୟ-ଲକ୍ଷ୍ମୀ—ଶ୍ରୀ ଶଶିଭୂଷଣ ରାୟ

୪ । ଜାତୀୟ ସମସ୍ୟାର-ଅର୍ଥମୂଳ—ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ର ଏମ୍. ଏ. ଏମ୍. ଏଲ୍. ସି.

୫ । ସହଯୋଗ ଶିକ୍ଷା—ଶ୍ରୀ ଭୂପତିଭୂଷଣ ମୁଖର୍ଜି

୬ । 'ଓହ୍ଲାଇ ଆସନ୍ତା ସ୍ୱର୍ଗ ମର୍ତ୍ତ୍ୟ ଲୋକ' (ପଦ୍ୟ) - ଶ୍ରୀ ବୃନ୍ଦାବନ ମହାନ୍ତି

୭ । ଆମଦେଶରେ କୃଷିର ଋଣ—ରାୟ ବାହାଦୁର ଅକ୍ଷୟ ଚନ୍ଦ୍ର ଦାସ, ବି. ଏ.

୮ । ପଲ୍ଲୀ ମଙ୍ଗଳ—ଶ୍ରୀ ଜଲନ୍ଧର ଦେବ

୯ । ଓଡ଼ିଶାରେ ସ୍କୁଲ ପିଲାଙ୍କ ସ୍ୱାସ୍ଥ୍ୟ—ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଏମ୍. ଏ,

୧୦ । ଲୁଆଁ ଅଲୁଆଁ—ପଣ୍ଡିତ ବାମଦେବ ମିଶ୍ର

୧୧ । ସମ୍ପାଦକଙ୍କ ନୋଟ—ଶ୍ରୀ ଶରତ ଚନ୍ଦ୍ର ମୁଖର୍ଜି

୧୨ । କ୍ରେଡିଟ ବ୍ୟାଙ୍କର କୃଷି ଚେଷ୍ଟା—ଶ୍ରୀ କେଶବେଶ୍ୱର ବସୁ ଏମ୍. ଏ.

୧୩ । ବାଣିଜ୍ୟରୁ ଲାଭ (ଗଳ୍ପ)—ମୌଲବୀ ଆବାସ ଅଲ୍ଲୀଖାଁ

୧୪ । ଜାଗରଣ (ପଦ୍ୟ)—ଶ୍ରୀ ପଦ୍ମଚରଣ ପଟ୍ଟନାୟକ ବି. ଏଲ୍.

୧୫ । ଓଡ଼ିଶାରେ ଡାଲୁଅ ଧାନ—କୃଷି ବିଭାଗ

୧୬ । ବଫନ ସମସ୍ୟା - ରାୟ ସାହେବ ଗୋବିନ୍ଦ ପ୍ରସାଦ ବସୁ

୧୭ । ଫଟୋକପାଳକୁ କେ ଡ଼େ—ଶ୍ରୀ ଗୋପାଳ ପ୍ରସାଦ ସିଂହ

୧୮ । ମଶା ଓ ମାଛ—ଡ଼ାକ୍ତର ବନବିହାରୀ ପଟ୍ଟନାୟକ ଏମ୍. ବି. ବି. ଏସ

୧୯ । ସହଯୋଗୀ ଆଇନକାନୁନ—ସମ୍ପାଦକ

୨୦ । ବନ୍ଧୁକଥା—ସମ୍ପାଦକ

୨୧ । ପଲ୍ଲୀ ସଙ୍ଗଠନ—ଶ୍ରୀ ଲକ୍ଷ୍ମୀଧର ମହାନ୍ତି, ରାୟ ବାହାଦୁର, ସବପତି

Digitized by srujanika@gmail.com

ଓଡ଼ିଶା ସମବାୟ ସଂଗଠନ ସମିତି ପୋ: ଗ୍ରାଣ୍ଡଟ୍ରଙ୍କ୍, କଟକ,

୧୯୩୧ ମସିହାରେ ପ୍ରକାଶିତ ଲେଖାମାନଙ୍କ ମଧ୍ୟରେ ତିନୋଟି ବଶିଷ୍ଟ ଧରଣର ତିନିଜଣ ବଶିଷ୍ଟ ଲେଖକଙ୍କର ଲେଖା ନମୁନାରେ ଦିଆଗଲା :—

'ପଲ୍ଲୀ ମଙ୍ଗଳ', ଡ଼ିସେମ୍ବର ୧୯୩୧ ଜାତୀୟ ସମସ୍ୟାର ଅର୍ଥମୂଳ, ଲେଖକ ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ର ଏମ୍. ଏ. ଏମ୍ ଏଲ୍. ସି. । 'ପଲ୍ଲୀ ମଙ୍ଗଳ' କାଗଜ ନିମନ୍ତେ କିଛି ଲେଖାପଠାଇବାକୁ ସମ୍ପାଦକ ମୋତେ ଅନୁରୋଧ କରିଛନ୍ତି । ମୁଁ 'ପଲ୍ଲୀ ମଙ୍ଗଳ' ବେଳେ ବେଳେ ପଢ଼ିଥାଏ । ପଲ୍ଲୀର ପ୍ରକୃତ ମଙ୍ଗଳ ସାଧନ କରିବା ଯେ ତାହାର ଉଦ୍ଦେଶ୍ୟ, ସେ କଥା ମୁଁ ଭଲ ରୂପେ ବୁଝିଅଛି । ପଲ୍ଲୀର ମଙ୍ଗଳ ସାଧନ କରିବା ନିମନ୍ତେ କେତେ ଯେ ଉପାୟ ରହିଛି, ତାହା ଆପଣ ଭଲ ରୂପେ ବୁଝୁଥିବେ, ପଲ୍ଲୀ ଗ୍ରାମମାନଙ୍କର ଗୋଟାଏ ଦୋଷ ସବୁବେଳେ ବଡ଼ ପ୍ରକାଣ୍ଡ ଆକାରରେ ମୋ ଦୃଷ୍ଟିରେ ପଡ଼େ । ସେ କଥା ମୁଁ ଯେ ବର୍ତ୍ତମାନ ନୂଆ କହୁଛି ତାହା ନୁହେଁ । ପଲ୍ଲୀର ଦୁର୍ଦ୍ଦଶା ବିଷୟରେ ଯେ ଟିକିଏ ଅଧେ ଭାବନ୍ତି, ସେ ସେହି କଥାହିଁ ଭାବିଥାନ୍ତି ।

ଆମ୍ଭମାନଙ୍କର ଓଡ଼ିଶା ଦେଶ ଅତି ଦରିଦ୍ର । ଲୋକେ ଖାଇବାକୁ ପାଉ ନାହାନ୍ତି । ପ୍ରଚୁରତା ମଧ୍ୟରେ ସୁଦ୍ଧା ଦୁର୍ଭିକ୍ଷ କଷ୍ଟରେ କାଳ କାଟୁଅଛନ୍ତି । ଏ କଥା ସମସ୍ତେ ଅନୁଭବ କରନ୍ତି । ଓଡ଼ିଶାରୁ ପ୍ରାୟ ଦୁଇଲକ୍ଷ ଲୋକ ଯାଇ କଲିକତା, ବ୍ରହ୍ମଦେଶ, ଆସାମ ପ୍ରଭୃତି ଦୂରସ୍ଥ ଶ୍ରମିକ କେନ୍ଦ୍ରମାନଙ୍କରେ ଜୀବିକାଉପାର୍ଜନ ନିମନ୍ତେ ରହିଅଛନ୍ତି । ଏମାନେ କେତେ ରୋଜଗାର କରନ୍ତି ଠିକ୍ ରୂପେ ହିସାବ କରି ନିର୍ଣ୍ଣୟ କରିବା ବଡ଼ କଷ୍ଟ କଥା । କିନ୍ତୁ ମୋଟା ମୋଟି ଧରିଯାଇ ପାରେ ଯେ ଜଣପ୍ରତି ମାସିକ ରୋଜଗାର ହାରାହାରି ଦଶଟଙ୍କାରୁ ଅଧିକ ନୁହେଁ । ବିଦେଶରେ ଯାଇ ସମସ୍ତେ ଯେ କାମ ପାଆନ୍ତି, ତାହା କୁହାଯାଇ ନ ପାରେ । କେତେକ ଅବଶ୍ୟ କାମକରି ମାସରେ ପଚିଶ ତିରିଶ ରୋଜଗାର କରନ୍ତି । ମାତ୍ର ଏପରି ଲୋକଙ୍କ ସଂଖ୍ୟା ଅତି କମ୍ । କଲିକତାରେ ଅନେକ ଓଡ଼ିଆ କୁଲି ଅଛନ୍ତି । ଯେଉଁମାନେ ଦିନକୁ ତିନିଅଣା, ଚାରିଅଣା ମଜୁରିରେ କାମ କରିବାର ଦେଖାଯାଏ । ଅନେକ କାମ ପାଇବା ଆଶାରେ ଘରଦ୍ୱାର ଛାଡ଼ି ଯାଇ ପ୍ରବାସରେ ବେକାର ହୋଇ ବସି ରହନ୍ତି । ସେମାନେ ଯେ ନିଜର ପ୍ରବାସୀ ଆତ୍ମୀୟ ସ୍ୱଜନଙ୍କ ଉପରେ ଗଲଗ୍ରହ ହୁଅନ୍ତି, ତାହା କହିବା

Digitized by srujanika@gmail.com

ଅନାବଶ୍ୟକ । ଏପରି ସ୍ଥଳେ ପ୍ରତ୍ୟେକ ଲୋକର ମାସିକ ହାରାହାରି ରୋଜଗାର ଦଶଟଙ୍କା ବୋଲି ଧରିଲେ, କିଛି ଅସଙ୍ଗତ ହେବନାହିଁ । ତାହାହେଲେ ଦୁଇଲକ୍ଷ ଲୋକଙ୍କର ମାସିକ ଆୟ କୋଡ଼ିଏ ଲକ୍ଷଟଙ୍କା । ଅର୍ଥାତ୍ ଓଡ଼ିଶାରୁ ବାହାରି ଯାଇ ପ୍ରବାସରେ ରହି ରୋଜଗାର କରୁଥିବା ଲୋକମାନଙ୍କର ବାର୍ଷିକ ଆଦାୟ ମୋଟା ମୋଟି ଅଢ଼େଇ କୋଟି ଟଙ୍କା ବୋଲି ଧରାଯାଇ ପାରେ । ଏହି ଅଢ଼େଇ କୋଟି ଯାକ ଟଙ୍କା ଯେ ସବୁ ପ୍ରବାସରୁ ଓଡ଼ିଶାକୁ ପ୍ରତିବର୍ଷ ଆସୁଛି ତାହାନୁହେଁ । ରୋଜଗାରିଆ ମୂଲିଆମାନେ ନିଜର ରୋଜଗାର ଧନରୁ ପ୍ରବାସରେ ଚଳନ୍ତି । ଓଡ଼ିଆମାନଙ୍କର ଭାତ ଖାଇବା ଓ ଲୁଗା ପିନ୍ଧିବା ଖର୍ଚ୍ଚ ଅବଶ୍ୟ ବେଶୀ-ନୁହେଁ । କିନ୍ତୁ ଘରଛାଡ଼ି,ସମାଜର ବନ୍ଧନ ତୁଟାଇ ଯେଉଁ ଅଭିଆଡ଼ା ଭେଣ୍ଡାମାନେ ପ୍ରବାସରେ ଯାଇରହନ୍ତି,ଖାଇବା,ପିନ୍ଧିବା ଖର୍ଚ୍ଚ ସେମାନଙ୍କର ଏକମାତ୍ର ଖର୍ଚ୍ଚ ନୁହେଁ, ଯେଉଁ ବିବାହିତ ଲୋକମାନେ ନିଜର ସ୍ତ୍ରୀଙ୍କୁ ଗାଁରେ ଛାଡ଼ିଦେଇ ପ୍ରବାସରେ ଜଣକିଆ ଜୀବନ କଟାନ୍ତି, ସେମାନଙ୍କୁ ମଧ୍ୟ ମୁଁ ଅଭିଅଡ଼ା ବୋଲି ଧରୁଛି । ଏହି ଅଭିଆଡ଼ା ଲୋକମାନଙ୍କର ପ୍ରବାସରେ ବିବାହିତ ଜୀବନର ସୁଖ ଭୋଗ କରିବା'ରେ ଅନେକ ଟଙ୍କା ଖର୍ଚ୍ଚ ହୋଇଯାଏ । ତାହାର ଆନୁସଙ୍ଗିକ ନିଶା ମଧ୍ୟ ବହୁତ ଟାଣି-ନିଏ । ଓଡ଼ିଆମାନେ ମଦ ପିଅନ୍ତି ନାହିଁ । ଗଞ୍ଜେଇ, ଅଫିମ, ଗୁଳି, ମାଦକ ସେମାନଙ୍କର ପ୍ରଧାନ ଆଶ୍ରା । ମୋର ମନେହୁଏ ହାରାହାରି ମାସିକ ଦଶଟଙ୍କା ରୋଜଗାରରୁ ଭାତ ତରକାରି ଲୁଗାପଟାରେ ପାଞ୍ଚ ଏବଂ ବିଳାସବ୍ୟସନରେ ଅନ୍ତତଃ ତିନି ଗଳିଯାଏ । ବାକି ଦୁଇଟଙ୍କା ଓଡ଼ିଶାକୁ ଆସେ । ଅର୍ଥାତ୍, ଏହି ହିସାବରେ ପ୍ରତିବର୍ଷ ପ୍ରବାସରୁ ପ୍ରାୟ ପଚାଶ ଲକ୍ଷ ଟଙ୍କା ଓଡ଼ିଶାକୁ ଆସୁଛି । ଏହି ପଚାଶ ଲକ୍ଷ ଟଙ୍କାରେ ଦୁଇଲକ୍ଷ ଲୋକଙ୍କର ପରିବାର ବର୍ଷେକାଳ ପ୍ରତିପୋଷଣ ହେଉଛନ୍ତି । ଅର୍ଥ ସମସ୍ୟା ଦୃଷ୍ଟିରେ ଏହା ଯେ କି ହୀନ ଜାତିର ଆର୍ଥିକ ଜୀବନ, ତାହା କାହାକୁ ବୁଝାଇବାକୁ ହେବନାହିଁ । ମୋର ମନେହୁଏ, ବାର୍ଷିକ ପଚାଶ ଲକ୍ଷ ଟଙ୍କା ମୂଲରେ ଆମ୍ଭେମାନେ ସମଗ୍ର ଓଡ଼ିଆ ଜାତିର ଦୁର୍ଲ୍ଲଭ ସମ୍ପଦକୁ ବିକ୍ରୟ କରି ଦେଉଅଛେ ।

କେହିଜଣେ କବି ଲେଖିଛନ୍ତି—"କୋଟିଏ ସନ୍ତାନ କୋଳେ ।" ସରସ୍ୱତୀଙ୍କର ଏହି ଜନଗଣନାରେ କବିତାର ବାହୁଲ୍ୟ ବାଦ-ଦେବାରେ କୌଣସି କାରଣ ନାହିଁ । ରାଜନୈତିକ ଓଡ଼ିଶାର ଓଡ଼ିଆ ଜାତିରେ ମୋଟା ମୋଟି ପ୍ରାୟ ଏକକୋଟି ଲୋକ ଅଛନ୍ତି । ଏ ମଧ୍ୟରେ ପନ୍ଦର ବର୍ଷର ସାନପିଲା ଓ ୫୫ ବର୍ଷରୁ ବଡ ବୁଢ଼ା ହିସାବ ଅନୁସାରେ ପ୍ରାୟ ୩୩ ଲକ୍ଷ ହେବେ ।

Digitized by srujanika@gmail.com

ସେଥିରେ ଅଉ ନଅ ଲକ୍ଷ ଅକର୍ମଣ୍ୟ ଜୁଆନ୍ ଲୋକ ମିଶାଇ ମୋଟରେ ୩୬ ଲକ୍ଷ ହେବ ବୋଲି ଧରାଯାଉ । ଏ ୩୬ଲକ୍ଷ ଅକର୍ମଣ୍ୟ, ଅର୍ଥାତ ରୋଜଗାର କରିବାକୁ ଅକ୍ଷମ, ତାହାହେଲେ ଜାତି ମଧ୍ୟରେ ବାକି ୬୪ ଲକ୍ଷ ଲୋକ କାର୍ଯ୍ୟ କରିବାକୁ ସମର୍ଥ ରହିଲେ ।

କେହିଜଣେ ଲୋକ ଯଦି ପଲ୍ଲୀ ଗ୍ରାମମାନଙ୍କର ଅବସ୍ଥା ଅନୁଧ୍ୟାନ କରିବାକୁ ଗ୍ରାମେଗ୍ରାମେ ବୁଲିବାରେ ଲାଗେ ସେ ସମସ୍ତ ଅପଚୟର ଚୋଟାଏ ଅତି ବିଶାଳ ମୂର୍ତ୍ତି ଦେଖିବାକୁ ପାଇବ । କେଉଁଠାରେ ପଞ୍ଚାଏ ଜୁଆନ ଭେଣ୍ଡା ବସି ଗାଁର ସନ ସନ କଥା ନେଇ ଚୁଗୁଲି, ହସ କଉତୁକ କରିବାରେ ଲାଗିଛନ୍ତି, କେଉଁଠାରେ ପଞ୍ଚାଏ ବୟସ୍କ ଲୋକ ଶୀତଦିନ ସକାଳେ ଖରାକୁ ପିଠି କରି ବସି ରହିଛନ୍ତି । ଅଉ କେଉଁଠାରେ ତାସ, ପଶାଖେଳ ଚାଲିଛି । ଖେଳିବା ଲୋକେ ତ ଖେଳୁଛନ୍ତି, ସେମାନେ ଅବଶ୍ୟ ସମୟ ନଷ୍ଟ କରୁଛନ୍ତି, ମୁଁ ତାଙ୍କର ସେତେ ଦୋଷ ଦେଖୁନାହିଁ, କିନ୍ତୁ ଚାରିଜଣ ଖେଳାଳିଙ୍କ ସଙ୍ଗେ ପ୍ରାୟ ୧୦।୧୨ ଜଣ ଦେଖଣାହାରି ଜୁଟି ହୋଇ ବସିଥାନ୍ତି । ସ୍ତ୍ରୀ ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ପିଲା ଝେଙ୍କେଇବା, କଳି କରିବା ଏବଂ ବାଜେ କଥା ବାର୍ତ୍ତା ହେବାରେ ଲାଗିଥାନ୍ତି । ଜାତୀୟ ସମୟର ଏ ଯେ କି ଗୋଟାଏ ବିରାଟ ଅପବ୍ୟୟ ତାହା ଟିକିଏ ଭାବିଲେ ବୁଝାଯିବ । ଏ ଅପବ୍ୟୟ କେବଳ ସମୟର ଅପବ୍ୟୟ ନୁହେଁ, ଏହା ଜାତୀୟ ସମ୍ପଦର ଅପବ୍ୟୟ ।

ତେବେ, କେହି କେହି ପଚାରିବେ, କାମ ଅଛି ଯେ ଆମେ କରିବୁ ? ଏ ପ୍ରଶ୍ନ କଣ ଯଥାର୍ଥ ? କରିବାକୁ ଇଚ୍ଛା କଲେ କଣ କାମ ନାହିଁ ? ଅନ୍ତତଃରେ ସୂତା କାଟିବାକୁ ଗାନ୍ଧୀଜୀ ପରାମର୍ଶ ଦେଉଛନ୍ତି । ତାହା ଏ ପର୍ଯ୍ୟନ୍ତ ଗତ ଦଶବର୍ଷ ଧରି ଏ ଦେଶର ଲୋକେ ଶୁଣି ନାହାନ୍ତି । ପ୍ରତ୍ୟେକ ଲୋକ ଥରେ ତାର ଘର ବାଡ଼ି ଆଡ଼କୁ ଆଖି ପକାଉ । ଦେଖିବ, ତାହା କଣ୍ଟାଗଛ, ଘାସବୁଦା ଆଦିରେ ପୂର୍ଣ୍ଣ । ସେଥିରେ ଘରର ଲୋକେ ଝାଡ଼ା ଫେରନ୍ତି, ସାପ ରହନ୍ତି, ତାହାଦ୍ୱାରା ଘରର ସ୍ୱାସ୍ଥ୍ୟ ନଷ୍ଟ ହୁଏ । ଘରେ ରହିବାର ଆନନ୍ଦ ପଡ଼େ । ସମସ୍ତ ନଷ୍ଟ ନକରି ଜଣେ ଲୋକ ଯଦି ମାଟି ଖୋଳି ବାଡ଼ିରେ ୨୫ଟା କଦଳୀ ଗଛ ଲଗାଏ ଏବଂ ତାହା ପ୍ରତି ଉପଯୁକ୍ତ ଦୃଷ୍ଟି ଦିଏ, ତାହାହେଲେ କଣ ୨୫ ପେଣ୍ଡା କଦଳୀରୁ ବର୍ଷରେ ୨୫ ଟଙ୍କା ମିଳିବ ନାହିଁ ? ସେତିକି ଜାଗାରେ ବାଇଗଣ, ଲଙ୍କାମରିଚ, ଆଳୁ, ସାରୁ କଲେ କଣ ପଚିଶ ଟଙ୍କାରୁ କମ୍ ମିଳିବ ? ଗୋଟାଏ ଗାଈ ବା ଛେଳି ପୋଷି ତାକୁ ଘାସ କାଟି ଆଣି ଖୁଆଇ ରଖିଲେ ତାଠାରୁ କଣ ବର୍ଷରେ ୨୫ ଟଙ୍କା ମିଳିବ ନାହିଁ ? ମୋର ମନେହୁଏ, ପ୍ରତ୍ୟେକ

Digitized by srujanika@gmail.com

ଜୁଆନ ପୁରୁଷ ବା ସ୍ତ୍ରୀ ଏମାନଙ୍କୁ ଦୁଇ ତିନି ଘଣ୍ଟା ପରିଶ୍ରମ ଉପଯୁକ୍ତ ଭାବରେ କଲେ ବର୍ଷରେ ଟ୨୫ଙ୍କା ରୋଜଗାର କରିବା କଷ୍ଟକର ହେବନାହିଁ । ଅର୍ଥାତ, ଏମାନଙ୍କୁ ଅଣାଏ ମାତ୍ର । ଜଣେ ଏମାନଙ୍କ ଅଣାଏ ରୋଜଗାର କଲେ ଆମ ଓଡ଼ିଆ ଜାତିର ୬୪ଲକ୍ଷ ଉପାର୍ଜ୍ଜନକ୍ଷମ ଲୋକ ପ୍ରତିଦିନ ଆମ ଦେଶର ଜାତୀୟ ଧନରେ ଚାରିଲକ୍ଷଟଙ୍କା ମିଶାଇ ପାରିବେ । ଅର୍ଥାତ୍, ବର୍ଷରେ ମୋଟା ମୋଟି ୧୫ କୋଟି ଟଙ୍କା । ଏ ପନ୍ଦର କୋଟି ଟଙ୍କା ଉତ୍କଳ ଜନନୀ ହାତ ମୁଠାରେ ଧରି ବସିଛନ୍ତି ଏବଂ କହୁଛନ୍ତି —'ନିଅ, ନିଅ ।' ଆମ୍ଭେମାନେ ସେ କଥା ଶୁଣୁନାହୁଁ । ଫଳରେ ସନ୍ତାନମାନଙ୍କ ପ୍ରତି ତାଙ୍କର ବାର୍ଷିକ ଦେୟ ୧୫କୋଟି ଟଙ୍କା ପ୍ରତିବର୍ଷ ତାଙ୍କର ହାତମୁଠା ଭିତରେ ନଷ୍ଟ ହୋଇ ଯାଉଛି । ଏହା କି ଜାତୀୟ ସମ୍ପଦର ଗୋଟାଏ କମ ଲୋକସାନ ? ଯେଉଁ ଜାତି କେବଳ ୫୦ଲକ୍ଷ ଟଙ୍କା ବର୍ଷରେ ପାଇବା ନିମନ୍ତେ ନିଜର ଦୁଇଲକ୍ଷ ସୁସ୍ଥସବଳ ଲୋକଙ୍କୁ ପ୍ରବାସକୁ ମରିବାକୁ ଠେଲି ଦେଇପାରେ, ସେ ଜାତି ପକ୍ଷରେ ଏ ପନ୍ଦର କୋଟି ଘରଚ୍ଚା ଗଚ୍ଛିତ ଟଙ୍କା ଅନ୍ଧପରି ଗୋଟାଇ ନ ଗଣିବା କି ବିଡ଼ମ୍ବନା ।

ତେବେ ଗୋଟାଏ ପ୍ରଶ୍ନ ହେବ. ସମସ୍ତେ ତ କଦଳୀ, ବାଇଗଣ, ଆଳୁ କରିବେ, ଗାଈ ରଖି ଦୁଧ ଦୁହିଁବେ, ତେବେ ଏ ସବୁ କିଏ ନେବ, ଯେ ବର୍ଷକୁ ୧୫ କୋଟି ଟଙ୍କା ଆଦାୟ ହେବ ? ଏ ପ୍ରଶ୍ନ ଅତି ନିରର୍ଥକ । ଅମେ କଣ ଟଙ୍କା ଜମାୟ କରି ରଖିବାକୁ ରୋଜଗାର କରୁଁ ? ସବୁ ରୋଜଗାର ତ ପେଟ ପାଇଁ । ଆମେ ଯେ ୧୫ କୋଟି ଟଙ୍କା ଅଧିକା ରୋଜଗାର କରିବା ତାହା ତ ପେଟ ପାଇଁ କରିବା । ଆମ ଦେଶର ଲୋକେ ଖାଇବାକୁ ନ ପାଇ ମରୁଛନ୍ତି । କଦଳୀ, ବାଇଗଣ, ଦୁଧ ଆଦି ଜିନିଷ ଖାଇବା ଓ ଖାଇ ବଳଲାଭ କରିବା ନିମନ୍ତେ ଉପଯୁକ୍ତ ଖାଦ୍ୟ, ଯାହା ଆମ୍ଭେମାନେ ଖାଇବାକୁ ପାଉ ନ ଥାଉଁ, ତାହାକୁ ବାଡିରେ ନିଜ ହାତରେ କରି ଖାଇଲେ ଯଦି ପେଟ ପୋଷା ଯାଇ ପାରିବ, ସେଥିରେ କଣ ପ୍ରକୃତ ପକ୍ଷେ ପନ୍ଦର କୋଟି ଟଙ୍କା ଅଧିକ ମିଳିଲା ନାହିଁ ?

ଜାତିର ଉନ୍ନତି କରିବା ନିମନ୍ତେ ଲୋକେ ନାନା ଦିଗରେ ଚେଷ୍ଟା କରୁଛନ୍ତି । କିଏ ସାହିତ୍ୟ ଲେଖୁଛି, କିଏ ସ୍ୱରାଜ୍ୟ ଲାଭ ଉଦ୍ଦେଶ୍ୟରେ ଚେଷ୍ଟା କରୁଛି । କିନ୍ତୁ ଜାତିର ନଷ୍ଟ ହେଉଥିବା ସମୟକୁ କାର୍ଯ୍ୟରେ ଲଗାଇବା ନିମନ୍ତେ ଏ ପର୍ଯ୍ୟନ୍ତ ଏ ଦେଶରେ, ଯଥାର୍ଥ ଉଦ୍ୟମ ପ୍ରବଳ ଭାବରେ ହୋଇନାହିଁ । ଓଡ଼ିଆ ଜାତି ବର୍ତ୍ତମାନ କ୍ଷୟର ଦିଗରେ ଚାଲିଛି । ଖାରବେଳ, ପ୍ରତାପରୁଦ୍ର-ଦେବଙ୍କ ସମୟ ସଙ୍ଗେ ବର୍ତ୍ତମାନ ସମୟକୁ ତୁଳନା କରି ଦେଖିଲେ ଏହା ବୁଝାଯିବ । ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଉତ୍କଳ ବର୍ତ୍ତମାନ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁରରେ ସଂକୁଚିତ ହୋଇ ରହିଲାଣି । ଜାତିକୁ

Digitized by srujanika@gmail.com

ରକ୍ଷା କରିବା ନିମନ୍ତେ ତାହାର ଅର୍ଥବଳ ବଢାଇବା ନିତାନ୍ତ ଦରକାର । ପୂର୍ବେ ଯୁଦ୍ଧରେ ଜୟ କରିବା ସଙ୍ଗେ ସଙ୍ଗେ ଶତ୍ରୁ ରାଜ୍ୟ ଲୁଟିକରି ରାଜାମାନେ ନିଜ ଦେଶର ଅର୍ଥବଳ ବଢ଼ାଉଥିଲେ । ବର୍ତ୍ତମାନ ଯୁଗରେ ସେ ପ୍ରକାର ଲୁଟି କରିବା ନିମନ୍ତେ ଆଉ କ୍ଷେତ୍ର ନାହିଁ । ବାଣିଜ୍ୟ ବ୍ୟବସାୟର ପ୍ରସାର ତାହାର ସ୍ଥାନ ଅଧିକାର କରିଅଛି । ମୋର ମନେ ହୁଏ, କୌଣସି ଜାତି ଅପର କୌଣସି ଜାତିର ସମ୍ପଦ ଲୁଟି କରିବା କେବଳ ଅସଙ୍ଗତ ନୁହେଁ, ଅଧର୍ମ ମଧ୍ୟ । ମାଟି ଭିତରେ ଯାହା ଜାତୀୟ ସମ୍ପଦ ଲୁଚି ରହିଛି, ତାହାକୁ ହିଁ ବ୍ୟବହାର କରି ସେଥିରେ ପେଟ ପୋଷିବା ଉଚିତ କାର୍ଯ୍ୟ । ଓଡ଼ିଶାରେ ଏ ଦିଗରେ ଶୀଘ୍ର ଯଥାର୍ଥ ଉଦ୍ୟମ ନ ହେଲେ ଓଡ଼ିଆ ଜାତିର ଜୀବନ ରକ୍ଷା କରିବା ଅସମ୍ଭବ ହୋଇ ପଡ଼ିବ ।

ଏ ପନ୍ଥାରେ ଦେଶକୁ ଅଗ୍ରସର କରିବାକୁ ହେଲେ ପ୍ରତ୍ୟେକ ଲୋକର ପ୍ରାଣରେ ଗୋଟାଏ କଠୋର ପ୍ରତିଜ୍ଞାର ସୃଷ୍ଟି କରିବାକୁ ହେବ । ପ୍ରତ୍ୟେକ ଲୋକ କହିବ ଯେ ମୁଁ ମୋ ଜୀବନରୁ ମୁହୂର୍ତ୍ତେ ସମୟ ବୃଥା ନଷ୍ଟ କରିବି ନାହିଁ । ଯଥାସାଧ୍ୟ ପରିଶ୍ରମ କରି କିଛି ନା କିଛି ଉତ୍ପାଦନ କରିବ । ଲୋକଙ୍କ ମନରେ ଏ ପ୍ରତିଜ୍ଞା ଜାଗରଣ କରାଇବା ନିମନ୍ତେ ସବୁଠାରୁ ବେଶୀ କାର୍ଯ୍ୟକାରୀ ଅଦର୍ଶ । ପ୍ରଚାର ଦ୍ୱାରା ମଧ୍ୟ ଏହା କେତେକ ପରିମାଣରେ ହୋଇ ପାରିବ । ଖବର-କାଗଜମାନଙ୍କରେ ଏ ଭାବ ଲୋକଙ୍କୁ ଦିଆଯାଇ ପାରିବ । ସମ୍ପାଦକମାନେ ଏ ଦିଗରେ ଦୃଷ୍ଟି ଦେଲେ ଗୋଟାଏ ମହତ୍ତ୍ୱ ଜାତୀୟ କାର୍ଯ୍ୟ କରିଯିବେ । ଲେଖକମାନେ ମଧ୍ୟ ଗଳ୍ପ ଉପନ୍ୟାସ ଆଦି ଛଳରେ ଏ ଭାବ ସମଗ୍ର ଜାତି ମଧ୍ୟରେ ଖେଳେଇ ଦେଇ ପାରନ୍ତି । 'ପଲ୍ଲୀ ମଙ୍ଗଳ'ର ସମ୍ପାଦକ ଏ ଦିଗରେ ଯାହା ଚେଷ୍ଟା କରୁଛନ୍ତି, ଦେଶର ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତିଙ୍କୁ ମୁଁ ତାହାହିଁ କରିବାକୁ ଅନୁରୋଧ କରୁଛି ।

ସାହିତ୍ୟ କ୍ଷେତ୍ରରେ ମୋର କିଛି ନାମ ଅଛି ବୋଲି ବୋଧହୁଏ ସମ୍ପାଦକ ମୋ ଠାରୁ 'ପଲ୍ଲୀ ମଙ୍ଗଳ' ନିମନ୍ତେ ଏକ ଲେଖା ଦାବୀ କରିଛନ୍ତି । ମୁଁ ଅବଶ୍ୟ ଯୌବନରେ ସାହିତ୍ୟ ଚର୍ଚ୍ଚା କରୁଥିଲି । ଏବେ ବୁଢ଼ା ହୋଇ ଆସିଲିଣି । ଶ୍ମଶାନ ଆଡ଼କୁ ବେଗରେ ଗଡ଼ିବାକୁ ଲାଗିଲିଣି । ସାହିତ୍ୟିକ ସରସତା ପ୍ରାଣରେ ଆଉ ଅନୁଭବ କରୁନାହିଁ । ଯେଉଁଆଡ଼େ ଚାହିଁଲେ ମୋତେ ଖାଲି ଜାତୀୟ ଅପବ୍ୟୟ, ଅପଚୟ କ୍ଷତିର ଚିତ୍ର ଦେଖା ଯାଉଅଛି । ଅଥଚ ତାହାର କୌଣସି ପ୍ରତିକାର ମୁଁ କରି ପାରୁନାହିଁ । ସମ୍ପାଦକ ନିଜେ ପଲ୍ଲୀ ମଙ୍ଗଳ ବ୍ରତରେ ଅଗ୍ରସର ହୁଅନ୍ତୁ ଓ ଦେଶର ସମସ୍ତ ଚିନ୍ତାଶୀଳ ବ୍ୟକ୍ତିଙ୍କୁ ସେ ଦିଗରେ ଅଗ୍ରସର କରାନ୍ତୁ, ଏହାହିଁ ଐକାନ୍ତିକ ଅନୁରୋଧ ।"

Digitized by srujanika@gmail.com

'ପଲ୍ଲୀ ମଙ୍ଗଳ'

୬ ସେମ୍ବର-୧୯୩୧

ଲେଖକ— ଶ୍ରୀ ଜଳନ୍ଧର ଦେବ, ବାମଣ୍ଡା

ଗନ୍ଧଦ୍ୱାରାଂ ଦୁରାଧର୍ଷାଂ ନିତ୍ୟପୁଷ୍ଟାଂ କରୀଷିଣୀଂ ।
ଈଶ୍ୱରୀଂ ସର୍ବଭୂତାନାଂ ତ୍ୱାମିହୋପହ୍ୱୟେ ଶ୍ରିୟଂ ।

ଏ ମନ୍ତ୍ରଟି ମୁଁ ବାଳକ କାଳରୁ ଶୁଣି ଆସୁଅଛି । ରାଜା, ଦେବତା ଓ ଅତିଥିଙ୍କ ମସ୍ତକରେ ଚନ୍ଦନ ଲଗାଇବା ମନ୍ତ୍ରବୋଲି ମୋର ଧାରଣା ଥିଲା । ମୋର କାହିଁକି, ପୁରୋହିତମାନଙ୍କର, ଶିକ୍ଷିତ ପଣ୍ଡିତମାନଙ୍କର ମଧ୍ୟ ଏହି ଧାରଣା । ମାତ୍ର ପ୍ରକୃତରେ ଏହା ଚନ୍ଦନ ଲଗାଇବା ମନ୍ତ୍ର ନୁହେଁ, ଏହା ପଲ୍ଲୀରୂପିଣୀ ଶ୍ରୀ ବା ସମ୍ପତ୍ତିର ଆହ୍ୱାନ ମନ୍ତ୍ର ।

ଯୁଗ ଯୁଗାନ୍ତରର କଥା । ଯେତେବେଳେ କୌଣସି ଋଷି ପଲ୍ଲୀ ସ୍ଥାପନ କଲେ, ସେତେବେଳେ ଏହି ଆହ୍ୱାନ ମନ୍ତ୍ର ଉଚ୍ଚାରଣ କରିଥିଲେ, 'ଗନ୍ଧର ଆଧାର (ଗନ୍ଧବତୀ) ଅଜେୟ (ପ୍ରୟୋଜନାତିରିକ୍ତ ଗୃହଭୂମି ସମନ୍ୱିତା) ନିତ୍ୟ ଶସ୍ୟାଦି ପରିପୂର୍ଣ୍ଣା, ଶୁଷ୍କ ଗୋମୟ ବହୁଳା । (ଗ୍ରାମ୍ୟ ପଶୁ ସମ୍ପନ୍ନା) ସମସ୍ତ ମନୁଷ୍ୟ ପଶୁ ପ୍ରଭୃତିଙ୍କର ପାଳନକର୍ତ୍ତ୍ରୀ ସେହି ଭୂରୂପା ବା ପଲ୍ଲୀରୂପା ଶ୍ରୀ ଙ୍କ ଆହ୍ୱାନ କରୁଁ ।"

ସେତେବେଳେ ପଲ୍ଲୀ ଆର୍ଯ୍ୟମାନଙ୍କର ସର୍ବସ୍ୱ ଥିଲା । ସୁତରାଂ ଏତାଦୃଶ ମନ୍ତ୍ରଦ୍ୱାରା ପଲ୍ଲୀଶ୍ରୀ ଙ୍କ ସମ୍ବୋଧନ କରିବାହିଁ ସ୍ୱାଭାବିକ ।

ପଲ୍ଲୀର ଅଭିବ୍ୟକ୍ତି ଗ୍ରାମ, ନଗର । ପଲ୍ଲୀବାସୀଙ୍କର ଉଦ୍ୟୋଗ ଓ ଅଧ୍ୟବସାୟ ଦ୍ୱାରା ଗ୍ରାମ ଓ ନଗରର ଉତ୍ପତ୍ତି ଓ ସମୃଦ୍ଧି । ରାଜତ୍ୱର ମେରୁଦଣ୍ଡ ପଲ୍ଲୀ, ସେ ରାମ ରାଜତ୍ୱ ହେଉ ବା ଋଷି ରାଜତ୍ୱ ହେଉ ।

Digitized by srujanika@gmail.com

ପଚ୍ଚଶ ବର୍ଷ ପୂର୍ବରେ ପଲ୍ଲୀବାସୀମାନେ ବିଶେଷ ଅଭାବ ଅନୁଭବ କରୁ ନ ଥିଲେ । ଅଭାବ ଅର୍ଥ ଆଧୁନିକ ଶିକ୍ଷିତ ଭଦ୍ରଲୋକଙ୍କର ଅଭାବ ନୁହେଁ । ଏ ଅଭାବ ପୂରଣ କରିବାକୁ ପଲ୍ଲୀବାସୀ ସେ କାଳରେ ବା ଏ କାଳରେ କଦାପି ସକ୍ଷମ ନୁହନ୍ତି ।

ବର୍ତ୍ତମାନ ମହାକ୍ଷୁଧାର ଯୁଗ । ପଲ୍ଲୀବାସୀ ଆପଣା ଉଦର ପୂରଣ କରିବାକୁ ଅକ୍ଷମ ହୋଇ ବ୍ୟତିବ୍ୟସ୍ତ । ଶିକ୍ଷିତ ମଣ୍ଡଳୀ ସ୍ୱକୃତ କୃତ୍ରିମ ଅଭାବ ପୂରଣ କରିବା ନିମନ୍ତେ ଭାବନାଯୁକ୍ତ । ସର୍ବତ୍ର ହାହାକାର ।

ପଲ୍ଲୀରେ ଆମମାନଙ୍କର ଶକ୍ତି, ପଲ୍ଲୀରୁ ଆମମାନଙ୍କର ମୁକ୍ତି । ମାତ୍ର ଏ କଥା କେତେଜଣଙ୍କ ହୃଦୟରେ ସ୍ଥାନ ପାଇଅଛି ? କେତେଜଣ ପଲ୍ଲୀମଙ୍ଗଳର ଚିନ୍ତା କରନ୍ତି ? ଯେଉଁମାନେ ବକ୍ତୃତା ମଞ୍ଚରେ ବିଦେଶରେ ଭାରତର ସ୍ୱାଧୀନ ଧ୍ୱଜା ସପକ୍ଷରେ ଗଳାଗର୍ଜନ କରନ୍ତି, ସେମାନଙ୍କ ମଧ୍ୟରୁ କେତେଜଣ ପଲ୍ଲୀ-ଜୀବନ ଅତିବାହିତ କରିଅଛନ୍ତି, କେତେଜଣ ପଲ୍ଲୀର ପ୍ରକୃତ ଅବସ୍ଥା ଅଧ୍ୟୟନ କରିଅଛନ୍ତି, ତାହା ଆମ୍ଭମାନଙ୍କୁ ଜଣା ଯାଉନାହିଁ ।

ପୂର୍ବେ ପଲ୍ଲୀବାସୀଙ୍କ ମଧ୍ୟରେ ସ୍ୱାଭାବିକ ସହଯୋଗିତା ଥିଲା । ଏବେ ପଲ୍ଲୀବାସୀଙ୍କୁ ସହଯୋଗ ଶିକ୍ଷା ଦେବାର ନିତାନ୍ତ ପ୍ରୟୋଜନ ହୋଇ ପଡ଼ିଅଛି । ମାତ୍ର କେଉଁ ପ୍ରକାରର ଶିକ୍ଷା ଦେଶ, କାଳ ଓ ପାତ୍ରୋପଯୋଗୀ ତାହା ଏ ଦେଶବାସୀ ଥରେ ହେଲେ ଚିନ୍ତାକରି ନାହାନ୍ତି । ଏଥି ନିମନ୍ତେ ମଧ୍ୟ ଆମ୍ଭେମାନେ ପରମୁଖାପେକ୍ଷୀ ହୋଇ ରହିଅଛୁ ।

ସହଯୋଗର ମୂଳମନ୍ତ୍ର ବିଶ୍ୱାସ । ମାତ୍ର ଏ ମୂଳମନ୍ତ୍ର ବିସ୍ମୃତି ଗର୍ଭରେ ପତିତ । ଭାରତବାସୀଙ୍କ ହୃଦୟରେ ଅବିଶ୍ୱାସ ପୂର୍ଣ୍ଣ ରାଜତ୍ୱ କରୁଅଛି । ସ୍ୱରାଜ୍ୟ ତୁଲ୍ୟ ବିଶ୍ୱାସର ରାଜତ୍ୱ ପ୍ରତିଷ୍ଠା କରିବା ଅସମ୍ଭବ ବୋଲି ମନେ ହେଉଅଛି । ସରଳ ପଲ୍ଲୀବାସୀଙ୍କର ହୃଦୟରେ ବିଶ୍ୱାସ ରାଜ୍ୟ ସ୍ଥାପନ କରିବ କିଏ ? କେବଳ ସ୍ୱାର୍ଥତ୍ୟାଗୀ ଶିକ୍ଷିତ ବ୍ୟକ୍ତି ତ ? ମାତ୍ର ଦେଶରେ ଏତ ଗୁଣ ବ୍ୟକ୍ତି କେତେଜଣ । "ସୁବିଧା ମିଳିଲେ ପୁଳାଏ ମାରିନେବା"—ଏହି ନୀତି ଅବଲମ୍ବନକାରୀ ବ୍ୟକ୍ତି ଅନେକ ଏବଂ ଏହି ଧରଣର ବ୍ୟକ୍ତିମାନେ ସରଳ ବିଶ୍ୱାସୀ ଓ ଶିକ୍ଷିତ ଲୋକଙ୍କ ମଧ୍ୟରେ ଅବିଶ୍ୱାସର ବାଡ ପକାଇ ଦିଅନ୍ତି । ଏଣୁ ସହଯୋଗ ଶିକ୍ଷା ଅସମ୍ଭବ ହୋଇଅଛି ।

Digitized by srujanika@gmail.com

ତଥାପି ଏତାଦୃଶ ଅନ୍ତରାୟ ସତ୍ତ୍ୱେ ଯେଉଁମାନେ ସହଯୋଗ ନୀତି ପ୍ରବର୍ତ୍ତନ କରିବାଦ୍ୱାରା ଦେଶର ମଙ୍ଗଳ ହେବ, ସେହି ଆଶା ପୋଷଣ କରି କାର୍ଯ୍ୟରେ ବ୍ରତୀ ହୋଇଅଛନ୍ତି, ସେମାନେ ଦେଶର କଲ୍ୟାଣଭାଜନ, ସେମାନଙ୍କୁ ଶତ ଶତ ଧନ୍ୟବାଦ । ଆଉ ଯେଉଁମାନେ "ପୂଳାଏ ମାରିବା" ଇଚ୍ଛାରେ ଏତାଦୃଶ ସଦାନୁଷ୍ଠାନରେ ପ୍ରବେଶ ଲାଭ କରି ଉଦ୍ୟୋକ୍ତାମାନଙ୍କ ମଧ୍ୟରେ ଅବିଶ୍ୱାସ ଜନ୍ମାଇବାର ଚେଷ୍ଟା କରନ୍ତି, ସେମାନେ ଦେଶଦ୍ରୋହୀ ସେମାନଙ୍କୁ ଶତଧିକ୍କାର ।

ପଲ୍ଲୀର ମଙ୍ଗଳରେ ଦେଶର ମଙ୍ଗଳ ଏହା ମୋର ସଂପୂର୍ଣ୍ଣ ବିଶ୍ୱାସ ।
"'ପଲ୍ଲୀମଙ୍ଗଳ' ଜୟଯୁକ୍ତ ହେଉ ।"

Digitized by srujanika@gmail.com

ଛୁଆଁ ଅଛୁଆଁ

ପଣ୍ଡିତ ବାମଦେବ ମିଶ୍ର

ଆମ ଦେଶରେ ଏଇ ଛୁଆଁ ଅଛୁଆଁ ଭାବକୁ ଆମ୍ଭେମାନେ ଯେତେ ଜୋରରେ ଧରିବସେ, ପୃଥିବୀରେ ଅନ୍ୟ କୌଣସି ଦେଶର ଲୋକମାନେ ଏପରି କରନ୍ତି ନାହିଁ । ଏହା ଆମ ସମାଜର ଗୋଟାଏ ବଡ଼ ବ୍ୟାଧି । ଗାନ୍ଧିଜୀ ତାଙ୍କର ଗୃରିଗୋଟି ମହାବ୍ୟାଧି ଭିତରେ ଏହାକୁ ପ୍ରଧାନ ବୋଲି ଧରିଅଛନ୍ତି । ଆମ ସମାଜ ଆମ ଦେଶ ଅନୁନ୍ନତ ଓ ପତିତ ହେବାର ଏହା ଏକ ବଡ଼ କାରଣ । ପ୍ରକୃତରେ ଦେଖିବାକୁ ଗଲେ ଏହା ଅକ୍ଷରେ ଅକ୍ଷରେ ସତ୍ୟ ବୋଲି ଜଣା ପଡ଼େ ।

ହାଡ଼ି, ପାଣ, କଣ୍ଡରା, ଶଅର, ଧୋବା, କନ୍ଧ ଏମାନଙ୍କୁ ଆମେ ଅଛୁଆଁ ଜାତି ବୋଲି କହୁଁ । ଏମାନଙ୍କୁ ଆମ୍ଭେମାନେ ଅନ୍ତରର ସହିତ ଘୃଣା କରୁଁ । ଅଜଣାରେ ବା ଅସାବଧାନରେ, ଏମାନଙ୍କୁ ଛୁଇଁ ପକାଇଲେ ଆମେ ନିଜକୁ ଅପବିତ୍ର ହେଲୁ ଭାବି ଗାଧୁଆ ପାଧୁଆ କରିଥାଉ । ଆମ୍ଭମାନଙ୍କ ପରି ସେମାନଙ୍କର ହାତ, ଗୋଡ଼, ମୁହଁ, ନାକ, କାନ ଓ ଦେହରେ ରକ୍ତମାଂସ ଅଛି । ଆମ୍ଭମାନଙ୍କୁ ଈଶ୍ୱର ଯେପରି ସୃଷ୍ଟି କରି ଅଛନ୍ତି, ସେମାନଙ୍କୁ ମଧ୍ୟ ସେହିପରି ସୃଷ୍ଟି କରିଅଛନ୍ତି । ତେବେ ଆମେ ସେମାନଙ୍କୁ ଛୁଇଁଲେ ଛୁଆଁ ହେଉ କାହିଁକି ? ବିରାଡ଼ି, ମାଙ୍କଡ଼, କୁକୁର ଏମାନଙ୍କୁ ଛୁଇଁଲେ ତ କାହିଁ ଆମ୍ଭେମାନେ ଛୁଆଁ ହେଉନାହିଁ କିମ୍ବା ଗାଧୁଆ ପାଧୁଆ କରୁନାହିଁ । ତେବେ ଅମେ ଯେଉଁମାନଙ୍କୁ ଅଛୁଆଁ ଜାତି ବୋଲି କହୁଁ, ସେମାନେ କଣ ଏଇ ନିକୃଷ୍ଟ ପଶୁମାନଙ୍କ ଅପେକ୍ଷା ଆହୁରି ବେଶୀ ନୀଚ ?

କେବଳ ଏତିକି ନୁହେଁ । ଏମାନଙ୍କୁ ପୁଣି ଆମ୍ଭେମାନେ ଦିଅଁ ଦେବତା ଦେଖିବା ପାଇଁ ଦେଉଳକୁ ଛାଡ଼ି ଦେଉନାହିଁ । ତେବେ କଣ ଦେବତାମାନେ ଆମ୍ଭମାନଙ୍କ ପରି ଏମାନଙ୍କୁ ଘୃଣା କରନ୍ତି କି । ଅମ୍ଭେମାନେ କେଉଁ ଅଧିକାରରେ ଦେଉଳରେ ପଶି ଦିଅଁ ଦେବତାଙ୍କ ଆଗରେ ଆମର ଦୁଃଖସୁଖ ସବୁ ଜଣାଇ

Digitized by srujanika@gmail.com

ପାରିବା ଆଉ ସେମାନେ ବା କାହିଁକି ଦେଉଳ ଭିତରକୁ ଯାଇ ପାରିବେ ନାହିଁ । ଯେଉଁ ଦେବତାଙ୍କୁ ପୁଣି ଆମ୍ଭେମାନେ 'ପତିତପାବନ', 'ଦୁଃଖ ନାଶନ', 'ବିପଦ-ତାରଣ' ବୋଲି ସ୍ତବ କରୁଥାଉଁ । ତେବେ ଏହି ଅଛୁଆଁ ଜାତିମାନେ ତାଙ୍କ ଜୀବନରେ ଥରେ ହେଲେ ମଧ୍ୟ କାହିଁକି ଯେଉଁ ଦେବତାଙ୍କୁ ତାଙ୍କ ଦୁଃଖ ଜଣାଇ ପାରିବେ ନାହିଁ କି ଦେଉଳ ଭିତରକୁ ଯାଇ ପାରିବେ ନାହିଁ ? ତା ହେଲେ ସେହି ପତିତ ଜାତିମାନେ ଉଦ୍ଧାର ପାଇବେ କିପରି ? ଏସବୁ ଆଉ କିଛି ନୁହେଁ । ଏହା କେବଳ ଆମ୍ଭମାନଙ୍କର ସ୍ୱାର୍ଥପରତା ଓ ସଂକୀର୍ଣ୍ଣତାରୁ ଘଟିଅଛି । ଏ କଥା କୌଣସି ଶାସ୍ତ୍ରରେ ନାହିଁ ।

ଏହିପରି ଭାବରେ ଆମେ ଆଜି ଆମ ଦେଶର କୋଟି କୋଟି ଲୋକଙ୍କୁ ବଡ଼ ଦୁଃଖ ଦେଇ, ବଡ଼ ଯନ୍ତ୍ରଣା ଦେଇ ପକାଇ ରଖିଅଛୁ । ଅମ ସମାଜକୁ ଆମ ଧର୍ମକୁ ଛାଡ଼ିଦେଲେ ଆଉ କୌଣସି ସମାଜ ବା ଧର୍ମରେ ଏପରି ପାଠ ନାହିଁ । ଏହି କାରଣରୁ ଆମ ଦେଶର ବହୁତ ଅଛୁଆଁ ଲୋକ ପ୍ରତି ବର୍ଷ ଖ୍ରୀଷ୍ଟିଆନ ବା ମୁସଲମାନ ହେଉଅଛନ୍ତି । ଏଣେ ଅମ ହିନ୍ଦୁ ସମାଜ ଏମାନଙ୍କୁ ହରାଇ ଦିନକୁ ଦିନ 'ରସାତଳକୁ ଯାଉଅଛି । ଏଥିପାଇଁ ଦାୟୀ କିଏ ? ଆମ୍ଭେମାନେ ନୁହେଁ କି ?

ଏଇ ଛୁଆଁ ଅଛୁଆଁ ଭାବ ଅମ ଦେଶରେ ପୂର୍ବକାଳରେ ଏପରି ନଥିଲା ବୋଲି ପୁରାଣମାନଙ୍କରୁ ପ୍ରମାଣ ମିଳେ । ଚୈତନ୍ୟ, ବୁଦ୍ଧଦେବ, ନାନାକ, କବୀର ପ୍ରଭୃତି ଧର୍ମ ପ୍ରଚାର କଲାବେଳେ ଏଇ ଛୁଆଁ ଅଛୁଆଁ ଭାବ ମନରେ ରଖିଥିଲେ କି ? ଚୈତନ୍ୟ ପୁଣି ମୁସଲମାନଙ୍କୁ ବୈଷ୍ଣବ କରାଇ ଥିଲେ । ଏମାନେ ପୁଣି ଆମ ସମାଜର ଆଦର୍ଶ ମାନବ । ଘରେ ଘରେ ଅମେ ତାଙ୍କୁ ପୁଣି ପୂଜା କରୁଥାଏଁ । ତେବେ ଏମାନଙ୍କ ମତରୁ ବାହାରି ଯାଇ ଆମେ ନୂଆ କଥା ସୃଷ୍ଟି କରିବା କଣ ମଙ୍ଗଳର ବିଷୟ କି ?

ବେଶୀ ଦୂର ଯିବା ଦରକାର ନାହିଁ । ଏଇ ଆଖି ଆଗରେ ଗୋଟିଏ ଭଲ ଉଦାହରଣ ଦେଖ ହାତରେ ଥିବା ଦର୍ପଣରେ ମୁହଁ ନ ଦେଖି ଏଣେ ତେଣେ ଯାଉଛ କାହିଁକି ? ପୁରୀ ଯେଉଁଠାରେ କି ଆମର ଇଷ୍ଟଦେବତା ଜଗନ୍ନାଥ ବିଜେ କରିଅଛନ୍ତି, ସେଠାରେ ଧର୍ମ ବେଶୀ ନା ଅମ ଗାଁମାନଙ୍କରେ ଧର୍ମ ବେଶୀ ? ଯେଉଁ ପୁରୀମନ୍ଦିର ଧର୍ମର ଖଣି, ତୀର୍ଥମାନଙ୍କରେ ମଣି, ଯେଉଁଠାରେ କି ଦେବ ଜଗନ୍ନାଥ ବିଜେ କରିଅଛନ୍ତି, ସେଠାରେ ତ ନାହିଁ ଅମେ ଛୁଆଁ ଅଛୁଆଁ

Digitized by srujanika@gmail.com

ବଡ଼ ସାନ, ବ୍ରାହ୍ମଣ ଚଣ୍ଡାଳ ମାନୁ ନ ଥାଏ । ସେଠାରେ ତ ସମସ୍ତେ ଏକତ୍ର ଭୋଜନ କଲେ କାହିଁ ଆମେତ ଅପବିତ୍ର ହେଉ ନଥାଏ, କିନ୍ତୁ ସେଠାରୁ ବାହାର ଆସି ମନୁଷ୍ୟ ମନୁଷ୍ୟକୁ ଛୁଇଁ ଦେଲେ ଛୁଆଁ ହୁଏ କପରି ?

ଆମେ ଯେ ଆଜି କୋଟି କୋଟି ଲୋକଙ୍କୁ ଅଛୁଆଁ କରି ପକାଇ ରଖିଅଛୁ, ତାହାର କାରଣ କଣ ହୋଇପାରେ ? ସେମାନଙ୍କ କାର୍ଯ୍ୟ ଏହାର ଗୋଟିଏ ବଡ଼ କାରଣ ହୋଇପାରେ । ମାତ୍ର ଥରେ ବିଚାର କରି ଦେଖ, ସେମାନଙ୍କ କାର୍ଯ୍ୟ କଣ ବେଳେ ବେଳେ ଆମେ କରୁ ନ ଥାଏ କି । ମନେକର ମେହେନ୍ତର ଯେ ବିଷ୍ଠା କାଢେ ବୋଲି ଆମେ ତାକୁ ଘୃଣା କରୁ । କିନ୍ତୁ ଘରେ ଘରେ ପ୍ରତିଦିନ ଶ୍ରେଷ୍ଠ ଶ୍ରେଷ୍ଠ ପିଲାମାନଙ୍କର ଓ ବେଳେ ବେଳେ ରୋଗରେ ପଡ଼ିଥିବା ବଡ଼ ବଡ଼ ମନୁଷ୍ୟଙ୍କର ବିଷ୍ଠା ଆମେମାନେ ଘରୁ କାଢ଼ି ନ ଥାଉଁ କି ? ଧୋବା ଲୁଗା ସଫା କରେ ବୋଲି ଆମେ ତାକୁ ଘୃଣା କରୁ । କିନ୍ତୁ ଆମ ପିନ୍ଧିବା ଲୁଗା ଆମେ କଣ ହାତେ ହାତେ ସଫା କରୁ ନ ଥାଏ କି ? ସେମାନଙ୍କର ବା ଅପରାଧ ରହିଲା କେଉଁଠାରେ ।

ଏଇ ଛୁଆଁ ଅଛୁଆଁ ଲାଗି ଆମ ଦେଶର ଯେଉଁ ଘୋର କ୍ଷତି ହୋଇଛି, ତାହା କଥାରେ କହି ଶେଷ କରି ହେବ ନାହିଁ । ଏଥିପାଇଁ ଆମ ଦେଶର ବଡ଼ ବଡ଼ ଲୋକମାନେ-ଯାହାଙ୍କର ପାଦଧୂଳି କୋଟି କୋଟି ଲୋକ ଆନନ୍ଦରେ ମୁଣ୍ଡରେ ଗ୍ରହଣ କରୁଅଛନ୍ତି, ଆଜି ସେହିମାନେ ଏହି ମହାବ୍ୟାଧିକୁ ଆମ ଦେଶରୁ ଆମ ସମାଜରୁ ଏକା ବେଳକେ ତଡ଼ିଦେବାକୁ ଅଣ୍ଟାଭିଡ଼ି ବାହାରି ଅଛନ୍ତି । ଯେପରି ଦେଖା ଯାଉଅଛି ଆଉ ଅଳ୍ପ ଦିନ ମଧ୍ୟରେ ଏହି ବଡ଼ ବ୍ୟାଧି ଦେଶ ଛାଡ଼ି ବହୁ ଦୂରକୁ ପଳାଇବ ।

ତେଣୁ ହେ ପଲ୍ଲୀଭାଇମାନେ, ତୁମେ ଯଦି ଦେଶର ମଙ୍ଗଳ ଚାହଁ, ସମାଜର ଉପକାର କରିବାକୁ ଇଚ୍ଛାକର, ଗ୍ରାମର ମଙ୍ଗଳ ବାଞ୍ଛାକର୍ ଓ ଈଶ୍ୱରଙ୍କଠାରୁ ଆଶୀର୍ବାଦ ପାଇବାକୁ ଅଭିଳାଷ କର, ତେବେ ଆମ ଦେଶର କୋଟି କୋଟି ପତିତ ଏହି ଅଛୁଆଁ ଜାତିକୁ ନିଜର ଭାଇ ବୋଲି ମନେକରି ଆଦରରେ ଶ୍ରଦ୍ଧାକର । ସେମାନଙ୍କୁ ଦେବମନ୍ଦିର ଭିତରକୁ ଯିବାକୁ ଅନୁମତି ଦିଅ । ଥରେ ଚିନ୍ତାକରି ଦେଖ, ଏଥିରେ ଜାତିଯିବାର ଧର୍ମ ଯିବାର ଆଦୌ କୌଣସି କାରଣ ନାହିଁ । ବରଂ ଏହାଦ୍ୱାରା ନିକଟରେ ଦେଶର, ଜାତିର, ମଙ୍ଗଳ ହେବ ।

Digitized by srujanika@gmail.com

ସଂପାଦକଙ୍କ ନୋଟ୍ :—

(ଲେଖକ ମହାଶୟ କହୁଅଛନ୍ତି, ପୁରୀ ଜଗନ୍ନାଥ ଦେଉଳରେ ବଡ଼ ସାନ, ବ୍ରାହ୍ମଣ ଚଣ୍ଡାଳ ଭେଦ ନାହିଁ । ଏକଥା ସତ ନୁହେଁ । ବଡ଼ ଦେଉଳ ଭିତରେ ଚକବଳ ଛୁଆଁ ଜାତିର ଲୋକେ ଏକ ସଙ୍ଗରେ ପାନ ଭୋଜନ କଲେ ତାଙ୍କର ଜାତି ଯାଏନାହିଁ, କିନ୍ତୁ ବାଉରି, କଣ୍ଡରା, ପାଣ ପ୍ରଭୃତି ଅଛୁଆଁ ଜାତିର ଲୋକ ସେଠି ପଶି ପାରନ୍ତି ନାହିଁ, କାହାରି ସହିତ ପାନ ଭୋଜନ ତ ଦୂରର କଥା । ତେଣୁ ବାସ୍ତବରେ ଜଗନ୍ନାଥ ଦେଉଳ ଏ କ୍ଷେତ୍ରରେ ଅନ୍ୟ କୌଣସି ଦେଉଳ ଠାରୁ ପୃଥକ ନୁହେଁ, କାରଣ ଅନ୍ୟ ଦେଉଳରେ ମଧ୍ୟ ଉଚ୍ଚବର୍ଣ୍ଣର ସବୁଜାତିର ପ୍ରବେଶାଧିକାର ଅଛି । ଖାଇବା କଥାଟା ଅଲଗ ଗୁଚ୍ଛ । ଗାଁରେ ବୈଷ୍ଣବ ପଙ୍ଗତ ଓ ନାମ ସଂକୀର୍ତ୍ତନରେ ସବୁ ଉଚ୍ଚଜାତିର ଲୋକେ ସ୍ଥାନେ ସ୍ଥାନେ ଏକାଠି ବସନ୍ତି, ଜାତି ମାନନ୍ତି ନାହିଁ । କିନ୍ତୁ ଅଛୁଆଁ ଜାତିର ଲୋକଙ୍କୁ ପାଖ ପୂରାନ୍ତି ନାହିଁ । କେବଳ ସେମାନଙ୍କ ଭିତରେ ବ୍ରାହ୍ମଣ ଚଣ୍ଡାଳ ଏକ, ଠିକ୍ ପୁରୀ ଦେଉଳ ସମ୍ବନ୍ଧେ ତାର୍କିକଙ୍କ ପରି । ପୁରୀ ଦେଉଳର ମୁକ୍ତିମଣ୍ଡପ ସଭା ଅଛୁଆଁ ଜାତିର ସବୁଠୁଁ ବଡ଼ ଶତ୍ରୁ । ବରଂ ଅଛୁଆଁଙ୍କ ବେଳକୁ ଜଗନ୍ନାଥ 'କାଷ୍ଠ ପାଷାଣ ମୂରତି' ପାଲଟିଛନ୍ତି ଓ ଅଛୁଆଁମାନଙ୍କ ପାଇଁ ସେହିଭଳି 'ପତିତ ପାବନ' ମୂର୍ତ୍ତିକୁ ସିଂହଦ୍ୱାର ପାଖରେ ରଖିଦେଇ ଜଗନ୍ନାଥଙ୍କୁ ତାଙ୍କର ସେବକମାନେ ଅପମାନ କରୁଛନ୍ତି ।)

୧୯୩୧ ମସିହା ଅଭିଜ୍ଞତା ଦ୍ୱାରା 'ପଲ୍ଲୀମଙ୍ଗଳ'ର ସେବକମାନଙ୍କର ଉତ୍ସାହ ଓ କାଗଜଟିର ଜନପ୍ରିୟତା ଏତେ ବଢିଥିଲା ଯେ ମାସିକ ପତ୍ରଟିର କଳେବର ବୃଦ୍ଧି ଓ ଗୁଣାତ୍ମକ ଅଭିବୃଦ୍ଧିର ଯୋଜନା କରିବାପାଇଁ ସେମାନେ ଆରମ୍ଭ କଲେ । ତତ୍‌ସମ୍ବନ୍ଧରେ ୧୯୩୧ ମସିହା ଡିସେମ୍ବର ସଂଖ୍ୟାରେ ନିମ୍ନଲିଖିତ ନିବେଦନଟି ପ୍ରକାଶ ପାଇଥିଲା :—

Digitized by srujanika@gmail.com

'ପଲ୍ଲୀ ମଙ୍ଗଳ'

ଡସେମ୍ବର—୧୯୩୧

ମାର୍ଗଶିର—୧୯୩୯

ପାଠକ ମହାଶୟ, ଅବଧାନ !

ଏହି ସଂଖ୍ୟାରେ 'ପଲ୍ଲୀମଙ୍ଗଳ'ର ଅଷ୍ଟମବର୍ଷ ଶେଷ ହେଲା । ପ୍ରଥମେ 'ସହଯୋଗ ସମାଚାର' ରୂପେ ଓ ପ୍ରାୟ ଦେଢ଼ବର୍ଷ ହେଲା 'ପଲ୍ଲୀମଙ୍ଗଳ' ରୂପେ ଏହି କ୍ଷୁଦ୍ର କାଗଜ ପଲ୍ଲୀର ସେବାରେ ନିଜକୁ ଉତ୍ସର୍ଗ କରିଛି । ସେ ସେବା ଅତି କିଞ୍ଚିତକର ହେଲେ ହେଁ ଦେଶର ଲୋକେ 'ପଲ୍ଲୀମଙ୍ଗଳ'କୁ ପ୍ରତିଦାନରେ ଯେଉଁ ପ୍ରଗାଢ଼ ସ୍ନେହ ଓ ଆଦର ଦେଖାଇ ଅଛନ୍ତି, ତାହା ଆମ୍ଭମାନଙ୍କର କଳ୍ପନାତୀତ ଥିଲା । ସେହି ସାହାଯ୍ୟରେ ବଳୀୟାନ ହୋଇ ଆମ୍ଭେମାନେ ଆସନ୍ତା ୧୯୩୨ ଜାନୁୟାରୀ ସଂଖ୍ୟାର 'ପଲ୍ଲୀମଙ୍ଗଳ'ର ଆକାର ପ୍ରକାର ବଦଳାଇ ଦେଉଛୁ । ଏଣିକି 'ପଲ୍ଲୀମଙ୍ଗଳ'ର ଆକାର ଆଗ ଆକାରର ଦୁଇଗୁଣ ହେବ ଏବଂ ଭଲ ଭଲ ନାନା ରକମର ଲେଖା ଓ ଚିତ୍ରରେ ବୈଚିତ୍ର୍ୟ-ମୟ ହେବ । ଏଣିକି ବାର୍ଷିକ ମୂଲ୍ୟ ବାରଅଣା ସ୍ଥଳେ ଏକଟଙ୍କା ହେବ ଅର୍ଥାତ୍ ମାତ୍ର ଚାରିଅଣା ବଢ଼ିବ । ଗ୍ରାହକମାନଙ୍କୁ ସବିନୟ ନିବେଦନ, ଚଳିତ ଡ଼ିସେମ୍ବର ମାସ ୧୫ ତାରିଖ ପୂର୍ବରୁ ସେମାନେ ୧୯୩୨ ସାଲର ମୂଲ୍ୟ ମାତ୍ର ଗୋଟିଏ ଟଙ୍କା ମନିଅର୍ଡ଼ର ଦ୍ୱାରା ପଠାଇଦେଇ ଆମ୍ଭମାନଙ୍କୁ ବାଧିତ କରିବେ । ନଚେତ୍ ଭି.ପି. ଡାକରେ ଜାନୁୟାରୀ ସଂଖ୍ୟାରେ କାଗଜ ପଠାଇଲେ ସେମାନଙ୍କୁ ବୃଥାରେ ଆହୁରି ପାଞ୍ଚଅଣା ଅଧିକା ଦେବାକୁ ପଡ଼ିବ । ଯେଉଁମାନେ ୧୯୩୨ ସାଲରୁ କାଗଜ ନ ନେବେ ସେମାନଙ୍କୁ ଅନୁରୋଧ ଖଣ୍ଡିଏ ଲେଖାଏଁ ପୋଷ୍ଟକାର୍ଡ ଲେଖି ଆମ୍ଭମାନଙ୍କୁ ସେ କଥା ଜଣାଇଦେବେ, କାରଣ ଭି. ପି. ପାର୍ଶଲ ଫେରସ୍ତ ପାଇଁ କ୍ଷତିଗ୍ରସ୍ତ ହେବାଭଳି ସମ୍ବଳ ''ପଲ୍ଲୀମଙ୍ଗଳ''ର ନାହିଁ । ୧୯୩୨ ସାଲରୁ 'ପଲ୍ଲୀମଙ୍ଗଳ'ରେ ଉତ୍କଳର ଶ୍ରେଷ୍ଠ ଲେଖକମାନଙ୍କ ଲେଖା ପ୍ରକାଶ ପାଇବ ।

Digitized by srujanika@gmail.com

ଏହି ଆଦର୍ଶ ଅନୁସରଣ କରିବାକୁ ଯାଇ ୧୯୩୬ ମସିହାରେ ନିମ୍ନଲିଖିତ ଲେଖାଗୁଡ଼ିକ ପ୍ରକାଶିତ ହୋଇଥିଲା :

ଜାନୁୟାରୀ ୧୯୩୬ ମସିହାର ପ୍ରଥମ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାର ଥିଲା—

ପ୍ରଚ୍ଛଦପଟ୍ଟ ଛବି—ଅନ୍ନର ଲଢ଼େଇ

୧ - ପଲ୍ଲୀ ତୀର୍ଥ — ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ

୨ - ବରପଣ ଓ ଯୌତୁକ — ଶ୍ରୀ ଶରତ୍‌ଚନ୍ଦ୍ର ମୁଖର୍ଜି

୩ - ଅଚଳନ୍ତ ସମ୍ପତ୍ତି — ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ, ବି. ଏ

୪ - ଗାଁର ଧର୍ମୋତ୍ସବ — ଶ୍ରୀ ପଦ୍ମଚରଣ ପଟ୍ଟନାୟକ, ବି. ଏଲ.

୫ - କଟକ ସହରର ଘୋଡାଗାଡ଼ି — ଶ୍ରୀ

୬ - ଆଳୁ — କୃଷିବିଭାଗ

୭ - ପଲ୍ଲୀର ପ୍ରାଚୀନ ଶାସନ ପ୍ରଣାଳୀ — ଶ୍ରୀ ରାଧାଚରଣ ପଣ୍ଡା, ଏଲ୍. ଏମ୍. ପି.

୮ - ଛବି (ଗଳ୍ପ) — ଶ୍ରୀ କମଳାକାନ୍ତ ଦାଶ

୯ - ଓଡ଼ିଶାରେ ଶିଶୁ ମୃତ୍ୟୁ — ପଲ୍ଲୀବାସୀ

୧୦-ଅମୃତଭଣ୍ଡା ଚାଷ — କୃଷିବିଭାଗ

ଫେବ୍ରୁୟାରୀ ୧୯୩୬ ମସିହାର ଦ୍ୱିତୀୟ ସଂଖ୍ୟାରେ ନିମ୍ନଲିଖିତ ଲେଖା-ଗୁଡ଼ିକ ବାହାରଥିଲା—

୧ । ଖେଦୁଅ ମାସ ଖରା (ପଦ୍ୟ) — ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ

୨ । ଆମ ଗାଁ ଠାକୁରାଣୀ ଅଙ୍କା — ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା, ବି. ଏ.

୩ । ଶାରଦା ଆଇନ — ପଣ୍ଡିତ ଶ୍ରୀ ବାମଦେବ ମିଶ୍ର

୪ । ପଲ୍ଲୀ-ଲକ୍ଷ୍ମୀ — ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ

୫ । ଗୋ ପାଳନ — କୃଷିବିଭାଗ

୬ । ଲେମ୍ବୁରସର ଉପକାରିତା

୭ । ଆମ ଗ୍ରାମର ଆଜକାଲି ଅବସ୍ଥା — ଡ଼ାକ୍ତର ରାଧାଚରଣ ପଣ୍ଡା, ଏଲ୍.ଏମ୍.ପି

୮ । ଭଣ୍ଡାରୀ ପୋଖରୀ — ଶ୍ରୀ ଶରତଚନ୍ଦ୍ର ମୁଖର୍ଜି, ବି. ଏ

୯ । ପଇସା ପଇସା ଆଣେ — ଶ୍ରୀ ସୁରେନ୍ଦ୍ର ନାଥ ପଣ୍ଡା

Digitized by srujanika@gmail.com

୧୦ । ମଙ୍ଗଳ ବର୍ତ୍ତା — ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ, ବି. ଏ.
୧୧ । ଶିଶୁର ମନ — ଶ୍ରୀମତୀ ଶାନ୍ତ ମୁଖର୍ଜି, ବି. ଏ
୧୨ । ଅଭାବର ମୂଳକାରଣ — ଶ୍ରୀ ବୈକୁଣ୍ଠନାଥ ଜେନା

ମାର୍ଚ୍ଚ ୧୯୩୨ ମସିହାର ତୃତୀୟ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲା—

୧ । ସ୍ନାନ ଘାଟ (ପଦ୍ୟ) — ଶ୍ରୀ ମାୟାଧର ମାନସିଂହ, ବି. ଏ
୨ । ଆମ ଧର୍ମ — ଶ୍ରୀ ବାରକିଶୋର ଦେବଗୁପ୍ତ
୩ । ପଲ୍ଲୀ ପ୍ରଶସ୍ତି (ପଦ୍ୟ) — ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ
୪ । ଚଷା ଭୁଲିଗଲେ ବଞ୍ଚିବେ — (୧୯୩୨ ମସିହାର ଅଙ୍କୁରଣ)
୫ । କାହିଁ ରାଣୀ କାହିଁ ଚନ୍ଦ୍ରକାନ୍ତି — ଶ୍ରୀ
୬ । ବନ୍ଧୁକଥା — ସମ୍ପାଦକ
୭ । ବିହାର ଓଡ଼ିଶା ସହଯୋଗୀ ଫେଡ଼େରେଶନ — ଶ୍ରୀ ରାଜେନ୍ଦ୍ରମୋହନ ଗୃହାର୍ଜି, ବି. ଏ
୮ । ଆଖୁଚାଷ ଗୀତ (ପଦ୍ୟ) — ଶ୍ରୀ ହରିହର ମିଶ୍ର, କାମଦାର, ଝୋଙ୍କାଫାର୍ମ
୯ । ଆଳୁଚାଷ ଗୀତ (ପଦ୍ୟ) — ଶ୍ରୀ ବୈରାଗୀନାରାୟଣ ରାୟ, କଟକ ଫାର୍ମ
୧୦ । ଆଖୁଚାଷରେ ମହାବିଦ୍ୟା — ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଳ, ବି. ଏ

ଏପ୍ରିଲ ୧୯୩୨ ମସିହାର ଚତୁର୍ଥ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲା—

୧ । ପଲ୍ଲୀ-ଜୀବନ — ଶ୍ରୀ ବଳଭଦ୍ର ମହାପାତ୍ର
୨ । ରବିଚାଷ ଗୀତ (ପଦ୍ୟ) — ଶ୍ରୀ ହରିହର ମିଶ୍ର, କାମଦାର, ଝୋଙ୍କାଫାର୍ମ
୩ । ଚୁଆଁ ଅଚୁଆଁ ଭାବ — ସୟଦ କରମ୍ ବକସ୍
୪ । ଓଡ଼ିଶାରେ ଝୋଟଚାଷ — ଶ୍ରୀ ଜୟକୃଷ୍ଣ ପଟ୍ଟନାୟକ, କୃଷି ଇନସପେକ୍ଟର
୫ । ଗୋରୁର ଖାଦ୍ୟ ଓ ପାନ — ଶ୍ରୀ ରାଧାଗୋବିନ୍ଦ ଦାସ, ବି. ଏ. ଏଲ୍‌ଟି
୬ । ସହଯୋଗ ସମିତି ଅନୁସନ୍ଧାନ — ଶ୍ରୀ ଶରତଚନ୍ଦ୍ର ମୁଖର୍ଜି, ସମ୍ପାଦକ, ପଲ୍ଲୀମଙ୍ଗଳ
୭ । ଶିଶୁମଙ୍ଗଳ — ଆଶା

Digitized by srujanika@gmail.com

୮ । ପଶୁମାନଙ୍କର ଷତରୋଗ — ଶ୍ରୀ ଗୋଷ୍ଠବଲ୍ଲଭ ରାୟ
୯ । ଓଡ଼ିଆରେ ଅର୍ଥନୀତର ଅଭାବ — ଶ୍ରୀ ଶରତଚନ୍ଦ୍ର ମୁଖର୍ଜି
୧୦ । ବ୍ୟାୟାମ ଚର୍ଚ୍ଚା — ଶ୍ରୀ ଗୋଷ୍ଠ ବଲ୍ଲଭ ରାୟ
୧୧ । ମନୁଷ୍ୟର ଡାକ — ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ

ମଇ ୧୯୩୬ ମସିହାର ପଞ୍ଚମ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲ:—

୧ । ପଲ୍ଲୀ-ଗୋଧୂଳି (ପଦ୍ୟ) — ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ
୨ । ହଇଜା କିପରି ବନ୍ଦ ହେବ ? — ଡ଼ା. ରାଧାଚରଣ ପଣ୍ଡା, ଏଲ୍.ଏମ୍.ପି.
୩ । ସଙ୍ଗୀତ — ଶ୍ରୀ ଶରତ୍‌ଚନ୍ଦ୍ର ମୁଖର୍ଜି
୪ । ଦୁଇଟି ଚିଠି (ଗଳ୍ପ) — ଶ୍ରୀ ରମାରଞ୍ଜନ ମହାନ୍ତି
୫ । ଶୁଣ ମୋ ଭଉଣୀ ମାନେ (ପଦ୍ୟ) ଶ୍ରୀ କପିଳେଶ୍ୱର ଶ୍ରୋତ୍ରିୟ, ଏମ୍.ଏ.
୬ । ଗୋ -ଜାତି — ଶ୍ରୀ ଶ୍ରୀଧର ସାହୁ
୭ । ସଙ୍ଗୀତ (ପଦ୍ୟ) ଶ୍ରୀ ଶ୍ରୀଧର ସାହୁ, ଶ୍ରୀ କୁବେର ଦଲେଇ,
ଶ୍ରୀ ଅଦ୍ୱୈତଚରଣ ମହାନ୍ତି
୮ । ବିଲାତିଆଳୁ ବର୍ଦ୍ଧନ — କୃଷି ବିଭାଗ
୯ । ଦ ଗୁରୁପଦ — ଶ୍ରୀ ମହେନ୍ଦ୍ର ପ୍ରସାଦ ଦତ୍ତ
୧୦ । ଯୁକ୍ତ ପ୍ରଦେଶର ସହଯୋଗ (ମିଃ ଏନସର୍ଲଙ୍କ ଲେଖା ଇଂରାଜୀ ନୋଟରୁ
(ଶ୍ରୀଯୁକ୍ତ ଲକ୍ଷ୍ମଣ କର, ବି. ଏସ୍‌ସିଙ୍କ ଦ୍ୱାରା ଅନୁବାଦ)
୧୧ । ମଣି-ମୁକୁତା (ପଦ୍ୟ) — ଶ୍ରୀ ଚନ୍ଦ୍ରଧର ମହାପାତ୍ର
୧୨ । ଏଣୁ ତେଣୁ ପଦେଅଧେ — ଚନ୍ଦ୍ରଚୂଡ଼
୧୩ । ହାଲଚାଲ — ସର୍ ଜର୍ଜ୍ ହୋଗାଣ୍ ପ୍ଲଙ୍କେଟ
୧୪ । ନୂଆ ଡେପୁଟି ରେଜିଷ୍ଟ୍ରାର — ସମ୍ପାଦକ

ଜୁନ୍ ୧୯୩୬ ମସିହାର ଷଷ୍ଠ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲ:—

୧ । ଗ୍ରାମ୍ୟ ସଙ୍ଘର ଜୟ ଗାଇ (ପଦ୍ୟ) ଶ୍ରୀ କପିଳେଶ୍ୱର ଶ୍ରୋତ୍ରିୟ, ଏମ୍.ଏ.
୨ । ମୃତ୍ତିକାର ଉର୍ବ୍ବରତ୍ୱ — ଶ୍ରୀ ଶଶିଭୂଷଣ ବେହେରା

Digitized by srujanika@gmail.com

୩ । କରଣ୍ଡ ବନ୍ଧୁ (ଗଳ୍ପ) ଶ୍ରୀମତୀ ଶାନ୍ତ ମୁଖର୍ଜି, ବି,ଏ.

୪ । ପଲ୍ଲୀର ଜମିଦାର ଶ୍ରୀ ନବକିଶୋର ଦାସ

୫ । ନୂଆହାଟ ପ୍ରେମ ବିଦ୍ୟାଳୟ : ବୀରକିଶୋର ବେହେରା ଓ ଆନନ୍ଦ ବେହେରା

୬ । ଫଗୁ—ବଂଶୀ ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ

୭ । ଧୋବଣୀ ଠକ (ଗଳ୍ପନୁହେଁ, ସତ୍ୟକଥା) ଶ୍ରୀ ବ୍ରଜବନ୍ଧୁ ମହାପାତ୍ର

୮ । କର କଣ୍ଟକ (ପଦ୍ୟ) ଶ୍ରୀ

୯ । ପଲ୍ଲୀର ପ୍ରକୃତ ଅବସ୍ଥା ଡାକ୍ତର ରାଧାଚରଣ ପଣ୍ଡା, ଏଲ୍.ଏମ୍.ପି.

୧୦ । ଉନୋଟି ରାତ ଓ ଉନୋଟିଦିନ (ପଦ୍ୟ) ଶ୍ରୀ

୧୧ । ପଲ୍ଲୀର ମଣି—ମୁକୁତା (ପଦ୍ୟ) ଶ୍ରୀ ଚକ୍ରଧର ମହାପାତ୍ର

୧୨ । ଆକସ୍ମିକ ଦୁର୍ଘଟନା ଓ ତାହାର ପ୍ରତିକାର ଶ୍ରୀ କୃପାସିନ୍ଧୁ ମିଶ୍ର

୧୩ । ଏଣ୍ଡୁଢେଣ୍ଡୁ ଚନ୍ଦ୍ରଚୂଡ଼

୧୪ । ପୁସ୍ତକ ପରିଚୟ

ଜୁଲାଇ ୧୯୩୨ ମସିହାର ସପ୍ତମ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲା:—

୧ । ପଶୁରନ୍ତ ତାଙ୍କୁ ଯେବେ ଦେଖା ହୁଅନ୍ତା ଥରେ (ପଦ୍ୟ)
ଶ୍ରୀ ସୁଦର୍ଶନ ତ୍ରିପାଠୀ

୨ । ଧର୍ମ କେଉଁଠାରେ ? ଶ୍ରୀ ବୀରକିଶୋର ବେହେରା

୩ । ସଙ୍ଗୀତ (ପଦ୍ୟ) ଶ୍ରୀ

୪ । ସ୍ୱର୍ଗର ସମ୍ବାଦ ଶ୍ରୀ ଶଶିଭୂଷଣ ରାୟ

୫ । ଅସ୍ପୃଶ୍ୟତା ଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁ, ଏମ୍.ଏ.

୬ । ଫଗୁଣ ବ୍ୟଥା (ପଦ୍ୟ) ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ

୭ । ପିଲ ଓ ପୋଷଣ କଥା ଶ୍ରୀ କୃଷ୍ଣମୋହନ ପଟ୍ଟନାୟକ

୮ । ଭଲ ମାଛ ଜାଆଁଳ ଡ଼. ସି. ଗୁପ୍ତ, ବିହାର ଏବଂ ଓଡ଼ିଶାର
ଫିସରିଜର ଡାଇରେକ୍ଟର

୯ । ରେଶମର ଜନ୍ମକଥା (ବଙ୍ଗଳାକାଗଜ 'ମୁକୁଳ'ରୁ)

୧୦ । ବାଲ୍ୟ ବିବାହ ବନ୍ଦ ଆଇନ : ନାରୀମଙ୍ଗଳ ସମିତି, ସ୍ୱରାଜଚୌକ, କଟକ

Digitized by srujanika@gmail.com

୧୧ । ଗାଁ ପାଠଶାଳା — ଶ୍ରୀ କୃପାସିନ୍ଧୁ ଦାସ
୧୨ । ବିଧବା ବିବାହ ଆଇନସଙ୍ଗତ : ସମ୍ପାଦକ, ନାରୀ ମଙ୍ଗଳ ସମିତି, କଟକ
୧୩ । ପଞ୍ଚଧାର (ପଦ୍ୟ) ଶ୍ରୀ ଶ୍ରୀଧର ମହାପାତ୍ର
୧୪ । ଆବେଦନ — ତହଣ୍ଡ ପଲ୍ଲୀ ସଙ୍ଗଠନର କର୍ମୀଗଣ ଭଦ୍ରଖ
୧୫ । ଗାଈ ବଗାଡ଼ିବା ଭୁଲ୍ ଧାରଣା — ଶ୍ରୀ ଆନନ୍ଦ ବେହେରା
୧୬ । ଆୟ ବଢାଅ — ଶ୍ରୀ ଜ୍ଞାନରଞ୍ଜନ ପଟ୍ଟନାୟକ, ସେକ୍ରେଟାରୀ

ଡେଭଲପ୍‌ମେଣ୍ଟ କମିଟି ଓ ଡ଼ାଇରେକ୍ଟର କେନ୍ଦ୍ର ବ୍ୟାଙ୍କ, ବାଲେଶ୍ୱର

୧୭ । ପଲ୍ଲୀର ମଣି ମୁକ୍ତା (ପଦ୍ୟ) ଶ୍ରୀ ଚକ୍ରଧର ମହାପାତ୍ର
୧୮ । ଜୀବନ ପ୍ରବାହ — ଶ୍ରୀ

ଅଗଷ୍ଟ ୧୯୩୬ ମସିହାର ଅଷ୍ଟମ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲା—

ପ୍ରଚ୍ଛଦପଟ ଛବି--ବିହାରର ପ୍ରସିଦ୍ଧ ସହଯୋଗୀ ଶ୍ରୀଯୁକ୍ତ ମହେନ୍ଦ୍ର ପ୍ରସାଦ

୧ । ଶିବପୂଜା (ପଦ୍ୟ) ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ
୨ । ଟଙ୍କାର ଆପଣା କଥା — ଶ୍ରୀ ଭଗବତୀ ଚରଣ ପାଣିଗ୍ରାହୀ, ବି.ଏ.
୩ । ବଦ ଖରଚ — ଶ୍ରୀ ଗୋପାଳ ପ୍ରସାଦ ସିଂହ
୪ । ପଞ୍ଚଧାର (ପଦ୍ୟ) ଶ୍ରୀ ଶ୍ରୀଧର ମହାପାତ୍ର
୫ । ରାୟ ସାହେବ ସତୀଶଚନ୍ଦ୍ର ଚକ୍ରବର୍ତ୍ତୀ — ଖୋର୍ଦ୍ଧା ସହଯୋଗୀ ବ୍ୟାଙ୍କ
୬ । ଛୁଆଁ ରୋଗ ସମ୍ବନ୍ଧରେ ଜାଣିବା କଥା
୭ । ମାଗୁଣି (ଗଳ୍ପ) ଶ୍ରୀ କମଳାକାନ୍ତ ଦାସ
୮ । ଗାଈଗଣର ରୋଗ ଏବଂ ତାର ପ୍ରତିକାର — ଶ୍ରୀ ବ୍ରଜବନ୍ଧୁ ତ୍ରିପାଠୀ
୯ । ଶୋକବାର୍ତ୍ତା

ସେପ୍‌ଟେମ୍ବର—ଅକ୍‌ଟୋବର ୧୯୩୬ ମସିହାର ୯ମ, ୧୦ମ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲା—

୧ । ନବ ସୁଣକ୍ୟ (ପଦ୍ୟ) ଶ୍ରୀ ଚନ୍ଦ୍ରମଣି ମହାନ୍ତି
୨ । ଛୁଆଁ ରୋଗର ଉତ୍ପତ୍ତି — (ସ୍ୱାସ୍ଥ୍ୟ ସମାଚାର)

Digitized by srujanika@gmail.com

୩ । ପଞ୍ଚଧାର (ପଦ୍ୟ) ଶ୍ରୀ ଶ୍ରୀହର ମହାପାତ୍ର

୪ । ହିନ୍ଦୁ ମଠ ଶ୍ରୀ ଶଶିଭୂଷଣ ରାୟ

୫ । 'ଦୁନିଆର ଭାଇ ଖବର ଦାର !' ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଳ, ବି, ଏସ୍ ସି

୬ । ପଲ୍ଲୀ ନାରୀର ଚିଠି ଶ୍ରୀମତୀ ରାଧାମଣି ଦେବୀ

୭ । ସଂପାଦକଙ୍କ ଟିପଣୀ

୮ । ଆଷାଢ଼ ଗନ୍ଧେ (ପଦ୍ୟ) ଶ୍ରୀ ଉପେନ୍ଦ୍ର ପ୍ରସାଦ ମହାନ୍ତି

୯ । ଦେବୀ ପୂଜାରେ ଜୀବ ବଳିଦାନ ମହାପାପ ସଂପାଦକ

୧୦ । ପାନ ଡାକ୍ତର ଶ୍ରୀ ରାଧାଚରଣ ପଣ୍ଡା, ଏଲ୍. ଏମ୍. ପି

୧୧ । ଓଡ଼ିଶାରେ ବାଳିକାମାନଙ୍କର ପ୍ରାଥମିକ ଶିକ୍ଷା

୧୨ । ନାରୀର ଶରୀର କଥା (ଦୈନିକ ଆଶା)

୧୩ । ଫୁଲ୍ କୋବି କୃଷି ବିଭାଗ

୧୪ । ଚୈତ୍ର-ସନ୍ଧ୍ୟା (ପଦ୍ୟ) ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ

୧୫ । ଶ୍ରୀ ଶ୍ରୀ ଜଗନ୍ନାଥ ଦେବ ଅକ୍ଷୟ କୁମାର ଚକ୍ରବର୍ତ୍ତୀ

୧୬ । ବଳିଦାନ ବନ୍ଦକଲେ ଦୋଷ ନାହି

୧୭ । ଡକ୍ଟର ରାଧାନାଥ ରାୟ ଶ୍ରୀ ଗଣେଶଚନ୍ଦ୍ର ମୁଖର୍ଜି

୧୮ । ବିବାହ ଶ୍ରୀ ଭଗବାନ ଚରଣ ମହାନ୍ତି, ଶ୍ରୀ ଶରତଚନ୍ଦ୍ର ମୃଧ

୧୯ । ବ୍ୟର୍ଥ ବର୍ଷା (ପଦ୍ୟ) ଶ୍ରୀ

୨୦ । ପଲ୍ଲୀରେ ଶିକ୍ଷିତ ଯୁବା ଶ୍ରୀ ନରସିଂହ ଗଜାସୂତ

୨୧ । ବ୍ୟାଙ୍କ କଥା ଶ୍ରୀ ବାମଦେବ ମିଶ୍ର

୨୨ । ଗାଁ ପିଲଙ୍କ କଥା (ପଦ୍ୟ) ଶ୍ରୀ ଚକ୍ରଧର ମହାପାତ୍ର

୨୩ । ସହଯୋଗ ସମିତିର ହିସାବ କିତାବ ଶ୍ରୀ ରାଜେନ୍ଦ୍ର ମୋହନ ରାୟ

୨୪ । ପରମାୟୁ ହ୍ରାସ ବୃଦ୍ଧି ଶ୍ରୀ ସୁରେନ୍ଦ୍ରନାଥ ପଣ୍ଡା

୨୫ । ପଲ୍ଲୀବାସୀ ମୋର ହେ ଭାଇ ଭଉଣୀ (ପଦ୍ୟ) ଶ୍ରୀ କରୁଣାକର ପଟ୍ଟେଲ

୨୬ । ଦେହ ପା ଶ୍ରୀ କୃଷ୍ଣମୋହନ ପଟ୍ଟନାୟକ

୨୭ । ବିଦ୍ୟାଳୟରେ କୃଷିଶିକ୍ଷାର ପ୍ରବର୍ତ୍ତନ ଶ୍ରୀ ନିରଞ୍ଜନ ପରିଜା

Digitized by srujanika@gmail.com

ନଭେମ୍ବର ୧୯୩୬ ମସିହାର ୧୧ଶ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲା—

୧ । ମାଟି ଓ ମନ (ପଦ୍ୟ) ଶ୍ରୀ ରାମକୃଷ୍ଣ ପାଢ଼ୀ
୨ । ଚକ୍ଷୁ ରକ୍ଷା ଶ୍ରୀ ଶଶିଭୂଷଣ ରାୟ
୩ । ସାର ଯୋଗ୍ୟା ବସୁନ୍ଧରା ଶ୍ରୀ ପଦ୍ମଚରଣ ପଟ୍ଟନାୟକ
୪ । କୋବିବୃକ୍ଷ କୃଷି ବିଭାଗ
୫ । ଈଶ୍ୱର ତର୍କ ସିଦ୍ଧ ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ହରିଚନ୍ଦନ, ରାଜା ବାହାଦୁର ବିଦ୍ୟା ବାଚସ୍ପତି ଓ ପୁରାତତ୍ତ୍ୱ ବିଶାରଦ, ରାଜାଟିକିଲି
୬ । ହାତରେ ନ ଥାଇ ଧନ ଶ୍ରୀ ବନମାଳୀ ପଟ୍ଟନାୟକ
୭ । ଗାଁ ଠାକୁରାଣୀ ଶ୍ରୀ
୮ । ଓଡ଼ିଶାର ପ୍ରାଥମିକ ଶିକ୍ଷାର କେତୋଟି ଦୃଶ୍ୟ-ଡାକ୍ତର ରାଧାଚରଣ ପଣ୍ଡା
୯ । କଟକ ଫାରମର କଲମ ଗଛ
୧୦ । ଉତ୍କଳ ପଲ୍ଲୀ ରାୟସାହେବ ଗୋବିନ୍ଦ ପ୍ରସାଦ ବସୁ
୧୧ । ବଙ୍ଗଦେଶର ଗ୍ରାମ ସମସ୍ୟା ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଳ
୧୨ । ହାଲଚାଲ

ଡିସେମ୍ବର ୧୯୩୬ ମସିହାର ୧୨ଶ ସଂଖ୍ୟାରେ ନିମ୍ନଲିଖିତ ଲେଖାଗୁଡ଼ିକ ବାହାରିଥିଲା –

୧ । ପଲ୍ଲୀ କୋଳେ (ପଦ୍ୟ) ଶ୍ରୀ ରମେଶଚନ୍ଦ୍ର ଦାସ
୨ । ଭୂମି ଲକ୍ଷ୍ମୀ ଶ୍ରୀ ଶଶିଭୂଷଣ ରାୟ
୩ । ମୋ ଗାଁ ସୁନ ରାଇଜ ଶ୍ରୀମତୀ କୁନ୍ତଳାକୁମାରୀ ଦେବୀ
୪ । ଓଡ଼ିଶାରେ ଜମିଦାର ପ୍ରଜା ଶ୍ରୀ ଅକ୍ଷୟ କୁମାର ଚକ୍ରବର୍ତ୍ତୀ
୫ । ପଲ୍ଲୀ-ସମାଜ- ସେକାଲ ଓ ଏକାଲ ଶ୍ରୀ ଗଣେଶଚନ୍ଦ୍ର ମୁଖାର୍ଜି
୬ । ପଲ୍ଲୀରେ ସ୍ତ୍ରୀ ଶିକ୍ଷା ଶ୍ରୀ ବାମଦେବ ମିଶ୍ର
୭ । କଦଳୀ ଶ୍ରୀ ମହେନ୍ଦ୍ର କୁମାର ଦାସ
୮ । ନୂଆ ରକମର ଖତ ଶ୍ରୀ ଜୟକୃଷ୍ଣ ପଟ୍ଟନାୟକ
୯ । ପଲ୍ଲୀର ମଣି ମୁକୁତା ଶ୍ରୀ ଚକ୍ରଧର ମହାପାତ୍ର
୧୦ । ଯୁବକର କର୍ତ୍ତବ୍ୟ ଶ୍ରୀ କୃପାସିନ୍ଧୁ ଦାସ
୧୧ । ନିଖିଳ ଉତ୍କଳ ସାହିତ୍ୟ ସମ୍ମିଳନୀ-ଶ୍ରୀ ଶ୍ରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ରାଜା ହରିଚନ୍ଦନ ସଭାପତି ଅଭ୍ୟର୍ଥନା ସମିତି

ଏ ସବୁ ଲେଖା ମଧ୍ୟରେ ହାସ୍ୟ ରସାତ୍ମକ କେତେଗୁଡ଼ିଏ ଟିପ୍‌ପଣୀ ମଧ୍ୟ ମଝିରେ ମଝିରେ ବାହାରୁଥାଏ । ଯାହାର ଦୁଇ ଗୋଟି ଉଦାହରଣ :—

Digitized by srujanika@gmail.com

ଏଣୁ ତେଣୁ ପଦେ ଅଧେ

କାହିଁ ରାଣୀ କାହିଁ ଚନ୍ଦ୍ରକାଣୀ

ଇଂଲଣ୍ଡର ଦକ୍ଷିଣ ଅଞ୍ଚଳର ସହଯୋଗ ସମିତିମାନ ମିଳିମିଶି ଚାନ୍ଦା ଦେଇ ଗୋଟିଏ ପାଣ୍ଠି କରିଅଛନ୍ତି, ଯହିଁରୁ ରୋଗମୁକ୍ତ ସହଯୋଗୀମାନଙ୍କୁ ସ୍ଥାନ ପରିବର୍ତ୍ତନ ଦ୍ୱାରା ସ୍ୱାସ୍ଥ୍ୟ ଲାଭ କରିବା ପାଇଁ ସାହାଯ୍ୟ ଦିଆଯାଏ । ଗତ ୧୯୩୧ ସାଲରେ ଏହି ପାଣ୍ଠିକୁ ଉକ୍ତ ଅଞ୍ଚଳର ସହଯୋଗ ସମିତିମାନ ଟ୫୯,୯୬୫ ଙ୍କା ଅର୍ଥାତ୍ ପ୍ରାୟ ଷାଠିଏ ହଜାର ଟଙ୍କା ଚାନ୍ଦା ଦେଇଥିଲେ ଏବଂ ଏହି ପାଣ୍ଠିରୁ ୧୬୭୦ ଲୋକଙ୍କୁ ଟ୫୮,୩୬୫ ସାହାଯ୍ୟ ଦିଆ ହୋଇଥିଲା । ଇଂଲଣ୍ଡର ସହଯୋଗୀମାନେ ସ୍ୱାସ୍ଥ୍ୟର ମୂଲ୍ୟ କିପରି ବୁଝନ୍ତି ଓ ସମବେତ ଚେଷ୍ଟାଦ୍ୱାରା କିପରି ନିଜର ସ୍ୱାସ୍ଥ୍ୟର ଉନ୍ନତି କରନ୍ତି, ଏହି ଗୋଟିଏ ଘଟଣାରୁ ତାହା ଜଣାଯିବ । ଏହା ସହିତ ଆମ ଓଡ଼ିଶାର ସ୍ୱାସ୍ଥ୍ୟହୀନ ସହଯୋଗୀ ମାନଙ୍କୁ ଓ ସେମାନଙ୍କର ଚେଷ୍ଟାହୀନତାକୁ ତୁଳନା କଲେ ମନେ ହୁଏ, କାହିଁ ରାଣୀ କାହିଁ ଚନ୍ଦ୍ରକାଣୀ । ଓଡ଼ିଶାରେ କେତେକ ସ୍ଥାନରେ ଲୋକଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସହଯୋଗ ସମିତି କରାଯାଇ ସେଥିରେ ବ୍ୟବସ୍ଥା କରାଯାଇଛି ଯେ ବର୍ଷକୁ ମାତ୍ର ଟଙ୍କାଟିଏ ଚାନ୍ଦା ଦେଲେ ବର୍ଷକ ଯାକ ଗୋଟାଏ ପରିବାରର ସମସ୍ତେ ଔଷଧ ମାଗଣା ପାଇବେ ଏବଂ ସମିତିର ଡ଼ାକ୍ତର ଯାଇ, ଯିଏ ଶକ୍ତ ବେମାର ତାଙ୍କ ଘରେ ମାଗଣା ଚିକିତ୍ସା କରିବେ । ଆମ ଗାଁ ଲୋକେ ଏତକ ଦେବାକୁ ମଧ୍ୟ ନାରାଜ । ଫଳରେ ସ୍ଥାନେ ସ୍ଥାନେ ଏସବୁ ସମିତି ଟଳମଳ ।

ଔଷଧ ନଖାଇ ମରିବୁ ଆମେ
ଏଇଟା ଆମର ଭଲ
ବୁଝେଇ ବୁଝେଇ ଏତେ କହି କହି
କଅଁ କର କଲ ବଲ ।

ଲଢେଇ ଭିଡେଇ ଛାଡ

ଇଉରୋପର ଜେନିଭା ବୋଲି ଗୋଟାଏ ସହର ଅଛି । ଦଶ ପାଞ୍ଚ ଦେଶର ଲୋକେ ମିଳିମିଶି ଗୋଟାଏ ଚାଲୁଆ ବିଚାର କରିବାକୁ ବସିଲେ । ସେଦବୁ ବିଚାର ପ୍ରାୟ ସେହି ସହରରେ ହୁଏ । ଏବେ ସେଠି ଗୋଟାଏ ନିରସ୍ତ୍ରୀକରଣ ବୈଠକ

Digitized by srujanika@gmail.com

ଜନ୍ମିଛି । ସବୁ ଦେଶର ଲୋକେ କି ପରିମାଣରେ ତୋପ, ଗୋଳା, ଯୁଦ୍ଧ ଜାହାଜ, ଉଡ଼ା ଜାହାଜ, ବୁଡ଼ା ଜାହାଜ ଅଗଡ଼ମ୍ ବଗଡ଼ମ୍ ପ୍ରଭୃତି ଲଢେଇ ଭିଡେଇର ସାଜ ସରଞ୍ଜାମ କମେଇଲେ ଭବିଷ୍ୟତରେ ଆଉ ଯୁଦ୍ଧ ନ ହୋଇ ଜାତି ଜାତି ମଧ୍ୟରେ ଖାଲି ପ୍ରେମାଲିଙ୍ଗନ ହେବ, ସେଇ କଥା ଜେନିଭାରେ ସବୁ ଜାତିଙ୍କ ତରଫରୁ ଦଳେ ବସି ଠିକ୍ କରୁଛନ୍ତି । ଯେତେଦୂର ଦେଖାଯାଉଛି, ସାମାନ୍ୟ କିଛି ହେବ, ବ୍ୟାପାରଟା ହାତର ଗୋଟିଏ ବିଶେଷ କାର୍ଯ୍ୟ ପରି ଶେଷ ହେବନାହିଁ । ଏଇ ବୈଠକର ଆରମ୍ଭ ଦିନ ଆନ୍ତର୍ଜାତିକ ସହଯୋଗ ସମ୍ମିଳନୀର ବୁଧିଆ ସମ୍ପାଦକ ମେ' ସାହେବ ଗୁଳଶଟା ଦେଶର ସାତକୋଟୀ ଦରିଦ୍ର ସହଯୋଗୀ ପରିବାରଙ୍କ ତରଫରୁ ଏକ ଦରଖାସ୍ତ ପେଶ୍ କରି କହିଛନ୍ତି —

ଲଢ଼େଇ ଭିଡ଼େଇ ଛାଡ଼
ଲଢ଼େଇ ଦାଉ ସହି ଆମର
ଭାଙ୍ଗିଲି ପିଠି ହାଡ଼ ।

ଦିଅର ଭାଉଜ କଳି

ବିହାର-ଓଡ଼ିଶା ସହଯୋଗୀ ଫେଡ଼ରେସନ ଖାଲି ବିହାରର ଉପକାର କରୁଛି ନା ଓଡ଼ିଶାର ମଧ୍ୟ ଉପକାର କରୁଛି, ଏ ବିଷୟରେ ପ୍ରଶ୍ନ ଉଠିଛି । ଆମ ଓଡ଼ିଶାର ଥୋକେ ସହଯୋଗୀଙ୍କ ମତରେ ଉକ୍ତ ଫେଡ଼ରେସନ ଓଡ଼ିଶାରେ ସହଯୋଗ କାର୍ଯ୍ୟ ପ୍ରତି ବିଶେଷ ନଜର ଦେଉନାହାନ୍ତି—ତେଣୁ ସେମାନେ କହୁଛନ୍ତି, ଆମ ଜମିବାଡ଼ି, ଆମ ହାଣ୍ଡି, ଦେଇପିଣ୍ଡି ଆମକୁ ସବୁ ଅଲଗା କରିଦିଅ— ଆମଇ ଆମେ ଓଡ଼ିଶା ପାଇଁ ଗୋଟିଏ ଅଲଗା ଫେଡ଼ରେସନ ଗଢ଼ିବୁ ।

ଅଲଗା ଆମେ କରିବୁ ଘର
ଅଲଗା ଚଷି ବିଲ
ଦି'ଟା ଦିନରେ ଲଗାଇ ଦେବୁ
ଦାନ୍ତରେ ସୁନା ଖିଲ ।

କିନ୍ତୁ ଜବାବରେ ଫେଡ଼ରେସନ କୁଆଡ଼େ କହୁଛନ୍ତି, ଓଡ଼ିଶା ଯେତେ ଚାନ୍ଦା ଦେଉଛି, ଓଡ଼ିଶା ପାଇଁ ସେଥିରୁ ବେଶୀ ଟଙ୍କା ଖର୍ଚ୍ଚ କରା ହେଉଛି— ଆଉର କଥା ମାଙ୍ଗତା ହ୍ୟାୟ ? ଠିକ୍ ଯେମିତି ଆମ ବାଲିଶି ଘର ଭାଉଜ କହେ, ଛି, କି ମିଣିପଟା ମ, ଗତର ନାହିଁ—ରୋଜଗାର କଲାବେଳକୁ ଦିନକୁ ଦିଅଣା — ଖାଇଲା ବେଳକୁ ଦି କଂସା । ସେ ଯାହା ହେଉ, ଅନେକ ତା ତା ନା ନା ପରେ ଏଇ ଭିନେ ହେବା କଥାଟା ଏଥର ସହଯୋଗୀ ପରିବାରର ବର୍ତ୍ତମାନ କର୍ତ୍ତା

Digitized by srujanika@gmail.com

ବିହାର-ଓଡ଼ିଶା ସହଯୋଗ ଅନୁସନ୍ଧାନ କମିଟି ସାମନାରେ ପେଶ୍ ହୋଇଛି । କର୍ତ୍ତା କଣ ସିଦ୍ଧାନ୍ତ କରୁଛନ୍ତି ଦେଖାଯାଉ ।

ଦଅର ଭଉଜ କାଳି
ଭଉଜ ଆସି କାନରେ ତୁମର
ପିନ୍ଧେଇ ଦବ ନୋଳି
କହିବ ଭାଇ ଏକାଠି ଥାଇ
ହେଉଛି କେତେ ମଜା
ହୋଇଲେ ଭିନେ ଖାଇବ କାହୁଁ
ବିହାରୀ ଦେଶ ଖଜା ?

ହରିବୋଲ ଭାଇ ଗୋବିନ୍ଦ ବୋଲ

ଭାସିଲା ପଥର ବୁଡ଼ିଲା ସୋଲ
ହରିବୋଲ ଭାଇ ଗୋବିନ୍ଦ ବୋଲ ।

ଟଙ୍କାଟାକୁ ହେଲା ମହଣେ ଧାନ
ହରିବୋଲ ଭାଇ ଗୋବିନ୍ଦ ବୋଲ ।

କେମିତି ଚଷାର ଚଳିବ କାମ
ହରିବୋଲ ଭାଇ ଗୋବିନ୍ଦ ବୋଲ ।

କେମିତି ବଢ଼ିବ ତା ଧାନ ଭାଉ
ହରି ବୋଲ ଭାଇ ଗୋବିନ୍ଦ ବୋଲ ।

କେମିତି କମିବ ତା ଋଣ ଦାଉ
ହରି ବୋଲ ଭାଇ ଗୋବିନ୍ଦ ବୋଲ ।

କର ଚଷାଭାଇ ଆଖୁର ଚାଷ
ହରି ବୋଲ ଭାଇ ଗୋବିନ୍ଦ ବୋଲ ।

ଋଣ ସୁଝି ଦେଇ ରଖିବୁ ବାସ
ହରି ବୋଲ ଭାଇ ଗୋବିନ୍ଦ ବୋଲ ।

ଫଳେଇବ ଆଳୁ ଚନାବାଦାମ
ହରି ବୋଲ ଭାଇ ଗୋବିନ୍ଦ ବୋଲ ।

ମନ ଦେଇ ଚଷ ହବ ତୋ କାମ
ହରି ବୋଲ ଭାଇ ଗୋବିନ୍ଦ ବୋଲ ।

Digitized by srujanika@gmail.com

ପଲ୍ଲୀମଙ୍ଗଳ

ମେ—୧୯୩୨

ଏଣୁ ତେଣୁ ପଦେ ଅଧେ

ଏ ନୂଆ ଭିଆଣ କିଆଁ ?—ସର ଆର୍ଥର୍ ସ୍ଲେଟର ଜାତିସଂଘର ଆର୍ଥିକ ବିଭାଗର ବଡ଼ କର୍ତ୍ତା । କିଛିଦିନ ହେଲା ଭାରତ ସରକାରଙ୍କ ନିମନ୍ତ୍ରଣରେ ସେ ଭାରତକୁ ଆସିଥିଲେ । ଭାରତର ଆର୍ଥିକ ଉନ୍ନତି ସମ୍ବନ୍ଧରେ ପରାମର୍ଶ ଦେବା ତାଙ୍କ ଆଗମନର ଅଭିପ୍ରାୟ ଥିଲା । ଏବେ ତାଙ୍କ ରିପୋର୍ଟ ପ୍ରକାଶିତ ହୋଇଛି । ସେ ଭାରତ ସରକାରଙ୍କୁ ପରାମର୍ଶ ଦେଇ ଅଛନ୍ତି, ଭାରତରେ ଗୋଟିଏ କେନ୍ଦ୍ରୀୟ ଆର୍ଥିକ ପରାମର୍ଶ ସଭା ସ୍ଥାପନ କରାଯାଉ । ପ୍ରତି ପ୍ରଦେଶରେ ମଧ୍ୟ ଗୋଟିଏ ଲେଖାଏଁ ପ୍ରାଦେଶିକ ଆର୍ଥିକ ପରାମର୍ଶ ସଭା ସ୍ଥାପିତ ହେଉ ବୋଲି ସର୍ ଆର୍ଥର୍‌ଙ୍କ ମତ । କେନ୍ଦ୍ରୀୟ ପରାମର୍ଶ ସଭାର ସଦର ଦିଲ୍ଲୀରେ ହେଉ । ଏଥିରେ ଅଧିକାଂଶ ବେସରକାରୀ ସଭ୍ୟ ରହନ୍ତୁ ଓ ଭାରତର ଆର୍ଥିକ ଉନ୍ନତି ସମ୍ବନ୍ଧରେ ବେସରକାରୀ ମତ କଣ, ତାହା ଏହି ସଭା ସାହାଯ୍ୟରେ ସମସ୍ତଙ୍କ କର୍ଣ୍ଣଗୋଚର ହେଉ । କେନ୍ଦ୍ରୀୟ ସଭାର ଜଣେ ବେତନଭୋଗୀ ଚବିଶ ଘଣ୍ଟିଆ ସଭାପତି ରହି ସବୁ କାମ ଚଳାନ୍ତୁ । ଏହି ସଭାର ସଭ୍ୟମାନେ କୃଷି, ଶିଳ୍ପ, ବ୍ୟାଙ୍କ ଚାଳନା, ସହ-ଯୋଗ ଆନ୍ଦୋଳନ, ଶ୍ରମିକ ଅନୁଷ୍ଠାନ, ରେଲବାଇ ଓ ଅନ୍ୟାନ୍ୟ ଯାନ ମଣ୍ଡଳ, ପ୍ରାଦେଶିକ ବ୍ୟବସ୍ଥାପକ ସଭା, ଟାରିଫ୍ ବୋର୍ଡ଼, କଟନ୍ କମିଟି ପ୍ରଭୃତିରୁ ନିଆ ଯାଉନ୍ତୁ । ପ୍ରାଦେଶିକ ପରାମର୍ଶ ସଭାମାନ ଏହିପରି ଭାବରେ ଗଠିତ ହେଉ । ଏହି ବିଷୟଟି ଆଲୋଚନା କଲା ମାତ୍ରକେ ପ୍ରଥମତଃ ମନରେ ପ୍ରଶ୍ନ ଉଠେ, ଏ ନୂଆ ଭିଆଣ କିଆଁ ? ସରକାରଙ୍କ ଦେଶର ଆର୍ଥିକ ଉନ୍ନତି ସମ୍ବନ୍ଧରେ ପରାମର୍ଶ ଦେବା ପାଇଁ କଣ ଯଥେଷ୍ଟ ସଭା ସମିତି ଦେଶରେ ନାହିଁ ? ବରଂ ଏତେ ବେଶୀ ଏଭଳି ଅନୁଷ୍ଠାନ ଦେଶରେ ଅଛି ଯେ ସେମାନଙ୍କ ପରାମର୍ଶକୁ କାର୍ଯ୍ୟରେ ଲଗାଇବା ଦୁଃସାଧ୍ୟ ହେଲାଣି । ଏ ବିଷୟରେ ଦୁଇ ତିନି ଡଜନ କମିଟି ଓ କମିଶନ ସରକାରଙ୍କୁ ପରାମର୍ଶ ଦେଲେଣି, ବ୍ୟବସ୍ଥାପକ ଓ ଅନ୍ୟ ସଭାମାନଙ୍କରେ ଶହ ଶହ ପ୍ରସ୍ତାବ ପାଶ ହେଲାଣି, ବିଶେଷଜ୍ଞ ଓ ବିଶିଷ୍ଟ ଅନୁଷ୍ଠାନମାନ ଅସଂଖ୍ୟ ଯୋଜନା ଦେଲେଣି । ଆଉରି ପରାମର୍ଶ ସତରେ ଲୋଡ଼ା ? ଦେଶର ଆର୍ଥିକ ଉନ୍ନତି କରିବାକୁ ହେଲେ କି ବାଟରେ ଯିବାକୁ ହେବ, ତାହା ଅଳ୍ପାଧିକ ପରିମାଣରେ ଅନେକଙ୍କୁ ଜଣା । ସରକାରଙ୍କ ପାଖରେ ଜ୍ଞାନ ମଧ୍ୟ ଯଥେଷ୍ଟ ଥୁଆ ହୋଇଛି, କିନ୍ତୁ ଏଭଳି ଜ୍ଞାନର ବ୍ୟବହାର କରିବା ପାଇଁ ଯେତିକି ଅର୍ଥ ଲୋଡ଼ା, ତାହା ସରକାରଙ୍କ ଗନ୍ତାଘରେ ନାହିଁ ବୋଲି ଅନେକ ଭଲ କାମରେ ହାତ ଦିଆ ହୋଇ ପାରୁନାହିଁ । ଅର୍ଥ ଛଡ଼ା

Digitized by srujanika@gmail.com

କର୍ମଶକ୍ତିର ଅଭାବ ମଧ୍ୟ ରହିଛି । ଉପଯୁକ୍ତ କର୍ମୀ ମଧ୍ୟ ସହଜରେ ମିଳୁ ନାହାଁନ୍ତି । ଯହିଁରେ ଏ ସବୁ ଦୂର ହୋଇପାରେ ତାହାର ଚେଷ୍ଟା ହେଲେ ଭଲ ହେବ । ହଳ ର ପୁସ୍ତକର ପରାମର୍ଶ ଅପେକ୍ଷା ପୁସ୍ତିକାର କାର୍ଯ୍ୟ ବିବରଣୀ ବର୍ତ୍ତମାନ ବେଶୀ ଦରକାର ।

ନାରୀ ପ୍ରବନ୍ଧକୁ ସବୁଜଗୋଷ୍ଠୀ ଚରମ ପ୍ରାଧାନ୍ୟ ଦେଇ ଆସିଅଛନ୍ତି । ଉଭୟ 'ପଲ୍ଲୀମଙ୍ଗଳ' ଓ 'ଯୁଗବୀଣା'ରେ ନାରୀ ପ୍ରବନ୍ଧ ସମ୍ବନ୍ଧରେ କେତେକ ନାରୀଙ୍କର ଯେଉଁ ବିକୃତ ବିଚାର ପରିଚୟ ସେ ସମୟରେ ମଝିରେ ମଝିରେ ମିଳୁଥିଲା ସବୁଜଗୋଷ୍ଠୀ ତାହା ଆଦୌ ସମର୍ଥନ କରି ପାରିନାହିଁ । ଏ ବିଷୟରେ ସେମାନଙ୍କର ଆଭିମୁଖ୍ୟ ପ୍ରକାଶ ପାଇଥିଲା ଶ୍ରୀମତୀ ରାଧାମଣି ଦେବୀଙ୍କର ନିମ୍ନ-ଲିଖିତ ପତ୍ରଟି ଓ ତାହା ଉପରେ ସମ୍ପାଦକଙ୍କ ଟିପ୍‌ପଣୀରୁ :—

ପଲ୍ଲୀମଙ୍ଗଳ

ସେପ୍‌ଟେମ୍ବର—ଅକ୍‌ଟୋବର—୧୯୩୬

ପଲ୍ଲୀନାରୀର ଚିଠି

ଜେ-ଜେ, ସମ୍ପାଦକ ମହାଶୟେ,

ଆଜି ଏହି ପଲ୍ଲୀର ଜଣେ ଶାନ୍ତ ସମାଜର କଠୋର ତାଡ଼ନା ସତ୍ତ୍ୱେ ଏହି ପତ୍ର ଖଣ୍ଡି ଲେଖୁଛି । ଆମେ ନାରୀ ଜାତି ଯେ କପରି ଘରକଣେ ପଡ଼ି ସଢ଼ୁଛୁ, ଆମମାନଙ୍କର ସେ ଦୁଃଖର କାହାଣୀ ଆପଣଙ୍କର 'ପଲ୍ଲୀମଙ୍ଗଳ'ରେ ପ୍ରକାଶ କରି ପୁରୁଷ ସମାଜକୁ ଟିକିଏ ଶୁଣାଇ ଦେବାପାଇଁ ଭିକ୍ଷା ମାଗୁଛି । 'ପଲ୍ଲୀମଙ୍ଗଳ' ପତ୍ରିକାଟି ପଢ଼ିବାର ଟିକିଏ ସୁଯୋଗ ପାଇଛି ମୁଁ । ଏଥିରେ ପଲ୍ଲୀନାରୀମାନଙ୍କ ବିଷୟ ନେଇ ଢେର୍ ଖବର ବାହାରୁଛି । ଉତ୍କଳର ଅନ୍ୟ ସାହିତ୍ୟ ପତ୍ରିକା-ମାନଙ୍କରେ ମଧ୍ୟ ଏହିପରି ଲେଖା କେବେ କେବେ ଦେଖିବାକୁ ପାଏ । ପଲ୍ଲୀର ନାରୀ ଜାଗରଣରେ ଏହି ପତ୍ରିକାଗୁଡ଼ିକ ଖୁବ୍ ପ୍ରାଣ ଭରା ପରିଶ୍ରମ କରୁଛି ସତ, କିନ୍ତୁ ମୋ ଭଳିଆ ଅନେକ ଅଭାଗିନୀ ଆଜି ସମାଜର କଠୋର ତାଡ଼ନାରେ ଘରକଣେ ପଡ଼ି ସଢ଼ୁଛନ୍ତି । ପଲ୍ଲୀର ଅନ୍ଧାରକୋଣରେ କେତେ ଯେ ପଢ଼ାଶୁଣା ଜାଣିଥିବା ରମଣୀ ଅଛନ୍ତି, ଏହା କେହି ଜାଣି ନାହାନ୍ତି । ଜାଣିବାକୁ ଇଚ୍ଛାକଲେ ମଧ୍ୟ ତାହାର ଆଖର ସୁଦ୍ଧା ପାଇ ପାରିବେ ନାହିଁ । ତାହା କେବଳ ସେହି ପିଶାଚ ରୂପୀ ସମାଜର ତାଡ଼ନା ହେତୁ । ଆଉ ପତ୍ର ପତ୍ରିକା ବା ପଢ଼ୁଛି କିଏ ? ଯଦି

କେହି ଏହି ସବୁ ଦେଖିଲା, ଶୁଣିଲା, ତେବେ ତାର ସର୍ବନାଶ, ସେହିଦିନଠାରୁ ସେ ହେଲା କଳଙ୍କିନୀ ।

ଦିନେ ଟିକିଏ ଅବସର ପାଇ ପଢ଼ିବସିଲି ନବମଭାଗ ପ୍ରଥମ ସଂଖ୍ୟା 'ପଲ୍ଲୀମଙ୍ଗଳ' ଖଣ୍ଡି । ଶ୍ରୀ କପିଳେଶ୍ୱର ଗ୍ରେଷ୍ଟରାୟଙ୍କ ଡାକ 'ଶୁଣ ମୋ ଭଉଣୀମାନେ' ପଦ୍ୟଟି ପଢ଼ୁଛି, ଠିକ୍ ଏପରି ସମୟରେ ମୋର ଜଣେ ପିଲାଦିନର ସଙ୍ଗିନୀ ଆସି ପାଖରେ ବସି ପଡ଼ିଲେ, ଚୁପ୍ ଚୁପ୍ କରି ପଦେ ଅଧେ କଥା କହିଲେ । ସବୁ ଶୁଣିଲି ମୁଁ । ପରେ ସଖୀଙ୍କୁ ଏହି ପଦ୍ୟଟି ପଢ଼ି ବୁଝାଇ ଦେଲି । କେଜାଣି କାହିଁକି ସଖୀ ମୋର ଏହା ଶୁଣୁ ଶୁଣୁ ଆଖି ଛଳ ଛଳ କଲେ । ଆଉ ଓଷ୍ଠ ତାଙ୍କର କମ୍ପି ଉଠିଲା, ପଚାରିଲି, "ତୁମର କଅଣ ହେଲା ଭଉଣୀ ?" ସେ ନୀରବ ରହିଲେ । ମୁଁ ମଧ୍ୟ ଆଖିରୁ ଦୁଇଧାର ଲୁହ ବୁହାଇ ଦେଲି । କିଛି କ୍ଷଣ ପରେ କରୁଣ ସ୍ୱରରେ ତାଙ୍କର ସବୁ ପେଟକଥା ଖୋଲି କହିଲେ—"ଭଉଣୀ, ପିଲାଦିନର କଥା ମନେ ପଡ଼ିଲେ ଆଜି ହୃଦୟ ବିଦାରି ହେଉଛି । ଗାଁ ପାଠଶାଳୀରେ ପଢ଼ିବା ସମୟରେ କେତେ ଆଶାର ଅଟ୍ଟାଳିକା ଆମେ ବାନ୍ଧିଥିଲେ, କେତେ ଭାବନା ରାଇଜରେ ବୁଲୁଥିଲେ, କିନ୍ତୁ ଆଜି ଆମେମାନେ ଏପରି ହେଲେ କାହିଁକି ? କାହିଁ ଦିନେ ହେଲେ ତ ଏପରି କଳ୍ପନା ହୋଇ ନ ଥିଲା । ମୁଁ ଦିନେ ଭାବି ନ ଥିଲି ଯେ ତୁ ଏପରି ପଢ଼ାପଢ଼ି କରି ଦେଶର ହାଲ ସବୁ ରଖିବୁ ବୋଲି । ମୋ କପାଳ ସିନା ଫାଟିଛି, ତୁତ ବେଶ୍ ବହିପତ୍ର ପଢ଼ାପଢ଼ି କରିବାର ସୁବିଧା ପାଇଛୁ । ମୋର ଧାରଣା ଥିଲା ଆମ୍ଭ କପାଳରେ ଏହି ସବୁ ସୁଖ ନାହିଁ । କେବଳ ଠାକୁର ଆମ୍ଭ-ମାନଙ୍କୁ ଜନ୍ମ ଦେଇଛି ରାନ୍ଧି ବାଢ଼ି ଦେଇ ଗ୍ରୁଞ୍ଚୁଣି ପରି ଘରକୋଣେ ଆଉଜିବାକୁ । ପାଞ୍ଚବର୍ଷ ହେଲା ଶ୍ୱଶୁରଘର ଆସିଲିଣି, ଯାହାଙ୍କ ଘରେ ବହି ବୋଲି ତ ଖଣ୍ଡିଏ ଦେଖିଲି ନାହିଁ । ଏ ବିଷୟରେ ସ୍ୱାମୀତ ସମ୍ପୂର୍ଣ୍ଣ ଅନଭିଜ୍ଞ । ପଢ଼ିବ କିଏ ? କେବଳ ସେହି 'ବୈଦେହୀଶ ବିଳାସ' ଖଣ୍ଡି କେବେ କେବେ ଚୁପ୍ ଚୁପ୍ କରି ପଢ଼େ । ଏ କଥାତ ଶାଶୁଙ୍କ କାନରେ ପଡ଼ିବା କଥା ନୁହେଁ । ସେ ଯଦି ଜାଣନ୍ତି, ତାହା-ହେଲେ ମୋ ପାଇଁ ରୁଡ଼ପତ୍ର ଲେଖା ହୋଇଯିବ । ମୋର ଦୁଃଖ କହିଲେ ନସରେ । ଆଉ ବେଣୀ ସମସ୍ତ ତୋ ପାଖରେ ରହି ପାରୁନାହିଁ । ନଣନ୍ଦ ଯଦି ଜାଣେ ହାଲାକରି ବସିବ ଯେ ବୋହୂ ଯାଇ ପଧାନ ଘର ବୋହୂ ସାଙ୍ଗରେ ଅଣ୍ଡିରାଙ୍କ ପରି ତାସ ଖେଳୁଛି, ଗୀତ ଗାଉଛି । ସତକଥା ଭଉଣୀ, କେବଳ ଏହି ସମାଜଟା ଆମମାନଙ୍କର ସର୍ବନାଶ କରୁଛି, ମୂର୍ଖ ପିତାମାତା ମଧ୍ୟ ଧନ ଲୋଭରେ ଆମ୍ଭ-ମାନଙ୍କର ଭବିଷ୍ୟତ ଜୀବନରେ ଅଗ୍ନି ଜାଳି ଦେଇଛନ୍ତି । ନ ହେଲେ ଏତେ କଷ୍ଟକଣା ସହିବାକୁ ପଡ଼ନ୍ତା କିଆଁ ?"

ମୁଁ ସବୁ ଶୁଣି କହିଲି, "ହଉ ଯା, ସମୟ ପାଇଲେ କେବେ କେବେ ଆସୁଥିବୁ ଘରକୁ । ବହିପତ୍ରର ଆବଶ୍ୟକ ହେଲେ ମୁଁ ପଠାଇ ଦେଉଥିବି । କିଛି

Digitized by srujanika@gmail.com

ଚିନ୍ତା କରନା. ଭଉଣୀ, ଦିନ ଆସିବ ଆମ ଡ଼ାକ ଠାକୁର ଶୁଣିବେ, ଦିନେ ଆମେ ସ୍ୱାଧୀନତା ପାଇବା ।'' ସଙ୍ଗିନୀଟି 'ପଲ୍ଲୀ ମଙ୍ଗଳ' ର ଗୋଟିଏ ସଂଖ୍ୟା ନେଇ ଚଉତରରେ ଚାଲିଗଲା ଘରକୁ ।

ସଙ୍ଗିନୀ ହେମଲତା ତାହାର ସକଳ ସୁଖରୁ ବଞ୍ଚିତା । କିଏ ଜାଣିଥିଲା ହେମର କପାଳ ଫାଟିବ ବୋଲି ? ଲେଖା ପଢ଼ା ଜାଣିଥିବା ରମଣୀଟି ବିଧିପତିର ଅଭାବରେ ଏବଂ ମୂର୍ଖ ପତିର ଅସହଯୋଗରେ କେତେ ଯେ ବ୍ୟାକୁଳ ହେଉଛି । କେତେ ହୃଦୟ ଫଟା ବେଦନା ଅନୁଭବ କରୁଛି । ଆମମାନଙ୍କୁ କିଏ ଏହି ଅନ୍ଧାରରେ ପକାଇଲା ? କିଏ ଜାଣିଥିଲା ସମାଜର ଏହି ଆଇନ୍ କାନୁନ ? କାହିଁ ମା' ମଧ୍ୟ ଦିନେ ଏ କଥା କହି ନାହିଁ । ତେବେ କ'ଣ ନାରୀ ତାହାର ଯୌବନ ଅବସ୍ଥାରେ ଏହିପରି ଅନ୍ଧାର କୋଣେ ରହିବା ପାଇଁ ବିଧାତା ଗଢ଼ିଛି ? ହେ ଠାକୁର, ତୁମର ଏ କି ବିଚାର । ସ୍ୱାଧୀନତା ପାଇଁ ଆଜି ସାରା ଜଗତ ଜାଗ୍ରତ । ତେବେ ପଲ୍ଲୀର ନାରୀ କାହିଁକି ଓଢଣା ଟାଣି ଘର କୋଣେ ପଡ଼ିଛି ? ପଚାରିବ କାହାକୁ ? ଉତ୍ତର ଦେବ ବା କିଏ ? ଆମେ ସ୍ତ୍ରୀଲୋକ ବୋଲି କଣ ଆମର କିଛି ନାହିଁ ? ସବୁ ଅଛି, ସବୁ ଜାଣିବାକୁ ଇଚ୍ଛା । ଜଗତର ପରିବର୍ତ୍ତନରେ ମଧ୍ୟ ଆମମାନଙ୍କର ପରିବର୍ତ୍ତନ ଆସିବା ଦରକାର, କିନ୍ତୁ ନିଷ୍ଠୁର ହୃଦୟହୀନ ପୁରୁଷ ଆମକୁ ଏତେ ଯାତନା ଦିଏ । ପୁରୁଷ ସମାଜ, ତୁମେ ଥରେ ଭାବି ଦେଖ, ଗୃହଲକ୍ଷ୍ମୀମାନଙ୍କୁ କେତେ ଯାତନା ଦିଅ ତୁମେ । ନାରୀକୁ ଆଜି ହେୟଜ୍ଞାନ କରନାହିଁ । ସେ ଦିନେ ତୁମର ଏହି ବିପଦସାଗରରେ ନୌକା ହୋଇ ତୁମ୍ଭମାନଙ୍କୁ ଉଦ୍ଧାର କରିବ । ପୁରାଣରୁ ଅନେକ ବୀର ମହିଳାଙ୍କ କାହାଣୀ ଶୁଣିଛି । ତୁମେ ଶୁଣିଥିବ, ତେବେ ଜାଣି ଜାଣି ଏତେ ହୃଦୟହୀନ କାହିଁକି ? ପଲ୍ଲୀର ନାରୀମାନଙ୍କୁ ତୁମେ ଦେଖିଲେ ନାସିକା କୁଞ୍ଚନ କର କିଆଁ ? ଦେଖିବ ଦିନେ ସେହି ନାରୀ ସାରା ଦେଶକୁ ଉଦ୍ଧାରିବ । ଆଉ ବନର ମାଳତୀ ପରି ବନରେ ଝଡ଼ିବ ନାହିଁ ।

ସଂପାଦକ ସାଆନ୍ତେ, ନମସ୍ତେ । ମୁଁ ରହିଲି, ଆଉ ସମୟ ନାହିଁ ଲେଖି-ବାକୁ । ଠିକ୍ ରନ୍ଧାବଢ଼ା ଅସି ପହଞ୍ଚିଗଲାଣି, ଏଥର ଯାଉଛି ଆମର ସେଇ ବେଉସା କରି । ଆମମାନଙ୍କ ପକ୍ଷରେ ସେଇଟାଇ ସଂସାର, ସେହି ଚୁଲି, ସେହି ହାଣ୍ଡି ସେହି ଛୁଞ୍ଚୁଣି ସହିତ ସାରାଜୀବନ କାଟିବାକୁ ହୁଏ ଆମ୍ଭମାନଙ୍କୁ ।

ଆପଣଙ୍କର

ଶ୍ରୀମତୀ ରାଧାମଣି ଦେବୀ''

Digitized by srujanika@gmail.com

ସମ୍ପାଦକଙ୍କ ଟିପ୍ପଣୀ—ବର୍ତ୍ତମାନ ନାରୀ ସମାଜର କୌଣସି କୌଣସି ସ୍ଥାନରେ ଯେଉଁ ମନୋଭାବ ଦେଖାଯାଉଛି, ତାହାର ପରିଚୟ ଅପର ପୃଷ୍ଠାର ପତ୍ର ଖଣ୍ଡିକରେ ବେଶ୍ ଭଲରୂପେ ପ୍ରକାଶ ପାଉଥିବାରୁ ଆମ୍ଭେମାନେ ଆନନ୍ଦର ସହିତ ଶ୍ରୀମତୀ ରାଧାମଣି ଦେବୀଙ୍କର ଚିଠି ଖଣ୍ଡିକ ଛାପିଲୁ । ଆମ୍ଭେମାନେ ନାରୀ ସ୍ୱାଧୀନତାର ସଂପୂର୍ଣ୍ଣ ପକ୍ଷପାତୀ । ସମାଜରେ ପୁରୁଷ ଯେଉଁ ଯେଉଁ ଅଧିକାର ବା ସୁବିଧା ଲାଭକରେ ସେ ସମସ୍ତ ନାରୀକୁ ମଧ୍ୟ ମିଳିବା ଉଚିତ, ଏହା ଆମ୍ଭମାନଙ୍କର ମତ । ଦୋଷ ବା ଅପରାଧ କଲେ ପୁରୁଷ ପ୍ରତି ସମାଜ ଯେ ଦଣ୍ଡର ବ୍ୟବସ୍ଥା କରେ, ନାରୀ ପ୍ରତି କେବଳ ସେତିକି ବ୍ୟବସ୍ଥା ହେବା ଉଚିତ । ଶିକ୍ଷା ବିଷୟରେ, କର୍ମ କ୍ଷେତ୍ରରେ, ସମ୍ପତ୍ତି ଉତ୍ତରାଧିକାରୀ ସୂତ୍ରେ ପାଇବା କଥାରେ, ପୌର ଓ ଜାନ-ପଦ ଅନ୍ୟ ସମସ୍ତ ସୁବିଧା ଅସୁବିଧାରେ ନାରୀର ସମାନ ଅଧିକାର ଓ ଦାୟିତ୍ୱ ରହୁ, ଏହା ଆମ୍ଭେମାନେ ଚାହୁଁ । ମାତ୍ର ସୁଯୋଗ ଓ ଅଧିକାର ସଙ୍ଗେ ସଙ୍ଗେ ଯେ ଦାୟିତ୍ୱ ପ୍ରତି କ୍ଷେତ୍ରରେ ମିଶି ରହିଛି, ନାରୀ ଆନ୍ଦୋଳନର ହଟ୍ଟ-ଗୋଳରେ ସେ କଥା ଭୁଲିଲେ ଚଳିବ ନାହିଁ ।

ରୋଷେଇ କରିବାଟା କଣ ବାସ୍ତବିକ ଏପରି ହୀନ କାମ ବା ନାରୀ ସ୍ୱାଧୀନତାର ବିରୋଧୀ ? ସ୍ତ୍ରୀମାନେ ରୋଷେଇ କରନ୍ତି ନିଜ ପାଇଁ, ନିଜ ସ୍ୱାମୀ ଓ ସନ୍ତାନ ପାଇଁ ଏବଂ ଅନ୍ୟ ଆତ୍ମୀୟଙ୍କ ପାଇଁ । ନିଜ ପାଇଁ ରୋଷେଇ ନକଲେ ସେମାନେ ଖାଇବେ କିପରି ? ସ୍ୱାଧୀନତା ପାଇଁ ଏଣିକି ଖାଦ୍ୟ ଅସିଝା ଖିଆ ଯିବ, ଏପରି କଥା ଆମ୍ଭେମାନେ ଅଦ୍ୟାପି ଶୁଣିନାହୁଁ । ନିଜ ବ୍ୟତୀତ ନିଜର ସ୍ୱାମୀ ଓ ସନ୍ତାନଙ୍କୁ ଖୁଆଇବା ମଧ୍ୟ ନାରୀର ପ୍ରଧାନ କର୍ତ୍ତବ୍ୟ । ନାରୀ ଯଦି ସେତିକି ନକରେ, ତାହାହେଲେ ପୁରୁଷ ମଧ୍ୟ କାହିଁକି ନାରୀ ଓ ନିଜ ସନ୍ତାନମାନଙ୍କ ପାଇଁ ମୁଣ୍ଡଖାଲ ତୁଣ୍ଡରେ ମାରି ପରିଶ୍ରମ କରିବ ? ଆମ୍ଭମାନଙ୍କ ମତରେ ପରିଶ୍ରମ କରିବାକୁ ପଡ଼ିବାଟା ସ୍ୱାଧୀନତାର ବିରୋଧୀ ନୁହେଁ । ବରଂ ଶ୍ରମାର୍ଜିତ ଆନନ୍ଦ ଫଳରେ ମନରେ ସ୍ୱାଧୀନ ଭାବ ବେଶୀ ଆସେ । ମନେକରାଯାଉ, ନାରୀ ଘରକାମ କିଛି କରିବେ ନାହିଁ । ସ୍ୱାମୀ ଉପାର୍ଜନ କରି ଚାକର, ପୂଜାରୀ ଖଞ୍ଜାଇ ଦେବେ ଏବଂ ରୋଷେଇଟା ଯଦି ହୀନ କାମ ହୁଏ, ତାହାହେଲେ ଘରର ଅନ୍ୟସବୁ କାମ ମଧ୍ୟ କାଳକ୍ରମେ ହୀନ କାମ ବୋଲି ପରିଗଣିତ ହେବ ଏବଂ ଫଳରେ ସ୍ୱାମୀ ନିଜେ ସେତିକି କରିବେ କିମ୍ବା ସମ୍ବଳ ଥିଲେ ସେଥିପାଇଁ ଅଧିକା ଚାକର ରଖିବେ । ସେଭଳି ଅବସ୍ଥାରେ ସ୍ତ୍ରୀ କଣ ଯଥାର୍ଥ ସ୍ୱାଧୀନ ହେବେ ? ଆମ୍ଭମାନଙ୍କ ମତରେ ସେତେବେଳେ ନାରୀର ଅଧୀନ-ତାର ମାତ୍ରା ପୂର୍ଣ୍ଣ ହେବ, କାରଣ ପରର ଗଳଗ୍ରହରୂପେ ତାଙ୍କ ଜୀବନ ଆନନ୍ଦହୀନ ହୋଇଯିବ । ଏ କଥାର ଅର୍ଥ ନୁହେଁ ଯେ, ସବୁ ନାରୀ ସବୁବେଳେ ରୋଷେଇ-ଶାଳରେ ପଶିଥିବେ । ମାତ୍ର ଏ ଦେଶର ଦାରିଦ୍ର୍ୟ ଦୃଷ୍ଟିରୁ ଅଧିକାଂଶ ନାରୀଙ୍କୁ ଯେ

Digitized by srujanika@gmail.com

ଘର କାମର ଭାର ନେବାକୁ ହେବ, ଏଥିରେ ସନ୍ଦେହ ନାହିଁ । ଅବଶ୍ୟ ଯେଉଁମାନେ ଅବିବାହିତ ରହି ବା ବିବାହିତା ହୋଇ ସ୍ୱାଧୀନ ଉପାର୍ଜ୍ଜନ ବା ସତ୍କର୍ମର ପଥ ଅବଲମ୍ବନ କରିବେ, ସେମାନଙ୍କ କଥା ସ୍ୱତନ୍ତ୍ର । କିନ୍ତୁ ସେମାନଙ୍କୁ ମଧ୍ୟ ଯେ ଅତି କଠିନ ପରିଶ୍ରମ କରିବାକୁ ହୁଏ, ତାହା ଅନେକେ ଜାଣନ୍ତି ନାହିଁ । ଆଜିଯାଏ ଉଚ୍ଚ-ଶିକ୍ଷିତା ନାରୀମାନେ ଶିକ୍ଷା ବିଭାଗ ଓ ଡାକ୍ତରୀ ବିଭାଗରେ ବେଶୀ ଭାଗ କାମ କରୁ-ଅଛନ୍ତି । ସେମାନେ ସ୍ୱାଧୀନ ବୋଲି ସମସ୍ତଙ୍କୁ ଜଣା, ମାତ୍ର ସେମାନଙ୍କୁ ଠିକ୍ ପୁରୁଷ-ମାନଙ୍କପରି ଖଟିବାକୁ ହୁଏ ଏବଂ ଠିକ୍ ପୁରୁଷଙ୍କପରି ବହି ଜୀବନର ଘାତ ପ୍ରତିଘାତ ସହିବାକୁ ହୁଏ । ଭବିଷ୍ୟତରେ ଏଭଳି ଶିକ୍ଷିତ ମହିଳାଙ୍କ ସଂଖ୍ୟା ଆହୁରି ଅଧିକ ହେଲେ ସେମାନଙ୍କୁ ଅନ୍ୟ କ୍ଷେତ୍ରରେ କାମ ନେବାକୁ ହେବ ଏବଂ ସେଥିରେ ବେଶୀ ଖଟଣି ପଡ଼ିବ । ଖଟିବାକୁ ପଡ଼େ ବୋଲି ଏଭଳି ଶିକ୍ଷିତା ନାରୀମାନେ ସ୍ୱାଧୀନତା କମ୍ ଅନୁଭବ କରନ୍ତି ନାହିଁ ।

ନିଜପାଇଁ, ନିଜ ସ୍ତ୍ରୀ ଓ ସନ୍ତାନପାଇଁ ଅତ୍ୟାବଶ୍ୟକ ଓ ଭୋଗ୍ୟ ବସ୍ତୁ ଆହରଣ କରିବା ନିମନ୍ତେ ପୁରୁଷକୁ କିପରି ଖଟିବାକୁ ହୁଏ ଏବଂ କି ଜଞ୍ଜାଳ ସହିବାକୁ ହୁଏ, ତାହା ଅନେକ ନାରୀ ଧାରଣା କରି ପାରନ୍ତିନାହିଁ । ସେମାନେ ମନେ କରନ୍ତି ଯେ କଚେରୀକୁ ଯିବାମାନେ ଫୁର୍ତ୍ତି କରିବାକୁ ଯିବା ବୋଧହୁଏ । ଯେ ପୁରୁଷ ଦୋକାନୀ ବ୍ୟବସାୟୀ, ଗୁଳିଆ, ଚଷା, ଯେ କି ପରିଶ୍ରମ କରେ, ତାହା ଦେଖି ମୁଁ ଅନେକ ନାରୀ ତାର ସ୍ୱାଧୀନତାକୁ ଈର୍ଷା କରନ୍ତି ଏବଂ ସେଭଳି ସ୍ୱାଧୀନତାକୁ ପାଇବାକୁ ଇଚ୍ଛା କରନ୍ତି । ଖୁବ୍ ଭଲ କଥା, ମାତ୍ର, ସେ ସ୍ୱାଧୀନତା ପାଇବାକୁ ହେଲେ ତଦ୍ ବିନିମୟରେ ଠିକ୍ ସେହିଭଳି ଶ୍ରମ କରିବାକୁ ପ୍ରସ୍ତୁତ ହେବାକୁ ହେବ । ରୋଷେଇ ମୁଠିକ ମଧ୍ୟ କରିବୁ ନାହିଁ କହିଲେ ଚଳିବ କିଆଁ ? ଏହି ରୋଷେଇ ସମ୍ପର୍କରେ କହିରଖିବାକୁ ହେବ ଯେ ଶିକ୍ଷିତା ସ୍ୱାଧୀନା ନାରୀ ମାନେ ମଧ୍ୟ ରୋଷେଇ କରି ବନ୍ଧୁବାନ୍ଧବ, ସ୍ୱାମୀ ସନ୍ତାନ ପ୍ରଭୃତିଙ୍କୁ ଖୁଆଇବାରେ ଆନନ୍ଦ ପାଆନ୍ତି । ଅନେକ କ୍ଷେତ୍ରରେ ଘରର ଦୈନନ୍ଦିନ ରୋଷେଇ ମଧ୍ୟ ଚଳାନ୍ତି ।

ଘରର ଅନ୍ଧାର କୋଣ କଥା ଆଜିକାଲି ବେଶୀ ଶୁଣାଯାଏ । ଅସ୍ମ-ମାନଙ୍କର ଗୃହଲକ୍ଷ୍ମୀମାନେ ଦେଖିନାହାନ୍ତି, ସେମାନଙ୍କ ସ୍ୱାମୀମାନେ ଯେ କଚେରୀ କୋଣରେ, ଦୋକାନ କୋଣରେ, ଛାପାଖାନା କୋଣରେ, ପରଘର କୋଣରେ ବସି କାମ କରନ୍ତି, ତାହା କମ୍ ଅନ୍ଧାର ନୁହେଁ । ଯେଉଁ ଶାଶୁନଣନ୍ଦ ଗଞ୍ଜଣାକଥା ଆଜିକାଲି ବେଶୀ ଶୁଣାଯାଏ, ତାହା ନିକଟରେ—

"ବଡ଼ ସାହେବଙ୍କ ଊମା ନାଲି ଆଖି
ସାନ ସାହେବଙ୍କ ଗାଳି

Digitized by srujanika@gmail.com

ବଡବାବୁଙ୍କର ଫାଇଲ୍ ଫୋପଡ଼ା
ମନେ ପଡ଼ିଯାଏ ଖାଲି''

କମ୍ ଯନ୍ତ୍ରଣା ଦାୟକ ନୁହେଁ । ଖାଲି ନିଜ ପେଟ ଓ ଆତ୍ମୀୟସ୍ୱଜନଙ୍କ ପେଟ ପାଇଁ ପୁରୁଷଙ୍କୁ ଯେଉଁ ଅବମାନନା ଓ ଲାଞ୍ଛନା ନିଜର ପ୍ରଭୁ ନିକଟରୁ ନିତ୍ୟ ମିଳେ, ତାହା ପୁରୁଷମାନେ ଜାଣନ୍ତି ଓ ତାହାର ଆଭାସ ସ୍ୱାଧୀନା ଓ ଶିକ୍ଷିତାନାରୀ-ମାନେ ନିଜ କର୍ମକ୍ଷେତ୍ରରେ ଟିକିଏ ଟିକିଏ ପାଆନ୍ତି ନିଶ୍ଚୟ । ପୁରୁଷଙ୍କ ମନର ଜୋର ଆଉ ଟିକିଏ କମ୍ ହୋଇଥିଲେ ଯେ ସବୁ ଅବମାନନା ଫଳରେ ଦେଶରେ କୂଅକୁ ଡ଼େଇଁ ପଡ଼ିବା, କନିଅର ମଞ୍ଜି ଖାଇବା ଓ ରେଳରେ ଦଉଡ଼ି ଦେବାର ସଂଖ୍ୟା ଯେ କେତେ ବେଶୀ ବଢିଯାଆନ୍ତା, ତାହା ଭାବିଲେ ଦେହ ଶୀତେଇ ଉଠେ ।

ପଲ୍ଲୀର ନାରୀମାନେ ଅକ୍ଷର ପାଠ ପଢ଼ନ୍ତୁ, ଯେଉଁ ଶାଶୁ ନଣନ୍ଦ ପ୍ରଭୃତି ନାରୀଙ୍କ ଦୌରାତ୍ମ୍ୟରୁ ବହି ଖଣ୍ଡିଏ ପଢ଼ି ପାରନ୍ତି ନାହିଁ ବୋଲି ଆପତ୍ତି ଶୁଣାଯାଏ, ସେମାନଙ୍କୁ ବୁଝେଇ ସୁଝେଇ ଦ୍ୱିପଦ ଭାଗବତ ଶୁଣେଇ ଖୁସି କରନ୍ତୁ ଓ ସେମାନଙ୍କ ସାହାଯ୍ୟରେ ବହିପତ୍ର କିଣେଇ ଆଣି ବହିର୍ଜଗତ ସହିତ ସମ୍ପର୍କ ରଖନ୍ତୁ । ସ୍ୱାମୀଙ୍କ ଅବସ୍ଥା ଭଲ ଥିଲେ ତାଙ୍କ ସହିତ ଯାଇ ନାନା ସ୍ଥାନ ଭ୍ରମଣ କରନ୍ତୁ । ଦଶଜଣଙ୍କ ସହିତ ମିଶନ୍ତୁ, ପ୍ରତି ଗ୍ରାମରେ ନାରୀ ମଙ୍ଗଳ ସମିତି ଗଠନ କରି ତାର ବୈଠକରେ ନାନା ବିଷୟରେ ଆଲୋଚନା କରନ୍ତୁ । ଗଠନମୂଳକ ସେ ସବୁ କାମ ନ କରି ଖାଲି ପୁରୁଷ ଜାତିଟାକୁ ଗାଳି ଦେଲେ କିଛି ଲାଭ ହେବନାହିଁ, ବୃଥା ବାଦବିବାଦ ବଢିବ ମାତ୍ର ।

ପଲ୍ଲୀମଙ୍ଗଳ

ଜାନୁୟାରୀ-୧୯୩୬

ସମ୍ପାଦକଙ୍କ ନୋଟ

ପ୍ରାୟ ଦୁଇବର୍ଷ ବନ୍ଦ ରହିବା ପରେ 'ପଲ୍ଲୀମଙ୍ଗଳ' ବାହାର କରିବାର ଚେଷ୍ଟା ପୁଣି ହେଉଛି । ଏକଥା ଶୁଣି ଜଣେ ଅନ୍ତରଙ୍ଗ ବନ୍ଧୁ କହିଲେ, 'ତୁମ-ଭଳି ନିର୍ଲଜ୍ଜ ଦୁନିଆଁରେ ନାହିଁ ।' ଶୁଖିଲା ନଈରେ ନାଆ ପେଲିବାର ଚେଷ୍ଟା ନିର୍ଲଜ୍ଜତା ଛଡ଼ା ଆଉ କିଛି ନୁହେଁ, କିନ୍ତୁ 'ଯତ୍ନେ କୃତେ ଯଦି ନ ସିଧ୍ୟତି କୋଽତ୍ର

Digitized by srujanika@gmail.com

ତୋଷଃ ?' ଅନ୍ତରର ଅବହେଳା ପାଇଁ ପାଠକ ନିକଟରେ କୈଫିୟତ ଦେଇ କି ଲାଭ ହେବ ଜାଣେନାହିଁ । ତେବେ କୈଫିୟତ ନଦେଲେ ଯେ ପାଠକ ଭାବିବେ, ସମ୍ପାଦକଙ୍କ ଉତ୍ସାହ ବରଡ଼ାପତର ନିଆଁ ଭଳି ଲିଭି ଯାଇଛି, ଏହା ସ୍ୱାଭାବିକ । ତେଣୁ ମୂଳରୁ କହିରଖେ ଯେ, କେବଳ ଟଙ୍କା ଅଭାବରୁ 'ପଲ୍ଲୀମଙ୍ଗଳ'ର ଏହି ଦୀନଦଶା----ସମ୍ପାଦକର ଉତ୍ସାହ ଅଭାବରୁ ନୁହେଁ । ଉତ୍ସାହ ପଦାର୍ଥଟା ସାଧାରଣଙ୍କ ଅପେକ୍ଷା ଟିକିଏ ବେଶୀ ଥିବାରୁ ଏବଂ ହାତରେ ଧନ ନଥାଇ ପୁଅ ବାହା ଭଳିଆର ମନ ମଧ୍ୟ ମଝିରେ ମଝିରେ ମାଦା ଗ୍ରୁଡ଼ିଯିବାରୁ ସମ୍ପାଦକ ବିଚାରାକୁ ନାନା କ୍ଷେତ୍ରରେ ହଇରାଣ ହେବାକୁ ପଡ଼ୁଛି । କିନ୍ତୁ ସ୍ୱଭାବ ତ ମଲେ ମଧ୍ୟ ଯାଏନାହିଁ, ତେଣୁ ହାତରେ ଗୋଟିକେତେ ଟଙ୍କା ପଡ଼ିବାରୁ ପୁଣି ଉଆଁ ମାରି ପାଠକ ସମାଜ ଆଗରେ ଛିଡ଼ା ହେବାର ନିର୍ଲଜ୍ଜତା ସମ୍ପାଦକର ହୋଇଛି । ଏ ଧନ ସ୍ୱଳ୍ପ କାଳ ସ୍ଥାୟୀ ହେବ, ପୁଣି ହୁଏତ 'ପଲ୍ଲୀମଙ୍ଗଳ' ଜମିର ଫୁଲରେ ପରିଣତ ହେବ । ତାହା ଯେପରି ନହୁଏ, ସେ ଚେଷ୍ଟା ସମ୍ପାଦକ କରିବ—ଫଳ ଭଗବାନଙ୍କ ହାତରେ । ଆଉ ତାହା ଯଦି ହୁଏ, ପାଠକ ଅବଧାନ, ସାଦରେ ନମସ୍କାର— ଭଗବାନ ତୁମର ମଙ୍ଗଳ କରନ୍ତୁ, ତାଙ୍କର କରୁଣା ତୁମ ଜୀବନର କଣ୍ଟକ ଶଯ୍ୟାକୁ କୁସୁମ-ଶଯ୍ୟାରେ ପରିଣତ କରୁ । ଏହି କ୍ଷୁଦ୍ର ପୃଥିବୀର ପୁଣି କେଉଁ କୋଣରେ ହୁଏତ ଅନ୍ୟ ରୂପରେ ଦେଖା ହେବ ।

ଦୁଇ ବର୍ଷର କେତେ କେତେ ଘଟଣା ଘଟିଯାଇଛି, ତାହାର କଳନା କରିବ କିଏ ? ଆଖି ସାମନାର ସବୁଠୁ ବଡ଼ ଘଟଣା, ଓଡ଼ିଶା ପ୍ରଦେଶ ଅଲଗା ହେବାର ଆଉ ମାସ ଦୁଇଟାରେ ସବୁ ଆୟୋଜନ ସାଙ୍ଗ ହେବ—ଏପ୍ରିଲ ପହିଲା ଦିନ ଓଡ଼ିଶା ପ୍ରଦେଶର ଘରଆଡ଼େ ଶୁଭଶଙ୍ଖ ଘଣ୍ଟା ବାଜିଉଠିବ, ଘରେ ଘରେ ଉତ୍କଳମାତାର ବନ୍ଦାପନା ହେବ । ପଣ୍ଡିତେ କହିଛନ୍ତି, କୃତୀ ଲୋକଙ୍କ ତାଲିକାରେ ଯଦି ପୁଅର ନାଁରେ ଚଢ଼ି ନ ପଡ଼ିଲା, ସେ ପୁଅକୁ ପେଟରେ ଧରିଥିବା ମା'ଟା ବନ୍ଧ୍ୟା ନୁହେ ତ ଆଉ କଣ ? ଜନନୀର ଏହି ବନ୍ଧ୍ୟାତ୍ୱ ଏଥର ଦୂର ହେବ, ଦଶଟା ଜାତି ଭିତରେ ଓଡ଼ିଆ ଜାତିର ନାଁ ପଡ଼ିବ । କଥାଟା ଶୁଣିବାକୁ ଯେମିତି ବଡ଼, କାମଟାର ମହତ୍ତ୍ୱ ମଧ୍ୟ ସେତିକି ବେଶୀ । କଥାଟା ଶୁଣି ଆମ ଗାଁ ଚେମେଇ ମହାପାତ୍ର କି ଅଗାଧୁ ମିଶ୍ରେ କହିବେ, ବାବୁ ହେ, ବେଲ ପାଚିଲେ କୁଆର କି ଲାଭ ? କଟକରେ ନୂଆ ଲାଟ ସାହେବ ରହିବେ, ବଡ଼ବଡ଼ିଆ ହାକିମଙ୍କ ଅଫିସ ହେବ, ତୁମେ ସବୁ ଧୋବଧାଉଳିଆ ଗୋଟାକେତେ ବକଶି ବେଶୀ ପାଇବ କି ଗୋଟା । କେତେ ଲୋକ ବେଶୀ ଖାଇବ । ଏଥିରେ ଆମର ମଳମୁଣ୍ଡି ଆହର କଣ ଯାଏ ? ଜମିଦାର ଦଶ ଆଇନରେ ନାଲିସ କଲେ କଟକ ଓଟର ଯେମିତି କି ସେମିତି ପଡ଼ିବ—ସେତେବେଳେ ହୁଏତ ଲାଟ ସାହେବଙ୍କ ଦୁଆର ମୁହଁର ଢ଼ିବିଢ଼ିବି ବାଜା ଦଣ୍ଡେ ଶୁଣି

Digitized by srujanika@gmail.com

ଆସିବା କମ୍ପାନୀ ପଲଟନଙ୍କ ଦମକ ଟିକିଏ ଦେଖି ଆସିବା । ତେମେଇ ବା ଅଗାଧୁଙ୍କ ଏଭଳି କଥା କିନ୍ତୁ ଆମମନକୁ ପାଉନାହିଁ । ହଁ, ସେମାନେ ପୁରୁଣା ଲୋକ, ପୁରୁଣାକାଳର କଥା ଅଙ୍ଗେ ନିଭେଇଲେଣି—ତାଙ୍କ ପାଖରେ ଆମେ ଟୋକା ଟାକରା ତ ଟୁପୋଡ଼ି, କିନ୍ତୁ ପାଠର ତ ଗୋଟାଏ ମୂଲ୍ୟ ଅଛି ? ସେହି ପାଠ ବଳରେ ଆମକୁ ସଫା ମାଲୁମ ହେଉଛି ଯେ, ଗୋଟାଏ ସ୍ୱତନ୍ତ୍ର ଶାସନ ବ୍ୟବସ୍ଥା ଅଶ୍ୱଡିମ୍ବ ନୁହେଁ—ତାହା ହୋଇଥିଲେ ଯେଉଁସବୁ ପ୍ରଦେଶ ଗତ ଦେଢ଼ଶ ବର୍ଷର ବ୍ରିଟିଶ ଶାସନରେ ଆମର ବହୁ ଆଗରୁ ଅଲଗା ଶାସନ ହୋଇ ଅଛନ୍ତି, ସେମାନେ ଆମଠାରୁ ଏତେ ଆଗେଇ ଗଲେ କେମିତି ?

କଥାଟାକୁ ଅଗାଧୁ ଆଉ ତେମେଇ ଭଲ କରି ବୁଝି ନାହାନ୍ତି । ଏହି ଯେ ଲାଟ ସାହେବ, ଦୁଇଜଣ କି ତିନିଜଣ ଆମଗ୍ରାମମାନଙ୍କ ଦ୍ୱାରା ନିର୍ବାଚିତ ଲୋକ-ପ୍ରତିନିଧି, ମନ୍ତ୍ରୀ ଆଉ ଆମର ମୁଖିଆ ମୁଖିଆ ଲୋକଙ୍କୁ ନେଇ ଗଠିତ ପ୍ରାଦେଶିକ ବିଧାନ ସଭା ଆମପାଇଁ ଅଲଗା ହୋଇ ରହିବେ, ଏମାନେ କଣ କାଠଯୋଡ଼ି ମହାନଦୀ ହାଉଆ ଖାଇବା ପାଇଁ କି ବରୁଣେଇ ପାହାଡ଼ ଉପରେ ବସି ତାରା ଗଣିବାପାଇଁ ସର୍ଜନା ହୋଇଛନ୍ତି ? "ନାହିଁ ହେ, ଅଗାଧୁ ନାହିଁ । ଏମାନେ ଖାଲି ଯେ ପାଠୁଆ ଲୋକ ତାହା ନୁହେଁ—ଏମାନଙ୍କ ଭିତରୁ ଅନେକେ ମଧ୍ୟ ଠିକ୍ ତୁମଭଳି ପୁରୁଣା ହେବେ । ଆଉ ସରକାରଙ୍କ ନିୟମ ଅନୁସାରେ ଏମାନେ ସବୁବେଳେ କାମ କରିବେ । କି କାମ ? ଯାହାଙ୍କ ଜିମାରେ ପାଠ ଶାଠ ବିଭାଗ ରହିବ, ସେ ଦେଖିବେ, ଓଡ଼ିଶାରେ ଗାଁ ଗାଁରେ ପାଠୁଆ ଲୋକଙ୍କ ସଂଖ୍ୟା କିପରି ବଢ଼ିବ—ଲୋକେ କିପରି ବେଶୀ ପାଠ ଆଉ ଭଲ ପାଠ ପଢ଼ିବେ । ଯାହାଙ୍କ ଜିମାରେ କୃଷିବାସ ରହିବ, ସେ ଦେଖିବେ, ଯେଉଁ ଜମିରେ କୁଶ କଅଁଳୁ ନାହିଁ, ସେ ଜମିରେ ଚଣା ଫଳିବ କିପରି ? ଯେଉଁ ଗାଈଟାର ତେରରୁ ଦୁଧ ମାସ ଦିଇଟାରେ ଶୁଖିଯାଏ, ସେ ବର୍ଷକଯାକ ନଉତି ନଉତି ଦୁଧ ଦେବ କିପରି ? ଯାହାଙ୍କ ଜିମାରେ ଧୋଇ ମରୁଡ଼ି ବିଭାଗ ରହିବ, ସେ ଦେଖିବେ, ଆମ ଫସଲ ଧୋଇ ନଯିବ କିପରି । ମରୁଡ଼ି ବେଳେ କିପରି ଝାଙ୍ଗର ଭୂଇଁରେ ପାଣିର ସୁଅ ଚାଲିବ । ଏମିତି ଏମିତି ନାନା କଥା ନାନା କାମ ହେବ । ପଇସାବାଲାଏ ପଇସା ଦେବେ, ବୁଦ୍ଧିଆ ଲୋକେ ବୁଦ୍ଧି ଦେବେ, ଆଉ ତମ ଆମ ଭଳି

Digitized by srujanika@gmail.com

ଲୋକେ ଗଡର ଖଟେଇ କାମ କରିବେ । ପର ପଇସାରେ ଆପଣା ବୁଦ୍ଧି ଯୋଖି ଦେଇ ମନ ନେଇ କାମ କରି ଦୁନିଆଁରେ ସମସ୍ତେ ପାଗଳପ୍ରାୟ ହୋଇଛନ୍ତି— ଆଉ ଆମେ ? ତାଙ୍କ ପାଳି ଆଗେ ପଡ଼ିଥିଲା—ଏଥର ଆମର ପାଳି । ଆଉ ମାସ କେଇଟାରେ ଆମର ପାଳି ପଡ଼ିବ ।

ଏ କଥା ଅବଶ୍ୟ ସତ ଯେ, ଆମ ଭାଗ୍ୟ ଡୋରୀ ବହୁ ପରିମାଣରେ ଆମ ହାତରେ । ଆମ ନୂଆ ସରକାର ଆମ ପାଇଁ ସବୁ ରକମର ବ୍ୟବସ୍ଥା କରିବେ । କିନ୍ତୁ କେଉଁଠି ତ ଆଉ ଆମ ବାଲ ମୁଣ୍ଡରେ ଆସି ଲଙ୍ଗଳକଣ୍ଟୀ ଧରିବ ନାହିଁ, କି ଆମ ଆଖିକଆରକ ପୁଷ୍କରିଣୀ ପାଣି ମଡ଼େଇ ଦବ ନାହିଁ ? ସେ ସବୁ କାମ ଆମେ ଯେମିତି କରୁଥାଉଁ ଖାଲି ଯେ ସେମିତି କରିବା ତାହା ନୁହେଁ—ଆମ ସରକାର, ଆମ ମନ୍ତ୍ରୀ ଆମକୁ ଯେଉଁ ବାଟ ବତେଇବେ, ସେ ବାଟରେ ଚାଲିବା, ନୂଆ ନୂଆ ବ୍ୟବସ୍ଥାର ସୁବିଧା ନବା । ତୁମ ଗାଁରେ ସ୍କୁଲଟିଏ ହେଲା- ତୁମ ପୁଅଟିକି ତୁମେ ପାଠ ପଢ଼ିବାକୁ ନ ପଠେଇ ଠେଙ୍ଗା ଜଗିବାକୁ ପଠେଇ ଦେଲ, ସ୍କୁଲ ହୋଇ କି ଲାଭ ? ଏମିତି ଏମିତି ସବୁକଥାରେ ସରକାରୀ ବ୍ୟବସ୍ଥାର ସାହାଯ୍ୟ ନେବାକୁ ତତ୍ପର ହେଲେ ଯାଇ ଆମର ଉନ୍ନତି—ନୋହିଲେ ନାହିଁ । ଆମ ପାଳି ପଡ଼ିଲା ବେଳକୁ ଆମେ ଅଣ୍ଟା ଭିଡ଼ି ଆଗେଇ ଥିବାଟିକି ? ଅଗାଧୁ, ଚେମେଇ, ଚେମେ ଏ କଥାର ବେଳସୁଁ ଜବାବ ଦିଅ ।"

Digitized by srujanika@gmail.com

॥ ଚତୁର୍ଥ ପରିଚ୍ଛେଦ ॥

ସବୁଜ ସାହିତ୍ୟ ସମ୍ବନ୍ଧରେ ଆଲୋଚନା

ସବୁଜ ସାହିତ୍ୟ ସମିତିର ପ୍ରକାଶନ କାର୍ଯ୍ୟର ମାତ୍ର ଏକ ବର୍ଷ ପୂର୍ଣ୍ଣ ହେବା ପୂର୍ବରୁ ନାନା ଆଡ଼ୁ ବହୁ ପ୍ରଶଂସା ଓ ଉତ୍ସାହ ବାଣୀ ସମିତି ପାଇଥିଲେ । ଦୈନିକ 'ଆଶା' ୧୯୩୩ ସାଲରେ ଲେଖିଥିଲେ:—"ସବୁଜ ସାହିତ୍ୟ ସମିତି ଅତି ଅଳ୍ପ ସମୟ ମଧ୍ୟରେ ଅନେକ ଗୁଡ଼ିଏ ସୁଖପାଠ୍ୟ ଉପନ୍ୟାସ, ଗଳ୍ପ, କବିତା ପୁସ୍ତକ ପ୍ରକାଶ କଲେଣି । ସବୁଜ ସାହିତ୍ୟ ସମିତିର ଏ କାର୍ଯ୍ୟରେ ଆମ୍ଭେମାନେ ବିଶେଷ ଆନନ୍ଦିତ ଓ ପରିଚାଳକଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଛୁ ।"

ଉକ୍ତ ବର୍ଷ ବ୍ରହ୍ମପୁରରୁ ପ୍ରକାଶିତ ସାପ୍ତାହିକ ସାହିତ୍ୟ ପତ୍ର 'ନବୀନ' ମଧ୍ୟ ଲେଖିଥିଲେ: —"ସବୁଜ ସାହିତ୍ୟ ସମିତି ଆଜି ଉତ୍କଳ ସାହିତ୍ୟକୁ ଯଥେଷ୍ଟ ଦାନ କରିଅଛି । ନିରାଶା ଭିତରେ ସମିତି ଯେଉଁ ଆଶା ଓ ଆଲୋକ ଧାରଣ କରି ସାହିତ୍ୟର ସେବାରେ, ପୁଷ୍ଟି ସାଧନରେ ବ୍ରତୀ ହୋଇ ଅଛନ୍ତି, ସେଥି ନିମିତ୍ତ ଜାତି ସମିତି ନିକଟରେ ଚିରଋଣୀ ଓ କୃତଜ୍ଞ ।"

ପ୍ରଶଂସା ସହିତ ସ୍ୱାଭାବିକ ଭାବରେ ସମିତିର କାର୍ଯ୍ୟ ଓ ପ୍ରକାଶନମାନଙ୍କର ଭାଷା ଓ ବିଷୟବସ୍ତୁ ସମ୍ବନ୍ଧରେ କେତେକ ପ୍ରତିକୂଳ ସମାଲୋଚନା ମଧ୍ୟ ହୋଇଥିଲା ।

ଏଭଳି ସମାଲୋଚନାର ଉତ୍ତର ଦେବାକୁ ଯାଇ ଏପ୍ରିଲ ୧୯୩୫ ସାଲରେ 'ଯୁଗବାଣୀ'ର ପ୍ରଥମ ଭାଗ ଚତୁର୍ଥ ସଂଖ୍ୟାରେ ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ 'ସାହିତ୍ୟରେ ଶୁଚିବାୟୁ' ନାମଦେଇ ନିମ୍ନଲିଖିତ ଭାବେ ଲେଖିଥିଲେ: —

"ଦୁର୍ବଳ, ଅନୁନ୍ନତ ମନ ସର୍ବଦା ଶୁଚିର ଦୁର୍ଭେଦ୍ୟ ଆବରଣ ଟାଣି ଆପଣାକୁ ରକ୍ଷା କରିବାକୁ ପ୍ରବୃତ୍ତ ହୋଇଥାଏ । ବାସ୍ତବ ଜୀବନରେ ସମଗ୍ର ଭାରତକୁ ଦିନେ ଏହି ଶୁଚିବାୟୁ ଏପରି ଗ୍ରାସ କରିଥିଲା ଯେ ଭାରତବାସୀ ସକଳ ପ୍ରକାର ଭେଦ ବୁଦ୍ଧି, ସଙ୍କୋଚ ଓ ସ୍ୱାର୍ଥପରତାକୁ ଆଧ୍ୟାତ୍ମିକ ଜୀବନର ଅପରିହାର୍ଯ୍ୟ ସୋପାନ ବୋଲି ଜ୍ଞାନ କରୁଥିଲେ । ବହୁ ଶତାବ୍ଦୀର ସେହି କଳଙ୍କ ଓ ଲଜ୍ଜାର ପ୍ରାୟଶ୍ଚିତ୍ତ ସ୍ୱରୂପ ଭାରତରେ ଆଜି ସ୍ଥାନେ ସ୍ଥାନେ ଆତ୍ମୋତ୍ସର୍ଗ ବା ପ୍ରାଣପାତ ହେଉଅଛି । ତଥାପି ସେହି ଭୟାବହ ବ୍ୟାଧିର ସଂପୂର୍ଣ୍ଣ ନିରାକରଣ ହୋଇ ପାରୁନାହିଁ, ଆଦ୍ୟାବଧି ବ୍ରାହ୍ମଣ ଆପଣାକୁ ସୃଷ୍ଟିର ବରପୁତ୍ର ଜ୍ଞାନ କରି ପଞ୍ଚମାର ନମଃଶୂଦ୍ରର

Digitized by srujanika@gmail.com

ଘାତାସୃତ ପଥରେ ଜଳସେଚନ କରି ଆପଣାର ପବିତ୍ରତା ରକ୍ଷା କରୁଅଛୁ । କିନ୍ତୁ ପ୍ରାକୃତିକ ଜଗତର ଆଇନ କାନୁନ ଅତ୍ୟନ୍ତ ନିଷ୍ଠୁର ଓ ଅଦ୍ଭୁତ ଭାବରେ ସ୍ୱାଧୀନ-ପନ୍ଥୀ । ମୂର୍ଖତାର ସକଳ ପ୍ରକାର ଔଦ୍ଧତ୍ୟଙ୍କୁ ଲଙ୍ଘନ କରି ପ୍ରତି ମୁହୂର୍ତ୍ତରେ ପ୍ରାକୃତିକ ନିୟମ ଆପଣାର କାର୍ଯ୍ୟପନ୍ଥା ଅନୁସରଣ କରି ଯାଏ । କଥିତ ଦୂରଦୃଷ୍ଟି-ସମ୍ପନ୍ନ ବ୍ୟକ୍ତି ମାନଙ୍କେ ଜୀବ-ଜଗତର ପ୍ରାକୃତିକ ନିର୍ବାଚନ (Nutural Selection)ର ଅଦ୍ଭୁତ କ୍ରିୟା ଉପଲବ୍ଧି କରିଥିବେ । ଏହି ପ୍ରାକୃତିକ ନିୟମର କାର୍ଯ୍ୟ କାମରେ କୌଣସି ବ୍ୟାଧିଗ୍ରସ୍ତ ରକ୍ଷଣଶୀଳ ଜୀବନର ସ୍ଥାନ ନାହିଁ । ଜୀବକୁ ପ୍ରତି ନିୟତ ଜ୍ଞାତସାରରେ ହେଉ ବା ଅତର୍କିତ ଭାବରେ ହେଉ, ସୃଷ୍ଟିର ଅଗ୍ରଗତିକୁ ଗ୍ରହଣ କରି ସମତାଳଲୟରେ ଅଗ୍ରଗାମୀ ହେବାକୁ ହେବ । ସଙ୍କୋଚ, ଦ୍ୱିଧା ବା ଦ୍ୱନ୍ଦ୍ୱର ସ୍ଥାନ ପ୍ରାକୃତିକ ଜଗତ ଜାଣେ ନାହିଁ । ଜୀବର ଉଦାରତା, ସଂକୀର୍ଣ୍ଣତା ବା ଦୁର୍ବଳତା ଇତ୍ୟସଂମସ୍ତ ପ୍ରକୃତିର ହୃଦୟରେ ତିଳେମାତ୍ର ଦୟା ବା କାରୁଣ୍ୟର ସଞ୍ଚାର କରେ ନାହିଁ । ପ୍ରକୃତି ଚାହେଁ ସୈନିକର ଅଗ୍ରଗତି — ଯେଉଁ ଗତି ଦୁର୍ବଳର ଭ୍ରୂକୁଟି ଓ ଶତ ଶତ୍ରୁର ନିଷ୍ଠୁର ବାଧାକୁ ବିଦ୍ରୂପ କରି ଆତ୍ମପ୍ରତିଷ୍ଠା ପଥରେ ଅପ୍ରତିହତ । ତେଣୁ ଚିନ୍ତାଶୀଳ ବ୍ୟକ୍ତି ସକଳ ବାଧାବିଘ୍ନ ମଧ୍ୟରେ ଛନ୍ଦ ଭଙ୍ଗର ଆୟୋଜନ ନକରି ଶତ୍ରୁର ସମ୍ମୁଖୀନ ହେବାଦ୍ୱାରା ଗୌରବ ଅନୁଭବ କରନ୍ତି । ତେଣୁ ସହସ୍ର ବନ୍ଧନ ଓ ବାଧା ମଧ୍ୟରେ ମୁକ୍ତିର ସ୍ୱାଦ ସେମାନଙ୍କ ଜୀବନରେ ପ୍ରଧାନ ସ୍ପୃହଣୀୟ ସାମଗ୍ରୀ । ବଳହୀନର ରାଜ୍ୟ ଲାଭ କେବଳ ହାସ୍ୟୋଦ୍ଦୀପକ ନୁହେଁ, ସକଳ ଅମଙ୍ଗଳର ମୂଳ ହେତୁ । ପ୍ରକୃତ ଗୌରବ ଲାଭ ଉନ୍ନତଶିର ସୈନିକର, ଅଗ୍ରଗାମୀ ବୀର ପୁରୁଷର । ଶୁଚିବାୟୁ ଗ୍ରସ୍ତ ମାନବ । ଜାତିର ପ୍ରଧାନ ଧର୍ମ ସଙ୍କୋଚ ଓ ଭୀରୁତା । ତେଣୁ ତା ପକ୍ଷରେ କୌଣସି ପ୍ରକାର ଗୌରବ ହାସଲ କରିବା ସମ୍ଭବପର ହୁଏ ନାହିଁ । ସେହି ହେତୁରୁ ବିଶ୍ୱ ମାନବର ଉନ୍ମୂଳ ପ୍ରତିଯୋଗିତାରେ ଭାରତ ଆଜି ପଶ୍ଚାତ୍‌ପଦ ଓ ଲାଞ୍ଛିତ ।

ଉତ୍କଳ ଭାରତର ଗୋଟିଏ ନଗଣ୍ୟ ଅଙ୍ଗ । ପୁଣି ତାହା ଏକ ନିଷ୍କର୍ମା (paralysed) ଅଙ୍ଗ । ସେଥିରେ ଯେ ଏହି ଶୁଚିବ୍ୟାଧିର ମାତ୍ରାଟା କଥଞ୍ଚିତ୍ ବେଶୀ ହେବ, ସେଥିରେ ସନ୍ଦେହର ଅବକାଶ ନାହିଁ । ଏହି ବ୍ୟାଧି ଫଳରେ ଉତ୍କଳର ଚିନ୍ତା ରାଜ୍ୟରେ ଏକ ଉନ୍ମୂଳ ବିପ୍ଳବର ଆଭାସ ଅନେକ ସ୍ଥଳରେ ପରି-ଲକ୍ଷିତ ହେଲଣି । ଏହି ବ୍ୟାଧିର ପ୍ରଥମାବସ୍ଥାରେ ଆମ୍ଭେମାନେ କେତେକ ସାହିତ୍ୟିକ ଓ ଚିନ୍ତାଶୀଳ ବ୍ୟକ୍ତିଙ୍କୁ ଏହି କ୍ଷୁଦ୍ରାଦପି କ୍ଷୁଦ୍ର ଦେଶର ଅତୀତକୁ ନେଇ ଉନ୍ମୂଳ ଅସ୍ଫାଳନ ଓ ଲମ୍ଫଝମ୍ପ କରିବାର ଦେଖୁଥିଲୁ । ବର୍ତ୍ତମାନ ସେଥି ସଙ୍ଗେ ସଙ୍ଗେ ଘୃଣା ଓ ବିଦ୍ୱେଷର ସମ୍ମିଶ୍ରଣ ଉକ୍ତ ବ୍ୟାଧିର ଗୁରୁତ୍ୱ ପ୍ରମାଣ କରୁଅଛି ମାତ୍ର । ଆଧୁନିକ ସମାଲୋଚନା କ୍ଷେତ୍ରରେ ଯେଉଁ ବ୍ୟଙ୍ଗ ବିଦ୍ୱେଷ ପରିସ୍ଫୁଟ ଭାବରେ ପ୍ରକାଶିତ

Digitized by srujanika@gmail.com

ହେଉଅଛି, ତାହାର ମୂଳରେ ଅଛି ଏହି ମାରାତ୍ମକ ବ୍ୟାଧି । ଅତ୍ୟଧିକ ଭକ୍ଷଣଶୀଳତା ଏହାର ସନ୍ଦୀପକ ଓ ପ୍ରଧାନ ସହାୟକ । ତେଣୁ ଅନ୍ତରର ଆସ୍ଫାଳନ ସହିତ ଅନ୍ୟ ସ୍ଥଳରୁ ଗୁଣ ଗ୍ରହଣ କରିବାରେ ଏକାନ୍ତ ଅଯୋଗ୍ୟତା ସହଗତ ଜାତିକୁ ଆତୁର ବିକଳାଙ୍ଗ ଓ ମୃତକଳ୍ପ କରିବା ସ୍ୱାଭାବିକ୍ ।

ବ୍ୟବହାରିକ ଜଗତରେ ଉଲ୍ଲିଖିତ ଶୁଚିବ୍ୟାଧିରୁ ଜାତିକୁ ରକ୍ଷା କରିବାକୁ କେହି କେହି ମହତ୍ପ୍ରାଣ ଅନଶନ ବ୍ରତ ଅବଲମ୍ବନ କରିଅଛନ୍ତି । ମାତ୍ର ଚନ୍ଦ୍ରା-ରାଜ୍ୟରୁ ଏ ବ୍ୟାଧିର ନିରାକରଣ ଲାଗି ଉତ୍କଳର କୌଣସି ଚେଷ୍ଟା ହେଉନାହିଁ । ବରଂ ଭିନ୍ନ ଭିନ୍ନ କ୍ଷେତ୍ରରେ ଏପର୍ଯ୍ୟନ୍ତ ବ୍ୟାଧି ବୃଦ୍ଧିର ସମସ୍ତ ଚେଷ୍ଟା କରାହେଉଛି । ସେଦିନ ଜଣେ ଯୁବକ ବଙ୍ଗ ସାହିତ୍ୟକୁ ସମୂଳେ ବର୍ଜ୍ଜନ କରିବା ଲାଗି ଉପଦେଶ ଦେଇଥିବାର ପତ୍ରିକାରେ ପାଠକଲୁ । କେବଳ ସେ ଜଣେ ନୁହଁନ୍ତି, ସେପରି ଉପଦେଶ ଦେବାକୁ ଏ ଦେଶରେ ବହୁସଂଖ୍ୟକ ଶୁଚିବାୟୁଗ୍ରସ୍ତ ଯୁବକ ଓ ବୃଦ୍ଧ ଅଗ୍ରସର ହେବେ । ପ୍ରାକୃତିକ ଅପନୟନ (elimination) କାର୍ଯ୍ୟ ଆରମ୍ଭ ହେଲା ପୂର୍ବରୁ ସେମାନେ କେବେହେଁ ଏହି ମାରାତ୍ମକ ଜାତୀୟ ବ୍ୟାଧିର ନିରାକରଣ ଲାଗି ଯତ୍ନଶୀଳ ହେବେ ନାହିଁ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ଅପନୟନ କ୍ରିୟା ଆରମ୍ଭହେବା ସତ୍ତ୍ୱେ ଆମ୍ଭମାନଙ୍କର ଚକ୍ଷୁ ଉନ୍ମୀଳିତ ହେଉନାହିଁ । ଭିନ୍ନ ସାହିତ୍ୟ ତ ଦୂରର କଥା । ଯେଉଁ ବଙ୍ଗ ସାହିତ୍ୟ ଲାଗି ବର୍ଜ୍ଜନ ନୀତି ଅବଲମ୍ବନ ହେବ, ଯେଉଁ ବଙ୍ଗ ସାହିତ୍ୟର ଦ୍ୱାରା ଦେଶରେ ଉପସ୍ଥିତ ହେବାର କ୍ଷମତା ଓ ସାହସ ଏପର୍ଯ୍ୟନ୍ତ ଆମ୍ଭେମାନେ ଲାଭ କରିପାରୁନାହୁଁ ।

ଚନ୍ଦ୍ରାଧାର କୌଣସି ଜାତିର ଗନ୍ଧାଘର ସମ୍ପତ୍ତି ନୁହେଁ, ଅଥବା କୌଣସି ଜାତି ତାକୁ ଉଦରସ୍ଥ ବା ମୁଷ୍ଟିଗତ କରି ବନ୍ଦ କରିବା ସମ୍ଭବ ନୁହେଁ । ଆଜି ଯେ ନବନବ ଭାବଧାରା ବିଶ୍ୱପ୍ରାଣ ଆଲୋଡ଼ନ କରୁଅଛି, ସେ କଣ କୌଣସି ଗୋଟିଏ ଗୋଟିଏ ଜାତିର ମୂଳଧନ ? ଚନ୍ଦ୍ରା ବା ଭାବ ଆଲୋକର ମନ୍ଦାକିନୀ ସଦୃଶ ଜାତି-ବର୍ଣ୍ଣ ନିର୍ବିଶେଷରେ ଅବିରାମ ଭାବରେ ସ୍ଫୂର୍ତ୍ତି ହେଉଅଛି । ତାହା ବଙ୍ଗ ସାହିତ୍ୟ ଦେଇ ଆସୁ ବା ଇଂରାଜୀ ସାହିତ୍ୟ ଦେଇ ଆସୁ—ତାହା ଯେ ଆମ୍ଭମାନଙ୍କର ବୁଭୁକ୍ଷୁ ଆତ୍ମାର ଶାନ୍ତି ଲାଗି ଓ ଆମ୍ଭମାନଙ୍କର ଦୈନ୍ୟର ନିରାକରଣ ଲାଗି ଆସୁଅଛି, ସେଥିକି ଆମ୍ଭମାନଙ୍କର ପରମ ଗର୍ବ ଓ ଗୌରବର ବିଷୟ । ଯଦି ସେହି ମହାଭାବ ଧାରା ଆମ୍ଭମାନଙ୍କର ପ୍ରତିବେଶୀ ବଙ୍ଗ ସାହିତ୍ୟ ଭିତର ଦେଇ ଆସେ, ତାହା ଆମ୍ଭମାନଙ୍କର ସୌଭାଗ୍ୟ କହିବାକୁ ହେବ ।

କାରଣ ଦୁର୍ବଳ ଯୋଗରେ ବହୁ ଲାଭର ଆଶା କେବଳ ବଙ୍ଗ ସାହିତ୍ୟରେହିଁ ଆମ୍ଭମାନଙ୍କ ପକ୍ଷରେ ସମ୍ଭବ । ଇଂରାଜୀ ସାହିତ୍ୟ ଉତ୍କଳ ସାହିତ୍ୟର ଯାହା ପୁଷ୍ଟ-

Digitized by srujanika@gmail.com

ପୋଷକତା କରିଅଛି ବା କରୁଅଛି, ତତୋଧିକ କରୁଅଛି ବଙ୍ଗ ସାହିତ୍ୟ । ଏହା ସ୍ପଷ୍ଟ ପ୍ରମାଣିତ ହେବା ପରେ ଯଦି ବଙ୍ଗ ସାହିତ୍ୟକୁ ବର୍ଜନ କରାଯାଏ, ତେବେ ସଭ୍ୟ ଜଗତରେ ଉତ୍କଳ ସାହିତ୍ୟର ପ୍ରତିଦ୍ୱନ୍ଦୀତା ଏକାବେଳକେ ଅସମ୍ଭବ ହୋଇ ଉଠିବ । ପ୍ରତିଦ୍ୱନ୍ଦୀତାରେ ଅକ୍ଷମତା ହିଁ ଆମ୍ଭମାନଙ୍କର ମୃତ୍ୟୁର କାରଣ ।

ଯୁଗ ପରିବର୍ତ୍ତନ ସଙ୍ଗେ ସଙ୍ଗେ ସାହିତ୍ୟରେ ଭାବ ଓ ଭାଷାର ପରିବର୍ତ୍ତନ ଅବଶ୍ୟମ୍ଭାବୀ । ମାନବ ସଭ୍ୟତା କ୍ରୀଡ଼ାରତ ଶିଶୁ ସଦୃଶ ବିଭିନ୍ନ ରଙ୍ଗରେ ରଞ୍ଜିତ ହେଉଅଛି । ଆପଣାର ପୁରାତନ ସୃଷ୍ଟିକୁ ନବନବ ସୃଷ୍ଟି ଲାଗି କେତେ ଭାଙ୍ଗୁଅଛି, କେତେ ଚୂର୍ଣ୍ଣ ବିଚୂର୍ଣ୍ଣ କରୁଅଛି, ସେହି ସୃଷ୍ଟିର ଆନନ୍ଦରେ ଅବଶ୍ୟ ଶୁଚିବାୟୁ ଗ୍ରସ୍ତ ଜାତିର ଅଂଶ ନାହିଁ । ମାତ୍ର ଉନ୍ନତିକାମୀ କୌଣସି ଜାତି ସେହି ଭୟାନକ ବ୍ୟାଧିର ଦାସତ୍ୱ କାହିଁକି ଗ୍ରହଣ କରିବ ? ଯଦି ଶୂନ୍ୟ ଅସ୍ଫାଳନ କରି କେହି ମୃତ୍ୟୁବରଣ କରିବାକୁ ପ୍ରସ୍ତୁତ ହୁଅନ୍ତି, ତେବେ ସେମାନଙ୍କୁ ଆମ୍ଭମାନଙ୍କର କିଛି କହିବାର ନାହିଁ । ତାହା ନହେଲେ ଆମ୍ଭମାନଙ୍କର ବହୁବିଧ ଜାତୀୟ କ୍ଷତି ଉପଲବ୍ଧି କରିବା ସଙ୍ଗେ ସଙ୍ଗେ ଆମ୍ଭେମାନେ ଏହି ଶୁଚିବ୍ୟାଧିର ସମୂଳ ଉତ୍ପାଟନରେ ବ୍ରତୀ ହେବୁ । ଆମ୍ଭମାନଙ୍କୁ ସର୍ବଦା ସ୍ମରଣ ରଖିବାକୁ ହେବ, ସୃଷ୍ଟିର ବୈଚିତ୍ର୍ୟ ସୃଷ୍ଟିର ଚିରନ୍ତନ ଧର୍ମ । ଏହି ଧର୍ମରୁ ବିଚ୍ୟୁତ ବା ପଶ୍ଚାତ-ପଦ ହେଲେ ମଧ୍ୟ ପ୍ରାକୃତିକ ନିୟମ ବା ପ୍ରତିଦ୍ୱନ୍ଦିତା ହସ୍ତରୁ କୌଣସି ଜାତିର ନିଷ୍କୃତି ନାହିଁ । ନିଷ୍ଠୁର ପ୍ରକୃତିର ସଂକୁଚିତ ବା ଦୁର୍ବଳ ଜାତିପ୍ରତି ଏକମାତ୍ର ସମାଧାନ ମୃତ୍ୟୁ । ସୃଷ୍ଟି ଧର୍ମ ପରିପାଳନର ପ୍ରଥମ ଓ ପ୍ରଧାନ ସୋପାନ ଚିନ୍ତା । ଯେ କୌଣସି ଉପାୟରେ ଏହି ଚିନ୍ତାର ପରିପୁଷ୍ଟି ନହେଲେ ସଂଗ୍ରାମ କ୍ଷେତ୍ରରେ ଜାତୀୟ ଜୀବନ ପ୍ରତିଷ୍ଠା କରିବାର ଏକ ଅସମ୍ଭବ ହାସ୍ୟକର ପରିକଳ୍ପନା ।

ବଙ୍ଗ ସାହିତ୍ୟ ଆଜି ଯେପରି ବହୁଶାଖା ସମନ୍ୱିତ ବେଗବତୀ ନଦୀ ଭଳି ବହୁ ଭାବଧାରା ପରିପୁଷ୍ଟ ସେଥିରେ ଆମ୍ଭମାନଙ୍କର ନିଷ୍ଠେଷ୍ଟତା, ଘୃଣା ବା ବିଦ୍ୱେଷ ଆଦୌ ସ୍ପୃହଣୀୟ ନୁହେଁ । ରୋମାଣ୍ଟିକ୍, ନିଓରୋମାଣ୍ଟିକ୍, ମିଷ୍ଟିକ୍, ସିମ୍ବଲିକ୍, ରିୟାଲିଷ୍ଟିକ୍, ସକଳ ପ୍ରକାର ଯୁଗୋଚିତ ସାହିତ୍ୟ ଆମ୍ଭମାନଙ୍କର ଆଦରର ସାମଗ୍ରୀ । ଏଯୁଗର ସାହିତ୍ୟିକ ଚିନ୍ତାଧାରା ଆମ୍ଭମାନଙ୍କର ସଭ୍ୟତା ପ୍ରସୂତ ଓ ଆମ୍ଭମାନଙ୍କର ଗର୍ବର ସାମଗ୍ରୀ, ଉତ୍କଳର ଦୀନ ବୁଭୁକ୍ଷୁ ତରୁଣ ସେହି ଅମୃତକୁ ଆସ୍ୱାଦନ କଲାପରେ କୌଣସି ପ୍ରକାର ଜାତୀୟ ଉନ୍ନତି ସମ୍ଭବ ନୁହେଁ । ତେଣୁ ସକଳ ପାର୍ଥକ୍ୟ ଓ ସଂକୀର୍ଣ୍ଣତା ଭୁଲି ମୁକ୍ତା ଆହରଣରେ ଦଳ ଦଳ ହୋଇ ଲାଗି ପଡ଼ନ୍ତୁ । ଅନ୍ୟଥା ପରିବର୍ତ୍ତନ ବା ସଙ୍କୁଚିତ ହୋଇ ପଛକୁ ହଟି ରହିଲେ ଚଳିବ ନାହିଁ । ଏତିକି ନିବେଦନ ।"

Digitized by srujanika@gmail.com

ତଥାପି ମଝିରେ ମଝିରେ ସବୁଜ ସାହିତ୍ୟର ସମାଲୋଚନା ଏପରି ଅସଂଯତ ଓ ତୀବ୍ର ହେଉଥାଏ ଯେ ନିଜର ସାହିତ୍ୟ ସୃଷ୍ଟି ସମ୍ବନ୍ଧରେ କୌଣସି ଉକ୍ତମ ବାକ୍‌ବିତଣ୍ଡାରେ ପ୍ରବୃତ୍ତ ହେବେ ନାହିଁ ବୋଲି ନିଜ ନିର୍ଦ୍ଧାରିତ ନୀତିରୁ ଓହରିଯିବାକୁ ସବୁଜଗୋଷ୍ଠୀ ବେଳେ ବେଳେ ବାଧ୍ୟ ହେଉଥିଲେ ଏବଂ ତାହାର ଫଳରେ ୧୯୩୩ ମଇ ମାସରେ 'ଯୁଗବାଣୀ' ପ୍ରଥମ ବର୍ଷର ପଞ୍ଚମ ସଂଖ୍ୟାରେ ସମାଲୋଚନା ବିଭାଗରେ ଶ୍ରୀଯୁକ୍ତ ବିନାୟକ ଦାଶଙ୍କର ନିମ୍ନଲିଖିତ ପତ୍ରଟି ପ୍ରକାଶ କରାଯାଇଥିଲା ।

ବିଶଦ ଆଲୋଚନା :—

ଗତବର୍ଷର ନବମ ସଂଖ୍ୟା 'ସହକାର'ରେ ଶ୍ରୀଯୁକ୍ତ ମାୟାଧର ମାନସିଂହ 'ଓଡ଼ିଆ ସାହିତ୍ୟରେ ବଙ୍ଗଭାଷାର ପ୍ରଭାବ' ନେଇ ଯେଉଁ ଧୂଳିଉଡ଼େଇଛି କଥା ଆଲୋଚନା କରିଛନ୍ତି ଏବଂ ତାହା ମୀମାଂସା କରିବା ନିମନ୍ତେ ଶିକ୍ଷିତ ସାଧାରଣଙ୍କୁ ଆମନ୍ତ୍ରଣ କରିଛନ୍ତି, ତାର ପ୍ରତ୍ୟୁତ୍ତର ଲେଖି ମୁଁ 'ସହକାର'କୁ ଠିକ୍ ସମୟରେ ପଠାଇଥିଲି । ମାତ୍ର ଆଜକୁ ଚାରିମାସ ହେଲା ଅପେକ୍ଷା କରି କରି ଶେଷରେ ଆପଣଙ୍କର 'ଯୁଗବାଣୀ'କୁ ପଠାଇଲି । ଆଶାକରେ, ଫେର୍ ଏହା ଅନ୍ୟ କୌଣସି ସମ୍ପାଦକଙ୍କ ଦ୍ୱାରସ୍ଥ ଯେପରି ନହୁଏ ।

ଏହି ବିଷୟ ନେଇ ପ୍ରତ୍ୟେକ ସାହିତ୍ୟ କ୍ଷେତ୍ରରେ ସମସ୍ତ ସମୟରେ କୋଳାହଳ ଶୁଣାଯାଇଥାଏ । ମାତ୍ର ତାହା ସବୁ ବାଦ ପ୍ରତିବାଦରେ ହିଁ ପର୍ଯ୍ୟବସିତ ହୁଏ ସିନା, ପ୍ରକୃତ କ୍ଷେତ୍ରରେ ତାଦ୍ୱାରା କାର୍ଯ୍ୟକାରିତା ଅତି କମ । ଆଜି କେତେକ ମୁଷ୍ଟିମେୟ ସାହିତ୍ୟିକ ଯେଉଁ ବଙ୍ଗଭାଷାର ପ୍ରଭାବରୁ ଓଡ଼ିଆ ସାହିତ୍ୟକୁ ରକ୍ଷା କରିବା ନିମନ୍ତେ ଚେଷ୍ଟା କରୁଛନ୍ତି, ମାତ୍ର 'କହ୍‌ନା କଉ ଗୃହୁଙ୍କ, କର୍‌ନା ବଡ଼ ମୁସ୍କିଲ୍' ନୀତିଟାକୁ ଜାବୁଡ଼ି ଭିଡ଼ି ଧରିଛନ୍ତି, ସେହି ବଙ୍ଗ ଭାରତୀୟଙ୍କ ବରପୁତ୍ର ରବିବାବୁଙ୍କ ସାହିତ୍ୟ ଧାରାକୁ ମଧ୍ୟ ଦିନେ ଦଳେ ଖୁବ୍ ଅକ୍ରୋଶ କରିଥିଲେ । କାରଣ, ତାଙ୍କର ବି ସମସ୍ତ ଲେଖାରେ ପାଶ୍ଚାତ୍ୟ ଶୈଳୀ ଅନିବାର୍ଯ୍ୟ ଭାବରେ ପ୍ରଭାବ ବିସ୍ତାର କରି ଆସୁଛି । ମାତ୍ର ବିଶ୍ୱକବି ସେହି ପ୍ରତିବାଦୀମାନଙ୍କୁ ପ୍ରତ୍ୟୁତ୍ତର ଦେଇଥିଲେ ଯେ— + + + "ବହୁଦିନ ଧରି ପାଶ୍ଚାତ୍ୟଙ୍କ ସଙ୍ଗେ ଆମର ଯେଉଁ ସଂଘର୍ଷ ଘଟିଛି ଓ ଘଟୁଛି, ତାର ଫଳରେ ଆମର ମନୋଭାବ ବଦଳି ଯିବା ସ୍ୱାଭାବିକ । ତେଣୁ ସେହି ରୀତି, ନୀତି ଆମକୁ ଭଲ ଲାଗିବା ସାଧାରଣ କଥା । ଅର୍ଥାତ୍ ଆମର ସାହିତ୍ୟ ମଧ୍ୟ ସେହି ସେହି ନିବନ୍ଧନ ଓ ନିୟମ ସବୁ ନେଇ ଲିଖିତ ହେବା ଅନୁଚିତ ନୁହେଁ । କାରଣ ପାଠକର ରୁଚି ଅନୁଯାୟୀ ଲେଖକ ଲେଖା ଲେଖି କରିବାକୁ ବାଧ୍ୟ ।" ସୁତରାଂ ବଙ୍ଗଳା ପତ୍ର ପତ୍ରିକା ଓ ସାହିତ୍ୟର ଅଧ୍ୟୟନ ଫଳରେ ଉତ୍କଳର ସାହିତ୍ୟିକ ଓ ପାଠକ ବୃନ୍ଦଙ୍କ ମନୋବୃତ୍ତି ବଙ୍ଗଳାକୁ ଅନୁକରଣ କରିବା ସମୀଚୀନ ଓ ସହଜ ସାଧ୍ୟ ଅଟେ ।

Digitized by srujanika@gmail.com

ଦ୍ୱିତୀୟ କଥା – ବ୍ୟକ୍ତିଗତ ଭାବରେ ହେଉ କିମ୍ବା ଜାତିଗତ ଭାବରେ ହେଉ, ଯେ କୌଣସି ଲୋକର ଅପର ଉନ୍ନତ ସାହିତ୍ୟ ଓ ଚିନ୍ତାଧାରାକୁ ଅନୁକରଣ କରିବା ଏକ ସ୍ୱଭାବ ସୁଲଭ ଧର୍ମ । କାରଣ, ଅନ୍ୟର ଯାହା କିଛି ଶ୍ରେଷ୍ଠତ୍ୱ, ତାହା ସମସ୍ତେ ଅନୁଭବ ଓ ଉପଭୋଗ କରିବାର କଥା । ଉଦାହରଣ ସ୍ୱରୂପ କୁହାଯାଇ ପାରେ ଯେ ପାଶ୍ଚାତ୍ୟ ଦେଶର ଯାହା କିଛି ଦୋଷ ଥାଉ ପଛକେ, ତାଙ୍କ କର୍ମଠତାକୁ ଭାରତକୁ ତା ଠାରୁ ଶିଖିବାକୁ ହେବ । ଯଦି ଭାରତ ଅସୂୟା ବଶତଃ ଅଥବା ନିଜର ଅସାମର୍ଥ୍ୟ ଯୋଗୁ ତାହା ଗ୍ରହଣ କରିନପାରେ, ତେବେ ନିଜର ଯାହା ନ୍ୟାଯ୍ୟ ଦାବୀ, ତାକୁ ଗୋଡରେ ଆଡେଇ ଦେଲା ଭଳି ହେବ ଦିନା ।

ଯେତେଦୂର ସମ୍ଭବ, ଭାରତରେ ବଙ୍ଗସାହିତ୍ୟ ଅପେକ୍ଷାକୃତ ଶ୍ରେଷ୍ଠସ୍ଥାନ ଏବେ ପାଇଛି । ସେଥିରୁ ଅନେକ ଲୋକ ଭଲ ଜିନିଷ ଓ ରୁଚିକର ସୁଖାଦ୍ୟ ପାଇବାରେ ଅନ୍ୟ ସମସ୍ତେ ପ୍ରତ୍ୟାଶା କରନ୍ତି । ଓଡ଼ିଆ ଭାଷା ପାଠ-ପଢ଼ାଣାରେ ରହି ତାର ଏହି ଦୀନ ଓ ଶୈଶବ ଅବସ୍ଥାରେ ବଙ୍ଗଳାକୁ ଯଦି କିଛି ଅନୁକରଣ ବା ସାହାଯ୍ୟ ନ କରେ, ତେବେ ବରଂ ତାହାର ଅଯୋଗ୍ୟତା ଧରାପଡ଼ିବ ।

ଅଉ ଗୋଟିଏ କଥା, ମୁଁ ପୁରୁଣା ଓଡ଼ିଆ ଲେଖା ଅଳ୍ପ-ବହୁତ ପଢ଼ିଥିଲେ ହେଁ ଏବଂ ରୀତିମତ ସଂସ୍କୃତ ସାହିତ୍ୟ ଉଲଟାଇ ଥିଲେହେଁ ପୁରୁଣା ଓଡ଼ିଆର ବିଶେଷ ଅନୁରାଗୀ ହୋଇ ପାରିନାହିଁ । ସ୍ୱୟଂ ମାୟାଧର ବାବୁ ମଧ୍ୟ ପ୍ରାଚୀନ—ଓଡ଼ିଆର ଭାବ-ଦୈନ୍ୟ ସମ୍ବନ୍ଧେ ଅଳ୍ପ ଦିନ ତଳେ ଗୋଟିଏ ଯୁକ୍ତିପୂର୍ଣ୍ଣ ପ୍ରବନ୍ଧ ଲେଖିଥିଲେ । ଗୁରୁ-ଗମ୍ଭୀର ଶବ୍ଦାବଳୀର ଅର୍ଥ ନିର୍ଣ୍ଣୟ କରିବା ଏକ ପ୍ରକାର ଅସ୍ୱାଦସାଧ୍ୟ । ପୁଣି ଶବ୍ଦ ଯୋଜନାର ମାରପେଞ୍ଚରେ ତିନିଗୁଣ ରକମର ଅର୍ଥ ବାହାର କରିବା ତା'ଠାରୁ ବେଶୀ କଷ୍ଟକର । ତା ଉପରେ ଅଳଙ୍କାର ଶାସ୍ତ୍ରର ଅନୁଶାସନ, ଉପମାର ଅନୁପଯୋଗିତା ଓ ବକ୍ତବ୍ୟ ବିଷୟର ଅଭିପ୍ରାୟ ହୀନତା – ସବୁମିଳି ପ୍ରାଚୀନ ଓଡ଼ିଆ ସାହିତ୍ୟର ଅଧିକାଂଶକୁ ନବୀନ ତରୁଣ ପାଠକଙ୍କ ନିକଟରେ ବର୍ଣ୍ଣିପିକା ପରି କରି ରଖିଅଛି । ସେତେ ସମୟ ନାହିଁ, ସେତେ ଶକ୍ତିନାହିଁ, ଯୁଗର ଜୀବନ ସଂଗ୍ରାମ ଭୟଙ୍କର ମୂର୍ତ୍ତି ଧରିଲାଣି, ଧୀର ସୁସ୍ଥ ହୋଇ କେବଳ ସାହିତ୍ୟ ଚର୍ଚ୍ଚାରେ ମଗ୍ନ ରହି କିଏ ଏତେକଷ୍ଟ ସ୍ୱୀକାର କରି ରସ ଗ୍ରହଣ କରିବାରେ ଅଭିଳାଷ କରି ବସିବ । ମୋଟ କଥା – ଅବସର କମ୍, ତାକୁ ଯଥା ଶକ୍ତି ଆନନ୍ଦ ପାଇବା ଲାଗି କାମରେ ଲଗାଇବା ଉଚିତ । ଆଉ ସାହିତ୍ୟ ତ ଜୀବନର ପ୍ରତିବିମ୍ବ ମାତ୍ର । କେବଳ ପ୍ରେମ ଓ ଭକ୍ତିକୁ ନେଇ ଆଜି-କାଲିକା ଯୁଗରେ ଜୀବନଯାତ୍ରା ନିର୍ବାହ ହୋଇ ପାରିବ ନାହିଁ । ସୁତରାଂ

Digitized by srujanika@gmail.com

ସେଥିରେ ଆମର ଏ ଯୁଗ ଜୀବନର ଗ୍ଳାନିଚିହ୍ନ ପ୍ରତିଫଳିତ ହେବା ଅସ୍ୱାଭାବିକ ନୁହେଁ ।

ବର୍ତ୍ତମାନ ମାଧ୍ୱାଧର ବାବୁଙ୍କ କଥା ବିଚାର କରାଯାଉ । ପ୍ରଥମତଃ ସେ କହନ୍ତି, ଓଡ଼ିଆ ଭାଷା ବଙ୍ଗଳା ପ୍ରଭାବରୁ ବୈଶିଷ୍ଟ୍ୟ ହରାଉଛି । ପ୍ରକାରାନ୍ତରେ କହିଲେ, ଓଡ଼ିଆ ସାହିତ୍ୟକୁ ବଙ୍ଗଭାଷା ଛାରଖାର କରି ଦେଲାଣି । ତେଣୁ ଯଥାପରୋନାସ୍ତି ଚେଷ୍ଟାକରି ତାର କବଳରୁ ଓଡ଼ିଆ ଭାଷାକୁ ଉଦ୍ଧାର କରିବା ସ୍ୱଦେଶୀ ଉତ୍କଳୀୟଙ୍କର କର୍ତ୍ତବ୍ୟ । ଏହି କଥାରେ ତାଙ୍କ ସଙ୍ଗେ ମୋର ମତ ମେଳ ଖାଉନାହିଁ । କାରଣ ପ୍ରାଦେଶିକ ଭାଷା କିମ୍ବା ଉନ୍ନତ ସାହିତ୍ୟ ଅପର ଭାଷା ଓ ସାହିତ୍ୟ ଉପରେ ଲକ୍ଷିତ ଭାବରେ ହେଉ ଅଥବା ନିଜର ଅଲକ୍ଷିତ ଭାବରେ ହେଉ, ନିଶ୍ଚୟ ପ୍ରଭାବ ଓ ପ୍ରତିପତ୍ତି ବିସ୍ତାର କରିବ । ତାର ଗତି ପ୍ରତିହତ କରିବା ନିମନ୍ତେ ଯତ୍ନ କରିବା ଦୁରାଶା-ସୂତ୍ରରେ ଆକାଶ କୁସୁମ ମାଳିକାର ଗ୍ରନ୍ଥନ ପରି ବିଡ଼ମ୍ବନା ମାତ୍ର ।

Brugenam ପ୍ରଭୃତି ପାଶ୍ଚାତ୍ୟ ପଣ୍ଡିତମାନେ ଜଗତର ଭିନ୍ନଭିନ୍ନ ଭାଷା ସମୂହ ଆଲୋଚନା କରି ନିର୍ଦ୍ଧାରଣ କରିଛନ୍ତି ଯେ, ଏକ ଭାଷା ଅନ୍ୟ ଭାଷା ଉପରେ, ଏପରିକି ଏକା ବେଳକେ ସମ୍ବନ୍ଧ ବିହୀନ ଭାଷାରେ ସୁଦ୍ଧା ନିଜର ପଦ-ବିନ୍ୟାସ ରୀତି ଓ ଶବ୍ଦଗଠନ ପ୍ରଭୃତି ନିୟମ ସମୂହକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିୟୋଗ କରୁଥାଏ । ଅର୍ଥାତ ବିଭିନ୍ନ ଭାଷାଭାଷୀ ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ୟୋଽନ୍ୟର ସଂଳାପ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ଅଥବା ସାହିତ୍ୟର ମଧ୍ୟ ଦେଇ ଅପ୍ରତ୍ୟକ୍ଷ ଭାବରେ ଏହି ସଂକ୍ରମଣ ସଙ୍ଘଟିତ ହୁଏ ।

ଦ୍ୱିତୀୟତଃ ମାଧ୍ୱାଧରବାବୁ ଯେଉଁଭଳି ଅନ୍ତରର ଭାବଭାବ ପ୍ରକାଶ କରିଛନ୍ତି, ସେଥିଯୋଗୁଁ ତାଙ୍କୁ ବଙ୍ଗ-ବିଦ୍ୱେଷୀ ଅବଶ୍ୟ ବୋଲଯାଇ ନପାରେ, ମାତ୍ର ସେ ଯେ ନିତାନ୍ତ ସ୍ୱାର୍ଥପର ନୁହନ୍ତି, ଏହା ଦମ୍ଭର ସହିତ କହି ପାରିବେ ନାହିଁ । କାରଣ ବ୍ୟକ୍ତିଗତ ଭାବରେ କେତେକ ଲୋକ ତାଙ୍କୁ ଆକ୍ରୋଶ କରିବାରୁ ସେ ବଡ଼ ବିଚଳିତ ହୋଇ ପଡ଼ିଛନ୍ତି ଏବଂ ଆଲୋଚନା ବେଳେ "ରାମ' 'ଶ୍ୟାମ' କଣ ଲେଖିଛନ୍ତି ସେ କଥା ବିଚାର" ନ କରିବାକୁ ଉପଦେଶ ଦେଇଛନ୍ତି । କିନ୍ତୁ ମୁଁ କହେ, ସଂସ୍କାରକ ଆଗ ନିଜକୁ ସଂସ୍କାର କରି ପରେ ହୁଏତ ସେ ବାହାର କଥା ଆଲୋଚନା କରି ପାରେ । ଯଦି ସେ ନିଜକୁ ସେହି ପ୍ରସ୍ତାବିତ ବିଷୟରେ ସଙ୍ଗଠିତ କରିବାକୁ ଅସମର୍ଥ, ତେବେ ସେହି ବିଷୟରେ 'ପରୋପଦେଶେ ପାଣ୍ଡିତ୍ୟଂ' ନୀତି ଅବଲମ୍ବନ କରି ଚିନ୍ତାଶୀଳ ଗ୍ରାହକ ସମାଜରେ ଉପହସିତ ହେବା କମ୍ ଲଜ୍ଜାର କଥା ନୁହେଁ ।

ଅନ୍ୟ ଦିଗରୁ ବିଚାର କଲେ ତାଙ୍କ ଉକ୍ତିର ଅସାରତା ଧରା ପଡ଼ିଯିବ । ସେ 'ସବୁଜ ସାହିତ୍ୟ ସମିତି'କୁ ଏ ବିଷୟରେ ବିଶେଷ ଦାୟୀ କରିଛନ୍ତି । ବୋଧହୁଏ

Digitized by srujanika@gmail.com

ଏହା ତାଙ୍କ ମତରେ ବ୍ୟକ୍ତିଗତ ଆକ୍ରୋଶ ହେଲନାହିଁ ପରା ? ଅବଶ୍ୟ 'ସବୁଜ ସାହିତ୍ୟ ସମିତି' କେତେକଙ୍କ ଦ୍ୱାରା ପରିଚାଳିତ ଅନୁଷ୍ଠାନ ହେଲେ ହେଁ ସ୍ୱତନ୍ତ୍ର ଭାବରେ ତାହାର ଏକତା କ୍ଷୁଣ୍ଣ ହୋଇଯାଇ ନାହିଁ ।

'ଝଙ୍କାର'ର କବି-ସମ୍ମିଳନୀ ସଂଖ୍ୟାରେ ପ୍ରକାଶିତ 'ପରଧର୍ମ' ପ୍ରବନ୍ଧରେ ଶ୍ରୀଯୁକ୍ତ କାଳନ୍ଦୀ, ହରିଶ୍ଚନ୍ଦ୍ର ବାବୁ ପ୍ରଭୃତିଙ୍କ ଉଲ୍ଲେଖ କରି 'ବ୍ୟକ୍ତିଗତ ଆକ୍ରୋଶ'ର ଅଭାବ ଦେଖେଇ ଦେଇ ନାହାନ୍ତି କି ? ବରଂ ନିଜର 'ଧୂପ' ରେ ସନ୍ନିବେଶିତ କବିତା-ଗୁଡ଼ିକ ସେହି ସେହି ସ୍ଥଳରେ ଉଦ୍ଧୃତ କରିଥିଲେ, ସମସ୍ତେ ହୁଏତ କେତେଦୂର ଆଶ୍ୱସ୍ତି ଲାଭ କରିଥାନ୍ତେ ।

ତୃତୀୟତଃ ସେ କହିଛନ୍ତି, ଓଡ଼ିଆ ଓ ବଙ୍ଗଳା ମଧ୍ୟରେ ବ୍ୟବଧାନ ରେଖା ନିର୍ଦ୍ଦିଷ୍ଟ ରୂପେ କାଟି ଦିଆଯାଇପାରେ । ସୂକ୍ଷ୍ମ ଭାବରେ ଆଲୋଚନା କଲେ ଏଥିରେ ବି ତାଙ୍କର ଅନେକ ତ୍ରୁଟି ରହି ଯାଇଅଛି । କାରଣ ଗୁଜରାଠୀ ଓ ହିନ୍ଦୀ ପ୍ରଭୃତି ଭାରତର ଉତ୍ତରାଞ୍ଚଳୀୟ ଭାଷାମାନଙ୍କ ଅପେକ୍ଷା ବଙ୍ଗଳା ସଙ୍ଗେ ଓଡ଼ିଆର ଘନିଷ୍ଠତା ସର୍ବଶ୍ରେଷ୍ଠ ବିଦ୍ୟମାନ ଏବଂ ଭଣ୍ଡାରକର ମହାଶୟ ଅନ୍ୟାନ୍ୟ ଭାଷାତତ୍ତ୍ୱ ବିଶାରଦମାନଙ୍କର ଉକ୍ତି ଯୁକ୍ତି ଯୁକ୍ତ ଭାବରେ ଖଣ୍ଡନ କରି ଅକ୍ଳେଶରେ ପ୍ରମାଣିତ କରିଛନ୍ତି ଯେ, ଅର୍ଦ୍ଧ ମାଗଧୀରୁ ବଙ୍ଗଳା ଓଡ଼ିଆ ଦୁହେଁ ଉତ୍ପତ୍ତି ଲଭିଛନ୍ତି । ଦୁହେଁ ଏକ ଗର୍ଭରୁ ଜାତ ହୋଇ ଥିବାରୁ ପରସ୍ପର ଉପରେ ଅନ୍ୟୋନ୍ୟର ପ୍ରଭାବ ବେଶୀ ପଡ଼ୁଛି ଓ ପଡ଼ୁଥିବ ।

ଚତୁର୍ଥତଃ ସେ ଲେଖିଛନ୍ତି, ଆମର ଉନ୍ନତ ପ୍ରାଚୀନ ସାହିତ୍ୟ ଥିବା ସତ୍ତ୍ୱେ ଓଡ଼ିଆ ଭାଷାକୁ ମଧୁର କରିବା ନିମନ୍ତେ ଅନ୍ୟ ଭାଷାର ପଦ ଗ୍ରହଣ କରିବା ଆପତ୍ତି-ଜନକ । ଏହା ବେଶ୍ କଥା, ଆମ ସାହିତ୍ୟରେ ଯେତେବେଳେ 'ଲଳିତ-କୋମଳ-କାନ୍ତ ଶବ୍ଦାବଳୀ' ପୂର୍ଣ୍ଣ ରହିଛି (?) ସେତେବେଳେ ଅନ୍ୟ ଭାଷାରୁ ନିଜର ଭାବର ଆଦାନ ପ୍ରଦାନ ନିମନ୍ତେ ପଦ ଗ୍ରହଣ କରିବା ନିତାନ୍ତ ଅସୁନ୍ଦର କଥା । ତଥାପି ଗ୍ରହଣ କରିବାକୁ ହେବ ନାହିଁ ବୋଲି କୌଣସି ପ୍ରକାରର ଧରାବନ୍ଧା ନିୟମ ପ୍ରଚଳିତ କରାଯାଇ ନପାରେ । କାରଣ ଅନ୍ୟାନ୍ୟ ଉନ୍ନତ ସାହିତ୍ୟର ଚର୍ଚ୍ଚା କରିବା ଦ୍ୱାରା ଲେଖକର ମନୋରାଜ୍ୟରେ ଯେଉଁ ସଂଘର୍ଷ ଘଟିଲା, ସେହି ଶବ୍ଦଟି ଆବଶ୍ୟକ ଅନୁସାରେ ତାର ଅନ୍ତର ଭିତରୁ ଉଚ୍ଛୁଳି ବାହାରି ପଡ଼େ । ଏଥିରେ ଲେଖକ ନିଜେ ଦାୟୀ ନୁହେଁ, ତାର କବିପ୍ରାଣ ଦାୟୀ—କାରଣ ତାହାର ଅନ୍ତର୍ନିହିତ କବିପ୍ରାଣ ସେହିଟିକୁ ଭାବ ଓ ଭାଷାସମ୍ଭବ ମନେ କରେ । ବିଶେଷତଃ ଭାଷା-ଶାସ୍ତ୍ରଜ୍ଞମାନେ କହିଛନ୍ତି ଯେ, ଦରକାର ବୋଧ କଲେ ଅନ୍ୟଭାଷାରୁ ପଦଗ୍ରହଣ କରାଯାଇ ପାରେ, ମାତ୍ର ସେହି ଭାଷାର ବ୍ୟାକରଣ ନିୟମ ଅନୁସୃତ ନୁହେଁ । ଉଦାହରଣ ସ୍ୱରୂପେ

Digitized by srujanika@gmail.com

ଇଂରାଜୀ ଭାଷାରୁ ଟିକଟ (Ticket) ପଦଟି ଆମେ ବ୍ୟବହାର କରୁଥାଉଁ, ମାତ୍ର ଆମର ବ୍ୟାକରଣ ନିୟମ ଦ୍ୱାରା, ସେଥିରେ 'ଅ' ପ୍ରତ୍ୟୟ ଯୋଗକରି 'ଟିକଟ' ବୋଲି ଲେଖୁଁ । ବିଶେଷତଃ ଭିକ୍ଷଶୀଳ ଆର୍ଯ୍ୟମାନଙ୍କର 'ଉନ୍ନତ' ସଂସ୍କୃତ ଭାଷା ମଧ୍ୟ ଅପେକ୍ଷାକୃତ ଅବନତ ପ୍ରାକୃତ ଭାଷାର ପଦକାଳ ଗ୍ରହଣ କରିଅଛି । ଏବଂ ଆଜଯାଏ ସେ ସବୁ ସେହି ସାହିତ୍ୟରେ ବ୍ୟବହୃତ ହେଉଛନ୍ତି ।

ଏ ସ୍ଥଳରେ ସୁଧୀ ପାଠକବର୍ଗ ଆଉ ଗୋଟିଏ କଥା ବିଶେଷ ଅବଧାନ ସହକାରେ ଆଲୋଚନା କରନ୍ତୁ । ଏହି ଲେଖାରେ ମାୟାଧର ବାବୁଙ୍କ ପ୍ରାଚୀନ ସାହିତ୍ୟ ସମ୍ବନ୍ଧରେ ସୁଧାରଣା କରିବାର ଦେଖି ମୁଁ ଅତ୍ୟନ୍ତ ବିସ୍ମିତ ହେଲି । ବୋଧହୁଏ ବିବର୍ତ୍ତନବାଦ ଦ୍ୱାରା ତାଙ୍କ କଳ୍ପନା ରାଜ୍ୟର ଏଥିମଧ୍ୟରେ କିଛି ଗୋଟାଏ ଆମୂଳଚୂଳ ପରିବର୍ତ୍ତନ ଘଟିଯାଇଛି । କାରଣ ସେ ଏହି ପତ୍ରରେ ଲେଖିଛନ୍ତି, "ବିସ୍ତୃତ ଆଲୋଚନା କଲେ + + ନବ୍ୟ କବିମାନଙ୍କର ଲେଖା କେତେ ନୀରସ ତାହା ଦେଖାଇ ଦିଅନ୍ତି ।' ମାତ୍ର ଖୁବ୍ ଅଳ୍ପଦିନ ତଳେ 'ପ୍ରାଚୀନ କାବ୍ୟର ଆଲୋଚନା ଓ ଅନୁଭୂତି' ପ୍ରସଙ୍ଗରେ ସେ କହିଥିଲେ ଯେ, + + ବରଂ ଦେଖିବାକୁ ଗଲେ ପ୍ରାଚୀନ ସାହିତ୍ୟରେ ହିଁ ରସର ଅଭାବ ଲକ୍ଷିତ ହୁଏ । + + ଆଜିକାଲି ଏ ପ୍ରାଚୀନ କାବ୍ୟ ଜିନିଷରେ ପ୍ରତ୍ୟେକ ଅକ୍ଷରକୁ ଗୋଟିଏ ଗୋଟିଏ ମଣି-ମାଣିକ୍ୟ ବୋଲି ପ୍ରମାଣ କରିବାର ଚେଷ୍ଟା ଉତ୍କଳରେ କେତେକଙ୍କ ଦ୍ୱାରା ଚାଲିଅଛି । ନିଜର ବାପା, ବଡ଼ବାପାଙ୍କର ସମ୍ପତ୍ତିକୁ ବଡ଼ ବୋଲି ମନେ କରିବା ମନୁଷ୍ୟର ସ୍ୱଭାବ । ମାତ୍ର ବୋଲି ବାପା, ବଡ଼ବାପାଙ୍କ ଖପରାକୁ ମଧ୍ୟ ସୁନା ରୂପା କହି ଗ୍ରନ୍ଥି ଫୁଲାଇଲେ ଗ୍ରନ୍ଥି ଫୁଲାଇବା ସିନା ସାର ହେବ, ଦାରିଦ୍ର୍ୟ ତ ଘୁଞ୍ଚିବ ନାହିଁ ।"

ଯେ କୌଣସି କ୍ଷେତ୍ରରେ ହେଉ, ଜଣେ ଲୋକ ଛଅ ଦିନକୁ ନଅଟା ମତ ପ୍ରକାଶ କରିବା ବଡ ହାସ୍ୟାସ୍ପଦ କଥା । ଆଉ ମଧ୍ୟ ତାହା ଏକ ଅକ୍ଷମଣୀୟ ଅପରାଧ । ବିଶେଷତଃ ସାହିତ୍ୟ କ୍ଷେତ୍ରରେ ଏ ଭଳି କଥାକୁ ଖିଆଲ ଉପରେ ଧରିନେଲେ ଚଳିବ ନାହିଁ । କାରଣ ଏଥିରେ ଗୁରୁ, ଶିଷ୍ୟ ଉଭୟଙ୍କର ମତଦ୍ୱୈଧ ଅଧିକାଂଶରେ ଦେଖାଯାଇଥାଏ ।

ମାୟାଧର ବାବୁଙ୍କର ଅପରିଣତ ବୟସରେ (ଅଥଚ ଅପରିପକ୍ୱ ମାନସରେ) ଏ ରୂପର ଆଲୋଚନା ଦ୍ୱାରା ସାହିତ୍ୟ ରାଜ୍ୟରେ ଯେପରି ବିଭ୍ରାଟର ସୃଷ୍ଟି କରା-ଯାଉଛି, ତାଠୁଁ ଅଧିକ ଭାବରେ ତରୁଣ ଲେଖକ ଓ କବି ବୃନ୍ଦଙ୍କ ବିଷବୃଦ୍ଧି ମଧ୍ୟ କରାହେଉଛି । ଏ ସବୁ ଲେଖାରୁ ତାଙ୍କର ସାହିତ୍ୟିକ ଉନ୍ନତ ଚିନ୍ତା ଯେତେ ଦୂର ଜଣାଯାଉଛି, ନିଜ ନାମର ଯଥା ତଥା ପ୍ରଖ୍ୟାତି—ପିପାସା ମଧ୍ୟ ଯଥେଷ୍ଟ

Digitized by srujanika@gmail.com

ସ୍ରଷ୍ଟପାଦକ ହୋଇ ପାରୁଛି । ତେଣୁ ଓଡ଼ିଶାର ସୁପରିଚିତ ଲେଖକ ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବଡ଼ାଳ ମହୋଦୟ ଠିକ୍ କହିଛନ୍ତି ଯେ "+ + ଲେଖକଙ୍କର ବିଶେଷ ଚେଷ୍ଟା—ଭଲ ହେଉ କିମ୍ବା ଖରାପ ହେଉ, ପ୍ରଶଂସା ହେଉ କିମ୍ବା ନିନ୍ଦା ହେଉ, ଜୋର ଗଳାରେ ଗୋଟାଏ କିଛି ପ୍ରସ୍ତାବ କରି ନିଜର ନାଁଟାକୁ କୌଣସି ମତେ ଜାହିର କରିବା"—ସତକଥା ।

ମାୟାଧର ବାବୁ ଏହି କଥା ଆଲୋଚନା କରିବା ନିମନ୍ତେ ସାହିତ୍ୟିକ ସାଧାରଣଙ୍କୁ ଅନୁରୋଧ କରିଥିଲେ ହେଁ ଏବଂ ଏହି ପତ୍ର 'ସହକାର'ରେ ପ୍ରକାଶିତ ହୋଇଥିଲେ ସୁଦ୍ଧା, ବିଶେଷତଃ ତାଙ୍କ ପତ୍ରର ଉତ୍ତର ସ୍ୱରୂପ ଦୁଇଟିକ ଖଣ୍ଡି ପତ୍ର 'ସହକାର'ର ଅନ୍ୟାନ୍ୟ ସଂଖ୍ୟାରେ ଛପା ହୋଇଥିବା ସତ୍ତ୍ୱେ ମୋର ଏହି ଲେଖାଟି 'ସହକାର' କାହିଁକି ଲୁଚାଇ ରଖିଲେ, ତାହା ଜାଣି ନପାରି ବିଶେଷ ଦୁଃଖିତ ହେଲି । ଆଶାକରେ, ମାୟାଧର ବାବୁଙ୍କ ଉତ୍ତର ରୂପେ ପ୍ରକାଶିତ ଦୁଇଟିକ ଖଣ୍ଡି ପତ୍ର ଅପେକ୍ଷା ମୋର ଏହି ଲେଖାଟିର ଅଯୋଗ୍ୟତା ସମ୍ପାଦକ ଯଥା ସମୟରେ ପ୍ରମାଣିତ କରି ପାରିବେ । ।। ଇତି ।।

ଆପଣଙ୍କର

ଶ୍ରୀ ବିନାୟକ ଦାସ

ଏ ଭଳି ଆଲୋଚନା ଓ ସମାଲୋଚନାର ବାତାବରଣ ମଧ୍ୟରେ ସବୁଜ ଗୋଷ୍ଠୀ ପୁଣିଥରେ ଏହାପରି ସେମାନଙ୍କର ଆତ୍ମମୁଖୀ ଜୁନରେ ୧୯୩୩ସାଲରେ 'ଯୁଗବୀଣା'ର ପ୍ରଥମ ବର୍ଷ ସପ୍ତମ ସଂଖ୍ୟାରେ ନିମ୍ନଲିଖିତ ସମ୍ପାଦକୀୟ ଟିପ୍ପଣୀ ର ପ୍ରକାଶ କରିଥିଲେ—

ସମାଲୋଚନା ଓ ସାହିତ୍ୟ ପତ୍ର

କିଛିଦିନ ହେଲା ଓଡ଼ିଶାର ପତ୍ର ପତ୍ରିକାମାନଙ୍କରେ ସାହିତ୍ୟର ସମାଲୋଚନା ଦେଖା ଦେଇଅଛି । ଗୋଟିଏ ଜଣାଶୁଣା ମାସିକ ପତ୍ରର ଗତ ସଂଖ୍ୟାରେ ପ୍ରକାଶିତ ଏହିପରି ଏକ ସମାଲୋଚନା ପାଠକରି ଆମ୍ଭମାନଙ୍କର ଜଣେ ବିଶିଷ୍ଟ ସାହିତ୍ୟିକ ବନ୍ଧୁ ବଡ଼ ଦୁଃଖ କରି ପୁରୀଠାରୁ ଲେଖିଅଛନ୍ତି, "ସାହିତ୍ୟର ସମାଲୋଚନା କ୍ଷେତ୍ରରେ କି ଅନ୍ଧକାର ଆସି ଧାରଣ କଲାଣି । + + + ଆପଣଙ୍କୁ ମୋର ହାତଯୋଡ଼ି ଅନୁରୋଧ, 'ଯୁଗବୀଣା' କୁ କେବେହେଲେ ଏ କଦର୍ଯ୍ୟତା ମଧ୍ୟକୁ କେବେ ହେଲେ ସୁଦ୍ଧା ଟାଣି ନ ଆଣନ୍ତୁ । ଆପଣମାନେ literature ଲେଖିଯାଆନ୍ତୁ । ସେଥିରେ ଯାହା ମିଥ୍ୟା, ଯାହା ଦୋଷର, ତାହା ଆପେ ଆପେ ମରିଯିବ । ଯାହା ସତ୍ୟ, ଯାହା ଚିରକାଳର ତାହା ସ୍ଥାୟୀହୋଇ ରହିବ ।" ଆମ୍ଭେମାନେ ମଧ୍ୟ ତାଙ୍କ ସହିତ ଏକମତ ଏବଂ ଏ ଧରଣର ସମାଲୋଚନାକୁ 'ଯୁଗବୀଣା'ର ପୃଷ୍ଠାରେ ସ୍ଥାନ ଦେବାପାଇଁ ଆଦୌ ଅଭିଳାଷୀ ନୋହୁଁ । ସେଥିପାଇଁ ଏହିପରି ଦୁଇଗୋଟି ସମା-

Digitized by srujanika@gmail.com

ଲୋଚନା ଆମ୍ଭମାନଙ୍କର ହସ୍ତଗତ ହୋଇଥିଲେ ହେଁ ସେ ସବୁର ଲେଖକମାନଙ୍କୁ ସମ୍ମୁଖ କରିଅଛୁ ।

କିନ୍ତୁ ଗୋଟିଏ କଥା—ଏଥିରେ ଦୁଃଖ କରିବାର କିଛିନାହିଁ । କାରଣ ଯେଉଁ ସାହିତ୍ୟ ସତ୍ୟ ଏବଂ ଚିରକାଳର, ତାହାକୁ ଏ ସକଳ ସମାଲୋଚନା ଧ୍ୱଂସ କରିପାରିବ ନାହିଁ । ଏବଂ ଏହିସବୁ ସତ୍ତ୍ୱେ ତାହା ସ୍ଥାୟୀ ହୋଇ ରହିବ । ଆଉ ଗୋଟିଏ କଥା, ପୂର୍ବ ଓଡ଼ିଆ ସାହିତ୍ୟରେ ସମାଲୋଚନା ନ ଥିଲା କହିଲେ ଚଳେ, ସୁତରାଂ ତାହାର ଆରମ୍ଭଟା ଏହିପରି ବିଭ୍ରାଟ ମୂଳକ ଓ କୁରୁଚିପୂର୍ଣ୍ଣ ହେବା ଅସ୍ୱାଭାବିକ ନୁହେଁ । ଏଥିପାଇଁ ଆମ୍ଭମାନଙ୍କର ଅଧୁନାତନ ସାହିତ୍ୟ ସୃଷ୍ଟି ଯେ କେବଳ ଏମାନେ ଦାୟୀ ନୁହେଁ, ଏହା କହିବା ମଧ୍ୟ ସମ୍ପୂର୍ଣ୍ଣ ଠିକ୍ ହେବ ନାହିଁ ।

ଏ ଧରଣର ସମାଲୋଚନା ସବୁଯୁଗରେ ଓ ସବୁ ସାହିତ୍ୟରେ ରହିଛି ଓ ରହିବ । ତେବେ ଯେଉଁ ସବୁ ପତ୍ରିକାର ଉଦ୍ଦେଶ୍ୟ କେବଳ ସାହିତ୍ୟ ସୃଷ୍ଟି, ସେଠାରେ ଏ ଧରଣର ସମାଲୋଚନାକୁ ସ୍ଥାନ ଦିଅନ୍ତି ନାହିଁ । କେବଳ ଖବର-କାଗଜମାନଙ୍କର ଟିକିଏ ଉପରେ ଯେଉଁସବୁ ସାହିତ୍ୟ ପତ୍ରିକାମାନଙ୍କର ସ୍ଥାନ, ସେଇମାନେ ହିଁ ଏ ସକଳ ରସିକତାରେ ମତ୍ତ ହୋଇଥାନ୍ତି । ସୁତରାଂ ଏସବୁ ଦ୍ୱାରା ଉଚ୍ଚାଙ୍ଗ ସାହିତ୍ୟର କୌଣସି କ୍ଷତି ହୁଏନାହିଁ । ବରଂ ଗୋଟିଏ ଲାଭ ଏହି ଯେ, ଏ ଧରଣର ସମାଲୋଚନା ସାହିତ୍ୟ କ୍ଷେତ୍ରକୁ ସର୍ବସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରାଏ ଏବଂ ସାହିତ୍ୟକୁ ମୁଷ୍ଟିମେୟ ଲୋକଙ୍କ ମଧ୍ୟରେ ଆବଦ୍ଧ ନ ରଖି ମଟର ଗ୍ୟାରେଜ, ଗାଡ଼ିଖାନା ଓ ପୋଷ୍ଟପିଅନଙ୍କ ପର୍ଯ୍ୟନ୍ତ ଟାଣି ନେଇଥାଏ । ସାହିତ୍ୟ କ୍ଷେତ୍ରରେ ଯେଉଁମାନଙ୍କର ନାମ ଗନ୍ଧ କେହି ଜାଣନ୍ତି ନାହିଁ, ସମାଲୋଚନା କ୍ଷେତ୍ରରେ ମଧ୍ୟ ସେମାନଙ୍କର ଦର୍ଶନ ମିଳେ । ଗଣତାନ୍ତ୍ରିକ ଯୁଗର ସାହିତ୍ୟ ପକ୍ଷରେ ଏସବୁ ଲାଭ ବ୍ୟତୀତ କ୍ଷତି ନୁହେଁ ।"

ସତକୁ ସତ ସବୁଜ ସାହିତ୍ୟ ଗୋଷ୍ଠୀ ଏ ଭଳି ସମାଲୋଚନା ଦ୍ୱାରା ହତୋତ୍ସାହ ନ ହୋଇ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ଆଗେଇ ଚାଲିଥିଲେ ମଧ୍ୟ ଏହା କେତେକ ଚିନ୍ତାଶୀଳ ସାହିତ୍ୟିକଙ୍କୁ ବିଚଳିତ କରିଥିବା ଓ ସେମାନଙ୍କ ମଧ୍ୟରୁ କେହି କେହି ପ୍ରତିବାଦ ସ୍ୱରୂପ ଲେଖାମାନ ସମାଲୋଚନା ପ୍ରକାଶ କରୁଥିବା ପତ୍ରିକାମାନଙ୍କୁ ପଠାଉଥିଲେ । ମାତ୍ର ସେ ସବୁ ପତ୍ରିକାରେ ସେମାନଙ୍କ ଲେଖା ପ୍ରକାଶିତ ନ ହେବାରୁ ସେମାନେ 'ଯୁଗବୀଣା'ର ଦ୍ୱାରସ୍ଥ ହେଉଥିଲେ । ବସ୍ତୁନିଷ୍ଠ ଯୁକ୍ତିଯୁକ୍ତତା ବିଚାର କରି ସେମାନଙ୍କୁ ବାରମ୍ବାର ପ୍ରତ୍ୟାଖାନ କରିବା ବାଞ୍ଛନୀୟ ମନେ କରାଗଲା ନାହିଁ । ତେଣୁ ୧୯୩୩ ସାଲ ଜୁଲାଇ ମାସରେ 'ଯୁଗବୀଣା'ର ପ୍ରଥମ ବର୍ଷ ଅଷ୍ଟମ ସଂଖ୍ୟାରେ ଆଲୋଚନା ପ୍ରସଙ୍ଗରେ ପ୍ରକାଶିତ ହେଲା,

Digitized by srujanika@gmail.com

ପ୍ରବନ୍ଧ—

ଓଡ଼ିଆ ସାହିତ୍ୟର ବର୍ତ୍ତମାନ ଅବସ୍ଥା

ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା ବି.ଏ.

ଷୋଡ଼ଶ ଶତାବ୍ଦୀର ପ୍ରଥମ ଭାଗରେ ଇଂରାଜୀ ସାହିତ୍ୟରେ ଗୋଟାଏ ଯେଉଁ ନବଯୁଗ ଆସିଥିଲା, ତାହାର ଫଳରେ ଅଳ୍ପକାଳ ମଧ୍ୟରେ ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ, ଭ୍ରମଣ ବୃତ୍ତାନ୍ତ, ଜୀବନୀ, ବୈଜ୍ଞାନିକ ଗବେଷଣା ଓ ଦାର୍ଶନିକ-ତତ୍ତ୍ୱପୂର୍ଣ୍ଣ ପୁସ୍ତକାଦିର ବହୁଳ ପ୍ରଚାର ହୋଇଥିଲା । ସେହି ଅଭ୍ୟୁତ୍ଥାନର ପ୍ରଭାବରେ ଆଜି ଇଂରାଜୀ ସାହିତ୍ୟ ପୃଥିବୀରେ ସର୍ବଶ୍ରେଷ୍ଠ ଆସନ ଗ୍ରହଣ କରିବାକୁ ସମର୍ଥ ହୋଇଛି । ପ୍ରାୟ ୫୦ ବର୍ଷ ପୂର୍ବେ ବଙ୍ଗ ସାହିତ୍ୟରେ ମଧ୍ୟ ସେହିପରି ଗୋଟାଏ ନବଯୁଗର ଆବିର୍ଭାବ ହୋଇଥିଲା । ଯାହା ଫଳରେ ବର୍ଷ କେତୋଟା ମଧ୍ୟରେ ବଙ୍ଗ ସାହିତ୍ୟ ଭାରତୀୟ ସାହିତ୍ୟ ମଧ୍ୟରେ ସର୍ବଶ୍ରେଷ୍ଠ ସ୍ଥାନ ଗ୍ରହଣ କରି ପାରିଛି ଓ ପୃଥିବୀର ଭାଷାମାନଙ୍କ ମଧ୍ୟରେ ଗୋଟିଏ ବିଶିଷ୍ଟ ସ୍ଥାନ ଅଧିକାର କରିବାକୁ ସମର୍ଥ ହୋଇ ପାରିଛି ।

ସେହିପରି ଆମର ଓଡ଼ିଆ ସାହିତ୍ୟ ଆଜି ନବଯୁଗରେ ପଦାର୍ପଣ କରିବାକୁ ବସିଛି । ଅବଶ୍ୟ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରାଚୀନ ସମ୍ପଦ ଅତି ମୂଲ୍ୟବାନ ଓ ଗୌରବମୟ ଥିଲା, କିନ୍ତୁ କାଳର କୁଟିଳା ଗତିରେ ଓଡ଼ିଆର ସେ ଗୌରବ ଓ ଦୀପ୍ତି ସ୍ମୃତିରେହିଁ ପର୍ଯ୍ୟବସିତ ହୋଇଥିଲା । ତା'ପରେ ଆସିଲା ରାଧାନାଥ ବା ଫକୀରମୋହନ ଯୁଗ—ଯେତେବେଳେ ଓଡ଼ିଆ ସାହିତ୍ୟର ଭସ୍ମାଚ୍ଛାଦିତ ଅଗ୍ନି-ସ୍ଫୁଲିଙ୍ଗ ପୁଣି କିଛି କାଳ ପାଇଁ ଦୀପ୍ତ ହୋଇ ଉଠିଲା । ଯେହି ଉନ୍ମେଷର ଫଳରେ ଜନ୍ମଲାଭ କଲା ରାଧାନାଥ, ମଧୁସୂଦନ, ଗଙ୍ଗାଧର ଓ ଚନ୍ଦ୍ରମଣିଙ୍କର ପ୍ରାଚୀନ ଓ ନବୀନର ସଂମିଶ୍ରଣ-ସମ୍ଭୂତ କାବ୍ୟ ସଂପଦ ଓ ଫକୀର ମୋହନଙ୍କର ଯୁଗାନ୍ତକାରୀ ଗଳ୍ପ ଉପନ୍ୟାସ 'ଛ ମାଣ ଆଠଗୁଣ୍ଠ', 'ଲଛମା', 'ମାମୁଁ,' 'ପ୍ରାୟଶ୍ଚିତ' ଇତ୍ୟାଦି ।

କିନ୍ତୁ ଦୁର୍ଭାଗ୍ୟବଶତଃ ଓଡ଼ିଆ ସାହିତ୍ୟର ସେ ଦୀପ୍ତି ଦୀର୍ଘ ସ୍ଥାୟୀ ହେଲା ନାହିଁ । ଏ ଉନ୍ମେଷର ପରେ ପରେ ପୁଣି ଆସିଲା ଗୋଟାଏ ଅବସାଦମୟ ସୁଷୁପ୍ତି । ବର୍ତ୍ତମାନ ସୌଭାଗ୍ୟ ବଳରୁ ଓଡ଼ିଆ ସାହିତ୍ୟରେ ଗୋଟାଏ ନବଯୁଗର ଆଗମନରେ ଓଡ଼ିଆ ଲେଖକମାନଙ୍କର ସେ ଅବସାଦ ଭାଙ୍ଗିଛି । ଗତ ଦୁଇ ତିନି ବର୍ଷ ମଧ୍ୟରେ ଓଡ଼ିଆ ସାହିତ୍ୟରେ ଯେଉଁ ଜାଗୃତି ଆସିଛି, ତାହା ଯେ ଏକ ନବ ଅଭ୍ୟୁତ୍ଥାନର ସୂଚନା ଦେଉଛି, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଏହି ଅଳ୍ପକାଳ

Digitized by srujanika@gmail.com

ମଧ୍ୟରେ ଓଡ଼ିଆରେ ଅନେକ ଉପନ୍ୟାସ, ଗଳ୍ପପୁସ୍ତକ ଓ ନାଟକ ପ୍ରକାଶିତ ହୋଇ ସାରିଲାଣି ଓ ମଧ୍ୟ, ନୂଆ ନୂଆ ଧରଣର ଗଳ୍ପ, ଉପନ୍ୟାସ ଓ ନାଟକର ପ୍ରଯୋଜନରେ ଶିକ୍ଷିତ ଓଡ଼ିଆ ମାନଙ୍କେ ବ୍ୟବସାୟର ଲାଭାଲାଭ ନିର୍ବିଶେଷରେ କୃତସଂକଳ୍ପ ହୋଇଥିବାର ସୂଚନା ମିଳୁଛି । ବର୍ତ୍ତମାନ ଲେଖକମାନଙ୍କର ଯେଉଁ କେତୋଟି ଅନୁଷ୍ଠାନ ବହିପଣ୍ୟକର ହୋଇଛନ୍ତି, ସେମାନଙ୍କ ମଧ୍ୟରେ 'ସାରସ୍ୱତ ପ୍ରେସ' ଓ 'ସବୁଜ ସାହିତ୍ୟ ସମିତିର' ନାମ ଉଲ୍ଲେଖ ଯୋଗ୍ୟ । ଉକ୍ତ ଦୁଇଟି ଅନୁଷ୍ଠାନ ଅଳ୍ପ କେତେଦିନ ମଧ୍ୟରେ ଅନେକ ଗୁଡ଼ିଏ ଗଳ୍ପ, ଉପନ୍ୟାସ ଓ ନାଟକର ପ୍ରକାଶ କରି ଅନେକ ନୀରବ ଲେଖକଙ୍କୁ ଲୋକଦୃଷ୍ଟିକୁ ଟାଣିଆଣି ପାରିଛନ୍ତି, ଓ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରତିବିମ୍ବ ସ୍ୱରୂପ ଦୁଇଟି ମାସିକ ପତ୍ରିକା 'ସହକାର' ଓ 'ଯୁଗବାଣୀ' ପ୍ରକାଶିତ କରି ଓଡ଼ିଆ ସାହିତ୍ୟ ପ୍ରଚାରରେ ବିଶେଷ ସହାୟତା କରୁଛନ୍ତି । ଉକ୍ତ ଅନୁଷ୍ଠାନ ଦ୍ୱୟର ଉଦ୍ୟୋକ୍ତାମାନେ ପ୍ରତ୍ୟେକ ଓଡ଼ିଶାବାସୀର ଧନ୍ୟବାଦାର୍ହ ।

ଓଡ଼ିଶାର ଏ ନବଯୁଗର ଆବର୍ତ୍ତରେ ଓଡ଼ିଆ ସାହିତ୍ୟର ଭିନ୍ନ ଭିନ୍ନ ଶାଖାଗୁଡ଼ିକ ସମାନ ଭାବରେ ଉନ୍ନତି ଲାଭକରିବା ଉଚିତ । ବର୍ତ୍ତମାନ ଦେଖାଯାଉ, ଓଡ଼ିଆ ସାହିତ୍ୟରେ କେଉଁ କେଉଁ ଅଙ୍ଗର ପରିପୁଷ୍ଟି ପାଇଁ କିପରି ଭାବରେ ଚେଷ୍ଟା କରାଯାଉଛି ।

୧ । କ୍ଷୁଦ୍ରଗଳ୍ପ, ଉପନ୍ୟାସ ଓ ନାଟକ :

ବର୍ତ୍ତମାନ ଯୁଗ ଗଳ୍ପ, ଉପନ୍ୟାସ ଓ ନାଟକର ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ । ଆଧୁନିକ ପାଠକ ପାଠିକା ମାନଙ୍କର ଉକ୍ତରୂପ ସାହିତ୍ୟ ପ୍ରତି ଯେପରି ଆଗ୍ରହ, ଅନ୍ୟ ସାହିତ୍ୟ ପ୍ରତି ସେପରି ନୁହେଁ । ସୁତରାଂ ଉକ୍ତ ସାହିତ୍ୟର ପ୍ରସାର ଯେତେ ବୃଦ୍ଧି ଲାଭ କରିବ, ସାହିତ୍ୟ ଯେ ସେତେ ଉନ୍ନତତର ହେବ, ଏଥିରେ ସନ୍ଦେହ ନାହିଁ ।

ସେଥିପାଇଁ ମନସ୍ତତ୍ତ୍ୱ, ସମାଜ ତତ୍ତ୍ୱ ଇତ୍ୟାଦି ଗୁରୁତର ବିଷୟମାନଙ୍କୁ ମଧ୍ୟ ଗଳ୍ପ, ଉପନ୍ୟାସ ଓ ନାଟକ ଆକାରରେ ପ୍ରକାଶ କଲେ ସାହିତ୍ୟର ଉନ୍ନତି ସଙ୍ଗେ ସଙ୍ଗେ ଦେଶ ଓ ଜନସାଧାରଣଙ୍କର ମଧ୍ୟ ବିଶେଷ ଉପକାର ହୁଅନ୍ତା । ସୁତରାଂ ଓଡ଼ିଶାର ଲେଖକମାନଙ୍କର ଦୃଷ୍ଟି ଏଥିପ୍ରତି ବିଶେଷ ଭାବରେ ଆକୃଷ୍ଟ ହେବା ଉଚିତ ।

ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶ ମାନଙ୍କରେ ଯେପରି ବ୍ୟବସାୟୀ ଲେଖକ ଅଛନ୍ତି, ଆମ ଦେଶରେ ସେପରି ଲେଖକ ହୋଇପାରିବା ବର୍ତ୍ତମାନ କ୍ଷେତ୍ରରେ ଅସମ୍ଭବ ।

Digitized by srujanika@gmail.com

ସୁତରାଂ ଆମଦେଶର ସାହିତ୍ୟର ଉନ୍ନତି ପାଇଁ ପ୍ରତ୍ୟେକ ଶିକ୍ଷିତ ଲୋକ କାର୍ଯ୍ୟ ବା ବ୍ୟବସାୟ ନିର୍ବିଶେଷରେ ନିଜର ଅବସର ସମୟକୁ ସାହିତ୍ୟ ସାଧନାରେ ନିୟୋଜିତ କରି ପାରିଲେ ନିଜର ଜୀବିକା ଜନିତ ଅବସାଦ ଦୂର କରିବା ସଙ୍ଗେ ସଙ୍ଗେ ସାହିତ୍ୟର ତଥା ଦେଶର ଉନ୍ନତି କରିପାରନ୍ତେ। ଆମର ପ୍ରତିବେଶୀ ବଙ୍ଗ ସାହିତ୍ୟକୁ ଦେଖିଲେ ଜଣାଯାଏ ଯେ ଡାକ୍ତର, ଓକିଲ, ଡେପୁଟି ମାଜିଷ୍ଟ୍ରେଟ, ମୁନସଫ, ଜଜ, ବାରିଷ୍ଟର, କଲେକ୍ଟର, ଏମନ୍ତକି କମିଶନର ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ କର୍ମଚାରୀମାନେ ନିଜର ବ୍ୟବସାୟ ନିର୍ବିଶେଷରେ ମାତୃ-ସାହିତ୍ୟର ଉନ୍ନତି ପାଇଁ ଯଥେଷ୍ଟ ଚେଷ୍ଟାକରି ଯାଇଛନ୍ତି ଓ ବସ୍ତୁତଃ ସେମାନଙ୍କର ଉଦରର ଅନ୍ନ ସଂସ୍ଥାନ ପାଇଁ ବିଶେଷ ଚିନ୍ତା ନଥିବାରୁ ସାହିତ୍ୟ ସାଧନା ଦିଗରେ ନିଜର ଅବସର ସମୟକୁ ଅତିବାହିତ କରି ମାତୃଭାଷା ତଥା ମାତୃଭୂମିର ମୁଖ ଉଜ୍ଜ୍ୱଳ କରି ଯାଇଛନ୍ତି। ସୁତରାଂ ଓଡ଼ିଆ ଭାଷା ତଥା ସାହିତ୍ୟର ଉନ୍ନତି ପାଇଁ ପ୍ରତ୍ୟେକ ଶିକ୍ଷିତ ଓଡ଼ିଶାବାସୀର ବ୍ୟବସାୟ ନିର୍ବିଶେଷରେ ନିଜର ଅବସର ସମୟକୁ ସାହିତ୍ୟ ସାଧନାରେ ନିୟୋଜିତ କରିବା ଏକାନ୍ତ କର୍ତ୍ତବ୍ୟ। ଏହାଦ୍ୱାରା ସେମାନେ ନିର୍ଦ୍ଦୋଷ ଓ ନିର୍ମଳ ଆନନ୍ଦ ଲାଭ କରିବା ସଙ୍ଗେ ସଙ୍ଗେ ସ୍ୱୀୟ ମାତୃଭାଷା ତଥା ଜାତିର ଉନ୍ନତି କରି ପାରିବେ। ଅନେକେ ହୁଏତ ଅବସର ସମୟର ଅଭାବ ବୋଲି କହି ପାରନ୍ତି, କିନ୍ତୁ ଚେଷ୍ଟାକଲେ ପ୍ରକୃତରେ ସମୟର ଅଭାବ ହୁଏନାହିଁ।

ଗଳ୍ପ, ଉପନ୍ୟାସ ଓ ନାଟକ କ୍ଷେତ୍ରରେ ଆମେମାନେ ଦେଖିବାକୁ ପାଉଁ ଯେ, ଡିଟେକ୍‌ଟିଭ ଉପନ୍ୟାସ ବା ଐତିହାସିକ, ସାମାଜିକ, ମନସ୍ତତ୍ତ୍ୱ ଓ ସମାଜ-ତତ୍ତ୍ୱ ପୂର୍ଣ୍ଣ ଗଳ୍ପ, ଉପନ୍ୟାସ ବା ନାଟକ ଓଡ଼ିଆରେ ବଡ଼ ବିରଳ। ଏ ଅଭାବର ଦୂରୀକରଣ ପାଇଁ ଲେଖକମାନଙ୍କର ସର୍ବାଦୌ ଦୃଷ୍ଟି ପଡ଼ିବା ଉଚିତ।

୨। ଭ୍ରମଣ ବୃତ୍ତାନ୍ତ :

ଏହା ସାହିତ୍ୟର ଗୋଟାଏ ପ୍ରଧାନ ଶାଖା। ଭ୍ରମଣ କାହାଣୀ ପଢ଼ିଲା ବେଳେ ପାଠକ ପାଠିକାମାନେ ଚଳଚ୍ଚିତ୍ରର ଦୃଶ୍ୟ ଦେଖିଲା ଭଳି ଭିନ୍ନ ଭିନ୍ନ ସ୍ଥାନର ସାମାଜିକ, ରାଜନୈତିକ, ଐତିହାସିକ ଓ ଭୌଗୋଳିକ ବିଷୟମାନ ପଢ଼ି ପରମ ତୃପ୍ତି ଲାଭ ସଙ୍ଗେ ସଙ୍ଗେ ବିଶେଷ ଜ୍ଞାନଲାଭ କରିଥାଆନ୍ତି। ପ୍ରତ୍ୟେକ ଉନ୍ନତ ଭାଷାରେ ଭ୍ରମଣ ବୃତ୍ତାନ୍ତ ଗୋଟିଏ ସ୍ଥାନ ଅଧିକାର କରିଛି। ସେହି ଭ୍ରମଣ କାହାଣୀ ଲେଖିବା ପାଇଁ କେତେ ଜାତିର କେତେ ଯୁବକ ପଦବ୍ରଜରେ, ସାଇକେଲରେ, ମୋଟର କାରରେ, ବ୍ୟୋମଯାନରେ ବା ଅନ୍ୟ ପ୍ରକାରେ ପୃଥିବୀର ନାନା ସ୍ଥାନ ପରି ଭ୍ରମଣ କରି, ନାନା ସ୍ଥାନର

Digitized by srujanika@gmail.com

ନାନା ଦେଶର କେତେ କେତେ କୌତୁହଳପ୍ରଦ ଘଟଣାବଳୀ ଲିପିବଦ୍ଧ କରି ଦେଶର, ଜାତିର ତଥା ସାହିତ୍ୟର ଅଶେଷ କଲ୍ୟାଣ ସାଧନ କରି ଯାଉଛନ୍ତି । କିନ୍ତୁ ଆମର ଓଡ଼ିଶା ପ୍ରଦେଶବାସୀ ଯୁବକମାନେ ସେ ବିଷୟରେ ନୀରବ—ନିଶ୍ଚେଷ୍ଟ । ଯୁବକର ପ୍ରାଣ ସର୍ବଦା ଅନୁସନ୍ଧିତ୍ସୁ ଓ ନୂତନତ୍ୱର ଆସ୍ୱାଦ ପାଇଁ ସର୍ବଦା ଉନ୍ମୁଖ ଓ ଚଞ୍ଚଳ ହେବା ଉଚିତ । ତା ନହୋଇ ନିସ୍ପନ୍ଦ ଓ ନିଶ୍ଚେଷ୍ଟ ହେଲେ ଯୁବକ ଓ ବୃଦ୍ଧ ମଧ୍ୟରେ ପ୍ରଭେଦ ରହିଲା କେଉଁଠି ? ଆମ ଦେଶର ଆଧୁନିକ ଶିକ୍ଷିତ ଯୁବକ ମାନେ ଯଦି କେବଳ ରାଜନୀତିର ଆବର୍ତ୍ତନରେ ନ ପଡ଼ି, ଭିନ୍ନ ଭିନ୍ନ ଦେଶ ଓ ସ୍ଥାନମାନଙ୍କରେ ପଦବ୍ରଜରେ, ସାଇକେଲରେ ବା ଅନ୍ୟ ଯେ କୌଣସି ପ୍ରକାରରେ ଭ୍ରମଣ କରି ଭିନ୍ନ ଭିନ୍ନ ସ୍ଥାନମାନଙ୍କର କୌତୁହଳପୂର୍ଣ୍ଣ ଘଟଣାବଳୀ ମାସିକ ପତ୍ରମାନଙ୍କରେ ଧାରାବାହିକ ରୂପେ ବା ସ୍ୱତନ୍ତ୍ର ପୁସ୍ତକ ଆକାରରେ ପ୍ରକାଶ କରନ୍ତେ, ତେବେ ଜାତିର, ଦେଶର ତଥା ମାତୃ ସାହିତ୍ୟର କି ଅଶେଷ କଲ୍ୟାଣ ସାଧିତ ନ ହୁଅନ୍ତା !

ଓଡ଼ିଶା ବାସୀ ଯୁବକ ମାନଙ୍କର ସେ ସୁବୁଦ୍ଧି କେବେ ଆସିବ କେଜାଣି ? ମୋର ଅନୁରୋଧ, ଶିକ୍ଷିତ ଯୁବକମାନେ ଏ ଦିଗରେ ଅଣ୍ଟାଭିଡ଼ି ବାହାରି ପଡ଼ନ୍ତୁ ।

୩ ଆଇନ, ବିଜ୍ଞାନ, ଚିକିତ୍ସା ଶାସ୍ତ୍ର, ଅର୍ଥଶାସ୍ତ୍ର ଓ ଦର୍ଶନ ଶାସ୍ତ୍ର ପ୍ରଭୃତି—

ସାହିତ୍ୟର ଏ ଦିଗଟା ମଧ୍ୟ ଗୋଟାଏ ବିଶିଷ୍ଟ ଦିଗ । ଭିନ୍ନ ଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ଆଇନଶାସ୍ତ୍ରମାନଙ୍କୁ ଅନୁବାଦ କରି ପକାଇଲେ ଇଂରାଜୀ ଅନଭିଜ୍ଞ ଲୋକମାନେ ବିଶେଷ ଉପକୃତ ହୁଅନ୍ତେ । ଏ ଦିଗରେ ଯୁବକ ଓକିଲମାନଙ୍କର ଦୃଷ୍ଟି ଦେବା ବିଶେଷ କର୍ତ୍ତବ୍ୟ ।

ବିଜ୍ଞାନ ଶାସ୍ତ୍ର ମାନଙ୍କର ପ୍ରଧାନ ପ୍ରଧାନ ଜ୍ଞାତବ୍ୟ ବିଷୟଗୁଡ଼ିକୁ ସଂଗ୍ରହ କରି ଓଡ଼ିଆରେ ପ୍ରକାଶ କଲେ ଲୋକସାଧାରଣଙ୍କର ବିଶେଷ ଉପକାର ହୁଅନ୍ତା । ଏ ଦିଗରେ କଲେଜର ବିଜ୍ଞାନବିତ୍ ପ୍ରଫେସରମାନଙ୍କର ଚେଷ୍ଟା କରିବା ଉଚିତ ।

ଚିକିତ୍ସା ଶାସ୍ତ୍ରର ଅବଶ୍ୟ ଜ୍ଞାତବ୍ୟ ବିଷୟ ଗୁଡ଼ିକୁ ସହଜ ସରଳ ଓଡ଼ିଆରେ ପ୍ରକାଶ କଲେ ଲୋକମାନଙ୍କର ଯେ କି ଅଶେଷ ଉପକାର ହୁଅନ୍ତା ତାହା ବର୍ଣ୍ଣନାତୀତ । ଏ ଦିଗରେ ଶ୍ରୀଯୁକ୍ତ ବନବିହାରୀ ପଟ୍ଟନାୟକ ପ୍ରଭୃତି କେତେକ କୃତବିଦ୍ୟ ଓଡ଼ିଆ ଡାକ୍ତର ଚେଷ୍ଟା କରୁଥିବା ଅବଶ୍ୟ ଶୁଭ ସଙ୍କେତ । ମୋର ଅନୁରୋଧ, ଓଡ଼ିଆ ଡାକ୍ତର, କବିରାଜମାନେ ଚିକିତ୍ସାଶାସ୍ତ୍ର ବିଷୟ ଓଡ଼ିଆରେ

Digitized by srujanika@gmail.com

ପ୍ରକାଶ କରିବା ପାଇଁ ଆହୁରି ଅଧିକ ଚେଷ୍ଟା କରି ଦେଶ ତଥା ଜାତିର କଲ୍ୟାଣ ସାଧନ କରିବେ ।

୪ । ଅର୍ଥ ଶାସ୍ତ୍ର ଓ ଦର୍ଶନ ଶାସ୍ତ୍ର—

କଲେଜର ପ୍ରଫେସରମାନେ ବା ଉକ୍ତ ଶାସ୍ତ୍ରମାନଙ୍କରେ ସମ୍ମାନ ସହିତ ପାଶ କରିଥିବା ଶିକ୍ଷିତ ଯୁବକମାନେ ଏ ଦିଗରେ ଚେଷ୍ଟା କରିବା ବିଶେଷ ଦରକାର । ଉତ୍କଳର ଆର୍ଥିକ ଚିତ୍ର ଅଙ୍କନ କରିବା ବିଷୟରେ କେତେ ଦିଗରେ ପ୍ରୟାସ କରାଯାଇପାରେ, ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମୁଖର୍ଜି 'ଉତ୍କଳ ସାହିତ୍ୟ'ରେ ଧାରାବାହିକ ଭାବରେ ତାଙ୍କର ପ୍ରକାଶିତ 'ଆର୍ଥିକ ଉତ୍କଳ'ରେ ତା'ର ପରିଚୟ ଦେଇଛନ୍ତି ।

୫ । କାବ୍ୟ ଓ କ୍ଷୁଦ୍ର କବିତା :

ଏ ବିଷୟରେ ମୋର ବିଶେଷ କିଛି କହିବାର ନାହିଁ । କାରଣ ଏ ଦିଗରେ ଚେଷ୍ଟାର ବିଶେଷ ତ୍ରୁଟି ଲକ୍ଷିତ ହେଉ ନାହିଁ ।

ଅନୁବାଦ—

ସାହିତ୍ୟର ପୁଷ୍ଟି ସାଧନ ପାଇଁ ଏହା ଗୋଟିଏ ପ୍ରକୃଷ୍ଟ ଉପାୟ । ଅନୁବାଦ କରିବା କିଛି ନିନ୍ଦାର ବିଷୟ ନୁହେଁ । ଭିନ୍ନ ଭିନ୍ନ ଭାଷାର ଶ୍ରେଷ୍ଠ ସମ୍ପଦଗୁଡ଼ିକୁ ନିଜ ଭାଷାରେ ଅନୁବାଦ କରି ପାରିଲେ ଭାଷା ତଥା ସାହିତ୍ୟ ବିଶେଷ ଉନ୍ନତି ଲାଭ କରିବ । ଅତଏବ ଉଦୀୟମାନ ଲେଖକମାନଙ୍କର ଏ ଦିଗରେ ଦୃଷ୍ଟି ପଡ଼ିବା ଉଚିତ ।

୬ । ଜୀବନୀ :

ପ୍ରଧାନ ପ୍ରଧାନ ଲେଖକମାନଙ୍କର ଜୀବନୀ ସଂଗ୍ରହ କରି ପ୍ରକାଶ କରିବା ସାହିତ୍ୟର ଗୋଟାଏ ବିଶିଷ୍ଟ ଅଙ୍ଗ । ଏ ଦିଗରେ ମଧ୍ୟ ଲେଖକମାନଙ୍କର ଦୃଷ୍ଟି ଦେବା ଉଚିତ ।

୭ । ସମାଲୋଚନା :

ଏହା ଅବଶ୍ୟ ସାହିତ୍ୟର ଗୋଟିଏ ପ୍ରଧାନ ଅଙ୍ଗ ଓ ଏହାର ପୁଷ୍ଟି ସାଧନ ବିଶେଷ ଦରକାର । କିନ୍ତୁ ସମାଲୋଚନା ସାମ୍ପ୍ରଦାୟିକ ବା ଦଳଗତ ବିଷୟରେ

Digitized by srujanika@gmail.com

ଦୃଷ୍ଟି ନ ହୋଇ ନିରପେକ୍ଷ ହେବା ଉଚିତ । ସମାଲୋଚକ ବ୍ୟକ୍ତିବିଶେଷର ଜାତିଧର୍ମ ବୟସ ବା ସ୍ୱଭାବ ପ୍ରତି ନଜର ନଦେଇ ତାଙ୍କ କୃତ ଲେଖାର ସମାଲୋଚନା କରିବା ଉଚିତ । ସମାଲୋଚକର କର୍ତ୍ତବ୍ୟ ଅତି ଗୁରୁତର । ଲେଖକର ଜ୍ଞାନଠାରୁ ସମାଲୋଚକର ଜ୍ଞାନ ଅଧିକ ମାର୍ଜିତ ଓ ପରିପୁଷ୍ଟ ହେବା ଦରକାର । ଆଜିକାଲି ଯେପରି କେତେକ ଅପରିପକ୍ୱ ଯୁବକ ନିଜକୁ ନିଜେ ସମାଲୋଚକର ଆସନରେ ବସାଇ ବଙ୍ଗଦେଶର 'ଶନିବାରର ଚିଠି'ର ନକଲ କରିବାକୁ ବସିଛନ୍ତି, ତାଦ୍ୱାରା ଓଡ଼ିଆ ସାହିତ୍ୟର ଉନ୍ନତି ହେବା ଦୂରେ ଥାଉ, ଓଡ଼ିଆ ସାହିତ୍ୟ ଉପରେ ଶନି-ଦୃଷ୍ଟି ପଡ଼ୁଛି ବୋଲି ମନେ କରିବାକୁ ହେବ । ଏପରି ସାମ୍ପ୍ରଦାୟିକ ଓ ବ୍ୟକ୍ତିଗତ ଦୋଷ ଦୁଷ୍ଟ ନିରର୍ଥକ ସମାଲୋଚନା ଯେ କେତେ ଉଦୀୟମାନ ନବୀନ ଲେଖକ-ମାନଙ୍କର ନବୋନ୍ମେଷଶାଳିନୀ ପ୍ରତିଭା ମୂଳରେ କୁଠାରାଘାତ କରିବ, ତାର ଇୟତ୍ତା ନାହିଁ । ସୁତରାଂ ଏପରି ସମାଲୋଚନା ବର୍ତ୍ତମାନ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସର୍ବଥା ପରିତ୍ୟାଜ୍ୟ ।”

●

Digitized by srujanika@gmail.com

॥ ପଞ୍ଚମ ପରିଚ୍ଛେଦ ॥

ସବୁଜ ସାହିତ୍ୟ ସମ୍ବନ୍ଧରେ ଆଲୋଚନା

ଦୁଃଖର ବିଷୟ ଯେ, ଉତ୍କଳ ସାହିତ୍ୟ ସମାଜ ପରି ପ୍ରତିଷ୍ଠାନରେ ସେପଟେମ୍ବର ୧୯୩୩ ସାଲର ୧୬।୧୭ ତାରିଖର ବାର୍ଷିକ ସଭାରେ ମଧ୍ୟ ଏହିଭଳି ଗୁଡ଼ିଏ କଟୁ ସମାଲୋଚନା ହୋଇଥିଲା, ଯଦିଓ ସବୁଜ ଗୋଷ୍ଠୀ ସବୁଦିନେ ଉକ୍ତ ସମାଜର ନିଷ୍ଠାପର ସଭ୍ୟ ଓ କର୍ମୀ ଥିଲେ। ସେଭଳି ସମାଲୋଚନାର ଉତ୍ତର ଦେବାକୁ ଯାଇ 'ଯୁଗବୀଣା'ର ୧୯୩୩ ସାଲ ସେପ୍‌ଟେମ୍ବରରେ ପ୍ରଥମ ବର୍ଷର ନବମ ସଂଖ୍ୟାରେ ନିମ୍ନଲିଖିତ ସମ୍ପାଦକୀୟ ଟିପ୍‌ପଣୀ ପ୍ରକାଶ କରାଯାଇଥିଲା :—

"ଉତ୍କଳ ସାହିତ୍ୟ ସମାଜ ଓ ବର୍ତ୍ତମାନ ସାହିତ୍ୟ ପ୍ରତି ଆକ୍ଷେପ"—

ଚଳିତ ବର୍ଷର ଉତ୍କଳ-ସାହିତ୍ୟ ସମାଜର ବାର୍ଷିକ ଉତ୍ସବ ଗତ ସେପ୍‌ଟେମ୍ବର ୧୬। ୧୭ ତାରିଖରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହୋଇଥିଲା। ଉତ୍ସବଟିର ଆୟୋଜନ ଓ ପରିକଳ୍ପନା ସୁନ୍ଦର ହୋଇଥିଲା। ପ୍ରଧାନ ସଭାପତି ହୋଇଥିଲେ ବାଣୀର ସାହିତ୍ୟ ସେବୀ ନୀରବ ସାଧକ ଶ୍ରୀଯୁକ୍ତ ଜଳନ୍ଧର ଦେବ। ଶ୍ରୀଯୁକ୍ତ ସତ୍ୟନାରାୟଣ ରା[illegible] ମହାଶୟ ଓ ଶ୍ରୀଯୁକ୍ତ ବଳଭଦ୍ର ଧୀର ଇତିହାସ ଓ ସଙ୍ଗୀତ ଶାଖାର ସଭାପତି ରୂପେ କାର୍ଯ୍ୟ କରିଥିଲେ। ଗତ ଦୁଇ ବର୍ଷ ହେଲା ସାହିତ୍ୟ ସମାଜର ଗତି ଭିନ୍ନ ଆକାର ଧାରଣ କରିଥିଲା ପରି ବୋଧ ହୁଏ। ସାଧାରଣ ଉତ୍ସାହ ଏ ଦିଗରେ ଟିକିଏ ଅଗ୍ରସର ହେବାର ପ୍ରମାଣ ଆମ୍ଭେମାନେ ବହୁ ସଂଖ୍ୟକ ଯୁବକ ଓ ଭଦ୍ରବ୍ୟକ୍ତିଙ୍କର ଉପସ୍ଥିତିରୁ ପାଇଅଛୁ। ଏ ଉତ୍ସାହ କ୍ଷଣିକ କି ଅଳୀକ, ତାହା ବର୍ତ୍ତମାନ କହି ହେବ ନାହିଁ।

ଏ ବର୍ଷର ଉତ୍ସବ ଅବସରରେ ସଭାରେ, ଟିକିଏ ବିଶୃଙ୍ଖଳା ଘଟିଥିଲା। ଯୌବନର ଅସହିଷ୍ଣୁତାରୁ ସାହିତ୍ୟ ମଣ୍ଡପ ସୁଦ୍ଧା ପରିତ୍ରାଣ ପାଇ ନଥିଲା। ତାହା ଅପେକ୍ଷା ଅଧିକ ପରିସ୍ଫୁଟ ହୋଇଥିଲା ବର୍ତ୍ତମାନ ଓଡ଼ିଆ ସାହିତ୍ୟର ଧାରା ପ୍ରତି ପ୍ରୌଢ଼ ସାହିତ୍ୟିକଙ୍କର ଆକ୍ଷେପ। ଏହି ପ୍ରକାର ଖେଦୋକ୍ତି ଆଜିକାଲି ବେଳେ ବେଳେ ଶୁଣାଯାଏ, ମାସିକ ପତ୍ରରେ ମଧ୍ୟ ସାମୟିକ ସ୍ଥାନ ପାଇଥାଏ। ପ୍ରକୃତରେ କଣ ଆଧୁନିକ ଓଡ଼ିଆ ସାହିତ୍ୟ ପୁରାତନ ସାହିତ୍ୟର ଅପବିକାଶ ନୁହେଁ ଏହାର ଉତ୍ତର ପାଇଁ ତିନି ଗୋଟି ପ୍ରଧାନ ସମୟର ସାହିତ୍ୟର ଧାରା ପ୍ରତି ଦୃଷ୍ଟି ରଖି ବିଚାର କରିବାକୁ ହେବ। (୧) ପୁରୁଣା ଓଡ଼ିଆ ସାହିତ୍ୟ—ଭଞ୍ଜ,

Digitized by srujanika@gmail.com

ବୈଷ୍ଣବସ୍ୱୀ ପ୍ରଭୃତଙ୍କର ରସ ଲେଖା, (୨) । ରାଧାନାଥ, ମଧୁସୂଦନ, ଫକୀର ମୋହନ ପ୍ରଭୃତଙ୍କର ସଂଯୋଜନ ସମସ୍ତ । (୩) ବର୍ତ୍ତମାନର ସାହିତ୍ୟର ଗତ । ଆଧୁନିକ ସାହିତ୍ୟର ମୂଳକର୍ତ୍ତା ରୂପେ ରାଧାନାଥଙ୍କୁ ଧରିଲେ, ରାଧାନାଥଙ୍କର ପୂର୍ବବର୍ତ୍ତୀ ସାହିତ୍ୟ, ରାଧାନାଥଙ୍କର ପରବର୍ତ୍ତୀ ସାହିତ୍ୟକୁ ଆମ୍ଭେମାନେ ଦୁଇଟି ବିଶିଷ୍ଟ ସମୟର ଭାବ-ଉଚ୍ଛ୍ୱାସ ରୂପେ ଗ୍ରହଣ କରିପାରୁ । ଏହି ଦୁଇଟି ଅଭିବ୍ୟକ୍ତି ଦେଶ, କାଳ, ପାତ୍ରର ବେଷ୍ଟନୀ ଅତକ୍ରମ କରି ନଥିଲେ ସେମାନଙ୍କ ମଧ୍ୟରେ ପୂର୍ବାପର ଭାବ ରହିଅଛି ବୋଲି ଧରାଯାଇ ପାରେ । ଏହା ଅବଶ୍ୟ ସାହିତ୍ୟର କ୍ରମ ବିକାଶର ଏକ ସ୍ଥୂଳ ପରୀକ୍ଷା । ଏହା‌ରେ ସୂକ୍ଷ୍ମ ଭାବରେ ଆଲୋଚନା କରିବାକୁ ହେବ ଯେ, ଭାଷା ଓ ଭାବ ନେଇ ସାହିତ୍ୟର କ୍ରମବିକାଶ ଘଟିଛି କି ନାହିଁ । ଏଥିରେ ସମସ୍ତ ଓ ଶିକ୍ଷାର ପ୍ରଭାବ ପଡ଼ିବା କେତେଦୂର ଅନିବାର୍ଯ୍ୟ, ତାହା ମଧ୍ୟ ଜାଣି ରଖିବା ଉଚିତ । ଏହି ପ୍ରକାରର ଆଲୋଚନା ମୂଳକ ପରୀକ୍ଷା ନକରି କୌଣସି ସମୟର ସାହିତ୍ୟ ପ୍ରତି ଆକ୍ଷେପ ପ୍ରକାଶ କରିବା ସହଜ ହୋଇପାରେ—କିନ୍ତୁ ସୁନ୍ଦର ନୁହେଁ ।

ଏ ଘଟଣାର ଠିକ ମାସକ ପରେ ୧୯୩୩ ସାଲ ଅକ୍ଟୋବର ମାସରେ 'ଯୁଗବାଣୀ'ର ଦଶମ ସଂଖ୍ୟାରେ ଶ୍ରୀ ବିମଳ କୃଷ୍ଣ ପାଲ ତାଙ୍କର ନିମ୍ନଲିଖିତ ଲେଖାରେ ସବୁଜ ଗୋଷ୍ଠୀର ଅଭିମୁଖ୍ୟର ସପକ୍ଷରେ ସ୍ୱୟଂ ରବୀନ୍ଦ୍ରନାଥଙ୍କୁ ଠିଆ କରିଥିଲେ:—

ସାହିତ୍ୟରେ ସମାଲୋଚନା—

କବିଗୁରୁ ରବୀନ୍ଦ୍ରନାଥଙ୍କର ନୋବେଲ ପୁରସ୍କାର ପ୍ରାପ୍ତିର ପରବର୍ତ୍ତୀ କାଳରେ ତାଙ୍କର କତିପୟ ବନ୍ଧୁ ଦେଶର ସାହିତ୍ୟ ଜଗତ୍ ସମ୍ବନ୍ଧରେ କେତୋଟି ପ୍ରଶ୍ନ ପଚାରିଥିଲେ । ରବୀନ୍ଦ୍ର ତାହାର ଉତ୍ତର ଛଳରେ ଯେ ଗଭୀର ସାହିତ୍ୟିକ ସତ୍ୟର ଅବତାରଣା କରିଛନ୍ତି, ଭାରତୀୟ ପ୍ରତ୍ୟେକ ସାହିତ୍ୟିକର ତାହା ପ୍ରଣିଧାନର ବିଷୟ ।

ପ୍ରଶ୍ନ—ଲେଖକମାନଙ୍କର ଗୋଟାଏ ବଡ଼ ଅସୁବିଧା ଯେ, ସେମାନଙ୍କର ରଚନାର ନିରପେକ୍ଷ ସମାଲୋଚନା ହୁଏ ନାହିଁ । ଆପଣ ବହୁଦିନ ପୂର୍ବେ ଏହି ଅନୁଯୋଗ କରିଥିଲେ ।

ରବୀନ୍ଦ୍ର—ଏକଥା ସତ୍ୟ, କିନ୍ତୁ ଯେଉଁମାନେ ଏକାବେଳେକେ ଯେ criticised ହୁଅନ୍ତି ନାହିଁ, ତାହା ନୁହେଁ ତେବେ ସେ criticismର କୌଣସି

Digitized by srujanika@gmail.com

ମୂଲ୍ୟ ନାହିଁ, କାରଣ ସେ ସବୁ ସମାଲୋଚନା ଆମ୍ଭମାନଙ୍କର ଅଭିଜ୍ଞତା-ପ୍ରସୂତ ନୁହେଁ । ଆମ୍ଭମାନଙ୍କର ହୃଦୟର ଅନ୍ତର୍ଦ୍ଦେଶରୁ ତାହା ବାହାରେ ନାହିଁ । ସମାଲୋଚନା କରିବାକୁ ଯାଇ ଆମେ କେବଳ ପୁସ୍ତକର କଥାହିଁ ରୋମନ୍ଥନ କରିଥାଉଁ, ପୁସ୍ତକର ନକ୍ସାର ଯୋଗାଡ଼ କରୁ । ସେଥିରେ କୌଣସି ଉପକାର ହୁଏ ନାହିଁ । ପୁଣି ତୀବ୍ର ସମାଲୋଚନା ମଧ୍ୟ ସମୀଚୀନ ନୁହେଁ । ଗଛରେ ଅସଂଖ୍ୟ ମୁକୁଳ ଧରେ, କିନ୍ତୁ କାଳକ୍ରମେ ଅଧିକାଂଶ ହିଁ ଆପେ ଝଡ଼ିପଡ଼େ, ସେ ଗୁଡ଼ିକ ଦୂର କରିବାକୁ କୌଣସି ବିଶେଷ ଅୟୋଜନର ଦରକାର ହୁଏ ନାହିଁ । ବର୍ତ୍ତମାନ ଆମ ଦେଶରେ ସୃଷ୍ଟିର ଯୁଗ । ବୋଧହୁଏ ଆଜିସୁଦ୍ଧା ଆମ ଦେଶରେ ସମାଲୋଚନା ଯୁଗ ଆସିନାହିଁ ।

ପ୍ରଶ୍ନ—କିନ୍ତୁ ତାହା ବୋଲି ଲେଖକମାନଙ୍କ ପ୍ରତି ଉପେକ୍ଷା ପ୍ରଦର୍ଶନ କରିବା କଣ ଯୁକ୍ତିଯୁକ୍ତ ?

ରବୀନ୍ଦ୍ର—ଲେଖକ ମାନେ ଯାହା କହନ୍ତି ତାହା ଯଦି ପ୍ରାଣରେ ସ୍ପନ୍ଦନ ନହୁଏ, ତେବେ ପାଠକର ହୃଦୟ ତନ୍ତ୍ରୀରେ ତାହାର ସ୍ପର୍ଶ ଆସିବ କାହୁଁ ? ସେମାନେ ସେଥିରେ interest ନେବେ କିଆଁ ? ଆମ ଦେଶର ଲେଖକମାନେ ଗୋଟାଏ ବନ୍ଧା ସଂସ୍କାରର ଅନ୍ଧ ଅନୁକରଣ ପ୍ରୟାସୀ । ଯେସବୁ ମତବାଦ ସେମାନଙ୍କୁ ନିର୍ଦ୍ଦିଷ୍ଟ କରି ଦିଅହୋଇଛି, ସେ ଗୁଡ଼ିକ ସେମାନେ ସୁବୋଧ ବାଳକ ଭଳି ନିର୍ବିବାଦରେ ଗ୍ରହଣ କରି ନେଇଛନ୍ତି ଏବଂ କେବଳ ସେଥିରେ ହିଁ ସେମାନେ ବାହାଦୁରି ଦେଖେଇବାକୁ ଚାହାଁନ୍ତି—ଅଥଚ ସେମାନେ ସ୍ୱାଧୀନ ଭାବରେ ଭାବି ପାରନ୍ତିନାହିଁ, ଦେଖନ୍ତି ନାହିଁ କିମ୍ବା ବିଚାର କରନ୍ତି ନାହିଁ । ଏପରିକି ଗୃହଅଙ୍ଗୁ ଭିନ୍ନ ଭିନ୍ନ ଦିଗରୁ ବିଷୟଟିକୁ ବିଶ୍ଳେଷଣ କରି ଦେଖିବା ଯେ ଉନ୍ନତ ମାନସିକତାର ପରିଚାୟକ, ସେଥିରେ ସେମାନେ ସାମାନ୍ୟ ଚେଷ୍ଟା ସୁଦ୍ଧା କରନ୍ତି ନାହିଁ । ଶିଶୁ-ହାତରେ ଘଣ୍ଟାଟିଏ ଦେଲେ ସେ ତାକୁ ଭାଙ୍ଗି ଚୂନା କରିଦିଏ, ତାହାପରେ ତାହା ଭିତରେ କଣ ଅଛି ତାହା ମନ ଦେଇ ଦେଖେ । କେବେ ଆମ ଭିତରେ ଏହି ଶିଶୁ ସୁଲଭ ମନୋଭାବ ଜାଗ୍ରତ ହେବ ? ଆମେ କଣ ଚିରବୃଦ୍ଧ ହୋଇ ରହିବୁ ? ଆମ ଦେଶରେ କଣ ବସନ୍ତର ନବୀନ ବାୟୁ ବହିବ ନାହିଁ ? ଯୌବନର ଉଦ୍ଦାମତା ଆମ୍ଭମାନଙ୍କୁ ଚଞ୍ଚଳ ଓ ଉନ୍ମାଦ କରିବ କେବେ ? କେବେ ଆମର ଲେଖକମାନେ ସଂସ୍କାର ବନ୍ଧନହୀନ, ଲୋକମତ ନିରପେକ୍ଷ ହୋଇ ସ୍ୱାଧୀନ ଓ ନିର୍ଭୀକ ଭାବରେ ପ୍ରାଣର ଆବେଗରେ ପ୍ରାଣର କଥା କହିଶିଖିବେ ?''

୧୯୭୦ ସାଲ ୩୦ । ୮ । ୭୦ ଦିନ 'ପ୍ରଜାତନ୍ତ୍ର'ରେ ପୁଣି ଥରେ ସବୁଜ ସାହିତ୍ୟର ସମୀକ୍ଷା ହୋଇଥିଲା 'ଓଡ଼ିଆ ସାହିତ୍ୟରେ ଅଧୁନିକ ଚେତନା' ସମ୍ବନ୍ଧରେ ।

Digitized by srujanika@gmail.com

ଲେଖକ—ଶ୍ରୀ ବାଳଗୋପାଳ ପୁରୋହିତ

ପ୍ରବନ୍ଧଟି ନିମ୍ନରେ ଦିଆଗଲା—

"ସାହିତ୍ୟରେ 'ଆଧୁନିକ ଚେତନା' କିମ୍ବା 'ଆଧୁନିକତା' ଶବ୍ଦ କେବଳ ଏକ ମୋହ-ଗ୍ରସ୍ତ ବ୍ୟକ୍ତିର ବିଳାସ ହୋଇ ନ ପାରେ। ନିତ୍ୟ ଚଳ, ଗତିଶୀଳ ଅର୍ଥାତ୍ ନିତ୍ୟ କଳାତ୍ମକ ସୃଜନ ପ୍ରକ୍ରିୟାରେ ସାଧନରତ ଜୀବନ୍ତ ସୃଷ୍ଟି ପାଇଁ ସାହିତ୍ୟରେ ଯେଉଁ ଯୁଗୋଚିତ ଆହ୍ୱାନ ରହିଥାଏ ବାସ୍ତବତଃ ତାହାହିଁ ହେଉଛି ଆଧୁନିକ ଚେତନାର ମୂଳ-ଧାରା। ଓଡ଼ିଆ ସାହିତ୍ୟରେ 'ଆଧୁନିକ-ଚେତନାର ପୂର୍ବଭୂମି ସ୍ୱାଧୀନତା ପୂର୍ବ ସବୁଜ-ଗୋଷ୍ଠୀର ସୃଷ୍ଟି ଧାରାର ସିଞ୍ଚନରେ ପରିଗଠିତ। ଓଡ଼ିଆ ସାହିତ୍ୟରେ ସତ୍ୟବାଦୀ ଗୋଷ୍ଠୀ ପର୍ଯ୍ୟନ୍ତ ଜାତୀୟ ସଂସ୍କୃତି-ମୂଳକ ଉତ୍କଳୀୟ ପରମ୍ପରାର ଧାରା ବିରାଜିତ ଥିଲା। ସତ୍ୟବାଦୀ ସ୍କୁଲର ଅପସାରଣ ପରେ ପରେ ଏପରି ଏକ ତରୁଣ ଲେଖକ ଗୋଷ୍ଠୀ ଦେଖାଦେଲେ—ଯେଉଁମାନଙ୍କ ପ୍ରେରଣାର ଚେର ଓଡ଼ିଶା ମାଟିରୁ ରସ ସଂଗ୍ରହ ନକରି, କଲିକତାଣୀୟ ଅନ୍ୟାନ୍ୟ ପ୍ରାନ୍ତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରୁ। ଏପରିକି ସବୁଜ' ଶବ୍ଦଟି ମଧ୍ୟ ବଙ୍ଗଦେଶରୁ ଆହୃତ ହେଲା। ଏହି ଦଳର ଅନ୍ୟତମ ମୌଳିକ ସ୍ରଷ୍ଟା 'ଅନ୍ନଦା ଶଙ୍କର ରାୟ'ଙ୍କର ଲେଖା ଗୁଡ଼ିକରେ ସଂଘର୍ଷ ମଥିତ ତରୁଣ ପ୍ରାଣର ବେଦନା ସହିତ ଜୀବନର କୋମଳ ସୌନ୍ଦର୍ଯ୍ୟାନୁଭୂତି ଅପୂର୍ବ ଶ୍ରୀମଣ୍ଡିତ ହୋଇ ଦେଖା ଦେଲା। କବି ବୈକୁଣ୍ଠନାଥଙ୍କର କବିତାରେ ଏକ ସଙ୍ଗରେ ବୁଦ୍ଧି ଓ ରହସ୍ୟାନୁଭୂତିର ସମନ୍ୱୟ ଦେଖିବାକୁ ମିଳୁଥିଲେ ମଧ୍ୟ ଜୀବନର ବାସ୍ତବ ବାଣୀ ଦେବାରେ ସେ ଗୁଡ଼ିକ ସକ୍ଷମ ନୁହନ୍ତି, ଯଦିଓ ଗଭୀର ଦୁଃଖାନୁଭୂତି, ସତ୍ୟଦର୍ଶନ ଓ ଆତ୍ମ ବିଶ୍ଳେଷଣର ପର୍ଯ୍ୟାପ୍ତ ଉଦ୍ୟମ ସେ ସବୁଥିରେ ରହିଛି। କାଳିନ୍ଦୀଚରଣ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସରେ ଏକ ବଶିଷ୍ଟ ସ୍ରଷ୍ଟା ରୂପେ ପ୍ରତିଷ୍ଠିତ ହୋଇ ମଧ୍ୟ କବି ଓ ପ୍ରବନ୍ଧିକ ରୂପେ 'ସବୁଜ'—ଦଳର ଏକକ ଜୀବନ୍ତ ପ୍ରତୀକରୂପେ ଦଣ୍ଡାୟମାନ ହୋଇ ରହିଛନ୍ତି। 'ମାଟିର ମଣିଷ' ଉପନ୍ୟାସରେ ପ୍ରଚଣ୍ଡ ଉତ୍କଳୀୟ ଗ୍ରାମ୍ୟ-ଚିତ୍ର ବାସ୍ତବତା ଦିଗରୁ ସିଦ୍ଧିପ୍ରାପ୍ତ ହୋଇ ଥିଲେ ମଧ୍ୟ ତହିଁରେ ପ୍ରମାଣିତ ଗାନ୍ଧୀ ଆଦର୍ଶ ଅଙ୍କର ପରିପ୍ରେକ୍ଷୀରେ କେବଳ ଏକ ଇଙ୍ଗିତ ହୋଇ ରହିଯାଏ ମାତ୍ର। ଏ ସବୁ ସତ୍ତ୍ୱେ, 'ସବୁଜ' ମାନେ ଓଡ଼ିଆ ଭାଷାରେ ଦେଲେ ନୂତନ ଛନ୍ଦ, ସଙ୍ଗୀତ, ନୂତନ ରୂପ। ସ୍ୱାଧୀନ ଚିନ୍ତାଧାରା ସହିତ ଓଡ଼ିଆର ବୁଦ୍ଧିଜୀବୀ ପାଠକଙ୍କୁ ପରିଚିତ କରାଇଲେ। ଓଡ଼ିଆ ସାହିତ୍ୟରେ ପ୍ରଥମ କରି ଆନ୍ତର୍ଜାତିକ ବାତାବରଣ ସୃଷ୍ଟି କଲେ—ଏକ ନୂତନ ବୌଦ୍ଧିକ ଚକ୍ରବାଳ ଆବିଷ୍କାର କଲେ। ସେଥିପାଇଁ ଆଧୁନିକ ଓଡ଼ିଆ ସାହିତ୍ୟ ସେମାନଙ୍କ ନିକଟରେ କୃତଜ୍ଞ ରହିଛି।' 'ଯୁଗବାଣୀ'ର ଦ୍ୱିତୀୟ ବର୍ଷର ୨।୩ୟ ସଂଖ୍ୟାରୁ ଆରମ୍ଭ କରି ଶ୍ରୀଯୁକ୍ତ ଗୋବିନ୍ଦ ତ୍ରିପାଠୀ, ଏମ୍. ଏ. ଧାରାବାହିକ ଭାବରେ 'ସାହିତ୍ୟ, ପ୍ରାଚ୍ୟ ଓ ପାଶ୍ଚାତ୍ୟ' ନାମ ଦେଇ ଏକ ପ୍ରବନ୍ଧ ଲେଖାରେ, ପ୍ରାଚୀନ

Digitized by srujanika@gmail.com

ଓ ନବ୍ୟ ଗୋଷ୍ଠୀର ସାହିତ୍ୟ ସୃଷ୍ଟି ମଧ୍ୟରେ ଏକ ସମନ୍ୱୟର ଇଙ୍ଗିତ ଦେଲେ । ସେ ପ୍ରବନ୍ଧର ପ୍ରାରମ୍ଭିକ କେତୋଟି ଅଂଶରି ଥିଲା ତାଙ୍କର ମୂଳକଥା : —

ଆଜିକାଲି ଓଡ଼ିଆ ସାହିତ୍ୟ ଯେ ନୂଆଙ୍ଗ ସାଜିଛି, ତାହା କେତେକ ସମାଲୋଚକଙ୍କ ଆଖିକୁ ବଡ଼ ଭଲ ମନେହଉଛି, କେତେକଙ୍କର ଆଖିକୁ ବିକୃତ ଓ ଅସୁନ୍ଦର ଜଣାପଡ଼ୁଛି ! କୌଣସି ସମାଲୋଚକ ଦଳର ଏହା ଭୁଲ୍ ବୋଲି ମୁଁ କହୁନାହିଁ । କାରଣ ଯେଉଁମାନେ ବର୍ତ୍ତମାନ ସାହିତ୍ୟକୁ ପସନ୍ଦ କରୁଛନ୍ତି, ସେମାନେ ଆଧୁନିକ ଯୁଗ ସଭ୍ୟତାର ଚକ୍ଷୁବନ୍ଧନ ମନ୍ତ୍ରରେ ବଶୀଭୂତ ହୋଇଅଛନ୍ତି । ତା ନ ହୋଇଥିଲେ ମୁଁ ସେମାନଙ୍କୁ କାଠ ପଥରଠାରୁ ମଧ୍ୟ ହୀନତର ବୋଲି କହନ୍ତି । ପାଶ୍ଚାତ୍ୟ ସଭ୍ୟତାର ସାର ସାହିତ୍ୟ ପଢ଼ି ଏବଂ ତାହାର ଭାବ କୁହେଳିରେ ପଡ଼ି ସେମାନେ ଯଦି ଡ଼ାଫୋଡ଼ିଲ ଭଳି ଆମଦେଶର କଥାବୁଢ଼ା ମଲ୍ଲି ବଉମଲ୍ଲୀକୁ ଭଲ ପାଆନ୍ତି, ତାହାହେଲେ ସେମାନେ ହେଲେ ହେବେ ଶୁଷ୍କ ପ୍ରାଣ ନୀରସ-ଜୀବନ ତପସ୍ୱୀ-ନ ହେଲେ ବିଷୁବ ରେଖାର ଆତପ କ୍ଳିଷ୍ଟ ଛାଙ୍ଗର ମରୁଭୂମି । ଯେଉଁମାନେ ଏହାକୁ ନିନ୍ଦା କରୁଛନ୍ତି, ସେମାନେ ଯେ ପ୍ରକୃତ ଜାତୀୟତା ଏବଂ ନିଜର ଜାତିଗତ ବୈଶିଷ୍ଟ୍ୟ ଭାବାନୁଯାୟୀତା ଦ୍ୱାରା ଅନୁପ୍ରାଣିତ ହୋଇଥିବେ ମଧ୍ୟ କୌଣସି ସନ୍ଦେହ ନାହିଁ । ଅତଏବ ଯେ କୌଣସି ଦୃଷ୍ଟିରୁ ଓଡ଼ିଆ ସାହିତ୍ୟର ଏହି ନବ-କଳେବରରେ ଦୁଃଖିତ ହେବାର କାହାର କିଛିନାହିଁ । ପ୍ରାଚ୍ୟ ଓ ପ୍ରତୀଚ୍ୟ ଭାବର ସଂମିଶ୍ରଣ ଦେଶ ଓ ଜାତିର ଉନ୍ନତି ପଥରେ ଅବଶ୍ୟ ପ୍ରୟୋଜନୀୟ । ଇଂରେଜୀ କବି କିପ୍‌ଲିଂ ଥରେ କହିଥିଲେ, ପ୍ରାଚ୍ୟ ପାଶ୍ଚାତ୍ୟ ଚିରଦିନ ପ୍ରାଚ୍ୟ ଓ ପାଶ୍ଚାତ୍ୟ ହୋଇ ରହିବ, ଏ ଦୁହିଁଙ୍କର ମିଳନ ଅସମ୍ଭବ । ଅମ୍ଭମାନଙ୍କ ଦେଶର ଅନେକ ବିଶିଷ୍ଟ ନେତା ଓ ଭାବୁକ ମଧ୍ୟ ଏହି କଥା ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରକାଶ କରି ଆସୁଅଛନ୍ତି ।

ପ୍ରକୃତରେ ଆମ୍ଭେମାନେ କାଳକ୍ରମେ ଯେ ସାହେବ ପାଲଟି ଯିବୁ, ଏ କଥା ସମ୍ଭବପର ନୁହେଁ । ପୃଥିବୀର ଇତିହାସ ପର୍ଯ୍ୟାଲୋଚନା କଲେ ଆମ୍ଭେମାନେ ଦେଖିବୁ ଯେ ନିତାନ୍ତ ଅସଭ୍ୟ, ଅପରିପକ୍ୱ ଜାତିଛଡ଼ା ଅନ୍ୟ କୌଣସି ଜାତି ଦ୍ୱିତୀୟ ବିଜେତୃ ଜାତିର ସମ୍ପର୍କରେ ଆସି ନିଜର ଜାତିତ୍ୱ ହରାଇ ନାହିଁ । ୟୁରୋପର ଟିଉ ଟୋନିକ ଓ ଗଲ ଏମାନଙ୍କ ମଧ୍ୟରେ ପରସ୍ପର ସଂଘର୍ଷ ଓ ସଂସ୍ପର୍ଶ ବହୁ ଶତାବ୍ଦୀ ଧରି ବହୁ ପରିମାଣରେ ହୋଇ ଯାଉଥିଲେ ମଧ୍ୟ ସେମାନେ ନିଜର ଜାତିତ୍ୱ ଏ ପର୍ଯ୍ୟନ୍ତ ବଜାୟ ରଖି ପାରିଛନ୍ତି । ଭାରତବର୍ଷର ଛାତି ଉପରେ ତୁର୍କ, ଆଫଗାନ ପର୍ଶିଆନ, ମୋଗଲ, ଡଚ୍, ପର୍ତ୍ତୁଗିଜ, ଫ୍ରେଞ୍ଚ, ଇଂରେଜ କେତେ ଜାତି କେତେ ବର୍ଷ ଧରି, କେତେ ପ୍ରକାର ହୁଦର ଲଗାଇଦେଇ ଯାଇଅଛନ୍ତି, ତଥାପି ଏ ଭାରତବର୍ଷ ଭାରତବର୍ଷହିଁ ରହିଛି ।

Digitized by srujanika@gmail.com

ଆମର ଏହି କ୍ଷୁଦ୍ର ରୁଦ୍ର, ସୁନ୍ଦର ଓଡ଼ିଶା ଶଚୀଦେବୀଙ୍କ ପରି କେତେ ଇନ୍ଦ୍ରଙ୍କର ସେବା ଯେ ନକରିଛି, ମଗଧରାଜ ଅଶୋକଙ୍କଠାରୁ ଆରମ୍ଭ କରି ଦକ୍ଷିଣରୁ ପୁଲେଶୀ ବଂଶ, ଉତ୍ତରରୁ ବଙ୍ଗଳା ନବାବ ସୁଲେମାନଙ୍କର ଉତ୍ତରାଧିକାରୀମାନେ, ଉତ୍ତର ପଶ୍ଚିମରୁ ପ୍ରବଳ ପରାକ୍ରାନ୍ତ ମୋଗଲ ସମ୍ରାଟ ଏବଂ ପରିଶେଷରେ ପଶ୍ଚିମରୁ ଶିବାଜୀଙ୍କର ଅଯୋଗ୍ୟ ଦାୟାଦ ମରହଟ୍ଟା ରାଜା । ସମସ୍ତେ ନିଜ ନିଜର ଜାତୀୟତା ଓ ଧର୍ମତା ଉପରେ ଚାପିଦେଇ ଦିବାପାଇଁ ଯଥେଷ୍ଟ ଚେଷ୍ଟାର ତ୍ରୁଟି କରିନାହାନ୍ତି । ତଥାପି ଏ ଓଡ଼ିଆ ଜାତି ଜଗନ୍ନାଥ ଦେବଙ୍କ ଚରଣାଲୟରେ ଆଜି ପର୍ଯ୍ୟନ୍ତ ଗର୍ବ ଓ ଆନନ୍ଦ ଅନୁଭବ କରି ଆସୁଛନ୍ତି । ସବୁ ଚକ୍ରାନ୍ତ, ଝଞ୍ଜାର, ନାକଟେକା, ମୁହଁଛୁଅଁଡ଼ା ପରେ ମଧ୍ୟ ଓଡ଼ିଆ ଜାତି ତାର ପଖାଳ ମୁଠିକ, ତାର ବୈଦେହୀଶ ବିଳାସ ଓ ବିଦଗ୍ଧ ଚିନ୍ତାମଣି ଖଣ୍ଡିମାନ ଛାଡ଼ିପାରି ନାହିଁ । ଅତଏବ ଯେଉଁ ଲେଖକମାନେ ଶେଲି, କୀଟସ୍, ବାଇରଣ ବା ରବୀନ୍ଦ୍ରନାଥଙ୍କ ଲେଖାର ଭାବାନୁପ୍ରାଣିତ, ସମାନ ଲେଖାରେ ଓଡ଼ିଶା ଦେଶକୁ ଭସାଇ ଦେବା ପାଇଁ ଅସ୍ୱାଭାବିକ ସ୍ୱପ୍ନ ଦେଖୁଛନ୍ତି, ସେମାନଙ୍କ କପାଳ ନିଶ୍ଚୟ ଫାଟିଛି । କାରଣ ସେମାନେ ନିରାଶ ହେବେ । ଯେଉଁମାନେ ଜାତୀୟ ପ୍ରବୃତ୍ତିର ଅନୁଧାବନ କରି ଲୋକଙ୍କ ଦାଣ୍ଡ ହାଟରେ ବିବ୍ରତ ହୋଇ ପଡ଼ୁଛନ୍ତି, ସେମାନଙ୍କ ପାଇଁ ମଧ୍ୟ ମୁଁ ବଡ଼ ଦୁଃଖିତ । କାରଣ ସେମାନେ ଚପୂ କୃଷ୍ଟୁଛନ୍ତି । ମୋର ଦୃଢ଼ବିଶ୍ୱାସ, ଗଛ ପତ୍ରପରି ଆମ୍ଭେମାନେ ଜାତୀୟତା ପୋଷାକ ଭାବ ଅନ୍ନ ଜ୍ଞାନ ପାଶ୍ଚାତ୍ୟ ସାହିତ୍ୟରୁ ଗ୍ରହଣ କରି ତାହାର ଜାତୀୟତା ଶୋଷକତ୍ୱର ଯବକ୍ଷାରଯାନଗୁଡ଼ିକ ପ୍ରତ୍ୟାହାର କରିବୁ । ସେଦିନ ମୋର ଜଣେ ବିଶିଷ୍ଟ ସାହିତ୍ୟିକ ବନ୍ଧୁଙ୍କ ସହିତ ଓଡ଼ିଆ ସାହିତ୍ୟରେ ହାସ୍ୟରସାତ୍ମକ ଲେଖାର ଅଭାବ ସମ୍ବନ୍ଧରେ ଓ ଇଲେଖ୍ ଇତ୍ୟାଦିଙ୍କ ଲେଖାର ନମୁନା ଦେଲାବେଳେ ମୋର ବନ୍ଧୁ—ସେ ଜଣେ ଅଗ୍ରଗାମୀ ସାହିତ୍ୟିକ, କହିଥିଲେ ସେ ରକମ ଲେଖା ଇଂରେଜ ଜାତିର ବିଶିଷ୍ଟ ଅବଗୁଣର ଫଳ । ମୁଁ ସେ ବିଷୟରେ ତାଙ୍କ ସହିତ ଏକମତ ହୋଇ ପାରିନଥିଲି । ଏହି ଗୋଟିଏ ଉଦାହରଣରୁ ଦେଖାପଡ଼ିବ ଯେ, ଆମ୍ଭମାନଙ୍କର ଆଗଲୁହା, ଆଗଚଲା ଲେଖକମାନେ ମଧ୍ୟ ପାଶ୍ଚାତ୍ୟ ସାହିତ୍ୟର ଅନୁକରଣରେ ଆମ୍ଭମାନଙ୍କର ଜାତୀୟତା ପରି 'ବ ଅନୁଭବ କରି ପାରିଲେଣି । ଏହା ହେଉଛି ସାହିତ୍ୟ ଅନୁଶୀଳନରେ ପ୍ରଧାନ କଥା । ନୂତନ ଭାବର ପ୍ରେରଣା ନିମନ୍ତେ ପ୍ରତ୍ୟେକ ସାହିତ୍ୟ ଅନ୍ୟାନ୍ୟ ପାରିପାର୍ଶ୍ୱିକ ସାହିତ୍ୟକୁ ଅପେକ୍ଷା କରିବାକୁ ବାଧ୍ୟ । ସେହି ହେତୁରୁ ସଂସ୍କୃତରେ ଅଛି—'ବିନାଶ୍ରୟଂ ନ ବର୍ତ୍ତନ୍ତେ କବିତା ବନିତା ଲତା', ଏ ସ୍ଥାନରେ 'ଆଶ୍ରୟ' ସାଧାରଣ ଯେପରି ମନେ କରନ୍ତି ଧନ ଆଶ୍ରୟ ନୁହେଁ, ଭାବର ଆଶ୍ରୟ । ନୂଆ ନୂଆ ଉପାଦେୟ ଭାବ ନିମନ୍ତେ ଆମ୍ଭମାନଙ୍କୁ ପାଶ୍ଚାତ୍ୟ ଓ ପାରିପାର୍ଶ୍ୱିକ ସାହିତ୍ୟର ଆଶ୍ରୟ ନେବାକୁ ପଡ଼ିବ ।

Digitized by srujanika@gmail.com

୧୯୭୨ ସାଲରେ ଅନୁଷ୍ଠିତ ଉତ୍କଳ ସାହିତ୍ୟ ସମାଜର ହୀରକ ଜୟନ୍ତୀ ଉତ୍ସବ ଉପଲକ୍ଷେ ପୁସ୍ତିକାରେ ସବୁଜ ସାହିତ୍ୟର ସମୀକ୍ଷା ହୋଇଥିଲା, ପ୍ରଥମେ ସଭାପତି କବି ଶ୍ରୀ ଅନନ୍ତ ପଟ୍ଟନାୟକ ତାଙ୍କର ଜୟନ୍ତୀ ଉତ୍ସବର ସ୍ୱାଗତ ସମ୍ଭାଷଣରେ କହିଥିଲେ—"ସ୍ମରଣ କରିବାକୁ ପାରେ ତତ୍କାଳୀନ ଜାତୀୟ ଆନ୍ଦୋଳନକୁ—ଯେଉଁ ଆନ୍ଦୋଳନ ପର୍ଯ୍ୟବସିତ ଥିଲା ବୈଦେଶିକ ଶାସକ ଗୋଷ୍ଠୀ ନିକଟରେ ଆବେଦନାତ୍ମକ ଆକୁଳତାରେ ପୁଣି ଗୁପ୍ତରେ କେଉଁଠି ବା ବନ୍ଦେମାତରଂ' ବୈପ୍ଲବିକ କାର୍ଯ୍ୟ ସମୟରେ ବିଚ୍ଛିନ୍ନ ନଥିଲା, ବିଯୁକ୍ତ ନଥିଲା 'ଉତ୍କଳ ସାହିତ୍ୟ ସମାଜ'। ଏହାର ପ୍ରାଣ ପ୍ରତିଷ୍ଠାତାମାନେ ପ୍ରତ୍ୟେକ ଅଂଶ ଉଦ୍ରେକକାରୀ ନୈରାଶ୍ୟମୟ ସ୍ୱରରେ (ଯେ କି କାରୁଣ୍ୟର ଅଳାପନାରେ ନିପୀଡ଼ିତ ଆତ୍ମାର କାନ୍ଦ ସେ କି ଉର୍ଜ୍ଜସ୍ୱଳ ଗମ୍ଭୀର ସୁପାବନ ସମୁତ୍ତେଜକ ଭଙ୍ଗୀରେ ପୁଣି) ରଚନା କରିଥିଲେ ଦେଶ ପ୍ରେମର, ମାନବ ପ୍ରେମର ଉଦ୍‌ବୋଧନୀ। କିନ୍ତୁ ଧୀରେ ଧୀରେ ମନ୍ଦୀଭୂତ, ଦୂଷିତ ହୋଇ ଆସିଥିଲା ଏହି ବୈପ୍ଳବିକ ଚେତନାର ପ୍ରବାହ। ଧୀରେ ଧୀରେ ଦାସତ୍ୱର ମୋହରେ ପାଶ୍ଚାତ୍ୟର ବାହ୍ୟ ଆଡ଼ମ୍ବରରେ ପ୍ରଲୁବ୍‌ଧ ଜାତୀୟତାବୋଧ ଅପମୃତ ହୋଇଥିଲା ନବୀନ ଚିନ୍ତା ଓ ସାଧନାର କ୍ଷେତ୍ରରୁ, ଏଣୁ ସମାନ୍ତରାଳ ସ୍ୱନରେ ଝଂକୃତ ହୋଇଥିଲା ଅଧ୍ୟାତ୍ମ-ଆନନ୍ଦବାଦୀ ସାହିତ୍ୟିକ ଗୋଷ୍ଠୀଙ୍କର ମନ୍ତ୍ର ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ ଓ କୃପାସିନ୍ଧୁଙ୍କ କଣ୍ଠରୁ—ଯେଉଁମାନଙ୍କ ସଙ୍ଗରେ ଥିଲେ ବ୍ରଜସୁନ୍ଦର, ଦୟାନିଧି ପ୍ରଭୃତି ଅନେକ ମଧ୍ୟ। ଉତ୍କଳ ସାହିତ୍ୟ ସମାଜ ଜନ ଆନ୍ଦୋଳନରୁ ଏକାବେଳକେ ବିଚ୍ଛିନ୍ନ ହୋଇ ଯାଇଥିଲା, କହିଲେ ପ୍ରମାଦ ପୂର୍ଣ୍ଣ ହେବନାହିଁ—୧୯୨୦ ମସିହା ପରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେବା ମାତ୍ରେ ଚଳିତ ଶତାବ୍ଦୀର ଦ୍ୱିତୀୟ ଦଶକରେ 'ସବୁଜ' ଗୋଷ୍ଠୀର ଅଗ୍ରଣୀମାନେ—ଅବତୀର୍ଣ୍ଣ ହେବାକୁ ପଡ଼ିଥିଲା ସେମାନଙ୍କୁ ରଣାଙ୍ଗନରେ, ଯେପରି କେତେକଙ୍କ ସହିତ ଆଦର୍ଶ ଦୃଷ୍ଟିରୁ ସାଲିସ୍ କରି ଅନ୍ୟ କେତେକଙ୍କ ସହିତ ପ୍ରବଳ ସଂଗ୍ରାମ ଚଳାଇ। ଯେତେବେଳେ ଜାତୀୟତାର ଜୟକାର ଶୁଭୁଥିଲା ଗ୍ରାମ ଗହଳର ସାଧାରଣ ଦେଶବାସୀ ମୁକ୍ତିକାମୀଙ୍କର ଗୀତରେ। ଝଂକୃତ, ଯାହା ପ୍ରତିଧ୍ୱନିତ ହେଉଥିଲା, କେତେକାଂଶରେ ସବୁଜ କବିମାନଙ୍କର କବିତାରେ ମଧ୍ୟ—ଯେତେବେଳେ ଦେଶମିଶ୍ରଣ' ପ୍ରସଙ୍ଗରେ କେତେ ଅବା ଅଗ୍ରସର ଥିଲା, ସଚେତନ ଥିଲା ଉତ୍କଳ ସାହିତ୍ୟ ସମାଜ, କେତେ ଅବା ସାହିତ୍ୟ ସୃଷ୍ଟିରେ ଆତ୍ମନିୟୋଗ କରିଥିଲା, ସାହିତ୍ୟ ସମାଜ। ଏହାର ସାକ୍ଷ୍ୟ ପ୍ରଦାନ କରେ 'ବାରୁଣୀ'ର ପ୍ରକାଶନ, 'ମୁକୁର' ଓ 'ସହକାର' ପ୍ରକାଶନ, ସ୍ୱତନ୍ତ୍ର ଭାବରେ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କର ଓଡ଼ିଆ ସାହିତ୍ୟ ପ୍ରଚାର ସମିତି ପ୍ରତିଷ୍ଠା, ଜନସେବକ ଲକ୍ଷ୍ମୀନାରାୟଣ ସାହୁ କେତେଯେ ଉଦ୍ୟମ କରିନଥିଲେ ଏହାକୁ ଜୀବନମୁଖୀ ବାସ୍ତବ ସାହିତ୍ୟର ଆଲୋଚ୍ୟ କ୍ଷେତ୍ର

Digitized by srujanika@gmail.com

କରିବା ପାଇଁ । ଯେତେବେଳେ 'ନବଯୁଗ' ସାହିତ୍ୟ ସଂସଦର ପ୍ରକାଶ ଘଟିଥିଲା, ସେତେବେଳକୁ ଏହା କେବଳ ପୂଜନାଗାର, ଭଜନାଗାରରେ ପରିଣତ ହୋଇ ସାରିନଥିଲା କି ? ନୀଳକଣ୍ଠ, ଗୋଦାବରୀଶଙ୍କ ଶଙ୍ଖଧ୍ୱନି ଶୁଭିଥିଲା କି ଏହାର ପ୍ରାଙ୍ଗଣରେ ! ଅଥଚ ନୀଳକଣ୍ଠଙ୍କ ନବଭାରତର ପ୍ରକାଶ ଜାତୀୟତାର ଉଦ୍‌ବୋଧନ ଦେଇଥିଲା ସେତେବେଳକୁ ??

ଏଣୁ ଏହା ସ୍ପଷ୍ଟ—ସବୁଜ ଗୋଷ୍ଠୀ ଆସିଛନ୍ତି କର୍ମ କର୍ତ୍ତା ଭାବରେ, କିନ୍ତୁ କିଛିଦିନ ପରେ ପୁନରାୟ ପ୍ରତିକ୍ରିୟାଶୀଳତାର ଆକ୍ରମଣରେ ବ୍ୟର୍ଥହୋଇଛି ସେମାନଙ୍କର ଶୁଭ ଚିନ୍ତନ । ନୂତନ ସାହିତ୍ୟକୁ, ସଂଗ୍ରାମଶୀଳ ଜୀବନକୁ ସ୍ୱାଗତ କରିନାହିଁ ଉତ୍କଳ ସାହିତ୍ୟ ସମାଜ । ଏହାର ଚରିତ୍ର ହୋଇ ଆସିଛି ଜନ ଆନ୍ଦୋଳନରୁ ଆନ୍ତରିକ ବିଚ୍ଛିନ୍ନତା । ଏହା ଫଳରେ ଗୋଟିଏ ରାୟ ବାହାଦୁର ରାୟସାହେବ ଗୋଷ୍ଠୀର 'ରାଜନୈତିକ' କ୍ରୀଡ଼ା କ୍ଷେତ୍ର ହୋଇଥିଲା । ମାତ୍ର ମହାନ ଲକ୍ଷ୍ୟ ଓ ଆଦର୍ଶ ସତ୍ତ୍ୱେ ପ୍ରସାରିତ ହୋଇ ପାରିନଥିଲା । ସାହିତ୍ୟ ରଚନା ଦିଗରେ ଯଥାର୍ଥ ପ୍ରେରଣା ଦାନ କାର୍ଯ୍ୟରେ ।

ତେବେ ପ୍ରତିକ୍ରିୟାଶୀଳତା, ଜନ-ଅନ୍ତରିକତା ବିରୁଦ୍ଧରେ ପୁନରାୟ ଅଭିଯାନ ଆରମ୍ଭ ହୋଇଥିଲା ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ସଂପୃକ୍ତ କେତେକ ବୁଦ୍ଧିଜୀବୀଙ୍କ ପ୍ରୟାସରେ । ଏଥିପାଇଁ 'ଓଡ଼ିଆ ସାହିତ୍ୟ ପରିଷଦ' ଗଠିତ ହୋଇଥିଲା—ଯାହା ସମବେତ କରି ପାରିଥିଲା ପ୍ରାକୃତିକ ଉତ୍କଳର ସାହିତ୍ୟ ସେବୀ ସାହିତ୍ୟିକମାନଙ୍କୁ । ଏହାର ଆଘାତରେ ବିବ୍ରତ ସାହିତ୍ୟ ସମାଜର ପରିବର୍ତ୍ତନ ଆସିଥିଲା ସତ, ଏହା ଟିକିଏ ସଞ୍ଜୀବିତ ହୋଇଥିଲା ସତ, କିନ୍ତୁ ପ୍ରାଚୀନପନ୍ଥୀମାନଙ୍କର ଆଧିପତ୍ୟ ଯୋଗୁଁହିଁ ନୂତନ ସଂସ୍କାରିତ ଶକ୍ତି ଯେପରି ପ୍ରପୀଡ଼ିତ ହୋଇଥିଲା ସ୍ନାୟୁ ଦୌର୍ବଲ୍ୟରେ । ସାହିତ୍ୟରେ କେବଳ ନୁହେଁ, ରାଜନୀତି, ସମାଜ ନୀତି କ୍ଷେତ୍ରରେ ଯେତେବେଳେ ସ୍ୱାଧୀନତାର ଆନ୍ଦୋଳନ ଉଠିଥିଲା ଦିଗଦିଗନ୍ତରେ, ସେତେବେଳେ ମଧ୍ୟ ପଦକ୍ଷେପ ଘଟିନାହିଁ ବିବାଦଗ୍ରସ୍ତ ସାହିତ୍ୟ ସମାଜରେ ଜାତୀୟ ଆନ୍ଦୋଳନର ପୁରୋଧା ପ୍ରକୃତ ସାହିତ୍ୟିକମାନଙ୍କର । ବରଂ ହତାଶ ହୋଇ ସେପରି ଜାତିର କର୍ଣ୍ଣଧାର ସେମାନେ ସରକାରୀ ସ୍ତରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠା ପ୍ରତି ଆଗ୍ରହୀ ହୋଇଥିଲେ—ପ୍ରଜାତନ୍ତ୍ର ପ୍ରଚାର ସମିତି ପ୍ରତିଷ୍ଠାରେ ଅଗ୍ରସର ହୋଇଥିଲେ ।,'

(ପୃଷ୍ଠା ୧୩୧, ଉତ୍କଳ ସାହିତ୍ୟ ସମାଜର ହୀରକଜୟନ୍ତୀ ସ୍ମରଣିକା)

ହୀରକ ଜୟନ୍ତୀ ପାଳନ ହେବାର କେତେ ମାସ ପରେ ପୁସ୍ତକାକାରରେ 'ଉତ୍କଳ ସାହିତ୍ୟ ସମାଜ ହୀରକ ଜୟନ୍ତୀ ୧୯୭୬'ର ଗୋଟିଏ ସୁନ୍ଦର ସ୍ମରଣିକା

Digitized by srujanika@gmail.com

ପ୍ରକାଶ ପାଉଥିଲା । ସେଥିରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠ ଲେଖକମାନେ ଓଡ଼ିଆ ସାହିତ୍ୟ ସମ୍ବନ୍ଧରେ ନାନା ସନ୍ଦର୍ଭମାନ ଲେଖିଥିଲେ । ଔପନ୍ୟାସିକ ଶ୍ରୀ ଗୋପୀନାଥ ମହାନ୍ତିଙ୍କର 'ଓଡ଼ିଆ ସାହିତ୍ୟର ଚିପ ଓ ଢାଲୁ' ଏମିତି ଗୋଟିଏ ସନ୍ଦର୍ଭ । ସବୁଜ ସାହିତ୍ୟ ସମ୍ବନ୍ଧରେ ସେ ସେହି ପ୍ରବନ୍ଧରେ ଲେଖିଥିଲେ –

"ଆଧୁନିକତାକୁ ଓଡ଼ିଆ ଗାଁ ଗହଳରେ ରୋପିବା ଓ ଓଡ଼ିଶାର ସ୍ୱତନ୍ତ୍ର ସ୍ୱରୂପକୁ ଆଧୁନିକତା ବାଟେ ରୂପ ଦେବା, ପ୍ରକୃତରେ ଏ କାର୍ଯ୍ୟ ଜାଣିଶୁଣି ଆରମ୍ଭ କରିଗଲେ ସତ୍ୟବାଦୀ ଯୁଗବେଳକୁ । ସେମାନେ ଗୋଟିଏ ସ୍ପଷ୍ଟ ଓଡ଼ିଆ ଭାଷା ଓ ସାହିତ୍ୟ, ଓଡ଼ିଆ ସଂସ୍କୃତିର ବିଶିଷ୍ଟତାରେ ସୁନ୍ଦର ଗଢିବାକୁ ଉଦ୍ୟମ କଲେ । ଗୋପବନ୍ଧୁ, ଗୋଦାବରୀଶ ଓ ତାଙ୍କ ବୌଦ୍ଧିକ ଦୃଷ୍ଟି ସମ୍ପନ୍ନ ନୀଳକଣ୍ଠ ଏଥିପାଇଁ ସ୍ମରଣୀୟ ।

କିନ୍ତୁ ପୁଣି ଅନୁକରଣର ସହଜ ପନ୍ଥା ପ୍ରତି ଆଗ୍ରହ ଦେଖାଗଲା ଯେତେବେଳେ କାଳିନ୍ଦୀ, ବୈକୁଣ୍ଠ, ଅନ୍ନଦାଶଙ୍କର ପ୍ରଭୃତି ଆଦି କଲେଜରେ ପଢୁଥିଲେ । ଲକ୍ଷ୍ମୀଧର ନାୟକ ଆଦି ସେଥିରେ ପ୍ରଭାବିତ ହେଲେ । ସଚ୍ଚି ରାଉତରାୟ ଆଗେ ସେ ପ୍ରଭାବରେ ନଆସି ବି କବିତା ଲେଖୁଥିଲେ । ସେଥିପ୍ରତି ସଂପୂର୍ଣ୍ଣ ଭାବେ ଆକୃଷ୍ଟ ହେଲେ । ସାହିତ୍ୟ ସୃଷ୍ଟିର ଆଦ୍ୟ ଜୀବନରେ ବଙ୍ଗଳାକୁ ଓଡ଼ିଆରେ ପ୍ରବେଶ କରାଇବା 'ସବୁଜ ଗୋଷ୍ଠୀର ଏକ ମାତ୍ର ସାଧାରଣ ବିଶେଷତ୍ୱ ଏତିକି ବୋଲି ଜଣାପଡ଼େ । ପରେ ସେମାନେ ଭିନ୍ନ ଭିନ୍ନ ବାଟ ଧରିଲେ । କାଳିନ୍ଦୀ ଧରିଲେ ଗଦ୍ୟ, ପ୍ରବନ୍ଧ, ଗଳ୍ପ ଓ ବୃହତ୍‌ଖଣ୍ଡି ଉପନ୍ୟାସ ତାଙ୍କ କୃତି । ବୈକୁଣ୍ଠଙ୍କ କବିତା ଗୀତି କବିତା ଥିଲା । ପରେ ହେଲା ଦାର୍ଶନିକ ଓ ବୈଜ୍ଞାନିକ, ପରେ ସମାଜ ଚେତନାରେ ଆପ୍ଳୁତ । ଅନ୍ନଦା ବଙ୍ଗଳାରେ ଉପନ୍ୟାସ ଲେଖିଲେ । ହରିହର, ଶରତ ମୁଖାର୍ଜି, ହରିଶ୍ଚନ୍ଦ୍ର ବଡ଼ାଲ ଆଦି ଅଉ କିଛି ଲେଖିଲେ ନାହିଁ । ସବୁଜ ଯୁଗ ବୋଲି ଓଡ଼ିଆ ସାହିତ୍ୟରେ ପ୍ରକୃତରେ କେତେବି କିଛି ନଥିଲା । ସେହି ସମୟରେ ପାରମ୍ପରିକ ରୀତିରେ ରସ ଓ ସୌନ୍ଦର୍ଯ୍ୟ ସୃଷ୍ଟିକରି କଳ୍ପନା, ଭାବୋଚ୍ଛ୍ୱାସ, କିଛି ବିସ୍ମୟ ସଂଯୋଗ କରି କବିତା ଲେଖିଲେ ମାନସିଂ, ତାଙ୍କର ବିପ୍ଳବ ସୃଷ୍ଟି, କ୍ରମେ ସାମଗ୍ରିକ ସମସ୍ୟା ବି ସେଥିରେ ଫୁଟିଲା । ଛନ୍ଦର ଉତ୍କର୍ଷ ସାଧନ କଲେ ସେହି ଶ୍ରେଣୀର କବି ଗଡ଼ନାୟକ ।"

ଉକ୍ତ ସ୍ମରଣିକାରେ ଅଧ୍ୟାପିକା ଶ୍ରୀମତୀ ବୀଣାପାଣି ମହାନ୍ତି 'ଆଧୁନିକ ଓଡ଼ିଆ ଗଳ୍ପ' ସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ଲେଖିଥିଲେ । ସେଥିରେ ସେ 'ସବୁଜ ସାହିତ୍ୟ' ଓ 'ଆଧୁନିକ ସାହିତ୍ୟ' ସମ୍ବନ୍ଧରେ ନିମ୍ନଲିଖିତ ମତ ପ୍ରକାଶ କରିଥିଲେ—

Digitized by srujanika@gmail.com

"ପ୍ରଥମ ବିଶ୍ୱଯୁଦ୍ଧ ପରେ ପରେ ଜାତୀୟ ଆନ୍ଦୋଳନର ବହ୍ନିରେ ଆମର ସମଗ୍ର ଜୀବନଧାରାରେ ଏକ ନୂତନ ଦିଗନ୍ତର ଉନ୍ମୋଚନ ହେଲା । ସତ୍ୟବାଦୀ, ସବୁଜ ଗୋଷ୍ଠୀ ଓ ଅନ୍ୟାନ୍ୟ ଗାଳ୍ପିକଗଣ ଏକ ପକ୍ଷରେ ଜାତୀୟ ଚିନ୍ତାଧାରା, ଅନ୍ୟପକ୍ଷରେ ରୋମାଣ୍ଟିକ ପଳାୟନବାଦ ପରିବେଷଣ କରିଥିଲେ । 'ନବଯୁଗ ସାହିତ୍ୟ' ଗୋଷ୍ଠୀ ବିଶେଷତଃ ମାର୍କସୀୟ ବା ମାନବବାଦ ଚିନ୍ତାପ୍ରସୂତ ଗଳ୍ପମାନ ସୃଷ୍ଟି କରିଥିଲେ । ଏହି ସମୟର ସଫଳ କଥାକାର ହିସାବରେ କାଳିନ୍ଦୀଚରଣ ଗୋଦାବରୀଶ (ମହାପାତ୍ର) କାହ୍ନୁଚରଣ, ଗୋପୀନାଥ, ଭଗବତୀ ପାଣିଗ୍ରାହୀ, ରାଜକିଶୋର ପଟ୍ଟନାୟକ ରାଜକିଶୋର ରାୟ, ଅନନ୍ତପ୍ରସାଦ ପଣ୍ଡା, ନିତ୍ୟାନନ୍ଦ ମହାପାତ୍ର, ବସନ୍ତକୁମାରୀ ପଟ୍ଟନାୟକ, ଶଚୀ ରାଉତରାୟ ପ୍ରଭୃତି ସୁପରିଚିତ । କାଳିନ୍ଦୀ ଚରଣଙ୍କର 'ମା'ସର ବିଳାପ', ଭଗବତୀଙ୍କର 'ଶିକାରୀ' ଓ ଗୋଦାବରୀଶଙ୍କର 'ମାଗୁଣିର ଶଗଡ଼', ନୀଳ ମାଷ୍ଟରାଣୀ ଗଳ୍ପ ଓଡ଼ିଆ ସାହିତ୍ୟର ଏକ ଏକ ମାଇଲ ଖୁଣ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାଷା, ଚରିତ୍ର ଚିତ୍ରଣ, ସମାଜ ଅନୁଶୀଳନ ଓ ଆଂଶିକ ବନ୍ୟାସରେ ଏମାନେ ଗଳ୍ପ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ନୂତନ ଦର୍ଶନ, ନୂତନ ଚିନ୍ତା-କଳ୍ପ, ନାଟକୀୟ ଭଙ୍ଗୀରେ ଗଳ୍ପ ରଚନା, ଚେତନା ପ୍ରବାହ ରୀତିର ବାହକ ହିସାବରେ ଉପରୋକ୍ତ ଲେଖକମାନେ ଗଳ୍ପ କ୍ଷେତ୍ରରେ ଚମକ ସୃଷ୍ଟି କରିଥିଲେ । ସ୍ୱାଧୀନତା ପୂର୍ବବର୍ତ୍ତୀ କାଳ ପର୍ଯ୍ୟନ୍ତ ଏମାନଙ୍କ ରଚନାରେ ଗଳ୍ପ-ସାହିତ୍ୟ ସମୃଦ୍ଧ ।

ମାତ୍ର ଏଠାରେ ଏକ ନିଷ୍ଠୁର ସତ୍ୟକୁ ସ୍ୱୀକାର କରିବାକୁ ହେବ । ଆମର ସ୍ୱାଧୀନତା ସଂଗ୍ରାମକୁ ଆଗୁସାର କରିବା ପାଇଁ ଏକ ନୂତନ ସୁସ୍ଥ ଭାରତ ଗଠନ ପାଇଁ ସାହିତ୍ୟ ମାଧ୍ୟମରେ ଯେ ପ୍ରାଣ ପ୍ରବାହ ସୃଷ୍ଟି ହେବାର କଥା, ତାହା ସମ୍ଭବ ହୋଇନାହିଁ । ଏ କେବଳ ଓଡ଼ିଆ ଗଳ୍ପର କଥା ନୁହେଁ—ସମଗ୍ର ଭାରତୀୟ ସାହିତ୍ୟରେ ବିଶେଷତଃ ଫରାସୀ ଓ ଋଷ ସାହିତ୍ୟ ତୁଳନାରେ ଏହି ସ୍ଥାଣୁଭାବ ପରିଲକ୍ଷିତ ହୁଏ । ଗଳ୍ପର ରଚନାର ଶୈଳୀରେ, ଚରିତ୍ର ଚିତ୍ରଣରେ ବା ଚିନ୍ତାଧାରାରେ ବିପ୍ଳବର ସ୍ରୋତ ଅନୁଭୂତ ହୋଇଥିଲେ ହେଁ ସେଥିରେ ତୀକ୍ଷ୍ଣତା ନ ଥିଲା, ଗତି ଥିଲେ ବି ବେଗ ଚଞ୍ଚଳତା ନ ଥିଲା । ଗ୍ରହଣ କରିବାର ପ୍ରବୃତ୍ତି ଥିଲେ ହେଁ ନିର୍ଭୀକ ପଦକ୍ଷେପରେ ଅଭାବ ଥିଲା । ବିଷୟ ପାଇଁ ସାହିତ୍ୟ ସମାଜ ଉପରେ ନିର୍ଭର କରେ—ସାଂପ୍ରତିକ ସମାଜ ଓ ଜୀବନ ହିଁ ତା'ର ଆଧାର । ମାତ୍ର ସଫଳ ସ୍ରଷ୍ଟା ହିଁ ସମାଜ ଓ ମନୁଷ୍ୟର ଊର୍ଦ୍ଧ୍ୱକୁ ଯାଇ ଏକ ନୂତନ ଜୀବନର ସନ୍ଦେଶ ଦିଏ । ଭିକ୍ଟର ହ୍ୟୁଗୋ, ରୁଷୋ, ଗର୍କୀଙ୍କ ପରି ସାହିତ୍ୟର ଦ୍ରଷ୍ଟାର ଅଭାବ ଯେ ଆମର ସ୍ୱାଧୀନତା ସଂଗ୍ରାମକୁ ମନ୍ଥର କରି ଦେଇଥିଲା, ଏ କଥା ନିର୍ଦ୍ୱନ୍ଦରେ କୁହାଯାଇ ପାରେ । ଓଡ଼ିଆ ସାହିତ୍ୟ ସେଥିରୁ ବାଦ୍ ଯାଇନାହିଁ ।

(ପୃଷ୍ଠା—୬୭)

Digitized by srujanika@gmail.com

ଉକ୍ତ 'ସ୍ମରଣିକା'ରେ ଅଧ୍ୟାପକ ବୈଷ୍ଣବ ଚରଣ ସାମଲ 'ଆଧୁନିକ ଓଡ଼ିଆ କବିତାରେ ମାନବବାଦୀ ଚିନ୍ତାଧାରା' ସମ୍ବନ୍ଧରେ ଆଉ ଏକ ପ୍ରବନ୍ଧ ଲେଖି ସେଥିରେ ସବୁଜ ସାହିତ୍ୟ ସମ୍ବନ୍ଧରେ ନିମ୍ନଲିଖିତ ମତ ପ୍ରକାଶ କରିଥିଲେ —

"ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ବଙ୍ଗଳା ସାହିତ୍ୟରେ ଯେତେବେଳେ 'କଲ୍ଲୋଲଯୁଗ' ଏବଂ ହିନ୍ଦୀ ସାହିତ୍ୟରେ 'ଛାୟାବାଦୀ ଯୁଗ', ଓଡ଼ିଆ ସାହିତ୍ୟରେ ସେତେବେଳେ ଦେଖା ଦେଇଛି 'ସବୁଜ ଚେତନା'। ଗୋଟିଏ ଦିଗରେ ଜାତୀୟ-ବାଦୀ ମାନବବାଦ ଏବଂ ଅନ୍ୟ ପଟରେ ତରୁଣ ସୁଲଭ ସବୁଜ ମାନବବାଦର ପରିକଳ୍ପନା। ଏହି ଚେତନାଦୀପ୍ତ ମାନବବାଦ ରୋମାଣ୍ଟିକ—ଭାବ-ପ୍ରଣୋଦିତ। ଓ୍ୱାର୍ଡ଼ସ୍‌ଓ୍ୱାର୍ଥ, କଲେରିଜ୍, ବାଇରନ୍, କୀଟସ୍ ପ୍ରଭୃତି ରୋମାଣ୍ଟିକ କବି-ମାନେ ଯେପରି ରୋମାଣ୍ଟିକ୍ ମାନବବାଦର ଜୟଗାନ କରିଥିଲେ, ଓଡ଼ିଆ ସାହିତ୍ୟରେ ସବୁଜ ଯୁଗୀୟ ତରୁଣ କବିମାନେ ଠିକ୍ ଅନୁରୂପ ଭାବରେ ମାନବ ବନ୍ଦନା କରିଛନ୍ତି। କଲେରିଜ 'The rime of the ancient mariner ରେ ମାନବବାଦୀ ଦୃଷ୍ଟି କୋଣର ପରିଚୟ ଦେଇ ଲେଖିଛନ୍ତି:—

"He prayeth well, who loveth well,
Both man and bird and beast
He prayeth best, who loveth best,
All things both great and small,
For the dear God, who loveth us,
He made and loveth all,"

ଠିକ୍ ଏହିପରି ନ ହେଲେ ହେଁ ଏହାର ମର୍ମରେ କବି ବୈକୁଣ୍ଠନାଥ ପଟ୍ଟନାୟକ ରଚନା କରିଛନ୍ତି "ଚିଲିକାରେ ପକ୍ଷୀ ବଧକୁ ଲକ୍ଷ୍ୟ କରି'। ସେ ଉପଲବ୍ଧି କରିଛନ୍ତି 'ଭୁଲିଛି ମାନବ ଆଜି ପ୍ରାଣର ସମ୍ମାନ'। ସେ ଯୁକ୍ତି ଚିନ୍ତା କରିଛନ୍ତି ଆଜିର ମଣିଷ ଅନ୍ତଃସାର ଶୂନ୍ୟ। ତାର ଜୀବନର ସକଳ ପୁଣ୍ୟ ଆଜି ନିର୍ବାପିତ।

ଏକ ବିଶ୍ୱଜନୀନ ମାନବବାଦୀ ଦୃଷ୍ଟିକୋଣ ଏ କବିତାରେ ଦେଖିବାକୁ ମିଳିଥାଏ। 'ମୃତ୍ତିକା ଦର୍ଶନ' ମଧ୍ୟ ଏ ଭାବର ପ୍ରକାଶକ। କବି ଅନ୍ନଦା ଶଙ୍କର 'ପ୍ରଳୟ ପ୍ରେରଣା'ରେ ବୈପ୍ଳବିକ ମାନବବାଦର ସୂଚନା ପ୍ରମାଣ କରି ଲେଖିଛନ୍ତି:—

Digitized by srujanika@gmail.com

"ଏହି ଭସ୍ମ ଅବଶେଷ
ଉପରେ ମୁଁ ରଚିବି ନନ୍ଦନ
ମର୍ତ୍ତ୍ୟରେ ଅମରାବତୀ
ଜଡ଼ଦେହେ ଜୀବନ-ସ୍ପନ୍ଦନ,
ମୁକ୍ତହୁଅ ମୁକ୍ତହୁଅ
ଜଗତର ଯେତେ ନର ନାରୀ
ମୃତ ସମାଜର ଶିରେ
ସିଞ୍ଚିଦିଅ ସଂଜୀବନ ବାରି ।"

କବି ଅନ୍ନଦା ଶଙ୍କର ଗ୍ରନ୍ଥ 'ପ୍ରକୃତ୍ସ ପ୍ରେରଣା'ରେ ବୈପ୍ଳବିକ ଆବେଦନ ସୃଷ୍ଟି କରିଥିଲେ ଯାହାଁ ଏହା ରୋମାଣ୍ଟିକ ମାନବବାଦର ଭାବ ପ୍ରକାଶ କରିଥାଏ । କିନ୍ତୁ ପରେ ସେ ଯେତେବେଳେ 'ସୃଜନର ସ୍ୱପ୍ନ' ଲେଖୁଛନ୍ତି, ସେତେବେଳେ ସେ ତାଙ୍କର ଏହି ବୈପ୍ଳବିକ ମାନବବାଦୀ ଦୃଷ୍ଟିକୋଣକୁ ଛଳନା ବୋଲି ସ୍ୱୀକାର କରିଛନ୍ତି । ତେଣୁ ସବୁଜ ଯୁଗୀୟ କଳ୍ପନା ବିଳାସୀ ମାନବବାଦୀ ଭାବ-ଧାରାର କବି ଭାବରେ ସେ ପରିଚିତ । ଏହି ସମୟରେ କାଳନ୍ଦୀଚରଣ, ହରିହର ପ୍ରଭୃତି କବିମାନେ ଯେଉଁ କବିତାମାନ ରଚନା କରିଛନ୍ତି, ସେ ସବୁ ରୋମାଣ୍ଟିକ ମାନବ-ଧର୍ମୀ ଚିନ୍ତାଧାରାରେ ଉର୍ଦ୍ଧ୍ୱିମନ୍ତ ।

ଆଉ ଏକ ମାନବ ବାଦୀଚିନ୍ତା –

ସବୁଜ ଯୁଗୀୟ ରୋମାଣ୍ଟିକ ମାନବବାଦୀ ଚିନ୍ତାଧାରା ପରେ ପରେ ଓଡ଼ିଆ କବିତା କ୍ଷେତ୍ରରେ ୧୯୩୬ ମସିହା ପରେ ଆଉ ଏକ ନୂତନ ମାନବବାଦୀ ଚିନ୍ତା-ଧାରା ଦେଖାଦେଇଛି । ତାହା ହେଉଛି ବୈପ୍ଳବିକ ମାନବବାଦୀ (Revolutionary Humnism)—(ପୃ ୧୧୦)

ଉକ୍ତ 'ସ୍ମରଣିକା'ରେ ଅଧ୍ୟାପିକା ଶ୍ରୀମତୀ ମନୋରମା ମହାପାତ୍ର 'ଯୁଗେ ଯୁଗେ ଓଡ଼ିଆ କବିତା' ନାମ ଦେଇ ଗୋଟିଏ ପ୍ରବନ୍ଧ ଲେଖିଥିଲେ ଏବଂ ଉକ୍ତ ପ୍ରବନ୍ଧରେ ସେ ଆଧୁନିକ କବିତା ସମ୍ବନ୍ଧରେ ନିମ୍ନଲିଖିତ ମତ ପ୍ରକାଶ କରିଥିଲେ—

"ଏ ଧାରା ନୂତନ ରୂପ ଧାରଣ କଲା ରାଧାନାଥ ଯୁଗର ଶେଷ ଅଙ୍କରେ । ବିଶ୍ୱଯୁଦ୍ଧର ବିଭୀଷିକା, ଭାରତର ମୁକ୍ତି ସଂଗ୍ରାମ ସାମାଜିକ ପରିବର୍ତ୍ତନ ଓ ନୂତନ ଯୁଗ ଜିଜ୍ଞାସା ହେତୁ କବିତା ବହୁ ବିଚିତ୍ର ପଥରେ ଗତିକଲା । ପଦ୍ମଚରଣ, କୁନ୍ତଳା କୁମାରୀ, କାନ୍ତ କବି ଲକ୍ଷ୍ମୀକାନ୍ତ ଆଦି ବହୁତ ସାଧକ ସାଧିକା ଛନ୍ଦୋବଦ୍ଧ

Digitized by srujanika@gmail.com

ଭାବରେ ଯୁଗ ଜଙ୍କାରକୁ ପ୍ରକାଶକଲେ ଅଭିନବ ରୂପରେ । ବିଶ୍ୱପ୍ରେମ ଓ ଦେଶପ୍ରେମରେ କବିତାର ସ୍ରୋତ ହେଲା ମହିମାମୟୀ । ସତ୍ୟବାଦୀ ଯୁଗର ପଞ୍ଚସଖା ମଧ୍ୟରୁ ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ ଆଦି କବିତାରେ ବାଦନ କଲେ ବିପ୍ଳବର ଶଙ୍ଖ—ସରଳ, ସାବଲୀଳ ଭାଷାରେ ଲୌକିକ କାହାଣୀ, ଗାଥା ଓ କିମ୍ବଦନ୍ତୀ ସୂତ୍ରରେ ପ୍ରାଣେ ପ୍ରାଣେ ପ୍ରଜ୍ଜ୍ୱଳିତ କଲେ ସ୍ୱଦେଶ ପ୍ରୀତି । କାନ୍ତ କୋମଳ ଭାଷାରେ ହୃଦସ୍ପର୍ଶୀ ଜାତୀୟ କବିତାମାନ ଲେଖି ପ୍ରଚାର କଲେ ଦେଶ ପ୍ରୀତି । ସ୍ମରଣ କବି ଲକ୍ଷ୍ମୀକାନ୍ତଙ୍କର ଦାନ ଏ ଦିଗକୁ ଆହୁରି ବୃଦ୍ଧି ମନ୍ତ୍ର କଲା । ଜାତୀୟ କବି ବୀର କିଶୋରଙ୍କ ରଚନାରେ ହେଲା ଅପୂର୍ବ ଉଦାର ସ୍ୱର ସ୍ୱଦେଶ ଚିନ୍ତା ପ୍ରଜ୍ଜ୍ୱଳିତ କଲା ।

କବିତା ହେଲା ତେଜସ୍ୱିନୀ—ଏକ ପକ୍ଷରେ ସବୁଜ ଯୁଗର ସାଧକ ବୃନ୍ଦ କବିଗୁରୁ ରବୀନ୍ଦ୍ରନାଥଙ୍କ ଅନୁଧ୍ୟାନରେ ଉଦ୍‌ବୁଦ୍ଧ ହୋଇ ଆଣିଲେ ନୂତନ ଆଲୋଡ଼ନ । ପ୍ରେମ ଓ ପ୍ରକୃତିକୁ କେନ୍ଦ୍ର କରି ରହସ୍ୟ ଜଡ଼ିତ ଅତିପ୍ରିୟ ବାତାବରଣ ସୃଷ୍ଟି କରି ପ୍ରବାହିତ କଲେ ସବୁଜ ଧାରା । ଅପର ଦିଗରେ ଏକକ ସ୍ୱତନ୍ତ୍ର ମହିମା ନେଇ, ମାନବ ବେଦନାକୁ ବକ୍ଷରେ ଧାରଣ କରି, ଅଲୌକିକ ସମ୍ବେଦନଶୀଳତା ତଥା ଗଭୀର ଅଭିବ୍ୟକ୍ତିର ସୂଚନା ଦେଇ ଜାତିର ଅନ୍ତରାତ୍ମାକୁ ସଜାଗ କଲେ ସ୍ୱର୍ଗତ ଗୋଦାବରୀଶ ମହାପାତ୍ର ଓ ରାଧା ମୋହନ ଗଡ଼ନାୟକ ପ୍ରଭୃତି । ସବୁଜ ଯୁଗକୁ ପଛରେ ପକାଇ ଏକାନ୍ତ ଦୃଢ଼ତାର ସହ ଯେଉଁମାନେ ଆଗେଇ ଗଲେ, ବିଜୟର ଉଜ୍ଜ୍ୱଳ ଟିକା ମସ୍ତକରେ ଧାରଣ କରି କବିତାର ନବୀନ ଗତିପଥ ନିର୍ଦ୍ଦିଷ୍ଟ କଲେ, ସେମାନେ ହେଲେ କାଳନ୍ଦୀ ଚରଣ ପାଣିଗ୍ରାହୀ, ଗୋଦାବରୀଶ ମହାପାତ୍ର, ରାଧା ମୋହନ ଗଡ଼ନାୟକ, ମାୟାଧର ମାନସିଂହ, ସଚ୍ଚି ରାଉତରାୟ, କାହ୍ନୁଚରଣ ଭଗବତୀ ପାଣିଗ୍ରାହୀ, ଅନନ୍ତ ପଟ୍ଟନାୟକ ରଘୁନାଥ ଦାସ, ମନମୋହନ ମିଶ୍ର, କୁଞ୍ଜବିହାରୀ ଦାଶ, ବାଞ୍ଛାନିଧି ଦାଶ ଓ ଅନ୍ୟାନ୍ୟ ଅନେକ ଲବ୍ଧ ପ୍ରତିଷ୍ଠ କବି । ଏଇମାନଙ୍କ ମଧ୍ୟରୁ କେତେକଙ୍କର ସାମ୍ୟବାଦୀ କବିତା ନୂତନ ଜୀବନ ଦର୍ଶନ ତଥା ନବ ଯୁଗର ବାର୍ତ୍ତା ପ୍ରଚାରିତ କଲା ।”

ଉତ୍କଳ ସାହିତ୍ୟ ସମାଜର ହୀରକ ଜୟନ୍ତୀର କେତେକ ମାସ ପୂର୍ବରୁ ୧୯୭୨ ମସିହା ମାର୍ଚ୍ଚ ମାସରେ କଟକ ରେଭେନ୍ସା କଲେଜ ପୂର୍ବ ଛାତ୍ରାବାସର ସୁବର୍ଣ୍ଣ ଜୟନ୍ତୀ ମହାସମାରୋହରେ ପ୍ରତିପାଳିତ ହୋଇଥିଲା । ଏହି ପୂର୍ବ ଛାତ୍ରାବାସ ସହିତ ସବୁଜ ଗୋଷ୍ଠୀର ଘନିଷ୍ଠ ସଂପର୍କ ଥିବାରୁ ବର୍ତ୍ତମାନ ଅନ୍ତେବାସୀମାନେ ସବୁଜ ଗୋଷ୍ଠୀର ପଞ୍ଚସଖାଙ୍କୁ ସେଥିରେ ଯୋଗ ଦେବାପାଇଁ ସାଦର ନିମନ୍ତ୍ରଣ କରିଥିଲେ ଓ ସେମାନେ ଅତ୍ୟନ୍ତ ଆନନ୍ଦର ସହିତ ଉତ୍ସବରେ ଅଂଶ

Digitized by srujanika@gmail.com

ଗ୍ରହଣ କରିଥିଲେ । ଅନ୍ନଦାଶଙ୍କର, କାଳିନ୍ଦୀଚରଣ, ହରିହର ମହାପାତ୍ର, ବୈକୁଣ୍ଠ ନାଥ, ହରିହର ମିଶ୍ର ଓ ହରିଶ୍ଚନ୍ଦ୍ର ବଡ଼ାଳ ପ୍ରଭୃତିଙ୍କର ୧୯୨୧ ସାଲରେ ପ୍ରଥମ ଥର ପାଇଁ ଏହି ଛାତ୍ରାବାସରେ ମିଳନ ହୁଏ ଓ ସେମାନଙ୍କ ସାହିତ୍ୟିକ ଗୋଷ୍ଠୀ ଜୀବନର ସେଠାରେ ସୂତ୍ରପାତ ହୁଏ । ବର୍ତ୍ତମାନ ରେଭେନ୍ସା କଲେଜର ବିରାଟ ଅଟ୍ଟାଳିକା ଯେଉଁ ଗୃହଳ ଅଗଣାରେ ଅବସ୍ଥିତ, ସେଠାରେ ସେହି ୧୯୨୧ ମସିହା ଜୁନ୍, ଜୁଲାଇରେ କଲେଜ ଆରମ୍ଭ ହେଲାବେଳକୁ ସବୁ କୋଠାବାଡ଼ିର କାମ ମଧ୍ୟ ସଂପୂର୍ଣ୍ଣ ହୋଇ ନଥାଏ ଏବଂ ବର୍ଷା ଦିନରେ ସ୍ଥାନେ ସ୍ଥାନେ ଛାତରୁ ପାଣି ଗଳୁଥାଏ । ତଥାପି କଟକର ସଂକୀର୍ଣ୍ଣ ପୁରୁଣା କଲେଜ ଗଳିରୁ ଏହି ଉନ୍ମୁକ୍ତ ପ୍ରାନ୍ତରକୁ କଲେଜ ସ୍ଥାନାନ୍ତରିତ ହେବାଟା କ ନୂତନ କ ପୁରାତନ କଲେଜର ସବୁ ଛାତ୍ରମାନଙ୍କ ମନରେ ଅପୂର୍ବ ଉନ୍ମାଦନା ଆଣିଥାଏ ।

ସବୁଜ ଗୋଷ୍ଠୀର ସମସ୍ତେ ପ୍ରଥମ ବାର୍ଷିକ ଶ୍ରେଣୀର ନୂଆ ଛାତ୍ର । ସବୁସ ସୁନ୍ଦର ପରିବେଷ୍ଟନୀ ମଧ୍ୟରେ ସେମାନଙ୍କର ଖାଲି ଯେ ବନ୍ଧୁଲାଭ ହୋଇଥିଲା, ତାହା ନୁହେଁ, ସେହି ବନ୍ଧୁମାନଙ୍କ ମଧ୍ୟରେ ସେମାନେ ସମଗୋତ୍ରୀୟ ସାହିତ୍ୟ ପ୍ରେମୀଙ୍କୁ ଖୋଜି ପାଇଥିଲେ ଓ ସେମାନଙ୍କ ମଧ୍ୟରେ ସାହିତ୍ୟ ସେବାର ଅପୂର୍ବ ସୁଯୋଗ ଆସି ପହଞ୍ଚିଥିଲା । ତେଣୁ ୫୦ ବର୍ଷ ପରେ ସେହି ପୂର୍ବ ଛାତ୍ରାବାସର ସୁବର୍ଣ୍ଣ ଜୟନ୍ତୀ ସେମାନଙ୍କୁ ବିଶେଷ ଭାବରେ ଆକର୍ଷଣ କରିଥିଲା । ସେମାନେ ମଧ୍ୟ ଉତ୍ସବର ସଭା ଓ ଆଲୋଚନା ମଧ୍ୟରେ ୧୯୨୧ ସାଲରେ ସେହି ଛାତ୍ରାବାସରେ ସବୁଜ ଗୋଷ୍ଠୀର ଅଭ୍ୟୁଦୟ ଓ ସ୍ଫୁରଣ କଥା ବର୍ତ୍ତମାନର ଅନ୍ତେବାସୀ ବାରମ୍ବାର ସ୍ମରଣ କରୁଥିବା ଦେଖି ଓ ସେଠାରେ ସବୁଜ ସାହିତ୍ୟର ସମୀକ୍ଷା ହେଉଥିବାର ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ ।

୧୯୨୧ ସାଲରୁ ପୂର୍ବଛାତ୍ରାବାସ ଓଡ଼ିଆ ସାହିତ୍ୟ ଚର୍ଚ୍ଚାର ଗୋଟିଏ ପୀଠ ରୂପେ କାର୍ଯ୍ୟ କରି ଆସିଅଛି । ଏହା ଯେ କେବଳ ଉକ୍ତ ସମୟରେ ସବୁଜ ଗୋଷ୍ଠୀର ଆଲୋଚନା ପୀଠ ଥିଲା, ତାହା ନୁହେଁ, 'ପ୍ରାଚୀ' ଗୋଷ୍ଠୀର ମଧ୍ୟ ଏହି ପୂର୍ବଛାତ୍ରା-ବାସରେ ଶୁଭାରମ୍ଭ । ଯେତେବେଳେ ପ୍ରାଚୀ ସମିତିର ପ୍ରତିଷ୍ଠାତା ଅଧ୍ୟାପକ ଶ୍ରୀଯୁକ୍ତ ଆର୍ତ୍ତବଲ୍ଲଭ ମହାନ୍ତି ଏହି ଛାତ୍ରାବାସର ସୁପରିଣ୍ଟେଣ୍ଡେଣ୍ଟ ଥିଲେ ଓ ପ୍ରାଚୀ ସମିତିର ପ୍ରାଣସ୍ୱରୂପ ଛାତ୍ର ଶ୍ରୀଯୁକ୍ତ ବିଚ୍ଛନ୍ଦ ଚରଣ ପଟ୍ଟନାୟକ ଏହାର ଅନ୍ତେବାସୀ ଥିଲେ, ଏବଂ ଆର୍ତ୍ତବାବୁଙ୍କ ପ୍ରେରଣାରେ ଏହି ଛାତ୍ରାବାସରେ ପ୍ରାଚୀ ଗୋଷ୍ଠୀର ଅପୂର୍ବ ସାହିତ୍ୟ ସୃଷ୍ଟି ଜନ୍ମଲାଭ କରିଥିଲା । ସବୁବେଳେ ବିସ୍ମିତ ହେବାକୁ ହୁଏ ଯେ ପ୍ରାଚୀନ ପନ୍ଥୀ ହେଲେ ମଧ୍ୟ ମହାମନା ଆର୍ତ୍ତବଲ୍ଲଭ ମହାନ୍ତି ଉଭୟ ଗୋଷ୍ଠୀର ଉତ୍ସାହଦାତା ଥିଲେ ଏବଂ ତାଙ୍କର ଛାତ୍ର ସବୁଜ ଗୋଷ୍ଠୀ ବିଶେଷ ଭାବରେ ତାଙ୍କ ସ୍ନେହ ଲାଭ କରିଥିଲେ । ଅତ୍ୟନ୍ତ ଆନନ୍ଦର ବିଷୟ ଯେ ପୂର୍ବଛାତ୍ରାବାସରେ ଏହି ସାହିତ୍ୟିକ

Digitized by srujanika@gmail.com

ଯାଉଛି ୫୦ ବର୍ଷରେ ମଧ୍ୟ ଅବ୍ୟାହତ ରହିଅଛି । ତାହାର ବିଶିଷ୍ଟ ପ୍ରମାଣ 'ଜାଗରଣ' ପତ୍ରିକାଟି । ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଏହି ପତ୍ରିକାର ଗୋଟିଏ ବିଶେଷ ଅଙ୍କ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସୁପରିଚିତ ଶ୍ରୀଯୁକ୍ତ ସର୍ବେଶ୍ୱର ଦାଶ, କେନ୍ଦ୍ରାମଣି ନଟବର କୁମାର, ଶ୍ରୀ ସୀତାକାନ୍ତ ମହାପାତ୍ର, ଶ୍ରୀଯୁକ୍ତ ରମାକାନ୍ତ ରଥ ଓ ଶ୍ରୀଯୁକ୍ତ ଗୋପଚନ୍ଦ୍ର ପଟ୍ଟନାୟକଙ୍କର ସମ୍ପାଦକତ୍ୱରେ ପ୍ରକାଶିତ ହୋଇଥିଲା ଓ ସେଥିରେ ସୁରେଶ ମହାପାତ୍ର 'ସବୁଜ ସାହିତ୍ୟ : ଉନ୍ମେଷ ଓ ଉତ୍ତରଣ' ନାମଦେଇ ଗୋଟିଏ ପାଣ୍ଡିତ୍ୟପୂର୍ଣ୍ଣ ପ୍ରବନ୍ଧ ଲେଖିଥିଲେ । ସମ୍ପାଦକଙ୍କର ଅନୁମତି ନେଇ ଆମ୍ଭେମାନେ ପ୍ରତିଧ୍ୱନି ନମ୍ବରରେ ପ୍ରକାଶ କଲୁ ।

ସବୁଜ ସାହିତ୍ୟ : ଉନ୍ମେଷ ଓ ଉତ୍ତରଣ

ଲେଖକ - ଶ୍ରୀ ସୁରେଶ ମହାପାତ୍ର

ସବୁଜଯୁଗ ବା ସବୁଜ ସାହିତ୍ୟ କହିଲେ ସାହିତ୍ୟ ସଚେତନ ହୃଦୟେ ଓଡ଼ିଆ ବିଶେଷତଃ ରେଭେନ୍ସାଭିଅନ୍‌ମାନଙ୍କର ଏବେବି ସ୍ମରଣ ଆସିଥାଏ 'ନନ୍‌ସେନ୍‌ସ କ୍ଲବ' ଓ 'ଅବକାଶ' ଆଦି କେତେକ କଥା, ଯାହା ସବୁ ଇଷ୍ଟହଷ୍ଟେଲର ଅତୀତ ସହ ଜଡ଼ିତ । କିନ୍ତୁ ଆମଭିତରୁ ଅଧିକାଂଶଙ୍କ ପାଇଁ ଏହି ଅତୀତ ଧୂସର ଆଉ ଅନିର୍ଦ୍ଦିଷ୍ଟ । ଆଜି ଆମର ବାର୍ଷିକୋତ୍ସବ ପାଳନ ବର୍ଷର ଅର୍ଦ୍ଧଶତାବ୍ଦୀ ପୂର୍ତ୍ତିରେ ସେହି 'ଅତୀତ'ର କୁକ୍ଷି ମଧ୍ୟକୁ ଦୃଷ୍ଟିପାତ କରିବାର ଏହା ଏକ ଶିଶୁଚେଷ୍ଟା ମାତ୍ର । ଅନ୍ୟତମ ସବୁଜ କବି ବୈକୁଣ୍ଠନାଥଙ୍କ ଭାଷାରେ—ପଦ୍ମଫୁଲ ତୋଳି ମାଳା ଗୁନ୍ଥିବା ଭଳି ସୁଖକାମ ଏ ନୁହେଁ, ବରଂ ଗଙ୍ଗଶିଉଳି ଗୋଟାଇ ଡାଲା ପୂରା କଲା ଭଳି କଷ୍ଟ । ଏଣୁ ଏଇ ଲେଖା - ପୁରାତନର ସ୍ମରଣ ଜଣେ ପ୍ରାକ୍ତନ ବନ୍ଧୁଙ୍କ ଲେଖନୀରୁ — ଅନୁରୋଧ ଯେ । ପ୍ରକାଶ ଥାଉକି ଏହା ଏକ ଆଲେଖ୍ୟ ମାତ୍ର-କିନ୍ତୁ ବିଶ୍ଳେଷଣ ନୁହେଁ— (a perspective only, not an analysis)— ଅଳମତି ବିସ୍ତରେଣ ।

"ସନାତନ ସେ ଗୋଟାଏ ପ୍ରଚଣ୍ଡ ଉଲ୍‌କା । ସମସ୍ତ ଆକାଶକୁ ମୁହୂର୍ତ୍ତରେ ଉଜ୍ଜ୍ୱଳ କରିଦେଇ ପର ମୁହୂର୍ତ୍ତରେ ନିଭିଗଲା । ସନାତନ-କାଳର ଅଗ୍ରଗାମୀ ପୁରୁଷ ସେ, ହାତଠାରି ସମସ୍ତ ଜଗତକୁ ଡାକିଯାଏ । କିନ୍ତୁ କାହାରିକୁ ଧରିଦିଏ ନାହିଁ । ଆଗେ ଆଗେ ଚାଲିଯାଏ ବିଦ୍ୟୁତ ବେଗରେ । ପଶ୍ଚାତ୍‌କୁ ଫେରି ଚାହେଁ ନାହିଁ....."

(ଅମରଚିତା)

—ଯୌବନର ସନ୍ଧି ଏଇ ଭଳି ଏକ ନୂତନ ସଂଜ୍ଞା ଗ୍ରହଣ କରିବାରେ କିଛି ଆପତ୍ତି ନ ଥାଏ, ତେବେ ଉକ୍ତିଟି କେବଳ ବିଦ୍ରୋହୀ ସନାତନର ଚରିତ୍ର ଚିତ୍ରଣ

Digitized by srujanika@gmail.com

ନୁହେଁ, ଏହା ସବୁଜ ଯୁଗର ସାହିତ୍ୟ ଆତ୍ମାର ସ୍ୱରୂପ । ସବୁ ସାହିତ୍ୟହିଁ ସମୟ ଓ ସଂସ୍କୃତିର ଏକ ଅଭିକ୍ଷେପ ହୋଇଥାଏ, ଯେଉଁଥିରେ ସମାଜ ଓ ବ୍ୟକ୍ତି ଜୀବନର ଆଦର୍ଶ ଓ ଅନାଦର୍ଶ ଏକ ନିର୍ଦ୍ଦିଷ୍ଟ ଗତି ଓ ଢାଞ୍ଚା ଆଣେ । ଏ ଦୃଷ୍ଟିରୁ,- ସବୁଜ-ସାହିତ୍ୟ ଉକ୍ତାଂଶଟିର ସାମଗ୍ରିକ ଧାରଣା ସହ କେତେଦୂର ନିଷ୍ଠାପରତା ବଜାୟରଖି ପାରିଥିଲା, ତାହା ଆଜି ସାହିତ୍ୟ ଇତିହାସର ବିଚାର୍ଯ୍ୟ ।”

“ସବୁଜ ସାହିତ୍ୟ ବିଷୟରେ ଚିନ୍ତା ଓ ଅନୁଧ୍ୟାନ ଏ ଯାବତ୍ ବିଧିବଦ୍ଧ ଭାବରେ ବିଶେଷ କିଛି ହୋଇନାହିଁ—ମାତ୍ର ଯାହା କିଛି ହୋଇଛି, ତହିଁର ଅଧିକାଂଶ ଏହାର ତଥା-କଥିତ ପଳାୟନବାଦ ବଙ୍ଗଳା ଅନୁକରଣ ବା ଅବାସ୍ତବତା ଆଦି ଉଦ୍ଭାବନ କରିବାରେ ବ୍ୟସ୍ତ । ବସ୍ତୁତଃ ସାହିତ୍ୟିକ ଚିନ୍ତାର ବିଭିନ୍ନ ଧାରା ଓ ଉପ-ଧାରାର ସନ୍ଧି ସ୍ଥଳରେ ଏ ଯୁଗଟିର ଏବଂ ଏହାର କତିପୟ ସୃଷ୍ଟି ସମ୍ଭାରର ସ୍ଥାନ କଣ, ତାର ଅନୁଚିନ୍ତନ ପ୍ରାପ୍ୟ ହୋଇନାହିଁ । ସବୁଜ ଦଳରେ ପ୍ରଥମେ ଥିଲେ ପାଞ୍ଚଜଣ— କାଳିନ୍ଦୀଚରଣ, ବୈକୁଣ୍ଠନାଥ, ଅନ୍ନଦାଶଙ୍କର, ଶରତଚନ୍ଦ୍ର ଓ ହରିହର ମହାପାତ୍ର । ପରେ ପରେ ଷଷ୍ଠ ବନ୍ଧୁ ହେଲେ ହରିଶ୍ଚନ୍ଦ୍ର ବଡ଼ାଳ । ପୁଣି ହରିହର ମିଶ୍ର ଓ ଗୋବିନ୍ଦ ଚନ୍ଦ୍ର ପଣ୍ଡା ମିଶି କରିଥିଲେ ଏହି ଦଳଟିର ସଭ୍ୟସଂଖ୍ୟା ଆଠ । ସାହିତ୍ୟ ସାଧନାର ବିସ୍ତୃତ ପ୍ରାନ୍ତରରେ ସାଥୀ ଓ ସତୀର୍ଥ ରୂପେ ଏମାନେ ଭେଟିଥିଲେ ଅନ୍ୟ ଅନେକଙ୍କୁ । ସବୁଜ ସାହିତ୍ୟ ସମିତି ଗଠନ ପରେ ସଚ୍ଚିଦାନନ୍ଦ-ରାୟ, ମାୟାଧର ମାନସିଂହ ଓ ଅନନ୍ତ ପ୍ରସାଦ ପଣ୍ଡା ପ୍ରମୁଖ ଏମାନଙ୍କର ଆଂଶିକ ଅନ୍ତର୍ଭୁକ୍ତ ଥିଲେ । ଅନେକ କାରଣରୁ ଏହିମାନଙ୍କୁ ପର-ସବୁଜ ବା ନଓ-ସବୁଜ ଲେଖକ ବୋଲି କୁହାଯାଇ ପାରେ ।

ସବୁଜ ଓ ନଓ-ସବୁଜ ଉଭୟ ପ୍ରକାର (ଅମ ଦୃଷ୍ଟିରେ) ଲେଖକମାନେ ପ୍ରତ୍ୟେକ ପରବର୍ତ୍ତୀ ଜୀବନରେ ଏକକ-ସାହିତ୍ୟ-ସ୍ରଷ୍ଟା ଭାବରେ ପ୍ରତିଷ୍ଠିତ ହେଲେ । ମାତ୍ର ସବୁଜ-ସାହିତ୍ୟ ଏ ସମସ୍ତଙ୍କର ବା ଏମାନଙ୍କ ମଧ୍ୟରୁ କେତେକଙ୍କର ପ୍ରଥମ ଲେଖା କିଛିର ସମଷ୍ଟି ମାତ୍ର ନୁହେଁ । ଏକ ସ୍ୱଳ୍ପ ବ୍ୟବଧାନର ଉଦୟ ଓ ବିଳୟ ମଧ୍ୟରେ ବିଳସିତ ହେଲେ ବି ସବୁଜ ସାହିତ୍ୟର ଧାରା ଓ ଜୀବନ୍ ପରିଧି ସ୍ୱତନ୍ତ୍ର ।

ଏଠାରେ ଅବଶ୍ୟ ସବୁଜ ଦଳର ସଂଗଠନ ଓ ତାଙ୍କ ସାହିତ୍ୟ ଚେଷ୍ଟାର ପ୍ରାରମ୍ଭିକ ଅବସ୍ଥା ବିଷୟରେ ବିଶଦ ଆଲୋଚନା କରିବା ପାଇଁ ସ୍ଥାନାଭାବ । ସଂକ୍ଷେପରେ କହିଲେ, ଏହି ପୂର୍ବ ଛାତ୍ରାବାସରେ ସେମାନଙ୍କ କଲେଜ ଶିକ୍ଷାର ପ୍ରଥମ ବର୍ଷରେ ପରସ୍ପର ସୌଖ୍ୟ ସୂତ୍ରରେ ଆବଦ୍ଧ ହୁଅନ୍ତି ପାଞ୍ଚଜଣ’ (ନାମ ଆଗରୁ ଦିଆଯାଇଛି) । ଏମାନେ ସମସ୍ତେ ବୋର୍ଡ଼ର ନଥିଲେ । ଉଦାହରଣ ସ୍ୱରୂପ, ବୈକୁଣ୍ଠନାଥ ରହୁଥିଲେ ବାହାରେ ତାଙ୍କର କୌଣସି ଆତ୍ମୀୟଙ୍କ

Digitized by srujanika@gmail.com

ନିକଟରେ । ଏହାଥିଲା ୧୯୨୧ର ଘଟଣା । ସାହିତ୍ୟାନୁରାଗରେ ପରସ୍ପରର ଏହି ସମ୍ମେଳନର ନାମକରଣ ସେମାନେ କଲେ ନନ୍‌ସେନ୍‌ସ କ୍ଲବ, ଯାହା ସେମାନଙ୍କର କୌଣସି ପଢ଼ା ବହିରୁ ମିଳିଥିଲା । ଏହି କ୍ଲବ ପକ୍ଷରୁ ତିନି ଖଣ୍ଡର ଲେଖା ନେଇ ହାତଲେଖା ମୁଖପତ୍ରଟିଏ ପ୍ରକାଶିତ ହେଲା—'ନନ୍‌ସେନ୍‌ସ କ୍ଲବ୍‌ ମାଗାଜିନ୍‌' ନାମରେ । ପରେ ଏହାର ନାମ ପରିବର୍ତ୍ତନ କଲେ ହରିହର ମହାପାତ୍ର ନିଜ ନାମ ବ୍ୟତୀତ ଅନ୍ୟ ଚାରିଜଣଙ୍କ ନାମର ପ୍ରଥମ ଅକ୍ଷର ଗୁଡ଼ିକର ସମାହାରରେ ସେ ନୂତନ ନାମ ଦେଲେ 'ଅବକାଶ' । ଏହାମଧ୍ୟ ବେଶୀ ଦିନ ସ୍ଥାୟୀ ହେଲା ନାହିଁ ପରିବର୍ତ୍ତିତ ହୋଇ ହେଲା 'ଶକ୍ତିସାଧନ' । ମାତ୍ର ଏ ଯାଏ ସବୁଥିଲା ହାତ ଲେଖା, ଯାହାର ରିଡ଼ିଂ ପବ୍ଲିକ୍ ଥିଲେ ବନ୍ଧୁ ମହଲର ମାତ୍ର କେତେ ଜଣ । ପୁଣି ସୁବସ୍ତୁରରେ ହେଉ ବା ଅବସ୍ତୁରରେ ହେଉ, ଏହା ଅନ୍ୟ ଅନେକଙ୍କ ଦ୍ୱାରା ଏକ ଥଟ୍ଟା ଓ ପରିହାସର ବିଷୟ ହୋଇ ରହିଲା । ସେମାନଙ୍କ ଇଚ୍ଛାବାସରେ ଏ ପତ୍ରିକା, କିମ୍ବା ଅନୁରୂପ ଅନ୍ୟ କିଛି ଛପା ଅକ୍ଷରରେ ବାହାରି ପାରିଲା ନାହିଁ—ସେଥିପାଇଁ ସେମାନଙ୍କୁ ଅପେକ୍ଷା କରିବାକୁ ହେଲା ୧୯୩୧ ପର୍ଯ୍ୟନ୍ତ--ଯେତେବେଳେ ସେମାନେ କର୍ମକ୍ଷେତ୍ରରେ ପ୍ରବେଶ କରି ଯଥାଶକ୍ତି ଅଂଶ ମୂଳଧନ ସୂତ୍ରରେ ସବୁଜ ସାହିତ୍ୟ ସମିତି ଗଠନ କଲେ ।

ସମିତିର ପ୍ରଥମ ନିବେଦନ ହେଲା 'ସବୁଜ କବିତା'--ପାଞ୍ଚଜଣଙ୍କର କିଛି କବିତାର ସମାହାର । ସମ୍ପାଦନା କରିଥିଲେ କାଳିନ୍ଦୀଚରଣ ପାଣିଗ୍ରାହୀ । ସମିତିର ଦ୍ୱିତୀୟ ନିବେଦନ ଥିଲା 'ବାସନ୍ତୀ' (୧୯୩୧) ନଅଜଣ ଲେଖକ ଲେଖିକାଙ୍କର ଥିଲା ଏକ ଯୌଥ ସୃଷ୍ଟି (ଉପନ୍ୟାସ) । ସଂପାଦକ ଥିଲେ ଶରତ ଚନ୍ଦ୍ର ମୁଖର୍ଜି । ୧୯୩୨ ଓ ୩୩ ରେ ଯଥାକ୍ରମେ ପ୍ରକାଶିତ ହୁଏ ଶାନ୍ତି ମୁଖର୍ଜିଙ୍କର 'ଚିରନ୍ତନୀ' ଓ ଶରତଚନ୍ଦ୍ରଙ୍କର 'ପଞ୍ଚପୁଷ୍ପ' —ଦୁଇଟି ଗଳ୍ପ ସଂକଳନ । ୧୯୩୩ ଜାନୁଆରୀ ଠାରୁ ପ୍ରଥମେ ହରିହର ମହାପାତ୍ରଙ୍କର ସଂପାଦନାରେ ପ୍ରକାଶିତ ହୁଏ 'ଯୁଗବାଣୀ' ମାସିକପତ୍ର । ପୁଣି ଏହା ସାଥେ ସାଥେ ଶରତଚନ୍ଦ୍ର ଚାଲୁ କରନ୍ତି 'ପଲ୍ଲୀ ମଙ୍ଗଳ'--ଅନ୍ୟ ଏକ ମାସିକ ପତ୍ର, ଯାହାକୁ ଏବେର ପପୁଲାର ସାଇନ୍‌ସ୍‌ ମାଗାଜିନ-ମାନଙ୍କ ସହ ତୁଳନା କରାଯାଇ ପାରେ । ଶରତଚନ୍ଦ୍ର ଥିଲେ କାର୍ଯ୍ୟମନୋ-ବାକ୍ୟରେ ଦଳର ପ୍ରକୃତ ସଂଗଠକ ପ୍ରତିଷ୍ଠାତା । ସଦସ୍ୟ ପାଞ୍ଚଜଣ ନିଜ ନିଜର କର୍ମ ସଂସ୍ଥାନରେ ବିଭିନ୍ନ ଆଡେ ବିକ୍ଷିପ୍ତ ହୋଇ ରହିବାରୁ ସମିତି କ୍ରମେ କ୍ରମେ ଶିଥିଳ ହୋଇ ଶେଷରେ ବନ୍ଦ ହେଲା ।

'ଯୁଗବାଣୀ' ବାହାରି ପାରିଥିଲା ୧୯୩୫ ଶେଷ ଯାଏ । ଏହା ମୁଖ୍ୟତଃ ଏକ ଗଳ୍ପ ପତ୍ରିକା ଥିଲା -- ତଥାପି କବିତା ଓ ପ୍ରବନ୍ଧାଦି ଏଥିରେ ବାହାରୁଥିଲା । ଏହାର ଧରାବନ୍ଧା ପ୍ରଚ୍ଛଦପଟ ଶିଳ୍ପୀ ଥିଲେ ଶ୍ରୀ ଗୋପାଳ କାନୁନଗୋ, ଯାହାଙ୍କୁ ନବ୍ୟ-

Digitized by srujanika@gmail.com

ଦରେ ସବୁଜ ଚଳକର ବୋଲି ଆଖ୍ୟାୟିତ କରାଯାଇପାରେ । ପ୍ରାରମ୍ଭିକ ସବୁଜମାନଙ୍କର ଲେଖା 'ଯୁଗବାଣୀ' ପୂର୍ବରୁ ତଥା ଏହାର ପ୍ରକାଶନ ସମୟରେ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ସମ୍ପାଦିତ 'ସହକାର' ଓ ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କ 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ହୋଇଥିଲା । 'ବାସନ୍ତୀ' ଉପନ୍ୟାସ 'ଉତ୍କଳ ସାହିତ୍ୟ'ରେ ମେ, ୧୯୨୪ ସଂଖ୍ୟାଠାରୁ ନଭେମ୍ବର ୧୯୨୬ ସଂଖ୍ୟା ପର୍ଯ୍ୟନ୍ତ ଧାରାବାହିକ ପରିଚ୍ଛେଦମାନଙ୍କରେ ପ୍ରକାଶିତ ହୋଇଥିଲା । ଏମାନଙ୍କ ଅଭ୍ୟୁଦୟ ପକ୍ଷରେ ଶ୍ରୀଯୁକ୍ତ କରଙ୍କର ଦାନ ଓ ଉତ୍ସାହ ଥିଲା ଅତୁଳନୀୟ । ସମିତିର ପୁସ୍ତକ ପ୍ରକାଶନ ସର୍ବମୋଟ ୩୫ଟି । 'ସବୁଜ ସମିତି' ଓ 'ବାସନ୍ତୀ' ସମେତ ହରିଶ୍ଚନ୍ଦ୍ର ବଡ଼ାଲଙ୍କ ନାଟକ 'ଦେଶର ଡାକ', ଶରତ ଚନ୍ଦ୍ରଙ୍କର 'ଗଳ୍ପଗୁଚ୍ଛ' 'ପଞ୍ଚପୁଷ୍ପ', 'କୋଣାର୍କ' ଓ ଜୀବନ ଚରିତ 'ରାମାନୁଜ', ବୈକୁଣ୍ଠ ପଟ୍ଟନାୟକଙ୍କର 'ମୁକ୍ତପଥେ', ଉଦୟସିଂହ ପାଣିଗ୍ରାହୀଙ୍କର 'ତୁମେ ମାଆ', କାଳିନ୍ଦୀ ପାଣିଗ୍ରାହୀଙ୍କର 'ମୁକ୍ତା ଗଡ଼ର କ୍ଷୁଧା', 'ଅମରଚଟା', 'ଦ୍ୱାଦଶୀ,' ଓ 'ସୌମ୍ୟ,' ସଚ୍ଚୀ ରାଉତରାୟଙ୍କର 'ପାଥେୟ,' ଓ 'ପୂର୍ଣ୍ଣିମା,' ଅନନ୍ତ ପ୍ରସାଦ ପଣ୍ଡାଙ୍କର 'ତୃଣଗୁଚ୍ଛ', ମାୟାଧର ମାନସିଂହଙ୍କର 'ପୂଜାରିଣୀ', ଶାନ୍ତ ମୁଖାର୍ଜୀଙ୍କର 'ଚିରନ୍ତନୀ' ଚିନ୍ତାମଣି ମହାନ୍ତିଙ୍କର 'ଶନିସପ୍ତା' ଓ କମଳାକାନ୍ତ ଦାଶଙ୍କର 'ବୋଉ'······ଇତ୍ୟାଦି ଏଥିର ଅନ୍ତର୍ଗତ ।

ସାହିତ୍ୟ ମାଧ୍ୟମରେ ଯେ ବୈଷୟିକ ଶିକ୍ଷା ଅତି ସହଜରେ ଅଥଚ ଅତି ସାର୍ଥକ ଭାବରେ ଦିଆଯାଇପାରେ, ତାହାର ଦୃଷ୍ଟାନ୍ତ ରୂପ ସାହିତ୍ୟରେ ଦେଖାଦେଲା । ତଦନୁଯାୟୀ ସମିତି ପକ୍ଷରୁ ବୈଷୟିକ ଜ୍ଞାନ ସମ୍ପନ୍ନ ଭଦ୍ରଲୋକମାନଙ୍କୁ ଅନୁରୋଧ କରାଯାଇ 'ଗୋପାଳନ', କୃଷି ଓ ସଂସ୍କାର ମରାମତି ଆଦି ବିଷୟ ସାହିତ୍ୟାକାରରେ ଲେଖାଯାଇ ପ୍ରକାଶ କରାଯାଇଥିଲା । ଓଡ଼ିଆ ଜାତିର ଏହା ଏକ ଅବଶ୍ୟମ୍ଭାବୀ ଦୁର୍ଭାଗ୍ୟ ଯେ, କୌଣସି ଶୁଭ ଚେଷ୍ଟା ଏଠି ଦୀର୍ଘଜୀବୀ ହୁଏନା । ସବୁଜଗଣଙ୍କର ସମିତି ମଧ୍ୟ ଏହାର ଅନୁଗାମୀ ହେଲା । ଫଳରେ ସମିତି ନିଜର ବିସ୍ତୃତ କର୍ମ ଯୋଜନା ଓ ପୃଷ୍ଠଭୂମିର ଆଲେଖ୍ୟ ଦେଇ ସାରିଥିଲେ ସୁଦ୍ଧା ଏକ **Registered Body** ହିସାବରେ ଅଧିଷ୍ଠିତ ହୋଇ ନ ଥିବାରୁ ଏହାର ବିଲୟ ପରେ ସବୁଜ ଆନ୍ଦୋଳନ ଅଧିକାଂଶଙ୍କ ପାଇଁ ଏକ ଖିଆଲ ହୋଇ ରହିଗଲା । ଏ ସଂପର୍କରେ ରାଧାନାଥଙ୍କ ଗୋଟିଏ ପଦ କେବଳ ମନରେ ଆସେ—

"ଦେବୀ ବୀଣାପାଣି ! କେଉଁ ପାପ ଫଳେ
କରୁଣା ତୋହର ଉଣା ଏ ଉତ୍କଳେ ?"

Digitized by srujanika@gmail.com

'ସବୁଜ' ଶବ୍ଦର ପ୍ରଥମ ସ୍ଫୁରଣ ଆସିଥିଲା ଅନ୍ନଦାଶଙ୍କର ରାୟଙ୍କର 'ସବୁଜ ପତ୍ର' କବିତାରେ----

ସବୁଜ ପତ୍ର, ଆସ
ପବନ ଛନ୍ଦେ ନାଚିଉଠ
ଝର୍ଝ ଗନ୍ଧେ ଘାସ····

(ଉତ୍କଳ ସାହିତ୍ୟ, ବୈଶାଖ ୧୯୩୨ ସାଲ, ଅର୍ଥାତ୍ ଏପ୍ରିଲ୍ ୧୯୨୫ ।)

ସବୁଜ ଶବ୍ଦ ପୁଣି ସ୍ଥାନ ପାଇଥିଲା 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ବୈକୁଣ୍ଠ ପଟ୍ଟନାୟକଙ୍କର ଅନ୍ୟ ଏକ କବିତାରେ—'ସବୁଜ ବନ୍ଧୁ ପ୍ରତି' (ଆଷାଢ଼ ୧୯୩୨ ସାଲ୍ -ଜୁନ୍ ୧୯୨୫) ଏହାର ପ୍ରତିଦାନରେ ସେମାନଙ୍କୁ ବିଚ୍ଛନ୍ଦ ଚରଣଙ୍କର ଉପହାସ କାଣ୍ଡ ଲେଖନୀର ଶରବ୍ୟ ହେବାକୁ ପଡ଼ିଥିଲା । ବିଚ୍ଛନ୍ଦ ଚରଣ ଥିଲେ ପ୍ରାଚୀନ ସାହିତ୍ୟର ଭକ୍ତ ଓ ସ୍ୱର୍ଗତଃ ରାୟବାହାଦୁର ଅଭିବଲ୍ଲଭ ମହାନ୍ତିଙ୍କ ଅନୁଗାମୀ । ବିଚ୍ଛନ୍ଦ ଚରଣଙ୍କର ଧାରଣା ହୋଇ ଗଲା ଯେ ଏମାନେ ('ଅବକାଶ' ଗୋଷ୍ଠୀ) ପ୍ରାଚୀନ ସାହିତ୍ୟର ବିଦ୍ରୋହୀ । କେବଳ ସେତିକି ଚିନ୍ତା କରି ସେ ସ୍ଥିର ନଥିଲେ, ଅନ୍ନଦା ଶଙ୍କରଙ୍କର 'ସବୁଜ ପତ୍ର' କବିତାକୁ ଅନୁକରଣ କରି (parody) ସେ ଲେଖିଲେ ଏକ ବ୍ୟଙ୍ଗ କବିତା ସେହି ନାମର । ଏହାପୁଣି କାଠି ଖଣ୍ଡିଏରେ ବନ୍ଧାହୋଇ ପଞ୍ଚ ସବୁଜ ବନ୍ଧୁମାନଙ୍କ ପାଖକୁ ଆସିଥିଲା ଠିକ୍ ଏକ ଶର ଭଳି । ଏହି ବ୍ୟଙ୍ଗ କବିତାର ବିଷୟ ବସ୍ତୁ ଥିଲା ପୁଣି ଆହୁରି ମାରାତ୍ମକ—ଏ ପାଞ୍ଚଜଣ କୁଆଡ଼େ 'ସବୁଜ ପତ୍ର' ଶୀର୍ଷକ କୌଣସି ଦ୍ରୌପଦୀଙ୍କ ପାଞ୍ଚସ୍ୱାମୀ ଭାବରେ ନାଚୁଥିଲେ । ଏ ମାନଙ୍କ ଦଳକୁ 'ସବୁଜଦଳ' ଭାବରେ ନାମିତ କରି ବିଚ୍ଛନ୍ଦ ଚରଣ ପ୍ରତ୍ୟେକଙ୍କୁ ତୀବ୍ର ସାଟାୟାର କରିଥିଲେ । ଏସବୁ ସତ୍ତ୍ୱେ ବିଚ୍ଛନ୍ଦ ଚରଣଙ୍କର ବଳିଷ୍ଠ ଲେଖନୀର ପ୍ରତିଭା ଏ କବିତାଟିରେ ବେଶ୍ ପରିସ୍ଫୁଟ ହୋଇଥିଲା, ଯଦିଓ ଏହା ମୁଦ୍ରିତ ହେବାର ସୌଭାଗ୍ୟ ପାଇ ପାରିଲା ନାହିଁ । ଅର୍ଦ୍ଧଶତାବ୍ଦୀ ତଳର ସେହି ବ୍ୟକ୍ତିଗତ ବିରୋଧର ସ୍ମୃତି ଆଜି ଇତିହାସ ହେଲଣି । ତାହା ଆଲୋଚନା ଓ ଉପଭୋଗର ବିଷୟ । ମାତ୍ର ଆଶ୍ଚର୍ଯ୍ୟକର ଭାବରେ (ironically) ବିଚ୍ଛନ୍ଦ ଚରଣ ଏମାନଙ୍କ ପାଇଁ ଏକ ଭୂମିକା ପ୍ରସ୍ତୁତ କରିଗଲେ—ତାଙ୍କର ସାଟାୟାର (ସବୁଜ ଦଳ) ଏମାନଙ୍କ ପାଇଁ ଏକ ଲେବୁଲ୍ ହୋଇ ରହିଗଲା ।

୧୯୭୫ ସେପ୍ଟେମ୍ବର ୨୪ ତାରିଖରେ ଆକାଶ ବାଣୀ-କଟକଙ୍କ ଆନୁକୂଲ୍ୟରେ ପ୍ରସାରିତ ପଞ୍ଚ-ସବୁଜ-ଉଦ୍ୟୋକ୍ତାଙ୍କର ଏକ ସିମ୍ପୋଜିୟମରେ ସେମାନେ ସ୍ୱୀକାର କରିଛନ୍ତି ଯେ 'ସବୁଜ' ଭାବଟିକୁ ସେମାନେ ଗ୍ରହଣ କରିଥିଲେ ଇଂରାଜୀ

Digitized by srujanika@gmail.com

'Green' ଧାରଣାର ଓଡ଼ିଆ ହିସାବରେ । ଏହା ପୁଣି ସେମାନଙ୍କ ପାଇଁ ଥିଲା ଜୀବନର (ଅନ୍ୟ କଥାରେ ଯୌବନର) ସଙ୍କେତ – Emblem of life । ଅବଶ୍ୟ 'ସବ୍‌ଜା' ବା 'ସାବୁଜା' ଆଦି ପ୍ରଚଳିତ ଶବ୍ଦମାନ ଥାଉ ଥାଉ ଏମାନେ 'ସବୁଜ' ଶବ୍ଦଟିକୁ ନିଜ ସାହିତ୍ୟ-ସାଧନାର ପ୍ରତୀକ ଭାବରେ କାହିଁକି ଗ୍ରହଣ କଲେ ତାହା ବିଶ୍ଳେଷଣ କଲାବେଳେ ଭୁଲି ଯାଇ ହେବନି ତଦାନୀନ୍ତନ ବଙ୍ଗଳା ସାହିତ୍ୟର ସୁପୁରୁଷ ପ୍ରମଥ ଚୌଧୁରୀଙ୍କ 'ସବୁଜ ପତ୍ର' ପତ୍ରିକାକୁ । ଏମାନେ ତାହା ଦ୍ୱାରା ନିଶ୍ଚୟ ପ୍ରଭାବିତ ହୋଇଥିଲେ । ପୁଣି ଏମାନଙ୍କ ହାତଲେଖା ପତ୍ରିକାର ଦ୍ୱିତୀୟ ନାମକରଣରେ (ଶକ୍ତି ସାଧନ) ରବୀନ୍ଦ୍ରନାଥଙ୍କ ସମସାମୟିକ କାଗଜ 'ସାଧନ'ର ପ୍ରଭାବ ବିସ୍ମରଣ କରି ହେବନି । ବଙ୍ଗଳା ସାହିତ୍ୟରେ ତାହା ଥିଲା 'କଲ୍ଲୋଲ ଯୁଗ' । ସେତେବେଳେ ତାରାଶଙ୍କର ବନ୍ଦୋପାଧ୍ୟାୟ, ଅଚିନ୍ତ୍ୟ କୁମାର ସେନଗୁପ୍ତ, ଶୈଳଜାନନ୍ଦ ମୁଖୋପାଧ୍ୟାୟ ଆଦିଙ୍କ ସାହିତ୍ୟ ସାଧନାର ପୁଷ୍କଳତା ସମସ୍ତ ଭାରତୀୟ ସାହିତ୍ୟ ଜଗତକୁ ଚମତ୍କୃତ କରିଥିଲା ।

୧୯୧୩ ରେ ସାହିତ୍ୟିକ କୃତି ପାଇଁ ରବୀନ୍ଦ୍ରନାଥ ନୋବେଲ ପ୍ରାଇଜ୍ ପାଇଲେ । କ୍ରମେ ତାଙ୍କର ଖ୍ୟାତି ବଢି ୧୯୨୧।୨୨ ସୁଦ୍ଧା ଏକ ଆନ୍ତର୍ଜାତିକ ସମ୍ପତ୍ତିରେ ପରିଣତ ହୋଇଥିଲା । ସ୍ୱଭାବତଃ ଭାରତୀୟ ସାହିତ୍ୟାକାଶରେ ସେ ଥିଲେ ସେତେବେଳର ସୂର୍ଯ୍ୟ । ତାଙ୍କର କିରଣ ସେତେବେଳର ଏ ସାହିତ୍ୟାନୁରାଗୀ ଯୁବକମାନଙ୍କୁ ଗଭୀର ଭାବେ ଯେ ହୃଷ୍ଟ ଓ ଉନ୍ମାଦିତ କରିଥିବ-ଏହା ନିଃସନ୍ଦେହ । ଓଡ଼ିଆ ସାହିତ୍ୟ ସମାଜ--ସଂସ୍କୃତିର ବାୟୁମଣ୍ଡଳରେ ସତ୍ୟବାଦୀ-ପ୍ରଭାବ ପ୍ରାୟ ୧୯୨୪ ପର୍ଯ୍ୟନ୍ତ ଅନୁଭୂତ ହେଉ ଥିଲା । ତାର ବେଶ୍ ପୂର୍ବରୁ ରାଧାନାଥ, ମଧୁସୂଦନ, ଓ ଫକୀରମୋହନଙ୍କ ପ୍ରାଣପାତ ସାଧନା ଯୋଗୁ ଓଡ଼ିଆ ସାହିତ୍ୟ ବଙ୍ଗାଳୀ ମାନଙ୍କ ଚକ୍ରାନ୍ତ ଜନିତ ଏକ ଅନିଶ୍ଚିତ ରାଜନୈତିକ ହତ୍ୟାରୁ ଅଳପକେ ବର୍ତ୍ତି ଯାଇଥାଏ । ଏଣୁ ବଙ୍ଗାଳୀ-ବିଦ୍ୱେଷ ଭାବ ସତ୍ୟବାଦୀ ଯୁଗର ସାହିତ୍ୟ ଓ ସଂସ୍କୃତିର ବାତାବରଣରେ ଖୁବ୍ ବଳବତ୍ତର ରହିଥିଲା ।

ରାଧାନାଥ ତାଙ୍କ କବି ଜୀବନର ଶେଷ ଆଡକୁ 'ମହାଯାତ୍ରା' ଓ 'ଦରବାର' ଆଦିରେ ଜାତୀୟତାର ଯେଉଁ ରୂପ ପ୍ରଚାର କରି ଯାଇଥିଲେ, ସତ୍ୟବାଦୀ ଯୁଗରେ ବାସ୍ତବ କର୍ମକ୍ଷେତ୍ରରେ ତାହା ପ୍ରାୟ ଏକ ମଡ଼େଲ ଭାବରେ ଚିହ୍ନିତ ହୋଇ ସାରିଥିଲା, ଯଦିଓ ସତ୍ୟବାଦୀ ଗୋଷ୍ଠୀଙ୍କର ରାଧାନାଥ ଭାବଧାରା ସହ ସାମଞ୍ଜସ୍ୟ ଅପେକ୍ଷା ଅସାମଞ୍ଜସ୍ୟ ଓ ବିରୋଧଭାବ ଥିଲା ବହୁ ଗୁଣରେ ବେଶୀ । ଏପରି ଏକ ଅବସ୍ଥାରେ ହଠାତ୍ ଏକ ଭିନ୍ନଜାତୀୟ ଭାବରେ କବିତା ଲେଖିବାରୁ ସବୁଜଗଣ-

Digitized by srujanika@gmail.com

ବଙ୍ଗଳା ଅନୁକରଣ ଓ ଅନୁଧାବନ କରୁଥିଲେ ବୋଲି ସାଧାରଣତଃ ପ୍ରତୀୟମାନ ହେବା ଖୁବ୍ ସ୍ୱାଭାବିକ ।

ତେବେ କୌଣସି ସାହିତ୍ୟିକ ଯେ ଅନ୍ୟ କୌଣସି ମହତ୍ତର ସାହିତ୍ୟିକ ବା ଉନ୍ନତ ସାହିତ୍ୟ ଦ୍ୱାରା ଅଦୌ ପ୍ରଭାବିତ ହୋଇନାହାନ୍ତି— ଏ କଥା କେହି କହି ପାରିବେନାହିଁ । ଗୁଣି ଯଶସ୍ୱୀ କବି ଓ ଲେଖକମାନଙ୍କ ନିକଟରୁ ନିଜ ଅଜଣାତରେ ଋଣୀ ହୋଇଯିବା ପ୍ରକୃତ ଜାଗରୁକ (sensitive) ପାଠକର ଧର୍ମ । ମାତ୍ର ଏଥିପାଇଁ ମାନସିଂହଙ୍କ ଭଳି 'ସେନେ ସବୁଜଗଣ ବଙ୍ଗଳାରୁ ଭାବ, ଭାଷା ଓ ଛନ୍ଦ ଗୋଟେଇ ନୂତନତା ଦେଖାଇଥିଲେ' (ଓ . ସା . ଇ ୩୮୩) ବୋଲି କହିବା ନିଜର ପ୍ରୀତି ଓ ଇଚ୍ଛା ଉପରୁ ଯିବା ହେବ, ଅନ୍ୟ କିଛି ନୁହେଁ । 'ଚନ୍ଦ୍ରନୀ'ରେ ଦୁର୍ଗେଶନନ୍ଦିନୀର ଆଲୋଚନା, 'ବାସନ୍ତୀ'ରେ 'ଗୋରା' ବହି ପଢ଼ା, ବଙ୍ଗଳା ଗୀତ ବୋଲା ଓ ସୁନ୍ଦରତର ବଙ୍ଗଳା କବିତାରୁ କିଯଦଂଶ ଉଦ୍ଧାର କରିବା ଆଦି କେତେକ ଦୃଷ୍ଟାନ୍ତକୁ ବଙ୍ଗଳା ପ୍ରଭାବର ପ୍ରମାଣ ବୋଲି ସାଧାରଣ ପାଠକେ ଧରି ପାରନ୍ତି । ମାତ୍ର ପକ୍ଷାନ୍ତରରେ ଏ ସବୁ ସତ୍ତ୍ୱେ କିଏ ଭୁଲି ଯାଇପାରିବ ଶାନ୍ତ ମୁଖାର୍ଜିଙ୍କର 'ଚନ୍ଦ୍ରନୀ'ରେ କୁମୁଦ ଓ ନନ୍ଦିଆର ସେଇ ଏକାନ୍ତ ଓଡ଼ିଶୀ ଦାମ୍ପତ୍ୟ ଜୀବନର କରୁଣ କାହାଣୀକୁ ? ('କରୁଣା ବନ୍ଧୁ') ଓ କିଏ ଅଖିବୁଜି ଦେଇହେବ ସବୁ ଓ ଓ ନବେଦିଙ୍କର ଯେ ଅତୃପ୍ତି ପ୍ରେମ କାହାଣୀକୁ (ଝରାଫୁଲ) — ଯାହାର ସଂସ୍ଥାପନା କରାଯାଇଛି ମହାନଦୀ ତଟସ୍ଥ କୌଣସି ଏକ ଗ୍ରାମରେ (ଓଡ଼ିଶାରେ ନିଶ୍ଚୟ) ? ଶରତଚନ୍ଦ୍ର ମୁଖର୍ଜି ନିଜେ ବଙ୍ଗାଳୀ ଥିଲେ, ମାତ୍ର ତାଙ୍କର ସମଗ୍ର ରଚନାବଳୀରେ (ସ୍ୱଳ୍ପ ହେଲେ ବି) ବଙ୍ଗାଳୀ ସ୍ଥାନ ଓ ପାତ୍ର ଆଦିର ତ ରେଫରେନସ ନାହିଁ । ଅଧିକନ୍ତୁ ତାଙ୍କର ଗଳ୍ପ, 'ମୁକୁନ୍ଦପୁର ବ୍ରାହ୍ମଣ ସଭା', 'ତ୍ରୀହ୍ୟସ୍ପର୍ଶର ଅତ୍ୟାଚାର' ଓ ଗୋଟିଏ ଦିନର ଦେଖା' ଆଦିର ପଶ୍ଚାତ୍‌ଭୂମି ଖାଣ୍ଟି ଓଡ଼ିଶୀ । ଓଡ଼ିଆ ସମାଜ-ବ୍ୟବସ୍ଥାକୁ ପୁଙ୍ଖାନୁପୁଙ୍ଖ ଯେ ପୁଣି ଏପରି ନିଚ୍ଛକ ହାସ୍ୟରସ ପରିବେଷଣ କରାଯାଇଛନ୍ତି ଯେ ଯାହାର ଧାରା ଅବ୍ୟାହତ ରହିଥିଲେ ଶରତଚନ୍ଦ୍ର ହୋଇଥାନ୍ତେ ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ହାସ୍ୟରସିକ । ତାଙ୍କର ରଚନା 'ମୃତ୍ୟୁର ପର ପାରେ' ଓ 'ସ୍ୱର୍ଗବାସେ' ପୁଣି ସବୁଜ ସୃଷ୍ଟି ମଧ୍ୟରେ ଅନନ୍ୟ । ଏ ଦୁଇଟି କଳ୍ପିତ ଡାଏଲଗ୍‌ରେ ନିଜର ପୂର୍ବ ସୂରିଙ୍କର ସାହିତ୍ୟ ସାଧନା, ନିଜର ବିଶ୍ଳେଷଣ ଓ ସମସାମୟିକ ସମାଜରେ ଅବଶ୍ୟକ ସଂସ୍କାରଶୀଳତା—ଏ ସବୁର ସମନ୍ୱୟରେ ଏମାନେ ଉତ୍କୃଷ୍ଟ କଳାରେ ପରିଣତ ହୋଇଛନ୍ତି । ବାସନ୍ତୀର ଆଲୋଚନା ସ୍ଥାନ ଓ ସମୟ ଦୃଷ୍ଟିରୁ ଏଠାରେ ସମ୍ଭବ ନୁହେଁ, ଆବଶ୍ୟକ ମଧ୍ୟ ନୁହେଁ । ତାହା ସ୍ୱୟଂସିଦ୍ଧ ।

ପରନ୍ତୁ ରାଧାନାଥ, ଫକୀର ମୋହନ ଓ ମଧୁସୂଦନ ରାଓ ଆଦିଙ୍କ ସାହିତ୍ୟ ଶୈଳୀ ଏମାନଙ୍କ ଲେଖାରେ ଅତି ସୁନ୍ଦର ଭାବରେ ସଂଯମିତ ହେବାର ଦୃଷ୍ଟାନ୍ତ

Digitized by srujanika@gmail.com

ବିରଳ ନୁହେଁ । ପୁଣି ଏମାନଙ୍କର ବଙ୍ଗଳା ପ୍ରୀତି ଯଦି ଏପରି ସନ୍ଦିହାନ ହୁଅନ୍ତା ଆଉ ନିଜସ୍ୱ ସବୁ ଏମାନେ ଯଦି ଭୁଲି ଯାଇଥାଆନ୍ତେ, ତେବେ ରବୀନ୍ଦ୍ର ନାଥଙ୍କର 'ଝୁଣ୍ଟିବାନ୍ଧା ଉଡ୍‌ଡ଼େ ମାଳୀ' କବିତାର ବ୍ୟଙ୍ଗୋକ୍ତିର ପ୍ରତିବାଦ କରିବାକୁ ଧନ, ଶ୍ରମ ଓ ସମୟ ମୂଲ୍ୟରେ ବାଞ୍ଛାନିଧି ରଥ (ଇସ୍କ୍ ଯାତ୍ରୀର ଲେଖକ)ଙ୍କୁ ଏମାନଙ୍କ ଦଳପକ୍ଷରୁ କଲିକତା ପଠାଯାଇଥାଆନ୍ତା ବା କାହିଁକି ? ବଙ୍ଗଳା-ପ୍ରଭାବ ପ୍ରତି ଏପରି ଅନ୍ଧବିଗ୍ରହ ଆଉ ଯେପରି ଭବିଷ୍ୟତକୁ ନ ହୁଏ—ସେଥିପାଇଁ ଆମେ କେବଳ ଜାଗ୍ରତ ରହିବା ଆବଶ୍ୟକ । କାରଣ ଯାହା ହୋଇଗଲା, ତାହା ବିଶ୍ୱବିଗ୍ରହ ପାଇଁ ମୁକ୍ତ—(ଗଳଣିତ ଗଳ କଥାରେ ସଙ୍ଗୀତ....... ..) ବରଂ ବଙ୍ଗଳା ସାହିତ୍ୟ ଉପରେ ଓଡ଼ିଶାର ପ୍ରଭାବ ଓ ଓଡ଼ିଶା ନିକଟରେ ବଙ୍ଗଳାର ସଂସ୍କୃତି ଯେ କେତେ ପରିମାଣରେ ଋଣୀ, ତାହାହିଁ ଆବିଷ୍କାର କରିବାପାଇଁ ଚେଷ୍ଟାକୁ ଆହ୍ୱାନ କରାଯାଉଛି ।

ସାରଳା ମହାଭାରତକୁ ପ୍ରଥମେ ବଙ୍ଗାଳୀମାନେହିଁ ନିଜ ଭାଷାକୁ ଅନୁବାଦ କରିନେଇଥିଲେ (ଉନବିଂଶ ଶତାବ୍ଦୀର ମଧ୍ୟ ଭାଗରେ); ଆକାଶବାଣୀ, କଲିକତାରୁ ଓଡ଼ିଆ ସ୍ୱରଣି କବି ଗୋପାଳ ଉଡ଼େଙ୍କର ଗୀତସବୁ ଏବେ ବି ଦୈନିକ ପ୍ରସ୍ତୁତ ହୁଏ । ତାଙ୍କ ସାହିତ୍ୟରେ ଅଧିକାଂଶର ସଂସ୍ଥାପନା ମୟୂରଭଞ୍ଜ ଜିଲ୍ଲାର ପ୍ରାକୃତିକ ପରିବେଷ୍ଟନୀରେହିଁ କରାଯାଇଛି-ଏସବୁ କଥା ଆମ ଭିତରୁ କେତେକ ଜାଣନ୍ତି ?

ସବୁଜ ସାହିତ୍ୟର ପ୍ରକୃତ ଶକ୍ତି କଣ ଓ କି ପ୍ରକାର-ତାହା ଅନେକ ଠିକ ବୁଝିନ୍ତିନାହିଁ । ହରିଶ୍ଚନ୍ଦ୍ର ବଡ଼ାଲଙ୍କର 'ସ୍ୱାମୀବାବା' (ଯୁଗବାଣୀରେ ପ୍ରକାଶିତ) ଗଳ୍ପଟିର ବିଚାର ଏ ସୂତ୍ରରେ କରାଯାଇ ପାରେ । ସ୍ୱାମୀଜୀ ଅବଶେଷରେ ଶଠ ଓ ଭଣ୍ଡ ବୋଲି ପରିଚିତ ହୋଇଛନ୍ତି । ମାତ୍ର ତାଙ୍କର ହସ୍ତାକ୍ଷର ପୋଲିସ ନିକଟରେ ଥିବା ଯୁଦ୍ଧଦୋଷୀ (war convict)ର ହସ୍ତାକ୍ଷର ସହ ନମିଳିବାରୁ ସେ ବନ୍ଦୀ ହେଲେ ନାହିଁ । ଅବଶେଷରେ ଯେଉଁମାନେ ତାଙ୍କର ଅନୁଗାମୀ ହୋଇ ଚଳି-ଚଳାନ୍ତି ହୋଇଥାନ୍ତେ, ସେମାନେ ରକ୍ଷା ପାଇ ଯାଇଛନ୍ତି । ମାତ୍ର ସ୍ୱାମୀଜୀଙ୍କ ପାଇଁ ସମସ୍ତଙ୍କର ରହିଛି ଏକ ଅଜ୍ଞାତ ଭୟ । ସ୍ୱାମୀଜୀ ଫେରୁଛନ୍ତି ଏକ ସତର୍କବାଣୀ ର ସହ, ଯେ ସେ ଏକ ସାଧାରଣ ବ୍ୟକ୍ତି ନୁହନ୍ତି, ଯେବେ ଯେ ଫେରିବେ, ଏମାନଙ୍କୁ ଶ୍ମଶାନର ବିକଳାଙ୍ଗ ଯୁବକ କରି ଛାଡ଼ିଦିବେ । ଓ୍ୱାଲ୍ଟାର ପେଟର ରୋମାଣ୍ଟି-ସିଜିମକୁ ବର୍ଣ୍ଣନା କରିବାକୁ ଯାଇ କହିଥିଲେ ଏହା ସୌନ୍ଦର୍ଯ୍ୟ ଓ ଅଦ୍ଭୁତ-ବୋଧର ସମନ୍ୱୟ (strangeness added to beauty) । ସ୍ୱାମୀଜୀଙ୍କ ସ୍ୱରୂପ ପଦାରେ ପକାଇବା ପାଇଁ ଯୁବକମାନେ ଯେ ସଫଳ ହେଲେ, ତାହାହିଁ ଗଳ୍ପଟିର ସୌନ୍ଦର୍ଯ୍ୟ—

Digitized by srujanika@gmail.com

ଏଣୁଲାଗି ସମସ୍ତେ ସୁଖୀ । କିନ୍ତୁ ଅଦ୍‌ଭୁତବୋଧ ରହିଛି--ଭୟ ବା ଶଙ୍କା ରୂପରେ, ଯେଉଁ ଭୟର ସମାନ୍ତର ଦୃଷ୍ଟାନ୍ତ ମିଳେ ଇଂରାଜୀ କବି କଲେରିଜଙ୍କଠାରେ । କବି କୋଲେରିଜଙ୍କ 'ଖ୍ରୀଷ୍ଟାବେଲ' ଏକ ଭୀତି ସଂକୁଳ କାହାଣୀ । ଭୀତିର ସ୍ଥାନ କଲେରିଜଙ୍କଠାରେ ଏତେ ଉଗ୍ର ଓ 'ଅସତ୍' ବିଜୟ ଏତେ ବଳବତ୍ତର ଯେ ଖ୍ରୀଷ୍ଟାବେଲ୍ ନିଜେ ଏକ ଗୃହସ୍ଥର ଚରିତ୍ର । ମାତ୍ର ସବୁଜ ଗୋଷ୍ଠୀର ଅସତ୍ (evile) ଏତେ ଉଗ୍ର ନୁହେଁ, ଅପ୍ରତିରୋଧ୍ୟ ନୁହେଁ । 'ଅସତ୍'ର ପରାଜୟ ଫକୀର ମୋହନ ମଧ୍ୟ ଚିତ୍ରଣ କରିଛନ୍ତି । ଏହା ତାଙ୍କଠାରେ ସ୍ୱାଭାବିକ ଓ ସ୍ୱୟଂକୃତ । ସାମାଜିକ ବ୍ୟଭିଚାର ଉଭୟଙ୍କର ବିଷୟବସ୍ତୁ ହୋଇ-ଥିଲା ବେଳେ ଯାହା ସବୁଜଙ୍କଠାରେ ଥିଲା, ଅଥଚ ଫକୀରମୋହନଙ୍କଠାରେ ନଥିଲା, ତାହା ହେଲା ଯୁବକ ସୁଲଭ (ଯୌନ ନୁହେଁ) ପ୍ରବଣତା ।

ପୁଣି ସବୁଜଗୋଷ୍ଠୀ ଓଡ଼ିଆ ସାହିତ୍ୟରେ ଏକ ଆନ୍ତର୍ଜାତୀୟତାର ସ୍ୱାଦ ଦେଇଥିଲେ । ମହାଦେଶୀୟ ସାହିତ୍ୟର ଭୂୟୋ ପଠନର ଦୃଷ୍ଟାନ୍ତ ପ୍ରଥମେ ସେମାନଙ୍କଠାରେ ମିଳେ । ଏ ସମ୍ପର୍କରେ ଜନୈକ ପ୍ରବୀଣ ଇଂରାଜୀ ଅଧ୍ୟାପକ ଥରେ କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କର 'ପାଶୋର ଦେଶରେ ଶିମୂଳପାଳ' କବିତାକୁ W. B. Yeats ଙ୍କର 'Lake isle of innis free'ର ଛାୟା ବୋଲି ବର୍ଣ୍ଣନା କରିଥିଲେ । ଏହା ଏକ ଶସ୍ତା ତୁଳନା ମାତ୍ର, ଠିକ୍ ଯେଉଁ-ପରି କବି ଗଡ଼ନାୟକଙ୍କର 'ମୌସୁମୀ' ସହ ସେଲିଙ୍କର 'Ode towestwind'କୁ ତୁଳନା କଲେ ଯେପରି ଅସଙ୍ଗତ ହେବ, ସେହିପରି 'ଇନିସ୍‌ଫ୍ରି' କବିତାରେ କବିଙ୍କର ଇନିସ୍‌ଫ୍ରିକୁ ଯିବାକୁ ଏକ ପ୍ରତ୍ୟୟ ଅଛି । ମାତ୍ର ଶିମୂଳପାଳ ଏକ ହୃତ ସ୍ମୃତି ମାତ୍ର । କବି କାଳନ୍ଦୀଚରଣ ସେହି ସ୍ମୃତିର ନିରାଜନା କରିଛନ୍ତି । ଉଭୟ କବିତାରେ ଅବଶ୍ୟ nostgia ଅଛି—ଅତୀତର କୁକ୍ଷୀ ମଧ୍ୟରେ ଆଶ୍ରୟ ଲୋଡ଼ିବାରେ ଉଭୟ ସଚେତନ । ମାତ୍ର ଇନିସ୍‌ଫ୍ରି କବିତାରେ ବାସ୍ତବ ପାଖକି ଫେରିଛନ୍ତି ଓ ସ୍ପଷ୍ଟ—ଶିମୂଳପାଳରେ ତାହା ନାହିଁ । ସ୍ମୃତିର ବିଳାସ 'ଶିମୂଳ-ପାଳ'ରେ କଳାଗତ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ସବୁଠାରୁ ପ୍ରଧାନ ବିଷୟ, କବିଙ୍କର ପ୍ରତ୍ୟୟ ହେତୁ ଯାହା ଇନିସ୍‌ଫ୍ରି କବିତାରେ ରହିବା ସମ୍ଭବ ହୋଇନି ।

'ସ୍ୱାମୀଜୀ' ଓ 'ଶିମୂଳ ପାଳ'ର ଆଲୋଚନାର ଉଦ୍ଦେଶ୍ୟ ଅନ୍ତତଃ ଏତିକ ଦେଖେଇ ଦେବା ଯେ ସବୁଜ ସ୍ରଷ୍ଟାର ଏକ ସ୍ୱକୀୟ କାବ୍ୟାଦର୍ଶ ଥିଲା । ସମାଲୋଚନା କହିଲେ ଓଡ଼ିଆରେ ଏବେ ବି ଗୁଡ଼ାଏ ବୌଦ୍ଧିକ ହଜବଜକୁ ବୁଝାଏ । ସବୁଜ ସାହିତ୍ୟ କାହିଁକି, ଯେ କୌଣସି ସାହିତ୍ୟ ଆଲୋଚନା ବେଳେ ସେଇଥିରୁ ଅନ୍ତତଃ ପ୍ରଥମେ ମୁକ୍ତ ହେବା ଆବଶ୍ୟକ । ଏମାନଙ୍କ ବିରୁଦ୍ଧରେ ସମାଲୋଚନା ହୋଇଛି ଯେ 'ସବୁଜ' କବିର ପଳାୟନ ହେଉଛି ଜୀବନ

Digitized by srujanika@gmail.com

ଖୋଜିବା ଲାଗି ଜୀବନଠାରୁ ପଳାୟନ, ଶାନ୍ତିଲାଗି ପୃଥିବୀରୁ ପଳାୟନ, ପ୍ରେମ-ଲାଗି ବାସ୍ତବ ରାଜ୍ୟରୁ ପଞ୍ଚମହଲକୁ ପଳାୟନ, ପୁଣି ନିଜର ପାରମ୍ପରିକ ସାହିତ୍ୟ ଠାରୁ ଅନ୍ୟ ଏକ ସାହିତ୍ୟକୁ ପଳାୟନ + + ଅନ୍ନଦା ସ୍ୱପ୍ନ ଯୌବନର ଝରଣା କୂଳକୁ ପଳାଇବାକୁ ଚାହାଁନ୍ତି, ବୈକୁଣ୍ଠନାଥ ମାନସଲୋକକୁ ଉଡ଼ି ଯିବାକୁ ଚାହାନ୍ତି । ଏହି ପଳାୟନବାଦ ପଛରେ 'ଯୁଦ୍ଧର ବିଭୀଷିକା ଯେତିକି ନୁହଁ, ବେଶୀ ଅଛି ସମାଜ ବିରୁଦ୍ଧରେ ଗ୍ଲାନି ଓ ବିକ୍ଷୋଭ' । ଏହାର ଉତ୍ତର ସେମାନଙ୍କର ସମାଜ—ସଚେତନତା । 'ଅମରଚିତା'ରେ ଅଭିରାମ ଏକ ପ୍ରଚଣ୍ଡ ବ୍ୟକ୍ତିବାଦୀ । ଆଧୁନିକ ବିଜ୍ଞାନର ଭାଷାରେ ତାକୁ ଗୋଟିଏ ସାଇକିଆଟ୍ରିକ୍ କୁହାଯାଇ ପାରେ । ମାତ୍ର ସମାଜପ୍ରତି ତାର ବିଶ୍ୱସ୍ତତା କି ଅନନ୍ୟ । ଶେଷରେ ପୂର୍ବରେ ଅନ୍ଧ, କଣା ଓ କୁଜାମାନଙ୍କର ନେତୃତ୍ୱ ନେଇ ସେମାନଙ୍କର ଅନ୍ନ ସଂସ୍ଥାନ କରିବାର ଉପାୟ ଖୋଜୁଛି । କେବଳ ଜନ୍ମ ଓ ବଂଶ ପରମ୍ପରା ଗ୍ରନ୍ଥିରେ ଶୁଭକାନ୍ତ ପ୍ରାପ୍ତ ଗୋପବନ୍ଧୁଙ୍କ ମୂର୍ତ୍ତି । ପତିତ ସମାଜ ପାଇଁ ବିଗଳିତ ଶ୍ରଦ୍ଧା ତାଙ୍କର । ସନାତନ ବାମପନ୍ଥୀ ଚିନ୍ତାଧାରାର ଅଗ୍ରଦୂତ । ଦେବବ୍ରତ କିନ୍ତୁ ସତ୍ୟ-ବାଦୀ ଆଦର୍ଶକୁ ଗ୍ରହଣ କରି ସାରା ନୂତନ ଭାରତର ଆଭାସ ଦେଇଛି ରାଜନୈତିକ ନୀତିକୁ ଅନୁସରଣ କରୁ କରୁ ବାଟରେ ଅଟକି ଯାଇଛି । ଏହି ଅଟକି ଯିବା ନିରର୍ଥକ ନୁହେଁ—ତାର ଫଳ ହୋଇଛି 'ବାସନ୍ତୀ' ଯୌଥ ସୃଷ୍ଟିର ମାନବିକ ଅଂଶଟି, ଯାହା ବ୍ୟତିରେକେ ଏହା ଏକ ପ୍ରଗ୍ୟର ପତ୍ର ଭଳି ହୋଇ ପଡ଼ିଥାନ୍ତା । 'ମାଟିର ମଣିଷ' ସବୁଜଗଣଙ୍କର ଅନ୍ୟତମ ମହାସ୍ଥାନ ଦାନ—ଗାନ୍ଧୀ ଆଦର୍ଶର ଅନୁଗାମୀ । 'ଶୁ ମେ. ମାଆ'ରେ ସଦାନନ୍ଦ (ନୀଳନାଥ)ଙ୍କ ତ୍ୟାଗ କିଛି କମ୍ ନୁହେ । ଏମାନଙ୍କ ପାଇଁ ପଳାୟନବାଦର ଅଭିଯୋଗ ହୁଏତ ଆରମ୍ଭ ହେବ 'ସବୁଜକବିତା'ର 'ସ୍ୱଜନ ସ୍ୱପ୍ନରୁ'—

ଚାଲ ସେ ଲୋକେ ଯିବା ଗୋ ପ୍ରିୟେ
ଏ ମର ମରୁ ସହିବ କାଏ ?
ମରୀଚ ମସ୍ତ ଭବ ଏ
କରମି ନୀଡ଼ ସେ ଅମରାରେ
ନିତ୍ୟ ନବ ସୁଖାଭସାରେ
ଯାପିବା ଦିନ ଉଭୟେ ।

ଏହା କେବଳ ଏକ ପ୍ରତିନିଧି ମୂଳକ ଉଦ୍ଧୃତି ମାତ୍ର । ପ୍ରତ୍ୟେକ ସବୁଜ କବିଙ୍କଠାରେ ଏହି ମର୍ମର ପଦମାନ ଅଛି । ମାତ୍ର ଏ ସବୁକୁ ସେମାନଙ୍କ ସାହିତ୍ୟ ସାଧନାର ଶେଷବାଣୀ ରୂପେ ଧରିନେବାର କି ଯଥାର୍ଥତା ଅଛି ? କଳ୍ପନାର

Digitized by srujanika@gmail.com

ସାଧାରଣତଃ ଏହି ପ୍ରକୃତି---ତାହା ବାସ୍ତବତା ଠାରୁ ମଣିଷକୁ ଦୂରେଇ ନିଏ। ପଳାୟନବାଦୀ ଚନ୍ଦ୍ରାଧାରୀ ବିଶ୍ୱସାହିତ୍ୟରେ କେଉଁ ମହତ୍ ସ୍ରଷ୍ଟାଙ୍କ ଠାରେ ସମସ୍ତ ବିଶେଷରେ ବା ନଥିଲ ? କବି ପ୍ରଥମତଃ ସମାଜର ଏକ ସଭ୍ୟ, ଦ୍ୱିତୀୟତଃ ସେ ସ୍ରଷ୍ଟା। ଏଣୁ ପଳାୟନ ଆଦୌ ଏ ସମ୍ଭାବନାହିଁ ନୁହେଁ। ତାହା ନେଇ ଗୋଟାଏ ଜାତିର ସାହିତ୍ୟ ଇତିହାସରେ ଏକାଧିକବାର ଏତେ ଉଦ୍‌ବିଗ୍ନତା ପ୍ରକାଶ କରାଯିବାର କିଛି ଅବଶ୍ୟକତା ନାହିଁ—ବିଶେଷତଃ 'ବାସନ୍ତୀ' ଉପନ୍ୟାସରେ ସମାଜ ପ୍ରତି ବ୍ୟକ୍ତିର ଅଙ୍ଗୀକାରର ବିସ୍ତୃତ ପଟ୍ଟଭୂମିର ପର୍ଯ୍ୟାଲୋଚନା ପରେ ଓ ସାମଗ୍ରିକ ଭାବେ ଏ ପୁସ୍ତକର ମର୍ମ ଘୋଷଣା ପରେ—

"ସଂସାରରେ କେବଳ ଗୋଟାଏ ବୀରତ୍ୱ ଅଛି—ଏ ଜୀବନକୁ ଜାଣିବା ଓ ଜାଣି ସୁଦ୍ଧା ଭଲ ପାଇବା।" (ସୁଜୀତ) ଅଧିକ ଅଧିକ ସଫେଇ ଦେବା ଦରକାର କି ?

କଥିତ ଭାଷାରେ ସାହିତ୍ୟ ସୃଷ୍ଟି କରିବା ଥିଲା ଫକୀରମୋହନଙ୍କ ଆହ୍ୱାନ —କଥିତ ଭାଷାରେ ଏହା ନ କରିବା ଥିଲା ମଧୁସୂଦନଙ୍କ ମତ। 'ବାସନ୍ତୀ'ର ଅଧିକାଂଶ ସ୍ଥାନ ଉଭୟଠାରୁ ଭିନ୍ନ ଓ ଅଧିକାଂଶ ସ୍ଥାନ ଉଭୟଙ୍କର ମିଳନ ବିନ୍ଦୁ। କୁନ୍ତଳା କୁମାରୀ ସାବତଙ୍କର 'ନଅତୁଣ୍ଡୀ' 'ପରଶମଣି' ଓ 'ଭ୍ରାନ୍ତି' ପ୍ରଭୃତି ସମସାମୟିକ ରଚନାରେ ନାରୀ ଜାଗରଣ ପାଇଁ ଉଦାତ୍ତ ଆହ୍ୱାନ ଦିଆଯାଇଥିଲା। ଏପରି କି ଜୟକୃଷ୍ଣ ମିଶ୍ର, ନନ୍ଦକିଶୋର ବଳ, ଶ୍ରୀବସ୍ତ୍ର ପଣ୍ଡା ଓ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ପ୍ରମୁଖ ସ୍ୱସଂସ୍କୃତିର ଅନଗ୍ରସରତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ବାସନ୍ତୀ ଓ ଦେବବ୍ରତ ଏହି ଆହ୍ୱାନର ଦୁଇଟି ପ୍ରମୂର୍ତ୍ତି ବ୍ୟକ୍ତିତ୍ୱ। ବାସନ୍ତୀରେ ଅନ୍ତତଃ ଏତିକ ପ୍ରମାଣିତ ହୋଇ ପାରିଛି ଯେ ଯୌବନ ଏକ ଦୈହିକ ଅବସ୍ଥା ବିଶେଷ ମାତ୍ର ନୁହେଁ, ଏହା ଏକ ମାନସିକ ଭଙ୍ଗୀ ବା **attitude**, ବାସନ୍ତୀ ଓ ଦେବବ୍ରତ ଉଭୟ ତାର ପରୀକ୍ଷାଗାର। ତଥାପି ସାମାଜିକ ଦାୟିତ୍ୱ ଓ ଗଣ ଧାରଣାର କୁହୁ ମଧ୍ୟରେ ବ୍ୟକ୍ତିଗତ ଜୀବନର ଘାତ ପ୍ରତିଘାତ ଓ ଗ୍ଲେଟ ଗ୍ଲେଟ ସ୍ୱାର୍ଥପରତା (ଯାହାସବୁ ଜୀବନକୁ ସ୍ୱପ୍ନ ସଜାଳ କରନ୍ତି) କୁ ସେ ଭୁଲିହେବନି, ତାହା ପ୍ରାମାଣିକ ଭାବରେ ଅଙ୍କିତ। ଏହାହିଁ ପ୍ରକୃତ ସବୁଜତ୍ୱ। କେବଳ ସ୍ୱପ୍ନ ବିହ୍ୱଳତା ନୁହେଁ, କମ୍ବା କଷ୍ଟୁର ବାସ୍ତବତାରେ ପେଶୀ ହୋଇ ଜୀବନ ବିଷୟରେ କମ୍ପିତ ଧାରଣା ପୋଷିବା ନୁହେଁ—ଉଭୟର ପ୍ରତିଦ୍ୱନ୍ଦ୍ୱିତାଶୀଳ ଏକ ମିଳନ ହିଁ ମର୍ଯ୍ୟାଦାବନ୍ତ ମନର ସବୁଜତ୍ୱର ପଟ୍ଟଭୂମି।

ନାମକରଣ ଅନୁସାରେ ଏହା କେବଳ ସବୁଜ ସାହିତ୍ୟର ଉନ୍ମେଷ ଓ ବିବରଣର ଏକ ସଂକ୍ଷିପ୍ତ ଇତିହାସ ମାତ୍ର। ସେମାନଙ୍କ ସବୁଜ ବ୍ୟାଖ୍ୟା,

Digitized by srujanika@gmail.com

ମାଜୋଙ୍କସ୍ଥ ଚନ୍ଦ୍ରାଧାର୍, ନୂତନରୂପ କଳ୍ପ ପ୍ରୟୋଗ ଓ ସର୍ବୋପରି ସେମାନଙ୍କର 'ନାରୀ' ଓ 'ପ୍ରେମ' ସମ୍ବନ୍ଧୀୟ ଅଭିନବ କଳ୍ପନା ଓ ଧାରଣା—ସବୁ ଅନାଲୋଚିତ ରହିଗଲା, କାରଣ ସ୍ପଷ୍ଟ । ପୁଣି ଅନାଲୋଚିତ ରହିଗଲା ସେମାନଙ୍କର ଦୋଷାବଳୀ, ଯାହା ସ୍ଥଳେ ସ୍ଥଳେ ବାଦ ଦିଆଯାଇପାରିଥିଲେ ସେମାନଙ୍କର ଇମେଜ୍ ଯାହା ଅଛି, ତା ଠାରୁ କିଞ୍ଚିତ୍ ଉନ୍ନତ ହୋଇ ପାରିଥାନ୍ତା । ବୈକୁଣ୍ଠନାଥ ରହୁଥିଲେ ବର୍ତ୍ତମାନର ରାଣୀହାଟ ହାଇସ୍କୁଲ କଡ଼ ଅଞ୍ଚଳରେ—ସେତେବେଳର ଗୋଟାଏ ପୁରୁଣା ପଶୁଡାକ୍ତରଖାନା ନିକଟରେ, ତାଙ୍କର କୌଟିସି ଆତ୍ମୀୟଙ୍କ ସହିତ । ଏହି ପ୍ରଥମ ପଞ୍ଚବନ୍ଧୁ ଯେ ପଶୁଡାକ୍ତରଖାନାର ବାରଣ୍ଡାରେ ଅବସର ସମୟରେ ଯେତେବେଳେ ସାହିତ୍ୟଚର୍ଚ୍ଚା ଆରମ୍ଭ କରି ଦେଇଥିଲେ, ତାହା ଆଜକୁ ଅର୍ଦ୍ଧଶତାବ୍ଦୀ ତଳର ଘଟଣା । ଘୋଡ଼ାଶାଳରେ ଯୀଶୁଖ୍ରୀଷ୍ଟଙ୍କର ଜନ୍ମ ହେବା ଭଳି ଏମାନଙ୍କର ସାହିତ୍ୟିକ ଜନ୍ମ ହୋଇଥିଲା ଗୋଟିଏ ପଶୁଡାକ୍ତରଖାନାରେ । ଏ ମଧ୍ୟରେ ଏ ସହରର କଲେଜର, ହଷ୍ଟେଲର, ପିଲାମାନଙ୍କର ଓ ସର୍ବୋପରି ଏ ସମାଜର ରୂପରେଖ ବହୁତ ପରିବର୍ତ୍ତିତ ହେଲାଣି । ଦିନେ ଯେ ବଙ୍ଗଳାର 'ବାରୋୟାରୀ' ଉପନ୍ୟାସର ଯୌଥ ସୃଷ୍ଟିରୀତି ଦ୍ୱାରା ପ୍ରବୃତ୍ତ ହୋଇ କେତେକ ତରୁଣ ଓଡ଼ିଆରେ ସେହିଭଳି ଏକ କାମ କରି ବସିଲେ ଏବଂ ସଫଳତାର ସହ କଲେ ମଧ୍ୟ—ତାହା କମ୍ ଝୁଙ୍କି ନ ଥିଲା ? ଏକଦା ମୁଷ୍ଟିମେୟ ବାଣୀସାଧକଙ୍କ ସାଧନାପୀଠ 'ସାହିତ୍ୟ' ଆଜି ଯଦି ବହୁ ଭାଷା ଓ ବହୁ କଣ୍ଠରେ ଏକ ସୁବିସ୍ତୃତ ରାଜପଥ ହୋଇଥାଏ, ଅଥଚ ତା ସତ୍ତ୍ୱେ ବ୍ୟକ୍ତିଗତ ଜୀବନରେ ସାହିତ୍ୟର ପ୍ରଭାବ କ୍ରମେ ସଂକୁଚିତ ହୋଇ ଆସୁଥାଏ—ତାର କାରଣ ଏଇ, ଝୁଙ୍କିର ଅଭାବ ।

ସମାଜର ସ୍ତରେ ସ୍ତରେ ଆଜି ଅବକ୍ଷୟଶୀଳ ଚେତନାର ପ୍ରମୂର୍ତ୍ତି । ରାଜ୍ୟ ସରକାରମାନେ ଲଟେରୀ ଭଳି ଲାଭଜନକ ବ୍ୟବସାୟିକ ସଂଘ ଓ ସଙ୍ଗଠନର ସ୍ତରକୁ ଆପେ ଖସି ଆସିବା ଭଳି ସାହିତ୍ୟିକ ଅଭିରୁଚି ଆଜି ମଧ୍ୟ ଗଣତନ୍ତ୍ରର ପୁତ୍ତଳୀ । ପ୍ରମାଣ ଏଇ ମୁଖପତ୍ର 'ଜାଗରଣ' 'ଉର୍ମି' ବା 'ପୂରବୀ' ଆଦିର ସମ୍ପାଦନା । ସାହିତ୍ୟିକ ଚେତନା ମଧ୍ୟ ନିର୍ବାଚନରେ ତଉଲ ହୋଇପାରେ, ସତେଅବା ବାଲଟ୍ କାଗଜଟିଏ (ଯାହା ଅନାସକ୍ତ ବିଚାର ଅପେକ୍ଷା ବ୍ୟକ୍ତିଗତ ଅନ୍ତରଙ୍ଗତା ଓ ଦଳୀୟ ଉତ୍ସାହ ଦ୍ୱାରା ବେଶୀ ପରିମାଣରେ ନିୟନ୍ତ୍ରିତ ହୋଇଥାଏ) ଏହି ଚେତନାର ଏକ ନିକଷ । ଏଇ ସବୁ ମଧ୍ୟରେ ସାହିତ୍ୟର ନୂତନ ଦିଗନ୍ତ ଖୋଜି ବାହାର କରିବା ଏକ ଉପହାସ ମାତ୍ର । ସବୁଜ ସାହିତ୍ୟ ବିଷୟରେ ଯାହା କିଛି ସ୍ୱଳ୍ପ ଆଲୋଚନା (ଇତିହାସର ଦୃଷ୍ଟିରୁ ଅନ୍ତତଃ ହେଉ) କରିଗଲି---ସେ ସବୁ ଯେ କିଛି ମାତ୍ର ପୂର୍ବ ଗ୍ରନ୍ଥାବାସରେ ମୁକୁଳିତ ହୋଇନଥିଲା, ତାହା ବେଶ୍ ଜଣା । ତଥାପି ପୂର୍ବ ଗ୍ରନ୍ଥାବାସ ଏଥିପାଇଁ ଆନନ୍ଦିତ ହେବାର ଯଥାର୍ଥତା ଅଛି । କାରଣ ବହୁ ସମ୍ଭାବନାର ପୂର୍ବାଭାସ ମିଳିଥିଲା ଏଇଠି ।

Digitized by srujanika@gmail.com

ସବୁଜ ସଂସ୍ଥା ସାତବର୍ଷ କାମ କରିଛି ବୋଲି କୁହାଗଲେ ତାର ହିସାବ ହେବ ୧୯୨୫ରୁ ୧୯୩୨ ଯାଏ । ତାହା ଆଜକୁ ଚାରି ଦଶନ୍ଧି ଅତୀତ । ସବୁ ସାହିତ୍ୟ 'ଖିଆଲ' ରୁ ହିଁ ଜନ୍ମ ନେଇଥାଏ, ଯଦି ଖିଆଲ ବିହ୍ୱଳତା (ecstasy)ର ଅନ୍ୟନାମ ହୁଏ, ସେହିପରି ସବୁଜ ସାହିତ୍ୟ ଜନ୍ମ ନେଇଥିଲା ଏକ ଖିଆଲରୁ । ସବୁଜ ସଂସ୍ଥାର ବିଲୟ ତାର ସ୍ରଷ୍ଟାମାନଙ୍କ ସୃଷ୍ଟି ପ୍ରତିଭା ପାଇଁ ବିପର୍ଯ୍ୟସ୍ତ କି ରୂପାନ୍ତର ଆଣିଲା — ତାର ବିଚାର କରନ୍ତୁ ପ୍ରତିଷ୍ଠିତ ଓଡ଼ିଆ । ତାର ଏକ ଗୁଣ ବିଚାର ଠିକ୍ ନୁହେଁ । ଏମାନେ ଯେଉଁ ପ୍ରେରଣାକୁ ଧରି କହିଁଦିନ କସରତ କଲେ, ତାର ସ୍ମୃତି ତର୍ପଣପାଇଁ ଆଜିର ଏ ଲେଖା । ଆଜିକାଲି ଯୁଗ ହେଲା ଅ ସାହିତ୍ୟିକ, ଜୀବନର କ୍ରମେ ସବୁଜତା ଲିଭି ଲିଭି ଆସୁଛି । ଆମର ପୃଥିବୀକୁ କୁହାଯାଇଛି ଏକ **waste land** ବା ନଷ୍ଟଭୂମି ଆମ ସମସ୍ତ ଏକ ବେଦନାର୍ତ୍ତ ଉତ୍କଣ୍ଠାର ଯୁଗ **(an age of anxety)** ।ମନର ଗବାକ୍ଷରେ ଆସ୍ତେ ଆସ୍ତେ ଅନ୍ଧାର ଜମିଆସୁଛି । ଏଇ ମଳିନତ୍ୱ ମଧ୍ୟରେ ମନେ ପଡ଼ୁଛନ୍ତି ୫୦ ବର୍ଷ ତଳେ ଆମର ବୟସର କେତେ ଜଣ ବ୍ୟକ୍ତି— ଯେଉଁମାନେ ତେଲ ଲୁଣ ସଂସାରର ତୀବ୍ରତା ଆସ୍ୱାଦନ କରିବା ପୂର୍ବରୁ କହିଁଦିନ 'ସବୁଜ' ହେବାର ପ୍ରୟାସ କରିଥିଲେ, ସେମାନେ ଆଜିବି ଅଛନ୍ତି । ସୁଖର କଥା । କିନ୍ତୁ ୫୦ ବର୍ଷର ସେ ବ୍ୟବଧାନ ସବୁଦିନ ପାଇଁ ରହିବ । ସେମାନଙ୍କ ପାଇଁ ସଦିଚ୍ଛା ।"

Digitized by srujanika@gmail.com

॥ ଷଷ୍ଠ ପରିଚ୍ଛେଦ ॥

ସବୁଜ ସାହିତ୍ୟ ସମ୍ବନ୍ଧରେ ଆଲୋଚନା

ସବୁଜ ସାହିତ୍ୟ ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ କେତେକ ଆଲୋଚକ ଆକ୍ଷେପ କରି ଅଛନ୍ତି ଯେ ସବୁଜ ଗୋଷ୍ଠୀ ବଙ୍ଗସାହିତ୍ୟକୁ ଅନୁକରଣ କରିଥିଲେ । ଯେ କୌଣସି ପ୍ରତିବେଶୀ ସାହିତ୍ୟ ଅନ୍ୟ ପ୍ରତିବେଶୀ ସାହିତ୍ୟ ଉପରେ କିଛି କିଛି ପ୍ରଭାବ ପକାଇବା ସ୍ୱାଭାବିକ । ବିଶିଷ୍ଟ ଭାଷାତତ୍ତ୍ୱବିତ୍ ଗ୍ରୀୟରସନ୍ ସାହେବ ଲେଖିଅଛନ୍ତି ଯେ ଇନ୍ଦ୍ରଧନୁର ଗୋଟିଏ ବର୍ଣ୍ଣ ବିଲୀନ ହୋଇ ଅନ୍ୟ ଗୋଟିଏ ବର୍ଣ୍ଣ କିପରି ଓ କେଉଁଠାରେ ଯେ ଆରମ୍ଭ ହୁଏ, ତାହା ବୁଝିପାରିବା ଯେପରି କଷ୍ଟକର — ସେହିପରି ଗୋଟିଏ ଅଞ୍ଚଳର ଭାଷା ଅନ୍ୟ ଅଞ୍ଚଳର ଭାଷା ସହିତ କିପରି ଓ କେଉଁଠି ଯେ ମିଶିଯାଏ, ତାହା ବୁଝିବା ମଧ୍ୟ କଷ୍ଟକର । ପ୍ରତିବେଶୀ ନ ହେଲେ ହେଁ ଦୂରସ୍ଥ ଉନ୍ନତ ସାହିତ୍ୟର ପ୍ରଭାବ ଅନ୍ୟ ସାହିତ୍ୟ ଉପରେ ମଧ୍ୟ ପଡ଼େ । ଏ ସମ୍ପର୍କରେ ନିମ୍ନଲିଖିତ ହିନ୍ଦୀ ସାହିତ୍ୟ ଉପରେ ବଙ୍ଗଳା ସାହିତ୍ୟର ପ୍ରଭାବ ସମ୍ବନ୍ଧରେ ଲିଖିତ ସନ୍ଦର୍ଭଟିକୁ ପରୀକ୍ଷା କରାଯାଉ ।

"ହିନ୍ଦୀ ସାହିତ୍ୟ ଉପରେ ବଙ୍ଗଳା ସାହିତ୍ୟର ପ୍ରଭାବ"

ସାପ୍ତାହିକ 'ଦେଶ' ପତ୍ରିକା ୧୯୬୩ ମସିହା ଫେବୃୟାରି ୧୭ ତାରିଖ ଦିନ ଲେଖିଅଛନ୍ତି ଯେ ହିନ୍ଦୀ ସାହିତ୍ୟ ସହିତ ବଙ୍ଗ ସାହିତ୍ୟର ଗୋଟାଏ ସହ ହୃଦ୍ୟତା ଚାଲିଆସୁଛି ବହୁ ଦିନରୁ । ଗତ ଶତାବ୍ଦୀ ବା ଏ ଶତାବ୍ଦୀର ପ୍ରଥମ ଅଂଶରେ ମନସ୍ୱୀ ବଙ୍ଗାଳୀମାନେ ସମସ୍ତେ ହିନ୍ଦୀ ଶିଖୁଥିଲେ, ଏବଂ ସାରା ଦେଶରେ ବିପୁଳ ସଂଖ୍ୟକ ଜନସାଧାରଣଙ୍କ ସହିତ ଯୋଗାଯୋଗର ମାଧ୍ୟମ ହିସାବରେ ହିନ୍ଦି ଭାଷାକୁ ଗ୍ରହଣ କରିଥିଲେ । ଅନ୍ୟ ଦିଗରେ ହିନ୍ଦୀ ଭାଷାର ପାଠକ ଓ ବୁଦ୍ଧିଜୀବୀ ବଙ୍ଗଳା ସାହିତ୍ୟ ସମ୍ଭାରର ଶ୍ରେଷ୍ଠ ଫସଲକୁ ନିଜ ଭାଷାରେ ଗ୍ରହଣ କରିବା ପାଇଁ କଦାପି ଦ୍ୱିଧା କରିନାହାନ୍ତି । ସେହି ଆତ୍ମୀୟତା ବନ୍ଧନର ସୂତ୍ରପାତର ଇତିହାସ ସମ୍ବନ୍ଧରେ ସଂପ୍ରତି ଲେଖକ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ବେରୀ 'ନଈ ଦୁନିଆ' ନାମକ ଦୈନିକ ସମ୍ବାଦପତ୍ରରେ 'ହିନ୍ଦୀ ସାହିତ୍ୟ ଉପରେ ବଙ୍ଗଳା ସାହିତ୍ୟର ପ୍ରଭାବ' ସମ୍ବନ୍ଧରେ ଯେଉଁ ପ୍ରବନ୍ଧ ଲେଖିଅଛନ୍ତି, ତାହାର କିଛିଅଂଶ ନିମ୍ନରେ ଉଦ୍ଧାର କରାଗଲା :—

"କୌଣସି ଭାଷା ଓ ସାହିତ୍ୟର ସମୃଦ୍ଧିର ସଠିକ କାରଣ ଜାଣିବାକୁ ହେଲେ ଆଗେ ଜାଣିବା ଦରକାର ସେହି ଭାଷା ଓ ସାହିତ୍ୟର ନିଜସ୍ୱ ସମ୍ପଦ

Digitized by srujanika@gmail.com

କେତେ, ଆଉ କେତେ ଅନୁବାଦ ମାଧ୍ୟମରେ ଅନ୍ୟଭାଷା ଓ ସାହିତ୍ୟରୁ ଆହରିତ । ଭାରତର ଗରିଷ୍ଠ ସଂଖ୍ୟକ ଲୋକଙ୍କର ମୁଖର ଭାଷା ହିନ୍ଦୀକୁ ରାଷ୍ଟ୍ରଭାଷା କରିବାର ଗୋଟିଏ ଅନ୍ୟତମ କାରଣ ହେଲା ଯେ ହିନ୍ଦୀରେ ଭାରତର ଅନ୍ୟାନ୍ୟ ଭାଷାରୁ ସର୍ବାଧିକ ଅନୁବାଦ ହୋଇଅଛି । ହିନ୍ଦୀ ସାହିତ୍ୟ ଉପରେ ବଙ୍ଗଳା ସାହିତ୍ୟର ପ୍ରଭାବ ସର୍ବାଧିକ । ଏଥିପାଇଁ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଭୂଦେବ ମୁଖୋପାଧ୍ୟାୟ, କେଶବଚନ୍ଦ୍ର ସେନ, ସାରଦା ଚରଣ ମିତ୍ର, ରାମ କାଳୀ ଚୌଧୁରୀ, ନଳିନୀ ମୋହନ ସାନ୍ୟାଲ, ପ୍ରଭୃତି ବଙ୍ଗ ମନୀଷୀମାନେହିଁ ଦାୟୀ, ଯେଉଁମାନେ ହିନ୍ଦୀ ପଢ଼ି ପାରୁଥିଲେ ଓ ଲେଖି ପାରୁଥିଲେ, ଏବଂ ବଙ୍ଗଳା ଭାଷାକୁ ହିନ୍ଦୀର ଏକ ସହଯୋଗୀ ଭାଷା ରୂପେ ଗଢ଼ି ତୋଳିଥିଲେ । ହିନ୍ଦୀ ସାହିତ୍ୟର ଆଧୁନିକ ପ୍ରକାଶନ ୧୯୧୦ ମସିହାରେ ଆରମ୍ଭ ହୋଇଥିଲା । ପ୍ରଧାନତଃ ଏଲାହାବାଦ ଇଣ୍ଡିଆନ ପ୍ରେସର ଚିନ୍ତାମଣି ଘୋଷ, ଭାରତ ଜୀବନ ପ୍ରେସର ବାବୁ ରାମକୃଷ୍ଣ ବର୍ମା, କଲିକତାର ଆର,ଏଲ, ବର୍ମନ କମ୍ପାନୀର ରାମଲାଲ ବର୍ମା ଏବଂ ବୋମ୍ବାଇର ହିନ୍ଦୀ ଗ୍ରନ୍ଥ ରତ୍ନାକରର ନାଥୁରାମ ପ୍ରେମୀଙ୍କ ଉଦ୍ୟୋଗରୁ । ଆରମ୍ଭରେ ପ୍ରଧାନତଃ ଦୁଇଟି ଜାଗାରୁ ଆଧୁନିକ ହିନ୍ଦୀ ପ୍ରକାଶନ ଆରମ୍ଭ ହୋଇଥିଲା— (୧) କଲିକତାର ପ୍ରକାଶନ କ୍ଷେତ୍ର ଏବଂ (୨) ବାରାଣସୀ, ଏଲାହାବାଦ, କାନପୁର, ଲହୋର, ବମ୍ବାଇ କ୍ଷେତ୍ର । ପ୍ରଥମେ କଲିକତାର ଶକ୍ତ ପ୍ରେସରେ ୧୮୬୮ ସାଲରେ ମାସିକ ପତ୍ର 'ହରିଶ୍ଚନ୍ଦ୍ର' ଛପା ହେଲା ଯାହାର ସମ୍ପାଦକ ଥିଲେ ଭାରତେନ୍ଦୁ ହରିଶ୍ଚନ୍ଦ୍ର, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ନବୀନଚନ୍ଦ୍ର ରାୟ ଓ ଉମାଚରଣ ଦତ୍ତ ।

ଏହାପରେ ୧୮୭୫ ସାଲରେ ବଙ୍କିମ ବାବୁଙ୍କର ଉପନ୍ୟାସ ହିନ୍ଦୀରେ ଅନୁବାଦିତ ହେଲା ଏବଂ ଗୋଇନ୍ଦା ଉପନ୍ୟାସ 'ଦାରୋଗା ଦପ୍ତର' ସିରିଜ କଲିକତାର ଆର. ଏଲ୍. ବର୍ମନ କମ୍ପାନୀ ପ୍ରକାଶ କଲେ । ୧୯୦୫ ସାଲରେ ରମେଶ ଚନ୍ଦ୍ର ଦତ୍ତଙ୍କର "ପ୍ରାଚୀନ ସଭ୍ୟତାର ଇତିହାସ" ବଙ୍ଗଳାରୁ ହିନ୍ଦୀରେ ଅନୁବାଦିତ ହେଲା, ମାତ୍ର ୧୯୧୦ ସାଲରେ ରମେଶଚନ୍ଦ୍ରଙ୍କର ଦୁଇଖଣ୍ଡ ଉପନ୍ୟାସ "ସଂସାର" ଓ "ବଙ୍ଗ-ବିଜେତା" ର ହିନ୍ଦୀ ଅନୁବାଦ ପ୍ରକାଶିତ ହେଲା । ୧୯୧୨ ସାଲରେ ଅମୃତଲାଲ ଚକ୍ରବର୍ତ୍ତୀଙ୍କ ସମ୍ପାଦନାରେ ବଙ୍ଗଳା "ବଙ୍ଗବାସୀ" ସାପ୍ତାହିକ ପତ୍ରିକାର ହିନ୍ଦୀ ସଂସ୍କରଣ ପ୍ରକାଶିତ ହେଲା ଏବଂ ଏକ ସଙ୍ଗରେ ବମ୍ବାଇରୁ ପ୍ରେମୀଜୀ ଡି, ଏଲ୍, ରାୟଙ୍କର ବଙ୍ଗଳା ନାଟକମାନ ହିନ୍ଦୀରେ ଅନୁବାଦ କରିବାକୁ ଲାଗିଲେ । ୧୯୧୨ ସାଲରେ ହିନ୍ଦୀ ପାଠକମାନେ ନିରୁପମା ଦେବୀଙ୍କର "ଅନ୍ନପୂର୍ଣ୍ଣାର ମନ୍ଦିର"ର ହିନ୍ଦୀ ଅନୁବାଦ ପଢ଼ିବାକୁ ପାଇଲେ । ଇତିମଧ୍ୟରେ କଲିକତାରୁ ପ୍ରକାଶିତ ହିନ୍ଦୀ ବହି ସାରା ଭାରତ ବର୍ଷରେ ବ୍ୟାପ୍ତ ହୋଇଗଲା । ଏହାର ପ୍ରଧାନ କାରଣ ଥିଲା ମୁଦ୍ରଣ କ୍ଷେତ୍ରରେ ବଙ୍ଗ ଦେଶର ଅତୁଳନୀୟ ସାଜସଜ୍ଜା, ଡିଜାଇନ୍ ଓ ସଂପାଦନା ।

Digitized by srujanika@gmail.com

ବସୁମତୀ ସାହିତ୍ୟ ମନ୍ଦିରର ଶରତଚନ୍ଦ୍ର ଓ ବଙ୍କିମଚନ୍ଦ୍ରଙ୍କର ପୁସ୍ତକମାନଙ୍କର ଅନୁବାଦ, ରାମକୃଷ୍ଣ ପରମହଂସ, ଯୋଗୀରାଜ ଅରବିନ୍ଦ ଏବଂ ବିବେକାନନ୍ଦଙ୍କ ସାହିତ୍ୟ, ସତୀ ସିଂହନ୍, ପାଞ୍ଚ କଉଡ଼ି ଦେଙ୍କର ଗୋଇନ୍ଦା ଉପନ୍ୟାସ ଏବଂ ଅନ୍ୟାନ୍ୟ ବଙ୍ଗଳା ବହି ହିନ୍ଦୀରେ ପ୍ରକାଶିତ ହୋଇ ଏ ଭଳି ପ୍ରସିଦ୍ଧ ହୋଇ ଉଠିଲା ଯେ ହିନ୍ଦୀ ପାଠକମାନେ ଯେପରି ଏକ ନୂଆ ଜଗତ ଖୋଜି ପାଇଲେ । ବମ୍ବାଇର ବିଖ୍ୟାତ ପ୍ରକାଶନ ସଂସ୍ଥା ହିନ୍ଦୀ ଗ୍ରନ୍ଥ ରତ୍ନାକରର ନାଥୁରାମ ପ୍ରେମୀ ଶରତଚନ୍ଦ୍ର ଚାଟାର୍ଜିଙ୍କର ସମସ୍ତ ବହିର ଯେଉଁ ସୁଲଭ ସଂସ୍କରଣ ପ୍ରକାଶ କଲେ, ସେ ଗୁଡ଼ିକ ଖୁବ୍ ସମାଦର ପାଇଲା । 'ଦେବଦାସ' ଉପନ୍ୟାସକୁ ଯେମିତି ସିନେମାରେ ରୂପାନ୍ତରିତ କରି ସାରା ଭାରତରେ ଏହି ଉପନ୍ୟାସର ଅଗଣିତ ସଂସ୍କରଣ ପ୍ରକାଶିତ ହେଲା । ଯଦି ସମସ୍ତ ସଂସ୍କରଣର ଗୋଟାଏ ହିସାବ ବାହାର କରାଯାଏ, ତାହାହେଲେ ସ୍ପଷ୍ଟ ଦେଖାଯିବ ଯେ 'ଦେବଦାସ' ଆଜିଯାଏ ହିନ୍ଦୀରେ ପ୍ରକାଶିତ ଉପନ୍ୟାସଙ୍କ ମଧ୍ୟରେ ସର୍ବାଧିକ ବିକ୍ରିତ । ବଙ୍କିମଚନ୍ଦ୍ରଙ୍କର 'ଆନନ୍ଦ ମଠ'ର ମଧ୍ୟ କମ୍ ସଂସ୍କରଣ ପ୍ରକାଶିତ ହୋଇନାହିଁ । ସେ ସମୟରେ ହିନ୍ଦୀରେ ହାଲୁକା ଧରଣର ଅବାସ୍ତବ ଉପନ୍ୟାସ ଲେଖିବା ଏକ ଫେଶନ ହୋଇ ଯାଇଥିଲା ଓ ଦେବକୀ ନନ୍ଦନ ଖତ୍ରୀ, ହରି କୃଷ୍ଣ ଜୋହର, କିଶୋରୀଲାଲ ଚନ୍ଦ୍ର ବର୍ମା, ଚନ୍ଦ୍ରଶେଖର ପାଠକ ପ୍ରଭୃତି ଲେଖକମାନଙ୍କର ଉପନ୍ୟାସ ଖୁବ୍ ବିକ୍ରୀ ହେଉଥିଲା । ଏହି ବାତାବରଣ ମଧ୍ୟରେ ସମାଜ-ଚେତନା ଜାଗ୍ରତକାରୀ ଶରତଚନ୍ଦ୍ରଙ୍କ ଉପନ୍ୟାସ ଗୁଡ଼ିକ ଏତେ ଅଧିକ ପରିମାଣରେ ବିକ୍ରୀ ହେବାକୁ ଆରମ୍ଭ କଲା ଯେ ହିନ୍ଦୀ ସାହିତ୍ୟ ପାଠକ ଅବାସ୍ତବ ହାଲୁକା ଉପନ୍ୟାସ ପଢ଼ିବା ଭୁଲିଗଲେ । ବଙ୍କିମ ଚନ୍ଦ୍ରଙ୍କ ଉପନ୍ୟାସ ଗୁଡ଼ିକ ମଧ୍ୟରେ 'କପାଳ କୁଣ୍ଡଳା', 'ଆନନ୍ଦ ମଠ', 'ଦୁର୍ଗେଶ ନନ୍ଦିନୀ' ପାଠକଙ୍କ ମନ ଉପରେ ଗଭୀର ପ୍ରଭାବ ବିସ୍ତାର କଲା ଏବଂ କେବେ ଶରତଚନ୍ଦ୍ର ଓ ବଙ୍କିମଙ୍କ ଉପନ୍ୟାସ ଛପା ହୋଇ ବଜାରକୁ ବାହାରିବ ଏବଂ କେବେ ସେମାନେ ତାହା କିଣି ପଢ଼ି ପାରିବେ, ସେଥିପାଇଁ ଅପେକ୍ଷା କରୁଥିଲେ । ପ୍ରସଙ୍ଗତଃ ଯଦି କୁହାଯାଏ ଯେ ବଙ୍ଗଳା ବହିମାନଙ୍କର ଏହିସବୁ ଅନୁବାଦ ହିନ୍ଦୀରେ ବହୁ ସଂଖ୍ୟକ ସାହିତ୍ୟ ପାଠକ ସୃଷ୍ଟି କରିଥିଲା, ତାହାହେଲେ ଏହା ଟିକିଏ ହେଲେ ଅତ୍ୟୁକ୍ତି ହେବନାହିଁ ।

ଶରତଚନ୍ଦ୍ର ଓ ବଙ୍କିମଚନ୍ଦ୍ରଙ୍କ ପରେ ରବୀନ୍ଦ୍ର ସାହିତ୍ୟର ଅନୁବାଦ ହିନ୍ଦୀରେ ଆରମ୍ଭ ହେଲା । 'ଗୀତାଞ୍ଜଳୀ'ର ନୋବେଲ ପୁରସ୍କାର ପ୍ରାପ୍ତି ପରେ ତାହାର ଯେ ହିନ୍ଦୀ ଅନୁବାଦ ବାହାରିଲା, ପାଠକ ତାକୁ ସ୍ୱାଗତ କଲେ । 'ଚୋଖେର ବାଲି'ର ହିନ୍ଦୀ ଅନୁବାଦ 'ଆଁଖ କେ କିରକିରି' ପାଠକଙ୍କର ବହୁତ ପ୍ରଶଂସା ପାଇଲା । ଏହାପରେ ରବୀନ୍ଦ୍ର ସାହିତ୍ୟର ଅନୁବାଦରେ ହିନ୍ଦୀ ପୁସ୍ତକର ବଜାର ଭର୍ତ୍ତି ହୋଇଗଲା । 'କାବୁଲି ଓ୍ୱାଲା'ର ଚଳଚ୍ଚିତ୍ର ରୂପାୟନ

Digitized by srujanika@gmail.com

ସମ୍ପ୍ରତି ବଙ୍କିମଚନ୍ଦ୍ରଙ୍କୁ ହିନ୍ଦୀ ପାଠକଙ୍କ ନିକଟରେ ନୂଆକରି ଜନପ୍ରିୟ କରିଅଛି । ଡି. ଏଲ୍. ରାୟଙ୍କର ନାଟକମାନ ମଧ୍ୟ ହିନ୍ଦୀରେ ଅନୁବାଦିତ ହୋଇ ମଞ୍ଚସ୍ଥ ହୋଇ ଅଛି । ଦେଶର ପ୍ରାୟ ୩୦।୪୦ ଟି ନାଟ୍ୟ ସଂସ୍ଥା ହିନ୍ଦୀରେ କେବଳ 'ମେବାର ପତନ' ମଞ୍ଚସ୍ଥ କରିଅଛନ୍ତି । ଡି. ଏଲ୍. ରାୟଙ୍କର 'ଚନ୍ଦ୍ରଗୁପ୍ତ', 'ସିଂହଳ ବିଜୟ' 'ସାହାଜାହାନ', 'ମହାରଣା ପ୍ରତାପ', 'ନୁରଜାହାନ' ଇତ୍ୟାଦି ନାଟକର ହିନ୍ଦୀ-ଅନୁବାଦ ହୋଇଥିଲା । ନାଟକ ଗୁଡ଼ିକର ଜନପ୍ରିୟତାର ଆଉଗୋଟିଏ କାରଣ ଥିଲା ଯେ ଏହାର ସଙ୍ଗୀତ ଗୁଡ଼ିକ ମଧ୍ୟ ହିନ୍ଦୀରେ । ଗିରିଶ୍ ଘୋଷଙ୍କର ନାଟକମାନ ହିନ୍ଦୀରେ ଅନୁବାଦ ହୋଇ ଥିଲା କିନ୍ତୁ ଡି. ଏଲ୍. ରାୟଙ୍କର ନାଟକ ହିନ୍ଦୀ ଜନତା ନିକଟରେ ଯେପରି ହୃଦୟଗ୍ରାହୀ ହୋଇ ଥିଲା, ଗିରିଶ୍ ଘୋଷଙ୍କ ନାଟକ ସେପରି ହୋଇନାହିଁ ।

ବଙ୍ଗ ଦେଶର ଜନଜୀବନ ଏବଂ ଗଣ ବିପ୍ଳବ ସ୍ୱୟଂ ଭାରତେନ୍ଦୁ ହରିଶ୍ଚନ୍ଦ୍ରଙ୍କ ମନରେ ଗଭୀର ପ୍ରଭାବ ବିସ୍ତାର କରିଥିଲା । ଗୋରାମାନଙ୍କର ଅତ୍ୟାଚାର ବିରୁଦ୍ଧରେ ଲେଖା ବିଖ୍ୟାତ 'ନୀଳ ଦର୍ପଣ' ନାଟକ ସେତେବେଳେ ବଙ୍ଗ ଦେଶରେ ଏକ ଯୁଗାନ୍ତର ସୃଷ୍ଟି କରିଥିଲା । ଏ ବିଷୟରେ କୌଣସି ସନ୍ଦେହ ନାହିଁ ଯେ ଭାରତେନ୍ଦୁ ହରିଶ୍ଚନ୍ଦ୍ର ଯେତେବେଳେ 'ନୀଳଦେବୀ' ଲେଖିଥିଲେ, ସେତେବେଳେ 'ନୀଳଦର୍ପଣ' ହିଁ ତାଙ୍କ ଆଖି ଆଗରେ ଥିଲା । ଏକ ଆଡେ ବଙ୍ଗ ଦେଶର ବିପ୍ଳବ ଓ ଗଣ ଚେତନା ଯେପରି ହିନ୍ଦୀ ସାହିତ୍ୟିକମାନଙ୍କୁ ପ୍ରଭାବିତ କରିଥିଲା, ସେହିଭଳି ଅନ୍ୟ ଆଡେ ସେମାନଙ୍କୁ ମୌଳିକ ପଥର ନିର୍ଦ୍ଦେଶ ମଧ୍ୟ ଦେଇଥିଲା ।

ବଙ୍ଗଳା ସାହିତ୍ୟକୁ ହିନ୍ଦୀପାଠକଙ୍କ ନିକଟରେ ଜନପ୍ରିୟ କରିବା ବ୍ୟାପାରରେ ନିଉ ଥିଏଟରସ୍‌ର ମଧ୍ୟ କୃତିତ୍ୱ ଅଛି । ନିଉଥିଏଟରସ୍‌ର ପତାକା ତଳେ ପ୍ରମଥେଶ ବଡ଼ୁଆଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଦେବଦାସ' (ଯେଉଁ ଛବିରେ ସାଇଗଲ ଓ ଯମୁନା ନାୟକ ନାୟିକା ରୂପେ ଅଭିନୟ କରିଥିଲେ) ଉପନ୍ୟାସର ବାଣୀ ବିଦ୍ୟୁତ୍‌ବେଗରେ ବଢ଼ାଇ ଦେଇଥିଲା । 'ଚଣ୍ଡୀଦାସ' ଛବି ବାହାରିବା ପରେ କବି ଚଣ୍ଡୀଦାସଙ୍କ ସମ୍ବନ୍ଧରେ ହିନ୍ଦୀ ଭାଷାଭାଷିଙ୍କ ମନରେ ପ୍ରଚୁର କୌତୁହଳର ସୃଷ୍ଟି ହେଲା ଏବଂ ଫଳତଃ ଚଣ୍ଡୀଦାସଙ୍କ ସଙ୍ଗୀତ ଗୁଡ଼ିକର ହିନ୍ଦୀ ସଂସ୍କରଣ ପ୍ରକାଶିତ ହେଲା । ଦେବକୀ ବୋଷ ଛବି ତିଆରି କରିବା ପାଇଁ ଅନେକ ଭଲ ଭଲ ବଙ୍ଗଳା ବହି ପ୍ରସିଦ୍ଧ ହିନ୍ଦୀ ଲେଖକ ନରୋତ୍ତମ ଦାସଙ୍କ ଦ୍ୱାରା ଅନୁବାଦ କରାଇଥିଲେ । ୧୯୨୫ ସାଲରେ ଶ୍ରୀ ନଗେନ୍ଦ୍ର ନାଥ ବସୁ ବଙ୍ଗଳା ସଙ୍ଗେ ସଙ୍ଗେ ହିନ୍ଦୀରେ ମଧ୍ୟ 'ବିଶ୍ୱକୋଷ'ର କେତେଖଣ୍ଡ ପ୍ରକାଶ କରିଥିଲେ ।

Digitized by srujanika@gmail.com

ଯେ କାଳରେ ଏହାହିଁ ପ୍ରଥମ ହିନ୍ଦୀ 'ବିଶ୍ୱକୋଷ' ରୂପେ ସମାଦୃତ ହୋଇଥିଲା ।

ସାରା ଦେଶରେ ରାଜା ରାମ ମୋହନ ରାୟ ଓ ରମାବାଈ ପ୍ରଭୃତି ସମାଜ ସଂସ୍କାରକଙ୍କ ପ୍ରଭାବ ପଡ଼ିଥିଲା । ସେତେବେଳେ ପରିତ୍ୟକ୍ତା ଓ ଭାଗ୍ୟହୀନା ନାରୀ-ମାନେ ବାଧ୍ୟ ହୋଇ ପତିତା ବୃତ୍ତି ଅବଲମ୍ବନ କରୁଥିଲେ । ଏହି ସବୁ ପତିତା-ମାନଙ୍କ ସମ୍ବନ୍ଧରେ ବଙ୍ଗ ଭାଷାରେ କେତେଗୋଟି ଉପନ୍ୟାସ ରଚିତ ହୋଇଥିଲା ଏବଂ ସେହି ସବୁ ଉପନ୍ୟାସ ଦ୍ୱାରା ପ୍ରଭାବିତ ହୋଇ ଚନ୍ଦ୍ର ଶେଖର ପାଠକ ବେଶ୍ୟା ସମସ୍ୟା ସମ୍ବନ୍ଧରେ ତାଙ୍କର ବିରାଟ ପୁସ୍ତକ ହିନ୍ଦୀ 'ବାରାଙ୍ଗନା ରହସ୍ୟ'କୁ ଛଅ ଖଣ୍ଡରେ ପ୍ରକାଶ କରିଥିଲେ ।

ଦେଶରୁ ଇଂରେଜମାନଙ୍କ ବିତାଡ଼ନ ପାଇଁ ସନ୍ତ୍ରାସବାଦୀ ଆନ୍ଦୋଳନ ଆରମ୍ଭ ହେଲା ପରେ ବଙ୍ଗଳା 'ବସୁମତୀ,' 'ବଙ୍ଗବାସୀ' ଇତ୍ୟାଦି ପତ୍ରିକା ବିଶେଷ ବିପ୍ଳବ ସଂସ୍କରଣ ପ୍ରକାଶ କରୁଥିଲେ ଏବଂ ସେମାନଙ୍କ ନିକଟରୁ ପ୍ରେରଣା ଲଭି କରି କଲିକତାରୁ ପ୍ରକାଶିତ 'ହିନ୍ଦୁପଞ୍ଚ୍' ଏବଂ 'ଚାନ୍ଦ୍' ହିନ୍ଦୀ ପତ୍ରିକା ୧୯୨୯ ସାଲରେ 'ବଳିଦାନ' ଓ 'ଫାର୍ସୀ' ନାମରେ ବିଶେଷ ସଂସ୍କରଣ ପ୍ରକାଶ କରିଥିଲେ । ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ସମ୍ବନ୍ଧରେ ବଙ୍ଗ ଦେଶରେ ପ୍ରଚୁର ଟିକା ଟିପ୍ପଣୀ ହୋଇଥିଲା ଏବଂ କଲିକତାର ପ୍ରକାଶିତ ହିନ୍ଦୀ ପତ୍ରିକା ଗୁଡ଼ିକ ତାହାର ଅନୁକରଣ କରୁଥିଲେ । ପଣ୍ଡିତ ଦେବ ନାରାୟଣ ଦ୍ୱିବେଦୀ ବିଖ୍ୟାତ ବଙ୍ଗଳା ବହି 'ଦେଶେର କଥା'ର ହିନ୍ଦୀ ସଂସ୍କରଣ ପ୍ରକାଶ କରିଥିଲେ ଏବଂ ସେ କାଳରେ ଏହି ବହିର ହଜାର ହଜାର କପି ବିକ୍ରୀ ହୋଇଥିଲା ।

ପ୍ରସିଦ୍ଧ ହିନ୍ଦୀ କବି ନିରାଲାଙ୍କ କର୍ମକ୍ଷେତ୍ର ଥିଲା କଲିକତା । ତାଙ୍କ କାବ୍ୟ ସଙ୍ଗୀତରେ କୌଣସି କୌଣସି ସ୍ଥାନରେ ବଙ୍ଗଳା ସାହିତ୍ୟର ପ୍ରଭାବ ଖୁବ୍ ସ୍ପଷ୍ଟ । ନିରାଲାଜୀ 'ରବୀନ୍ଦ୍ର—କବିତା-କାନନ' ନାମକ ପ୍ରସିଦ୍ଧ ଗ୍ରନ୍ଥ ଲେଖିଥିଲେ ।

ଆଧୁନିକ ହିନ୍ଦୀ ପୁସ୍ତକ ପ୍ରକାଶନର ଜନକ ବର୍ମନ୍ ଏଣ୍ଡ କୋମ୍ପାନୀ ତାଙ୍କ ପ୍ରକାଶିତ ଗ୍ରନ୍ଥମାନଙ୍କରେ ଯେଉଁ ଅଲଂକରଣ କରୁଥିଲେ, ସେଥିପାଇଁ କୃତିତ୍ୱ ଥିଲା ଶିଳ୍ପୀ ଡ଼ି. ବାନାର୍ଜି, ଟି. କେ ମିତ୍ର, ବି. କେ. ମିତ୍ର ପ୍ରଭୃତିଙ୍କର । ବଙ୍ଗଳା ସାହିତ୍ୟକୁ ହିନ୍ଦୀରେ ଅନୁବାଦ କରିବା ପାଇଁ ଯେଉଁସବୁ ଆଧୁନିକ ହିନ୍ଦୀ ଲେଖକ ପ୍ରଧାନତଃ ଦାୟୀ, ସେମାନେ ହେଲେ ବିଖ୍ୟାତ ହଂସ କୁମାର ତିଓ୍ୱାରି, ପୃଥ୍ୱୀନାଥ ଶାସ୍ତ୍ରୀ, କୃଷ୍ଣ ବିହାରୀ ମିଶ୍ର, ଛେଦିଲାଲ ଗୁପ୍ତ, କାର୍ତ୍ତିକଚନ୍ଦ୍ର ମୁଖୋପାଧ୍ୟାୟ, ଗିରୀଶଚନ୍ଦ୍ର ଯୋଶି, ଧନ୍ୟ କୁମାର ଜୈନ ପ୍ରଭୃତି । ବିଶେଷ କରିବା

Digitized by srujanika@gmail.com

ପୂର୍ବରୁ ଏତକ ନିଶ୍ଚୟ ଯେ ବଙ୍ଗଳା ସାହିତ୍ୟ ହିନ୍ଦୀ ପ୍ରକାଶନ ଉପରେ ଯେଉଁ ନିର୍ଭୁଲ ଚିହ୍ନ ରଖି ଯାଇଛୁ, ତାହା କେହି ଅସ୍ୱୀକାର କରି ପାରିବେ ନାହିଁ ଏବଂ ସମସ୍ତ ହିନ୍ଦୀ ଜଗତ୍ ଏହାକୁ ସ୍ୱାଗତ ଜଣାଏ ।''

ଏଥର ହିନ୍ଦୀ ସାହିତ୍ୟ କଥା ଛାଡ଼ି ଆମେ ସବୁଜ ସାହିତ୍ୟର ସମାଲୋଚନାକୁ ଫେରି ଆସିବା । ହିନ୍ଦୀ ଲେଖକ ମାନଙ୍କର କଲିକତା ନଗରୀ ସହିତ ଯେପରି ଘନିଷ୍ଠ ସମ୍ପର୍କ ଥିଲା, ଓଡ଼ିଶାର ମନନଶୀଳ ଲେଖକମାନଙ୍କର ମଧ୍ୟ କଲିକତା ନଗରୀ ସହିତ ଏବଂ କଲିକତା ଜରିଆରେ ବଙ୍ଗଭାଷା ଓ ସାହିତ୍ୟ ସହିତ ଗଭୀର ସମ୍ପର୍କ ପୂର୍ବେ ଥିଲା, ଆଜି ମଧ୍ୟ ରହିଅଛି । ସବୁଜ ସାହିତ୍ୟ ସ୍ରଷ୍ଟାମାନଙ୍କର ପୂର୍ବ ସୂରୀଗଣ କଲିକତା ସହରରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ପ୍ରତ୍ୟେକ ଶିକ୍ଷିତ ଓଡ଼ିଆ ଯେପରି ସହଜ ଭାବରେ ବଙ୍ଗଳା ସାହିତ୍ୟ ପାଠ କରୁଥିଲେ, ଏବଂ ଯେପରି ବହୁ ଶିକ୍ଷିତ ଓଡ଼ିଆ ଅବଲୀଳା କ୍ରମେ ବଙ୍ଗଭାଷାରେ କଥାବାର୍ତ୍ତା କରିପାରୁଥିଲେ, ହିନ୍ଦୀ ସାହିତ୍ୟିକ ମାନଙ୍କ ମଧ୍ୟରେ ତାହା ଅତି ବିରଳ ଥିଲା । ତେଣୁ ହିନ୍ଦୀ ସାହିତ୍ୟକମାନେ ଅନୁବାଦ କରିଆରେ ବଙ୍ଗ ସାହିତ୍ୟରୁ ସାର ସଂଗ୍ରହ କରିଥିଲେ । କୌଣସି ଓଡ଼ିଆ ସାହିତ୍ୟିକ ପକ୍ଷରେ ତାହା ଆବଶ୍ୟକ ହୋଇ ନାହିଁ—ସବୁଜ ଗୋଷ୍ଠୀ ତ ଦୂରର କଥା । ତେଣୁ ସବୁଜ ଗୋଷ୍ଠୀ ସମ୍ବନ୍ଧରେ ଏଭଳି ସମାଲୋଚନାର ଉତ୍ତର ଖୋଜିବାକୁ ହେଲେ ନିମ୍ନଲିଖିତ କେତୋଟି କଥା ବିଚାରକୁ ନେବାକୁ ହେବ ।

ପ୍ରଥମ କଥା ହେଉଛି ଯେ ସବୁଜ ଗୋଷ୍ଠୀ ଖଣ୍ଡିଏ ହେଲେ ବଙ୍ଗଳା ପୁସ୍ତକକୁ ଓଡ଼ିଆରେ ଅନୁବାଦ କରି ନାହାନ୍ତି—ଏପରିକି 'ଯୁଗବୀଣା' ମାସିକ ପତ୍ର ପ୍ରକାଶ କରିବାରେ ସେମାନେ କେବଳ ଓଡ଼ିଆ ଲେଖକମାନଙ୍କ ମୌଳିକ ରଚନାକୁ ପ୍ରାଧାନ୍ୟ ଦେଇ ଅଛନ୍ତି—ବଙ୍ଗ ସାହିତ୍ୟର କୌଣସି ଅନୁବାଦକୁ ନୁହେଁ, ଦ୍ୱିତୀୟ କଥା ହେଉଛି ଯେ ପ୍ରଥମ ଯୁଦ୍ଧୋତ୍ତର ଭାବଧାରାର ଅନୁବର୍ତ୍ତୀ ହୋଇ ସବୁଜ ଗୋଷ୍ଠୀ ଜୀବନର ନାନା କ୍ଷେତ୍ରରେ ଯେଉଁ ସମାଜ ସଂସ୍କାର ଓ ଅଗ୍ରବର୍ତ୍ତି-ତାର ପରିଚୟ ଦେଇଥିଲେ, ତାହା ବଙ୍ଗ ଦେଶର ଏକ ଘରୁଆ ଭାବଧାରା ନଥିଲା । ସେ ଭାବଧାରା ସେତେବେଳେ ପୃଥିବୀର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏ ଯୁବ-ମାନସକୁ ଉଦ୍‌ବେଳିତ କରୁଥିଲା—ଭାରତର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏ ଯୁବ ମାନସ ଏଥିରୁ ମୁକ୍ତ ରହି ଆଆନ୍ତି କିପରି ? ଯେତେବେଳେ ହିନ୍ଦୀ ସାହିତ୍ୟ କ୍ଷେତ୍ରରେ ଛାୟାବାଦୀ ଗୋଷ୍ଠୀ, ବଙ୍ଗ ସାହିତ୍ୟ କ୍ଷେତ୍ରରେ କଲ୍ଲୋଲ ଗୋଷ୍ଠୀ ଏହି ଜଗତ୍ ବ୍ୟାପୀ ଭାବଧାରାକୁ ଏକ ସମୟରେ ଆଦରି ନେଇଥିଲେ, ସେତେବେଳେ ଜଣେ ଅନ୍ୟକୁ ଅନୁକରଣ କରିଥିଲା ବୋଲି ନ୍ୟାୟତଃ କିପରି କୁହା ଯାଇ-ପାରେ ? କେହି ଯଦି କହେ ଯେ ହିନ୍ଦୀ ସାହିତ୍ୟର ଛାୟାବାଦୀ ଗୋଷ୍ଠୀ ଓ

Digitized by srujanika@gmail.com

ବଙ୍ଗ ସାହିତ୍ୟର କଲ୍ଲୋଳ ଗୋଷ୍ଠୀ, ଓଡ଼ିଆ ସାହିତ୍ୟର ସବୁଜ ଗୋଷ୍ଠୀଙ୍କର ସାହିତ୍ୟକୁ ଅନୁକରଣ କରିଥିଲେ, ତେବେ ତାହା ମଧ୍ୟ ସବୁଜ ଗୋଷ୍ଠୀ ବିରୁଦ୍ଧରେ ଏ ଭଳି ଆଲୋଚନା ଭଳି ହାସ୍ୟକର ହେବ ।

ତୃତୀୟ କଥା ଶୈଳୀ ଓ ଭାଷା ସମ୍ବନ୍ଧରେ କୌଣସି ସମାଲୋଚକ ଏହା ଦେଖାଇ ନାହାନ୍ତି ଯେ ସବୁଜ ଗୋଷ୍ଠୀ ନିଜ ସାହିତ୍ୟରେ ଗୁଡ଼ାଏ ବଙ୍ଗୀୟ ଶବ୍ଦ ଭର୍ତ୍ତି କରି ଦେଇଥିଲେ । ବଙ୍ଗୀୟ ଶବ୍ଦତ ଦୂରର କଥା —ନିଜ ଲେଖାରେ ଇଂରାଜୀ ଶବ୍ଦକୁ ମଧ୍ୟ ପ୍ରବେଶ କରାଇବାର ସବୁଜ ଗୋଷ୍ଠୀ କଦାପି ପକ୍ଷପାତୀ ନ ଥିଲେ । ଶୈଳୀ ସମ୍ବନ୍ଧରେ ବିଦଗ୍ଧ ସମାଲୋଚକମାନେ ସ୍ୱୀକାର କରିଅଛନ୍ତି ଯେ ପୂର୍ବବର୍ତ୍ତୀ ମଧୁସୂଦନ ରାଓଙ୍କର ଓଡ଼ିଆ ଭାଷା ଓ ଶୈଳୀ ଓ ପରବର୍ତ୍ତୀ ଫକୀରମୋହନଙ୍କ ଓଡ଼ିଆଭାଷା ଓ ଶୈଳୀ ମଧ୍ୟରେ ସବୁଜଗୋଷ୍ଠୀର ଭାଷା ଓ ଶୈଳୀ ଏକ ସେତୁବନ୍ଧନ ପରି ପ୍ରତିଷ୍ଠିତ ହୋଇଥିଲା । ସତକଥା ହେଉଛି ଯେ ଏହି ସେତୁ ବନ୍ଧନର କାର୍ଯ୍ୟ, କେତେ ବର୍ଷ ପୂର୍ବରୁ ସତ୍ୟବାଦୀ ଗୋଷ୍ଠୀ ବେଶ୍ ଭଲ ଭାବରେ ଆରମ୍ଭ କରିଦେଇ-ଥିଲେ ଯାହାର ପୂର୍ଣ୍ଣ ପରିଣତି ଦେଖା ଯାଇଥିଲା ପଣ୍ଡିତ ଗୋପବନ୍ଧୁଙ୍କ ସହସ୍ତ ନିର୍ମିତ ଦୈନିକ 'ସମାଜ'ରଭାଷା ଓ ଶୈଳୀରେ । ସବୁଜ ଗୋଷ୍ଠୀ ଏହି ସେତୁ-ବନ୍ଧନ କାର୍ଯ୍ୟକୁ ସଂପୂର୍ଣ୍ଣ କରିଥିଲେ ମାତ୍ର । ସତ୍ୟବାଦୀ ଗୋଷ୍ଠୀ ଓ କଲ୍ଲୋଳ ଗୋଷ୍ଠୀ ମଧ୍ୟ ଏଭଳି ଶୈଳୀ ଓ ଭାଷାକୁ ଆଦର ନେଇଥିଲେ ବୋଲି ସ୍ୱୀକାର କରିବାକୁ ହେବ ଯେ ତାହାଥିଲା, ତତ୍‌କାଳୀନ ଯୁବ ସାହିତ୍ୟର ସର୍ବଭାରତୀୟ ଭାଷା ଓ ଶୈଳୀ ଓ କେହି କାହାକୁ ଅନୁସରଣ କରି ନଥିଲେ । ଏ ସବୁ ସତ୍ତ୍ୱେ ଯୁକ୍ତି ତର୍କ ଓ ଉଦାହରଣର ଆଶ୍ରୟ ନ ନେଇ ସବୁଜ ଗୋଷ୍ଠୀ ବଙ୍ଗଳା ସାହିତ୍ୟର ଅନୁକରଣ କରିଥିଲେ ବୋଲି କହିବା ଅଯୌକ୍ତିକ ।

ସମିତିର ବିଭିନ୍ନ ପ୍ରକାଶନ ସମ୍ବନ୍ଧରେ ବ୍ରହ୍ମପୁରର ଦୈନିକ 'ଆଶା' ଲେଖିଥିଲେ — "ସବୁଜ ସାହିତ୍ୟ ସମିତି ପକ୍ଷରୁ ଅତି ଅଳ୍ପ ସମୟ ମଧ୍ୟରେ ଅନେକ ଗୁଡ଼ିଏ ସୁଖପାଠ୍ୟ ଉପନ୍ୟାସ, ଗଳ୍ପ ଓ କବିତା ପୁସ୍ତକ ପ୍ରକାଶ ପାଇଲଣି । ସମିତିର ଏ କାର୍ଯ୍ୟରେ ଆମ୍ଭେମାନେ ବିଶେଷ ଆନନ୍ଦିତ । ସମିତିର ପରିଚାଳକଙ୍କୁ ଅନ୍ତରର ଧନ୍ୟବାଦ ଦେଉଛୁ ।"

(ଯୁଗବାଣୀ— ଅକ୍ଟୋବର-୧୯୩୭ମସିହା)

୭ । ୧୨ । ୧୯୩୬ ତାରିଖରେ ବ୍ରହ୍ମପୁରର ସାପ୍ତାହିକ ସାହିତ୍ୟ ପତ୍ରିକା 'ନବୀନ' ସବୁଜ ସାହିତ୍ୟ ସମିତି ସମ୍ବନ୍ଧରେ ନିମ୍ନଲିଖିତ ମନ୍ତବ୍ୟ ପ୍ରକାଶ କରିଥିଲେ :—

Digitized by srujanika@gmail.com

ସବୁଜ ସାହିତ୍ୟ ସମିତି

"କଟକର ସବୁଜ ସାହିତ୍ୟ ସମିତି କର୍ତ୍ତୃକ ପ୍ରକାଶିତ କେତେଖଣ୍ଡ ସୁନ୍ଦର, ଉତ୍କୃଷ୍ଟ, ଉପାଦେୟ ବହି ସମାଲୋଚନା ପାଇଁ ଉପହାର ପାଇ ପ୍ରଥମେ ସମିତିର ଦାନ ସମ୍ବନ୍ଧେ ଦୁଇଗୋଟିପଦ ନକହି ରହିପାରୁ ନାହୁଁ । ସବୁଜ ସାହିତ୍ୟ ସମିତି ଆଜି ଉତ୍କଳ ସାହିତ୍ୟକୁ ଯଥେଷ୍ଟ ଦାନକରିଛି—ଏହି ଅଳ୍ପ କେତେଦିନ ମଧ୍ୟରେ ସମିତି ଅନେକ ଗୁଡ଼ିଏ ଉତ୍କୃଷ୍ଟ ଓ ଉପାଦେୟ ପୁସ୍ତକ ପ୍ରକାଶ କରି ଉତ୍କଳ ସାହିତ୍ୟର ଅଶେଷ ମଙ୍ଗଳ ସାଧନ କରିଅଛନ୍ତି ଓଡ଼ିଶା ପରି ଦେଶରେ ପୁସ୍ତକ ପ୍ରକାଶ ବିଗରେ ସମିତିର ଅପୂର୍ବ ଉତ୍ସାହ ଓ ସାହସ ଦେଖିଲେ କିଏ ବା ପ୍ରଶଂସା ନକରି ରହିପାରେ ? ସମଗ୍ର ପ୍ରାକୃତିକ ଉତ୍କଳ ପାଇଁ କେବଳ ହଜାରେ ଖଣ୍ଡ ଉପାଦେୟ ବହି ଛପାଇଲେ ତାହା ୧୦ବର୍ଷରେ ମଧ୍ୟ ବିକ୍ରୀ ହେବା କଷ୍ଟକର— ଭୁକ୍ତଭୋଗୀ ମାନେହିଁ ଏହା ଅନୁଭବ କରୁଥିବେ । ଏହିପରି ନିରାଶା ଭିତରେ ସମିତି ଯେଉଁ ଆଶା ଓ ଆଲୋକ ଧାରଣ କରି ସାହିତ୍ୟର ସେବାରେ, ପୁଷ୍ଟି ସାଧନରେ ବ୍ରତୀ ହୋଇଛନ୍ତି, ସେଥି ନିମନ୍ତେ ଜାତି ସମିତି ନିକଟରେ ଚିର ଋଣୀ—କୃତଜ୍ଞ । ଉତ୍କଳ ସାହିତ୍ୟର ଅମର ଇତିହାସ ପୃଷ୍ଠାରେ ସମିତିର ସଂପୃକ୍ତ ଉଦ୍ୟୋକ୍ତାମାନଙ୍କର ନାମ ଓ କର୍ମ ଚିର ଜାଜ୍ୱଲ୍ୟ ରହିବ, ସନ୍ଦେହ ନାହିଁ । ପ୍ରାକୃତିକ ଉତ୍କଳର ସାହିତ୍ୟାନୁରାଗୀ ସହୃଦୟ ଭାଇ ଭଉଣୀମାନେ ନିଜ ନିଜର ସାମର୍ଥ୍ୟାନୁଯାୟୀ ସମିତିକୁ ସାହାଯ୍ୟ ଓ ସହାନୁଭୂତି ପ୍ରଦାନ କରନ୍ତୁ—ସମିତିକୁ ଚିର ଜୀବିତ ରଖନ୍ତୁ, ଦେଶ ତଥା ଜାତିର ଅଶେଷ କଲ୍ୟାଣ ସାଧିତ ହେବ ।"

ତା ୨୭ । ୮ । ୧୯୨୭ ତାରିଖଦିନ ସବୁଜ ସାହିତ୍ୟ ସମିତି ଦ୍ୱାରା ପ୍ରକାଶିତ 'ଆଶୀର୍ବାଦ' ର ଲେଖକ ଓ ଓଡ଼ିଶାର ଶିକ୍ଷା ବିଭାଗର ଭୂତପୂର୍ବ ଜଏଣ୍ଟ ଡ଼ି. ପି. ଆଇ ହରିହର ମିଶ୍ର 'ସବୁଜ ତରଙ୍ଗ' ନାମକ ନିମ୍ନଲିଖିତ ପ୍ରବନ୍ଧଟି 'ପ୍ରଜାତନ୍ତ୍ର'ରେ ଲେଖିଥିଲେ :—

'ବିନୟ ସହକାରେ ଏବଂ ବାହୁଲ୍ୟର ଭୟ ନରଖି ମୁଁ କହିପାରେ ଯେ ୧୯୨୧ ଠାରୁ ୧୯୨୭ ପର୍ଯ୍ୟନ୍ତ ବା ଏହି ସମୟ ମଧ୍ୟରେ କେତେ ବର୍ଷ ଯେଉଁ-ମାନେ ଗ୍ରୁପ ଭାବରେ ରେଭେନ୍ସା କଲେଜରେ ପଢ଼ିବାର ସୁଯୋଗ ପାଇଥିଲେ, ସେମାନଙ୍କ ମନରେ ଗ୍ରୁପ ଜୀବନର ଅନୁଭୂତି ଓ ଅଭିଜ୍ଞତାର ନିର୍ମଳ ସ୍ମୃତି ଚିରଦିନ ଜାଗରୂକ ହୋଇ ରହିଥିବ ଓ ସର୍ବଦା ତତ୍କାଳୀନ ବେଗ, ବିସ୍ମୟ, ବିପ୍ଲବ, ବୈଚିତ୍ର୍ୟ ଉଲ୍ଲାସ ଓ ଉଦ୍ଦୀପନା ନୂଆକରି ସୃଷ୍ଟି କରୁଥିବ । ମୋ ନିଜ ପକ୍ଷରେ ଦୈନନ୍ଦିନ କର୍ମ ଜଞ୍ଜାଳବନ୍ଧ—ବହୁଳତା ମଧ୍ୟରେ ଏହି ସ୍ମୃତିର ପ୍ରବାହ ଜୀବନକୁ ବରାବର ସରସକରି ରଖିଛି ଓ ଅନ୍ୟମାନଙ୍କ ସହିତ ସମ୍ପର୍କ ଓ ବ୍ୟବହାର-

Digitized by srujanika@gmail.com

ଧାରରେ ଉନ୍ମୁକ୍ତତା ଓ କୋମଳତାକୁ ବଞ୍ଚାଇ ରଖି ପାରିଛି । ମୋ ଜୀବନର ଇତିହାସରେ ଏହି ଅଧ୍ୟାୟଟି ସବୁଠାରୁ ଅଧିକ ଉଜ୍ଜ୍ୱଳ ଓ ଅର୍ଥପୂର୍ଣ୍ଣ ।

୧୯୨୦ ଡିସେମ୍ବର ମାସରେ ଭାରତୀୟ ଜାତୀୟ କଂଗ୍ରେସର ନାଗପୁର ଅଧିବେଶନ ପରେ କଟକ ଚାନ୍ଦନୀକୋଣିଆ ବଗିଚାରେ ଉତ୍କଳମଣି ଗୋପବନ୍ଧୁଙ୍କର ପ୍ରାଣସ୍ପର୍ଶୀ ବକ୍ତୃତାରେ ଜନତାର ମନ ବିହ୍ୱଳିତ ହୋଇ ଗାନ୍ଧିଜୀଙ୍କର ଅସହଯୋଗ ଆନ୍ଦୋଳନ ଆଡ଼କୁ କ୍ଷିପ୍ର ଗତିରେ ମାଡ଼ିଚାଲିଥାଏ । ଗୋପବନ୍ଧୁ କାଉନସିଲ୍ ସଭ୍ୟ ପଦ ଛାଡ଼ିଥାନ୍ତି । ଉତ୍କଳ ଗୌରବ ମଧୁସୂଦନ ବିହାର-ଓଡ଼ିଶା ସ୍ୱାୟତ୍ତ-ଶାସନ ବିଭାଗର ମନ୍ତ୍ରୀ ହୋଇ ସୁଦ୍ଧା ନୀତିର ବ୍ୟତିକ୍ରମ ହୋଇଥାଏ ବୋଲି କାତର ହେଉଥାନ୍ତି । (ସେ ପରେ ଏଥିପାଇଁ ମନ୍ତ୍ରୀତ୍ୱ ତ୍ୟାଗ କଲେ) । ୧୯୨୨ରେ ଗୋପବନ୍ଧୁ ଜେଲ ବରଣ କରିଥିଲେ ଓ ୧୯୨୪ରେ ମୁକ୍ତ ହେବା ପୂର୍ବରୁ ହଜାରି-ବାଗ ଜେଲରେ 'କାରାକବିତା' ଓ 'ବନ୍ଦୀର ଆତ୍ମକଥା' ଲେଖିଥିଲେ । ୧୯୧୫ ଠାରୁ ତାଙ୍କ ଦ୍ୱାରା ସ୍ଥାପିତ ଓ ସଂପାଦିତ 'ସତ୍ୟବାଦୀ' ମାସିକ ପତ୍ରିକା ଗବେଷଣା-ମୂଳକ ପ୍ରବନ୍ଧମାନଙ୍କ ଦ୍ୱାରା ଶିକ୍ଷିତ ସମ୍ପ୍ରଦାୟ ମଧ୍ୟରେ ଅନୁସନ୍ଧିତ୍ସା ଜାଗ୍ରତ କରାଉଥାଏ । ୧୯୧୯ ରୁ ଆରମ୍ଭ ହୋଇଥିବା ତାଙ୍କର ସାପ୍ତାହିକ 'ସମାଜ' ଉଚ୍ଚ କୋଟୀର ସୁସ୍ଥ ସାମ୍ବାଦିକତା, ଜାତୀୟତା ଭାବ, ଲୋକସେବାର ଆଦର୍ଶ ଓ ଜନମତ ସୃଷ୍ଟି କରିବାରେ ଲାଗି ପଡ଼ିଥାଏ । ବିଶ୍ୱନାଥ କରଙ୍କ ଦ୍ୱାରା ୧୮୯୭ ରେ ପ୍ରତିଷ୍ଠିତ ଓ ସମ୍ପାଦିତ 'ଉତ୍କଳ ସାହିତ୍ୟ' ବହୁ ଲବ୍ଧପ୍ରତିଷ୍ଠ ଚିନ୍ତକ ଓ ସାହିତ୍ୟିକଙ୍କ ଲେଖାରେ ସମୃଦ୍ଧ ହୋଇ ମନ ଆଲୋଡ଼ିତ କରୁଥାଏ ଓ ଦୃଷ୍ଟିଭଙ୍ଗୀକୁ ତୀକ୍ଷ୍ଣ ଓ ମାର୍ଜିତ କରୁଥାଏ । ବ୍ୟାସ କବି ଫକୀରମୋହନଙ୍କ ମୃତ୍ୟୁ (୧୯୧୮) ପରଠାରୁ ତାଙ୍କ ରଚିତ କାବ୍ୟ, କବିତା, ଗଳ୍ପ, ଉପନ୍ୟାସ ଓ ଆତ୍ମଜୀବନୀ ଚର୍ଚ୍ଚା ସହିତ ସ୍ୱଭାବ କବି ଗଙ୍ଗାଧରଙ୍କ ମୃତ୍ୟୁ (୧୯୨୪) ପର୍ଯ୍ୟନ୍ତ, ଉତ୍କଳରେ ସାହିତ୍ୟ ସାଧନା, ସମୀକ୍ଷା ଓ ସାହିତ୍ୟ ସୃଷ୍ଟିର ପ୍ରବାହ ବିସ୍ତାରିତ ହୋଇ ନାନା ଲେଖାରେ, ବହିରେ, ମାସିକ ପତ୍ରରେ ଓ ବିଶେଷ କରି 'ଉତ୍କଳ ସାହିତ୍ୟ'ରେ ଉଚ୍ଛ୍ୱସିତ ରୂପଧାରଣ କରିଥାଏ । ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି କଲେଜ ଭିତରେ ପ୍ରାଚୀଗ୍ରନ୍ଥ ମାଳାର ପ୍ରକାଶନ ଓ ଅନୁଶୀଳନରେ ବ୍ରତୀ ରହି ବହୁ ଛାତ୍ରଙ୍କୁ ସାହିତ୍ୟ ସେବାରେ ଅନୁପ୍ରାଣିତ କରୁଥାନ୍ତି । କଲେଜରେ ଛାତ୍ର ବତ୍ସଳ, ସମ ଦୁଃଖ ଭବାପନ୍ନ ଓ ନିରହଙ୍କାର ଅଧ୍ୟାପକମାନେ ସବୁ କ୍ଷେତ୍ରରେ ଛାତ୍ରମାନଙ୍କୁ ଉତ୍ସାହ ଓ ସାହାଯ୍ୟ ଦେଉଥାନ୍ତି ।

ଏହି ଆବେଷ୍ଟନୀ ଓ ଆବହାଓ୍ୱା ମଧ୍ୟରେ ସବୁଜ ଗୋଷ୍ଠୀର ଆବିର୍ଭାବ, ଆତ୍ମପ୍ରକାଶ ଓ ତିରୋଧାନ ଘଟିଥିଲା । ସବୁଜ ବଗିଚାର ପ୍ରତ୍ୟେକଟି ଫୁଲର ଅଙ୍କୁ-

Digitized by srujanika@gmail.com

'ଉଦ୍‌ଗମ ଏକ ସମୟରେ ହୋଇ ନଥିଲେ ମଧ୍ୟ ୧୯୨୧ ରୁ ୧୯୨୩ ଏହି ଦୁଇ ବର୍ଷ ମଧ୍ୟରେ ସବୁ ବୃକ୍ଷଗୁଡ଼ିକ ହୃଷ୍ଟପୁଷ୍ଟ ହୋଇ, ପୁଷ୍ପ ଓ ଫଳ ଧାରଣ କରି ସୌରଭ ଦାନ ଓ ବୀଜ ପ୍ରକ୍ଷେପଣ କରିଥିଲେ ।

ସବୁଜ ଗୋଷ୍ଠୀର ଗୋଟିଏ କେନ୍ଦ୍ରିକ ପରିସର ଓ ତାକୁ ଲାଗି ଗୋଟିଏ ପରିଧି ଅଞ୍ଚଳ ଥିଲା । କେନ୍ଦ୍ରିକ ପରିସର ମଧ୍ୟରେ ଥିଲେ ସରଳା ଦେବୀ, ଅନ୍ନଦାଶଙ୍କର, କାଳିନ୍ଦୀ ଚରଣ, ବୈକୁଣ୍ଠନାଥ ପଟ୍ଟନାୟକ, ହରିହର ମହାପାତ୍ର ଓ ଶରତଚନ୍ଦ୍ର ମୁଖର୍ଜି ଏବଂ ପରିଧିରେ ଥିଲେ ବୈଷ୍ଣବଚରଣ ଦାସ, ସୁପ୍ରଭା ଦେବୀ, ପ୍ରତିଭା ଦେବୀ, ମୁରଲୀଧର ମହାନ୍ତି ଓ ହରିଶ୍ଚନ୍ଦ୍ର ବଡ଼ାଳ । ସ୍ୱର୍ଗତ ଧାକୃଷ୍ଣ ନନ୍ଦ ଓ ମୁଁ ସବୁଜ ଗୋଷ୍ଠୀର ବନ୍ଧୁମାନଙ୍କ ସହିତ ଘନିଷ୍ଠ ଭାବରେ ମିଶିବାର ସୁଯୋଗ ପାଇଥିଲେ ମଧ୍ୟ, ସାହିତ୍ୟ କ୍ଷେତ୍ରରେ ନବୀନ ଚେତନା ବା ନିରବଚ୍ଛିନ୍ନ ଚେଷ୍ଟାରେ ଅଂଶୀଦାର ହୋଇ ପାରି ନଥିଲୁ । ସାମାଜିକତା ଓ ବନ୍ଧୁତ୍ୱର ଅର୍ଦ୍ଧ ଆବରଣ ତଳେ ଆମେ ସବୁଜ ବଗିଚାର ସୌରଭ ଉପଭୋଗ କରୁଥିଲୁ ଓ ସମସ୍ତ ସମୟରେ ନିର୍ମଳ ପରିହାସର ପାତ୍ର ହେଉଥିଲୁ । ମୋର ମନେ ଅଛି, ଜଣେ ବନ୍ଧୁ ମୋର ଗୋଟିଏ କବିତାର ନିମ୍ନଲିଖିତ ଅଂଶ ଥରକୁଥର ମୋ ପାଖରେ ଆବୃତ୍ତି କରି ମୋର 'ଗଡ଼ଜାତିଆ ଗ୍ରୁପ'କୁ ବ୍ୟଙ୍ଗ କରୁଥିଲେ ।

"ବିଜନେ ବୁଲେ ସଦା ନଥାଏ ଧକା ମନେ,
ଚମକ ଗୃହେଁନା ମୁଁ ଚଟିମା ତାନେ ଛନେ,
ସୁଦୂର ପରବତ
ହରିତ ବାଲିବନ୍ତ
ବନସ୍ତ ଗଛଲତା
ବେଲାର ମରକତେ
ଛିନ୍ନ ପରଣେ ମୋର ଏ ସବୁ ଚିରସାଥୀ
ସବୁଜ ଆଦରେ ମୁଁ ପତାଇ ଥିଲି ଗୃହ ।"

ସବୁଜ ଗୋଷ୍ଠୀର ବ୍ୟକ୍ତିମାନେ 'ଉତ୍କଳ ସାହିତ୍ୟ'ରେ ବରାବର ଲେଖୁଥିଲେ । ତାଛଡ଼ା, କଲେଜର ପୂର୍ବ ଛାତ୍ରାବାସର ହସ୍ତ ଲେଖା ମାସିକ ପତ୍ର 'ଜାଗରଣ' ଓ ପଶ୍ଚିମ ଛାତ୍ରାବାସର ହାତଲେଖା ମାସିକ ପତ୍ର 'ଉର୍ମି'ରେ କେତେକ ସଭ୍ୟ ଲେଖା ଲେଖି କରୁଥିଲେ । 'ସବୁଜ କବିତା' ବହିରେ ଅନ୍ନଦାଶଙ୍କର, ହରିହର ମହାପାତ୍ର, ବୈକୁଣ୍ଠନାଥ ପଟ୍ଟନାୟକ, ଶରତ ଚନ୍ଦ୍ର ମୁଖର୍ଜି ଓ କାଳିନ୍ଦୀ ଚରଣଙ୍କର କବିତା ସନ୍ନିବେଶିତ । 'ବାସନ୍ତୀ' ଉପନ୍ୟାସ ଲେଖିଥିଲେ ନଅ ଜଣ ଲେଖକ—କାଳିନ୍ଦୀ ଚରଣ, ଶରତ, ହରିହର, ଅନ୍ନଦାଶଙ୍କର,

Digitized by srujanika@gmail.com

ସରଳା ଦେବୀ, ସୁପ୍ରଭା ଦେବୀ, ପ୍ରଭାତୀ ଦେବୀ, ବୈଷ୍ଣବଚରଣ ଦାସ ଓ ମୁରଲୀଧର ମହାନ୍ତି ।

ଏହି ଲେଖକମାନଙ୍କ ବିକାଶ କ୍ଷେତ୍ରରେ ବହୁ ପରିମାଣରେ ସାହାଯ୍ୟ କରିଥିଲେ, ବିଶ୍ୱନାଥ କର । ବିଶ୍ୱନାଥ କରଙ୍କର ବ୍ୟକ୍ତିଗତ ନୈତିକ ଜୀବନ, ଉଚ୍ଚ ଆଦର୍ଶ, ଓଜସ୍ୱିନୀ ଭାଷା, ଦୀପ୍ତ ମୁଖ ମଣ୍ଡଳ ଓ ତୀକ୍ଷ୍ଣଚକ୍ଷୁ ସାହିତ୍ୟର ବିପ୍ଳବ ପଥରେ ନବୀନ ପଥିକ ସବୁଜ ଗୋଷ୍ଠୀର ଲେଖକଙ୍କୁ ଦେଉଥିଲା ସାହସ ଓ ଦମ୍ଭ । ସରଳା ଦେବୀଙ୍କ ସାହଚର୍ଯ୍ୟ ଓ ସାନ୍ନିଧ୍ୟ ଯୁବକ ପ୍ରାଣରେ ବିଦ୍ୟୁତ୍‌ସମ ସ୍ପନ୍ଦନର ଉଦ୍ରେକ କରୁଥିଲା ଓ ସେ ମୁକ୍ତ ଚିନ୍ତାଧାରାର ଅଭିଯାନରେ ଅଗ୍ରଗାମୀ ସେନାନେତ୍ରୀ ହୋଇ ସମସ୍ତ ସାହିତ୍ୟାନୁରାଗୀ ବନ୍ଧୁଙ୍କର ଓ ବିଶେଷରେ ସବୁଜ ଗୋଷ୍ଠୀର ଲେଖକମାନଙ୍କର ଉଦ୍ଦୀପନା ଓ ଉତ୍ସାହ ବର୍ଦ୍ଧନ କରୁଥିଲେ ।

ସବୁଜଗୋଷ୍ଠୀର ବନ୍ଧୁମାନଙ୍କ ମଧ୍ୟରେ ଐକାନ୍ତିକତା ଓ ଦୃଢ଼ତା ଏବଂ ସେମାନଙ୍କ ଚେଷ୍ଟାରେ ଲକ୍ଷ୍ୟ—ପ୍ରଧାନତଃ ଆଣିବା ଦିଗରେ କଲେଜରେ ଉପର ଶ୍ରେଣୀମାନଙ୍କରେ ପଢୁଥିବା କେତେକ ବ୍ୟକ୍ତିଙ୍କର ପରୋକ୍ଷ ପ୍ରଭାବ ନିଶ୍ଚିତ ଭାବରେ ପଡ଼ୁଥିଲା । ନବକୃଷ୍ଣ କିଶୋର ଦାସ ଓ ତାଙ୍କର ଭ୍ରାତୃବର୍ଗ 'ବାରୁଣୀ' ନାମକ ତ୍ରୈମାସିକ ସାହିତ୍ୟ ପତ୍ରିକା ସଂକଳନରେ ବୈଚିତ୍ର୍ୟ ଓ ମୌଳିକତ୍ୱର ପରିଚୟ ଦେଇଥିଲେ । ଗୋବିନ୍ଦ ତ୍ରିପାଠୀ, ସୁଶୀଲ ଚନ୍ଦ୍ର ପାଳିତ ଓ ପ୍ରଣବ ରାୟଚୌଧୁରୀ ରେଭେନ୍‌ସା କଲେଜର ମୁଖପତ୍ର 'ରେଭେନ୍‌ସାଭିଆନ' ରେ ସୁନ୍ଦର ପ୍ରବନ୍ଧ ଲେଖୁଥିଲେ । ତର୍କ ସଭାରେ ନୂତନ ଦୃଷ୍ଟିକୋଣରେ ସୂଚନା ଦେଉଥିଲେ ।

ସବୁଜ ସାହିତ୍ୟ ସୃଷ୍ଟି କରିଥିଲା ଗୋଟିଏ ବିପ୍ଳବ । ସବୁଜ ସାହିତ୍ୟ-ରଥୀମାନଙ୍କର ବିପ୍ଳବର ଅସ୍ତ୍ର ରବୀନ୍ଦ୍ରିକ ଉତ୍ତାପରେ ଢଳା ହୋଇଥିବା ନିଶ୍ଚିତ । ବଙ୍ଗଳା ସାହିତ୍ୟରେ 'ଆଧୁନିକ ଯୁଗ'ର ସ୍ରଷ୍ଟା ଦେବେନ୍ଦ୍ରନାଥ ସେନ, ଅକ୍ଷୟ କୁମାର ବଡ଼ାଲ୍, ରବୀନ୍ଦ୍ରନାଥ ଠାକୁର, ଦ୍ୱିଜେନ୍ଦ୍ର ନାଥ ଠାକୁର, ସତ୍ୟେନ୍ଦ୍ର ନାଥ ଦତ୍ତ, ଦ୍ୱିଜେନ୍ଦ୍ର ଲାଲ ରାୟ, କୁମୁଦନାଥ ଲାହିଡ଼ୀ ଓ ଅନ୍ୟ-ମାନଙ୍କ ମଧ୍ୟରେ ରବୀନ୍ଦ୍ରନାଥଙ୍କ କବିତାର ନବ ନବ ଉନ୍ମେଷ, ଭାଷାରେ ବିଚିତ୍ର ଓ ଅପରିମିତ ଧାରା, ଛନ୍ଦରେ ଲାଳିତ୍ୟ ଓ ଭାବରେ ଗମ୍ଭୀରତା, ତାଙ୍କର ପ୍ରଭାବକୁ ଏପରି ସୁଦୂରଗାମୀ କରିଥିଲା ଯେ ବିଂଶଶତାବ୍ଦୀର ପ୍ରାରମ୍ଭରୁ ସାହିତ୍ୟରେ 'ରବୀନ୍ଦ୍ରନାଥଙ୍କ ଯୁଗ' ଚାଲିଛି ବୋଲି କୁହାଯାଏ । ଓଡ଼ିଆ ସାହିତ୍ୟରେ ସତ୍ୟଯୁଗ ପରେ ଆଧୁନିକତାର ସାମାନ୍ୟ ଲକ୍ଷଣ ଯେଉଁ ଆରମ୍ଭ ହେଲା ରାଧାନାଥଙ୍କ ଯୁଗ —ମାତ୍ର ରାଧାନାଥ ଓ ମଧୁସୂଦନ ସତ୍ୟମତ ଆଧୁନିକ ନ ଥିଲେ । ଆଧୁନିକତ୍ୱର

Digitized by srujanika@gmail.com

ଯାହା ସ୍ୱତନ୍ତ୍ର ଲକ୍ଷଣ ଯଥା— କବିର ଭାବନା ଓ କଳ୍ପନା ଅନ୍ତରର ଅନୁଭୂତିକୁ ବଡ଼ବୋଲି ଦେଖିବା, ପ୍ରକୃତି ଭିତରେ ତାର ଗୋଟିଏ ପ୍ରାଣ ବା ମନର ଆବିଷ୍କାର ଓ ମନୁଷ୍ୟ ଭିତରେ ମନୁଷ୍ୟତାର ମହିମା ଘୋଷଣା, ଭୟ ଓ ଦୁର୍ବଳତାରୁ ମୁକ୍ତି କାମନା, ଏ ସବୁଯାକ ରାଧାନାଥ ବା ମଧୁସୂଦନଙ୍କ କବିତାରେ ପରିସ୍ଫୁଟ ନୁହେଁ—ବରଂ ଥିଲା ଫକୀରମୋହନଙ୍କ ଲେଖାରେ ଓ କିଛି ପରିମାଣରେ ଗଙ୍ଗାଧରଙ୍କ କାବ୍ୟ କବିତାରେ । ରବୀନ୍ଦ୍ରନାଥଙ୍କ କବିତାରେ ଓ ଗଦ୍ୟରେ ଏହା ଜାଜ୍ୱଲ୍ୟମାନ । ତେଣୁ ରବୀନ୍ଦ୍ରନାଥଙ୍କ ଦ୍ୱାରା ପ୍ରଭାବିତ ହେବାରେ ମଧ୍ୟ ନୂତନତ୍ୱ ଥିଲା । ରବୀନ୍ଦ୍ରନାଥ ଠାକୁରଙ୍କ କାବ୍ୟ ମାନଙ୍କ ସହିତ 'ଛାୟାବାଦ' ଓ 'ରହସ୍ୟ ବାଦ'ର ଜନ୍ମ । ପ୍ରକୃତିରେ ଚେତନା ବୋଧହେଲା ଛାୟାବାଦ ଏବଂ ଏହି ଚେତନା ସହିତ ବିଶ୍ୱଚେତନାର ଐକ୍ୟ ଥିବାର ଅନୁଭୂତି ହେଲା ରହସ୍ୟ-ବାଦ । ରହସ୍ୟବାଦରେ 'ମଧୁରଭାବ'ର ପ୍ରାଧାନ୍ୟ ରହେ । ସବୁଜ କବିତା ରବୀନ୍ଦ୍ରନାଥଙ୍କ ଦୃଷ୍ଟିଭଙ୍ଗୀର ଅନୁଗାମୀ । ଏହାର ଭାବ ନୂତନ ଓ ଶୈଳୀ ଗୀତି-କବିତା ଗୁମ୍ଫରେ ଚାଲା । ଭାଷାରେ ଶବ୍ଦ-ସଂକ୍ଷେପ ଓ କଳ୍ପନାରେ ମନ୍ମୟତା, ସବୁଜ କବିତାର ଆଧୁନିକତ୍ୱ ଓ ବୈଶିଷ୍ଟ୍ୟ ପ୍ରତିପାଦନ କରେ ।

ସବୁଜ ସାହିତ୍ୟ ଦ୍ୱାରା ହୋଇଥିଲା ଗୋଟିଏ ନୂଆ ଯୁଗର ପ୍ରବର୍ତ୍ତନ । ଏହାର ପ୍ରଭାବ ଏବେ ମଧ୍ୟ ବହୁ କବିତାରେ ପରିଲକ୍ଷିତ ।"

ସର୍ବଶେଷରେ ଯେଉଁ ଆଲୋଚନାଟି ଏବିଷୟରେ ପ୍ରକାଶିତ ହୋଇଅଛି ତାହା କିନ୍ତୁ ଏହାର ବିପରୀତ ଧର୍ମୀ । ପାଠକ ତାହା ନିଜେ ପଢ଼ି ବିଚାର କରନ୍ତୁ ।

□

Digitized by srujanika@gmail.com

॥ ସପ୍ତମ ପରିଚ୍ଛେଦ ॥

ସବୁଜ ସାହିତ୍ୟ ସମ୍ବନ୍ଧରେ ଆଲୋଚନା

'ନବଲିପି' ପ୍ରଥମ ବର୍ଷ—ତୃତୀୟ ସଂଖ୍ୟା—ଏପ୍ରିଲ–ମେ—ଜୁନ ୧୯୭୯ – ବିଷୁବ ବିଶେଷାଙ୍କର ୪୦ ପୃଷ୍ଠାରେ ପ୍ରକାଶିତ ପ୍ରବନ୍ଧ :—

ସବୁଜ ସାହିତ୍ୟର ଇତିହାସରେ ସବୁଜ କଣ ଏକ ସାହିତ୍ୟ ଯୁଗ—ନା ଏକ ଉଚ୍ଛ୍ୱାସ ପୂର୍ଣ୍ଣ ସାମୟିକ ଅଭିବ୍ୟକ୍ତି ?

ସବୁଜ-ସାରଥୀ କବି ଅନ୍ନଦାଶଙ୍କର : ଦ୍ୱନ୍ଦ୍ୱ ଓ ନିର୍ବାସନ

ଲେଖକ – ଡକ୍ଟର ନିତ୍ୟାନନ୍ଦ ଶତପଥୀ

ସବୁଜ-ସାରଥୀ କବି ଅନ୍ନଦାଶଙ୍କର ଯେଉଁ ମାନସିକ ଦ୍ୱନ୍ଦ୍ୱର ଶିକାର ହୋଇ ଓଡ଼ିଆ କବିତା କ୍ଷେତ୍ରରୁ ଆତ୍ମନିର୍ବାସନ ବରଣ କରିନେଲେ ତାହା ଓଡ଼ିଆ ସାହିତ୍ୟର ଇତିହାସ ପାଇଁ ଏକ ଚମତ୍କାର ଅଧ୍ୟୟନ ହେବ । ୧୯୨୨—୨୬ ଏଇ ଚାରିବର୍ଷ ମଧ୍ୟରେ ଅନ୍ନଦାଶଙ୍କରଙ୍କର ଓଡ଼ିଆ ସାହିତ୍ୟ କ୍ଷେତ୍ରକୁ ଆଗମନ ଓ ନିଷ୍କ୍ରମଣ । ତେଣୁ ତାଙ୍କ ସାଧନା ଅତ୍ୟନ୍ତ ସୀମିତ । ସୃଷ୍ଟି ମଧ୍ୟରେ ମାତ୍ର ୧୪ ଟି କବିତା, ପ୍ରବନ୍ଧ ସର୍ବମୋଟ ବାଇଶିଟି, ଗଳ୍ପ ଗୋଟିଏ ଓ 'ବାସନ୍ତୀ' ଉପନ୍ୟାସର ଛଅୋଟି ପରିଚ୍ଛେଦ ।

ଏହାପରେ ଶ୍ରୀ ଅନ୍ନଦାଶଙ୍କର ବୋଧହୁଏ ସବୁଦିନ ପାଇଁ ଓଡ଼ିଆ ସାହିତ୍ୟରୁ ବିଦାୟ ନେଇ ବଙ୍ଗ ସାହିତ୍ୟରେ ମନୋନିବେଶ କରିଛନ୍ତି ଓ ପ୍ରଭୂତ ଯଶର ଅଧିକାରୀ ହୋଇଛନ୍ତି । ଶ୍ରୀ ରାୟ ତାଙ୍କ 'ସବୁଜ ଅକ୍ଷର'ର ଭୂମିକାରେ ସ୍ୱୀକାର କରିଛନ୍ତିଯେ, "ଅଠର ବର୍ଷ ବୟସରେ ମୁଁ ଓଡ଼ିଆସାହିତ୍ୟରେ ପଶିଥିଲି । ବାଇଶି ବର୍ଷ ବୟସରେ ଓଡ଼ିଆ ସାହିତ୍ୟରୁ ମେଲାଣି ନେଲି । ୧୯୨୨—୨୬ ଚାରିବର୍ଷ ଖଣ୍ଡେ ମୁଁ 'ଉତ୍କଳ ସାହିତ୍ୟ', 'ସହକାର' ଓ 'ସବିତା'ରେ ଲେଖିଥିଲି କବିତା ଦଶ କି ବାରଟି । 'ସବୁଜ ଅକ୍ଷର'ରେ ସଙ୍କଳିତ କବିତାର ସଂଖ୍ୟା ବାର" । କିନ୍ତୁ ଏହା ବାଦ୍ ଆଉ ଦୁଇଟି କବିତା ଏ ସଙ୍କଳନ-ଭୁକ୍ତ ହୋଇ ପାରିନାହିଁ । ଏଇ ଚଉଦଟି କବିତା ଓଡ଼ିଆ ସାହିତ୍ୟରେ ତାଙ୍କ କବିଜୀବନର ସ୍ୱାକ୍ଷର ଓ ସ୍ୱୀକୃତି ବହନ କରି ପାରିଛି । ପୁଣି ଏଇ ସ୍ୱୀକୃତି ପାଇଁ ତତ୍‌କାଳୀନ 'ଉତ୍କଳ ସାହିତ୍ୟ'ର ସମ୍ପାଦକ ଶ୍ରୀ ବିଶ୍ୱନାଥଙ୍କର ସଂପୂର୍ଣ୍ଣ ଋଣୀ

Digitized by srujanika@gmail.com

ପ୍ରଶଂସାର ପାତ୍ର । ତା ୪।୧।୨୭ଈରେ 'ଉତ୍କଳ ସାହିତ୍ୟ'ର ସଂପାଦକଙ୍କ ପାଖକୁ ଲିଖିତ ଗୋଟିଏ ପତ୍ରରେ ଶ୍ରୀ ରାୟଙ୍କ ତରୁଣ କାବ୍ୟମାନସର ପରିଚୟ ମିଳେ : "ପାଟଣାକୁ ଆସି ଦେଖୁଛି ଓଡ଼ିଶାକୁ ଛାଡ଼ିବା ମୋ ପକ୍ଷରେ କେତେ କଷ୍ଟକର ହୋଇଛି । ଏ କଷ୍ଟ ଆଂଶିକ ଭାବେ ଦୂର ହୋଇପାରେ ଯଦି ମୁଁ ନିୟମିତଭାବେ ଓଡ଼ିଆରେ କିଛି କିଛି ଲେଖେ । ଲେଖା ଆରମ୍ଭ କରିଦେଲି, ଦେଖେ କେତେଦୂର ଯାଏ ।" ସେଇ ଚିଠିରେ ଅନ୍ୟତ୍ର ସେ ଲେଖିଛନ୍ତି; କିନ୍ତୁ ଜାଣି ନାହାନ୍ତି ସେ କେତେ ମୂଲ୍ୟବାନ ରହିଛିଏ । ମୋର ବନ୍ଧୁ ଶରତର ଲେଖା ଏ ବାର ପ୍ରକାଶ କରିଛନ୍ତି, 'ଇଂଲଣ୍ଡର ପଲ୍ଲୀ ଜୀବନ', ମୋର ବନ୍ଧୁ କାଳନ୍ଦୀକୁ ଆପଣ ଚିହ୍ନନ୍ତି, କିନ୍ତୁ ଜାଣି ନାହାନ୍ତି—ନବ୍ୟ ଉତ୍କଳର ସେ ଗୋଟିଏ Coming man । ସେ ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ମୋ ସଙ୍ଗରେ ପାଶ୍ କରିଥିଲା । ଗ୍ରାଜୁଏଟ ଯୁବକ ମଧ୍ୟରୁ ତିନୋଟିକୁ ଜାଣିଲେ; ବାକି ରହିଲେ ମୋ ବନ୍ଧୁ ବୈକୁଣ୍ଠନାଥ ପଟ୍ଟନାୟକ । ଆତ୍ମନିର୍ଭର, ସ୍ୱାଧୀନତା-କାମୀ, ଅତ୍ୟନ୍ତ ସାହାସୀ, ଖାଣ୍ଟି କବି ବୈକୁଣ୍ଠକୁ ଆପଣମାନେ ଚିହ୍ନି ନାହାନ୍ତି । ସେ ତାର ଲେଖା ଗୋପନ ରଖିଛି । ତାର ଲେଖା ଯେ ଉତ୍କଳ କାବ୍ୟରାଜ୍ୟରେ ନବଯୁଗର ସୂଚନା କରୁଛି, ତାହା ଆପଣଙ୍କ ପରି Sympathetic critic ଗୁଣଗ୍ରାହୀ ବ୍ୟକ୍ତି ସହଜରେ ବୁଝି ପାରିବେ । ଦେଖିବେ, ତା ଛନ୍ଦ କେତେ ନୂତନ ଅଥଚ ଦୋଷଶୂନ୍ୟ । ସାଧାରଣ ଲେଖକ ପରି ସେ ପଦ୍ୟ ଲେଖେ ନାହିଁ, ଖାଣ୍ଟି କବିତା ଲେଖେ, କିନ୍ତୁ ଟିକିଏ eccentric ଓ ବଡ଼ emaginative. କାଳନ୍ଦୀ ଯେପରି ଭାବପ୍ରବଣ ସେ ସେପରି କଳ୍ପନାପ୍ରବଣ । ଜଣେ feeling ଉପରେ ଜୋର ଦିଅନ୍ତି ତ ଆଉ ଜଣେ imagination ଉପରେ ଜୋର ଦିଅନ୍ତି । ମୋର ବିଶ୍ୱାସ ଏ ଦୁଇଜଣ ଓଡ଼ିଶାର ଶ୍ରେଷ୍ଠ lyricist (ଏମାନେ ମହାକାବ୍ୟ ଲେଖନ୍ତି ନାହିଁ, ଖଣ୍ଡକାବ୍ୟ ଲେଖନ୍ତି—ଯୁବା ରବୀନ୍ଦ୍ର ଭକ୍ତ) ଏକ ସମୟରେ ହେବେ । ଆପଣ ଏମାନଙ୍କୁ ଉତ୍ସାହ ଦିଅନ୍ତୁ । ତରୁଣ ଉତ୍କଳକୁ ତୁଚ୍ଛ କରିବେ ନାହିଁ ।"

ଅନ୍ନଦାଶଙ୍କରଙ୍କ ଏ ଚିଠି କାଳନ୍ଦୀ ଚରଣ ଓ ବୈକୁଣ୍ଠନାଥଙ୍କ ସପକ୍ଷରେ ଏକ ସାମାନ୍ୟତମ ଚିଠି ଏବଂ ନିଜ ସମ୍ପର୍କରେ ଏକ ବିପୁଳ ପ୍ରତିଶ୍ରୁତି ପରି ମନେହୁଏ । ଏ ଚିଠିପାଇବା ପରେ ପରେ 'ଉତ୍କଳ ସାହିତ୍ୟ'ରେ ଧାରାବାହିକ ଭାବେ ଏହି କବିମାନଙ୍କ କବିତା ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ଅନ୍ନଦାଶଙ୍କରଙ୍କ କବିତା 'ଉତ୍କଳ ସାହିତ୍ୟ'ର ପ୍ରଥମ ପୃଷ୍ଠା ମଣ୍ଡନ କରିଛି । ରବୀନ୍ଦ୍ରନାଥ ଓ ପ୍ରମଥ-ନାଥଙ୍କ ଅନୁପ୍ରେରଣା ଯେପରି ସମସାମୟିକ କଲ୍ଲୋଳ ଯୁଗର କବିତାକୁ ପରିପୁଷ୍ଟ କରିଥିଲା, ଅନ୍ନଦାଶଙ୍କରଙ୍କର ଖଣ୍ଡିତ କାବ୍ୟ ଜୀବନର ସ୍ୱୀକୃତି ପାଇଁ ବିଶ୍ୱନାଥ

Digitized by srujanika@gmail.com

କରିଛି ସେହିପରି ସବୁଠାରୁ ଅଧିକ ଉଲ୍ଲେଖ ଯୋଗ୍ୟ ଭୂମିକା ସୃଷ୍ଟି କରିଥିଲେ । ଏ ଚିଠିଲେଖି ଅନ୍ନଦାଶଙ୍କର ନିଜ ପାଇଁ ଯେଉଁ ଉତ୍ସାହ ଓ ଅନୁପ୍ରେରଣା ଲାଭ କରିଥିଲେ ତାର କିନ୍ତୁ ସେ ସାର୍ଥକ ଉପଯୋଗ କରିପାରିଲେ ନାହିଁ । ନିଜ କବିତାରେ ପ୍ରଥମରୁହିଁ ଯେଉଁ ଆତ୍ମଦ୍ୱନ୍ଦ୍ୱର ଶରବ୍ୟ ହେଲେ, ତାହା ଏହି ସଚେତନ ଶିଳ୍ପୀଙ୍କୁ ଓଡ଼ିଆ କବିତା କ୍ଷେତ୍ରରୁ ଧୀରେ ଧୀରେ ବଙ୍ଗଳା ସାହିତ୍ୟ-ରାଜ୍ୟକୁ ଅପସାରିତ କରିନେଲା । ତେଣୁ ପରେ ପରେ ତାଙ୍କ ବ୍ୟକ୍ତିଗତ ଉପଲବ୍‌ଧି ତାଙ୍କ କାବ୍ୟ ଜୀବନର ଏକ ଆତ୍ମ ସମୀକ୍ଷା ଭାବରେ ଠିଆ ହୋଇଛି :— "ଦୁଇବର୍ଷ ଖଣ୍ଡେ 'ଉତ୍କଳ ସାହିତ୍ୟ' ଅଧିକାର କଲି । ମୋର ଖୁବ୍ ନାଁ ହୋଇଗଲା, ଏତେ-ବେଳେ ବଙ୍ଗଳାରେ ମୁଁ ଜଣେ ଅଜ୍ଞାତ କୁଳଶୀଳ ଲେଖକ, କିନ୍ତୁ ମୋ ମନରେ ଏକ ଧାରଣା ଜନ୍ମିଲା — ମୋର ସବୁ କହିବାର କଥା, ମୁଁ କେବଳ ଗୋଟିଏ ଭାଷାରେ କହି ପାରିବ, ସେ ବଙ୍ଗଳା । ଏହି ସିଦ୍ଧାନ୍ତ ମୋ ଜୀବନର ଏକ ବଡ଼ ସିଦ୍ଧାନ୍ତ । (୩) ଏହି ସିଦ୍ଧାନ୍ତ ଏକ ଚରମ ଆତ୍ମ ଦ୍ୱନ୍ଦ୍ୱରୁ ଉଦ୍‌ଭୂତ । ଏହି ଆତ୍ମ-ଦ୍ୱନ୍ଦ୍ୱର ସ୍ୱାକ୍ଷର ଶ୍ରୀ ରାୟଙ୍କ 'ପ୍ରଳୟ ପ୍ରେରଣା' (୧୯୨୪) ଓ ପରବର୍ତ୍ତୀ କବିତା 'ସୃଜନ ସ୍ୱପ୍ନ' (୧୯୨୪)ରୁ ସ୍ପଷ୍ଟ ହେବ । ପ୍ରଥମ କବିତାଟିରେ କବି ଯେଉଁ ପ୍ରଳୟ କଥା ଚିନ୍ତା କରିଛନ୍ତି, ତାର ରୂପରେଖା, ସାମାଜିକ ଅସ୍ତିତ୍ୱ ଓ ପ୍ରୟୋଜନୀୟତା ପ୍ରତି ସେ ନିଜେ ସଚେତନ ନୁହନ୍ତି । କାରଣ ସମସାମୟିକ ସମାଜ ରାଜନୈତିକ ସଂଘର୍ଷମୁଖର ଚିତ୍ର ଏଥିରେ ନାହିଁ, କିମ୍ବା ପ୍ରଥମ ପୃଥିବୀ ମହା ଯୁଦ୍ଧ ପରବର୍ତ୍ତୀ ଅନିଶ୍ଚିତତାର ବ୍ୟଥିତସ୍ୱର ଏହି କବିତାରେ ଶୁଣାଯାଏ ନାହିଁ । ଏଥିରେ କେବଳ ତାରୁଣ୍ୟର ଏକ ଅପ୍ରତିହତ ଉଚ୍ଛ୍ୱାସ ଦିଗହୀନ ଓ ବଲ୍‌ଗାହୀନ ଭାବେ ପ୍ରକଟିତ । କିଏ ସେ ଅଗ୍ନିକଣା, ଯାହା ଦେହଉପରେ ଜଳି ଉଠୁ ବୋଲି କବିଙ୍କର ଅବାରିତ ଆହ୍ୱାନ, ପୁଣିକ'ଣ ସେ ଜଡ଼ତା ଯାହାକୁ ନାଶ କରିବାକୁ ଏହି ଅଗ୍ନି-କଣାର ଆବଶ୍ୟକତା ନିଜେ ତରୁଣ କବି ମଧ୍ୟ ସ୍ପଷ୍ଟ ଭାବରେ ଉପଲବ୍‌ଧି କରି-ନାହାନ୍ତି । ତେଣୁ ପରେ ପରେ ଝଞ୍ଜା ବାୟୁ, ତାଣ୍ଡବ, ଭୈରବ ରାଗିଣୀ ଆଦି ସବୁ ଶବ୍ଦାବଳୀ (Jargons) ପୁଣି ଝଞ୍ଜାରାଣୀ କଙ୍କଣକିଙ୍କିଣୀ ପରି ଲଘୁ ଓ ଓ ରୋମାଣ୍ଟିକ ଚେତନା ଭିତରେ ମିଶିଯାଇ ଅନର୍ଥ ସୃଷ୍ଟି କରିଛି । 'ସମାଜେ ମାନିବନାହିଁ, ଲୋକ ମତ ଦଳିବି ଚରଣେ' ପରି ଏକ ବୈପ୍ଳବିକ ଭାବନା ସତେ ଯେପରି କେବଳ ଶବ୍ଦର ତୋଫାନ ସୃଷ୍ଟି କରିଛି । ଯେଉଁ ମୁକ୍ତି ପାଇଁ ଜଗତର ନରନାରୀଙ୍କୁ ଏଠାରେ ଆହ୍ୱାନ କରାଯାଇଛି, ତାହା ସମସାମୟିକ ସମାଜ ଚେତନାର ସଂସ୍କାର କାମୀ ଅଭିଳାଷ ସହିତ ଏକାନ୍ୱିତ ହେଉଥିଲେ ମଧ୍ୟ ଭାରତୀୟ ମୁକ୍ତି ସଂଗ୍ରାମ ସହିତ ସଂପର୍କର ସେତୁ ନିର୍ମାଣ କରି ପାରିନାହିଁ । ତେଣୁ ଜଗତର ପତିତ ପାତିତ ଯେତେ ଜାତି ଏବଂ ପରାଧୀନ ଯେତେ ଦେଶପାଇଁ ତାଙ୍କ ଆହ୍ୱାନର ନିଷ୍ଠା ଅତ୍ୟନ୍ତ ସଂଶୟାଚ୍ଛନ୍ନ । କାରଣ ଏ ସ୍ୱର ନିଜ ଦେଶର ମାନଚିତ୍ର

Digitized by srujanika@gmail.com

ପ୍ରତି ଧ୍ୟାନନିଷ୍ଠ ହୋଇ ନଥିବା ବେଳେ ସମଗ୍ର ଜଗତ ପାଇଁ ଚନ୍ଦ୍ରାନ୍ୱିତ ହେବାରେ କୌଣସି ପ୍ରତ୍ୟୟ ସୃଷ୍ଟି କରି ପାରିନାହିଁ । ପୁନଶ୍ଚ ପରବର୍ତ୍ତୀ କବିତା 'ସୃଜନ ସ୍ୱପ୍ନ' ପୂର୍ବବର୍ତ୍ତୀ କବିତା 'ପ୍ରଳୟ ପ୍ରେରଣା'ର ବିରୋଧାଭାସ ଭାବେ ଠିଆହୁଏ । ଏହା ନିମ୍ନ ଉଦାହରଣରୁ ସ୍ପଷ୍ଟ ହେବ—

"ପ୍ରଳୟ କଥା ପ୍ରଳାପ ସମ   ଶୁଭୁଛି ଆଜି ଶ୍ରବଣେ ମମ
କି ହେବ କାରେ ବିନାଶେ ?
ଏ ସୁଖ ଦିନେ ଏ ଶୋକ ପୁରେ   ଧ୍ୱଂସ ଲୀଳା ରହୁ ଗୋ
ଦୂରେ, ମିଥ୍ୟା ମୋହ ସିନା ସେ ।" ।୪।

ଏହାହିଁ ତାଙ୍କ କାବ୍ୟ ମାନସର ପ୍ରଥମ ଦ୍ୱନ୍ଦ୍ୱାତ୍ମକ ପରିଚୟ । ପୂର୍ବ କବିତାରେ ଯେଉଁ ପ୍ରଳୟର ପରିକଳ୍ପନା କରାଯାଇଥିଲା, ତାହା ତେଣୁ ଏକ ପୋଖତ ଚିନ୍ତାର ପରିପ୍ରକାଶ ନୁହେଁ । ବରଂ ତାହା ଏକ ସାମୟିକ ଉଚ୍ଛ୍ୱାସ-ମାତ୍ର । ତେଣୁ ପରବର୍ତ୍ତୀ କବିତାରେ ଅନୁଶୋଚନାର ସ୍ୱର ପ୍ରକାଶ ପାଇଛି । 'ସୃଜନସ୍ୱପ୍ନ' ଏଠାରେ ନୂତନ ସୃଷ୍ଟିର ଅଭିନନ୍ଦ ନୁହେଁ, ବରଂ ଏକ ଉଚ୍ଛ୍ୱାସ ପୂର୍ଣ୍ଣ ସାମୟିକ ବାକ୍‌-ବିଳାସର ରୋମାଣ୍ଟିକ ପରିଚୟ ବହନ କରେ । ଏ କବିତାର ଚିନ୍ତାରେ କୌଣସି ସଂଗଠନ ନାହିଁ, ଆଭିମୁଖ୍ୟ ନାହିଁ । କେବଳ ପ୍ରେୟସୀର ସ୍ୱପ୍ନ, ଗୋଧୂଳି, ଆକାଶ, ଜ୍ୟୋସ୍ନାଲୋକର ମୋହ ମଧ୍ୟରେ ଏକ ସଂପୂର୍ଣ୍ଣ ପଳାୟନବାଦୀ ଅନୁଚିନ୍ତା ପ୍ରକାଶ କରେ । ପୁଣି ସୃଜନ ମୋହ ଏତେ ଯେ କବି ଏ ପୃଥିବୀରୁ ସେ ଦୂରକୁ ପଳାୟନ ଚାହେଁ । ଏ ପରିକଳ୍ପନାରେ ତେଣୁ କୌଣସି ଭାବ ସାମ୍ୟ ପ୍ରତିଷ୍ଠିତ ହୋଇ ପାରିନାହିଁ । ନିମ୍ନ ଉଦ୍ଧୃତ ପଂକ୍ତି ପରି ସମୁଦାୟ କବିତାଟିରେ ବିକ୍ଷିପ୍ତ ଓ ବିପର୍ଯ୍ୟସ୍ତ ଭାବନା ପର୍ଯ୍ୟାପ୍ତ । ଯେଉଁ 'ମରମ'ରୁ ପଳାୟନ କରି ଏକ ଅନିର୍ଦ୍ଦିଷ୍ଟର ସ୍ୱପ୍ନରେ କବି ମଜଗୁଲ ତାର କୌଣସି ସଠିକ ସ୍ଥିତି ନାହିଁ । ଏପରି କେଉଁ ରାଜ୍ୟ ଅଛି ଯେଉଁଠି ପ୍ରେମ ପୁରୁଣା ହୁଏନାହିଁ ? ଏହି ଭାବନା ପୁଣି ପରବର୍ତ୍ତୀ କବିତା ଗୁଡ଼ିକରେ କେଉଁଠି ଅନୁଧାବିତ ତ କେଉଁଠି ବ୍ୟତିକ୍ରାନ୍ତ ମଧ୍ୟ । ଉଦାହରଣ ସ୍ୱରୂପ 'ମାନସୀ ଓ ମୁଁ' କବିତାରେ ସେଇ କବି ପୁଣି କହୁଛନ୍ତି—

"ସୁଦୂରେ ନାହିଁ ସୁଖ । ଉଡ଼ିବା ବଡ ଦୁଃଖ ।
ଭିଡ଼ିବା ଆସ ଆସ । ମୀରିମି ନଡ଼ିଟିଏ ।

(ସବୁଜ କବିତା ପୃ ୧୫)

ଏହି ମାନସିକ ଦ୍ୱନ୍ଦ୍ୱ ଏକ ଭିନ୍ନ ବୌଦ୍ଧିକ ଚିନ୍ତା ପ୍ରକାଶ କରୁଛି, ଯେତେବେଳେ କବି ଉପଲବ୍ଧି କରୁଛନ୍ତି ଯେ—ଏଇ ଦେହ ଓ ମନ ତଳେ ଦୁଇଟି ବିହଗ ଓ ବିହଗୀ ସବୁବେଳେ କଳ କୂଜନରତ । ଗୋଟିଏ ଦୂରର ଆକର୍ଷଣ ଓ

Digitized by srujanika@gmail.com

ଗୋଟିଏ ଏକାନ୍ତଭାବେ ମାଟିର ଓ ନିକଟର ।' ତାହାହିଁ ଯଥାର୍ଥରେ କବିର ସଚେତନ ଓ ଅବଚେତନର ମନସ୍ତାତ୍ତ୍ୱିକ ଉପଲବ୍ଧି ଚେତନାରେ ହିଁ କେବଳ ଏକ ଅଦେଖା ଅଭିସାରର ସ୍ୱପ୍ନ । ସେ ନିଜେ ନିଜର ପ୍ରେମିକ ଓ ଉପଭୋକ୍ତା' । ଏହି କବିତାଟିରେ ଭାବସାନ୍ଦ୍ରତାର ଅଭାବ ପ୍ରଥମ ଦୋଷ ହେଲେ ବି ଏକ ମନସ୍ତାତ୍ତ୍ୱିକ ଆବେଶ ଏହାକୁ ପରିବୃତ୍ତ କରିଅଛି । କିନ୍ତୁ ଏକ ଧାରାବାହିକ ଉଦ୍ୟମ ଓ ନିଷ୍ଠା ଅଭାବରେ ଏହି ଚେତନାର ଅଭିବୃଦ୍ଧି ଘଟିପାରି ନାହିଁ । ତେଣୁ ପରେ ପରେ ପୁଣି ଯୌବନର ଉଦ୍ଦାମ ସଙ୍ଗୀତ ଏହାର କ୍ଷୀଣ ସ୍ଥାୟୀତ୍ୱ ପାଇଁ ଅବସାଦ, ତରୁଣ ସୁଲଭ ଅଭିଳାଷର ଅନ୍ତର୍ବାଣୀ 'ଯଉବନ ଥରେ ଗଲେ ଆଉ ଆସେନା' କବିତାରେ ପ୍ରକାଶ ପାଇଛି । ଏ କବିତାଟିର କାବ୍ୟସ୍ୱର ଏକ ବିଷାଦବାଦୀ ଚେତନକୁ କେନ୍ଦ୍ର କରି ସଞ୍ଚାରିତ, କବି ଏଠାରେ ଏତେ ରୋମାଣ୍ଟିକ ଯେ ଯୌବନର ନିଷ୍କ୍ରମଣ ସହିତ ଜୀବନର ଅବସାନ ପାଇଁ ମଧ୍ୟ କାମନା କରିଛନ୍ତି । କାରଣ ଜୀବନ ପାଇଁ କୌଣସି ଅନିବାର୍ଯ୍ୟ ଓ ସ୍ୱାଭାବିକ ଭୟାବହତାକୁ ବରଣ କରିବାକୁ ସେ ପରାଙ୍ମୁଖ । ତଥାପି ଏ କବିତାଟିରେ ଚିନ୍ତାଧାରା ଖୁବ୍ କେନ୍ଦ୍ରାୟିତ ଓ ଏଥିରେ ଚିନ୍ତାର ଭାରସାମ୍ୟ ମଧ୍ୟ ପ୍ରତିଷ୍ଠିତ । ଏହି ଭାରସାମ୍ୟ ତାଙ୍କର ଅନ୍ୟ ଏକ କବିତା 'ହବିତା'ରେ ଉପଲବ୍ଧି କରାଯାଇ ପାରିବ ।

ଏ କବିତାଟିରେ ସମାଜପ୍ରତି କବିଚିନ୍ତାର ଅଙ୍ଗୀକାର ପ୍ରାଞ୍ଜଳ ହେଲେ ବି ଏହାର କୌଣସି କାବ୍ୟ ଉତ୍କର୍ଷ ନାହିଁ । ଏ କବିତାରେ ପୁନଶ୍ଚ କୁନ୍ତଳାକୁମାରୀଙ୍କ 'ଆହ୍ୱାନ' ଓ 'ସ୍ଫୁଲିଙ୍ଗ' ଆଦିର କାବ୍ୟସ୍ୱର ସହିତ ସାମ୍ୟ ପ୍ରତିଷ୍ଠିତ ହୋଇଥିବା ଲକ୍ଷ କରିହେବ । ୧୯୨୬ରେ ଲିଖିତ ଏକ ଦୀର୍ଘ କବିତା 'ପରିମହଲ'ର ପରିକଳ୍ପନାରେ କିନ୍ତୁ 'ସବିତା' ଭାବନିଷ୍ଠ ଉଦବୋଧନଶୀଳତା ଚହଲି ଯାଇଛି ଓ ଶ୍ରୀରାୟ ପୁନଶ୍ଚ ମାନସିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଛନ୍ତି । ଏହି କବିତାର ପରିକଳ୍ପନା ଅତ୍ୟନ୍ତ ଦୂରଗାମୀ (farfetched) ଓ ବାସ୍ତବତା ବିରହିତ । ରୋମାଣ୍ଟିକ କବିର ସମସ୍ତ ମାନସଚିତ୍ର-ଗ୍ରନ୍ଥମାଳା, ସଙ୍ଗିନୀ ପ୍ରେୟସୀ, ଫୁଲ ଓ ପଲ୍ଲବର ମୋହ, କେତକୀର ପରାଗ, ହେନାର ବାସ୍ନା, ଗୋଧୂଳିର ଅବଶ ସ୍ୱପ୍ନ ଓ ଅଭିସାରର ନିଶା,— ଏ କବିତାରେ ପର୍ଯ୍ୟାପ୍ତଭାବେ ସୁଲଭ । ପୁନଶ୍ଚ ଦୀର୍ଘତା ଭିତରେ ଏ କବିତାଟିର ଭାବାବେଗ ସ୍ୱାଭାବିକ ଭାବେ ଅନିୟନ୍ତ୍ରିତ । ପୁଣି ସମସାମୟିକ ଭାବେ ଲିଖିତ ଆଉ ଏକ କବିତା 'କମଳ ବିଳାସୀର ବିଦାୟ'ରେ କବି ସ୍ଥିତପ୍ରଜ୍ଞ ଓ ବସ୍ତୁରସମ୍ପନ୍ନ । ଜୀବନର ବନ୍ଧୁର ରୂଢ଼ ବାସ୍ତବତା ପ୍ରତି ଏ କବିତାଟିରେ ଏକ ବାସ୍ତବବାଦୀ ସଚେତନତା ପ୍ରକାଶ ପାଇଛି । ପଦ୍ମଭୁକ୍ କବି ଅତୀତର ସମସ୍ତ ସ୍ୱପ୍ନ ବିଳାସଠାରୁ ମେଲାଣି ନିଏଁ । କାରଣ ଜୀବନ ସଂଗ୍ରାମର ନିଷ୍ଠୁର ଓ ବାସ୍ତବ ଆହ୍ୱାନ ସେ ଶୁଣିବାକୁ ପାଇଛି । ଏହି ଉତ୍କଟ ବାସ୍ତବତାକୁ

Digitized by srujanika@gmail.com

ପଶିହାରି କହି କେତେଦିନ ସେ ପ୍ରେମ, ପ୍ରଣୟ, ଯୌବନ ଓ ପଲ୍ଲୀସୌନ୍ଦର୍ଯ୍ୟର ସ୍ୱପ୍ନ ଦେଖିପାରିବ ? ଏକ ଉଚ୍ଚାଟିତ ଆହ୍ୱାନରେ କବିତାର ସମସ୍ତ କୋମଳ ସ୍ୱପ୍ନର ନିର୍ବାସନ ତାର କାମ୍ୟ ; ତାର ଚେତନାରେ ଖାଲି ବସନ୍ତର ଉଲ୍ଲାସ ନୁହେଁ, ଶୀତର ହିମ ଶୀତଳ ଅଭ୍ୟାଗ୍ରର ମଧ୍ୟ ସତ୍ୟ । କେବଳ ବହିଃ ବିଶ୍ୱର ନୁହେଁ, ସ୍ୱଦେଶର ପ୍ରତିଧୂଳିକଣା, ପୃଥିବୀର ନଦୀ ଗିରିକାନନର ଡାକର୍ ମଧ୍ୟ ସତ୍ୟ । ପୁଣି ତା ଚେତନାରେ ରୋଗ, ଶୋକ, ଦୁଃଖ, ଦୈନ୍ୟ ପ୍ରପୀଡ଼ିତ ମଣିଷର ସ୍ୱର ଏକ ପ୍ରଗତିବାଦୀ ଅନୁଚେତନାର ବୈତାଳିକ ଭାବେ ବେଶ୍ ମନୋଜ୍ଞ ଓ ମନନ-ଶୀଳ । ତା'ର ଶ୍ୱାସର ପ୍ରଳୟର ଉତ୍କ୍ଷିପ୍ତ କମ୍ପନ, ପ୍ରତି ରକ୍ତକଣାରେ ତରଳ ଲାଭା-ସ୍ରୋତ । ତାଙ୍କ କାବ୍ୟଚେତନାର ଶେଷ ପ୍ରସ୍ତର ଏ ଉପଲବ୍ଧି ପୂର୍ବତନ ଚେତନାର ଏକ ସମନ୍ୱୟ ଶୀଳ ଶାଣିତ କାବ୍ୟ ପ୍ରତିକ୍ରିୟା ବୋଲି କହିବାକୁ ହେବ । ଏଠାରେ ଚିନ୍ତାରେ ଚମତ୍କାର ସିନ୍ଥେସିସ୍ ପ୍ରକାଶ ପାଇଥିଲେ ବି ଏହା ଅନ୍ନଦାଶଙ୍କର କାବ୍ୟମାନସର ପୂର୍ବଆଲୋଚିତ ଦ୍ୱନ୍ଦ୍ୱର ସମାଧାନ ନୁହେଁ । କାରଣ ଏଇ କବିତାଟିର ଶେଷରେ କବି ପୁଣି ଏକ ବିଷଣ୍ଣସ୍ୱର ପ୍ରକାଶ କରି କହିଛନ୍ତି—

"କମଲ ବିଳାସୀ କବି ମାଗୁଛୁ ବିଦାୟ
ଫେରିଲେ ଫେରିବ ଦିନେ ଉଦାସୀ ପ୍ରାୟ ।"

ଏ ଉଦାସୀନତା ଏକ ଦୃଢ଼ ଅଙ୍ଗୀକାରର ଅଭ୍ୟନ୍ତରରୁ ହିଁ ଜନ୍ମ ନେଇଛି । କଣ ତେବେ ଏହି କବି ପୁରୁଷର କାବ୍ୟ ଚିନ୍ତାର ଦୃଢ଼ ଆତ୍ମପ୍ରତ୍ୟୟ ? ଡକ୍ଟର ମାୟାଧର ମାନସିଂହଙ୍କ ଭାଷାରେ 'ଯୌବନର ସନ୍ଧିକାଳରେ ମନୁଷ୍ୟ ଚିତ୍ତ ଯେଉଁ ସବୁ ମାନସିକ ସଂଘର୍ଷରେ ମଥିତ ହୁଏ, ଏ କବିତା କେବଳ ତାହାର ଚିତ୍ର ନୁହେଁ, ସ୍ୱୟଂ ଅନ୍ନଦାଶଙ୍କର ଓଡ଼ିଆ ଓ ଓଡ଼ିଶାକୁ ଛାଡ଼ି ଯେ ବଙ୍ଗ ଓ ବଙ୍ଗଳାର ଆଶ୍ରୟ ନେଇଥିଲେ, ସେ ବିଷୟର ଏକ ଅସୁଖକର ପ୍ରତୀକ । ତେଣୁ ଏହି ଦ୍ୱନ୍ଦ୍ୱହିଁ ସମସ୍ତ ପୃଷ୍ଠପୋଷକତା ସତ୍ତ୍ୱେ ଶ୍ରୀରାୟଙ୍କୁ ଓଡ଼ିଆ କାବ୍ୟପରିସର ମଧ୍ୟରୁ ଦୂରେଇ ନେଇଛି, ଏବଂ ଯେତେଦୂର ମନେ ହୁଏ ପରେ ସେ ବଙ୍ଗଳା ଗଦ୍ୟ ସାହିତ୍ୟରେ ଏକ ଉଚ୍ଚ-ସିଦ୍ଧିର ଅଧିକାରୀ ହୋଇ ପାରିଥିଲେ ମଧ୍ୟ କବିତା ରଚନାରେ କୌଣସି କୃତିତ୍ୱର ସ୍ୱାକ୍ଷର ଦେଇ ପାରିନାହାନ୍ତି । ପୁନଶ୍ଚ ଓଡ଼ିଆ ରମ୍ୟ ରଚନା ଓ ସମାଲୋଚନାର କ୍ଷେତ୍ରରେ ସେ ଯେଉଁ ସଫଳତାର ଅଧିକାରୀ, କବିତା କ୍ଷେତ୍ରରେ ତାହା ହୋଇ ପାରିନାହିଁ । ଏହି ସୃଜନଶୀଳମାନଙ୍କ ପରେ ପରେ ସାହିତ୍ୟର ସମୀକ୍ଷା ଓ ପ୍ରବନ୍ଧ ରଚନାକୁହିଁ ବରଣ କରି ନେଇଛି ।

ତଥାପି ଏଇ ଚଉଦଟି କବିତା ମଧ୍ୟରେ ସବୁଜ-ସାରଥୀ ଅନ୍ନଦାଶଙ୍କରଙ୍କ ଏକ କୃତିତ୍ୱ ଯେ କୌଣସି ପାଠକ ଓ ସମାଲୋଚକଙ୍କୁ ନିଶ୍ଚୟ ଅଭିଭୂତ କରିବ ।

Digitized by srujanika@gmail.com

ତାଙ୍କ କବିତା ତାରୁଣ୍ୟର ଉଗ୍ରତା, ଉଦ୍ଧତ ଯୌବନର ଫେନିଳ ଉଦ୍ଦାମତା, ପୁଣି ବାର୍ଦ୍ଧକ୍ୟ ସୁଲଭ ସ୍ଥିରର ନିଷ୍ଠା ଓ ଧୀରତାର ପରିଚୟ ଯୁଗପତ୍ ବହନ କରେ । ସମସ୍ତ ବାଧା ବନ୍ଧନ ବିରୁଦ୍ଧରେ ଏ କବିତା ଯେପରି ଅବାରିତ ବିଦ୍ରୋହଶୀଳ, ସ୍ଥବିରତାରେ ସେତିକି କୁଣ୍ଠିତ ଓ ମ୍ରିୟମାଣ । ସମାଜର ପୁଞ୍ଜିତ ସ୍ଥିତି ବିରୁଦ୍ଧରେ ନବୀନ ସୃଷ୍ଟିର ଉନ୍ମାଦନା ଓ ପଳାୟମାନ ଅବଶୋଷ, ଏହିପରି ଦ୍ୱୈତସ୍ୱରରେ ତାଙ୍କ କାବ୍ୟ ଚେତନା ସବୁବେଳେ ଆନ୍ଦୋଳିତ ହୋଇଛି । କିନ୍ତୁ ଏ ଦ୍ୱୈତ ସ୍ୱରଠାରୁ ଦୂରରେ ରହି ସେ ଯେତେବେଳେ ପ୍ରେମ ଓ ପ୍ରଣୟର ସ୍ୱାଦ୍ୟ ମଧୁର ରୂପ ତାଙ୍କ କବିତାରେ ସ୍ୱାଭାବିକ ଭାବେ ପ୍ରକାଶ କରିଛନ୍ତି ସେଠାରେ ତାଙ୍କ କାବ୍ୟ ସ୍ୱରର ପରିମିତୋ (Accurcy) ଉପଲବ୍ଧି କରିହେବ । ସଂକଳନ କାମ୍ନା 'ସବୁଜ ଅକ୍ଷର'ରେ ସନ୍ନିବେଶିତ ହୋଇନଥିବା ଏହିପରି ଦୁଇଟି କବିତା 'ଚିରନ୍ତନ ନର ଗୃହେଁ ଚିରନ୍ତନ ନାରୀ' ଓ 'ନୀରବ କବି' ଏହି କାବ୍ୟ ଚିନ୍ତାର ମନସ୍ତାତ୍ତ୍ୱିକ ବୈଶିଷ୍ଟ୍ୟ ଅତି ରୁଚିପୂର୍ଣ୍ଣ ରୂପେ ପ୍ରମାଣିତ ହୋଇଛି । ଏହି ରୁଚିଶୀଳତା ଛନ୍ଦ ପ୍ରୟୋଗ ଓ ଭାଷା ପ୍ରୟୋଗ ଅଧିକତର ମୌଳିକ ସ୍ୱାକ୍ଷର ବହନ କରିଛି । ଆଧୁନିକ ଓଡ଼ିଆ କବିତାରେ ପୁରାତନ ଛନ୍ଦକୁ ପରିହାସ କରି ନୂତନ ଛନ୍ଦ ପ୍ରୟୋଗରେ, ବିଶେଷତଃ ଧାବମାନ ଛନ୍ଦ (କମଳ ବିଳାସୀର ବିଦାୟ) ଓ ମାତ୍ରା ବୃତ୍ତଛନ୍ଦ ପ୍ରୟୋଗରେ ସେ ଅଗ୍ରଗାମୀ । ବସ୍ତୁତଃ ସବୁଜ ଗୋଷ୍ଠୀର ସମସ୍ତ କବି ଏ ଦିଗରେ ଓଡ଼ିଆ ସାହିତ୍ୟକୁ ଯେ ସମୃଦ୍ଧ କରିଛନ୍ତି ଓ ବ୍ୟାପକ ଭାବେ ବଙ୍ଗୀୟ ଛନ୍ଦ ଅନୁକରଣରେ ନୂତନ ଛନ୍ଦ ପ୍ରଚଳନ କରିଛନ୍ତି, ଏହା ସର୍ବବାଦୀସମ୍ମତ ।

ଅନ୍ନଦାଶଙ୍କର ଏକ ସାହିତ୍ୟ ସଭାରେ ସବୁଜ ସୃଷ୍ଟି ସମ୍ପର୍କରେ ମନ୍ତବ୍ୟ ଦେଇ କହିଛନ୍ତି ଯେ '୧୯୨୧ରୁ ୧୯୩୫ ପର୍ଯ୍ୟନ୍ତ ପ୍ରାୟ ପନ୍ଦର ବର୍ଷ ମଧ୍ୟରେ ସେମାନଙ୍କ ସମବେତ ସାହିତ୍ୟ ସାଧନାକୁ ହୁଏତ ଭବିଷ୍ୟତ ଯଥେଷ୍ଟ ଗୁରୁତ୍ୱ ଦେବ ନାହିଁ, କିନ୍ତୁ ସାହିତ୍ୟର ଇତିହାସରେ ତାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । କ'ଣ ସେ ସ୍ୱତନ୍ତ୍ର ସ୍ଥାନ ? କୌଣସି କୌଣସି ଭାବପ୍ରବଣ ସମାଲୋଚକଙ୍କ ମନବ୍ୟ ଅନୁସାରେ ଏହାହିଁ କି 'ସବୁଜ ଯୁଗ'ର ରୂପରେଖ ? ଓଡ଼ିଆ ସାହିତ୍ୟର ଇତିହାସରେ ସବୁଜ କଣ ଏକ ସାହିତ୍ୟ ଯୁଗ ? ନା ଏକ ଉଚ୍ଛ୍ୱାସପୂର୍ଣ୍ଣ ସାମୟିକ ଅଭିବ୍ୟକ୍ତି ? ଇତିହାସର ନିର୍ମମ ନୀତି ମଧ୍ୟରୁ ଅନ୍ତତଃ ଏ ସତ୍ୟକୁ ଅସ୍ୱୀକାର କରି ସ୍ପଷ୍ଟ ଓ ନିରପେକ୍ଷ ଭାବରେ ସବୁଜ କାବ୍ୟ ଚେତନାକୁ ଆକଳନ କରିବାର ବେଳ ଆସିଛି । ଏ ଭଳି ମୂଲ୍ୟାୟନରେ ଅନ୍ତର୍ଗତ ସମସ୍ତ ଭାବ ପ୍ରବଣତାକୁ ପରିହାର କରି ଇତିହାସ ଦୃଷ୍ଟିରୁ ହିଁ ସବୁଜ କାବ୍ୟ ଚେତନାକୁ ସମୀକ୍ଷା କରିବାକୁ ହେବ । ଏଥିପାଇଁ ସବୁଜ ସାରଥୀ ଅନ୍ନଦାଶଙ୍କରଙ୍କ ଆତ୍ମଦ୍ୱନ୍ଦ୍ୱ ଓ ଆତ୍ମ ନିବେଦନହିଁ ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନେଇ ଠିଆ ହେବ ।

Digitized by srujanika@gmail.com

ଏ ଭଳି ଆଲୋଚନା ଏକା ବେଳେ ଏକଦେଶଦର୍ଶୀ । ସବୁଜ ଗୋଷ୍ଠୀର ୩୫ ଖଣ୍ଡ ପ୍ରକାଶିତ ବହି ପ୍ରତି ଦୃଷ୍ଟି ନଦେଇ ଏବଂ ସେମାନଙ୍କର ୧୯୩୧ ଠାରୁ ୧୯୩୫ ଯାଏ ସାହିତ୍ୟ ସୃଷ୍ଟିକୁ ବିଚାର ନକରି ଖାଲି ଅନ୍ନଦାଶଙ୍କରଙ୍କର ୧୯୨୭ ରେ ଶେଷ ହୋଇଥିବା କେତୋଟି କବିତାକୁ ସାମସ୍ତିକ ଭାବୋଚ୍ଛ୍ୱାସ କହିଲ ବେଳେ ବିଦଗ୍ଧ ସମାଲୋଚକ ସବୁଜ ଗୋଷ୍ଠୀର ସମସ୍ତ ସାହିତ୍ୟ ସୃଷ୍ଟି ପ୍ରତି ନିରପେକ୍ଷ ବିଚାର କରି ନାହାନ୍ତି ବୋଲି ମନେହୁଏ । ଯଥାର୍ଥ ମୂଲ୍ୟାଙ୍କନରେ ଏ ସବୁ ୩୫ ଟି ଯାକ ପ୍ରକାଶନକୁ ଏବଂ ଶରତଚନ୍ଦ୍ରଙ୍କ ସମ୍ପାଦିତ 'ପଲ୍ଲୀମଙ୍ଗଳ'କୁ ଓ ହରିହର ମହାପାତ୍ରଙ୍କ ସମ୍ପାଦିତ 'ଯୁଗବାଣୀ'କୁ ଏବଂ ସବୁଜ ଗୋଷ୍ଠୀର ୧୯୩୧ ସାଲ ପୂର୍ବରୁ ପ୍ରକାଶିତ ସମଗ୍ର ରଚନାକୁ ବିଚାରକୁ ନ ନେଲେ ମୂଲ୍ୟାୟନ ଯଥାର୍ଥ ଓ ନିରପେକ୍ଷ ହେବ ନାହିଁ ।

Digitized by srujanika@gmail.com

॥ ଅଷ୍ଟମ ପରିଚ୍ଛେଦ ॥

ସବୁଜ ସାହିତ୍ୟ ସମିତିର ସଭ୍ୟମାନଙ୍କୁ ସମ୍ବର୍ଦ୍ଧନା

ସବୁଜ ସାହିତ୍ୟ ସମିତିର ବିଲୟର ବହୁ ବର୍ଷପରେ ମଧ୍ୟ ଦେଶବାସୀ କୃତଜ୍ଞ ଚିତ୍ତରେ ସବୁଜଗୋଷ୍ଠୀର ସାହିତ୍ୟସେବା କଥା ସ୍ମରଣ କରିଥିଲେ । କେତେକ ପ୍ରତିନିଧିମୂଳକ ଅନୁଷ୍ଠାନ ଏ ବିଷୟରେ ବିଶେଷ ତତ୍ପର ହୋଇଥିଲେ । ଏମାନଙ୍କ ମଧ୍ୟରେ ସେମାନଙ୍କ ପୂର୍ବ ବିଦ୍ୟାଳୟ କଟକର ରେଭେନ୍ସା କଲେଜ ପୂର୍ବ ହଷ୍ଟେଲ, କର୍ମବୀର ଗୌରୀଶଙ୍କର ସ୍ମୃତିସଂସଦ, ରେଭେନ୍ସା କଲେଜରେ ଅନୁଷ୍ଠିତ ନୀଳକଣ୍ଠ ସ୍ମୃତିସଂସଦର ବିଶେଷ ଅଧିବେଶନ, ଶୈଳବାଳା ମହିଳା କଲେଜ ଓ କଟକ ସାହିତ୍ୟସଂସଦ ପ୍ରଭୃତି କେତେକ । ସେହି ସବୁ ଘଟଣାର ସଂକ୍ଷିପ୍ତ ବିବରଣୀ ନିମ୍ନରେ ଦିଆଗଲା :—

ତା ୩୦ । ୧ । ୮୦ ରିଖ ଦିନ ଶୈଳବାଳା ମହିଳାକଲେଜର ସାଂସ୍କୃତିକ ଉତ୍ସବରେ ସବୁଜକବିଙ୍କୁ ଯେଉଁ ସମ୍ବର୍ଦ୍ଧନା ଦିଆଯାଇଥିଲା, ସୁ-ସାହିତ୍ୟିକ ଅଧ୍ୟାପକ ରାଜକିଶୋର ରାୟ ତାର ଗୋଟିଏ ସଂକ୍ଷିପ୍ତ ମନୋଜ୍ଞ ବିବରଣୀ ତା ୯।୨।୮୦ ରିଖ ଦିନ 'ପ୍ରଜାତନ୍ତ୍ର'ରେ ପ୍ରକାଶ କରିଥିଲେ । ତାହା ନିମ୍ନରେ ଦିଆଗଲା :—

"ଗତ ଜାନୁୟାରୀ ୩୦ ତାରିଖ ଅପରାହ୍ଣରେ ବୃକ୍ଷଲତା ପୁଷ୍ପବାସ ସ୍ନିଗ୍ଧ ପରିବେଶରେ ଏକ ମନୋଜ୍ଞ ଅନୁଷ୍ଠାନ ଶୈଳବାଳାମହିଳା କଲେଜରେ ଅନୁଷ୍ଠିତ ହୋଇଥିଲା । ଶୃଙ୍ଖଳା, ସମାରୋହ ଓ ବରଣୀତଙ୍କପ୍ରତି ଅନୁରାଗ ଥିଲା ଏହାର ବିଶେଷତ୍ୱ । ସମଗ୍ର ଉତ୍ସବଟି ଗୋଟିଏ ସବୁଜ ପକ୍ଷ ରାଜ୍ୟର ସମ୍ମୋହନ ସ୍ପର୍ଶର ତରଙ୍ଗ ଖେଳାଇଥିଲା ।

ଉତ୍ସବଟି ଥିଲା ସବୁଜଗୋଷ୍ଠୀ ପ୍ରବୀଣ କବି ସର୍ବଶ୍ରୀ ଅନ୍ନଦାଶଙ୍କର ରାୟ, କାଳିନ୍ଦୀଚରଣ ପାଣିଗ୍ରାହୀ, ଶରତଚନ୍ଦ୍ର ମୁଖର୍ଜୀ ଓ ହରିହର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନର ଉତ୍ସବ । ଅଧ୍ୟକ୍ଷ ଡକ୍ଟର ଶ୍ରୀମତୀ ସାବିତ୍ରୀ ରାଉତ, ତାଙ୍କର ଅଧ୍ୟାପିକାଗଣ ଓ ଛାତ୍ରୀମାନଙ୍କର ମିଳିତ ଉଦ୍ୟମ ଉତ୍ସବର ସଫଳତା ପାଇଁ ଦାୟୀ । ଏହାର ଦୁଇଟି ବିଶେଷ ଆକର୍ଷଣ ଥିଲା । ଅଧ୍ୟାପକ ଶ୍ରୀ ରାଜକିଶୋରରାୟଙ୍କ ଚାରିଗୋଟି କବିଙ୍କର ସବୁଜଯୁଗର ମନଛୁଆଁ ସଙ୍ଗୀତ । ଯଥାକ୍ରମେ ତାହାଥିଲା 'ସବୁଜପକ୍ଷୀ ଆସ, ପକ୍ଷ ରହେ କାନଡେର ଊର୍ଦ୍ଧ୍ୱେ ଶୃଙ୍ଗେ ଯାଏ', 'ପ୍ରଭାତ

Digitized by srujanika@gmail.com

ଗୀତର ଗୌରବ ମୋର, ସନ୍ଧ୍ୟା ଦୀପର ସୌରଭ', 'ଜନ୍ମଭୂମିରେ ଗମ୍ଭୀର କଣିଥେ, କଏ ଗାଏ ଆଜ ଗାନ' ? ଏବଂ 'ବାଉଁଶର ସଙ୍ଗେ ଫେନଳ ତରଙ୍ଗ ମିଶି ନାନାରଙ୍ଗେ, ନାଚନ୍ତି ତୁହ୍ନ କେତେ ଲୋ' ।

ଅଧ୍ୟାପକ ରାୟ ସାହିତ୍ୟିକ, ସୁବକ୍ତା, ଚଳଚ୍ଚିତ୍ର ଓ ରଙ୍ଗଭୂମିର ଅଭିନେତା, ଆକାଶବାଣୀ ନାଟକ, ଦୂରଦର୍ଶନର ସଫଳ ରୂପକାର ଭାବରେ ସୁପରିଚିତ । ମାତ୍ର ସେ ଯେ, ସଙ୍ଗୀତ ଶିଳ୍ପୀ ଏବଂ ଗୁରୁଗୋଷ୍ଠି କବିତାର ସୁରକାର ଭାବରେ ଗୁରୁଗୋଷ୍ଠି ବିଭିନ୍ନ ରାଗ ରାଗିଣୀରେ ସାର୍ଥକ ପରିବେଷଣ କରି ପାରିଲେ, ତାହା ଶ୍ରୋତା ମାନଙ୍କୁ ବିସ୍ମିତ କରିଦେଇଥିଲା ।

ଦ୍ୱିତୀୟ ଆକର୍ଷଣ ଥିଲା ଅଧ୍ୟାପିକା ମନୋରମା ମହାପାତ୍ରଙ୍କର କବି-ପ୍ରଶସ୍ତି ଗୀତିକା ଆବୃତ୍ତି । ତାଙ୍କର ଶୈଳୀ ଓ ଭାବାବେଶ ଅଭିନନ୍ଦନୀୟ ଥିଲା । ଯନ୍ତ୍ର କେଉଁ ପରିବେଶ ଏମାନେ କଏ ? ତାର ଉତ୍ତର ହେଉଛି ଅଧ୍ୟାପକ ରାୟଙ୍କ କନ୍ୟାମାନେ, ଏ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ ଏବଂ ମନୋରମା ମଧ୍ୟ ପୂର୍ବତନ ଛାତ୍ରୀ । ଏହି ଅବସରରେ ସେମାନେ ସହଯୋଗ କରି ଅନୁଷ୍ଠାନକୁ ଜୀବନ୍ତ କରି ପାରିଥିଲେ ।

ଛାତ୍ରୀମାନଙ୍କର ପ୍ରାରମ୍ଭିକ ଓ ଶେଷ ସଙ୍ଗୀତ ଉଚ୍ଚକୋଟୀର ଥିଲା । ଅର୍ଥନୀତି ଅଧ୍ୟାପିକା ସୁସାହିତ୍ୟିକା ଶ୍ରୀମତୀ ବୀଣା ମହାନ୍ତିଙ୍କର କାର୍ଯ୍ୟସୂଚୀର ଘୋଷଣା ସରସ ଓ ସାବଲୀଳ ଥିଲା । ଏ ସମଗ୍ର ଆନନ୍ଦ ବିହ୍ୱଳ ମୁହୂର୍ତ୍ତଗୁଡ଼ିକରେ ସ୍ୱର୍ଗତ କବି ବୈକୁଣ୍ଠ ନାଥ ପଟ୍ଟନାୟକଙ୍କୁ କେହି ଭୁଲି ନଥିଲେ । ଶେଷରେ ତାଙ୍କ କବିତା 'ଜୀବନ ପାତ୍ର ମୋ ଭରିଛ କେତେମତେ'କୁ ଶ୍ରୀମତୀ ବୀଣା ମହାନ୍ତି ଆବୃତ୍ତି କରି ଦୁଃଖ ଦାୟକ ସ୍ମୃତିରେ ତର୍ପଣ କରିଥିଲେ । ବ୍ୟାଣ୍ଡ ବାଜାର ମଧୁର ତାଳରେ ଅତିଥି ମାନଙ୍କୁ ମଞ୍ଚ ଉପରକୁ ଆଣିବାଠାରୁ, ମଧୁସୂଦନଙ୍କ ବିଗ୍ରହରେ ପୁଷ୍ପମାଲ୍ୟାର୍ପଣ ଓ କବିମାନଙ୍କ ପାଦପୂଜା ତଥା ଉପାୟନ ପ୍ରଦାନ ପର୍ଯ୍ୟନ୍ତ ଜମେ ଅସ୍ତମିତ ସୂର୍ଯ୍ୟଙ୍କର ରଶ୍ମିଜାଲ ଭିତରେ ଅନୁଷ୍ଠିତ । ଏ' ଉତ୍ସବଟି ଦୀର୍ଘକାଳ ସ୍ମୃତିରେ ସ୍ଥାନ ପାଇବ, ଏହା ନିଃସନ୍ଦେହରେ କୁହାଯାଇ ପାରେ ।

କର୍ମବୀର ସ୍ମୃତି ସଂସଦର ପ୍ରେସିଡେଣ୍ଟ ଶ୍ରୀଯୁକ୍ତ ସୁଶୀଲ ଚନ୍ଦ୍ର ପାଳିତ ଆଇ. ଏ. ଏସ୍. ରିଟାୟର୍ଡ଼ ଓ ଓଡ଼ିଶା ରାଜ୍ୟପାଳଙ୍କର ରିଟାୟର୍ଡ଼ ସଂପାଦକ ସବୁଜ ସମିତିର ପ୍ରତିଷ୍ଠାତା ସଭ୍ୟଙ୍କୁ ତା ୧୦ । ୧ । ୮୦ ରିଖରେ ଚିଠି ଲେଖି ଜଣାଇ ଥିଲେ ଆପଣଙ୍କର ଜୀବନବ୍ୟାପି ସାହିତ୍ୟ ସେବା ପାଇଁ ଗୌରୀଶଙ୍କର ସ୍ମୃତି ସଂସଦ ଆପଣଙ୍କୁ ସମ୍ମାନିତ କରିବା ନିମନ୍ତେ ତା ୩୦ । ୧ । ୮୦ ଦିନ ଅମ ପ୍ରାଙ୍ଗଣରେ ସନ୍ଧ୍ୟା ସମୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେବ । ପରେ

Digitized by srujanika@gmail.com

'ସମାଜ'ରେ ସମ୍ବର୍ଦ୍ଧନା ସଭାର ବହୁ ସଂଖ୍ୟକ ଫଟୋଚିତ୍ର ସହିତ ତା ୯।୨।୮୦ ରିଖରେ ନିମ୍ନ ଲିଖିତ ବିବରଣୀ ପ୍ରକାଶିତ ହୋଇଥିଲା:—

କଟକ, ତା ୩।୧।୮୦—ଓଡ଼ିଆ ଜାତିର ଦୁର୍ଦ୍ଦିନରେ କର୍ମବୀର ଗୌରୀଶଙ୍କର ରାୟଙ୍କ ମହାନ୍ ଅବଦାନ ଏ ଜାତି ଆଦୌ ଭୁଲି ପାରିବ ନାହିଁ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ଅଭିମତ ପ୍ରକାଶ କରିଛନ୍ତି।

ଗତ ସନ୍ଧ୍ୟାରେ ଓଡ଼ିଆ 'ସବୁଜ ସାହିତ୍ୟ'ର ପଞ୍ଚସଖାଙ୍କ ସମ୍ମାନାର୍ଥେ କର୍ମବୀର ଗୌରୀଶଙ୍କର ସ୍ମୃତି ସଂସଦ ଆନୁକୂଲ୍ୟରେ କାଠଗଡ଼ାସାହିସ୍ଥିତ କାୟସ୍ଥ ଛାତ୍ରାବାସ ପ୍ରାଙ୍ଗଣରେ ଆୟୋଜିତ ଏକ ବିଶେଷ ସମ୍ବର୍ଦ୍ଧନା ଉତ୍ସବରେ 'ସମାଜ' ସମ୍ପାଦକ ଡକ୍ଟର ରାଧାନାଥ ରଥ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଥିଲେ। ସଂସଦର ସଭାପତି ଶ୍ରୀ ସୁଶୀଲ ଚନ୍ଦ୍ର ପାଲିତ ଉତ୍ସବରେ ପୌରୋହିତ୍ୟ କରିଥିଲେ।

ସଂଗଠନ ସମ୍ପାଦକ ଶ୍ରୀ ଅନିଲ କୁମାର ଘୋଷ ସଂସଦର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ କହିଲେ ଯେ କର୍ମବୀର ଗୌରୀଶଙ୍କରଙ୍କ ଆଦର୍ଶକୁ ରୂପାୟିତ କରିବା ହିଁ ଏହି ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ। ରାଜ୍ୟର ଖ୍ୟାତନାମା ସାହିତ୍ୟିକ, ଐତିହାସିକ, ସମାଜ ସଂସ୍କାରକଙ୍କୁ ଅଭିନନ୍ଦିତ କରିବା, ଗୌରୀଶଙ୍କରଙ୍କ ପ୍ରାମାଣିକ ମୂର୍ତ୍ତିଙ୍କ ଜୀବନୀ ପ୍ରକାଶ କରିବା, କଟକରେ ଏକ ଜାତୀୟ ଗ୍ରନ୍ଥାଗାର ସ୍ଥାପନ କରିବା ଓ ସହରର ୩ଟି ମୁଖ୍ୟ ସ୍ଥାନରେ ଗୌରୀଶଙ୍କରଙ୍କର ପ୍ରତି ମୂର୍ତ୍ତି ପ୍ରତିଷ୍ଠା କରିବା ପ୍ରଭୃତି ଦିଗରେ ଏହି ସଙ୍ଗଠନ କାର୍ଯ୍ୟ କରୁଛି। ଏ ସମସ୍ତ କାର୍ଯ୍ୟର ସଫଳତା ପାଇଁ ସେ ଜନସାଧାରଣଙ୍କ ପୂର୍ଣ୍ଣ ସହଯୋଗ କାମନା କରିଥିଲେ।

ମୁଖ୍ୟ ଅତିଥି ଡକ୍ଟର ରଥ ତାଙ୍କ ଅଭିଭାଷଣରେ କହିଲେ ଯେ ଓଡ଼ିଆ ଜାତିର ଦୁର୍ଦ୍ଦିନରେ ଯେଉଁ କେତେଜଣ ଯୋଗଜନ୍ମା ମହାନ୍ ଜାତିର ଭାଷା ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବା ଲାଗି ପ୍ରାଣପାତ ଉଦ୍ୟମ କରିଥିଲେ ସେମାନଙ୍କ ମଧ୍ୟରେ କର୍ମବୀର ଗୌରୀ ଶଙ୍କର ଅନ୍ୟତମ।

ସେ କହିଲେ ଯେ, ୧୮୬୫-୬୬ରେ ଓଡ଼ିଶାରେ ଯେଉଁ ଭୟାବହ ନ'ଅଙ୍କ ଦୁର୍ଭିକ୍ଷ ଦେଖା ଦେଇଥିଲା, ସେ ସମୟରେ ବିପନ୍ନ ଲୋକମାନଙ୍କ ପ୍ରତି କର୍ମବୀର ଗୌରୀ ଶଙ୍କର ଓ ଆଦିନେତା ବିଚିତ୍ରାନନ୍ଦ ଦାସଙ୍କ ସାହାଯ୍ୟ ସହାନୁଭୂତି ଏ ଜାତି କଦାପି ଭୁଲି ପାରିବ ନାହିଁ। ଏହି ଦୁଇ ମନୀଷୀଙ୍କର ଘଟଣାବହୁଳ ଜୀବନୀ ସମ୍ପର୍କରେ ବହୁ ତଥ୍ୟ ବର୍ତ୍ତମାନ ସୁଦ୍ଧା ଅଜଣା ରହିଛି। ତେଣୁ

Digitized by srujanika@gmail.com

ସେମାନଙ୍କ ପୂର୍ଣ୍ଣାଙ୍ଗ ପ୍ରାମାଣିକ ଜୀବନ ଗ୍ରନ୍ଥ ରଚନା ଦିଗରେ ଗବେଷକମାନେ ଉଦ୍ୟମ କରିବେ । ସ୍ଥାନୀୟ ରେଭେନ୍ୟୁ ଅଫିସରୁ ଏ ସମ୍ପର୍କରେ ବହୁତଥ୍ୟ ମିଳି ପାରିବ ।

ଡକ୍ଟର ରଥ କହିଲେ ଯେ, ସରକାରୀ ଚାକିରିରେ ଥାଇ ମଧ୍ୟ କର୍ମବୀର ଗୌରୀଶଙ୍କର ଅତ୍ୟନ୍ତ ନିର୍ଭୀକ ଭାବରେ 'ଉତ୍କଳ ଦୀପିକା' ପ୍ରକାଶ କରୁଥିଲେ । ଏଥିରେ ସେ ନ'ଅଙ୍କ ଦୁର୍ଭିକ୍ଷ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରକାଶ କରୁଥିଲେ । ଓଡ଼ିଆ ପୁରାଣ ସାହିତ୍ୟକୁ ଅଧିକ ଲୋକପ୍ରିୟ କରିବା ପାଇଁ ମଧ୍ୟ ସେ ଉଦ୍ୟମ କରୁଥିଲେ । କଟକର ଟାଉନହଲ, କାୟସ୍ଥ ଛାତ୍ରାବାସ ଓ ବାଳିକା ସ୍କୁଲ ପ୍ରଭୃତି ନିର୍ମାଣ ଲାଗି ତାଙ୍କର ଅବଦାନ ଉଲ୍ଲେଖନୀୟ । ଦରିଦ୍ର ମେଧାବୀ ଛାତ୍ରମାନଙ୍କୁ ସେ ଅକୁଣ୍ଠିତ ଚିତ୍ତରେ ସାହାଯ୍ୟ କରୁଥିଲେ । ଏହିସବୁ ଦୃଷ୍ଟିରୁ କର୍ମବୀରଙ୍କ ସମଗ୍ରଜୀବନ ଆମର ଭବିଷ୍ୟତ ବଂଶଧର ପାଇଁ ପ୍ରେରଣାର ଉତ୍ସ ବୋଲି ଡକ୍ଟର ରଥ ମତ ପ୍ରକାଶ କରିଥିଲେ ।

ପଞ୍ଚ କବିସଖାଙ୍କ ସମ୍ବର୍ଦ୍ଧନା :

ଓଡ଼ିଆ ସବୁଜ ସାହିତ୍ୟ ସ୍ରଷ୍ଟା ପ୍ରଖ୍ୟାତ ସାହିତ୍ୟିକ ଶ୍ରୀ ଅନ୍ନଦାଶଙ୍କର ରାୟ, ଜଷ୍ଟିସ ଶ୍ରୀ ହରିହର ମହାପାତ୍ର, ଡକ୍ଟର କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ଶ୍ରୀ ଶରତଚନ୍ଦ୍ର ମୁଖାର୍ଜିଙ୍କୁ ସଂସଦ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ-ଥିଲା । ପ୍ରତ୍ୟେକ କବିଙ୍କୁ ଆକର୍ଷଣୀୟ ମାନପତ୍ର ଓ ପୁଷ୍ପମାଳ ପ୍ରଦାନ କରାଯାଇଥିଲା । ସବୁଜ ଯୁଗର ଅନ୍ୟତମ ମହାରଥୀ ସ୍ୱର୍ଗତ ବୈକୁଣ୍ଠ ନାଥ ପଟ୍ଟନାୟକଙ୍କ ପୁତ୍ର ଶ୍ରୀ ଦେବପ୍ରିୟ ପଟ୍ଟନାୟକ ପିତାଙ୍କର ମାନପତ୍ର ଗ୍ରହଣ କରିଥିଲେ ।

ସମ୍ବର୍ଦ୍ଧନାର ଉତ୍ତରରେ କବିମାନେ ସଂସଦ ପ୍ରତି ସେମାନଙ୍କର ଆନ୍ତରିକ କୃତଜ୍ଞତା ପ୍ରକାଶ କରିଥିଲେ ।

ଶ୍ରୀଯୁକ୍ତ ରାୟ କହିଲେ ଯେ, କୌଣସି ଲେଖକ ସ୍ୱାବଲମ୍ବୀ ନୁହଁନ୍ତି । ସେମାନଙ୍କୁ ପ୍ରତିଷ୍ଠିତ କରିବାରେ କେହିନା କେହି ସାହାଯ୍ୟ କରନ୍ତି । ଆମର ଏହି ସବୁଜ ଗୋଷ୍ଠୀ, ଉତ୍କଳ ବରେଣ୍ୟ ବିଖ୍ୟାତ ସାହିତ୍ୟିକ ବାଗ୍ମୀ ବିଶ୍ୱନାଥ କର ଓ ସ୍ୱର୍ଗତ ଲକ୍ଷ୍ମୀନାରାୟଣ ସାହୁଙ୍କର ପ୍ରେରଣା ଓ ଉତ୍ସାହ ଭୁଲି ପାରିବେ ନାହିଁ । କର୍ମବୀର ଗୌରୀଶଙ୍କର ରାୟଙ୍କର ସ୍ଥାୟୀ ସ୍ମୃତିରକ୍ଷା ଦିଗରେ ଯଥାର୍ଥ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ ।

କବି ଡକ୍ଟର ପାଣିଗ୍ରାହୀ କହିଲେ ଯେ ଆମେ ବିଶ୍ୱକବି ରବୀନ୍ଦ୍ରନାଥ ଓ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ମହାନ୍ ଆଦର୍ଶରେ ବହୁଭାବରେ ଅନୁପ୍ରାଣିତ

Digitized by srujanika@gmail.com

ହୋଇଥିଲା । ଆଜିର ସମ୍ବର୍ଦ୍ଧନା ସେହି ମନୀଷୀମାନଙ୍କର ଆଦର୍ଶ ପ୍ରତି କରାଯାଇଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ଶ୍ରୀ ଶରତଚନ୍ଦ୍ର ମୁଖର୍ଜୀ କହିଲେ ଯେ, ପଣ୍ଡିତ ଗୋପବନ୍ଧୁ ଓ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟିକ ଆଦର୍ଶ ଅମକୁ ବିଶେଷ ଭାବରେ ପ୍ରଭାବିତ କରିଥିଲା । ସବୁଜଗୋଷ୍ଠୀ, 'ସତ୍ୟବାଦୀ' ଗୋଷ୍ଠୀର ଦାୟାଦ କହିଲେ ଅତ୍ୟୁକ୍ତି ହେବନାହିଁ ।

ଜଷ୍ଟିସ ମହାପାତ୍ର କହିଲେ ଯେ, ଆଜିର ଏ ସମ୍ବର୍ଦ୍ଧନା ବ୍ୟକ୍ତିଗତ ସମ୍ବର୍ଦ୍ଧନା ନୁହେଁ । ଏହା ଆଦର୍ଶର ସମ୍ବର୍ଦ୍ଧନା । ସେ ଯୁଗର ସବୁଜିମା ଦେହର ନଥିଲା, କିମ୍ବା ମନର ନଥିଲା । ସେ ଥିଲା ଆଦର୍ଶର ସବୁଜିମା ।

ସେ କହିଲେ ଯେ, ଖ୍ୟାତନାମା ସାହିତ୍ୟିକମାନେ ଓଡ଼ିଆ ସଂସ୍କୃତିର ଯେଉଁ ପ୍ଳାବନ ଖେଳାଇ ଦେଇଥିଲେ, ଆଜି ତାହାର ପଟ୍ଟରେ ସଂସ୍କୃତି ସାହିତ୍ୟ ଓ ଦେଶ ପ୍ରୀତିରୂପକ ଶସ୍ୟର ବିକାଶ ଘଟିଛି ।

ଡକ୍ଟର କୃଷ୍ଣବିହାରୀ ଦାଶ ସବୁଜ ଯୁଗ ଓ ପଞ୍ଚସଖାଙ୍କର ପରିଚୟ ପ୍ରଦାନ କରିବାକୁଯାଇ କହିଲେଯେ, ଆନ୍ତର୍ଜାତିକ ଭାବଧାରାକୁ ଓଡ଼ିଆ ସାହିତ୍ୟରେ ପ୍ରବେଶ କରାଇବାରେ ସବୁଜଯୁଗ ସ୍ରଷ୍ଟାମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେହି ସ୍ରଷ୍ଟାମାନେ ଚିରସବୁଜ ରହି ଅମକୁ ପ୍ରେରଣା ଦିଅନ୍ତୁ ବୋଲି ସେ କହିଥିଲେ ।

ଅଧ୍ୟାପକ ପୂର୍ଣ୍ଣେନ୍ଦୁଲାଲ ବୋଷ ମାନପତ୍ର ପାଠ କରିଥିଲେ । କୁମାରୀ ଅମିତା ବୋଷ ଓ ଶ୍ରୀ ଆଶିଷ ବୋଷ ସବୁଜକବିତା ଆବୃତ୍ତି କରିଥିଲେ । ଶେଷରେ ଶ୍ରୀ ଶୁଭେନ୍ଦୁମୋହନ ଶ୍ରୀଚନ୍ଦନସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

ଉତ୍ସବରେ ବିଶିଷ୍ଟ ଐତିହାସିକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଡାକ୍ତର ଶରତଚନ୍ଦ୍ର ମିଶ୍ର, ଶ୍ରୀ ବିବୁଧେନ୍ଦୁ ମିଶ୍ର, ଅଧ୍ୟାପକ ରାଜକିଶୋର ରାୟ, ଶ୍ରୀ ଭୂପେନ ବୋଷ, ଡକ୍ଟର ଜାନକୀବଲ୍ଲଭ ମହାନ୍ତି, ଇଞ୍ଜିନିୟର ମଧୁସୂଦନ ଦାସ ଓ ଡାକ୍ତର ସନାତନ ମୁଖାର୍ଜୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

Digitized by srujanika@gmail.com

ଶ୍ରଦ୍ଧାଞ୍ଜଳି

ସ୍ୱର୍ଗୀୟ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ନିମ୍ନଲିଖିତ ମାନପତ୍ର ଦିଆଯାଇଥିଲା :—

ସବୁଜ ଯୁଗର ଅନ୍ୟତମ ମହାରଥୀ
ସ୍ୱର୍ଗତ କବି ବୈକୁଣ୍ଠନାଥ ପଟ୍ଟନାୟକ, ମହତ୍‌ଚରଣେଷୁ !

ହେ ଅମର ଆତ୍ମା !

କବିଭୂମି ଉତ୍କଳର ଯେଉଁ କେତେଜଣ ସାରସ୍ୱତ-ପ୍ରତିଭା ସେମାନଙ୍କ ବଳିଷ୍ଠ ଲେଖନୀ ଚଳାଇ ଏ ଦେଶର ସାହିତ୍ୟକୁ ରୁଚିଶୀଳ ଓ ସମୃଦ୍ଧିଶାଳୀ କରିଯାଇଅଛନ୍ତି ଆପଣ ସେମାନଙ୍କ ମଧ୍ୟରେ ଅନ୍ୟତମ ।

ହେ ବିପ୍ଳବୀ ଆତ୍ମା !

ଆପଣ ଥିଲେ ଚିର-ସାଲିସହୀନ । ଶତ ସହସ୍ର ମିଛର, ଅନେକ ସହସ୍ର ଅନାଚାରର ଯେ ସାଲିସ ଅସମ୍ଭବ, ଆପଣ ତାହା କେବଳ କଥାରେ କହିନାହାନ୍ତି; କାର୍ଯ୍ୟରେ କରିଛନ୍ତି ଓ କବିତାରେ ଫୁଟାଇଛନ୍ତି, ତଥା ବିକ୍ଷୋଭ ମଧ୍ୟ କରିଛନ୍ତି ।

'ଜୀବନ ଯଜ୍ଞ' ଯେତେବେଳେ 'ଦୀନଅକିଞ୍ଚନ' ରୁଧିରକ୍ତ ହୋଇଥିଲେ, ଆପଣଙ୍କ ସହାନୁଭୂତିଶୀଳ ପ୍ରାଣ ସେତେବେଳେ ହାହାକାର କରି ଉଠୁଥିଲା, ଆପଣଙ୍କ ପାଇଁ 'ସକଳ ଶୋକ'ରୁ ମାନବ ଆତ୍ମାର ଆପମାନ ଚିର ଅସହ୍ୟ ଥିଲା ।

ହେ ପଥିକ ଶ୍ରେଷ୍ଠ

ପ୍ରଖର ଝଡ଼, ଝଂଝା ଅଥବା ଶୀତର, ଲୁହୁଡ଼ି କାକର ନ ମାନି ଆପଣ ସାରସ୍ୱତ ସାଧନାର ବଢ଼ଦାଣ୍ଡରେ ଅବିରତ ପରିକ୍ରମିତ ଥିଲେ । ଆପଣଙ୍କ ପାଇଁ 'ଜୀବନ-ଦେବତା' ଯେ ଜୀବନପଥେ ବନ୍ଦୀ ହୋଇଥିଲେ, ଏହା ଏକ ମହାନ ଆକର୍ଷଣ, ସେଥିପାଇଁ ଆପଣଙ୍କ ଉଦାତ୍ତ କଣ୍ଠ ଗାନ କରିଥିଲା —

ଦୀର୍ଘ ଏଇ ଯାତ୍ରାପଥେ କାବ୍ୟ ସ୍ୱପ୍ନ ମାୟା,
ରହେ କେତେଦିନ ବନ୍ଧୁ ବାରବାର ଛାୟା ।
ମେଣ୍ଟିବକ ନାହିଁ ପ୍ରିୟ, ଜୀବନର କ୍ଷୁଧା,
କାହିଁ ତୁମ ସ୍ୱର୍ଗ-ଲୋକ ମର୍ତ୍ତ୍ୟ ରୂପସୁଧା ।

Digitized by srujanika@gmail.com

ଆଉ ସେହି ଜୀବନଦେବତାଙ୍କ ପୂଜାରେ ଆପଣ ନିଜକୁ ନିବେଦିତ କରି ସୃଷ୍ଟି କରିଗଲେ 'କାବ୍ୟ ସଞ୍ଚୟନ', 'ଭଉସ୍ୟୂଣ', ଗ୍ରନ୍ଥାବଳୀ ଇତ୍ୟାଦି ଯାହାକି, ଏ ଜାତିର ସାହିତ୍ୟ ଗନ୍ତାଘରରେ ଅମୂଲ୍ୟରତ୍ନ ଭାବେ ଚିର ଜାଜ୍ୱଲ୍ୟମାନ ରହିବ ।

ହେ ଉଦାର ଆତ୍ମା !

ଆପଣ କାବ୍ୟ କବିତା ଓ ଦୀବ୍ୟଗ୍ରନ୍ଥ ବ୍ୟତୀତ ଅନ୍ୟକିଛି ଉପାର୍ଜନ କରିନାହାନ୍ତି । ସାହିତ୍ୟ ଏକାଡେମୀରୁ ପ୍ରାପ୍ତ ଆପଣଙ୍କର ପାଞ୍ଚହଜାର ଟଙ୍କା ବଡ଼ମ୍ବା କଲେଜର ଛାତ୍ର ବୃତ୍ତି ଭାବେ ଏବଂ ଆପଣଙ୍କ ଗ୍ରନ୍ଥାବଳୀର ବିକ୍ରୟ ଲବ୍ଧ ଅର୍ଥ 'ଉତ୍କଳ ସାହିତ୍ୟ ସମାଜ'ର କଲ୍ୟାଣ ପାଇଁ ଉତ୍ସୃଷ୍ଟ । ଏ ଅକୁଣ୍ଠିତ ଦାନ ପାଇଁ ଓଡ଼ିଆ ଜାତି ଆପଣଙ୍କ ନିକଟରେ ନତମସ୍ତକ ।

ହେ ଦିବ୍ୟ ଦ୍ରଷ୍ଟା !

'ପଲ୍ଲବିତ ତରୁର ପଲିତ ପତର' ପରି ଆପଣ ଆଜି ଅକାଳରେ ଝଡ଼ି ଯାଇଅଛନ୍ତି । କିନ୍ତୁ ଆପଣଙ୍କ ଉଦାତ୍ତପୂର୍ଣ୍ଣ କଣ୍ଠସ୍ୱରର ଝଙ୍କାର ଏ ଜାତିର କାନରେ 'କାବ୍ୟ ସ୍ୱପ୍ନ ମାୟା' ସୃଷ୍ଟି କରୁଥିବା ଆପଣଙ୍କ ଜୀବନ 'ହଂସ ମାନସ'କୁ ଉଡ଼ି ଯାଇଛି । ଆପଣ ଏକ ଦିବ୍ୟ ଦୀପାଲୋକ । ସେହି ଆଲୋକ ନିକଟରେ ଆମ୍ଭେମାନେ ଭକ୍ତି ବିନମ୍ର ପ୍ରଣତି ଜଣାଉଛୁ ଏବଂ ଆଶୀର୍ବାଦ ଭିକ୍ଷା ମାଗୁଛୁ । ଇତି ।

ଆପଣଙ୍କର ଗୁଣ ମୁଗ୍ଧ
କର୍ମବୀର ଗୌରୀଶଙ୍କର ରାୟ
ସ୍ମୃତି ସଂସଦର ସଭ୍ୟବୃନ୍ଦ
କାୟସ୍ଥ ଛାତ୍ରାବାସ

ସୁନୀଲଚନ୍ଦ୍ର ପାଲିତ୍
ସଭାପତି

କାଠଗଡ଼ା ସାହି,
କଟକ-୧

କାଳନ୍ଦୀଚରଣଙ୍କୁ ନିମ୍ନଲିଖିତ ମାନପତ୍ର ଦିଆଯାଇଥିଲା:—

ଓଡ଼ିଆ ସାହିତ୍ୟର ସବୁଜଯୁଗର ଅନ୍ୟତମ ଋତ୍ୱିକ ପ୍ରବର
ଡକ୍ଟର କାଳନ୍ଦୀ ଚରଣ ପାଣିଗ୍ରାହୀ, ମାନନୀୟେଷୁ !

ହେ ବରେଣ୍ୟ ବାଣୀସାଧକ !

ଯେଉଁ ସମୟରେ ଓଡ଼ିଆ କାବ୍ୟଧ୍ୱଜାଧାରୀ ରାଧାନାଥ, ମଧୁସୂଦନ ଓ ଫକୀରମୋହନ ପ୍ରଭୃତିଙ୍କ କଣ୍ଠ ନୀରବ, ଗଙ୍ଗାଧର ଓ ନନ୍ଦ କିଶୋରଙ୍କ ଲେଖନୀ ଯେଉଁ ସମୟରେ ନିଶ୍ଚଳ, ଯେଉଁ ସମୟରେ ଯଥାର୍ଥ ଦିଗଦର୍ଶନ ଓ ନେତୃତ୍ୱ

Digitized by srujanika@gmail.com

ଅନ୍ଧକାରରେ ବିଦଗ୍ଧ ପାଠକମାନେ ବହୁ ବର୍ଣ୍ଣ ବୈଚିତ୍ର୍ୟରୁ ବଞ୍ଚିତ ଥିଲେ ଠିକ୍ ସେହି ଯୁଗସନ୍ଧିକ୍ଷଣରେ ନୂତନ ଯୁଗର ସ୍ରଷ୍ଟାମାନଙ୍କ ଭିତରୁ ଆପଣ ଜଣେ । ଆପଣ ସେହି ପାଞ୍ଚଜଣ ସାରସ୍ୱତ ସାଧକମାନଙ୍କ ମଧ୍ୟରୁ ଜଣେ ସାଧକ—ଯେଉଁମାନେ 'ସବୁଜ ସାହିତ୍ୟ ସମିତି' ରୂପକ ଦେଦୀପ୍ୟମାନ ଆଲୋକ ବର୍ତ୍ତିକା ଜାଳି ଓଡ଼ିଆର ହୃଦୟକୁ ଆଲୋକିତ କଲେ, ତାକୁ ଚହଲାଇ ଦେଲେ ପ୍ରକୃତ ମନୁଷ୍ୟକୁ, ତା'ର କାନରେ କହିଲେ ଜୀବନ—ମୃତ୍ୟୁ ଓ ଜନ୍ମାନ୍ତରର ରହସ୍ୟ । ନିଜର ମାଟିକୁ ଭଲ ପାଇବାର ଶିକ୍ଷା ସଙ୍ଗେ ସଙ୍ଗେ, ଜାତୀୟ ଜୀବନର ପ୍ରତିଷ୍ଠା ଯେଉଁମାନଙ୍କର ଲକ୍ଷ୍ୟ ଥିଲା, ଆପଣ ସେହି ଯୁଗ-ପୁରୁଷମାନଙ୍କ ମଧ୍ୟରେ ଅନ୍ୟତମ । ଯେଉଁମାନେ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ ସମାଜର ଦୋଷ ତ୍ରୁଟି ପ୍ରତି, ଅନ୍ଧ ସଂସ୍କାର ପ୍ରତି ଯେଉଁମାନଙ୍କର ପରିକଳ୍ପନା ଥିଲା ଶୋଷଣହୀନ, ଶ୍ରେଣୀହୀନ ସମାଜ ପ୍ରତିଷ୍ଠା, ଯେଉଁମାନଙ୍କର ସ୍ୱପ୍ନ ଥିଲା ସୁସ୍ଥ ସୁନ୍ଦର ଜୀବନ ଚର୍ଯ୍ୟାର, ଯେଉଁମାନଙ୍କର କାମନା ଥିଲା ପ୍ରତ୍ୟେକ ହୃଦୟର ରୂପ ଓ ଅରୂପର ସୂଚନା ଦେବା, ଆପଣ ସେହି ବରପୁତ୍ରମାନଙ୍କ ମଧ୍ୟରୁ ଜଣେ ।

ଏକଦା ପୁରୀଜିଲ୍ଲା ସ୍କୁଲର ସତୀର୍ଥ ଭାବେ ସହପାଠୀ ଅନ୍ନଦାଶଙ୍କରଙ୍କ ସହିତ ଆପଣ ଥିଲେ ସାହିତ୍ୟ ପ୍ରେମୀ । ଏହିଠାରୁ 'ତ୍ରୁଟି ଦର୍ପଣ' ନାମକ ପତ୍ରିକା ପ୍ରକାଶ କରି ଆପଣ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ସାନ୍ନିଧ୍ୟ ଲାଭର ସୁଯୋଗ ପାଇଥିଲେ । ତତ୍‌କାଳୀନ ସାମାଜିକ କୁସଂସ୍କାର ଏବଂ ଜାତିଭେଦ ପ୍ରଥା ଆପଣଙ୍କ କିଶୋର ପ୍ରାଣରେ ବିଦ୍ରୋହାଗ୍ନି ଜାଳିଥିଲା । ଆଉ ତାହା ରୂପ ନେଲା ଆପଣଙ୍କ ରଚିତ ପ୍ରଥମ ପ୍ରବନ୍ଧ 'ଏକ ବାଳବିଧବାର କାହାଣୀ'ରେ—ଯେଉଁଟି ସ୍ୱର୍ଗତ ବିଶ୍ୱନାଥ କରଙ୍କ ଦ୍ୱାରା ସମ୍ପାଦକ 'ଉତ୍କଳ ସାହିତ୍ୟ'ରେ ପ୍ରକାଶ ଲାଭ କରିଥିଲା, ଆପଣଙ୍କ ବହୁ କବିତା, ଗଳ୍ପ ଓ ପ୍ରବନ୍ଧ ସେ ସମୟରେ ପୁରୀରୁ ପ୍ରକାଶିତ ହେଉଥିବା ସମ୍ବାଦପତ୍ର 'ସମାଜ'ରେ ସ୍ଥାନ ଲାଭ କରିଥିଲା ।

୧୯୨୧ ସାଲର ଅସହଯୋଗ ଆନ୍ଦୋଳନ ଆପଣଙ୍କ ବିଦ୍ରୋହୀ ମନକୁ ପ୍ରଭାବିତ କରିଥିଲା, ଆପଣ ଏହା ପରେ ସମବାୟ ବିଭାଗର ନାଜିର୍‌ଫିତା, ବନ୍ଧନ ମଧ୍ୟରୁ ନିଜକୁ ସଂପୂର୍ଣ୍ଣ ମୁକ୍ତ କରି ସାରସ୍ୱତ ସେବାରେ ନିଜକୁ ଏକାନ୍ତ ଭାବେ ବ୍ରତୀ କରାଇଥିଲେ । 'ମାଟିର ମଣିଷ' ଉପନ୍ୟାସରେ ଦୁଇ ଭାଇଙ୍କର ପରସ୍ପର ବିପରୀତ ଧର୍ମୀ ଗୃହସ୍ଥିକ ସଂଘର୍ଷ ମଧ୍ୟରେ ତଥାପି ଯେ ଆଦର୍ଶର ଜୟ ହୁଏ—ଏହି ଚିରନ୍ତନ ସତ୍ୟର ମନୋରମ ଚିତ୍ରଣ କରି ଆପଣ ସମଗ୍ର ଭାରତବର୍ଷୀଙ୍କ ସମ୍ମୁଖରେ ଜଣେ ଶ୍ରେଷ୍ଠ ସାହିତ୍ୟଶିଳ୍ପୀ ଭାବରେ ସୁପରିଚିତ ହୋଇଛନ୍ତି ।

Digitized by srujanika@gmail.com

ସେହିପରି ମଧ୍ୟ, ଆପଣଙ୍କ ଶିଳ୍ପୀ ପ୍ରତିଭା 'ମାଂସର ବିଳାପ' ଗଳ୍ପରେ ଏକ ମୃଗ ଶାବକ ଓ ଗୋଟିଏ ଶିଶୁକନ୍ୟା ମଧ୍ୟରେ ଗଢି ଉଠିଥିବା ନିବିଡ଼ ସ୍ନେହ ଓ ଏହାର ପରବର୍ତ୍ତୀ କରୁଣ ପରିଣତି ମଧ୍ୟରେ ଆପଣ ଯେଉଁ ସଭ୍ୟ ମନୁଷ୍ୟର ଅମାନବିକତା ପ୍ରତି ବିଦ୍ରୂପ କରିଛନ୍ତି, ତାହା ଓଡ଼ିଆ ସାହିତ୍ୟର ପାଠକ ମାତ୍ରେହିଁ ଜାଣନ୍ତି ।

ଆପଣ ଭାରତ ସରକାରଙ୍କ ଦ୍ୱାରା ୧୯୭୧ ମସିହାରେ 'ପଦ୍ମଭୂଷଣ' ଉପାଧିରେ ଏବଂ ୧୯୭୫ ସମ୍ବତ୍ସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା 'ଡକ୍ଟରେଟ୍' ଉପାଧିରେ ଭୂଷିତ ହେବାର ଗୌରବ ଅର୍ଜନ କରିଛନ୍ତି । ଆପଣ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଜଣେ ଫେଲୋଭାବରେ, ଆକାଶବାଣୀ କଟକ କେନ୍ଦ୍ରର ସାହିତ୍ୟ ବିଭାଗର ମୁଖ୍ୟ ପ୍ରଯୋଜକ ଭାବରେ ଓ ଓଡ଼ିଆ ଦୈନିକ ପତ୍ରିକା 'ଧରିତ୍ରୀ'ର 'ସମାଜବାଦୀ ସମିତି'ର ଚେୟାରମ୍ୟାନ ଭାବରେ ନିରନ୍ତର ସାହିତ୍ୟସେବାରେ ବ୍ରତୀ ହୋଇଅଛନ୍ତି । ଆପଣଙ୍କପରି ଉତ୍କଳମାତାର ଏକ ବରପୁତ୍ରଙ୍କୁ ଆଜି ଆମ୍ଭେମାନେ କର୍ମଚାରୀ ଗୌରିଶଙ୍କର ରାୟ ସ୍ମୃତିସଂସଦ ତରଫରୁ ଅଭିନନ୍ଦିତ କରିବାର ସୁଯୋଗ ପାଇ ଧନ୍ୟ ହୋଇଛୁ । ସୁସ୍ଥ ଓ କର୍ମଠ ହୋଇ ଆପଣ ଦୀର୍ଘକାଳ ଧରି ଓଡ଼ିଆ ସାହିତ୍ୟକୁ ସବୁଜ ରଖିବାର ସାମର୍ଥ୍ୟ ଲାଭ କରନ୍ତୁ, ଏହାହିଁ ଆମ୍ଭମାନଙ୍କର ଈଶ୍ୱରଙ୍କ ନିକଟରେ ବିନୀତ ପ୍ରାର୍ଥନା ॥ ଇତି ॥

ଆପଣଙ୍କର ଗୁଣମୁଗ୍ଧ
କର୍ମବୀର ଗୌରିଶଙ୍କର ରାୟ
ସ୍ମୃତିସଂସଦର ସଭ୍ୟବୃନ୍ଦ ।

କାଠଗଡା ସାହି, ସୁଶୀଲଚନ୍ଦ୍ର ପାଲିତ୍ କାୟସ୍ଥ ଛାତ୍ରାବାସ
କଟକ-୧ ସଭାପତି

ଶରତ ବାବୁଙ୍କୁ ନିମ୍ନଲିଖିତ ମାନପତ୍ର ଦିଆଯାଇଥିଲା :—

ଓଡ଼ିଆ ସାହିତ୍ୟର ସବୁଜ ଯୁଗର ଅନ୍ୟତମ ମହାରଥୀ
ଶ୍ରୀଯୁକ୍ତ ଶରତଚନ୍ଦ୍ର ମୁଖାର୍ଜି, ମାନ୍ୟବରେଷୁ

ହେ ମହାଭାଗ

ଆପଣଙ୍କ ପରି ଉତ୍କଳମାତାର ଜଣେ ପ୍ରତିଷ୍ଠିତ ସାହିତ୍ୟିକଙ୍କୁ ଆଜି ଆମ୍ଭେମାନେ କର୍ମବୀର ଗୌରିଶଙ୍କର ରାୟ ସ୍ମୃତିସଂସଦ ତରଫରୁ ଅଭିନନ୍ଦନ କରିବାର ସୁଯୋଗ ଲାଭକରିପାରିଥିବାରୁ ନିଜକୁ ସୌଭାଗ୍ୟବାନ ମନେ କରୁଛୁ ।

Digitized by srujanika@gmail.com

ଆପଣ ଛାତ୍ର ଜୀବନରେ ଜଣେ ମେଧାବୀ ଛାତ୍ରରୂପେ ସୁପରିଚିତ ଥିଲେ । ପାଟଣା ବିଶ୍ୱବିଦ୍ୟାଳୟରୁ ଆଇ. ଏ. ପରୀକ୍ଷାରେ ଦ୍ୱିତୀୟସ୍ଥାନ, ବି. ଏ. ପରୀକ୍ଷା ଅର୍ଥନୀତିରେ ପ୍ରଥମ ଶ୍ରେଣୀରେ ପ୍ରଥମସ୍ଥାନ ଅଧିକାର କରି ଛାତ୍ରବୃତ୍ତି ଲାଭ କରିବାର ଗୌରବ ଅର୍ଜ୍ଜନ କରିଥିଲେ ।

ସାହିତ୍ୟପ୍ରତି ଆପଣ ଛାତ୍ରଜୀବନରୁ ଅନୁରକ୍ତ । ରେଭେନ୍‌ସା ମହାବିଦ୍ୟାଳୟରେ ଛାତ୍ର ଥିବାବେଳେ ଶ୍ରୀ କାଳିନ୍ଦୀଚରଣ ପାଣିଗ୍ରାହୀ, ଶ୍ରୀ ଅନ୍ନଦାଶଙ୍କର ରାୟ, ସ୍ୱର୍ଗତ ବୈକୁଣ୍ଠନାଥ ପଟ୍ଟନାୟକ ଓ ଶ୍ରୀ ହରିହର ମହାପାତ୍ରଙ୍କ ସହିତ ଘନିଷ୍ଠ ବନ୍ଧୁତ୍ୱ ଆପଣଙ୍କର ଏହି ଅନୁରାଗର କାରଣ । ଛାତ୍ରଜୀବନରୁ 'ଉତ୍କଳ ସାହିତ୍ୟ'ର ସଂପାଦକ ସ୍ୱର୍ଗୀୟ ବିଶ୍ୱନାଥ କରଙ୍କ ଅନୁପ୍ରେରଣା ଲାଭ କରିଅଛନ୍ତି । ଆପଣଙ୍କର ବହୁ ପ୍ରବନ୍ଧ, ଗଳ୍ପ ଓ କବିତା ତତ୍କାଳୀନ ବହୁ ପତ୍ରିକାରେ ପ୍ରକାଶିତ ହୋଇଥିଲା ।

କର୍ମମୟ ଜୀବନରେ ଆପଣ ଜଣେ ବିଚକ୍ଷଣ ପ୍ରଶାସକ ଭାବେ ସୁପରିଚିତ । ବିହାରରେ 'ରେଭେନ୍ୟୁ କମିଶନର' ପଦରେ ଅଧିଷ୍ଠିତ ହେବା ପରେ ୧୯୫୭ ମସିହାରେ ସରକାରୀ ଅବସର ଗ୍ରହଣ କଲେ । ବହୁ ଗଠନମୂଳକ କାର୍ଯ୍ୟରେ ନିଜକୁ ନିୟୋଗ କରିଥିବା ହେତୁ ୧୯୪୦ ମସିହାରେ 'ରାୟ ସାହେବ' ଓ ୧୯୪୩ ମସିହାରେ 'ରାୟବାହାଦୁର' ଉପାଧିରେ ଭୂଷିତ ହେବାର ଗୌରବ ଲାଭ କରିଛନ୍ତି । ଅବସର ନେବାପରେ ବିନା ବେତନରେ ବିହାରରେ ପାଞ୍ଚବର୍ଷ 'Joint Land Reform Commisoner' ପଦରେ ରହି ବହୁ କଲ୍ୟାଣମୂଳକ କାର୍ଯ୍ୟ କରିଅଛନ୍ତି ।

ଓଡ଼ିଆ ଭାଷାରେ ଆପଣଙ୍କର ରଚିତଗ୍ରନ୍ଥ 'ଶ୍ରୀରାମାନୁଜଙ୍କ ଜୀବନୀ' ଏକ ଜନପ୍ରିୟ ଲେଖା ଓ ଇଂରାଜୀ ଗ୍ରନ୍ଥ 'Konark is the most beautiful temple in orissa' ସର୍ବଭାରତୀୟ ସ୍ତରରେ ଜନପ୍ରିୟତା ଲାଭକରିଛି । ଆପଣ ଓ ସ୍ୱର୍ଗତ ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କ ସମ୍ମିଳିତ ଚେଷ୍ଟାରେ ଲିଖିତ ବୃହତ ଗ୍ରନ୍ଥ 'Orissa past and present' ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ହୋଇଛି ।

ହେ ନିରଳସ କର୍ମୀ !

ଆପଣଙ୍କୁ ନିରବଚ୍ଛିନ୍ନ ଭାବରେ ସାହିତ୍ୟ ସେବାରେ ରତ ହେବାପାଇଁ ଆମ୍ଭେମାନେ ଆପଣଙ୍କର ଦୀର୍ଘ ଓ ସୁସ୍ଥଜୀବନ କାମନାକରୁଛୁ । ଇତି ।

ଆପଣଙ୍କର ଗୁଣମୁଗ୍ଧ
କର୍ମବୀର ଗୌରୀଶଙ୍କର ରାୟ
ସ୍ମୃତି ସଂସଦର ସଭ୍ୟବୃନ୍ଦ

କାଠଗଡ଼ା ସାହି
କଟକ-୧

ସୁନୀଲଚନ୍ଦ୍ର ପାଲିତ୍
ସଭାପତି

କାୟସ୍ଥଛାତ୍ରାବାସ

Digitized by srujanika@gmail.com

ଅନ୍ନଦାବାବୁଙ୍କୁ ନିମ୍ନଲିଖିତ ମାନପତ୍ର ଦିଆଯାଇଥିଲା —

ଓଡ଼ିଆ ସାହିତ୍ୟର ସବୁଜ ଯୁଗର କାଣ୍ଡାରୀ
ଶ୍ରୀଯୁକ୍ତ ଅନ୍ନଦାଶଙ୍କର ରାୟ, ଶ୍ରଦ୍ଧାଭାଜନେଷୁ !

ହେ ଚିର ସବୁଜକବି !

ଓଡ଼ିଶାର ଯେଉଁ ବରେଣ୍ୟ ସାରସ୍ୱତ ସାଧକଗଣ ଜୀବନ୍ତ ସାହିତ୍ୟ ସୃଷ୍ଟି କରିବା ସକାଶେ ସାହିତ୍ୟରେ ଯୌବନର ଶକ୍ତିମତ୍ତା ଖେଳାଇବା ଉଦ୍ଦେଶ୍ୟରେ ଏବଂ ସମାଜଭିତରେ ସବୁଜଶକ୍ତି ଜାଗ୍ରତ କରାଇବା ନିମନ୍ତେ ସେମାନଙ୍କ ଲେଖନୀରୁ ଅମୃତଧାରା ବୁହାଇ ଏହି ଉତ୍କଳବାସୀଙ୍କୁ ରସସିକ୍ତ କରିଅଛନ୍ତି, ଆପଣ ସେହି ବରପୁତ୍ରମାନଙ୍କ ମଧ୍ୟରେ ଅନ୍ୟତମ ।

ଆପଣ ବାଣୀଦେବୀଙ୍କର ମାନସପୁତ୍ର । ଆପଣଙ୍କ ସାହିତ୍ୟ ପ୍ରତିଭା ଛାତ୍ରାବସ୍ଥାରେହିଁ ଉନ୍ମେଷ ଲାଭକରିଥିଲା ଏବଂ ସହପାଠୀ ସବୁଜ ସାଥିମାନଙ୍କର ସହଯୋଗୀତାରେ ତାହା ପୁଷ୍ଟିଲାଭ କରିଥିଲା । ତା ଫଳରେ ଜନ୍ମନେଲା 'ନନ୍‌ସେନ୍‌ସ କ୍ଲବ୍‌' ଓ 'ସବୁଜ ସାହିତ୍ୟ ସମିତି' ନାମକ ଦୁଇଟି ଅନୁଷ୍ଠାନ । ଆପଣମାନଙ୍କର ସାହିତ୍ୟ ସୃଷ୍ଟି ନୂତନ ଭାବଧାରାରେ ଏକ ନବ ଅରୁଣୋଦୟ । ସେହି ସବୁଜ ସାହିତ୍ୟର ଦିଗନ୍ତ-ପ୍ରସାରୀ ସବୁଜସଙ୍କେତ ଆଜି ମଧ୍ୟ ସାହିତ୍ୟ ସେବୀମାନଙ୍କୁ ଅନୁପ୍ରାଣିତ କରୁଅଛି ।

୧୯୨୫ ମସିହାରେ ପାଟଣା ବିଶ୍ୱବିଦ୍ୟାଳୟରୁ ବି: ଏ: ପରୀକ୍ଷାରେ ଇଂରାଜୀ ଅନର୍ସରେ ପ୍ରଥମ ଶ୍ରେଣୀରେ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ଲାଭ କରିବା, ୧୯୨୭ ମସିହାରେ I. C. S. ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ପ୍ରଥମସ୍ଥାନ ଲାଭକରି ଦୁଇବର୍ଷ ଇଂଲଣ୍ଡର ବିଭିନ୍ନ କଲେଜରେ ବିଭିନ୍ନ ବିଷୟରେ ଅଧ୍ୟୟନରେ ସୁଯୋଗ ପାଇବାର ଗୌରବ ଆପଣ ଲାଭ କରିଅଛନ୍ତି । ଗମ୍ଭୀର ପ୍ରଶାସନିକ କର୍ମ-ବ୍ୟସ୍ତତା ମଧ୍ୟରେ ଆପଣଙ୍କ ସାହିତ୍ୟ ସାଧନାର ବିରାମ ନଥିଲା । ଏପରିକି ନିଜକୁ ସମ୍ପୂର୍ଣ୍ଣଭାବେ ସାହିତ୍ୟ-ସାଧନାରେ ନିବେଦିତ କରିବା ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ସମୟର ବହୁପୂର୍ବରୁ ଆପଣ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି ।

ଆପଣଙ୍କ ଲେଖନୀ ନିସୃତ ବହୁ ଉପନ୍ୟାସ, ଗଳ୍ପ, ପ୍ରବନ୍ଧ ଓ କବିତାର ସୌରଭ, ଉତ୍କଳ ଓ ବଙ୍ଗଳାର ପାଠକ ପାଠିକାମାନଙ୍କୁ ସମ୍ମୋହିତ କରୁଛି । ଓଡ଼ିଆ ଭାଷାରେ ରଚିତ 'ସବୁଜ ଅକ୍ଷର' ପୁସ୍ତକଟି ଆପଣଙ୍କ ପ୍ରତିଭାର ଅନ୍ୟତମ ସ୍ୱାକ୍ଷର । ଇଂରାଜୀରେ ଗ୍ରନ୍ଥରଚନାରେ ମଧ୍ୟ ଆପଣ ସିଦ୍ଧହସ୍ତ । ବଙ୍ଗଳା ଭାଷାରେ

Digitized by srujanika@gmail.com

'ଜାପାନେ' ନାମକ ଭ୍ରମଣ କାହାଣୀ ଉପରେ ରଚିତ ଗ୍ରନ୍ଥ ୧୯୬୩ ସାଲରେ 'ସାହିତ୍ୟ ଏକାଡେମୀ' ପୁରସ୍କାର ଲାଭ କରିବାର ଗୌରବ ଅର୍ଜନ କରିପାରିଛି । ଆପଣ ଗାନ୍ଧୀସ୍ମାରକ ପୁରସ୍କାର ବ୍ୟତୀତ କଲିକତା ବିଶ୍ୱବିଦ୍ୟାଳୟ ଦ୍ୱାରା 'ଶରତ ପୁରସ୍କାର' ଓ ୧୯୭୯ ମସିହାରେ 'ଜଗତ୍ ତାରିଣୀ ପୁରସ୍କାର' ଲାଭକରି ଉତ୍କଳ ଜନନୀର ଜଣେ କୃତୀ ସନ୍ତାନରୂପେ ନିଜକୁ ପରିଚୟ ଦେଇ ପାରିଅଛନ୍ତି । ସାହିତ୍ୟ ଇତିହାସରେ ଆପଣଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଅଙ୍କିତ ହୋଇରହିବ ।

ଆପଣ ବହୁବର୍ଷ ସର୍ବଭାରତୀୟ ସାହିତ୍ୟ ଏକାଡେମୀର ସଭ୍ୟଭାବରେ ଭାରତୀୟ **P. E. N. Society** ରେ ଉପ-ସଭାପତି ଏବଂ ଏହାର ବଙ୍ଗୀୟ ଶାଖାର ସଭାପତି ଭାବରେ ଅଧିଷ୍ଠିତ ରହି ନିରନ୍ତର ସାହିତ୍ୟ ସେବାରେ ବ୍ରତୀହୋଇ ଅଛନ୍ତି । ଆପଣ ବିଶ୍ୱକବି ରବୀନ୍ଦ୍ରନାଥ, ଜାତିରପିତା ମହାତ୍ମାଗାନ୍ଧୀ ଓ ଫରାସୀ ମନୀଷୀ ରୋମାରୋଁଲାଙ୍କର ଘନିଷ୍ଠ ସଂସ୍ପର୍ଶରେ ଆସି ଧନ୍ୟ ହୋଇ ପାରିଛନ୍ତି ।

ହେ ଅମୃତ ପ୍ରତିଭ,

ଆପଣଙ୍କପରି ଉତ୍କଳ ଜନନୀର ଜଣେ ଗୁଣୀସନ୍ତାନଙ୍କୁ ଆଜି ଆମ୍ଭେମାନେ ଏହି ପବିତ୍ରପୀଠରେ ସମ୍ବର୍ଦ୍ଧନା ଦେବାର ସୁଯୋଗ ଲାଭ କରିପାରିଥିବାରୁ ନିଜକୁ ଗୌରବାନ୍ୱିତ ମନେକରୁଛୁ । ଆପଣଙ୍କ ସାର୍ଥକ ସାହିତ୍ୟ ସାଧନା ସାର୍ଥକତର ହେଉ, ଆପଣଙ୍କ ଖ୍ୟାତି ଉତ୍ତରୋତ୍ତର ବୃଦ୍ଧିଲାଭକରୁ. ଆପଣ ନିରାମୟ ଓ ଦୀର୍ଘ ଜୀବନ ଯାପନ କରନ୍ତୁ, ଏହାହିଁ ଆମ୍ଭମାନଙ୍କର ଆନ୍ତରିକ ପ୍ରାର୍ଥନା । ଇତି ।।

ଆପଣଙ୍କର ଗୁଣମୁଗ୍ଧ
କର୍ମବୀର ଗୌରୀଶଙ୍କର ରାୟ

କାଠଗଡାସାହି	ସୁଶୀଲଚନ୍ଦ୍ର ପାଲିତ	ସ୍ମୃତିସଂସଦର ସଭ୍ୟବୃନ୍ଦ
କଟକ-୧	ସଭାପତି	କାୟସ୍ଥ ଛାତ୍ରାବାସ

ହରିହରଙ୍କ ପ୍ରତି ନିମ୍ନ ଲିଖିତ ମାନପତ୍ର ପାଠ କରାଯାଇଥିଲା:—

ଓଡ଼ିଆ ସାହିତ୍ୟର ସବୁଜ ଯୁଗ ବିଶିଷ୍ଟ ସୈନିକ
ଅବସର ପ୍ରାପ୍ତ ବିଚାରପତି ଶ୍ରୀଯୁକ୍ତ ହରିହର ମହାପାତ୍ର, ମାନ୍ୟବରେଷୁ,

ହେ ଉତ୍କଳମାତାର କୃତୀସନ୍ତାନ,

ବିଂଶ ଶତକର ପ୍ରଥମ ପାଦରେ ଯେତେବେଳେ ଓଡ଼ିଆ ସାହିତ୍ୟ ଆଧୁନିକ ଚେତନାରେ ପରିପୁଷ୍ଟ ହୋଇ ତାର ପାରଂପରିକ ଗୁଣଗୁଡ଼ିକୁ ପରିବର୍ଦ୍ଧିତ କରି ଆଧୁନିକ ରୂପ ପରିଗ୍ରହଣ କରୁଥିଲା, ସେହି ସମସାମୟିକ କାଳ ୧୯୨୧ ମସିହାରେ

Digitized by srujanika@gmail.com

ରେଭେନ୍‌ସା କଲେଜର କଳା ବିଭାଗର ପ୍ରଥମ ବାର୍ଷିକ ସାହିତ୍ୟ-ପ୍ରେମୀ ଯେଉଁ ପାଞ୍ଚ ଜଣ ତରୁଣ ଛାତ୍ର ନନ୍‌ସେନ୍‌ସ୍ କ୍ଲବ ଗଠନ କରିଥିଲେ, ଆପଣ ହେଉଛନ୍ତି ସେମାନଙ୍କ ମଧ୍ୟରୁ ଅନ୍ୟତମ । ଯେଉଁମାନେ 'Nonsence club magazine' ନାମକ ଏକ ମୁଦ୍ରପତ୍ର ପ୍ରକାଶ କରି ପରେ ଏହାକୁ 'ଅବକାଶ' ଏବଂ ପୁଣି ରବୀନ୍ଦ୍ର-ନାଥଙ୍କ ପ୍ରକାଶିତ 'ସାଧନା' ପତ୍ରିକା ଦ୍ୱାରା ଅନୁପ୍ରାଣିତ ହୋଇ ଏହାକୁ 'ଶକ୍ତି-ସାଧନା' ନାମରେ ପ୍ରକାଶ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ, ଯେଉଁ-ମାନଙ୍କର ଉଦ୍ଦେଶ୍ୟ ଥିଲା ବଳିଷ୍ଠ ଯୁଗୋପଯୋଗୀ ସାହିତ୍ୟ ରଚନା କରିବା, ପରମ୍ପରା ପ୍ରତି ବିମୁଖତା ଥିଲା ଯେଉଁମାନଙ୍କର ସ୍ୱଭାବିକ ଗୁଣ, ସାହିତ୍ୟରେ ଭାବଗତ ଓ ରୂପଗତ ବୈପ୍ଲବିକ ସଂସ୍କାର ଲିପ୍‌ସା ଥିଲା ଯେଉଁମାନଙ୍କର କାମନା, ଆପଣ ଥିଲେ ସେହିମାନଙ୍କ ମଧ୍ୟରୁ ଜଣେ । 'ସବୁଜ ସାହିତ୍ୟ ସମିତି' ଗଠନ କରି ତାର ମାଧ୍ୟମରେ ଯେଉଁମାନେ ବାଣୀଦେବୀଙ୍କର ସାଧନାରେ ଲିପ୍ତ-ଥିଲେ, ଆପଣ ଥିଲେ ତହିଁର ଜଣେ ଅଗ୍ରଣୀ ସଂସ୍ଥାପକ । 'ସବୁଜ ସମିତି' ଗଠନ କରି ଓଡ଼ିଆ ସାହିତ୍ୟର ବିକାଶ ନିମନ୍ତେ ଆପଣଙ୍କର ଉଦ୍ୟମ ଥିଲା ଅନବଦ୍ୟ ।

ଜଣେ ମେଧାବୀ ଛାତ୍ର ହିସାବରେ ସମଗ୍ର ଛାତ୍ର ଜୀବନ ଅତିବାହିତ କରି ଆପଣ ପାଟଣା ବିଶ୍ୱବିଦ୍ୟାଳୟରୁ ଇଂରାଜୀ ସାହିତ୍ୟରେ ଏମ୍. ଏ. ପାଶ୍ କରି ଅଛନ୍ତି । କଟକରେ ଓକିଲାତି କରି ବହୁ ସୁଖ୍ୟାତି ଅର୍ଜନ କରି ପାରିଥିବା ବ୍ୟକ୍ତି-ମାନଙ୍କ ମଧ୍ୟରେ ଆପଣ ନିଜର ସ୍ଥାନ ପ୍ରତିଷ୍ଠିତ କରି ପାରିଛନ୍ତି । ଓକିଲାତି କରିବା ସମୟରେ ନବ ଗଠିତ ଉତ୍କଳ ବିଶ୍ୱବିଦ୍ୟାଳୟର ସୁପରିଚାଳନା ପାଇଁ ମଧ୍ୟ ଆପଣଙ୍କର କର୍ମ ତତ୍ପରତା ଓ ବିଚକ୍ଷଣତାର ବହୁ ଦୃଷ୍ଟାନ୍ତ ରହିଛି ।

ପାଟଣା ହାଇକୋର୍ଟର ବିଚାରପତି ରୂପେ ମଧ୍ୟ ଆପଣଙ୍କର ଖ୍ୟାତି ସୁଦୂରପ୍ରସାରୀ । ବିଚାରପତି ପଦରୁ ଅବସର ନେବାପରେ ଆପଣ ବର୍ତ୍ତମାନ ସୁଦ୍ଧା ବହୁବିଧ ସମାଜ ସେବାମୂଳକ କାର୍ଯ୍ୟରେ ନିଜକୁ ବ୍ରତୀକରି ରଖିଛନ୍ତି । ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଭାପତି, ଜେଲ ଅନୁସନ୍ଧାନ କମିଟିର ସଭାପତି ଏବଂ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ଅନୁସନ୍ଧାନ କମିଟିର ସଭ୍ୟ ରୂପେ ଆପଣଙ୍କଠାରୁ ଓଡ଼ିଶାର ଜନସାଧାରଣ ଅନେକ ବହୁମୂଲ୍ୟ ପରାମର୍ଶ ପାଇବାରେ ସମର୍ଥ ହୋଇ ଅଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଉତ୍କଳ କୃଷି ବିଶ୍ୱବିଦ୍ୟାଳୟର କେତେ ଗୁଡ଼ିଏ ଅନୁସନ୍ଧାନ କର୍ମରେ ଆପଣ ନିଜକୁ ବହୁକ୍ଷଣ ଲିପ୍ତ ରଖିପାରୁଥିବାରୁ ଉତ୍କଳବାସୀଙ୍କ ଶ୍ରଦ୍ଧାଭାଜନ ହୋଇଅଛନ୍ତି ।

ହେ ସାହିତ୍ୟ ପ୍ରେମୀ

ନିଅଜଣ ଔପନ୍ୟାସିକଙ୍କ ଦ୍ୱାରା ରଚିତ 'ବାସନ୍ତୀ' ଉପନ୍ୟାସରେ କେତୋଟି ପରିଚ୍ଛେଦ ରଚନା କରି, 'ଯୁଗବାଣୀ' ପତ୍ରିକା ସମ୍ପାଦନା କରି ଅପର ଓଡ଼ିଆ

Digitized by srujanika@gmail.com

ସାହିତ୍ୟ କ୍ଷେତ୍ରକୁ ଯେଉଁ ଅବଦାନ ଦେଇଅଛନ୍ତି, ସେଥିପାଇଁ ଉତ୍କଳବାସୀ ଚିରଦିନ ଆପଣଙ୍କୁ ସ୍ମରଣ କରିବେ । ଆଜି ଆମ୍ଭେମାନେ ଏହି ସଂସଦ ତରଫରୁ ଆପଣଙ୍କୁ ସମ୍ବର୍ଦ୍ଧିତ କରିବାର ସୁଯୋଗ ଲାଭ କରି ନିଜକୁ ଗୌରବାନ୍ୱିତ ମନେକରୁଛୁ । ଓଡ଼ିଶାର ଯୁବସମାଜ ଆପଣଙ୍କଠାରୁ ଦୀର୍ଘ ଦିନ ଏହି ପ୍ରେରଣା ଲାଭ କରୁ, ଏହାହିଁ ପ୍ରାର୍ଥନା ॥ ଇତି ॥

ଆପଣଙ୍କର ଗୁଣମୁଗ୍ଧ
କର୍ମୀବୀର ଗୌରୀଶଙ୍କର ରାୟ
ସ୍ମୃତି ସଂସଦର ସଭ୍ୟବୃନ୍ଦ

କାଠଗଡ଼ା ସାହି	ସୁମଙ୍ଗଳଚନ୍ଦ୍ର ପାଲିତ୍	ସ୍ମୃତି ସଂସଦର ସଭ୍ୟବୃନ୍ଦ
କଟକ-୧	ସଭାପତି	କାୟସ୍ଥ ଛାତ୍ରାବାସ

ପଣ୍ଡିତ ନୀଳକଣ୍ଠ ସ୍ମୃତି ସଂସଦର ବିଶେଷ ଅଧିବେଶନରେ ସବୁଜ ଗୋଷ୍ଠୀର ଶ୍ରୀ ଅନ୍ନଦାଶଙ୍କର ରାୟଙ୍କୁ ପଣ୍ଡିତ ନୀଳକଣ୍ଠ ସ୍ମାରକୀ ବକ୍ତୃତାମାଳା ଆରମ୍ଭ କରିବାପାଇଁ ନିମନ୍ତ୍ରଣ କରାଯାଇଥିଲା । ଏହି ଅବସରରେ ସବୁଜ ଗୋଷ୍ଠୀର ପଞ୍ଚ ଜଙ୍କୁ ମଧ୍ୟ ଯେଉଁ ଅଭ୍ୟର୍ଥନା ଦିଆଯାଇଥିଲା, ସେ ସବୁର ଗୋଟିଏ ବିସ୍ତୃତ ବିବରଣୀ ତା ୩୦।୧।୧୯୮୦ ଦିନ ନିମ୍ନଲିଖିତ ଭାବେ 'ସମାଜ'ରେ ପ୍ରକାଶିତ ହୋଇଥିଲା । ପ୍ରାଚୀନ ସାହିତ୍ୟ ଓ ସତ୍ୟବାଦୀ ପଞ୍ଚସଖାଙ୍କ ଉପରେ ଗବେଷଣା ଆବଶ୍ୟକ, ନବଯୁଗର ଆହ୍ୱାନରେ ସାଂସ୍କୃତିକ ବିପ୍ଳବ ଇଂରେଜ ଶାସନ କାଳରେ ଭାରତୀୟ ସାହିତ୍ୟରେ ପ୍ରତିଫଳିତ ହୋଇଥିଲା । ପଣ୍ଡିତ ନୀଳକଣ୍ଠ ବକ୍ତୃତାମାଳାର ଦ୍ୱିତୀୟ ଦିବସରେ ବିଶିଷ୍ଟ ସାହିତ୍ୟିକ ଶ୍ରୀ ଅନ୍ନଦାଶଙ୍କର ରାୟ ଓ ସଭାପତି 'ସମାଜ' ସମ୍ପାଦକ ଡକ୍ଟର ରଥଙ୍କ ମତ ପ୍ରକାଶ—

କଟକ, ତା ୩୦।୧।୮୦—ପ୍ରାଚୀନ ସାହିତ୍ୟ ପ୍ରତି ଏବେ ଜନସାଧାରଣଙ୍କର ଆଗ୍ରହ କମି ଯାଇଥିଲେ ମଧ୍ୟ ସେ ସବୁର ଗବେଷଣା କରାଯିବା ଆବଶ୍ୟକ । ସାରା ବିଶ୍ୱରେ 'ରେନାସାଁ' ବା ନବଯୁଗର ଆହ୍ୱାନରେ ଯେଉଁ ସାଂସ୍କୃତିକ ବିପ୍ଳବ ଦେଖାଦେଇଥିଲା, ତାହା ଭାରତୀୟ ସାହିତ୍ୟରେ ପ୍ରତିଫଳିତ ହୋଇଥିଲା ଇଂରେଜ ଶାସନ କାଳରେ । ଅନ୍ୟ ପକ୍ଷରେ ଇଂରେଜ ଶାସନ କାଳରେ ଭାରତରେ ମଧ୍ୟଯୁଗୀୟ ସାହିତ୍ୟ, ଦର୍ଶନ ଓ ସଂସ୍କୃତିର ଅବସାନ ଘଟି ଆଧୁନିକ ଯୁଗର ପ୍ରବର୍ତ୍ତନ ହୋଇଥିଲା ବୋଲି ଗତକାଲି ସନ୍ଧ୍ୟାରେ ରେଭେନ୍ସା କଲେଜଠାରେ ପଣ୍ଡିତ ନୀଳକଣ୍ଠ ସ୍ମାରକୀ ବକ୍ତୃତାମାଳାର ଦ୍ୱିତୀୟ ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ଯୁଗର ଅନ୍ୟତମ ପ୍ରାଣପ୍ରତିଷ୍ଠାତା କବି ଶ୍ରୀ ଅନ୍ନଦାଶଙ୍କର ରାୟ ମତ ଦେଇଥିଲେ ।

Digitized by srujanika@gmail.com

ପଣ୍ଡିତ ନୀଳକଣ୍ଠ ଓ ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ କାର୍ଯ୍ୟାବଳୀ ଉପରେ ଅଧିକ ଗବେଷଣା କରାଯିବା ଲାଗି 'ସମାଜ' ସମ୍ପାଦକ ଡ଼ଃ ରଥ ପରାମର୍ଶ ଦେଇ-ଥିଲେ । ଉକ୍ତ ଉତ୍ସବରେ 'ସମାଜ' ସମ୍ପାଦକ ସଭାପତିତ୍ୱ କରିଥିଲେ ଏବଂ ସବୁଜ ଯୁଗର ସୁନାମଧନ୍ୟ କବି ତଥା ବଙ୍ଗଳା ସାହିତ୍ୟର ବିଶିଷ୍ଟ ଲେଖକ ଶ୍ରୀ ଅନ୍ନଦାଶଙ୍କର ରାୟ ତାଙ୍କର ବକ୍ତୃତାମାଳାର ୨ୟ ଭାଗ ଉପରେ ଭାଷଣ ଦେଇଥିଲେ ।

ଶ୍ରୀଯୁକ୍ତ ରାୟ ତାଙ୍କ ଭାଷଣରେ ଭାରତରେ କିପରି ସଂସ୍କାର ମୂଳକ ପରି-ବର୍ତ୍ତନ କ୍ରମାନ୍ୱୟରେ ହୋଇଆସିଛି, ତାହା ବର୍ଣ୍ଣନା କରିଥିଲେ । ଭାଷଣ ପ୍ରସଙ୍ଗରେ ସେ ଭାରତରେ କିପରି ବିଦେଶୀମାନଙ୍କ ପ୍ରଭାବ ଫଳରେ ପ୍ରାଚୀନ ଭାରତର ଐତିହ୍ୟ କାଳକ୍ରମେ ଲୋପ ପାଇବାକୁ ଲାଗିଲା ଏବଂ ଶିକ୍ଷା, ସମାଜ ଓ ଧର୍ମ-ସଂସ୍କାର କ୍ରମଶଃ ଆରମ୍ଭ ହେଲା, ତାହା ବର୍ଣ୍ଣନା କରିଥିଲେ । ଏପରିକି ସେତେବେଳେ ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀ କେବଳ ଇଂରେଜ ସ୍କୁଲ ଏବଂ କଲେଜ ପ୍ରତିଷ୍ଠା ପାଇଁ ଲୋକମାନଙ୍କୁ ସାହାଯ୍ୟ ଦେଉଥିଲେ ଏବଂ ଇଂରେଜ ଜାଣିଥିବା ଲୋକେ ଖୁବ ଆଦର ସମ୍ମାନ ଏବଂ ବଡ଼ ବଡ଼ ଚାକିରୀରେ ଅଧିଷ୍ଠିତ ହୋଇ ପାଉଥିଲେ । ଏପରିକି ଏକ ହିନ୍ଦୁ କଲେଜ କଲିକତାରେ ପ୍ରତିଷ୍ଠା କରିବା ପାଇଁ ଇଂଲଣ୍ଡରୁ ମଧ୍ୟ ଅନୁମତି ଆଣିବାକୁ ପଡ଼ିଥିଲା ଏବଂ ସେଥିରେ କେବଳ ହିନ୍ଦୁ ପିଲାମାନେ ପାଠ ପଢ଼ିବାରେ ସୁଯୋଗ ପାଉଥିଲେ ଏବଂ କାଳକ୍ରମେ ଇଂରେଜୀ ଭାଷା ସରକାରୀ ଭାଷାରୂପେ ବ୍ୟବହୃତ ହୋଇଥିଲା ।

ପ୍ରାଚୀନ ଭାରତର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ବିଦେଶରେ କେତେକ ମହାନ ଭାରତୀୟଙ୍କ ଦ୍ୱାରା ପ୍ରଚାରିତ ହୋଇଥିଲା । ସ୍ୱାମୀ ବିବେକାନନ୍ଦ ଅତୀତରେ ପ୍ରାଚୀନ ଭାରତ ବିଷୟରେ ଆମେରିକା ପ୍ରଭୃତିରେ ଭାଷଣ ଦେବାପରେ ପ୍ରାଚୀନ ଭାରତୀୟମାନଙ୍କ ପ୍ରତି ସେଠାକାର ଲୋକମାନଙ୍କର ଆଦର ବଢ଼ିଥିଲା ଏବଂ କାଳ-କ୍ରମେ ଭାରତର ବହୁମନୀଷୀଙ୍କ ଦ୍ୱାରା ପାଶ୍ଚାତ୍ୟ ଦେଶମାନଙ୍କରେ ଭାରତର ସଂସ୍କୃତି ପରମ୍ପରା ପ୍ରସାରିତ ହୋଇଥିଲା ।

ଶ୍ରୀଯୁକ୍ତ ରାୟ କହିଲେ ଯେ, ସମୟ ଓ ଦୂରତ୍ୱ ଉଭୟଙ୍କୁ ଆଖି ଆଗରେ ରଖି ସମସ୍ତେ ନିଜ ନିଜର କୃତିନେଇ ସଚେତନ । ତେଣୁ ଏ ସବୁ ଦାମ୍ପତିକ ସାହିତ୍ୟକୁ ପ୍ରଭାବିତ କରିବା ସ୍ୱାଭାବିକ । ଆଧୁନିକ ଭାରତୀୟ ସାହିତ୍ୟ ଏକାଧାରରେ ଆଧୁନିକ ଓ ଭାରତୀୟ ପରମ୍ପରା ପ୍ରସୂତ । ସେହିଭଳି ଓଡ଼ିଆ ସାହିତ୍ୟ ମଧ୍ୟ ଅନୁରୂପ ପର-ମ୍ପରାରେ ଲକ୍ଷିତ । ତେବେ ଭାରତୀୟ ଓ ଓଡ଼ିଆ ସାହିତ୍ୟରେ କେଉଁଭଳି ଢଙ୍ଗରେ ଆଧୁନିକତା ପ୍ରବେଶ କରିଛି, ତାହାର ସୂଚନାଦେଇ ସେ କହିଥିଲେ ଯେ ଭାରତକୁ

Digitized by srujanika@gmail.com

ବିଲୁପ୍ତ ଅଧିକାର କରିବା ଅନ୍ତଃସତ୍ୟ, ଅବଶିଷ୍ଟ ଅନ୍ତଃସତ୍ୟ ହେଉଛି ମଧ୍ୟଯୁଗକୁ ଆଧୁନିକ ଯୁଗରେ ପରିଣତ କରିବା । ଭାରତ ଇଂରେଜ ଶାସନାଧୀନ ଥିଲାବେଳେ ଭାରତୀୟମାନେ ମଧ୍ୟ ଇଂରେଜ ଭାଷା ଶିକ୍ଷା କରିବା ଦ୍ୱାରା ଇଂରେଜ ସାହିତ୍ୟ, ଦର୍ଶନ ସମ୍ପର୍କରେ ଜ୍ଞାନ ଅର୍ଜ୍ଜନ କଲେ । ଫଳରେ ଭାରତୀୟ ସାହିତ୍ୟରେ ପାଶ୍ଚାତ୍ୟ ଚିନ୍ତାଧାରା, ଆଦର୍ଶ ଓ ସାହିତ୍ୟ ପ୍ରତିଫଳିତ ହେଲା । ସାରାବିଶ୍ୱରେ ଯେଉଁ ନବଯୁଗର ପ୍ରବର୍ତ୍ତନ ହୋଇଥିଲା, ତାହାର ଐତିହାସିକ ସତ୍ୟ ପ୍ରତିପାଦନ କରି ଶ୍ରୀ ରାୟ କହିଥିଲେ ଯେ, ଇଟାଲୀରେ ପ୍ରଥମେ ରେନାସାଁ ନାମରେ ଯେଉଁ ସାଂସ୍କୃତିକ ବିପ୍ଳବ ଦେଖା ଦେଇଥିଲା ତାହା କ୍ରମେ ଫରାସୀ, ଜର୍ମାନୀ, ସ୍ପେନ, ଇଂଲଣ୍ଡକୁ ପରିବ୍ୟାପ୍ତ ହୋଇଥିଲା । ଠିକ୍ ସେହି ସମୟରେ ଆମେରିକାକୁ ଆବିଷ୍କାର କରାଯାଇଥିଲା ଓ ସେଠାରେ ବିଳାତ ଲୋକମାନେ ଉପନିବେଶ ସ୍ଥାପନ କରିଥିଲେ । ଫଳରେ ସେଠାରେ ମଧ୍ୟ ଏକ ନବଯୁଗର ଆରମ୍ଭ ହୋଇଥିଲା । ଏହି ରାଷ୍ଟ୍ର-ମାନଙ୍କରେ ଯୁକ୍ତିବାଦ ଓ ବୈଜ୍ଞାନିକ ଗବେଷଣା ଏକ ସମୟରେ ଆରମ୍ଭ ହେଲା । ଏହା ସଙ୍ଗେ ସଙ୍ଗେ ମଧ୍ୟଯୁଗର ଅବସାନ ଘଟି ଆଧୁନିକ ଯୁଗ ପ୍ରବର୍ତ୍ତନ ହେଲା ।

ଇଂରେଜମାନଙ୍କ ଦ୍ୱାରା ଭାରତର ବିଭିନ୍ନ ରାଜ୍ୟରେ ଶିକ୍ଷାକ୍ଷେତ୍ରରେ ଆରମ୍ଭ ହୋଇଥିବା ବୈପ୍ଳବିକ ପରିବର୍ତ୍ତନ ଓଡ଼ିଶାରେ ବିଳମ୍ବରେ ପ୍ରତିଫଳିତ ହୋଇଥିଲା । ପରେ ପରେ ତତ୍କାଳୀନ ଡିଭିଜନାଲ କମିଶନର ମି: ଟି: ଇ: ରେଭେନ୍‌ସାଙ୍କ ଦ୍ୱାରା କଟକରେ ତାଙ୍କ ନାମ ଅନୁସାରେ ରେଭେନସା ମହା-ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା । ସ୍ୱାଧୀନତା ପରେ କଲିକତାବାସୀ ହିନ୍ଦୁ କଲେଜର ନାମ ପରିବର୍ତ୍ତନ କରିଥିଲେ ମଧ୍ୟ ରେଭେନ୍‌ସା କଲେଜର ନାମ ପରି-ବର୍ତ୍ତନ ନ ହୋଇଥିବାରୁ ଶ୍ରୀ ରାୟ ଦୁଃଖପ୍ରକାଶ କରିଥିଲେ । ବଙ୍ଗଳା ସାହିତ୍ୟରେ ଇଂରେଜସାହିତ୍ୟର ପ୍ରଭାବ ଉପରେ ପଡ଼ିଥିଲେ ମଧ୍ୟ ବଙ୍ଗାଳୀମାନେ ସେମାନଙ୍କ ସ୍ୱାତନ୍ତ୍ର୍ୟ ବଜାୟ ରଖିଥିଲେ, ସେ ସମ୍ପର୍କରେ କେତେକ ଉଦାହରଣ ଦେଇ ସେ ବିଶଦ ଭାବେ ବୁଝାଇଥିଲେ ।

ଶ୍ରୀ ରାୟ ପୁଣି କହିଥିଲେ, ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଇଂରେଜ-ମାନଙ୍କ ଦ୍ୱାରା ପ୍ରଚଳିତ ଶିକ୍ଷାପଦ୍ଧତିକୁ ପସନ୍ଦ କରୁନଥିଲେ । ଫଳରେ ଶାନ୍ତିନିକେତନରେ ପ୍ରାଚୀନ ଆଶ୍ରମ ଶିକ୍ଷାର ଅନୁଶୀଳନରେ ଏକ ଶିକ୍ଷାନୁଷ୍ଠାନ ସେ ପ୍ରତିଷ୍ଠା କରିଥିଲେ । କିନ୍ତୁ ସେଠାରେ ଆଧୁନିକ ସାହିତ୍ୟ, ବିଜ୍ଞାନ ଓ ଦର୍ଶନ ପ୍ରଭୃତି ଶିକ୍ଷାଦାନର ସେ ବ୍ୟବସ୍ଥା କରିଥିଲେ । ଏହାଦ୍ୱାରା ପ୍ରାଚୀନ ଭାରତ ଓ ଆଧୁନିକ ବିଳାତର ଏକ ସମନ୍ୱୟ ସେଠାରେ ଘଟିଥିଲା ।

ସାରା ବିଶ୍ୱରେ 'ରେନାସାଁ' ନାମରେ ଯେଉଁ ନବଯୁଗର ପ୍ରବର୍ତ୍ତନ ହୋଇଥିଲା, ତାହା ରବୀନ୍ଦ୍ରନାଥ ଠାକୁରଙ୍କ କୃତିରେ ଅଧିକ ଭାବରେ ପ୍ରତି-

Digitized by srujanika@gmail.com

ଫଳିତ ହୋଇଥିଲା । ତାଙ୍କର ସାହିତ୍ୟିକ କୃତି ଭାରତୀୟ ଜନମାନସରେ ଅଧିକ ଭାବରେ ପ୍ରଭାବ ବିସ୍ତାର କରିପାରିଥିଲା । ତାଙ୍କ ଜୀବନର ଶେଷ ଭାଗରେ ସେ ଆଧୁନିକ ଚନ୍ଦ୍ରକଳା ଓ ସଙ୍ଗୀତ ନାଟକ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ ବୋଲି ଶ୍ରୀ ରାୟ କହିଥିଲେ ।

ଶେଷରେ ଶ୍ରୀ ରାୟ କହିଥିଲେ ଯେ, ଭାରତୀୟ ଲେଖକମାନେ ସଂସ୍କୃତ ଭାଷାର ବିଶିଷ୍ଟ ଲେଖକ ବାଲ୍ମୀକି, ଭବଭୂତି, କାଳିଦାସ ଓ ବାଣଭଟ୍ଟ, ବଙ୍ଗଳା ଭାଷାର ଶ୍ରେଷ୍ଠ ଲେଖକ ଚଣ୍ଡୀଦାସ ଓ ଭାରତଚନ୍ଦ୍ର ଏବଂ ଓଡ଼ିଆ ଭାଷାରେ ପ୍ରାଚୀନ ଲେଖକ ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ ଓ ଅଭିମନ୍ୟୁଙ୍କ ସାହିତ୍ୟକୃତିକୁ ଅଧ୍ୟୟନ କରିବା ଆବଶ୍ୟକ । ଏବେ ସାଧାରଣ ସାହିତ୍ୟପ୍ରେମୀଙ୍କର ପ୍ରାଚୀନ ସାହିତ୍ୟ ପ୍ରତି ଆଗ୍ରହ କମି ଯାଉଥିଲେ ମଧ୍ୟ ସେ ସବୁର ଗବେଷଣା କରାଯିବାକୁ ସେ ପରାମର୍ଶ ଦେଉଥିଲେ । ଦ୍ୱିତୀୟ ପୃଥିବୀ ଯୁଦ୍ଧ ପରେ ପରେ ମାର୍କସ ଦର୍ଶନ ସାରା ବିଶ୍ୱର ସାହିତ୍ୟରେ ପ୍ରତିଫଳିତ ହୋଇଥିଲା । ଗରିବ ଓ ଖଟିଖିଆ ଶ୍ରମିକମାନଙ୍କର ନ୍ୟାଯ୍ୟଦାବୀ ଓ ସାମ୍ୟବାଦୀ ଆଦର୍ଶ ଏବେ ସୁଦ୍ଧା ଭାରତୀୟ ସାହିତ୍ୟକୁ ଅଧିକ ଭାବରେ ପ୍ରଭାବିତ କରି ରଖିଛି ବୋଲି ଶ୍ରୀ ରାୟ କହିଥିଲେ ।

ସଭାପତି ଡକ୍ଟର ରଥ ତାଙ୍କ ଭାଷଣରେ ସବୁଜ ଯୁଗର ପଞ୍ଚସଖାଙ୍କ ମଧ୍ୟରୁ ସ୍ୱର୍ଗୀୟ ବୈକୁଣ୍ଠନାଥ ପଟ୍ଟନାୟକଙ୍କ ବ୍ୟତୀତ ଅନ୍ୟ ଚାରିଜଣ ସଖା ଏହି ଉତ୍ସବରେ ଉପସ୍ଥିତ ଥିବାରୁ ବିଶେଷ ଆନନ୍ଦ ପ୍ରକାଶ କରିଥିଲେ । ଏବଂ ସେ ସବୁଜ ଯୁଗର ପଞ୍ଚସଖା ଓ ସତ୍ୟବାଦୀର ପଞ୍ଚସଖାମାନଙ୍କ ମଧ୍ୟରେ କିପରି ନିବିଡ଼ ସମ୍ପର୍କ ରହି ଆସିଛି, ତାର ବିଶ୍ଳେଷଣ କରିଥିଲେ ଏବଂ ସତ୍ୟବାଦୀ ପଞ୍ଚସଖାଙ୍କର କାର୍ଯ୍ୟାବଳୀର ଏକ ତଥ୍ୟପୂର୍ଣ୍ଣ ବିବରଣୀ ପ୍ରକାଶ କରିଥିଲେ । ୧୯୧୭ ମସିହାରେ ମଣ୍ଟେଗୁ -ଚେମସ୍‌ଫୋର୍ଡ଼ଙ୍କୁ ଯେଉଁ ମାନପତ୍ର ଦିଆଯାଇଥିଲା, ସେଥିରେ ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ପଞ୍ଚସଖାଙ୍କ ସାହସିକ-ଉଦ୍ୟମ ବିଷୟରେ ସେ ଉଲ୍ଲେଖ କରିଥିଲେ । ସତ୍ୟବାଦୀ ବନବିଦ୍ୟାଳୟ ଗଠିତ ହେବା ପୂର୍ବରୁ ଗୋପବନ୍ଧୁ ଦାସ ମଧୁବାବୁଙ୍କ ଦ୍ୱାରା ପ୍ରେରିତ ହୋଇ ମୟୂରଭଞ୍ଜ ମହାରାଜାଙ୍କ ନିକଟରେ କିପରି ଜଣେ ଆଇନଜ୍ଞ ତଥା ମନ୍ତ୍ରିପରିଷଦର ସଭ୍ୟଭାବରେ ସମ୍ମାନିତ ହୋଇ ଥିଲେ ଏବଂ ରାଜାଙ୍କ ମୃତ୍ୟୁପରେ ଆସି ସତ୍ୟବାଦୀ ବନବିଦ୍ୟାଳୟ ଗଠନ କରିଥିଲେ, ତାହା ସେ ଉଲ୍ଲେଖ କରିଥିଲେ । ସେହିପରି ପଞ୍ଚସଖାଙ୍କ ମଧ୍ୟରୁ ଆଚାର୍ଯ୍ୟ ହରିହର ସେବା କ୍ଷେତ୍ରରେ ଖୁବ୍ ଖ୍ୟାତି ଅର୍ଜନ କରିଥିଲେ । ପଣ୍ଡିତ ଗୋଦାବରୀଶ ମିଶ୍ର ପୋଡ଼ାହାଟରେ ସ୍କୁଲ ନିର୍ମାଣ କରି ବହୁ କଷ୍ଟରେ ଯେପରି ଓଡ଼ିଆ ଭାଷାକୁ ରକ୍ଷା କରିବା ପାଇଁ ଆପ୍ରାଣ ଚେଷ୍ଟା କରିଥିଲେ, ତାହା ଅଦ୍ୟାବଧି

Digitized by srujanika@gmail.com

ସରଳ ବୋଲି ଡଃ ରଥ ମତବ୍ୟକ୍ତ କରି କହିଥିଲେ, କେବଳ ହିଁ ସତ୍ୟବାଦୀର ପଞ୍ଚସଖାଙ୍କ ଉଦ୍ୟମଦ୍ୱାରା ଓଡ଼ିଆ ଭାଷା ରକ୍ଷା ପାଇଥିଲା ।

ପଣ୍ଡିତ ନୀଳକଣ୍ଠ ଜଣେ କଠୋର ଶୃଙ୍ଖଳାବାଦୀ, ବସ୍ତୁବାଦୀ, ଦୂରଦୃଷ୍ଟି-ସମ୍ପନ୍ନ ସଂଗଠକ ଓ ଲେଖକ ଥିଲେ ବୋଲି ସେ ବର୍ଣ୍ଣନା କରିଥିଲେ । ନୀଳକଣ୍ଠଙ୍କର ସଂଗଠନ ଶକ୍ତି ଅସାଧାରଣ ଥିଲା । ସେ ୧୯୧୯ ମସିହାରେ ଜପଶ ଠକ୍କରବାପା ଏବଂ ଲାଲାଲଜପତ ରାୟଙ୍କ ସହିତ ରାଜାଦନ ଗ୍ରାମ ଗ୍ରାମ ଲୋକମାନଙ୍କର ସେବା କରୁଥିଲେ ଏବଂ ସ୍ୱେଚ୍ଛାସେବକମାନଙ୍କୁ ଖୁବ୍ ଶୀଘ୍ର ସଙ୍ଗଠିତ କରିପାରୁଥିଲେ, ତାହା ଡଃ ରଥ ବର୍ଣ୍ଣନା କରିଥିଲେ । ୧୯୦୫ ମସିହାରେ ଗୋଖଲେ ଯେତେବେଳେ ଜାତିପାଇଁ ନିଜକୁ ଉତ୍ସର୍ଗ କରିଥିଲେ, ସେତେବେଳେ ପଞ୍ଚସଖାମାନେ ତାଙ୍କ ସହିତ ଯୋଗଦେଇଥିଲେ । ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମୃତ୍ୟୁପରେ ମଧୁବାବୁ ପଣ୍ଡିତ ନୀଳକଣ୍ଠଙ୍କୁହିଁ ତାଙ୍କର ଉପଯୁକ୍ତ ଦାୟାଦ ଭାବରେ ବାଛିଥିଲେ ଏବଂ ଡଃ ରଥ ପଣ୍ଡିତ ନୀଳକଣ୍ଠଙ୍କ ନିଜଦ୍ୱାରା ଲିଖିତ ଜୀବନୀରୁ କେତେକ ଅଂଶ ପାଠକରି ମଧୁବାବୁଙ୍କର ତାଙ୍କପ୍ରତି କିପରି ପ୍ରଗାଢ଼ ଆସ୍ଥା ଓ ବିଶ୍ୱାସ ଥିଲା ତାହା ଉଲ୍ଲେଖ କରିଥିଲେ । ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଦ୍ୱାରା ଲିଖିତ 'କୋଣାର୍କ' ଏବଂ 'ବାରବାଟି' ଯେ କେତେ ଉତ୍କୃଷ୍ଟ, ତାହା ସେ ବର୍ଣ୍ଣନା କରିଥିଲେ ଏବଂ ପଣ୍ଡିତ ନୀଳକଣ୍ଠଙ୍କ ବିଭିନ୍ନ ପୁସ୍ତକ ଆଲୋଚନା କରି ତାଙ୍କ ଲେଖାର ଉତ୍କୃଷ୍ଟତା ପ୍ରତିପାଦନ କରିଥିଲେ ।

ଶେଷରେ ସ୍ୱାଧୀନତା ସଂଗ୍ରାମ ସମୟରେ ପଞ୍ଚସଖା ଖୁବ୍ ସୀମିତ ସମୟ ମଧ୍ୟରେ ଯେଉଁ କାର୍ଯ୍ୟ କରିଯାଇଛନ୍ତି, ତାର ସମ୍ପୂର୍ଣ୍ଣ ଚିତ୍ର ଆଜିଯାଏ ପ୍ରକାଶ ପାଇନଥିବାରୁ ଡଃ ରଥ ଦୁଃଖ ପ୍ରକାଶ କରିଥିଲେ ଏବଂ ଏଦ୍ୱାରା ସେମାନଙ୍କର ପ୍ରକୃତ ପରିଚୟ ଆମେ ଜାଣିପାରୁ ନାହୁଁ ଏବଂ ତାଙ୍କ ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିପାରୁନାହୁଁ ବୋଲି କହିଥିଲେ । ଏଥିପାଇଁ ନୀଳକଣ୍ଠସ୍ମୃତି କମିଟି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ କେତେକ ଗବେଷଣା ହେବାପାଇଁ ପରାମର୍ଶ ଦେଇଥିଲେ ।

ଉତ୍ସବର ଆରମ୍ଭରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡଃ ବିଦ୍ୟାଧର ମିଶ୍ର ଅତିଥିମାନଙ୍କୁ ଅଭିବାଦନ ଜଣାଇବା ସଙ୍ଗେ ସଙ୍ଗେ ପଣ୍ଡିତ ନୀଳକଣ୍ଠଙ୍କ ଦ୍ୱାରା ଉତ୍କଳ ବିଶ୍ୱବିଦ୍ୟାଳୟ କିପରି ପ୍ରତିଷ୍ଠିତ ହୋଇଥିଲା, ତାହା ବର୍ଣ୍ଣନା କରିଥିଲେ । ନୀଳକଣ୍ଠ ତଥା ପଞ୍ଚସଖାଙ୍କ ସ୍ମୃତିରକ୍ଷା ପାଇଁ ସତ୍ୟବାଦୀଠାରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାପାଇଁ ଅନୁରୋଧ କରିଥିଲେ । ନୀଳକଣ୍ଠସ୍ମୃତି କମିଟିର ସଭାପତି ଡଃ ସଦାଶିବ ମିଶ୍ର ତାଙ୍କର ଅନୁରୋଧକୁ କମିଟି ରକ୍ଷାକରିବା ଲାଗି ସେ ଚେଷ୍ଟା କରିବେ ବୋଲି

Digitized by srujanika@gmail.com

ପ୍ରକାଶ କରିଥିଲେ । ଡଃ ମିଶ୍ର ସବୁଜ କବିମାନଙ୍କ ବିଶ୍ୱବିଦ୍ୟାଳୟରେ ସଫଳତା କଥା ବିଶେଷ ଭାବରେ କହିଥିଲେ ।

ରେଭେନ୍ସା କଲେଜର ଅଧ୍ୟକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ରାଉତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଏଗୁଡିକ ହେଲା ସବୁଜଗୋଷ୍ଠୀର ଦଳଗତ ସମ୍ବର୍ଦ୍ଧନାର କେତୋଟି ଉଦାହରଣ । ଏହାଛଡ଼ା ସେମାନେ ବ୍ୟକ୍ତିଗତ ଭାବରେ ମଧ୍ୟ ନାନା ଅନୁଷ୍ଠାନ ଓ ଦଳବିଶେଷଙ୍କ ନିକଟରୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଏହି ଶେଷ ବୟସରେ ମଧ୍ୟ ପାଇଥିଲେ । ଏହି ଭଳି ଗୋଟିଏ ମୁଦ୍ରିତ ମାନପତ୍ର ସାହିତ୍ୟିକ ଶ୍ରୀ ରବିନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ୧୮ । ୧୨ । ୮୩ ଦିନ କଟକ ଶ୍ରୀରାମଚନ୍ଦ୍ର ଭବନର ଏକ ସଭାରେ ସାହିତ୍ୟ ସଂସଦର ସଭ୍ୟ-ସଭ୍ୟା ବୃନ୍ଦ ଶ୍ରୀ ଶରତ ଚନ୍ଦ୍ର ମୁଖର୍ଜୀଙ୍କୁ ନିମ୍ନଲିଖିତ ମୁଦ୍ରିତ ମାନପତ୍ର ଦେଇଥିଲେ :—

ସବୁଜ ଯୁଗର ପ୍ରବର୍ତ୍ତକ

ଶ୍ରୀ ଶରତଚନ୍ଦ୍ର ମୁଖର୍ଜୀ .... ସମୀପେଷୁ !

ଶ୍ରୀ ମନ୍ମହାଶୟ

ଆଧୁନିକ ଓଡ଼ିଆ-ସାହିତ୍ୟ କ୍ଷେତ୍ରରେ ନୂତନ ସ୍ୱାଦ ଦେବାପାଇଁ ସୃଜନ-ଧର୍ମୀ 'ସବୁଜ'ର ପ୍ରବର୍ତ୍ତକଭାବରେ ଆପଣ ଚିରସ୍ମରଣୀୟ ହୋଇ ରହିବେ । ସଙ୍ଗଠିତ ଭାବରେ ସାହିତ୍ୟ ସାଧନା କରିବାର ପ୍ରୟାସକୁ ଆପଣ ଦକ୍ଷତାର ସହିତ କାର୍ଯ୍ୟକାରୀ କରିଛନ୍ତି । ସାହିତ୍ୟ ସାଧନା-କ୍ଷେତ୍ରରେ ଆପଣଙ୍କର ନିଷ୍ଠା ଓ ଅଧ୍ୟବସାୟକୁ ଆମେ ଶ୍ରଦ୍ଧାର ସହିତ ସ୍ମରଣ କରୁଛୁ । ସାହିତ୍ୟସଂସଦର ଆନୁକୂଲ୍ୟରେ ଅନୁଷ୍ଠିତ ଚତୁଃବିଂଶତିତମ ଶିଶିର-ଉତ୍ସବ (ଓଡ଼ିଆ ଲେଖକ ସମ୍ମିଳନୀ)ର ଏ ଶୁଭ ଅବସରରେ ଆପଣଙ୍କୁ ସମ୍ମାନିତ କରାଯାଉଛି ।

ସାହିତ୍ୟ ସଙ୍ଗଠନ କ୍ଷେତ୍ରରେ ଗୁଣକୁ ପରିମାଣ ଅପେକ୍ଷା ଗୁରୁତ୍ୱ ଦେଇ ଆପଣ ଲୋକ ପ୍ରିୟତା ଏବଂ ଶୃଙ୍ଖଳାର ଅପୂର୍ବ ସମନ୍ୱୟ ବିଧାନ କରିପାରିଛନ୍ତି । ସାହିତ୍ୟ-ପ୍ରତିଷ୍ଠା ପାଇଁ ନିଜର ପଦପଦବୀକୁ ଆପଣ କଦାପି ଉପଜୀବ୍ୟ କରିନାହାନ୍ତି । କ୍ଷମତାସୀନର ଏ ସଂଯମ କରିବାରେ ଆପଣଙ୍କ ଭୂମିକା ଅନବଦ୍ୟ । ଆଧୁନିକ ଓଡ଼ିଶାର ଅନ୍ୟତମ ବଳିଷ୍ଠ ସାହିତ୍ୟ-ସଙ୍ଗଠକ ରୂପେ ସାହିତ୍ୟ ସଂସଦ ଆପଣଙ୍କୁ ଶ୍ରଦ୍ଧାକରେ ।

ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ଆପଣଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଉଚ୍ଚ କୋଟୀର କ୍ଷୁଦ୍ର ଗଳ୍ପରେ ଆପଣ ସ୍ୱୀୟ ସମାଜ ସଂସ୍କାର ମନୋଭାବର ସ୍ପଷ୍ଟ ପରିଚୟ

Digitized by srujanika@gmail.com

ଦେଇଛନ୍ତି । ଆପଣ ସାହିତ୍ୟକୁ ସମାଜ ଉପଯୋଗୀ ଏବଂ ବାସ୍ତବବାଦୀ କରିବାକୁ ଲେଖନୀ ଚାଳନା କରିଛନ୍ତି । ଏପରିକି ଏକାଧିକ ଲେଖକଙ୍କର ସୃଷ୍ଟି ସମ୍ଭାରର ସମନ୍ୱୟରେ 'ବାସନ୍ତୀ' ଉପନ୍ୟାସ ଆପଣଙ୍କର ସାହିତ୍ୟ ଦୃଷ୍ଟି ଏବଂ ବଳିଷ୍ଠ ସମ୍ଭାବନାର ସ୍ୱାକ୍ଷର ବହନ କରେ । ହେ ଅମର ସ୍ରଷ୍ଟା ! ଚତୁଃବିଂଶତିତମ ଶିଶିର-ଉତ୍ସବର ଏ ଶୁଭ ଅବସରରେ ଆପଣ ଓଡ଼ିଶାର ସାହିତ୍ୟିକ ଏବଂ ସାହିତ୍ୟ-ପ୍ରେମୀ ମାନଙ୍କର ସମ୍ମାନ ଗ୍ରହଣ କରନ୍ତୁ ।

ବୃତ୍ତିର ତାଡନାରେ ଆପଣ ପ୍ରଶାସକ ହୋଇଥିଲେ ମଧ୍ୟ ସମବାୟ ଆନ୍ଦୋଳନକୁ ତ୍ୱରାନ୍ୱିତ କରିଛନ୍ତି । ବ୍ୟକ୍ତିଗତ ସ୍ୱାର୍ଥକୁ ନ୍ୟୂନ ନକଲେ, 'ସମୂହ'ର ଛବିମୂର୍ତ୍ତି ଉଜ୍ଜ୍ୱଳ ହୁଏନାହିଁ । ଆପଣ ସେହି ସମୂହର ଆହ୍ୱାନରେ 'କଳିସଂଘ' ଶକ୍ତିର ଉପାଦେୟତାକୁ ଉପଲବ୍ଧିକରି ଆଧୁନିକ ଓଡ଼ିଆ ସାହିତ୍ୟକୁ ସୌନ୍ଦର୍ଯ୍ୟମୟୀ କରିବାକୁ ଉଦ୍ୟମ କରିଆସିଛନ୍ତି । ଜରା ଆପଣଙ୍କୁ ଆକ୍ରମଣ କରିଥିଲେ ମଧ୍ୟ ଯୁବ-ସୁଲଭ ଉନ୍ମାଦନାରେ ଆପଣ ଏବେ ମଧ୍ୟ ଚିରସବୁଜ ।

ହେ ପ୍ରବୀଣ ସାହିତ୍ୟବିତ୍ ! ଆପଣଙ୍କ ଦୃଷ୍ଟାନ୍ତ ଏବଂ ପ୍ରେରଣାରେ ଆଧୁନିକ ଓଡ଼ିଆ-ସାହିତ୍ୟ ଏବଂ ସାହିତ୍ୟ ସଂଗଠନ ନବଜୀବନ ଲାଭକରୁ । ପରଂପରାର ନବୀକରଣରେ ବଳିଷ୍ଠ ଆଧୁନିକତା ସାହିତ୍ୟ ଏବଂ ସଂସ୍କୃତିକୁ ଉଜ୍ଜ୍ୱଳତର କରୁ । ଏଥିପାଇଁ ଆପଣଙ୍କର ସୁସ୍ଥ ନିରାମୟ, ଦୀର୍ଘଜୀବନ ଆମେ କାମନା କରୁଛୁ । ଆପଣ ବହୁକାଳ ଆମ ଗହଣରେ ରହି ଆମକୁ ଦିଗ୍‌ଦର୍ଶନ ଦିଅନ୍ତୁ, ଏହାହିଁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ପଶ୍ୟେମ ଶରଦଂଶତଂ, ଜୀବେମ ଶରଦଂ ଶତଂ,
ଶୃଣୁୟାମ ଶରଦଂ ଶତମ୍ ।

ବିନୟାବନତ
ସାହିତ୍ୟସଂସଦର ସଭ୍ୟସଭ୍ୟା ବୃନ୍ଦ

ଶ୍ରୀରାମଚନ୍ଦ୍ର ଭବନ
କଟକ
ତା ୧୮ । ୧୨ । ୧୯୮୩

ସଂସଦର ପରବର୍ତ୍ତୀ ବାର୍ଷିକ ସମ୍ମିଳନୀରେ ୧୯୮୪ ଶେଷ ଭାଗରେ ସଂସଦ ତରଫରୁ ଶ୍ରୀଯୁକ୍ତ ଶରତଚନ୍ଦ୍ର ମୁଖର୍ଜୀଙ୍କ ପ୍ରଣୀତ 'ସବୁଜ ସାହିତ୍ୟ ପରିକ୍ରମା'ର ପ୍ରଥମଭାଗ ଉନ୍ମୋଚନ ଉତ୍ସବ ହୋଇଥିଲା ଓ ସେଥିରେ ଶ୍ରୀଯୁକ୍ତ ହରିହର ମହାପାତ୍ର ସଭାପତିତ୍ୱ କରିଥିଲେ ।

Digitized by srujanika@gmail.com

ସବୁଜ ସାହିତ୍ୟ ସମିତିର ପରିଚାଳକ

ଶ୍ରୀ ଶରତଚନ୍ଦ୍ର ମୁଖାର୍ଜିଙ୍କ ଲିଖିତ

ସବୁଜ ସାହିତ୍ୟ ପରିକ୍ରମା (୧ମ ଭାଗ ଓ ୨ୟ ଭାଗ)

ଏବଂ ଅନ୍ୟାନ୍ୟ ପୁସ୍ତକ

(ପ୍ରଥମ ଭାଗ)

ସମ୍ବନ୍ଧରେ ଅଭିମତ:—

ଡ଼କ୍ଟର କୁଞ୍ଜବିହାରୀ ଦାଶ ତା ୧୫।୧।୮୫ରେ ଲେଖିଅଛନ୍ତି—"ପୁସ୍ତକର ବିଷୟବସ୍ତୁ ନାମକୁ ସାର୍ଥକ କରିଛି । ସବୁଜ ସାହିତ୍ୟ ସମିତିର ଅଭ୍ୟୁନା-ରମ୍ଭ, ଅଗ୍ରଗତି, ବିକାଶ ଓ ବିଲୟର ଏକ ପୂର୍ଣ୍ଣାଙ୍ଗ ବିବରଣୀ ଏହି ପୁସ୍ତକରେ ପ୍ରଦତ୍ତ । ସମିତିର ଏହିସବୁ ମୌଳିକ ଉପାଦାନ ଆପଣଙ୍କ ନିକଟରେ ଏପର୍ଯ୍ୟନ୍ତ ଅକ୍ଷୁଣ୍ଣ ଗଚ୍ଛିତ ଥିଲା, ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ପୁସ୍ତକଟି ସ୍ନାତକୋତ୍ତର ଛାତ୍ର-ମାନଙ୍କୁ ଓ ଗବେଷକମାନଙ୍କୁ ବିଶେଷ ଭାବେ ସାହାଯ୍ୟ କରିବ । ଏ ବୟସରେ କଠୋର ଅଧ୍ୟବସାୟ ସହକାରେ ଏଭଳି ପୁସ୍ତକ ରଚନା କରିବା ସହଜ ସାଧ୍ୟ ନୁହେଁ । ପ୍ରକୃତ ପକ୍ଷେ ଏହା ଏକ ଅସାଧ୍ୟ ସାଧନ । ଏହି ଉପାଦେୟ ପୁସ୍ତକର ସଂକଳକ ଓ ସମ୍ପାଦକଙ୍କୁ ଗଭୀର ଶ୍ରଦ୍ଧା ସହ ନମସ୍କାର ଜଣାଉଛି । ଦ୍ୱିତୀୟ ଭାଗ ଶୀଘ୍ର ପ୍ରକାଶ କରନ୍ତୁ, ମୋର ଆପଣଙ୍କ ନିକଟରେ ଅଳି ।"

× × ×

Digitized by srujanika@gmail.com

'ଜନବାସ୍ଥ ସମାଚାର'ର ତା ୭ । ୧ । ୮୫ ସଂଖ୍ୟାରେ ସମ୍ପାଦକ ଓ ସୁ ସାହିତ୍ୟକ ଶ୍ରୀଯୁକ୍ତ ଦଶରଥ ସାମଲ ଲେଖିଅଛନ୍ତି—"ଏହି ପୁସ୍ତକରେ ୧୧ ଟି ପ୍ରବନ୍ଧ ସନ୍ନିବେଶିତ ହୋଇଛି ଏବଂ ଶେଷରେ ଦୁଇଟି ଉପନ୍ୟାସର ଅଲୋଚନା ଓ ମୁଖ୍ୟତଃ ସବୁଜ ସାହିତ୍ୟ ସମିତିର ସାହିତ୍ୟକ ଅବଦାନ ସମ୍ପର୍କରେ ଶ୍ରୀଯୁକ୍ତ ମୁଖର୍ଜି ଆଲୋଚନା କରିଛନ୍ତି । ମୋଟ ଉପରେ ବହିଟି ସବୁଜ ଯୁଗର ଅନେକ ତଥ୍ୟାବଳୀ, ଘଟଣା ଓ ସ୍ମୃତି ବହନ କରିଛି । ସାହିତ୍ୟାମୋଦୀ ପାଠକଙ୍କ ନିକଟରେ ବହିଟି ଆଦୃତ ହେବ ବୋଲି ଅମେ ଆଶା କରୁ ।"

× × ×

'ଜନୋଡନ୍ନ'ର ସମ୍ପାଦକ ଶ୍ରୀ ଭକ୍ତିହର ମହାନ୍ତି ତା ୧୦ । ୧ । ୮୫ ଦିନ ତାଙ୍କ କାଗଜରେ ଲେଖିଅଛନ୍ତି—"ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମୁଖର୍ଜି ଓଡ଼ିଶାର ସବୁଜ ସାହିତ୍ୟ ଉଦ୍‌ଗାତାମାନଙ୍କ ମଧ୍ୟରେ ଅନ୍ୟତମ । 'ପୁସ୍ତକଟିରେ ଓଡ଼ିଆ ସବୁଜ ସାହିତ୍ୟରେ କେତେକ ଦୁର୍ଲ୍ଲଭ ଐତିହାସିକ ତଥ୍ୟ ଉଦ୍‌ଘାଟନ କରା-ଯାଇଛି । ଆଭିମୁଖ୍ୟ, ସମୀକ୍ଷା, ସବୁଜ ସାହିତ୍ୟ ସମିତିର ପ୍ରକାଶନ କେତୋଟି ଉପନ୍ୟାସ ସମ୍ପର୍କରେ ନାନା ତଥ୍ୟ ପରିବେଷଣ କରାଯାଇଛି । ଓଡ଼ିଆ ସାହିତ୍ୟର ଗବେଷକମାନଙ୍କ ପକ୍ଷରେ ଏହି ପୁସ୍ତକଟି ଯଥେଷ୍ଟ ସହାୟକ ହେବ ବୋଲି ଆଶା କରାଯାଉଛି ।"

× × ×

'ସମାଜ'ର ସମ୍ପାଦକ ଡକ୍ଟର ରାଧାନାଥ ରଥ ତାଙ୍କ ସମ୍ବାଦପତ୍ରର ତା ୨୮ । ୪ । ୮୫ ସଂଖ୍ୟାରେ ଲେଖି ଅଛନ୍ତି—"ସବୁଜ ସାହିତ୍ୟର ୧୯୨୧ରୁ ଷାଠିଏ ବର୍ଷର ଏହି ଇତିହାସଟି ପ୍ରତ୍ୟେକ ଓଡ଼ିଆ ସାହିତ୍ୟପ୍ରେମୀ ଓ ସାହିତ୍ୟିକଙ୍କ ପାଇଁ ଏକ ଉପାଦେୟ ଗ୍ରନ୍ଥ । ଶ୍ରୀ ମୁଖର୍ଜି ଏ ଯାବତ୍ ଅନାଲୋଚିତ ବହୁ ତଥ୍ୟ ଏଥିରେ ଉଦ୍‌ଘାଟିତ କରିଛନ୍ତି । ଏଗାରଟି ପରିଚ୍ଛେଦରେ ଲେଖକ ସବୁଜ ସାହିତ୍ୟର ଅଭିମୁଖ୍ୟ, ପ୍ରକାଶନ, କାର୍ଯ୍ୟାବଳୀ, ସତ୍ୟବ୍ରତ ଆଦି ସମ୍ପର୍କରେ ଆଲୋକପାତ କରିଛନ୍ତି । ସବୁଜ ସାହିତ୍ୟ ଯୁଗର କେତେକ ବିଶିଷ୍ଟ ସାହିତ୍ୟ କୃତି ଉପରେ ମଧ୍ୟ ସୁନ୍ଦର ଆଲୋଚନା ଗ୍ରନ୍ଥଟିକୁ ସମୃଦ୍ଧ କରିଛି । ଦୁଇଶହ ପୃଷ୍ଠା ବିଶିଷ୍ଟ ଗ୍ରନ୍ଥଟି ଗ୍ରନ୍ଥାଗାରମାନଙ୍କ ଦ୍ୱାରା ସଂଗ୍ରହଣୀୟ ।"

× × ×

Digitized by srujanika@gmail.com

ଦୈନିକ 'ମାତୃଭୂମି'ର ସଂପାଦକ ଶ୍ରୀ ସଚ୍ଚିଦାନନ୍ଦ କର ତାଙ୍କ ସମ୍ପାଦନର ତା ୩ । ୬ । ୮୫ ସଂଖ୍ୟାରେ ଲେଖି ଅଛନ୍ତି---"ଓଡ଼ିଆ ସାହିତ୍ୟରେ ସବୁଜ ଗୋଷ୍ଠୀର ଅନ୍ୟତମ ରଥୀ, ସାହିତ୍ୟିକ ଶ୍ରୀ ଶରତ ଚନ୍ଦ୍ର ମୁଖର୍ଜି ସବୁଜ ଗୋଷ୍ଠୀ ଓ ଆନ୍ଦୋଳନ ସମ୍ପର୍କରେ ନିଜ ଅନୁଭୂତ, ଅଭିଜ୍ଞତାକୁ ରୂପ ଦେଇଛନ୍ତି । ଏହି ଆଲୋଚନାରେ ବହୁ ତଥ୍ୟ ରହିଛି । ଏହାର ପ୍ରଥମ ଭାଗ ପ୍ରକାଶ ପାଇଛି ଓ ଅନ୍ୟାନ୍ୟ ଭାଗ ପ୍ରକାଶ ପାଇବା ଉଚିତ । ପ୍ରଥମ ଭାଗ ମଧ୍ୟ ବିଭିନ୍ନ ପରିଚ୍ଛେଦରେ ବିଭକ୍ତ । ସବୁଜ ସାହିତ୍ୟର ଆଭିମୁଖ୍ୟ, କାର୍ଯ୍ୟ ଓ ଏହାର ପ୍ରକାଶନ ସଂପର୍କରେ ପ୍ରଥମ ଭାଗଟି ସୀମିତ । ଓଡ଼ିଆ ସାହିତ୍ୟର ଇତିହାସ ଲେଖକ, ଗବେଷକ ଓ ଅନୁସନ୍ଧିତ୍ସୁମାନଙ୍କ ପାଇଁ ପୁସ୍ତକଟି ଅତ୍ୟନ୍ତ ଉପଯୋଗୀ ।"

●

ଶରତ ବାବୁଙ୍କର ନିମ୍ନଲିଖିତ କେତୋଟି ପୁସ୍ତକ ଶ୍ରୀମତୀ ଗାୟତ୍ରୀ ମୁଖର୍ଜି, ଏମ୍.ଏ'ଙ୍କ ଦ୍ୱାରା ପ୍ରକାଶିତ ।

୧ । **ସବୁଜ-ସାହିତ୍ୟ ପରିକ୍ରମା** : (ଦ୍ୱିତୀୟ ଭାଗ)
ପ୍ରାୟ ଦୁଇଶହ ପୃଷ୍ଠା—ମୂଲ୍ୟ ପନ୍ଦର ଟଙ୍କା ।

୨ । **ଅଜାତି ଉପନ୍ୟାସ**--ମୂଲ୍ୟ ଦଶଟଙ୍କା

୩ । **ନାଁଟିଭାରତମ୍ବା**-କେତୋଟି ସରସ ଗଳ୍ପର ସମଷ୍ଟି – ମୂଲ୍ୟ-ଦଶଟଙ୍କା

ପ୍ରତ୍ୟେକ ବହିର ନଗଦ ବିକ୍ରି ପାଇଁ ପ୍ରକାଶିକା ଏକ ଟଙ୍କାରେ କୋଡ଼ିଏ ପଇସା ରିହାତି ଦେବେ ।

✻ ପ୍ରାପ୍ତିସ୍ଥାନ—ପ୍ରକାଶିକା :

ଶ୍ରୀମତୀ ଗାୟତ୍ରୀ ମୁଖର୍ଜି, ଏମ. ଏ.

କାଠଗଡ଼ା ସାହି, କଟକ-୧

Digitized by srujanika@gmail.com